# ଧରିତ୍ରୀ
DHARITRI



ବାଲେଶ୍ୱର, ଗୁରୁବାର, ଜାନୁୟାରୀ ୩୦/୨୦୨୦ (୨୦ ପୃଷ୍ଠା) | Balasore, Thursday, January 30/2020 | ★★★★

୪୬ଶ ଭାଗ ୬୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




## 'ଫାଇଟର' ପାଇଁ ଅନନ୍ୟା ରାଜି

ଆଗାମୀ ଫିଲ୍ମ 'ଫାଇଟର'ର ନାୟିକା ହେବାକୁ ରାଜି ହୋଇଛନ୍ତି ଅଭିନେତ୍ରୀ ଅନନ୍ୟା ପାଣ୍ଡେ। ଏହି ଭୂମିକା ପାଇଁ ୩ ଅଭିନେତ୍ରୀ ମନା କରିଦେଇଥିଲେ।

୧୬

୧୯

## ନାଡାଲଙ୍କୁ ହରାଇଲେ ଥିମ୍

ଅଷ୍ଟ୍ରେଲିଆନ ଓପନ ଗ୍ରାଣ୍ଡସ୍ଲାମ ପୁରୁଷ ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲରେ ବିଶ୍ୱର ଏକ ନମ୍ବର ରାଫାଲ ନାଡାଲଙ୍କୁ ହରାଇ ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି ଅଷ୍ଟ୍ରିଆର ଡୋମିନିକ୍ ଥିମ୍।



## ଗର୍ଭପାତ ସମୟସୀମା ୨୪ ସପ୍ତାହକୁ ବଢ଼ିବ

■ ଏମ୍‌ଟିପି ବିଲ୍‌କୁ କ୍ୟାବିନେଟ ମଞ୍ଜୁରୀ

ନୂଆଦିଲ୍ଲୀ,୨୯।୧(ପି.ଟି.): ମେଡିକାଲ ଦ୍ୱାରା ଅନୁମୋଦିତ ଗର୍ଭପାତ ପାଇଁ ସର୍ବାଧିକ ସମୟସୀମା ୨୦ ସପ୍ତାହ ଥିବାବେଳେ ଏହାକୁ ୨୪ ସପ୍ତାହକୁ ବୃଦ୍ଧି କରିବା ନିମନ୍ତେ ଏକ ବିଲ୍‌କୁ କେନ୍ଦ୍ର କ୍ୟାବିନେଟ ବୁଧବାର ମଞ୍ଜୁରୀ ପ୍ରଦାନ କରିଛନ୍ତି। ଗର୍ଭପାତ ଆଇନ, ୧୯୭୧ରେ ପରିବର୍ତ୍ତନ ପାଇଁ ମେଡିକାଲ ଟର୍ମିନେଶନ ଅଫ୍ ପ୍ରେଗ୍‌ନାନ୍ସି (ଏମ୍‌ଟିପି) ସଂଶୋଧନ ବିଲ୍‌କୁ କ୍ୟାବିନେଟ ଅନୁମୋଦନ କରିଥିବାରୁ ପାର୍ଲାମେଣ୍ଟର ଆଗାମୀ ଅଧିବେଶନରେ ଏହାକୁ ଆଗତ କରାଯିବ। କ୍ୟାବିନେଟ ବୈଠକ ପରେ କେନ୍ଦ୍ରମନ୍ତ୍ରୀ ପ୍ରକାଶ ଜାଭଡେକର ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି। ଏହା ସୁରକ୍ଷିତ ଗର୍ଭପାତକୁ ସୁନିଶ୍ଚିତ କରାଇବ ବୋଲି ସେ କହିଛନ୍ତି। ଏଥିସହିତ ବଳାତ୍କାର ପୀଡ଼ିତା, ଭିନ୍ନକ୍ଷମ ଯୁବତୀ ତଥା ନାବାଳିକା, ଯେଉଁମାନେ ଗର୍ଭଧାରଣ ସମ୍ପର୍କରେ ଜାଣି ନ ଥାଇପାରନ୍ତି, ସେମାନଙ୍କ ପାଇଁ ଏହି ଆଇନ ସହାୟକ ହୋଇପାରିବ। ଏହାଦ୍ୱାରା ମାତୃ ମୃତ୍ୟୁହାର କମାଯାଇପାରିବ ବୋଲି ମନ୍ତ୍ରୀ କହିଛନ୍ତି।


**ମାଟ୍ରିକ ପରୀକ୍ଷା ସାଥୀ ଦେଖନ୍ତୁ**

**ପୃଷ୍ଠା - ୧୦ ଓ ୧୧**



Vencobb Fresh Chicken — Taste the difference!

29.01.2020

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 68 | 116 | 126 |
| CTC | 70 | 119 | 129 |
| DKL | 74 | 124 | 134 |
| BDK | 69 | 118 | 128 |
| BLS | 69 | 118 | 128 |
| ANG | 74 | 124 | 134 |
| BHM | 70 | 119 | 129 |

*Conditions Apply

Issued in the Interest of Consumers


# ମୁକେଶଙ୍କ ଆବେଦନ ଖାରଜ



■ ଜେଲରେ ଯନ୍ତ୍ରଣା ରାଜକ୍ଷମା ପାଇଁ ଆଧାର ନୁହେଁ: ସୁପ୍ରିମକୋର୍ଟ

■ ଦୋଷୀ ଅକ୍ଷୟଙ୍କ କ୍ୟୁରେଟିଭ୍ ପିଟିଶନର ଶୁଣାଣି ଆଜି

ନୂଆଦିଲ୍ଲୀ,୨୯।୧(ପି.ଟି.)

ନିର୍ଭୟା ଗଣବଳାତ୍କାର ଓ ହତ୍ୟା ମାମଲାର ଅନ୍ୟତମ ଦୋଷୀ ମୁକେଶ ସିଂଙ୍କୁ ଫାଶୀଖୁଣ୍ଟରେ ଝୁଲାଯିବା ଥୟ। କାରଣ ରାଷ୍ଟ୍ରପତି ମର୍ସି ପିଟିଶନକୁ ଖାରଜ କରିବା ପରେ ମୁକେଶ ଏହାକୁ ଚ୍ୟାଲେଞ୍ଜ କରି ପୁନର୍ବିଚାର ପାଇଁ ସୁପ୍ରିମକୋର୍ଟରେ ଦାଏର କରିଥିବା ଆବେଦନକୁ ବୁଧବାର ସୁପ୍ରିମକୋର୍ଟ ରଦ୍ଦ କରିଦେଇଛନ୍ତି। ସର୍ବୋଚ୍ଚ ଅଦାଲତଙ୍କ ଏହି ନିଷ୍ପତ୍ତି ପରେ ମୁକେଶଙ୍କ ବଞ୍ଚିବା ପାଇଁ ସମସ୍ତ ପ୍ରକାର ଆଇନଗତ ବିକଳ୍ପ ଶେଷ ହୋଇଯାଇଛି। ଏବେ କେବଳ ଫେବୃୟାରୀ ୧ ତାରିଖ ସକାଳ ୬ଟାକୁ ଅପେକ୍ଷା, ଯେତେବେଳେ ମୁକେଶଙ୍କ ସହ ଅନ୍ୟ ୩ ଦୋଷୀଙ୍କୁ ତିହାର ଜେଲରେ ଫାଶୀ ଦିଆଯିବ।

ରାଷ୍ଟ୍ରପତି ରାମନାଥ କୋବିନ୍ଦ ଗତ ୧୭ ତାରିଖରେ ନିର୍ଭୟା ମାମଲାର ଦୋଷୀ ମୁକେଶଙ୍କ ରାଜକ୍ଷମା ଆବେଦନକୁ ଖାରଜ କରିଦେବା ପରେ ପଟିଆଲା ହାଉସ୍ କୋର୍ଟ ଦ୍ୱିତୀୟଥର ପାଇଁ ଡେଥ୍ ୱାରେଣ୍ଟ ଜାରି କରିଥିଲେ। ମୃତ୍ୟୁଦଣ୍ଡରୁ ବର୍ତ୍ତିଯିବା ପାଇଁ ମୁକେଶ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସେ ନିଜ ପିଟିଶନରେ ଉଲ୍ଲେଖ କରିଥିଲେ ଯେ, ତିହାର ଜେଲରେ ତାଙ୍କୁ ମାଡ଼ ମରାଯିବା ସହ ଅକଥନୀୟ ନିର୍ଯାତନା ଦିଆଯାଉଛି। ଅନ୍ୟ କଏଦୀମାନଙ୍କ ସମ୍ମୁଖରେ ଏହି ମାମଲାର ଆଉ ଜଣେ ଦୋଷୀ ଅକ୍ଷୟ ସିଂଙ୍କ ସହ ଯୌନ ସମ୍ପର୍କ ରଖିବାକୁ ବାଧ କରାଯାଉଛି। ଏହି ବିଷୟ ସେ ରାଜକ୍ଷମା ଆବେଦନରେ ଉଲ୍ଲେଖ କରିଥିଲେ ହେଁ ରାଷ୍ଟ୍ରପତି ସେଥିପ୍ରତି ଧ୍ୟାନ ନ ଦେଇ ଅତି ତରବରିଆ ଭାବେ ଖାରଜ କରିଦେଇଛନ୍ତି। ଜଷ୍ଟିସ୍ ଆର୍. ବାନୁମତୀ, ଅଶୋକ ଭୂଷଣ ଏବଂ ଏ.ଏସ୍. ବୋପାନ୍ନାଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହାର ଶୁଣାଣି କରି ମଙ୍ଗଳବାର ରାୟ ସଂରକ୍ଷିତ ରଖିଥିଲେ। ଖଣ୍ଡପୀଠ ବୁଧବାର ନିଜ ୨୫ ପୃଷ୍ଠା ସମ୍ବଳିତ ରାୟରେ କହିଛନ୍ତି, ଜେଲରେ ଖରାପ ବ୍ୟବହାରର ଶିକାର ହେବା କିମ୍ବା ଯନ୍ତ୍ରଣା ଭୋଗିବା ଜଣେ ଦୋଷୀଙ୍କୁ ରାଜକ୍ଷମା ପ୍ରଦାନର ଆଧାର ନୁହେଁ। ରାଷ୍ଟ୍ରପତି ମୁକେଶଙ୍କ ରାଜକ୍ଷମା ଆବେଦନକୁ ଖାରଜ କରିବା ସମୟରେ ସମସ୍ତ ବିଷୟକୁ ଅନୁଧ୍ୟାନ କରିଥିଲେ। ସବୁ ଦସ୍ତାବିଜ, ସୁପ୍ରିମକୋର୍ଟଙ୍କ ଫାଶୀ ଦଣ୍ଡାଦେଶ, ମୁକେଶଙ୍କ ଅତୀତର ଆପରାଧିକ ପୃଷ୍ଠଭୂମି, ପରିବାରର ଆର୍ଥିକ ସ୍ଥିତି ଆଦି ବିଷୟଗୁଡ଼ିକୁ ବିଚାର କରି ଅନୁଚ୍ଛେଦ ୭୨ ଅନୁସାରେ ଏହାକୁ ଖାରଜ କରିଛନ୍ତି। ତେଣୁ ଏହି ପିଟିଶନରେ ଆଉ ଅଧିକ ଶୁଣାଣିଯୋଗ୍ୟ ତଥ୍ୟ କିଛି ନାହିଁ କହି ଖଣ୍ଡପୀଠ ତାକୁ ଖାରଜ କରିଦେଇଛନ୍ତି। ଅନ୍ୟପକ୍ଷରେ ଏହି ☞ପୃଷ୍ଠା–୪

# ତପ୍ତପାଣି ଘାଟିରେ ଓଲଟିଲା ବସ୍: ୮ ମୃତ

ଦିଗପହଣ୍ଡି, (ଡି.ଏନ୍.ଏ.)/ପାଟପୁର,୨୯।୧

ଗଞ୍ଜାମ-ଗଜପତି ସୀମାନ୍ତ ତପ୍ତପାଣି ଘାଟିରେ ମଙ୍ଗଳବାର ବିଳମ୍ବିତ ରାତିରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ରାୟଗଡ଼ା ଜିଲା କାଶୀପୁର ବ୍ଲକ ଟିକିରିରୁ ବ୍ରହ୍ମପୁର ଅଭିମୁଖେ ଆସୁଥିବା 'ମାରୁତି' ନାମକ ବସ୍ ତପ୍ତପାଣି ଘାଟିର ପାଲୁଖଳା ନିକଟରେ ଓଲଟି ପଡ଼ିଛି। ଏଥିରେ ୮ ଯାତ୍ରୀଙ୍କ ମୃତ୍ୟୁ ଘଟିଥିବା ବେଳେ ୩୭ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ଆହତମାନଙ୍କୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ବସ୍‌ର ବ୍ରେକ୍ ଫେଲ୍ ହେବା ଓ ଘନ କୁହୁଡ଼ି ଯୋଗୁ ଚାଳକ ରାସ୍ତା ଜାଣି ନ ପାରିବାରୁ ଏହି ଦୁର୍ଘଟଣା ଘଟିଛି। ମୃତକମାନେ ହେଲେ ରାୟଗଡ଼ା ଜିଲା ଜେ.କେ.ପୁରର ବିଦ୍ୟୁତ୍ ନାୟକ (୪୦), ରାୟଗଡ଼ାର ସଂଘମିତ୍ରା ମହାପାତ୍ର (୫୦), ତାଙ୍କ ଝିଅ ଅନ୍ୱେଷା (୨୨), ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ବାଲ୍ୟାସରା ଗାଁର କରିସ୍ମା ନାୟକ (୨୫), ଚମାଖଣ୍ଡି ପୁଟବଗଡ଼ ଗାଁର ଝୁନୁ ବେହେରା(୪୫), ଦିଗପହଣ୍ଡି କରପଡ଼ା ଗାଁର ସୁବାସିନୀ ମହାରଣା (୫୦), ପୁରୁଷୋତ୍ତମପୁର କୁସଲାପଲ୍ଲୀ ଗାଁର ରମେଶ ବେହେରା (୪୨) ଓ ବ୍ରହ୍ମପୁର ପାଣ୍ଡବ ନଗରର ସୁନୀଲ କୁମାର ନାୟକ (୨୮)। ଘଟଣାକୁ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଆନ୍ଧ୍ରପ୍ରଦେଶ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ଏବଂ ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି ଗଭୀର ଶୋକ ପ୍ରକାଶ କରିଛନ୍ତି। ମୃତକଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀ ୨ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି।

ମଙ୍ଗଳବାର ରାତିରେ ମାରୁତି ବସ୍ (ନଂ.ଓଆର୦୫-ଏବି ୩୫୩୦) ଟିକିରିରୁ ଯାତ୍ରୀଙ୍କୁ ଧରି ଭାୟା ଦିଗପହଣ୍ଡି ହୋଇ ବ୍ରହ୍ମପୁର ଅଭିମୁଖେ ବାହାରିଥିଲା। ବିଳମ୍ବିତ ରାତି ପ୍ରାୟ ୩ଟା୧୫ରେ ବସ୍‌ଟି ଗଜପତି ଜିଲା ଲୁହାଗୁଡି ଛକରେ ପହଞ୍ଚିଥିଲା। ଏକ ଢାବା ନିକଟରେ ଚାଳକ ବସ୍ ରଖିବାରୁ ସମସ୍ତ ଯାତ୍ରୀ ଓହ୍ଲାଇ ସେଠାରେ ଚା ପିଇ ପୁଣି ଗାଡ଼ିରେ ଚଢ଼ିଥିଲେ। ତେବେ ଗାଡ଼ିର ବ୍ରେକ୍ ଫେଲ୍ ହୋଇଥିବା କ୍ଲିନରଙ୍କୁ ଚାଳକ ସୂଚନା ଦେଇଥିଲେ। ସେଠାରେ ଗାଡ଼ି ସଜାଡିବା ପାଇଁ କୌଣସି ସୁବିଧା ନ ଥିଲା। ତେଣୁ ଧୀରେ ଧୀରେ ଦିଗପହଣ୍ଡି ଯାଇ ସେଠାରେ ସଜାଡ଼ିବେ ବୋଲି ନିଷ୍ପତ୍ତି ନେଇ ଚାଳକ ପୁଣି ଗାଡ଼ି ଚଲାଇବା ଆରମ୍ଭ କଲେ। ରାତି ପ୍ରାୟ ସାଢ଼େ ୩ଟାରେ ତପ୍ତପାଣି ଘାଟି ପାଲୁଖଳା ନିକଟରେ ଘନ କୁହୁଡି ଯୋଗୁ ରାସ୍ତା ଦେଖାଯାଇ ନ ଥିଲା। ଫଳରେ ଚାଳକ ଭାରସାମ୍ୟ ହରାଇବାରୁ ବସ୍‌ଟି ଘାଟିରୁ ପ୍ରାୟ ୨୦ ଫୁଟ ତଳକୁ ଓଲଟି ପଡିଥିଲା। ଯାତ୍ରୀମାନେ ବସ୍ ଭିତରେ ଚାପିହୋଇ ଚିତ୍କାର କରିଥିଲେ। ବାହାରକୁ ବାହାରିବାକୁ ବାଟ ନ ଥିଲା। କୌଣସି ପ୍ରକାରେ କେହି ଜଣେ ଯାତ୍ରୀ ଏ ସମ୍ପର୍କରେ ଦିଗପହଣ୍ଡି ଥାନାକୁ ଜଣାଇଥିଲେ। ଦିଗପହଣ୍ଡି ଥାନା ଆଇଆଇସି ବସନ୍ତ ସେଠୀ, ମୋହନା ଥାନା ଆଇଆଇସି ସୁଜିତ କୁମାର ନାୟକ ସଦଳବଳ ଦୁର୍ଘଟଣାସ୍ଥଳରେ ପହଞ୍ଚିଥିଲେ। ତୁରନ୍ତ ସେଠାରେ ୫ଟି ଆମ୍ବୁଲାନ୍ସ, ମୋହନା, ଦିଗପହଣ୍ଡି ଓ ସାନଖେମୁଣ୍ଡି ଅଗ୍ନିଶମବାହିନୀ ଆସି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଘନ କୁହୁଡ଼ି ଓ ବସ୍ ଖସିପଡ଼ିଥିବା ସ୍ଥାନଟି ଜଙ୍ଗଲ ଅଞ୍ଚଳ ହୋଇଥିବାରୁ ମୃତାହତଙ୍କୁ ଉଦ୍ଧାର କରିବାରେ ବିଳମ୍ବ ହୋଇଥିଲା। କେତେଜଣ ଯାତ୍ରୀ ଦୀର୍ଘ ସମୟ ବସ୍ ଭିତରେ ଚାପି ହୋଇ ରହିଥିଲେ। ଗ୍ୟାସ୍ କଟରରେ ବସ୍ କଟାଯାଇ ସମସ୍ତଙ୍କୁ ଉଦ୍ଧାର କରାଯାଇଥିଲା। ସମସ୍ତଙ୍କୁ ପ୍ରଥମେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ୮ ଜଣଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ୩୭ରୁ ଊର୍ଦ୍ଧ୍ୱ ଆହତଙ୍କୁ ବ୍ରହ୍ମପୁର ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ବ୍ରହ୍ମପୁର ଉପଜିଲାପାଳ ସିନ୍ଧେ ଦତ୍ତାତ୍ରୟ ଭାଉ ସାହେବ, ଗଞ୍ଜାମ ଏସ୍‌ପି ବ୍ରିଜେଶ ରାୟ, ଆସିକା ଏସ୍‌ଡିପିଓ ସୂର୍ଯ୍ୟମଣି ପ୍ରଧାନ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିଥିଲେ। ଏହାପରେ ଜିଲାପାଳଙ୍କ ସମେତ ଅନ୍ୟମାନେ ଦିଗପହଣ୍ଡି ଡାକ୍ତରଖାନାରେ ପହଞ୍ଚିଥିଲେ। ଦିଗପହଣ୍ଡି ତହସିଲଦାର ଅଦ୍ୱୈତ କୁମାର ସ୍ୱାଇଁ, ଅତିରିକ୍ତ ତହସିଲଦାର ପ୍ରଭାତୀ ମହାରଣା, ଆଇଆଇସି ବସନ୍ତ କୁମାର ସେଠୀ, ବିଡିଓ ହଳଧର ଶବର, ଅତିରିକ୍ତ ତହସିଲଦାର ପ୍ରଭାତୀ ମହାରଣା, ସାନଖେମୁଣ୍ଡି ତହସିଲଦାର ଅମିତ୍ କୁମାର ନାୟକଙ୍କ ସହ ସେମାନେ ଆଲୋଚନା କରିବା ସହ ଡାକ୍ତରଖାନାରେ ଉପସ୍ଥିତ ମୃତକଙ୍କ ପରିବାର ଲୋକଙ୍କୁ ସମବେଦନା ଜଣାଇଥିଲେ। ଅନ୍ୟପକ୍ଷରେ ଗାଡ଼ିର କାଗଜପତ୍ର ଠିକ୍ ଅଛି କି ନାହିଁ ତାହା ତଦନ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା କହିଛନ୍ତି।



ଦୁର୍ଘଟଣାଗ୍ରସ୍ତ ବସ୍‌ରୁ ଯାତ୍ରୀମାନଙ୍କୁ ଉଦ୍ଧାର କରାଯିବାର ଦୃଶ୍ୟ ।

■ ୩୭ରୁ ଊର୍ଦ୍ଧ୍ୱ ଆହତ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି

■ ଘନ କୁହୁଡ଼ି ଯୋଗୁ ରାସ୍ତା ଜାଣି ପାରିଲେନି ଚାଳକ

■ ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ଲେଖାଏ ସହାୟତା ଘୋଷଣା

# ସୁପର ଓଭରରେ ରୋହିତଙ୍କ ସୁପର ଶୋ

## ଭାରତର ଚମକପ୍ରଦ ବିଜୟ

### ନ୍ୟୁଜିଲାଣ୍ଡରେ ପ୍ରଥମ ଟି୨୦ ସିରିଜ ବିଜୟ

ହାମିଲଟନ, ୨୯।୧(ପି.ଟି.)

ହିଟ୍‌ମ୍ୟାନ ରୋହିତ ଶର୍ମାଙ୍କ ସୁପର ଶୋ ବଳରେ ଭାରତ ଏହାର ସର୍ବପ୍ରଥମ ଟି୨୦ ସୁପର ଓଭର ମ୍ୟାଚରେ ଚମକପ୍ରଦ ବିଜୟ ହାସଲ କରିଛି। ବିଭିନ୍ନ ସମୟରେ ମୋଡ଼ ବଦଳାଇଥିବା ମ୍ୟାଚ ଟାଇରେ ଶେଷ ହେବା ଏବଂ ସୁପର ଓଭରରେ ମୀମାଂସା ହେବା ଥିଲା ଭାରତୀୟ କ୍ରିକେଟପ୍ରେମୀଙ୍କ ପାଇଁ ସମ୍ପୂର୍ଣ୍ଣ ଅଭୁଲା। ହାମିଲଟନର ଶେଡନ ପାର୍କ ଏହି ସଂଘର୍ଷପୂର୍ଣ୍ଣ ଏବଂ ରୋମାଞ୍ଚକ ମ୍ୟାଚର ମୂକସାକ୍ଷୀ ରହିଥିବାବେଳେ ବୁଧବାର ତୃତୀୟ ଟି୨୦ ମ୍ୟାଚରେ ନ୍ୟୁଜିଲାଣ୍ଡକୁ ହରାଇ ସିରିଜ ଜିତିଛି ଟିମ୍ ଇଣ୍ଡିଆ। ପ୍ରଥମେ ବ୍ୟାଟିଂ କରିଥିବା ଭାରତ ରୋହିତଙ୍କ ଅର୍ଦ୍ଧଶତକ ସହାୟତାରେ ୨୦ ଓଭରରେ ୫ ଉଇକେଟ ହରାଇ ୧୭୯ ରନ କରିଥିଲା। ୪୦ ବଲ୍‌ରୁ ୬ ଚୌକା ଓ ୩ ଛକା ସହାୟତାରେ ୬୫ ରନ କରି ଭାରତୀୟ ଇନିଂସର ଟପ୍ ସ୍କୋରର ରହିଥିଲେ ରୋହିତ। ଜବାବରେ ଅଧିନାୟକ କେନ୍ ୱିଲିୟମସନଙ୍କ ଲଢୁଆ ଇନିଂସ ବଳରେ ନ୍ୟୁଜିଲାଣ୍ଡ ମ୍ୟାଚକୁ ଏକଦା ନିଜ ନିୟନ୍ତ୍ରଣକୁ ଆଣିଥିଲେ ହେଁ ଶେଷ ଓଭରରେ ମହମ୍ମଦ ସାମିଙ୍କ ଚତୁର ବୋଲିଂ ଯୋଗୁ ୯ ରନ କରିପାରି ନ ଥିଲା। ୮ ରନ କରି ମ୍ୟାଚକୁ ଟାଇରେ ଶେଷ କରିବାକୁ ବାଧ୍ୟ ହୋଇଥିଲା ନ୍ୟୁଜିଲାଣ୍ଡ। ଏହାପରେ ଆସିଥିଲା ରୋମାଞ୍ଚକ ସୁପରଓଭର। ଯଶପ୍ରୀତ୍ ବୁମ୍‌ରାଙ୍କ ଓଭରରେ ୧୭ ରନ ସଂଗ୍ରହ କରି କଡ଼ା ଚ୍ୟାଲେଞ୍ଜ ଦେଇଥିଲା ନ୍ୟୁଜିଲାଣ୍ଡ। ଜବାବରେ ଭାରତ ଟିମ୍ ସୌଦୀଙ୍କ ସୁପର ଓଭରର ପ୍ରଥମ ୪ ବଲ୍‌ରୁ ମାତ୍ର ୮ ରନ କରିବା ଯୋଗୁ ଶେଷ ୨ ବଲ୍‌ରୁ ବିଜୟ ପାଇଁ ୧୦ ରନ ଆବଶ୍ୟକ ହେଉଥିଲା। ୨ଟି ବଲ୍‌ରେ ବଡ ଶଟ୍ ଆବଶ୍ୟକ ଥିବାରୁ ଆଶଙ୍କାରେ ରହିଥିଲେ ଭାରତୀୟ କ୍ରିକେଟପ୍ରେମୀ। ମାତ୍ର କ୍ରିଜ୍‌ରେ ରୋହିତ ଥିବାରୁ ଆଶା ମଧ୍ୟ ରହିଥିଲା। କୋଟିକୋଟି ପ୍ରଶଂସକଙ୍କୁ ନିରାଶ କରି ନ ଥିଲେ ରୋହିତ। ୫ମ ବଲକୁ ସୌଦୀଙ୍କ ୟର୍କର ମାରିବା ଉଦ୍ୟମ ବିଫଳ ହୋଇଥିଲା। ସତେଯେପରି ଏହାକୁ ଉତ୍କଣ୍ଠାର ସହ ଅପେକ୍ଷା କରିଥିଲେ ରୋହିତ। ସେ ଏହି ବଲ୍‌କୁ ଡିପ୍ ସ୍କୋୟାରଲେଗ୍ ଉପରେ ନଭଶ୍ଚୁମ୍ବୀ ଛକା ମାରି ମ୍ୟାଚରେ ରୋମାଞ୍ଚ ଭରି ଦେଇଥିଲେ। ୬ଷ୍ଠ ବଲ୍ ପକାଇବା ପୂର୍ବରୁ ଚାପକୁ ଆସି ଯାଇଥିଲେ ସୌଦୀ। ଅନ୍ୟପକ୍ଷରେ ରୋହିତ ଥିଲେ ପ୍ରସ୍ତୁତ। ଶେଷ ବଲ୍‌ରେ ମଧ୍ୟ ସୌଦୀଙ୍କ ୟର୍କର କାମ ଦେଇ ନ ଥିଲା ଏବଂ ବଲ୍‌କୁ ଲଙ୍ଗଅଫ୍ ଉପରେ ଛକାରେ ପରିଣତ କରି ଭାରତ ପାଇଁ ଇତିହାସ ରଚିଥିଲେ ରୋହିତ। କୌଣସି ଟି୨୦ ମ୍ୟାଚରେ ଭାରତ ପାଇଁ ଏହା ଥିଲା ପ୍ରଥମ ସୁପର ଓଭର ବିଜୟ। ଏହା ପୂର୍ବରୁ ନ୍ୟୁଜିଲାଣ୍ଡ ମାଟିରେ ଟି୨୦ ସିରିଜ ଜିତି ନ ଥିଲା ଭାରତ। ତେଣୁ ରୋହିତଙ୍କ ଏହି ଗୋଟିଏ ଶଟ୍ ଭାରତ ପାଇଁ ୨ଟି ମାଇଲଖୁଣ୍ଟ ପ୍ରତିଷ୍ଠା କରିପାରିଥିଲା। ଭାରତ ଟି୨୦ରେ ଏହାର ପ୍ରଥମ ସୁପର ଓଭର ମ୍ୟାଚ ଜିତିଥିବାବେଳେ ନ୍ୟୁଜିଲାଣ୍ଡ ମାଟିରେ ସର୍ବପ୍ରଥମ ଟି୨୦ ସିରିଜ ବିଜୟୀ ହୋଇଥିଲା।





ରୋହିତ ଶର୍ମା

# ପ୍ରଥମ ଶ୍ରେଣୀରୁ ସ୍ପୋକନ ଇଂଲିଶ ଶିକ୍ଷା

ଭୁବନେଶ୍ୱର,୨୯।୧(ବ୍ୟୁରୋ)

ଏଣିକି ରାଜ୍ୟର ସମସ୍ତ ବିଦ୍ୟାଳୟରେ ପ୍ରଥମ ଶ୍ରେଣୀରୁ ପିଲାଙ୍କୁ ସ୍ପୋକନ ଇଂଲିଶ ଶିକ୍ଷା ଦିଆଯିବ। ପିଲାମାନଙ୍କ ଗୁଣାତ୍ମକ ଶିକ୍ଷା ବୃଦ୍ଧି ସକାଶେ ସରକାରଙ୍କ ପକ୍ଷରୁ ଏଭଳି ନିଷ୍ପତ୍ତି ନିଆଯାଇଛି। ଛାତ୍ରୀଛାତ୍ରମାନଙ୍କ ଆଧାର ସଂଯୋଗକୁ ମଧ୍ୟ ସୁନିଶ୍ଚିତ କରାଯିବ। ୩୦ ଜିଲାର ୧୦୧ ବିଦ୍ୟାଳୟକୁ ଉତ୍କର୍ଷ କେନ୍ଦ୍ରଭାବେ ବିକଶିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ନିର୍ଦ୍ଦେଶ ଦେଇଛନ୍ତି। ଏହି ବିଦ୍ୟାଳୟଗୁଡ଼ିକରେ ପ୍ରଥମ ଶ୍ରେଣୀରୁ ଇଂଲିଶ୍ ମିଡିୟମ ସେକ୍ସନ ରହିବ। ଏହିସବୁ ସ୍କୁଲର ଆବଶ୍ୟକତା ପୂରଣ ପାଇଁ ୨୫ଲକ୍ଷ ଟଙ୍କା ଲେଖାଏ ମଧ୍ୟ ଦିଆଯିବାକୁ ସରକାର ସ୍ଥିର କରିଛନ୍ତି।

ପ୍ରାଥମିକ ବିଦ୍ୟାଳୟଠାରୁ ଆରମ୍ଭ କରି ମାଧ୍ୟମିକ ବିଦ୍ୟାଳୟ ପର୍ଯ୍ୟନ୍ତ ଆବଶ୍ୟକତା ଅନୁଯାୟୀ ଶିକ୍ଷକମାନଙ୍କୁ ନିଯୋଜିତ କରାଯିବ ବୋଲି ସରକାର ସୂଚନା ଦେଇଛନ୍ତି।

ରାଜ୍ୟର ସରକାରୀ ବିଦ୍ୟାଳୟଗୁଡ଼ିକରେ ଗୁଣାତ୍ମକ ଶିକ୍ଷାଦାନକୁ ସୁନିଶ୍ଚିତ କରିବା ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ସରକାରୀ ବିଦ୍ୟାଳୟ ପ୍ରତି ଛାତ୍ରୀଛାତ୍ର ଏବଂ ଅଭିଭାବକମାନଙ୍କ ମଧ୍ୟରେ ଆଗ୍ରହ ବଢ଼ାଇବାକୁ ସରକାରୀ ସ୍କୁଲ ପରିଚାଳନା ବ୍ୟବସ୍ଥା ଓ ଶିକ୍ଷାଦାନରେ ଉନ୍ନତି ଆଣିବା ଏବଂ ଛାତ୍ରୀଛାତ୍ରଙ୍କ ବ୍ୟକ୍ତିତ୍ୱ ବିକାଶ ଭଳି ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ୨୦ଜଣରୁ କମ୍ ଛାତ୍ରୀଛାତ୍ର ଥିବା ସ୍କୁଲଗୁଡ଼ିକୁ ନିକଟସ୍ଥ ସରକାରୀ ବିଦ୍ୟାଳୟରେ ମିଶାଇ ଦେବା ଏବଂ ପିଲାଙ୍କୁ ସେହି ବିଦ୍ୟାଳୟରେ ପଢ଼ିବା ପାଇଁ ନିଷ୍ପତ୍ତି ନିଆଯାଇଛି। ପ୍ରାଥମିକ, ଉଚ୍ଚ ପ୍ରାଥମିକ, ଉଚ୍ଚ ବିଦ୍ୟାଳୟଗୁଡ଼ିକ, ☞ପୃଷ୍ଠା–୪

■ ୩୦ ଜିଲାର ୧୦୧ ସ୍କୁଲକୁ ଉତ୍କର୍ଷ କେନ୍ଦ୍ର କରାଯିବ

■ ଆବଶ୍ୟକତା ପୂରଣ ପାଇଁ ମିଳିବ ୨୫ ଲକ୍ଷ

■ ୨୦ରୁ କମ୍ ପିଲା ପଢୁଥିବା ସ୍କୁଲକୁ ପାଖ ବିଦ୍ୟାଳୟରେ ମିଶାଯିବ

■ ସ୍ଥାନାନ୍ତର ହେଉଥିବା ପିଲାଙ୍କୁ ମିଳିବ ୫ ହଜାର ଟଙ୍କା



## ଦଶମ ଶ୍ରେଣୀ ପାଠ୍ୟକ୍ରମରେ ରହିବ ସଡ଼କ ସୁରକ୍ଷା

ଭୁବନେଶ୍ୱର,୨୯।୧(ବ୍ୟୁରୋ)

ଦଶମ ଶ୍ରେଣୀ ଛାତ୍ରୀଛାତ୍ରମାନେ ଟ୍ରାଫିକ ନିୟମ ଏବଂ ସଡ଼କ ସୁରକ୍ଷା ସମ୍ପର୍କିତ ବିଷୟରେ ପାଠ ପଢ଼ିବେ। ଛାତ୍ର ଅବସ୍ଥାରୁ ପିଲାଙ୍କୁ ଟ୍ରାଫିକ ନିୟମ ଦିଗରେ ସଚେତନ କରାଇଲେ ଦୁର୍ଘଟଣା ହ୍ରାସ ପାଇବ ବୋଲି ଆଶା କରି ଏଭଳି ପଦକ୍ଷେପ ନିଆଯାଇଛି। ଆସନ୍ତା ଶିକ୍ଷାବର୍ଷରୁ ଏହାକୁ ଦଶମ ଶ୍ରେଣୀ ପାଠ୍ୟକ୍ରମରେ ଲାଗୁ କରାଯିବ। ସ୍କୁଲ ଓ ଗଣଶିକ୍ଷା ବିଭାଗକୁ ଏନେଇ ତୁରନ୍ତ ବିଷୟବସ୍ତୁ ପ୍ରସ୍ତୁତ କରିବା ପାଇଁ ପରିବହନ ବିଭାଗ ପକ୍ଷରୁ କୁହାଯାଇଛି। ସୁପ୍ରିମକୋର୍ଟଙ୍କ ସଡ଼କ ସୁରକ୍ଷା କମିଟି ମତାମତ ପରେ ଏନେଇ ତତ୍ପରତା ପ୍ରକାଶ ପାଇଛି। ମୁଖ୍ୟତଃ ପ୍ରସ୍ତୁତ ହେବାକୁ ଥିବା ବିଷୟବସ୍ତୁରେ ଟ୍ରାଫିକ ନିୟମ ଉଲ୍ଲଂଘନ ନ କରିବା, ମଦ ପିଇ ଗାଡି ନ ଚଳାଇବା, ଗାଡ଼ି ଚଳାଇବା ସମୟରେ ଫୋନ୍‌ରେ କଥା ନ ହେବା, ଦ୍ରୁତବେଗରେ ଗାଡ଼ି ନ ଚଳାଇବା, ହେଲ୍‌ମେଟ ପିନ୍ଧି ଏବଂ ସିଟ୍ ବେଲ୍ଟ ☞ପୃଷ୍ଠା–୪

**ଆଜିର ସମ୍ପାଦକୀୟ**

ସ୍ତନକର୍କଟ ଓ ଦୁଗ୍ଧଜାତ ଖାଦ୍ୟ

**ଆଜିର ମନ୍ତବ୍ୟ**

"ଦିଲ୍ଲୀରେ ଜନଲୋକପାଳ କି ସ୍ୱରାଜ ନାହିଁ। କେବଳ ଅହଙ୍କାରର ଶାସନ ଚାଲିଛି। କେଜ୍‌ରିୱାଲ ତାଙ୍କ ଗୁରୁ ଆନ୍ନା ହଜାରେଙ୍କୁ ପ୍ରତାରଣା କରିଛନ୍ତି।

-ଜେ.ପି. ନଡ୍ଡା, ଭାଜପା ଅଧ୍ୟକ୍ଷ






ମସ୍‌ଜିଦରେ ମହିଳାଙ୍କ ପ୍ରବେଶ ଓ ନମାଜ ପାଠ ଉପରେ ଇସ୍‌ଲାମ ଧର୍ମରେ କୌଣସି କଟକଣା ଲଗାଯାଇନାହିଁ। ଅଲ୍ ଇଣ୍ଡିଆ ମୁସ୍‌ଲିମ ପର୍ସୋନାଲ ଲ' ବୋର୍ଡ (ଏଆଇଏମ୍‌ପିଏଲ୍‌ବି) ମସ୍‌ଜିଦରେ ମହିଳାଙ୍କ ପ୍ରବେଶକୁ ସମର୍ଥନ କରେ ବୋଲି ସୁପ୍ରିମକୋର୍ଟଙ୍କୁ ଜଣାଇଛି। ତେବେ ଶୁକ୍ରବାର ସମୂହ ନମାଜପାଠରେ ମହିଳାଙ୍କ ଅଂଶଗ୍ରହଣକୁ ଇସ୍‌ଲାମ ଅନୁମତି ଦେଇନାହିଁ। ମସ୍‌ଜିଦରେ ଏଆଇଏମ୍‌ପିଏଲ୍‌ବି କୌଣସି ନିୟମ ଲାଗୁ କରିପାରିବ ନାହିଁ ବୋଲି କହିଛି।

# ବିବାଦରେ ଟ୍ରମ୍ପ୍‌ଙ୍କ ମଧ୍ୟପ୍ରାଚ୍ୟ ଶାନ୍ତିନୀତି

ୱାଶିଂଟନ,୨୯।୧(ଏଏଫ୍‌ପି)

ଇସ୍ରାଏଲ୍ ଓ ପାଲେଷ୍ଟାଇନ୍ ମଧ୍ୟରେ ଦୀର୍ଘଦିନ ଧରି ରହିଥିବା ବିବାଦର ସମାଧାନ ଲାଗି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ମଧ୍ୟପ୍ରାଚ୍ୟ ଶାନ୍ତି ଯୋଜନା ଆଣିଛନ୍ତି। ତାଙ୍କର ଏହି ବହୁପ୍ରତୀକ୍ଷିତ ଇସ୍ରାଏଲ-ପାଲେଷ୍ଟାଇନ ଶାନ୍ତି ଯୋଜନା ସେଠାରେ ଏକ ନୂତନ ସକାଳ ଆଣିବ ବୋଲି ଏଥିରେ ପ୍ରତିଶ୍ରୁତି ଦିଆଯାଇଛି। ତେବେ ଟ୍ରମ୍ପ୍‌ଙ୍କ ଏହି ଶାନ୍ତିନୀତିକୁ ନେଇ ବିବାଦ ଦେଖାଦେଇଛି। ଏଥିରେ ପାତରଅନ୍ତର କରାଯାଇଥିବା କ୍ଷୁବ୍ଧ ପାଲେଷ୍ଟିନୀୟମାନେ ଅଭିଯୋଗ କରି ଏହା ଇତିହାସର ଅଳିଆଗଦାକୁ ଯିବା ଯୋଗ୍ୟ ବୋଲି କହିଛନ୍ତି।

ହ୍ୱାଇଟ୍ ହାଉସ୍‌ର ଇଷ୍ଟ ରୁମ୍‌ରେ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ସହ ଟ୍ରମ୍ପ୍ ତାଙ୍କ ମଧ୍ୟପ୍ରାଚ୍ୟ ଶାନ୍ତିନୀତି ସମ୍ପର୍କରେ ଘୋଷଣା କରି ଏହା ଦ୍ୱାରା ଆମେରିକାର ଦୀର୍ଘବର୍ଷର ପ୍ରୟାସ ସଫଳ ହେବାକୁ ଯାଉଛି ବୋଲି କହିଥିଲେ। ଆମେ ଏକାଠି ମିଶି ମଧ୍ୟପ୍ରାଚ୍ୟରେ ନୂତନ ସୂର୍ଯ୍ୟୋଦୟ ଆଣିପାରିବା ବୋଲି ସେଠାରେ ଉପସ୍ଥିତ ଇସ୍ରାଏଲୀ ଓ ଇହୁଦୀ ଆମେରିକୀୟ ଅତିଥିମାନଙ୍କୁ ଉଦ୍‌ବୋଧନ ଦେଇ ଟ୍ରମ୍ପ୍ କହିଥିଲେ। ସେଠାରେ ପାଲେଷ୍ଟାଇନ୍‌ର କୌଣସି ପ୍ରତିନିଧି ନ ଥିଲେ। ଏହି ଶାନ୍ତିନୀତିକୁ ପାଲେଷ୍ଟାଇନ୍ ପ୍ରତ୍ୟାଖ୍ୟାନ କରିଦେଇଛି। ଦୀର୍ଘବର୍ଷ ଧରି ଅନ୍ତର୍ଜାତୀୟ କୂଟନୀତିରେ ଇସ୍ରାଏଲ୍ ଯାହା ଦାବି କରିଆସୁଥିଲା ତାହାକୁ ଟ୍ରମ୍ପ୍ ତାଙ୍କ ଯୋଜନାରେ ମଞ୍ଜୁର କରିଛନ୍ତି। ଅବିଭାଜ୍ୟ ରାଜଧାନୀ ଭାବେ ଜେରୁଜେଲମ୍ ଉପରେ ଇସ୍ରାଏଲ୍‌ର ଅଧିକାର ସାଙ୍ଗକୁ ଆନେକ୍ସ ୱେଷ୍ଟ ବ୍ୟାଙ୍କକୁ ମଧ୍ୟ ଉକ୍ତ ଦେଶକୁ ଦେବା ପାଇଁ ଟ୍ରମ୍ପ୍‌ଙ୍କ ଯୋଜନାରେ ପ୍ରସ୍ତାବ ରହିଛି। ଶାନ୍ତି ପାଇଁ ଇସ୍ରାଏଲ୍‌ର ପ୍ରୟାସକୁ ଆମେରିକା ରାଷ୍ଟ୍ରପତି ଉଚ୍ଚପ୍ରଶଂସା କରିଛନ୍ତି। ଏଥିରେ ଭବିଷ୍ୟତ ପାଲେଷ୍ଟିନୀୟ ରାଷ୍ଟ୍ର ପାଇଁ କେତେଗୁଡ଼ିଏ କଠୋର ସର୍ତ୍ତ ରଖାଯାଇଛି।

ଏଭଳି ଷଡ଼ଯନ୍ତ୍ରମୂଳକ ଚୁକ୍ତିନାମାକୁ ଅନୁମୋଦନ ହେବାକୁ ଦିଆଯିବ ନାହିଁ। ଆମ ଲୋକମାନେ ଏହାକୁ ଇତିହାସର ଅଳିଆଗଦାକୁ ନେଇଯିବେ ବୋଲି ପାଲେଷ୍ଟାଇନ୍ ରାଷ୍ଟ୍ରପତି ମହମ୍ମଦ ଆବ୍ବାସ କହିନ୍ତି। ସେହିପରି ଟ୍ରମ୍ପ୍‌ଙ୍କ ଶାନ୍ତିନୀତି ଆଦୌ ଗ୍ରହଣୀୟ ନୁହେଁ ବୋଲି ତୁର୍କୀ ରାଷ୍ଟ୍ରପତି ରେସେପ୍ ତାୟିପ୍ ଏର୍ଦୋଗାନ କହିଛନ୍ତି। ଜେରୁଜେଲମ୍ ମୁସଲମାନଙ୍କର ପବିତ୍ର ସ୍ଥାନ। ଏହାକୁ ଇସ୍ରାଏଲ୍‌କୁ ଦିଆଯିବା ଯୋଜନା ଗ୍ରହଣଯୋଗ୍ୟ ନୁହେଁ। ଏହା ପାଲେଷ୍ଟିନୀୟଙ୍କ ଅଧିକାରକୁ ଅଣଦେଖା କରୁଛି ବୋଲି ଏର୍ଦୋଗାନ କହିଛନ୍ତି। ଅନ୍ୟପକ୍ଷରେ ପାଲେଷ୍ଟାଇନ ଓ ଇସ୍ରାଏଲ ମଧ୍ୟରେ ଲାଗି ରହିଥିବା ବିବାଦକୁ ଜାତିସଂଘ ସଂକଳ୍ପନାମା ଆଧାରରେ ସମାଧାନ କରିବାରେ ସମସ୍ତ ସହଯୋଗ ଯୋଗାଇଦିଆଯିବ ବୋଲି ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍ କହିଛନ୍ତି।



ହ୍ୱାଇଟ୍ ହାଉସରେ ବେଞ୍ଜାମିନ୍ ନେତ୍‌ନ୍ୟାହୁଙ୍କ ସହ ଡୋନାଲ୍ଡ ଟ୍ରମ୍ପ୍।

- ପାଲେଷ୍ଟାଇନର ପ୍ରତ୍ୟାଖ୍ୟାନ
- ଟ୍ରମ୍ପ୍‌ଙ୍କ ଶାନ୍ତିନୀତିକୁ ପାଲେଷ୍ଟାଇନ୍‌ବାସୀ ଇତିହାସର ଅଳିଆଗଦାକୁ ଫିଙ୍ଗିଦେବେ: ମହମ୍ମଦ ଆବ୍ବାସ
- ଆଦୌ ଗ୍ରହଣୀୟ ନୁହେଁ: ଏର୍ଦୋଗାନ୍



ମହମ୍ମଦ ଆବ୍ବାସ



ରେସେପ୍ ତାୟିପ୍ ଏର୍ଦୋଗାନ

# କୁନାଲଙ୍କ ଯାତ୍ରା ଉପରେ ୪ ଏୟାର ଲାଇନ୍ସର କଟକଣା

ଚଣ୍ଡିଗଡ଼,୨୯।୧



କୁନାଲ କାମରା

- ପ୍ରଥମେ ନିନ୍ଦାକଲେ ଡିଜିସିଏ ମୁଖ୍ୟ ଅରୁଣ କୁମାର
- ମନ୍ତବ୍ୟକୁ ଭୁଲ୍ ଢଙ୍ଗରେ ପ୍ରକାଶ କରାଯାଇଛି: ଡିଜିସିଏ
- ମୋଦିଜୀ ମୁଁ ଚାଲିପାରିବି ନା ତା' ଉପରେ ବି ବ୍ୟାନ୍: କୁନାଲ

ଷ୍ଟାଣ୍ଡଅପ୍ କମେଡିଆନ୍ କୁନାଲ କାମରାଙ୍କ ବିମାନଯାତ୍ରା ଉପରେ ଇଣ୍ଡିଗୋ ପକ୍ଷରୁ ୬ ମାସ ପାଇଁ ଲଗାଯାଇଥିବା କଟକଣାକୁ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ମୁଖ୍ୟ ଅରୁଣ କୁମାର ନିନ୍ଦା କରିଛନ୍ତି। ଇଣ୍ଡିଗୋ କୁନାଲଙ୍କ ନାମକୁ ୬ ମାସ ପାଇଁ 'ନୋ ଫ୍ଲାୟର ଲିଷ୍ଟ'ରେ ତାଲିକାଭୁକ୍ତ କରିବା ପୂର୍ବରୁ ଏକ ଆଭ୍ୟନ୍ତରୀଣ ତଦନ୍ତକୁ ଅପେକ୍ଷା କରିବା ଉଚିତ ଥିଲା। କିନ୍ତୁ ସେପରି ନ କରି ତାଙ୍କ ଯାତ୍ରା ଉପରେ ରୋକ ଲଗାଯାଇଛି, ଯାହାକି ନିୟମର ଉଲ୍ଲଂଘନ ବୋଲି ଡିଜିସିଏ ମୁଖ୍ୟ କହିଛନ୍ତି।

କୁନାଲ କାମରା ମଙ୍ଗଳବାର ଟୁଇଟରରେ ଏକ ଭିଡିଓ ପୋଷ୍ଟ କରିଥିଲେ। ଏଥିରେ ସେ ଇଣ୍ଡିଗୋର ୬ଇ୫୩୧୭ ଫ୍ଲାଇଟ୍‌ରେ ମୁମ୍ବାଇରୁ ଲକ୍ଷ୍ନୌ ଯାତ୍ରାବେଳେ ରିପବ୍ଲିକ୍ ଟିଭିର ଏଡିଟର ଇନ୍ ଚିଫ୍ ଅର୍ଣ୍ଣବ ଗୋସ୍ୱାମୀଙ୍କୁ କେତୋଟି ପ୍ରଶ୍ନ କରିଥିବା ଦେଖିବାକୁ ମିଳିଥିଲା। ପରେ କୁନାଲ ଅର୍ଣ୍ଣବଙ୍କୁ ଦୁର୍ବ୍ୟବହାର କରିଥିବା ସୋସିଆଲ ମିଡିଆରେ ଅଭିଯୋଗ ହୋଇଥିଲା। ଏହାକୁ ନେଇ ଇଣ୍ଡିଗୋ ଏବଂ ଅନ୍ୟ କେତେକ ବିମାନ ଚଳାଚଳ କମ୍ପାନୀ କୁନାଲଙ୍କ ଯାତ୍ରା ଉପରେ ୬ ମାସ ପାଇଁ ରୋକ ଲଗାଇଛନ୍ତି। ଡିଜିସିଏ ମୁଖ୍ୟ ଅରୁଣ କୁମାର କହିଛନ୍ତି, ଇଣ୍ଡିଗୋ, ଏୟାରଇଣ୍ଡିଆ, ସ୍ପାଇସ୍‌ଜେଟ ଏବଂ ଗୋଏୟାର ଭଳି କମ୍ପାନୀଗୁଡ଼ିକ ଯାତ୍ରା କଟକଣା ଘୋଷଣା କରିବା ୨୦୧୭ରେ ସଂଶୋଧିତ ସିଭିଲ୍ ଆଭିଏଶନ ରିକ୍ୱାୟରମେଣ୍ଟ ( ବିଶୃଙ୍ଖଳିତ ଯାତ୍ରୀଙ୍କୁ ସମ୍ଭାଳିବା ବିଷୟ ସମ୍ପର୍କିତ ସିଏଆର୍ ସେକ୍ସନ ୩, ସିରିଜ୍ ଏମ୍, ପାର୍ଟ ୬) ନିୟମର ଖୋଲାଖୋଲି ଉଲ୍ଲଂଘନ। ବିମାନରେ ଯାତ୍ରା ବେଳେ କୌଣସି ଯାତ୍ରୀ କଥାବାର୍ତ୍ତାରେ ବିଶୃଙ୍ଖଳିତ ଆଚରଣ ଦେଖାଇଲେ ଏୟାରଲାଇନ୍ସ ପ୍ରଥମେ ତାଙ୍କ ଯାତ୍ରା ଉପରେ ସାମୟିକ ଭାବେ ୩୦ ଦିନ କଟକଣା ଜାରି କରିବେ। ଏହାସହ ଜଣେ ଅବସରପ୍ରାପ୍ତ ବିଚାରପତିଙ୍କ ଅଧ୍ୟକ୍ଷତାରେ ଘଟଣାର ଆଭ୍ୟନ୍ତରୀଣ ତଦନ୍ତ କରାଇବାର ନିୟମ ରହିଛି। ଦୋଷ ପ୍ରମାଣିତ ହେଲେ ସମ୍ପୃକ୍ତ ଯାତ୍ରୀଙ୍କ ଉପରେ ସର୍ବାଧିକ ୩ ମାସ ପାଇଁ ଯାତ୍ରା କଟକଣା ଜାରି କରାଯାଇପାରେ ବୋଲି ଅରୁଣ କୁମାର ସ୍ପଷ୍ଟ କରିଛନ୍ତି ବୋଲି ଏକ ନ୍ୟୁଜ୍ ୱେବ୍‌ସାଇଟ୍‌ରେ ପ୍ରକାଶ ପାଇଥିଲା। ତେବେ ଏହାର କିଛି ସମୟ ପରେ ସମ୍ପୃକ୍ତ ୱେବ୍‌ସାଇଟ୍ ଅରୁଣ କୁମାରଙ୍କ ମନ୍ତବ୍ୟକୁ ଭୁଲ ଢଙ୍ଗରେ ଉପସ୍ଥାପନ କରିଛି ବୋଲି ଡିଜିସିଏ ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇଛି। ଏହାସହ ସମ୍ପୃକ୍ତ ଖବରକୁ ୱେବ୍‌ସାଇଟ୍‌ରୁ ହଟାଇବା ପାଇଁ ଡିଜିସିଏର ଅଫିସିଆଲ୍ ଟୁଇଟର୍ ହ୍ୟାଣ୍ଡେଲରେ ଦାବି କରାଯାଇଛି। ଏୟାରଲାଇନ୍ସ ପକ୍ଷରୁ ସମ୍ପୂର୍ଣ୍ଣ ଭାବେ ସିଏଆର୍ ସେକ୍ସନ ୩, ସିରିଜ୍ ଏମ୍, ପାର୍ଟ ୬ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଏହି ବିଷୟ ଏବେ ଆଭ୍ୟନ୍ତରୀଣ କମିଟିକୁ ପଠାଯିବ। ଉକ୍ତ କମିଟି ୩୦ ଦିନ ମଧ୍ୟରେ ଚୂଡ଼ାନ୍ତ ନିଷ୍ପତ୍ତି ନେବ ବୋଲି ଡିଜିସିଏର ବିବୃତିରେ କୁହାଯାଇଛି। ଇତିମଧ୍ୟରେ କୁନାଲ କଟାକ୍ଷ କରି ଟୁଇଟ୍ କରିଛନ୍ତି, ମୋଦିଜୀ ମୁଁ ଚାଲିପାରିବି ନା ତା' ଉପରେ ବି ରୋକ ଲଗାଯାଇଛି? ଆରେ ବ୍ୟାନ୍ କରିଦିଅନା। ମୁଁ ଡ୍ରାଇଭ୍ କରି ଗୋଆ ଯିବା ପାଇଁ ଯୋଜନା କରୁଛି। ଟିକେ ବ୍ରେକ୍ ନେବା ବି ଦରକାର।

# ଜେଡିୟୁରୁ ପ୍ରଶାନ୍ତ, ପବନ ବିଦା

ନୂଆଦିଲ୍ଲୀ,୨୯।୧(ପି.ଟି.)

ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ନେତୃତ୍ୱାଧୀନ ସଂଯୁକ୍ତ ଜନତା ଦଳ (ଜେଡିୟୁ)ରୁ ଦୁଇ ବରିଷ୍ଠ ନେତା ପ୍ରଶାନ୍ତ କିଶୋର ଓ ପବନ ବର୍ମାଙ୍କୁ ବୁଧବାର ବାହାରର ରାସ୍ତା ଦେଖାଇ ଦିଆଯାଇଛି। ଏହି ଦୁଇନେତା ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ଏବଂ ଜାତୀୟ ନାଗରିକ ପଞ୍ଜିକା (ଏନ୍‌ଆର୍‌ସି) ପ୍ରସଙ୍ଗରେ ଦଳର ଆଭିମୁଖ୍ୟଠାରୁ ଭିନ୍ନମତ ପ୍ରକାଶ କରି ବିବାଦୀୟ ହୋଇଥିଲେ। ଦଳୀୟ ନେତୃତ୍ୱ ବିରୋଧରେ ମନ୍ତବ୍ୟ ଦେବା ଶେଷରେ ଦୁହିଁଙ୍କୁ ମହଙ୍ଗା ପଡ଼ିଛି। ପ୍ରଶାନ୍ତ କିଶୋର ଓ ପବନ ବର୍ମାଙ୍କୁ ଜେଡିୟୁରୁ ବହିଷ୍କାର କରାଯାଇଛି। ଜେଡିୟୁ ସାଧାରଣ ସମ୍ପାଦକ କେ.ସି. ତ୍ୟାଗୀ ଏକ ବିବୃତିରେ କହିଛନ୍ତି, ନିର୍ବାଚନ ରଣନୀତିକାର ପ୍ରଶାନ୍ତ କିଶୋର ଓ ବରିଷ୍ଠ ନେତା ପବନ ବର୍ମା ଦଳୀୟ ଶୃଙ୍ଖଳା ଭଙ୍ଗ କରିଥିଲେ। ତେଣୁ ସେମାନଙ୍କୁ ଜେଡିୟୁରୁ ବହିଷ୍କାର କରାଯିବା ସହ ଉଭୟଙ୍କ ପ୍ରାଥମିକ ସଦସ୍ୟତା ରଦ୍ଦ କରାଯାଇଛି। ଏହାକୁ ନେଇ ନୀତୀଶଙ୍କୁ ପ୍ରଶାନ୍ତ ତାଚ୍ଛଲ୍ୟ କରିଛନ୍ତି। ଧନ୍ୟବାଦ ନୀତୀଶ ବାବୁ, ବିହାର ମୁଖ୍ୟମନ୍ତ୍ରୀ ପଦ ବଜାୟ ରଖିଥିବାରୁ ଆପଣଙ୍କୁ ମୋର ଶୁଭେଚ୍ଛା। ଭଗବାନ ଆପଣଙ୍କୁ ଆଶୀର୍ବାଦ ଦିଅନ୍ତୁ ବୋଲି ସେ ଟୁଇଟ୍ କରିଛନ୍ତି।

ପ୍ରକାଶ ଯେ, ଲୋକ ସଭା ଓ ରାଜ୍ୟ ସଭାରେ କେନ୍ଦ୍ର ସରକାର ନାଗରିକତ୍ୱ ସଂଶୋଧନ ବିଲ୍ ଆଣିବାବେଳେ ଜେଡିୟୁ ସମର୍ଥନ କରିଥିଲା। ଏହି ପ୍ରସଙ୍ଗରେ ଦୁଇନେତା ନୀତୀଶ କୁମାରଙ୍କ ନିଷ୍ପତ୍ତିକୁ ଖୋଲାଖୋଲି ସମାଲୋଚନା କରୁଥିଲେ। ପ୍ରଶାନ୍ତ ୨୦୧୮ ସେପ୍ଟେମ୍ବରରେ ଜେଡିୟୁରେ ଯୋଗଦେଇ ଦଳର ଉପାଧ୍ୟକ୍ଷ ହୋଇଥିଲେ। ଲୋକ ସଭା ନିର୍ବାଚନ ବେଳେ ଭାଜପା ସହ ଆସନ ଭାଗବଣ୍ଟା ସମୟରେ ସେ ପ୍ରମୁଖ ଭୂମିକା ନେଇଥିଲେ। ଅନ୍ୟପକ୍ଷରେ ପବନ ଏହା ପୂର୍ବରୁ ଦଳର ରାଜ୍ୟ ସଭା ସଦସ୍ୟ ଥିଲେ। ନିକଟରେ ସେ ନୀତୀଶଙ୍କ ଉଦ୍ଦେଶ୍ୟରେ ଟୁଇଟର୍‌ରେ ଏକ ଚିଠି ପୋଷ୍ଟ କରିଥିଲେ। ଦିଲ୍ଲୀ ନିର୍ବାଚନରେ ଭାଜପା ସହ ମେଣ୍ଟ ନିଷ୍ପତ୍ତିକୁ ନେଇ ସେ ଉକ୍ତ ପତ୍ରରେ ପ୍ରଶ୍ନ କରିଥିଲେ।



ପ୍ରଶାନ୍ତ କିଶୋର | ପବନ ବର୍ମା

**ନୀତୀଶ କୁମାରଙ୍କୁ ସମାଲୋଚନା ମହଙ୍ଗା ପଡ଼ିଲା**

## ଏକ୍‌ଜିଟ ପୋଲ୍ ଉପରେ କଟକଣା

ନୂଆଦିଲ୍ଲୀ,୨୯।୧

ଫେବୃୟାରୀ ୮ରେ ଦିଲ୍ଲୀ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଥିବାବେଳେ ସେଦିନ ସକାଳ ୮ଟାରୁ ସନ୍ଧ୍ୟା ୬ଟା ୩୦ ପର୍ଯ୍ୟନ୍ତ ଏକ୍‌ଜିଟ ପୋଲ୍ ଉପରେ ନିର୍ବାଚନ କମିଶନ (ଇସି) କଟକଣା ଜାରି କରିଛନ୍ତି। ଏହି ସମୟ ମଧ୍ୟରେ ବୁଥ୍ ଫେରନ୍ତା ଜନମତ ସର୍ଭେ କରାଯାଇପାରିବ ନାହିଁ। ଉକ୍ତ ସମୟ ମଧ୍ୟରେ ଏହାକୁ କୌଣସି ଛପା କିମ୍ବା ଇଲେକ୍ଟ୍ରୋନିକ୍ ଗଣମାଧ୍ୟମରେ ପ୍ରସାରଣ କରାଯିବା ଉପରେ ମଧ୍ୟ କଟକଣା ଲାଗୁ କରାଯାଇଛି।

## ବୈଦେଶିକ ସଚିବ ଦାୟିତ୍ୱ ନେଲେ ଶ୍ରୀଙ୍ଗ୍‌ଲା

**ନୂଆଦିଲ୍ଲୀ, ୨୯।୧:** ଆମେରିକାରେ ଭାରତର ରାଷ୍ଟ୍ରଦୂତ ଥିବା କୂଟନୀତିଜ୍ଞ ହର୍ଷବର୍ଦ୍ଧନ ଶ୍ରୀଙ୍ଗ୍‌ଲା ବୁଧବାର ନୂଆ ବୈଦେଶିକ ସଚିବ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବରୁ ଏହି ପଦରେ ବିଜୟ ଗୋଖଲେ ଥିଲେ। କେନ୍ଦ୍ର ସରକାରଙ୍କ ନୂଆ ନାଗରିକତ୍ୱ ଆଇନକୁ ନେଇ ବିଦେଶରେ ସମାଲୋଚନା କରାଯାଉଥିବାବେଳେ ଶ୍ରୀଙ୍ଗ୍‌ଲା ଏହି ସମୟରେ ଗୁରୁଦାୟିତ୍ୱ ତୁଲାଇବେ। ୧୯୮୪ ବ୍ୟାଚ୍‌ର ଏହି ଆଇଏଫ୍‌ଏସ୍ ଅଧିକାରୀ ମନ୍ତ୍ରଣାଳୟ ଦାୟିତ୍ୱ ସୁଚାରୁରୂପେ ତୁଲାଇବା ସହ ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱରେ କାମ କରିବେ ବୋଲି କହିଛନ୍ତି। ବରିଷ୍ଠତା ଦୃଷ୍ଟିରୁ ଏହି ପଦରେ ୟୁକେରେ ଅବସ୍ଥାପିତ ଭାରତର ହାଇକମିଶନର ତଥା ୧୯୮୨ ବ୍ୟାଚ୍ ଆଇଏଫ୍‌ଏସ୍ ଅଧିକାରୀ ରୁଚି ଘନଶ୍ୟାମ ରହିବା କଥା। ହେଲେ ସରକାର ନୀତି ନିୟମକୁ ନ ମାନି ଶ୍ରୀଙ୍ଗ୍‌ଲାଙ୍କୁ ବୈଦେଶିକ ସଚିବ ଦାୟିତ୍ୱ ପ୍ରଦାନ କରିଛନ୍ତି।

## କେରଳ ବିଧାନସଭାରେ ରାଜ୍ୟପାଳ ହଟହଟା

ଥିରୁଭାନନ୍ତପୁରମ୍,୨୯।୧(ପି.ଟି.)



**ଅଟକାଇଲେ ୟୁଡିଏଫ୍ ବିଧାୟକ**

କେରଳ ବିଧାନସଭାରେ ବୁଧବାର ଅଭୂତପୂର୍ବ ଘଟଣା ଦେଖିବାକୁ ମିଳିଥିଲା। ବିରୋଧୀ ଦଳ କଂଗ୍ରେସ ନେତୃତ୍ୱରେ ୟୁଡିଏଫ୍ ବିଧାୟକମାନେ ରାଜ୍ୟପାଳ ଅରିଫ୍ ମହମ୍ମଦ ଖାନଙ୍କୁ ବିଧାନସଭା ଭିତରେ ଅଟକାଇଥିଲେ। ସେମାନେ 'ରାଜ୍ୟପାଳ ଫେରିଯାଅ' ସ୍ଲୋଗାନ ଦେବା ସହ ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ବିରୋଧରେ ପ୍ଲାକାର୍ଡ ପ୍ରଦର୍ଶନ କରିଥିଲେ। ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ୍ ଏବଂ ବାଚସ୍ପତି ପି. ଶ୍ରୀରାମକ୍ରିଷ୍ଣନ୍ ରାଜ୍ୟପାଳଙ୍କୁ ଅଭିଭାଷଣ ଦେବା ଲାଗି ପାଛୋଟି ନେବାବେଳେ ଏଭଳି ଅପ୍ରୀତିକର ଘଟଣା ଘଟିଥିଲା। ବିରୋଧୀ ସଦସ୍ୟମାନଙ୍କୁ ଶାନ୍ତହେବା ପାଇଁ ମୁଖ୍ୟମନ୍ତ୍ରୀ ଓ ବାଚସ୍ପତି ବାରମ୍ବାର ଅନୁରୋଧ କରି ବିଫଳ ହୋଇଥିଲେ। ବିରୋଧୀ ବିଧାୟକମାନେ ରାଜ୍ୟପାଳଙ୍କ ବିରୋଧରେ ସ୍ଲୋଗାନ ଦେବା ଜାରି ରଖିଥିଲେ। ପରେ ମାର୍ଶାଲମାନେ ବଳପ୍ରୟୋଗ କରି ବିରୋଧୀ ସଦସ୍ୟମାନଙ୍କୁ ହଟାଇଥିଲେ। ରାଜ୍ୟପାଳ ଆସନ ନିକଟରେ ପହଞ୍ଚିବା ପରେ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା। ଏହା ପରେ ପୁଣି ବିରୋଧୀ ରାଜ୍ୟପାଳଙ୍କ ବିରୋଧରେ ସ୍ଲୋଗାନ ଦେଇଥିଲେ। ରାଜ୍ୟପାଳ ଅଭିଭାଷଣ ଆରମ୍ଭ କରିବା ମାତ୍ରେ ସେମାନେ କକ୍ଷତ୍ୟାଗ କରି ବିଧାନସଭା ଫାଟକ ସମ୍ମୁଖରେ ଧାରଣାରେ ବସିଥିଲେ। ରାଜ୍ୟପାଳ ତାଙ୍କ ଅଭିଭାଷଣରେ ସରକାରଙ୍କ ନୀତି ନିଷ୍ପତ୍ତି ସମେତ ବିଧାନସଭାରେ ଗ୍ରହଣ କରାଯାଇଥିବା ସିଏଏ ବିରୋଧୀ ସଂକଳ୍ପନାମା ସମ୍ପର୍କରେ କହିଥିଲେ।

## ଭାଜପାରେ ଭଉଣୀଙ୍କ ସହ ସାଇନା ନେହ୍ୱାଲ

**ନୂଆଦିଲ୍ଲୀ, ୨୯।୧:** ବିଶ୍ୱର ପୂର୍ବତନ ନମ୍ବର ୱାନ୍ ବ୍ୟାଡ୍‌ମିଣ୍ଟନ ଖେଳାଳି ତଥା ଅଲିମ୍ପିକ ପଦକ ବିଜେତା ପଦ୍ମଶ୍ରୀ ସାଇନା ନେହ୍ୱାଲ (୨୯) ବୁଧବାର ଭାଜପାରେ ଯୋଗଦେଇଛନ୍ତି। ଦେଶ ପାଇଁ ଦିନରାତି କଠିନ ପରିଶ୍ରମ କରିଆସୁଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏଥିଲାଗି ତାଙ୍କୁ ପ୍ରେରଣା ଦେଇଥିବା ସେ ପ୍ରକାଶ କରିଛନ୍ତି। ଦଳୀୟ ମୁଖ୍ୟାଳୟରେ ଅନୁଷ୍ଠିତ ଏକ ସମାରୋହରେ ସାଇନା ଯୋଗଦେବା ପରେ ଭାଜପା ସଦସ୍ୟ ଭାବେ ଜନବିକାଶ କାର୍ଯ୍ୟରେ ନିଜକୁ ନିୟୋଜିତ କରିବି ବୋଲି କହିଛନ୍ତି। ଅର୍ଜୁନ ପୁରସ୍କାର ପାଇଥିବା ନେହ୍ୱାଲ ପରେ ଭାଜପା ଅଧ୍ୟକ୍ଷ ଜେ.ପି.ନଡ୍ଡାଙ୍କୁ ଭେଟିବା ସହ କେନ୍ଦ୍ର ସରକାରଙ୍କ 'ଖେଲୋ ଇଣ୍ଡିଆ' ପ୍ରୟାସକୁ ପ୍ରଶଂସା କରିଥିଲେ। ସାଇନାଙ୍କ ସହ ତାଙ୍କ ଭଉଣୀ ଚନ୍ଦ୍ରାଂଶୁ ନେହ୍ୱାଲ ମଧ୍ୟ ଭାଜପାରେ ସାମିଲ ହୋଇଛନ୍ତି।

## ସିଏଏକୁ ବିରୋଧ ବେଳେ ସଂଘର୍ଷ: ୨ ମୃତ

କୋଲକାତା, ୨୯।୧




ନାଗରିକତ୍ୱ ସଂଶୋଧନ ଆଇନ(ସିଏଏ)କୁ ବିରୋଧ କରି ପଶ୍ଚିମବଙ୍ଗର ମୁର୍ଶିଦାବାଦ ଜିଲାରେ ବିକ୍ଷୋଭ କରାଯାଇଥିବାବେଳେ ସଂଘର୍ଷ ଯୋଗୁ ୨ ବ୍ୟକ୍ତିଙ୍କ ପ୍ରାଣହାନି ଘଟିଛି। ଅନ୍ୟ ଜଣେ ଆହତ ବ୍ୟକ୍ତିଙ୍କୁ ଚିକିତ୍ସା ଲାଗି ମୁର୍ଶିଦାବାଦ ମେଡିକାଲରେ ଭର୍ତ୍ତି କରାଯାଇଛି। ଜଲାଙ୍ଗିଠାରେ ସିଏଏ ସପକ୍ଷବାଦୀ ଓ ବିପକ୍ଷବାଦୀଙ୍କ ମଧ୍ୟର ପ୍ରଥମେ ଯୁକ୍ତିତର୍କ ଓ ପରେ ସଂଘର୍ଷର ସୂତ୍ରପାତ ହୋଇଥିଲା ବୋଲି ପୋଲିସ କହିଛି। ସ୍ଥାନୀୟ ଟିଏମ୍‌ସି ନେତା ଓ ନାଗରିକ ମଞ୍ଚ ମୁହାଁମୁହିଁ ହେବା ପରେ ବୋମାମାଡ଼ କରାଯାଇଥିଲା। ଫଳରେ ସେଠାରେ ଥିବା ଅପେକ କାର୍ ଓ ଦୁଇଚକିଆ ଯାନ ପୋଡ଼ିଯାଇଥିଲା। ପୋଲିସ ପରିସ୍ଥିତିକୁ ଆୟତ୍ତ କରିଥିବାବେଳେ ଏବେ ବି ଚାପା ଉତ୍ତେଜନା ଲାଗି ରହିଛି। ସ୍ଥାନୀୟ ଟିଏମ୍‌ସି ଏମ୍‌ପି ଅବୁ ତାହେର ସଂଘର୍ଷରେ ଟିଏମ୍‌ସିର କୌଣସି ଭୂମିକା ନ ଥିବା କହିଛନ୍ତି। କଂଗ୍ରେସ ଓ ସିପିଏମ୍ ସମର୍ଥକଙ୍କ ମଧ୍ୟରେ ବଚସାରୁ ସଂଘର୍ଷ ହୋଇଥିବା ସେ ପ୍ରକାଶ କରିଛନ୍ତି। ଅନୁରୂପ ଭାବେ କଂଗ୍ରେସର ବରିଷ୍ଠ ବିଧାୟକ ମନୋଜ ଚକ୍ରବର୍ତ୍ତୀ ସଂଘର୍ଷରେ ଦଳର କୌଣସି ଭୂମିକା ନାହିଁ ଓ ଏହାର ବିଚାର ବିଭାଗୀୟ ତଦନ୍ତ କରାଯାଇ ଦୋଷୀଙ୍କୁ ଦଣ୍ଡବିଧାନ କରାଯାଉ ବୋଲି ଦାବି କରିଛନ୍ତି। ପ୍ରକାଶଥାଉ କି, କେରଳ, ପଞ୍ଜାବ, ରାଜସ୍ଥାନ ପରେ ପଶ୍ଚିମବଙ୍ଗ ଚତୁର୍ଥ ରାଜ୍ୟ ଭାବେ ସିଏଏ ବିରୋଧରେ ବିଧାନସଭାରେ ସଂକଳ୍ପନାମା ଗୃହୀତ କରିଥିଲା।

**ଇତିହାସର ଆଇନାରେ**

## ଜାନୁୟାରୀ ୩୦ରେ ପ୍ରମୁଖ ଘଟଣା

୧୯୪୮ ଜାନୁୟାରୀ ୩୦ରେ ଜାତୀୟ ପିତା ମହାତ୍ମା ଗାନ୍ଧୀଙ୍କୁ ହିନ୍ଦୁ ମହାସଭା ସଦସ୍ୟ ନାଥୁରାମ ବିନାୟକ ଗଡ୍‌ସେ ନୂଆଦିଲ୍ଲୀର ବିର୍ଲା ହାଉସରେ ଗୁଳିକରି ହତ୍ୟା କରିଥିଲେ। ଗାନ୍ଧିଜୀଙ୍କ ଛାତିରେ ଅତି ନିକଟରୁ ୩ ଗୁଳି ବାଜିବା ପରେ ସେ ଟଳିପଡ଼ିଥିଲେ।

୨୦୦୦ ଜାନୁୟାରୀ ୩୦ରେ କେନିଆର ଏକ ଯାତ୍ରୀବାହୀ ବିମାନ ଆଇଭରି କୋଷ୍ଟ ନିକଟରେ ଦୁର୍ଘଟଣାଗ୍ରସ୍ତ ହେବାରୁ ପ୍ରାୟ ୧୬୯ ଜଣଙ୍କ ପ୍ରାଣହାନି ଘଟିଥିଲା। ୧୦ ଜଣ ଆହତ ହୋଇ ଅଳ୍ପକେ ମୃତ୍ୟୁମୁଖରୁ ବର୍ତ୍ତିଯାଇଥିଲେ।



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର କେତେକ ଜିଲାରେ ସାମାନ୍ୟ ବର୍ଷା ହେବା ସହ ଶୀତ ଅନୁଭୂତ ହେବ।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ପାଗ ମେଘୁଆ ରହିବା ସହ ସାମାନ୍ୟ ବର୍ଷା ହେବାର ସମ୍ଭାବନା ରହିଛି। ଗୁରୁବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୨ ଡିଗ୍ରୀ ଏବଂ ସର୍ବନିମ୍ନ ୨୦ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ବୁଧବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୯.୨ | ୧୭.୬ |
| ଚାନ୍ଦବାଲି | ୩୦.୬ | ୧୮.୫ |
| କଟକ | -- | ୧୮.୫ |
| ପାରାଦ୍ୱୀପ | ୨୮.୭ | ୨୩.୦ |
| ଭୁବନେଶ୍ୱର | ୩୩.୩ | ୨୧.୪ |
| ଗୋପାଳପୁର | ୨୮.୨ | ୧୯.୮ |
| ପୁରୀ | ୩୦.୫ | ୨୨.୫ |
| ଅନୁଗୋଳ | ୩୦.୭ | ୧୫.୬ |
| ବାରିପଦା | ୨୮.୫ | ୧୮.୫ |
| ଝାରସୁଗୁଡ଼ା | ୨୯.୪ | ୧୭.୨ |
| କେନ୍ଦୁଝର | ୨୮.୪ | ୧୮.୦ |
| ସମ୍ବଲପୁର | ୩୦.୭ | ୧୮.୫ |
| ସୁନ୍ଦରଗଡ଼ | ୨୮.୦ | ୧୨.୦ |
| ହୀରାକୁଦ | ୨୯.୩ | ୧୯.୩ |
| ତାଳଚେର | ୩୦.୧ | ୧୪.୩ |
| ଭବାନୀପାଟଣା | ୩୧.୫ | ୧୯.୦ |
| ବଲାଙ୍ଗୀର | ୩୧.୬ | ୧୫.୫ |
| କୋରାପୁଟ | ୩୦.୬ | ୧୪.୬ |
| ଫୁଲବାଣୀ | ୨୯.୦ | ୧୬.୦ |
| ଟିଟିଲାଗଡ଼ | ୩୧.୪ | ୧୬.୧ |
| ମାଲକାନଗିରି | ୩୧.୦ | ୧୦.୦ |
| ସୋନପୁର | ୩୧.୨ | ୧୫.୦ |
| ଦାରିଙ୍ଗିବାଡ଼ି | ୨୭.୦ | ୧୬.୦ |

ଡିଗ୍ରୀ ସେଲ୍‌ସିୟସ୍

# ତାରକା ପ୍ରଚାରକ ତାଲିକାରୁ ଅନୁରାଗ, ପର୍‌ଭେଶଙ୍କୁ ବାଦ୍ ଦିଅ

ନୂଆଦିଲ୍ଲୀ,୨୯।୧(ପି.ଟି.)



**ଭାଜପାକୁ ଇସିଙ୍କ ନିର୍ଦ୍ଦେଶ**

ବିବାଦୀୟ ମନ୍ତବ୍ୟ ପାଇଁ ତାରକା ପ୍ରଚାରକ ତାଲିକାରୁ ଅନୁରାଗ ଠାକୁର ଏବଂ ପର୍‌ଭେଶ ବର୍ମାଙ୍କୁ ବାଦ୍ ଦେବା ଲାଗି ନିର୍ବାଚନ କମିଶନ (ଇସି) ବୁଧବାର ଭାଜପାକୁ ନିର୍ଦ୍ଦେଶ ଦେଇଛନ୍ତି। ଦିଲ୍ଲୀ ବିଧାନସଭା ନିର୍ବାଚନ ପ୍ରଚାର ଲାଗି ଭାଜପା ସେମାନଙ୍କୁ ଷ୍ଟାର ପ୍ରଚାରକ ତାଲିକାରେ ସାମିଲ କରିଥିଲା। ଏକ ନିର୍ବାଚନ ସଭାରେ ଅନୁରାଗ ସିଏଏ ବିରୋଧୀ ବିକ୍ଷୋଭକାରୀଙ୍କୁ ସମାଲୋଚନା କରିବା ସହ ଦେଶଦ୍ରୋହୀମାନଙ୍କୁ ଗୁଳି କରାଯିବା ଉଚିତ ବୋଲି କହିଥିଲେ ଏବଂ ଏହା ଉପରେ ସ୍ଲୋଗାନ ଦେବାକୁ ଉପସ୍ଥିତ ଲୋକଙ୍କୁ ଉତ୍ସାହିତ କରିଥିଲେ। ସେହିପରି ପଶ୍ଚିମ ଦିଲ୍ଲୀର ବିଧାୟକ ପରଭେଶ ବର୍ମା ମଙ୍ଗଳବାର କହିଥିଲେ, କଶ୍ମୀରୀ ପଣ୍ଡିତମାନଙ୍କ ପ୍ରତି ଉପତ୍ୟକାରେ ଯାହା ଘଟିଥିଲା ଦିଲ୍ଲୀରେ ସେପରି ଘଟିପାରେ। ଶାହିନବାଗ୍‌ରେ ସିଏଏ ବିରୋଧରେ ଆନ୍ଦୋଳନ ଚଳାଇଥିବା ଲକ୍ଷ ଲକ୍ଷ ବିକ୍ଷୋଭକାରୀ ଲୋକଙ୍କ ଘରେ ପଶି ହତ୍ୟାକରିବା ସହ ମହିଳାମାନଙ୍କୁ ବଳାତ୍କାର କରିପାରନ୍ତି ବୋଲି ସେ ସତର୍କ କରାଇଥିଲେ। ଅନୁରାଗ ଓ ପର୍‌ଭେଶ ଭାଜପା ପାଇଁ ଭୋଟ ମାଗିପାରିବେ। ତେବେ ସେଥିପାଇଁ ସେମାନଙ୍କୁ ପ୍ରଚାର ଖର୍ଚ୍ଚ ବହନ କରିବାକୁ ପଡ଼ିବ। ସାଧାରଣତଃ ତାରକା ପ୍ରଚାରକମାନଙ୍କ ପ୍ରଚାର ଖର୍ଚ୍ଚ ରାଜନୈତିକ ଦଳ ବହନ କରିଥାନ୍ତି। ପ୍ରଚାରକ ତାଲିକାରୁ ବାଦ୍ ପଡ଼ିବା ସମ୍ପର୍କରେ ପ୍ରଶ୍ନ ହେବାରୁ କେନ୍ଦ୍ରମନ୍ତ୍ରୀ ପ୍ରକାଶ ଜାଭଡେକର କହିଛନ୍ତ, ଇସିଙ୍କ ନିର୍ଦ୍ଦେଶ ସମ୍ପର୍କରେ ସେ ଏବେ ସୂଚନା ପାଇଛନ୍ତି। ଏହାକୁ ଅନୁଧ୍ୟାନ କଲା ପରେ ଯାହା ପଦକ୍ଷେପ ନିଆଯିବ ବୋଲି ସେ ସୂଚନା ଦେଇଛନ୍ତି।

ପର୍‌ଭେଶଙ୍କ ବିବାଦୀୟ ମନ୍ତବ୍ୟ ପାଇଁ ଇସି ତାଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ। ତାଙ୍କ ମନ୍ତବ୍ୟ ସଦ୍‌ଭାବନା ବ୍ୟାହତ କରିବା ଲାଗି ଯଥେଷ୍ଟ ଥିଲା ବୋଲି ପ୍ରାଥମିକ ଅନୁଧ୍ୟାନରୁ ଜଣାପଡ଼ିଛି। ଗୁରୁବାର ମଧ୍ୟାହ୍ନ ପୂର୍ବରୁ ତାଙ୍କୁ ନୋଟିସ୍‌ର ଜବାବ ଦେବା ଲାଗି କୁହାଯାଇଛି।




# ବାର୍ଡ ଫ୍ଲୁ ଚିନ୍ତା, ଆଜି ଆସୁଛନ୍ତି କେନ୍ଦ୍ରୀୟ ଟିମ୍

**ଭୁବନେଶ୍ୱର, ୨୯।୧ (ବ୍ୟୁରୋ)**

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି)ର କୁକ୍କୁଟ ପ୍ରଜନନ ଓ ଗବେଷଣା କେନ୍ଦ୍ର ଫାର୍ମରେ ବାର୍ଡ ଫ୍ଲୁ ଭୂତାଣୁ ଚିହ୍ନଟ ହେବାପରଠାରୁ ଆତଙ୍କ ଜାରି ରହିଛି। ବାର୍ଡ ଫ୍ଲୁ ଭୂତାଣୁ ଯେପରି ମଣିଷ ଓ ଅନ୍ୟ ଅଞ୍ଚଳକୁ ନ ବ୍ୟାପିବ ସେଥିପାଇଁ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରାଯାଇଛି। ଇତିମଧ୍ୟରେ ୭ ରାପିଡ୍ ରେସପନ୍ସ ଟିମ୍ କୁକୁଡ଼ା ମରା ଅଭିଯାନ ଚଳାଇଥିବାବେଳେ ଗୁରୁବାର ଓଡ଼ିଶା ଆସୁଛନ୍ତି କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ମନ୍ତ୍ରାଳୟର ଏକ ଉଚ୍ଚସ୍ତରୀୟ ଟିମ୍। ଏହି ଟିମ୍ ବାର୍ଡ ଫ୍ଲୁ ସଂକ୍ରମିତ ଅଞ୍ଚଳକୁ ପରିଦର୍ଶନ କରିବା ସହ ସ୍ଥିତି ଅନୁଧ୍ୟାନ କରିବେ। ତେବେ ଏହା ପୂର୍ବରୁ ବୁଧବାର ଜନସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶକ ଡ. ଅଜିତ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇ ବାର୍ଡ ଫ୍ଲୁ ସଂକ୍ରାନ୍ତରେ ଆଲୋଚନା ହୋଇଥିଲା। ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ ପକ୍ଷରୁ ଏବେ ଓୟୁଏଟି ଫାର୍ମ ଓ ଏହାର ୧ କିମି ପରିଧି ମଧ୍ୟରେ କୁକୁଡ଼ା ମରା ଅଭିଯାନ ଚାଲିଛି। ଏହି ଅଭିଯାନରେ ନିୟୋଜିତ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ପ୍ରତିଷେଧକ ବ୍ୟବସ୍ଥା ସ୍ୱରୂପ ସେମାନଙ୍କୁ ଟାମି ଫ୍ଲୁ ବଟିକା ନିୟମିତ ଖାଇବାକୁ ଦିଆଯାଉଛି। ବାର୍ଡ ଫ୍ଲୁ ସଂକ୍ରମଣ ରୋକିବାକୁ ଓୟୁଏଟିର ୧୦ କିମି ପରିଧି ମଧ୍ୟରେ ଘରକୁ ଘର ବୁଲି ଲୋକଙ୍କ ସ୍ୱାସ୍ଥ୍ୟ ଅନୁଧ୍ୟାନ ଓ ପରୀକ୍ଷା କରାଯାଉଛି। ଏଥିସହ କ'ଣ କରିବା ଉଚିତ ଏବଂ ଅନୁଚିତ ସେ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଯାଉଛି। ସେହିଭଳି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ରାଜ୍ୟର ସମସ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ, କ୍ୟାପିଟାଲ୍ ହସ୍ପିଟାଲ୍‌ର ନିର୍ଦ୍ଦେଶକ ଓ ଏମ୍ସ ସମେତ ସମସ୍ତ ମେଡିକାଲ୍ କଲେଜ କର୍ତ୍ତୃପକ୍ଷଙ୍କୁ ସତର୍କତାର ସହ ପ୍ରସ୍ତୁତ ରହିବା ଏବଂ ଆଇସୋଲେଶନ ୱାର୍ଡର ସୁବିଧା ଉପଲବ୍ଧ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ବୈଠକରୁ ଜଣାପଡ଼ିଛି।

ଅନ୍ୟପକ୍ଷରେ ବାର୍ଡ ଫ୍ଲୁ ନିୟନ୍ତ୍ରଣ ନିମନ୍ତେ ସଂକ୍ରମିତ ସ୍ଥାନ ଓୟୁଏଟି କୁକୁଡ଼ା ଫାର୍ମର ଏକ କିଲୋମିଟର ବ୍ୟାସାର୍ଦ୍ଧ ଅଞ୍ଚଳରେ ବୁଧବାର ଦ୍ୱିତୀୟ ଦିନରେ ମଧ୍ୟ କୁକୁଡ଼ା ମରା ଓ ବିଶୋଧନ କାର୍ଯ୍ୟ କରାଯାଇଥିଲା। ୨ଟି ରାପିଡ୍ ରେସପନ୍ସ ଟିମ୍ ଓୟୁଏଟି କୁକୁଡ଼ା ଫାର୍ମ ଭିତରେ ୨% ସୋଡ଼ିଅମ୍ ହାଇପୋକ୍ଲୋରାଇଟ ଓ ୪% ଫରମାଲିନ୍ ଦ୍ରବଣ ସିଞ୍ଚନ କରି ସଂକ୍ରମିତ ସ୍ଥାନକୁ ବିଶୋଧନ କରିଥିଲା। ଏଥିସହ କାର୍ଯ୍ୟରତ ଅନ୍ୟ ୫ ରାପିଡ୍ ରେସ୍‌ପନ୍ସ ଟିମ୍ ଦୋକାନୀ ଓ ଚାଷୀଙ୍କ ୮୦ କୁକୁଡ଼ା ଏବଂ ବତକଙ୍କୁ ମାରି ଗଭୀର ଗାତରେ ପୋତିଥିବା ଜଣାପଡ଼ିଛି। ଏଥିମଧ୍ୟରେ ୩୮ ଲେୟାର ଚିଆଁ, ୩୮ ଲେୟର କୁକୁଡ଼ା, ୪ ବତକ ରହିଛି। ଏଥିସହ ୧୦୫୯ ଅଣ୍ଡା ଓ ୧୦ କିଗ୍ରା କୁକୁଡ଼ା ଖାଦ୍ୟ ଗଭୀର ଗାତରେ ପୋତାଯାଇଛି। ପୋତିବା ସମୟରେ ଗାତରେ ବିଶୋଧକ ଭାବେ ବ୍ଲିଚିଂ ପାଉଡର ପ୍ରୟୋଗ କରାଯାଇଥିଲା। ସେହିପରି କ୍ଷତିପୂରଣ ବାବଦକୁ ଲେୟର ଚିଆଁ ପ୍ରତି ୨୦ ଟଙ୍କା, ଲେୟର କୁକୁଡ଼ା ବାବଦକୁ ୯୦ଟଙ୍କା, ବତକ ଗୋଟାପ୍ରତି ୧୩୫ ଟଙ୍କା, ଅଣ୍ଡା ପ୍ରତି ୩ଟଙ୍କା ଓ କୁକୁଡ଼ା ଦାନା କି.ଗ୍ରା. ପ୍ରତି ୧୨ଟଙ୍କା ହିସାବରେ ମୋଟ ୮୦୧୭ଟଙ୍କା ଚାଷୀ ଓ ଦୋକାନୀଙ୍କୁ ପ୍ରଦାନ କରାଯାଇଛି। ଗୁରୁବାର ମଧ୍ୟ ଏହି ଅଭିଯାନ ଜାରି ରହିବ ବୋଲି ଓୟୁଏଟି ପକ୍ଷରୁ ସୂଚନା ମିଳିଛି।



■ ସଂକ୍ରମଣ ରୋକିବା ପାଇଁ ସ୍ୱାସ୍ଥ୍ୟ ବିଭାଗର ପ୍ରସ୍ତୁତି ବୈଠକ
■ ଜାରି ରହିଛି କୁକୁଡ଼ା ମରା ଅଭିଯାନ ଓ ବିଶୋଧନ ପ୍ରକ୍ରିୟା

# ୨୦୩୦ ସୁଦ୍ଧା ଏଚ୍ଆଇଭି ମୁକ୍ତ ଓଡ଼ିଶା

**ଭୁବନେଶ୍ୱର, ୨୯।୧ (ବ୍ୟୁରୋ)**

ଜନସାଧାରଣଙ୍କୁ ଏଚ୍ଆଇଭି ତଥା ଏଡ୍‌ସ ବିଷୟରେ ଅଧିକ ସଚେତନ କରିବାକୁ ଓଡ଼ିଶା ରାଜ୍ୟ ଏଡ୍‌ସ ନିୟନ୍ତ୍ରଣ ସମିତି (ଓସାକ୍ସ) ଦ୍ୱାରା ବ୍ୟାପକ ସଚେତନତା କାର୍ଯ୍ୟକ୍ରମ କରାଯାଉଛି। ୨୦୩୦ ସୁଦ୍ଧା ଏଚ୍ଆଇଭି ସଂକ୍ରମଣର ମୂଳୋତ୍ପାଟନ କରି ନିରନ୍ତର ବିକାଶ ଲକ୍ଷ୍ୟ ହାସଲ କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ ରହିଛି। ୭୧ତମ ସାଧାରଣତନ୍ତ୍ର ଦିବସ ଅବସରରେ ଲୋକଙ୍କୁ ସଚେତନ କରିବା ଲାଗି ରାଜ୍ୟସ୍ତରୀୟ ପରେଡ୍ ପ୍ରଜ୍ଞାପନ ମେଢ଼ରେ ଓସାକ୍ସ ବିଭିନ୍ନ ସଚେତନଧର୍ମୀ ବାର୍ତ୍ତା ଦେଇଛି। ଏହାସହ ପ୍ରଦର୍ଶନୀ ପଡ଼ିଆରେ ଚାଲିଥିବା ଆଦିବାସୀ ମେଳା ୨୦୨୦ରେ ଓସାକ୍ସ ପକ୍ଷରୁ ଏକ ସ୍ୱତନ୍ତ୍ର ଷ୍ଟଲ୍ ଖୋଲାଯାଇଛି। ଷ୍ଟଲ୍‌କୁ ଓସାକ୍ସ ପ୍ରକଳ୍ପ ନିର୍ଦ୍ଦେଶକ ଗୁହା ପୁନମ୍ ତାପସ କୁମାର ଏବଂ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ନିର୍ଦ୍ଦେଶାଳୟ (ଏସ୍ଆଇଏଚ୍ ଆଣ୍ଡ୍ ଏଫ୍‌ଡବ୍ଲ୍ୟୁ) ନିର୍ଦ୍ଦେଶକ ଡ. ସରୋଜକାନ୍ତ ନାୟକ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଗୁହା ପୁନମ୍ କୁମାର କହିଥିଲେ, ସାରା ଦେଶରେ ଓଡ଼ିଶା ଅତ୍ୟଧିକ ଆଶଙ୍କା ପ୍ରବଣ ରାଜ୍ୟ ଭାବେ ପରିଗଣିତ ହେଉ ନ ଥିଲେ ମଧ୍ୟ ଦିନକୁ ଦିନ ଏଚ୍ଆଇଭି ସଂକ୍ରମଣ ବ୍ୟାପିବାରେ ଲାଗିଛି। ରାଜ୍ୟରେ ସଂକ୍ରମିତମାନେ ଅଧିକାଂଶ ପ୍ରବାସୀ ଓଡ଼ିଆ ହୋଇଥିବାବେଳେ ତାଙ୍କ ପରିବାର ପରବର୍ତ୍ତୀ ସମୟରେ ସଂକ୍ରମଣର ଶିକାର ହେଉଛନ୍ତି। ବିନା ମୂଲ୍ୟରେ ଉପଲବ୍ଧ ସ୍ୱାସ୍ଥ୍ୟସେବା ଏବଂ ସଚେତନତା କାର୍ଯ୍ୟକ୍ରମ ଦ୍ୱାରା ଏଚ୍ଆଇଭି ସଂକ୍ରମଣକୁ ନିୟନ୍ତ୍ରଣାଧୀନ କରାଯାଇପାରିବ। ଦୀର୍ଘଦିନ ଧରି ସୁସ୍ଥ ଜୀବନଯାପନ ପାଇଁ ଏଆର୍‌ଟି ଔଷଧ ସେବନ କରିବାକୁ ସେ କହିଥିଲେ। ସେ ଆହୁରି କହିଥିଲେ, ଓଡ଼ିଶାରେ ଏଚ୍ଆଇଭି ସଂକ୍ରମିତ ବ୍ୟକ୍ତିଙ୍କ ପ୍ରତି ଘୃଣା ଓ ଭେଦଭାବ ବହୁ ପରିମାଣରେ ଦୂର ହୋଇଛି। ବିଭିନ୍ନ ସାମାଜିକ ସଂଗଠନ ଏବଂ ଜନସାଧାରଣଙ୍କ ସକାରାତ୍ମକ ମନୋଭାବ ଯୋଗୁ ଏହା ସମ୍ଭବ ହୋଇପାରିଛି। ସମସ୍ତଙ୍କ ସମ୍ମାନର ସହ ବଞ୍ଚିବାର ମୌଳିକ ଅଧିକାର ରହିଛି। ଏହାକୁ ଉପଲବ୍ଧି କରି ସମସ୍ତେ ଏକାଠି ହୋଇ ୨୦୩୦ ସୁଦ୍ଧା ଏଚ୍ଆଇଭି ମୁକ୍ତ ଓଡ଼ିଶା ଗଠନ କରିବାକୁ ସେ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଲୋକନୃତ୍ୟ ମାଧ୍ୟମରେ ଲୋକଙ୍କୁ ସଚେତନ କରାଯାଇଥିଲା।

## ଟିଆର୍‌ଟିଏସ୍-୨୦୨୦ ପରୀକ୍ଷା ସୂଚୀରେ ପରିବର୍ତ୍ତନ

**ଭୁବନେଶ୍ୱର, ୨୯।୧ (ବ୍ୟୁରୋ)**

ଟ୍ରାଇବାଲ ରୁରାଲ ଟ୍ୟାଲେଣ୍ଟ ସର୍ଚ୍ଚ (ଟି ଆ ର୍ ଟି ଏ ସ୍ - ୨ ୦ ୨ ୦) ପ୍ରବେଶିକା ପରୀକ୍ଷା ସୂଚୀରେ ପରିବର୍ତ୍ତନ କରାଯାଇଛି। ଏହି ପରୀକ୍ଷା ଆସନ୍ତା ମାର୍ଚ୍ଚ ୧ରେ ହେବାକୁ ଥିବାବେଳେ ଏହି ତାରିଖରେ ପରିବର୍ତ୍ତନ କରାଯାଇ ମାର୍ଚ୍ଚ ୮ରେ କରିବାକୁ ନିଷ୍ପତ୍ତି ହୋଇଛି। ଏନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

# ବାଇକ୍‌କୁ ଧକ୍କା ଦେଲା ପିକ୍‌ଅପ୍, ୨ ମୃତ

**କେନ୍ଦୁଝର, ୨୯।୧ (ଡି.ଏନ୍.ଏ./ସ୍ୱ.ପ୍ର.)**

କେନ୍ଦୁଝର ଜିଲା ପଣ୍ଡାପଡା ଥାନା ସୁନାଟାଙ୍ଗିରୀ ନିକଟରେ ବୁଧବାର ମଧ୍ୟାହ୍ନରେ ଏକ ସଡକ ଦୁର୍ଘଟଣାରେ ଦୁଇ ଯୁବକଙ୍କ ମୃତ୍ୟୁ ଘଟିଛି। ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଲୋକେ ରାସ୍ତାରୋକୋ କରିବାସହ ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ପାଇଁ ଦାବି କରିଥିଲେ। ମିଳିଥିବା ଖବର ଅନୁସାରେ, ନରଣପୁର-ଡୁବୁରୀ ରାସ୍ତାର ସୁନାଟାଙ୍ଗିରୀ ନିକଟରେ ପଣ୍ଡାପଡା ଆଡୁ ଆସୁଥିବା ଏକ ବାଇକ୍‌କୁ କେନ୍ଦୁଝର ପଟୁ ଦ୍ରୁତଗତିରେ ଯାଉଥିବା ଏକ ପିକ୍‌ଅପ୍ ଭ୍ୟାନ ଧକ୍କା ଦେଇଥିଲା। ଫଳରେ ବାଇକ୍‌ରେ ଥିବା ଜୁଙ୍ଗା ପଞ୍ଚାୟତ ଠାକୁରକାଳିମାଟି ଗ୍ରାମର ରୁନା ନାଏକ(୨୬) ଓ ଓସ୍ତପଙ୍ଗା ଘୋଳିଆନାଳିର ନୃସିଂହ ନାଏକ(୨୫)ଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଏହି ଘଟଣା ଜଣାପଡିବା ପରେ ସ୍ଥାନୀୟ ଲୋକେ ମୃତକଙ୍କ ପରିବାରକୁ କ୍ଷତିପୂରଣ, ଦୁର୍ଘଟଣାସ୍ଥଳରେ ହମ୍ପସ ନିର୍ମାଣ ଏବଂ ଦୁର୍ଘଟଣା ପ୍ରବଣ ଅଞ୍ଚଳ ବୋଲି ଫଳକ ଲଗାଇବା ଦାବିରେ ରାସ୍ତାରୋକୋ କରିଥିଲେ। ଖବରପାଇ ପଣ୍ଡାପଡା ପୋଲିସ, କେନ୍ଦୁଝର ଉପଖଣ୍ଡ ପୋଲିସ ଅଧିକାରୀ ପ୍ରକାଶ ଜେମ୍ସ ଟପୋ, ଘଟଗାଁ ଅତିରିକ୍ତ ତହସିଲଦାର ତଥା ମାଜିଷ୍ଟ୍ରେଟ ବଳଭଦ୍ର ପୂର୍ତ୍ତି ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ଉଭୟ ମୃତକଙ୍କ ପରିବାରକୁ ରେଡକ୍ରସ ତରଫରୁ ୧୦ହଜାର ଟଙ୍କା ଲେଖାଏଁ ଅର୍ଥ ରାଶି ଏବଂ ହମ୍ପସ ନିର୍ମାଣ, ସୂଚନା ଫଳକ ସମ୍ପର୍କରେ ଆଲୋଚନା ପରେ ରାସ୍ତାରୋକୋ ହଟିଥିଲା। ପଣ୍ଡାପଡା ପୋଲିସ ଏକ ମାମଲା ରୁଜୁ କରି ଦୁର୍ଘଟଣାଗ୍ରସ୍ତ ଉଭୟ ଗାଡିକୁ ଜବତ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ଡାକ୍ତରଖାନା ପଠାଇଥିବା ଜଣାପଡିଛି।

**WANTED**

**ACCOUNTS EXECUTIVES**

- Candidates should have at least 1-3 years experience in the field of Accounts.
- Experience should include cash register maintenance, day to day accounting, preparation of statutory reports and returns like GST, Internal Audit, MIS, Verification of Bills.
- Proficiency in MS Excel, MS Word & Tally is a must.

N.B.: Candidates can send in resume to the below mentioned mail id.

**PRESS CLUB OF ODISHA**
Master Canteen Chhak, Unit - 3, BBSR
E-mail: tatzaudi@yahoo.com

# ପଦ୍ମବେଶରେ ଦର୍ଶନ ଦେଲେ ମହାପ୍ରଭୁ



**ପୁରୀ ଅଫିସ, ୨୯।୧:** ଶ୍ରୀମନ୍ଦିରରେ ବୁଧବାର ମହାପ୍ରଭୁଙ୍କ ଅତୀବ ରମଣୀୟ ପଦ୍ମବେଶ ଅନୁଷ୍ଠିତ ହୋଇଛି। ବଡ଼ସିଂହାର ବେଶରେ ଠାକୁରଙ୍କ ଏହି ବେଶ କରାଯାଇଛି। ଏହି ବେଶରେ ଠାକୁର ସୋଲରେ ନିର୍ମିତ ଶ୍ରୀମୁଖ ପଦ୍ମ, କରପଲ୍ଲବ କଢ଼ି, ହଂସ, ଚୂଳ, ମଗର କୁଣ୍ଡଳ, ପଦ୍ମଫୁଲ, କଦମ୍ବଫୁଲ ଆଦି ଧାରଣ କରିଛନ୍ତି। ଶୋଲ, ଜରି, କଦଳୀପଟ, କନା, କଇଥ ଅଠା, ରଙ୍ଗ ସାହାଯ୍ୟରେ ଏ ସବୁକୁ ପାରମ୍ପରିକ କାରିଗରଙ୍କ ଦ୍ୱାରା ତିଆରି କରାଯାଇଛି। ଆବହମାନ କାଳରୁ ବଡ଼ଛତା ମଠ ଏହି ବେଶ ପ୍ରସ୍ତୁତି କରି ଯୋଗାଇଆସୁଛି। ବୁଧବାର ରାତିରେ ବଡ଼ସିଂହାର ବେଶରେ ଠାକୁରଙ୍କୁ ଏହା ଲାଗି ହୋଇଥିଲା। ଏହି ବେଶ ପରେ ଖିରି ଓ ଅମାଲୁ ଭୋଗ କରାଯାଇଥିଲା। ପଦ୍ମବେଶ ଥାଇ ଠାକୁର ପହୁଡ଼ ହୋଇଥିଲେ। ବହୁ ଭକ୍ତ ଠାକୁରଙ୍କ ଏହି ଦୁର୍ଲଭ ବେଶ ଦର୍ଶନ କରିଥିଲେ। ଏହି ବେଶ ଥାଇ ଗୁରୁବାର ମଙ୍ଗଳ ଆଳତି ହେବ। ମଙ୍ଗଳି ଆଳତିରେ ଭକ୍ତମାନେ ମହାପ୍ରଭୁଙ୍କୁ ପଦ୍ମବେଶରେ ଦର୍ଶନ କରିବେ। ଏହାପରେ ବେଶ ଓଲାଗି ହୋଇ ଅବକାଶ ନୀତି ସମ୍ପନ୍ନ ହେବ।

### ମଉଳା ଫୁଲ ଝଟକିଲା

ଏହି ବେଶ ସଂକ୍ରାନ୍ତରେ ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କହିଛନ୍ତି, ମାଘ ମାସ ଅମାବାସ୍ୟାଠାରୁ ଶ୍ରୀପଞ୍ଚମୀ ମଧ୍ୟରେ ବୁଧବାର କିମ୍ବା ଶନିବାର ପଡ଼ିଲେ ଏହି ବେଶ ହୋଇଥାଏ। କିମ୍ବଦନ୍ତୀ ରହିଛି, ମନୋହର ନାମକ ଜଣେ ସାଧୁ ବହୁଦୂରରୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବାକୁ ଶ୍ରୀକ୍ଷେତ୍ର ଆସୁଥିଲେ। ତାଙ୍କୁ ପ୍ରବଳ ଶୋଷ ଲାଗିବାରୁ ସେ ଏକ ପୁଷ୍କରିଣୀ ନିକଟକୁ ଯାଇ ଦେଖିଲେ ସେଥିରେ ଅନେକ ପଦ୍ମଫୁଲ ଫୁଟିଛି। ଏତେ ମାତ୍ରାରେ ପଦ୍ମଫୁଲ ଫୁଟିଥିବା ଦେଖି ସାଧୁ ଜଣଙ୍କ ବିସ୍ମିତ ହୋଇଗଲେ। ମହାପ୍ରଭୁଙ୍କୁ ପ୍ରଦାନ କରିବା ଉଦ୍ଦେଶ୍ୟରେ ପୁଷ୍କରିଣୀରୁ ଫୁଲ ତୋଳି ଗାମୁଛାରେ ବାନ୍ଧି ଶ୍ରୀକ୍ଷେତ୍ର ଅଭିମୁଖେ ଅଗ୍ରସର ହେଲେ। ଶ୍ରୀମନ୍ଦିର ଗରୁଡ଼ ସ୍ତମ୍ଭ ନିକଟରେ ମହାପ୍ରଭୁଙ୍କୁ ଦର୍ଶନ କରି ଭାବବିହ୍ୱଳ ହୋଇପଡ଼ିଥିଲେ। ଗାମୁଛାରେ ବନ୍ଧା ହୋଇଥିବା ଫୁଲଗୁଡ଼ିକୁ ଠାକୁରଙ୍କୁ ଲାଗି କରିବାକୁ ଜଣେ ପଣ୍ଡାଙ୍କୁ ପ୍ରଦାନ କଲେ। ମଇଳା ଗାମୁଛାରେ ବନ୍ଧା ଯାଇଥିବା ମଉଳା ଫୁଲଗୁଡ଼ିକୁ ଦେଖି ପଣ୍ଡା କ୍ରୋଧାନ୍ୱିତ ହୋଇ ତଳେ ପକାଇଦେଇ ଗାଳି କରିଥିଲେ। ଏଥିରେ ସାଧୁ ଜଣଙ୍କ ମର୍ମାହତ ହୋଇ ଫୁଲଗୁଡ଼ିକୁ ତଳୁ ଗୋଟାଇ ଗାମୁଛାରେ ବାନ୍ଧି ଶ୍ରୀମନ୍ଦିରରୁ ପଳାଇ ଆସି ସିଂହଦ୍ୱାରଠାରେ ବଡ଼ଛତା ମଠ ସମ୍ମୁଖରେ ମୂର୍ଚ୍ଛିତ ହୋଇପଡ଼ିଲେ। ଭାବର ଠାକୁର ଭକ୍ତର ମନବ୍ୟଥା ଜାଣିପାରି ରାତିରେ ଗଜପତି ମହାରାଜାଙ୍କୁ ସ୍ୱପ୍ନରେ କହିଲେ, ହେ ରାଜା, ମୋର ଜଣେ ପରମଭକ୍ତ ସେବକଙ୍କ ଦ୍ୱାରା ଲାଞ୍ଛିତ ହୋଇ ଦୁଃଖ ଓ ଅପମାନରେ ସିଂହଦ୍ୱାର ନିକଟରେ ମୂର୍ଚ୍ଛିତ ହୋଇପଡ଼ିଛନ୍ତି। ସେ ଆଣିଥିବା ପଦ୍ମଫୁଲରେ ହିଁ ଆଜି ରାତ୍ରରେ ମୋର ବଡ଼ସିଂହାର ବେଶ ହେବ। ଏଥିସହିତ ପଦ୍ମ ଚାଉଳରେ ଖିରି କରି ତାଙ୍କୁ ସେବନ କରାଇବ। ସ୍ୱପ୍ନାଦେଶ ପାଇ ଗଜପତି ମହାରାଜା ତତ୍କ୍ଷଣାତ ସିଂହଦ୍ୱାରରେ ପହଞ୍ଚି ସାଧୁଙ୍କୁ ସମ୍ମାନର ସହିତ ଶ୍ରୀମନ୍ଦିରକୁ ନେଇଥିଲେ। ତାଙ୍କରି ପଦ୍ମଫୁଲରେ ବଡ଼ସିଂହାର ବେଶ କରିବା ପାଇଁ ସେବକମାନଙ୍କୁ ନିର୍ଦ୍ଦେଶ ଦେଲେ। ମହାରାଜାଙ୍କ ନିର୍ଦ୍ଦେଶରେ ସେଦିନ ସେହି ମଉଳା ପଦ୍ମଫୁଲରେ ଠାକୁରମାନେ ବିଭୂଷିତ ହେଲେ। ମହାପ୍ରଭୁଙ୍କ ଶ୍ରୀଅଙ୍ଗ ସ୍ପର୍ଶରେ ମଉଳାଫୁଲ ସଦ୍ୟ ସଜଫୁଟା ଫୁଲ ପରି ଝଟକି ଉଠିଲା। ମନୋହର ଦାସ ମହାପ୍ରଭୁଙ୍କ ଖିରି ପ୍ରସାଦ ଖାଇ ତୃପ୍ତ ହେଲେ। ସେହି ସ୍ମୃତିରେ ମହାପ୍ରଭୁଙ୍କ ଏହି ପଦ୍ମବେଶ ଅନୁଷ୍ଠିତ ହେଉଛି ବୋଲି ଡ. ଦାଶ ପ୍ରକାଶ କରିଛନ୍ତି।

# ମୋ ସରକାରରେ ଶ୍ରମ ଓ କର୍ମଚାରୀ ବୀମା ବିଭାଗ

## ସରକାରୀ କାର୍ଯ୍ୟାଳୟରୁ ଶ୍ରମିକମାନେ ସୁଖଦ ଅନୁଭୂତି ନେଇ ନିଶ୍ଚିତ ଫେରିବେ: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୨୯।୧ (ବ୍ୟୁରୋ)**

ମୋ ସରକାରରେ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗକୁ ସାମିଲ କରାଯାଇଛି। ବୁଧବାର ଲୋକସେବା ଭବନଠାରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ଉତ୍ସବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହା ଘୋଷଣା କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ମୋ ସରକାରରେ ସାମିଲ ହେବା ପରେ ପ୍ରତ୍ୟେକ ଶ୍ରମିକ ଏହି କାର୍ଯ୍ୟାଳୟକୁ ଆସି ସୁଖଦ ଅନୁଭୂତି ନେଇ ଯିବେ। ବିଭିନ୍ନ ସ୍ତରରେ ଶ୍ରମିକମାନଙ୍କୁ ସଶକ୍ତ କରିବା ଦିଗରେ ଏହା ସହାୟକ ହେବ। ରାଜ୍ୟ ସରକାର ଏବଂ ଜନସାଧାରଣଙ୍କ ମଧ୍ୟରେ ବିଶ୍ୱାସକୁ ଦୃଢ଼ୀଭୂତ କରିବାରେ ମୋ ସରକାର ଏକ ମାଇଲଖୁଣ୍ଟ ଭାବେ କାର୍ଯ୍ୟ କରିବ। ସରକାରଙ୍କ ଏହି ନୂତନ ଉତ୍ତରଦାୟିତ୍ୱ ମଡେଲରେ ଲୋକମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ। ଜନସାଧାରଣଙ୍କର ବିକାଶ ଧାରାରେ ଶ୍ରମିକମାନେ ହେଉଛନ୍ତି ଏକ ମୁଖଶାଳା। ସେମାନଙ୍କର ଜୀବନ ସଂଘର୍ଷରେ ସମାଜ ସହାୟତାର ହାତ ବଢାଇବା ଦରକାର ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ରାଜ୍ୟ ସରକାରଙ୍କ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ହେଉଛି ଏକ ଯୁଗାନ୍ତକାରୀ ଯୋଜନା। ଯାହାକି ଶ୍ରମିକମାନଙ୍କୁ ସାମାଜିକ ସୁରକ୍ଷା ଯୋଗାଇ ଆସୁଛି। ନିୟୁତ ନିୟୁତ ଶ୍ରମିକଙ୍କୁ ଶିକ୍ଷା, ବିବାହ ଏବଂ ମାତୃତ୍ୱ ସହାୟତା ଯୋଗାଇ ଆସୁଛି। ମୋ ସରକାର ବିଭାଗର ବ୍ୟବସ୍ଥାକୁ ଆହୁରି ସୁଦୃଢ ଓ ପେସାଦାର କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକଟ କରିଛନ୍ତି। ପ୍ରତ୍ୟେକ ଶ୍ରମିକ ନିଜର ସ୍ୱାଭିମାନ ଅନୁଭବ କରି ପାରିବେ। ସରକାରୀ କାର୍ଯ୍ୟାଳୟକୁ ଆସି ସେମାନେ ଯେପରି ସୁଖଦ ଅନୁଭୂତି ନେଇ ଫେରିବେ ସେ ନେଇ ବିଭାଗ ଯତ୍ନବାନ ହେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ଏହି ଅବସରରେ ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀ କହିଛନ୍ତି ଯେ, ମୋ ସରକାର ସରକାରୀ କର୍ମଚାରୀଙ୍କୁ ଦୃଢ଼ ଭାବେ ବାନ୍ଧିବାରେ ସହାୟକ ହୋଇଛି। ପ୍ରତ୍ୟେକ ଅଧିକାରୀ ଏହି ଉଦ୍ୟମରେ ସଫଳ ମଧ୍ୟ ହୋଇଛନ୍ତି। ସରକାର ମଧ୍ୟ ଏହି ଯୋଜନାରେ ଜନସାଧାରଣଙ୍କ ଠାରୁ ଉତ୍ତମ ପରାମର୍ଶ ପାଇ ପାରିଛନ୍ତି। ୫-ଟି ସଚିବ ଭି.କେ. ପାଣ୍ଡିଆନ ଏହି ଅବସରରେ ନୂଆପଡ଼ା, ବରଗଡ଼, ସମ୍ବଲପୁର, ଜଗତ୍‌ସିଂହପୁର, ଗଜପତି ଏବଂ କଳାହାଣ୍ଡି ଜିଲାର ଜିଲା ଶ୍ରମ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଏହି ଅବସରରେ ସେ କହିଛନ୍ତି ଯେ, ସମସ୍ତ ଅଧିକାରୀ ମୋ ସରକାର ବିଷୟରେ ଭଲ ଭାବେ ଅବଗତ ଅଛନ୍ତି। ଜନସାଧାରଣଙ୍କ ଆଶା ଆକାଂକ୍ଷା ପୂରଣ କରିବା ବିଭିନ୍ନ ବିଭାଗର କର୍ମଚାରୀଙ୍କ ପାଇଁ ବଡ଼ ଚ୍ୟାଲେଞ୍ଜ ହୋଇଛି। କାରଖାନା ଓ ବାଷ୍ପିତ୍ର ବିଭାଗ ମଧ୍ୟ ଏ ଦିଗରେ କାର୍ଯ୍ୟ କରିବାକୁ ପାଣ୍ଡିଆନ ପରାମର୍ଶ ଦେଇଛନ୍ତି।

**ଫେବୃଆରୀ ୧ ତାରିଖରୁ ଲର୍ଣ୍ଣର ଲାଇସେନ୍ସ ଓ ଡ୍ରାଇଭିଂ ଲାଇସେନ୍ସ ଆବେଦନ ପାଇଁ Paper Document ଅନାବଶ୍ୟକ**

ଲର୍ଣ୍ଣିଙ୍ଗ ଲାଇସେନ୍ସ ଓ ଡ୍ରାଇଭିଂ ଲାଇସେନ୍ସ ଆବେଦନକାରିଙ୍କ ସୁବିଧା ତଥା ଓଡ଼ିଶା ସରକାରଙ୍କ 5T ଯୋଜନାର ସୁଫଳ ପାଇବା ପାଇଁ RTO ଅଫିସରେ ଦାଖଲ କରିବାକୁ ପଡୁଥିବା Paper Document ଏବେ online ମାଧ୍ୟମରେ ଗ୍ରହଣ କରାଯିବ।
ନିମ୍ନ ଲିଖିତ Paper Document ଗୁଡ଼ିକ online ମାଧ୍ୟମରେ ରେ upload କରିବାକୁ ପଡ଼ିବ :-
୧. ଫଟୋ ପରିଚୟ ପତ୍ର
୨. ଠିକଣା ପ୍ରମାଣ ପତ୍ର
୩. ଜନ୍ମ ତାରିଖ ପ୍ରମାଣ ପତ୍ର
୪. Declaration Form
୫. ଆବଶ୍ୟକ ସ୍ଥଳେ Medical Fitness Certificate

ଯଦି Adhar Card ରେ ଠିକଣା ଓ ଜନ୍ମ ତାରିଖ ସଠିକ୍ ଭାବରେ ଉଲ୍ଲେଖ ଥାଏ ତେବେ ଅନ୍ୟ କୌଣସି ପ୍ରମାଣପତ୍ର ଦେବାକୁ ପଡ଼ିବ ନାହିଁ।

**HOW TO UPLOAD DOCUMENTS FOR LEARNER LICENSE AND DRIVING LICENSE IN SARATHI**




- ପ୍ରତି Document Scan କରି PDF କିମ୍ବା JPG/JPEG format ରେ 200KB ରୁ କମ୍ file size ରେ upload କରିବାକୁ ପଡ଼ିବ।
- Document ସ୍ୱଷ୍ଟ ଦେଖାଯାଉଥିବା ଆବଶ୍ୟକ ନଚେତ୍ ଆପଣଙ୍କର ଦରଖାସ୍ତ verification ସମୟରେ ଫେରାଇ ଦିଆଯିବ।
- ଆବେଦନକାରି LL Test କିମ୍ବା DL Test ପାଇଁ ଆସିବାକୁ ଥିବା ଦିନରେ onlineରେ upload କରାଯାଇଥିବା Original Document verification ପାଇଁ ଆଣିବେ।
- LL ଆବେଦନକାରି Application form print out, ଶୁଳ୍କର ରସିଦ୍ (Fee Receipt), Test Appointment Slip ର କପି, ଫଟୋ ପରିଚୟ ପତ୍ର, ଠିକଣା ଓ ଜନ୍ମ ତାରିଖର କପି ଆଣିବାର ଆବଶ୍ୟକତା ନାହିଁ। LL ର ସମସ୍ତ କାମ ପାଇଁ ତାଙ୍କ mobile ରେ Test Appointment Slip ର Digital Copy ଦେଖାଇ ପାରିବେ।
- DL ଆବେଦନକାରିଙ୍କୁ Test Appointment Slip ର print copy ଆଣିବାକୁ ହେବ।
- ଯେଉଁମାନେ ଫେବୃଆରୀ ୧ ଆଗରୁ ଦରଖାସ୍ତ କରିଛନ୍ତି ଏବଂ Document upload କରିନାହାନ୍ତି ସେମାନେ Document ଗୁଡ଼ିକର Original ଏବଂ Photocopy ଆଣିବେ।

**ପରିବହନ ଆୟୁକ୍ତ, ଓଡ଼ିଶା**

For updates and alerts, follow us on www.facebook.com/OdishaSTA https://twitter.com/STAOdisha

ଓଡ଼ିଶା ରୋଡ୍ ସେଫ୍ଟି ସୋସାଇଟି

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଶୁଭଶ୍ରୀ
ପରିବାରବର୍ଗ


ସ୍ୱାତୀ
ପରିବାରବର୍ଗ


ମଣ୍ଟି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ପ୍ରଥମ ପୃଷ୍ଠାରୁ...

### ଦଶମ ଶ୍ରେଣୀ ପାଠ୍ୟକ୍ରମରେ...

ବାନ୍ଧି ଗାଡ଼ି ଚଳାଇବା ଆଦି ନିୟମ ପାଠ୍ୟକ୍ରମରେ ସ୍ଥାନ ପାଇବ। ଖାରବେଳ ଭବନଠାରେ ବୁଧବାର ଅନୁଷ୍ଠିତ ସୁପ୍ରିମକୋର୍ଟଙ୍କ ସଡ଼କ ସୁରକ୍ଷା କମିଟି ସମୀକ୍ଷା ବୈଠକରେ ଏନେଇ ଆଲୋଚନା ହୋଇଛି। ବୈଠକ ପରେ ପରିବହନ କମିଶନର ସଞ୍ଜୀବ ପଣ୍ଡା ଉପରୋକ୍ତ ପାଠ୍ୟକ୍ରମ ବିଷୟରେ ସୂଚନା ଦେଇଛନ୍ତି। ତେବେ ଆସନ୍ତାବର୍ଷ ପାଇଁ ପାଠ୍ୟକ୍ରମରେ କ'ଣ ବିଷୟ ବସ୍ତୁ ରହିବ ସେନେଇ ଚୂଡ଼ାନ୍ତ ହୋଇ ପୁସ୍ତକ ଛପା ସରିଛି। ତେଣୁ ସଡ଼କ ସୁରକ୍ଷା ବିଷୟ ପୁସ୍ତକରେ କିପରି ସାମିଲ ହେବ ସେନେଇ ଗଣଶିକ୍ଷା ବିଭାଗ ଚିନ୍ତା କରୁଛି। ଏନେଇ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି ଯେ, ଆସନ୍ତାବର୍ଷ ଲାଗି ପୁସ୍ତକ ଛପା ସରିଛି। ଏଥିରେ କିଭଳି ସଡ଼କ ସୁରକ୍ଷା ବିଷୟକୁ ସାମିଲ କରାଯିବ ସେନେଇ ବିଭାଗ ବିଚାର କରୁଛି।

ଅନ୍ୟପକ୍ଷରେ ୧୮ ବର୍ଷରୁ କମ୍ ପିଲାମାନେ ଗାଡ଼ି ଚଳାଇବା ନିଷେଧ ରହିଛି। ଏହାକୁ ଉଲ୍ଲଂଘନ କଲେ ଅଭିଭାବକଙ୍କଠାରୁ ମୋଟା ଅଙ୍କର ଜରିମାନା ଆଦାୟ କରାଯାଉଛି। ଏନେଇ ଜୋରଦାର ଚଢ଼ାଉ କରିବାକୁ କମିଟି ଗୁରୁତ୍ୱ ଦେଇଛି। ଏହାସହ ରାମେଶ୍ୱର ଠାରୁ ଚଣ୍ଡିଖୋଲ ଜାତୀୟ ରାଜପଥରେ ଇଣ୍ଟିଗ୍ରେଟେଡ ହାଇୱେ ମ୍ୟାନେଜମେଣ୍ଟ ସିଷ୍ଟମ ଲଗାଯିବ। ଏହାଦ୍ୱାରା ସିସିଟିଭି କ୍ୟାମେରା ମାଧ୍ୟମରେ ଦାୟିତ୍ୱହୀନ ଡ୍ରାଇଭରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ବ୍ୟବସ୍ଥା କରାଯାଇଛି। ଉଲ୍ଲଂଘନକାରୀଙ୍କ ନିକଟରେ ଆପେ ଆପେ ଚାଲାଣ ପହଞ୍ଚିଯିବ। ସେହିପରି ହାଇୱେ ପାଟ୍ରୋଲିଂକୁ ନେଇ ମଧ୍ୟ ଆଲୋଚନା କରାଯାଇଛି। ଦୁର୍ଘଟଣାସ୍ଥଳରେ କିପରି ତୁରନ୍ତ ଆମ୍ବୁଲାନ୍ସ ପହଞ୍ଚିବ ସେନେଇ ବୈଠକରେ ବିଶେଷ ଧ୍ୟାନ ଦିଆଯାଇଛି। ମିଳିଥିବା ସୂଚନା ମୁତାବକ, ନୂଆ ମୋଟର ଯାନ ଆଇନ ଲାଗୁ ହେବାପରେ ରାଜ୍ୟରେ ଗତ ସେପ୍ଟେମ୍ବରରୁ ବର୍ତ୍ତମାନ ସୁଦ୍ଧା ଦୁର୍ଘଟଣା ସଂଖ୍ୟା ହ୍ରାସ ପାଇଛି। ଏହା ମଧ୍ୟରେ ୧୦ହଜାର ନିଶାସକ୍ତ ଡ୍ରାଇଭରଙ୍କୁ ପୋଲିସ ଧରି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ବେଳେ ଆରଟିଓମାନେ ୧ହଜାର ନିଶାସକ୍ତଙ୍କୁ ଗାଡ଼ି ଚଳାଇବା ଅବସ୍ଥାରେ ଧରିଥିବା ଜଣାପଡ଼ିଛି।

### ପ୍ରଥମ ଶ୍ରେଣୀରୁ ସ୍ପୋକନ...

ଯାହା ୧ରୁ ୩ କିମି ପରିସର ମଧ୍ୟରେ ରହିଛି ସେଗୁଡ଼ିକୁ ମିଶାଇ ଦିଆଯିବ। ଏହାଦ୍ୱାରା ଶିକ୍ଷକ ଅଭାବଜନିତ ସମସ୍ୟା ଏବଂ ଶିକ୍ଷାଦାନ ପାଇଁ ଅନ୍ୟାନ୍ୟ ସୁବିଧା ସୁଯୋଗର ଅଭାବ ରହିବ ନାହିଁ। ଏ କ୍ଷେତ୍ରରେ ଅନ୍ୟ ସ୍କୁଲକୁ ସ୍ଥାନାନ୍ତରିତ ହେଉଥିବା ପିଲାଙ୍କୁ ଆରଟିଇ ଆକ୍ଟ ଅନୁଯାୟୀ ଏସ୍କର୍ଟ ଆଲାଉନ୍ସ ଦେବାର ବ୍ୟବସ୍ଥା କରାଯାଇଛି। ସେହିପରି ସ୍ଥାନାନ୍ତର ଭତ୍ତା ବାବଦରେ ସର୍ବାଧିକ ୫ହଜାର ଟଙ୍କା ଦିଆଯିବ। ସରକାରୀ ବିଦ୍ୟାଳୟ ନିକଟରେ ଥିବା ବ୍ଲକଗ୍ରାଣ୍ଟ, ଏଡେଡ୍, ନୂତନ ଏଡେଡ୍ ସ୍କୁଲଗୁଡ଼ିକୁ ମିଶାଇ ଦିଆଯିବ। ଏହାସହ ଠିକ୍‌ଭାବେ ଚାଲୁ ନ ଥିବା ବ୍ଲକଗ୍ରାଣ୍ଟ ସ୍କୁଲଗୁଡ଼ିକୁ ବନ୍ଦ କରିଦେବା ଏବଂ ଆବଶ୍ୟକତା ଭିତ୍ତିରେ ବ୍ଲକଗ୍ରାଣ୍ଟ ଓ ସରକାରୀ ଶିକ୍ଷକଙ୍କୁ ଡେପୁଟେଶନ ନିୟମ ଅନୁଯାୟୀ ନିୟୋଜିତ କରିବା ଲାଗି ନୀତ ପ୍ରଣୟନ ହେବ। ଫନୀ ଦ୍ୱାରା ପ୍ରଭାବିତ ୫ ଜିଲ୍ଲାର କ୍ଷତିଗ୍ରସ୍ତ ବ୍ଲକଗ୍ରାଣ୍ଟ ସ୍କୁଲରେ ଯଦି ଅଧିକ ପିଲା ପଢୁଥିବେ ତେବେ ସେ କ୍ଷେତ୍ରରେ ଉକ୍ତ ବିଦ୍ୟାଳୟଗୁଡ଼ିକର ମରାମତି, ରକ୍ଷଣାବେକ୍ଷଣ ଏବଂ ପୁନଃନିର୍ମାଣ ପାଇଁ ପାଣ୍ଠି ଯୋଗାଇ ଦିଆଯିବ। ଅନ୍ୟପକ୍ଷରେ ସ୍କୁଲ ଓ ଗଣଶିକ୍ଷା ବିଭାଗରେ ମୋ ସରକାର କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରାଯିବ। ଏଥିଲାଗି ଅଭିଭାବକମାନଙ୍କ ଫୋନ୍ ନମ୍ବରକୁ ଡିଜିଟାଇଜ୍ କରାଯିବ। ୫-ଟି କାର୍ଯ୍ୟକ୍ରମ ଅନୁସାରେ ଛାତ୍ରୀଛାତ୍ରମାନେ ଯେପରି ସେମାନଙ୍କ ସାର୍ଟିଫିକେଟ ଅନ୍‌ଲାଇନ ଯୋଗେ ପାଇପାରିବେ ସେଥିଲାଗି କର୍ତ୍ତୃପକ୍ଷମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଶିକ୍ଷକ ତାଲିମ ପ୍ରତିଷ୍ଠାନଗୁଡ଼ିକରେ ଉଚ୍ଚଶିକ୍ଷା ବିଭାଗରୁ ଅଧ୍ୟାପକ ନିଯୁକ୍ତି ପାଇଁ ଆବଶ୍ୟକ ପଦକ୍ଷେପ ନିଆଯାଇଥିବା ସରକାରଙ୍କ ତରଫରୁ ସୂଚନା ଦିଆଯାଇଛି।

### ମୁକେଶଙ୍କ ଆବେଦନ ...

ମାମଲାର ଅନ୍ୟତମ ଦୋଷୀ ଅକ୍ଷୟ ସିଂ ମଙ୍ଗଳବାର ସୁପ୍ରିମକୋର୍ଟରେ କ୍ୟୁରେଟିଭ୍ ପିଟିଶନ ଦାଏର କରିଛନ୍ତି। ଗୁରୁବାର ଅପରାହ୍ନ ଗୋଟାଏରେ ତାଙ୍କ ଆବେଦନର ଶୁଣାଣି କରାଯିବ। ୨୦୧୨ ଡିସେମ୍ବର ୧୬ ରାତିରେ ଦିଲ୍ଲୀରେ ଏକ ଚଳନ୍ତା ବସ୍‌ରେ ୬ ଅଭିଯୁକ୍ତ ୨୩ ବର୍ଷୀୟା ପାରାମେଡିକାଲ ଛାତ୍ରୀ ନିର୍ଭୟାଙ୍କୁ ଗଣବଳାତ୍କାର କରି ରାସ୍ତାକୁ ଫିଙ୍ଗି ଦେଇଥିଲେ। ପୀଡ଼ିତାଙ୍କୁ ସିଙ୍ଗାପୁରସ୍ଥିତ ମାଉଣ୍ଟ ଏଲିଜାବେଥ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ସେ ମୃତ୍ୟୁ ସହ ସଂଗ୍ରାମ କରି ଶେଷରେ ୨୯ ତାରିଖରେ ଆଖି ବୁଜିଦେଇଥିଲେ। ବସ୍ ଡ୍ରାଇଭର ରାମ ସିଂ ତିହାର ଜେଲରେ ଆତ୍ମହତ୍ୟା କରିଥିଲେ। ନାବାଳକ ଦୋଷୀ ୩ ବର୍ଷ ଜେଲଦଣ୍ଡ ଭୋଗିବା ପରେ ମୁକୁଳିଥିଲେ। ଏବେ ମୁକେଶ ସିଂ, ଅକ୍ଷୟ ସିଂ, ପବନ ବର୍ମା ଓ ବିନୟ ଶର୍ମାଙ୍କୁ ଫାଶୀଦଣ୍ଡରୁ ମୁକ୍ତକରିବା ପାଇଁ ସେମାନଙ୍କ ଓକିଲମାନେ ନାନା ଉପାୟ ଅବଲମ୍ବନ କରି ବିଫଳ ହେବାରେ ଲାଗିଛନ୍ତି।

# ଆଜିଠାରୁ ୪ ଦିନ ବନ୍ଦ ରହିବ ବ୍ୟାଙ୍କ

**ଭୁବନେଶ୍ୱର,୨୯।୧:** ଗୁରୁବାରଠାରୁ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକ ୪ ଦିନ ବନ୍ଦ ରହିବ। ଗୁରୁବାର ସରସ୍ୱତୀପୂଜା ଯୋଗୁ ବ୍ୟାଙ୍କ ଛୁଟି ରହିବ। ସେହିଭଳି ଶୁକ୍ରବାର ଏବଂ ଶନିବାର ବ୍ୟାଙ୍କଗୁଡ଼ିକର ମିଳିତ ସଂଘ ପକ୍ଷରୁ ଦୁଇ ଦିନ ଦେଶ ବ୍ୟାପି ଧର୍ମଘଟ ଡାକରା ଦିଆଯାଇଛି। ଏହି ସମୟରେ ବ୍ୟାଙ୍କ ସେବା ଲୋକଙ୍କୁ ଉପଲବ୍ଧ ହେବ ନାହିଁ। ଏହାବାଦ ରବିବାର ଛୁଟି ଯୋଗୁ ବ୍ୟାଙ୍କ ଖୋଲା ରହିବ ନାହିଁ। ଏହି ସପ୍ତାହରେ ଲଗାତର ୪ ଦିନ ବ୍ୟାଙ୍କ ବନ୍ଦ ରହୁଥିବାରୁ ଲୋକମାନେ ବିଭିନ୍ନ ବ୍ୟାଙ୍କିଙ୍ଗ ସେବା ଲାଭ କରିବାରେ ଅସୁବିଧା ସାମ୍ନା କରିବାର ଆଶଙ୍କା ଉପୁଜିଛି। ଏହି ସମୟରେ ଏଟିଏମ୍‌ରେ ଟଙ୍କା ଉପଲବ୍ଧ କରାଇବା ଦିଗରେ ବ୍ୟାଙ୍କଗୁଡ଼ିକ ପଦକ୍ଷେପ ନେଇଥିବା ସୂଚନା ରହିଛି। ହେଲେ ସବୁ ଏଟିଏମ୍‌ରେ ପର୍ଯ୍ୟାପ୍ତ ଟଙ୍କା ଉପଲବ୍ଧ ରହିବ କି ନାହିଁ ସେ ନେଇ ମଧ୍ୟ ଆଶଙ୍କା ଉପୁଜିଛି।

# ୩୧ରୁ ମୟୂରଭଞ୍ଜ ଉତ୍ସବ




**ଭୁବନେଶ୍ୱର,୨୯।୧(ବ୍ୟୁରୋ)**

- ଜମିବ ଛଉ ଓ ଝୁମର ନୃତ୍ୟ
- ମୁଢ଼ି ମାଂସ, ଦଲା ଖେଚୁଡ଼ିର ମଜା ନେବେ ଦର୍ଶକ
- ରହିବ ସ୍ୱତନ୍ତ୍ର ହସ୍ତତନ୍ତ ମେଳା

ଆସନ୍ତା ଜାନୁୟାରୀ ୩୧ରୁ ଫେବୃୟାରୀ ୨ ପର୍ଯ୍ୟନ୍ତ ଉତ୍କଳ ମଣ୍ଡପରେ ଆୟୋଜିତ ହେବ ମୟୂରଭଞ୍ଜ ଉତ୍ସବ। ରାଜଧାନୀ ଭୁବନେଶ୍ୱରରେ ମୟୂରଭଞ୍ଜର ପୁରାତନ କଳା ସଂସ୍କୃତି ସାଙ୍ଗକୁ ପ୍ରସିଦ୍ଧ ଛଉ ଓ ଝୁମର ନୃତ୍ୟ ଦେଖିବାର ସୁଯୋଗ ପାଇବେ ଦର୍ଶକ। କେବଳ ଏତିକି ନୁହେଁ, ମୟୂରଭଞ୍ଜ ଜିଲ୍ଲାର ପାରମ୍ପରିକ ଖାଦ୍ୟପେୟର ମଧ୍ୟ ମଜା ନେଇପାରିବେ। ମୟୂରଭଞ୍ଜ ସାଂସ୍କୃତିକ ସଂଘ ପକ୍ଷରୁ ହେବାକୁ ଥିବା ଏହି ତିନିଦିନିଆ ଉତ୍ସବରେ ପ୍ରାଚୀନ କଳା ସହ ଆଧୁନିକ ନୃତ୍ୟ ଏବଂ ଟେଲିଭିଜନ ଓ ଚଳଚ୍ଚିତ୍ର ଜଗତର ତାରକାମାନଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଏନେଇ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଅନୁଷ୍ଠାନ ପକ୍ଷରୁ ଓଡ଼ିଆ ଚଳଚ୍ଚିତ୍ର ଜଗତର ଲୋକପ୍ରିୟ ଅଭିନେତା ଉତ୍ତମ ମହାନ୍ତି ସୂଚନା ଦେଇଛନ୍ତି। ଦୀର୍ଘ ଆଠବର୍ଷ ଧରି ମୟୂରଭଞ୍ଜର ପୁରାତନ କଳା, ସଂସ୍କୃତି ଓ ଐତିହ୍ୟକୁ ରାଜଧାନୀରେ ପ୍ରଦର୍ଶନ କରିବା ଲାଗି ମୟୂରଭଞ୍ଜ ସାଂସ୍କୃତିକ ସଂଘ ପ୍ରତିବର୍ଷ ଏହି କାର୍ଯ୍ୟକ୍ରମ ଆୟୋଜିତ କରିଆସୁଛି। ଏଠାରେ ଦର୍ଶକ ବାରିପଦା ମୁଢ଼ି ମାଂସ, ଦଲା ଖେଚୁଡ଼ି, ରାମରୋଚକ ବରା ତରକାରି ଓ ଆରିସା ପିଠା ସହିତ ମୟୂରଭଞ୍ଜ ହସ୍ତତନ୍ତ ମେଳାର ଭରପୂର ମଜା ନେଇପାରିବେ ବୋଲି ଅନୁଷ୍ଠାନର ସାଧାରଣ ସମ୍ପାଦକ ଗୋକୁଳ ଚନ୍ଦ୍ର ଦାସ କହିଛନ୍ତି। ମୟୂରଭଞ୍ଜ ଜିଲ୍ଲାର କଳାକାରମାନଙ୍କୁ ରାଜ୍ୟ ରାଜଧାନୀରେ ଏକ ଉତ୍କୃଷ୍ଟ ମଞ୍ଚ ଯୋଗାଇଦେବା ଏବଂ ଲୁକ୍କାୟିତ ପ୍ରତିଭାଙ୍କୁ ଲୋକଲୋଚନକୁ ଆଣିବା ଲକ୍ଷ୍ୟରେ ସଂଘ ଏହି ଉତ୍ସବ ପାଳନ କରୁଥିବା ଖବରଦାତା ସମ୍ମିଳନୀରେ ଉପସ୍ଥିତ ଉତ୍ସବ କମିଟି ଅଧ୍ୟକ୍ଷ ଅରୁଣ ରଥ, ସିନେ କଳାକାର ଅଜିତ୍ ଦାସ, ସୁକାନ୍ତ ରଥ, ଲେଖକ ଚିନ୍ମୟ ଦାସ ପଟ୍ଟନାୟକ, ପ୍ରଯୋଜକ ପ୍ରଫୁଲ୍ଲ ମହାନ୍ତି, ଅଶୋକ ବାସା ଓ କୋଷାଧ୍ୟକ୍ଷ ଅଶୋକ କୁମାର ପଣ୍ଡା ପ୍ରମୁଖ କହିଥିଲେ।

# ଆଜି ହାଲୁକା ବର୍ଷା, କୁହୁଡ଼ି

**ଭୁବନେଶ୍ୱର, ୨୯।୧(ବ୍ୟୁରୋ)**

ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟର କେତେକ ସ୍ଥାନରେ ହାଲୁକା ବର୍ଷା ସାଙ୍ଗକୁ ପ୍ରବଳ କୁହୁଡି ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ମୟୂରଭଞ୍ଜ, ଭଦ୍ରକ, ବାଲେଶ୍ୱର, କେନ୍ଦ୍ରାପଡା, ଜଗତ୍‌ସିଂହପୁର ଜିଲାର କେତେକ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ଉତ୍ତର ଓଡ଼ିଶା ଏବଂ ଖୋର୍ଦ୍ଧା, ପୁରୀ, ନୟାଗଡ଼, କନ୍ଧମାଳ, କଳାହାଣ୍ଡି, ନୂଆପଡ଼ା, ବଲାଙ୍ଗୀର ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ତେବେ ଏହି ସମୟରେ ସୁନ୍ଦରଗଡ଼, ଝାରସୁଗୁଡ଼ା, ଅନୁଗୋଳ, କେନ୍ଦୁଝର, ଯାଜପୁର, ଭଦ୍ରକ, ଢେଙ୍କାନାଳ, କନ୍ଧମାଳ, ସୁବର୍ଣ୍ଣପୁର ଏବଂ ବଲାଙ୍ଗୀର ଜିଲାର କେତେକ ସ୍ଥାନରେ ଘନକୁହୁଡି ହେବ ବୋଲି ପୂର୍ବାନୁମାନ କରାଯାଇଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ଏଲୋଓ୍ୱାର୍ଣିଂ ଜାରି କରାଯାଇଛି।

ମେଘୁଆ ପାଗ ଯୋଗୁ ରାଜ୍ୟରେ ପାରଦ ଉପର ମୁହାଁ ହୋଇଛି। ସର୍ବୋଚ୍ଚ ଏବଂ ସର୍ବନିମ୍ନ ତାପମାତ୍ରାରେ ହଠାତ୍ ୪ରୁ ୫ ଡିଗ୍ରୀ ସେଲ୍‌ସିୟସ ବୃଦ୍ଧି ପାଇଛି। ବୁଧବାର ପୁରୀରେ ସର୍ବନିମ୍ନ ତାପମାତ୍ରା ୨୨.୫ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ଛତ୍ରପୁର ୨୨, ଭୁବନେଶ୍ୱର ୨୧.୪, ପାରଳାଖେମୁଣ୍ଡି ୨୦.୨, ହୀରାକୁଦ ୧୮.୩, ଭବାନୀପାଟଣା ୧୯, କେନ୍ଦୁଝର ୧୮, ସମ୍ବଲପୁର ୧୮, ଗୋପାଳପୁରରେ ସର୍ବନିମ୍ନ ତାପମାତ୍ର ୧୯.୮ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ସେହିପରି ପାରଳାଖେମୁଣ୍ଡିରେ ରାଜ୍ୟର ସର୍ବାଧିକ ତାପମାତ୍ରା ୩୩.୧ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ଭୁବନେଶ୍ୱର ୩୩, ରାୟଗଡ଼ା ୩୧.୫ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି।

### କିଛି ତଥ୍ୟ

ବର୍ତ୍ତମାନ ସୁଦ୍ଧା ରେଳପଥର ୨୨,୦୦୦ ୱାଗନ ଏବଂ ୧୨୦୦ କୋଚ୍‌ରେ ରେଡିଓ ଫ୍ରିକ୍ୱେନ୍ସି ଆଇଡେଣ୍ଟିଫିକେଶନ ଟ୍ୟାଗ୍ ଲଗାଯାଇଛି।

– ରେଳ ମନ୍ତ୍ରଣାଳୟ

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ସକାଳୁ ସକାଳୁ ଶୁଭଖବର, ବନ୍ଧୁଙ୍କ ନିମନ୍ତ୍ରଣ, ନୂତନ ବସ୍ତ୍ରଭୂଷଣ, ବନ୍ଧୁମିଳନ ଜନିତ ଖୁସି ଅନୁଭବ କରିବେ। ରବି ଚତୁର୍ଥାଧିପ ଚନ୍ଦ୍ରକ୍ଷେତ୍ରସ୍ଥ ଯୋଗୁ ପ୍ରତ୍ୟେକ କ୍ଷେତ୍ରରେ ଯାହା ଚିନ୍ତା କରୁଛନ୍ତି ଠିକ୍ ସେପରିହିଁ ହୋଇପାରିବ। ଭଲ ସମ୍ପର୍କ ନଥିବା ବନ୍ଧୁମାନେ ଖାଲରେ ପକାଇବାକୁ ଚେଷ୍ଟାକଲେ ମଧ୍ୟ ସଫଳ ହେବେ ନାହିଁ। ପରୋକ୍ଷ ଶତ୍ରୁତା ଲାଗି ରହିପାରେ।

**ବୃଷ** କର୍ମସ୍ଥ ଶୁକ୍ର ପ୍ରଭାବରୁ ଆପଣଙ୍କ ଉଦ୍ଦେଶ୍ୟ ଯଥାବିଧି ସମ୍ପନ୍ନ ହେବା ସହ ମଜାମଉଜରେ ସମୟ କଟାଇବେ। ଆକସ୍ମିକ ଭାବରେ କୃତ୍ତିକା ନକ୍ଷତ୍ର ଶୁଣାକଥାକୁ ବିଶ୍ୱାସ କରି ହଠାତ୍ ଯାତ୍ରା କରିବାକୁ ପଡିପାରେ। ଜମିଜମା କାରବାର, ରାଜନୀତି, ଆନୁଷ୍ଠାନିକ କାମରେ ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେବାର ସୂଚନା ରହିଛି।

**ମିଥୁନ** ଚନ୍ଦ୍ରଙ୍କ ଶୁଭ ସଂସ୍ଥିତିରୁ ଆର୍ଥିକ ସ୍ଥିତି ଓ ପାରିବାରିକ ପରିସ୍ଥିତି ପ୍ରାୟତଃ ଭଲ ରହିବ। ବିବାଦୀୟ ପରିସ୍ଥିତି କିମ୍ବା କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ଆଜିର ବ୍ୟବସାୟରେ ଆଖିଦୃଶିଆ ସଫଳତା ହାସଲ କରିପାରିବା ସହ ବକେୟା ଅର୍ଥ ପାଇ ଖୁସି ହେବେ। କୌଣସି ଆଲୋଚନା ପ୍ରସଙ୍ଗରେ ଭାବପ୍ରବଣତାରୁ ମନୋବଳ ହ୍ରାସ ପାଇପାରେ।

**କର୍କଟ** ପାପଗ୍ରହ ମଧ୍ୟସ୍ଥ ରାଶ୍ୟାଧିପ କାରଣରୁ ସ୍ୱାସ୍ଥ୍ୟ ସମସ୍ୟା, ଅର୍ଥ ସଂକଟ ଓ ଏକାଧିକ କାମରୁ ମାନସିକ ଚାପଗ୍ରସ୍ତ ହୋଇପାରନ୍ତି। କେହି ନିଜ ଲୋକ ଜଣେ ହଇରାଣରେ ପକାଇବାକୁ ଚେଷ୍ଟା କରିବେ। ପରୋକ୍ଷ ଶତ୍ରୁତା କାରଣରୁ ବିଭିନ୍ନ କ୍ଷେତ୍ରରୁ ଅଭିଯୋଗ ଆସିପାରେ, ତଥାପି ପ୍ରତ୍ୟେକ କ୍ଷେତ୍ରରେ ଆଶଙ୍କା ଅପରାହ୍ନେ ଦୂର ହେବ।

**ସିଂହ** ମଙ୍ଗଳଙ୍କ କୁପ୍ରଭାବରେ କାର୍ଯ୍ୟାରମ୍ଭର ଶେଷ ପର୍ଯ୍ୟାୟରେ ବିଭିନ୍ନ ପ୍ରକାରର ସମସ୍ୟା ଜାଲରେ ଛନ୍ଦି ହୋଇ ପାରନ୍ତି। ପରକଥାରେ ପଡି ନିଜ ଲୋକଙ୍କୁ ଭୁଲ୍ ବୁଝିବେ, ଯାହାକି ନୂତନ ସମସ୍ୟା ସୃଷ୍ଟି ହେବାର ସୂଚନା ରହିଛି। ଶନିଙ୍କ କୁପ୍ରଭାବ କ୍ରମଶଃ ଦୂରେଇ ଯାଉଥିବାରୁ କାମ କରି ଚାଲିବେ ଏବଂ ପାରିବାରିକ ସ୍ଥିତି ପୂର୍ବପରି ଶାନ୍ତ ରହିବ।

**କନ୍ୟା** ଗ୍ରହମାନଙ୍କ ଶୁଭ ପ୍ରଭାବରେ ବନ୍ଧୁମାନଙ୍କ ପ୍ରେରଣାରେ ନୂତନ ଉତ୍ସାହ ଓ ଉଦ୍ଦୀପନା ମଧ୍ୟରେ ପ୍ରତ୍ୟେକ କାମ ସମ୍ପନ୍ନ କରିବେ। କିନ୍ତୁ କର୍ମକ୍ଷେତ୍ରରେ ଫାଇଲ୍ କାମ ବୃଦ୍ଧି ପାଇପାରେ। ଶତ୍ରୁତା କରୁଥିବା ବ୍ୟକ୍ତିମାନେ ଆଗରେ ନ ହେଲେ ମଧ୍ୟ ପଛରେ ନାନାଦି କଥା କହିବେ। ସ୍ୱାସ୍ଥ୍ୟରେ ସାମାନ୍ୟ ବ୍ୟତିକ୍ରମ ଦେଖାଦେବ ।

**ତୁଳା** ଶନିଙ୍କ ସ୍ୱଗୃହ ମଣ୍ଡନରୁ ଧାର୍ମିକ କାର୍ଯ୍ୟରେ ବନ୍ଧୁମିଳନ, ସାମାଜିକ ପ୍ରତିଷ୍ଠା ଏବଂ ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧ୍ୟଲାଭ କରିବେ। ସ୍ୱାତୀ ନକ୍ଷତ୍ର ସାଧାରଣ ବଚସା ହେତୁ କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ସାମାନ୍ୟ ତିକ୍ତତା ସୃଷ୍ଟି ହେବାର ସୂଚନା ରହିଛି । ବାଣିଜ୍ୟ, ପରିବହନ ଓ ବ୍ୟବସାୟରେ ମଧ୍ୟ ଶିଥିଳତା ଦେଖାଦେଲେ ମଧ୍ୟ ମନ୍ଦ ହେବନି।

**ବିଛା** ଆକସ୍ମିକ ପରିବର୍ତ୍ତିତ ପରିସ୍ଥିତିରେ ପୂର୍ବ ସଙ୍କଟ ଦୂରେଇଯିବା ସହ ବନ୍ଧୁ ନିକଟରୁ ଉତ୍ତମ ବ୍ୟବହାର, ସ୍ନେହ, ସହାନୁଭୂତି ପାଇ ଖୁସି ହେବେ। ଅନୁରାଧା ନକ୍ଷତ୍ର କେତେକ କ୍ଷେତ୍ରରେ ଇଚ୍ଛା ନ ଥାଇ ମଧ୍ୟ ବାଧ୍ୟବାଧକତାରେ ବହୁତ ଟଙ୍କା ଖର୍ଚ୍ଚକରି ଦୁଃଖିତ ହେବେ। ଯାତ୍ରା ସମୟରେ ହାତ କିମ୍ବା ଗୋଡ଼ରେ ଆଘାତ ଲାଗିପାରେ।

**ଧନୁ** ଚନ୍ଦ୍ରଙ୍କ ଶୁଭ ପ୍ରଭାବରେ ଦୀର୍ଘଦିନରୁ ବନ୍ଧୁଙ୍କ ସହ ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡି ହୋଇଯିବ। କଳା, ସାହିତ୍ୟ, ଆଲୋଚନା ଓ ପ୍ରତିଯୋଗିତା କ୍ଷେତ୍ରରେ ଅର୍ଥ, ସମ୍ମାନ ଓ ପ୍ରଶଂସା ପାଇପାରନ୍ତି। ଶିଳ୍ପ, ବ୍ୟବସାୟ ଓ ପରିବହନରେ ଉନ୍ନତି କରିବେ ଓ କୌଣସି ନୂତନ କର୍ମାରମ୍ଭ ପାଇଁ ମନ ବଳାଇବେ। ପଡୋଶୀଙ୍କ ସହାୟତାରେ ପାରିବାରିକ ସମସ୍ୟାର ସମାଧାନ ଘଟିବ।

**ମକର** ବନ୍ଧୁଙ୍କୁ କୌଣସି ବିବାଦୀୟ କଥା କହିଥିବା କାରଣରୁ ଭାବପ୍ରବଣତାବଶତଃ ମନଟା ଭଲ ଲାଗିବ ନାହିଁ। ଶ୍ରବଣା ନକ୍ଷତ୍ର ଉପର ମନରେ ଭଲ କଥା କହୁଥିଲେ ମଧ୍ୟ ନିଜ ସୁବିଧାକୁ ପ୍ରାଧାନ୍ୟ ଦେଇ ଅସୁବିଧାରେ ପକାଇପାରନ୍ତି। ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ, ମାତ୍ର ନିଷ୍ପତ୍ତି ଅମୀମାଂସିତ ରହିପାରେ। ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ ।

**କୁମ୍ଭ** ନିଜ ଲୋକମାନଙ୍କ ଦ୍ୱାରା ପ୍ରତିରୋଧ ସୃଷ୍ଟି ହେଲେ ମଧ୍ୟ ମଧୁର କଥା କହି ସେମାନଙ୍କ ଦ୍ୱାରା ସହଜରେ କାମ ହାସଲ କରିବେ। ଗତକାଲିର ଆଲୋଚନା ଅନୁଯାୟୀ ଆଜିର କାମଗୁଡିକ ସବୁ ଠିକ୍‌ଠିକ୍ ହୋଇଯିବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିପାରନ୍ତି। ସାମାଜିକ ସ୍ତରରେ ସମ୍ମାନନୀୟ ବ୍ୟକ୍ତିବିଶେଷଙ୍କ ସହାୟତା ପାଇବେ।

**ମୀନ** ରାଶିରେ ଚନ୍ଦ୍ର ଆପଣଙ୍କ ପୂର୍ବପରିକଳ୍ପିତ ଯୋଜନାକୁ ବାସ୍ତବତାରେ ପରିଣତ କରିବ। ବିଶିଷ୍ଟ ବ୍ୟକ୍ତିମାନଙ୍କ ପରାମର୍ଶକ୍ରମେ ଆଜିର କାମଗୁଡିକ ସବୁ ଠିକ୍‌ଠିକ୍ ହୋଇଯିବ। ଆକସ୍ମିକ ଭାବରେ ବିଶେଷ କାରଣରୁ ଗସ୍ତ କାର୍ଯ୍ୟକ୍ରମ ବାତିଲ ହୋଇପାରେ। ଧାର୍ମିକ କାର୍ଯ୍ୟ, ବନ୍ଧୁ ସହଯୋଗ, ଯାତ୍ରା, ବାଣିଜ୍ୟ, ନୂତନ କର୍ମାରମ୍ଭ ଯୋଗୁ ଦିନଟି ସ୍ମରଣୀୟ ରହିବ।

ଆଜି ଜାନୁୟାରୀ ୩୦ ତାରିଖ ଗୁରୁବାର, ଶ୍ରୀପଞ୍ଚମୀ, ବିଦ୍ୟାଦାତ୍ରୀ ସରସ୍ୱତୀଙ୍କ ପୂଜା, ଶ୍ରୀମନ୍ଦିରରେ ବସନ୍ତୋତ୍ସବ, ବସନ୍ତ ଗୁଣ୍ଡିଚା ଯାତ୍ରା,ମାଦଳାପାଞ୍ଜି ପୂଜା, ରଥକାଠ ଅନୁକୂଳ ପୂଜା, ଗୃହାରମ୍ଭ, ଗୃହ ଏବଂ ଦେବତାଦି ପ୍ରତିଷ୍ଠା, ଜାତିରଜନକ ମହାମାନବ ମହାତ୍ମାଗାନ୍ଧୀଙ୍କ ତିରୋଧାନ ଦିବସ, ସର୍ବୋଦୟ ଦିବସ, ଶହୀଦ ଦିବସ, କବିସମ୍ରାଟ୍ ଉପେନ୍ଦ୍ର ଭଞ୍ଜ ଓ ଭକ୍ତକବି ମଧୁସୂଦନ ରାଓଙ୍କ ଜୟନ୍ତୀ,ସ୍ୱାମୀ ଶିବାନନ୍ଦ ଜୟନ୍ତୀ, ଅଦ୍ୟ ବ୍ରତୋପନୟନ, ବିବାହ ପାଣିଗ୍ରହଣ,ଦୀକ୍ଷା ଗ୍ରହଣ,ବାଣିଜ୍ୟକରଣ ପାଇଁ ଶୁଭଦିନ। ରାଶିନକ୍ଷତ୍ର-ଉତ୍ତର ଭାଦ୍ରପଦ୍/ମୀନ, ଧନୁରାଶିର ଘାତଚନ୍ଦ୍ର, ୫ମୀର ଏକୋଦ୍ଦିଷ୍ଟ ଶ୍ରାଦ୍ଧ।

## classifieds Everyday 0674-2580101, 2549302

real estate

**SALE**

**Bhubaneswar Patia KIIT University ନିକଟରେ BDA yellowzone plot 30'road, electricity boundary ଥାଇ sqft.-850/-,1000/-(installment/outrightରେ) ମିଳୁଅଛି। 9937025614, 7008390130.** D-68480

Finished Simplex, 2BHK- 33,00,000/, 1BKH- 23,00,000/, near Hanspal, 8908015464, 9853347909. D-68483

**Gharabari plots at Balianta, Bhingarpur and Bagalpur. Immediate possession & registration, contact-9437147826.** D-16323

ମଙ୍ଗୁଳି ଛକ ଶାଳଗାଁ ଷ୍ଟେସନ୍ ପାଖରେ 1200sqft. 3,50,000. Contact: 8908492594. D-16256

**Litigation free, boundarywall, electricity provides plots sale @ Pahala, Hanspal, Phulnakhara, Balianta. Finance available: 9040011888, 9439471272.** D-16257

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

Khandagiri to Dhauli bypass ଦୟାନଦୀ ବନ୍ଧରୁ Revenue ରାସ୍ତାଥାଇ 10,00,000/-ରେ Registration, Electry ସହିତ 6ଟି ସ୍ଥିତିବାନ ପ୍ଲଟ୍ ବିକ୍ରିହେବ। 9777236619. D-16430

ଭୁବନେଶ୍ୱର ହଂସପାଳଛକଠାରୁ **4k.m** ଦୂରତାରେ **30'** ପିଚୁରୋଡ଼କୁ ଲାଗି ଘରବାରି ପାଚେରି ପ୍ଲଟ ବେଣୁପୁର ପେଟ୍ରୋଲ ପମ୍ପ ପାଖରେ **@ 10,80,000/-, 9437033320.** D-68479

ଭୁବନେଶ୍ୱର ହଂସପାଳଛକରୁ **1.2km.** ଦୂରତାରେ ଘରବାରି **yellowzone plot 1750sqft**କୁ **30,00,000/-** ମୌଜା- ହରିଦାସପୁର **9937025111.** D-68484

**GENERAL SALE**

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-68452

healthcare

Rejuvenate and ayurvedic full body massage by smart therapist. 9114402304. D-68946

Full body massage with expert therapy gents & ladies 9090377418. D-59944

Refresh your mind and soul with best therapy at Orchid Salon/Spa. 9937287222. D-68767

Sai herbal spa refresh your body with smart, expert therapist. 7608062524. D-68971

Full body herbal massage with refreshment expert therapist. 7381239385, 06742540855. D-68972

Experience full body massage with us (expert). Call: 7377048581, 06742597822. D-68973

Herbal full body massage by smart / expert therapist. Contact: 8338067247. D-68974

Experience winter therapeutic Abhyanga massage feeling refreshing energetic: Appointment-9668374480. D-68975

Newly open SPA Station 3rd floor, Big Bazar, Nayapalli. 7655024727, 8118079281. D-68764

Refresh your body with smart and expert therapist. Contact: 8457855286. D-68978

Ayurvedic full body massage ladies and gents. Contact: 9861064981. D-68769

Joint pain ଓ full body massage ପାଇଁ home service ଚାହୁଁଛନ୍ତି କି? Contact କରନ୍ତୁ: 8456835401. D-16454

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

business

ଅଗରବତୀ ଓ paper plate ବ୍ୟବସାୟ କରିବାକୁ ଚାହୁଁଛନ୍ତି କି? Contact କରନ୍ତୁ: 6371473848. D-16455

ସ୍ୱଳ୍ପ ବିନିଯୋଗ କରି ପେପରପ୍ଲେଟ୍, ଧୂପକାଠି ଉଦ୍ୟୋଗ ମାଧ୍ୟମରେ ଉତ୍ତମ ରୋଜଗାର କରନ୍ତୁ। 9337336614, 8118081112. D-68547

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରୋ ରଙ୍ଗୀନ ଟ୪୨୦/- ରୋ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**ପ୍ରଥମ ଜନ୍ମଦିନ ଶୁଭେଚ୍ଛା**



**ସ୍ୱାତୀ ଇର୍ଷିତା (ଶ୍ରୀ)**
ଗ୍ରାମ- ଖରିବିଲ, ଏରଞ୍ଚ, କଟକ

ତୋର ପ୍ରଥମ ଜନ୍ମଦିନରେ ଆମେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁକି ଠାକୁର ତୋତେ ଦୀର୍ଘାୟୁ କରନ୍ତୁ ଓ ସର୍ବଦା ତୋ ଚଲାପଥକୁ କୁସୁମିତ କରନ୍ତୁ ।
-:ଶୁଭେଚ୍ଛା ସହ:-
ସେନାପତି ପରିବାର ।
ଧ-୧୬୪୫୩

**ଜନ୍ମଦିନ ଶୁଭେଚ୍ଛା**



**ମଣ୍ଟି ମିଲନ୍ ବିଶ୍ୱାଳ (କାହ୍ନା)**
ବମିଖାଲ, ଭୁବନେଶ୍ୱର

ଆଜି ତୋର ଏହି ୧୬ତମ ଜନ୍ମଦିନ ଅବସରରେ ମା'ଦୁର୍ଗା ତୋତେ ଦୀର୍ଘାୟୁ କରି ତୋର ଭବିଷ୍ୟତ ସୁଖମୟ କରିବା ପାଇଁ ଆଶିଷ ପ୍ରଦାନ କରନ୍ତୁ । ଶୁଭେଚ୍ଛା ଓ ଶୁଭକାମନା ସହ:- ତୋର ଜେଜ ଅଦ୍ୱୈତ ଚରଣ ବିଶ୍ୱାଳ, ଜେଜୀ- ଗୋମତୀ, ବାପା- ରଞ୍ଜନ, ବାଙ୍ଗଲ ବାପା- ପ୍ରସନ, ଓକିଲ ବାପା- ରାକେଶ, ମମି- ବୈଜୟନ୍ତୀବାଳା, ଛୋଟମମି- ସଂଘମିତ୍ରା, ଟିକିମମି- ରମିତା, ଦିଦି- ନେହା, କୁନ୍ଦୁ, ରିଙ୍କି, ଗୋଲ୍ଡି, ଛୋଟ ଭଉଣୀ- ମୁନୁ ଓ ପରିବାରବର୍ଗ।
ଧ-୬୭୪୦୩

**ନିରୁଦ୍ଦିଷ୍ଟ**



ନାମ: ହାରାମଣୀ ପୃଷ୍ଟି, ବୟସ-୬୨ । ସେ ଗତ ତା.୨୬।୦୧।୨୦୨୦ରିଖରୁ ଦିନ ୩ଘଟିକାରୁ Utkal University, Vanivihar, କ୍ୱାର୍ଟର ନଂ.G-40ରୁ ନିଖୋଜ ଅଛନ୍ତି। ଗଲାବେଳେ ସେ ଗୋଲାପୀ ରଙ୍ଗର ଶାଢ଼ି ଓ ନାଲି ରଙ୍ଗର ବ୍ଲାଉଜ୍ ପିନ୍ଧିଥିଲେ। ଯଦି କୌଣସି ସହୃଦୟ ବ୍ୟକ୍ତି ତାଙ୍କୁ ପାଆନ୍ତି, ଜଣାଇବାକୁ ଅନୁରୋଧ। 8658402510, 7377551041, 9178626979.
ଧ-୧୬୪୫୨



## ଜିଲ୍ଲା ଚିଠି
### ଝାରସୁଗୁଡ଼ା

## ପାଉଁଶ ପ୍ରଦୂଷଣ

ଜିଲ୍ଲାରେ କୋଇଲାକୁ ଜାଳେଣି ଭାବେ ବ୍ୟବହାର କରୁଥିବା ଅନେକ ଶିଳ୍ପାନୁଷ୍ଠାନ ରହିଛି। ଏହି ଶିଳ୍ପାନୁଷ୍ଠାନରୁ ପ୍ରତିଦିନ ରାସାୟନିକ ମିଶ୍ରିତ ଶହ ଶହ ଟନ ପାଉଁଶ (ଫ୍ଲାଏଆଶ୍) ବାହାରୁଛି। ସେହି ପାଉଁଶ ଏବେ ଶିଳ୍ପାନୁଷ୍ଠାନଗୁଡ଼ିକ ପାଇଁ ବୋଝ ପାଲଟିଥିବା ବେଳେ ଜିଲାବାସୀ ପ୍ରଦୂଷଣର ବିଷବଳୟ ଭିତରେ ଘାଣ୍ଟି ହେଉଛନ୍ତି। ଶିଳ୍ପାନୁଷ୍ଠାନଗୁଡ଼ିକ କାରଖାନାରୁ ନିର୍ଗତ ପାଉଁଶକୁ ଶତପ୍ରତିଶତ ଉପଯୋଗ କରିବାରେ ସକ୍ଷମ ହୋଇନାହାନ୍ତି। ଏଥିପାଇଁ ପ୍ରାୟ ୮୦ରୁ ୯୦ ପ୍ରତିଶତ ପାଉଁଶକୁ ନିଜସ ଆଶ୍‌ପଣ୍ଡଗୁଡ଼ିକରେ ଠୁଳ କରୁଛନ୍ତି। ବାକି ୧୦ରୁ ୨୦ ପ୍ରତିଶତ ପାଉଁଶକୁ ପ୍ରତିଦିନ ଉପଯୋଗ ପାଇଁ ପରିବହନ ସଂସ୍ଥା ଜରିଆରେ ବିଭିନ୍ନ ନିର୍ମାଣାଧୀନ ପ୍ରକଳ୍ପ, ଖାଲୁଆ ଜମି ଓ ଇଟା କାରଖାନାଗୁଡ଼ିକୁ ପଠାଉଛନ୍ତି। ପାଉଁଶ ଉପଯୋଗର ଏତାଦୃଶ ନିୟମିତ ପ୍ରକ୍ରିୟା ଯୋଗୁ ପ୍ରଦୂଷଣ ମାତ୍ରା ବଢ଼ି ଚାଲିଛି। ନଦୀ, ନାଳ ଓ ଚାଷଜମି କ୍ଷତିଗ୍ରସ୍ତ ହେଉଛି। ଜୀବଜଗତ ଓ ଜଳଚର ପ୍ରାଣୀ ରୋଗଗ୍ରସ୍ତ ହେଉଛନ୍ତି। ଏପରି କି ପାଉଁଶ ପଡୁଥିବା ସ୍ଥାନରେ ସବୁଜିମା ସୃଷ୍ଟିର ଆଶା ମଉଳି ଯାଉଛି। କମ୍ପାନୀଗୁଡ଼ିକର ଏତାଦୃଶ ପାଉଁଶ ଉପଯୋଗ ବ୍ୟବସ୍ଥା ଦ୍ୱାରା କିଛି ପରିବହନ ସଂସ୍ଥା ଲାଭାନ୍ୱିତ ହେଉଛନ୍ତି। ମାତ୍ର ସାଧାରଣ ଲୋକେ ପାଉଁଶ ସଂସ୍ପର୍ଶରେ ଆସି ବିଭିନ୍ନ ପ୍ରକାର ଶ୍ୱାସ ଓ ଚର୍ମଜନିତ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଏଥିପାଇଁ ବିଭିନ୍ନ ସମୟରେ ଜନଅସନ୍ତୋଷ ସୃଷ୍ଟି ହେଉଛି। ଲୋକେ ବେଆଇନ ପାଉଁଶ ପରିବହନକୁ ବିରୋଧ କରି ଆନ୍ଦୋଳନ ପାଇଁ ରାଜରାସ୍ତାକୁ ଓହ୍ଲାଉଛନ୍ତି। ୨ବର୍ଷ ତଳର କଥା। ଏକ ଶିଳ୍ପାନୁଷ୍ଠାନର ପାଉଁଶ ପୋଖରୀ ଭାଙ୍ଗିଯିବା ଓ ଚାଷଜମି କ୍ଷତିଗ୍ରସ୍ତ ହେବାକୁ ନେଇ ଝାରସୁଗୁଡ଼ାରେ କାତିକେଲା ଗ୍ରାମବାସୀ ଆନ୍ଦୋଳନକୁ ଓହ୍ଲାଇଥିଲେ। ଏବେ ଅନ୍ୟ ଏକ ଶିଳ୍ପାନୁଷ୍ଠାନର ପାଉଁଶ ପୋଖରୀ ନିର୍ମାଣକୁ ନେଇ ଲଖନପୁର ବ୍ଲକ ତିଲିଆ ମୌଜା ଅନ୍ତର୍ଗତ ସଂସରାଟିକିରା ଗ୍ରାମବାସୀ ବିରୋଧ କରିଆସୁଛନ୍ତି। ଗାଁର ଏକ ସ୍ୱୟଂ ସହାୟିକା ଗୋଷ୍ଠୀ ପାଉଁଶ ପ୍ରଦୂଷଣଜନିତ ସମସ୍ୟାକୁ ନେଇ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ (ଏନ୍‌ଜିଟି)ର ଦ୍ୱାରସ୍ଥ ହୋଇଛି। ପୂର୍ବରୁ ଜନବସତି ଅଞ୍ଚଳରେ ବେଆଇନ ପାଉଁଶ ପକାଯିବାକୁ ନେଇ ଝାରସୁଗୁଡ଼ା ବ୍ଲକର ବିଭିନ୍ନ ସ୍ଥାନରେ ବ୍ୟାପକ ଜନଅସନ୍ତୋଷ ଦେଖିବାକୁ ମିଳିଥିଲା। ଏବେ ପାଉଁଶ ଚାଲାଣ ଯୋଗୁ ବ୍ରଜରାଜନଗର ପୌରାଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢି ଚାଲିଛି। ଅଞ୍ଚଳବାସୀ ଜନବସତି ସ୍ଥାନରେ ବେଆଇନ ପାଉଁଶ ପକାଯିବାକୁ ନେଇ ବାରମ୍ବାର ବିରୋଧ କରିଆସୁଛନ୍ତି। ତଥାପି ଜିଲାର ବିଭିନ୍ନ ସ୍ଥାନକୁ ପାଉଁଶ ପରିବହନ କାର୍ଯ୍ୟ ଜାରି ରହିଛି। ଜିଲାରେ ଥିବା ନିର୍ଦ୍ଦିଷ୍ଟ କେତେକ ଶିଳ୍ପାନୁଷ୍ଠାନରୁ ଦୈନନ୍ଦିନ ହଜାର ହଜାର ଟନ୍ ପାଉଁଶ ବର୍ଜ୍ୟ ବାହାରୁଛି। ଅଥଚ ଏହାର ଅଧିକ ଉପଯୋଗ ପାଇଁ ଜିଲାରେ ଆବଶ୍ୟକତା ଅନୁଯାୟୀ ସିମେଣ୍ଟ ଓ ଆଶ୍‌ବ୍ରିକ୍ସ (ଇଟା) କାରଖାନା ପ୍ରତିଷ୍ଠା ହୋଇପାରିନାହିଁ। ପାଉଁଶ ଉପଯୋଗୀଭିତ୍ତିକ ଶିଳ୍ପ ପ୍ରତିଷ୍ଠାକୁ ପ୍ରୋତ୍ସାହିତ କରାଯାଇପାରିଲେ କିଛି ମାତ୍ରାରେ ପାଉଁଶ ପ୍ରଦୂଷଣଜନିତ ସମସ୍ୟା ହ୍ରାସ ପାଇପାରନ୍ତା ଓ ବେକାର ଯୁବତୀଯୁବକମାନଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ ବୋଲି ଅଞ୍ଚଳବାସୀ କହୁଛନ୍ତି।

– ରଞ୍ଜନ ମହାପାତ୍ର

# ‘ସାମ୍ବାଦିକତାରେ ବିଘଟନ ସୃଷ୍ଟି ହୋଇଛି’

**ବ୍ରହ୍ମପୁର ଅଫିସ,୨୯।୧**




ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଗୋବିନ୍ଦ ଜେ. ଚକ୍ରପାଣି ଉଦ୍‌ବୋଧନ ଦେଉଛନ୍ତି। ନିକଟରେ ଉପସ୍ଥିତ ଅଛନ୍ତି ଅନ୍ୟ ଅତିଥିମାନେ।

- ପିଆଇବିର ଆଞ୍ଚଳିକ ଗଣମାଧ୍ୟମ କର୍ମଶାଳା
- ଗୁଣାତ୍ମକମାନ ବୃଦ୍ଧି ଉପରେ ଗୁରୁତ୍ୱ ଦେବାକୁ ଆହ୍ୱାନ

ସାମ୍ବାଦିକତାରେ ବର୍ତ୍ତମାନ ବିଘଟନ ସୃଷ୍ଟି ହୋଇଛି। ଏହା ୨୦୨୦ ପରଠାରୁ ଅତ୍ୟନ୍ତ ଗୁରୁତର ରୂପ ନେବାକୁ ଯାଉଛି । ଏହି ପରିବର୍ତ୍ତିତ ପରିବେଶ ଓ ବିଘଟନ ସାମ୍ବାଦିକତାର ଗୁଣାତ୍ମକ ବିକାଶରେ ଏକ ବଡ଼ ସମସ୍ୟା ସୃଷ୍ଟି କରିଛି । ତେଣୁ ଏନେଇ ଏବେଠାରୁ ସଚେତନ ହେବାର ଆବଶ୍ୟକତା ରହିଛି ବୋଲି ବୁଧବାର ଭାରତ ସରକାରଙ୍କ ସୂଚନା ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ପତ୍ର ସୂଚନା କାର୍ଯ୍ୟାଳୟ(ପିଆଇବି) ପକ୍ଷରୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ନୂତନ ସମ୍ମିଳନୀ କକ୍ଷରେ ଆୟୋଜିତ ଆଞ୍ଚଳିକ ଗଣମାଧ୍ୟମ କର୍ମଶାଳାରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗର ଅବସରପ୍ରାପ୍ତ ପ୍ରଫେସର ଡ. ପ୍ରଦୀପ ମହାପାତ୍ର କହିଥିଲେ। ସେ ଆହୁରି କହିଲେ, ଆଧୁନିକ ଜନଜୀବନ ବର୍ତ୍ତମାନ ଗଣମାଧ୍ୟମ ଅଭିମୁଖୀ ହୋଇଛି। ମୋବାଇଲ ଓ ଇଣ୍ଟରନେଟର ବହୁଳ ବ୍ୟବହାର ଫଳରେ ଗଣମାଧ୍ୟମ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ହୋଇଛି। ଟେଲିଭିଜନ ତୁଳନାରେ ମୋବାଇଲ ଫୋନ ମାଧ୍ୟମରେ ସୋସିଆଲ ମିଡିଆରେ ରହିବାକୁ ଅଧିକ ଲୋକ ପସନ୍ଦ କରୁଛନ୍ତି। ଏକ ରିପୋର୍ଟ ଅନୁସାରେ ଭାରତରେ ଜଣେ ବ୍ୟକ୍ତି ଦିନକୁ ହାରାହାରି ୫ ଘଣ୍ଟା ବିଭିନ୍ନ ଗଣମାଧ୍ୟମ ସହ ସମ୍ପୃକ୍ତ ରହୁଥିବାବେଳେ ଯୁକ୍ତରାଷ୍ଟ୍ର ଆମେରିକାରେ ହାରାହାରି ୧୨ ଘଣ୍ଟା ଏବଂ ଚାଇନା, ଜାପାନ, ଦକ୍ଷିଣକୋରିଆରେ ସାଢେ ୬ ଘଣ୍ଟାରୁ ୭ ଘଣ୍ଟା ରହୁଥିବା ଜଣାପଡ଼ିଛି। ୨୦୧୪ରେ ଭାରତରେ ଟେଲିଭିଜନ ତୁଳନାରେ ମୋବାଇଲ ଫୋନ ବ୍ୟବହାରକାରୀଙ୍କ ସଂଖ୍ୟା କମ୍ ରହିଥିଲା । ୨୦୧୯ରେ ଟେଲିଭିଜନ ତୁଳନାରେ ମୋବାଇଲ ଫୋନ ବ୍ୟବହାରକାରୀଙ୍କ ସଂଖ୍ୟା ଅଧିକ ରହିଛି। ଏହା ୨୦୨୧ ବେଳକୁ ଆହୁରି ବୃଦ୍ଧି ପାଇବାକୁ ଥିବାବେଳେ ଟେଲିଭିଜନ ଉପରୁ ଲୋକ ମୁହଁ ଫେରାଇବା ସମ୍ଭାବନା ସୃଷ୍ଟି ହୋଇଛି ବୋଲି ମହାପାତ୍ର କହିଥିଲେ।

ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର (ଆରଡିସି) ଟି. ଆଓ ମୁଖ୍ୟଅତିଥି ଭାବେ ଯୋଗଦେଇ କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଓଡ଼ିଶା ପ୍ରାନ୍ତର ଅତିରିକ୍ତ ମହାନିର୍ଦ୍ଦେଶକ ତଥା ଅତିରିକ୍ତ ପ୍ରେସ୍ ରେଜିଷ୍ଟ୍ରାର ଶୈଳେଶ କୁମାର ମାଲବ୍ୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ କର୍ମଶାଳାରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଗୋବିନ୍ଦ ଜେ. ଚକ୍ରପାଣି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଗ୍ରାମାଞ୍ଚଳରେ କାର୍ଯ୍ୟ କରୁଥିବା ଗଣମାଧ୍ୟମ ପ୍ରତିନିଧିମାନେ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ସଚେତନତା ସୃଷ୍ଟି କରିବାରେ ଅବଦାନ ରହିଛି। ଲୋକତାନ୍ତ୍ରିକ ବ୍ୟବସ୍ଥାକୁ ଗ୍ରାମୀଣ ସାମ୍ବାଦିକମାନେ ସମୃଦ୍ଧ କରିଥାନ୍ତି ବୋଲି ଅତିରିକ୍ତ ମହାନିର୍ଦ୍ଦେଶକ ମାଲବ୍ୟ କହିଥିଲେ। ପତ୍ର ସୂଚନା କାର୍ଯ୍ୟାଳୟ ଗଣ ଯୋଗାଯୋଗ ଅଧିକାରୀ ପ୍ରଦୀପ କୁମାର ଚୌଧୁରୀ ଏହାକୁ ପରିଚାଳନା କରିଥିଲେ। ଭାରତ ସରକାରଙ୍କ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, କିଷାନ ସମ୍ମାନ ନିଧି ଯୋଜନା, ସ୍ୱଚ୍ଛ ଭାରତ ଅଭିଯାନ, ଡିଜିଟାଲ ଇଣ୍ଡିଆ, ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା ଓ ଉଜ୍ୱଳା ଯୋଜନା ଆଦି ସମ୍ପର୍କରେ ଚୌଧୁରୀ ଆଲୋଚନା କରିଥିଲେ। ଆଞ୍ଚଳିକ କ୍ଷେତ୍ର ଜନସମ୍ପର୍କ କାର୍ଯ୍ୟାଳୟ ନିର୍ଦ୍ଦେଶକ ଅଖିଳ କୁମାର ମିଶ୍ର ଯୋଗଦେଇ ଆଞ୍ଚଳିକ ଖବରଦାତାଙ୍କୁ ପ୍ରଶିକ୍ଷିତ କରିବା ଏହି କର୍ମଶାଳାର ତଥା ବାର୍ତ୍ତାଳାପ କାର୍ଯ୍ୟକ୍ରମର ଗୁରୁତ୍ୱ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ବ୍ରହ୍ମପୁର ଆକାଶବାଣୀର କାର୍ଯ୍ୟକ୍ରମ ମୁଖ୍ୟ ଡ. ହୃଷୀକେଶ ପାଣିଗ୍ରାହୀ, ଅମ୍ବିକା ଦାଶ, ବ୍ରହ୍ମପୁର କ୍ଷେତ୍ର ପ୍ରଚାର ଅଧିକାରୀ ମନମୋହନ ପାଢୀ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିରଞ୍ଚି ନାରାୟଣ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ । ଦିନିକିଆ କର୍ମଶାଳାରେ ବ୍ରହ୍ମପୁରର ପାଖାପାଖି ୪୦ ରୁ ଉର୍ଦ୍ଧ୍ୱ ଗଣମାଧ୍ୟମ ପ୍ରତିନିଧି ଯୋଗଦେଇ ବିଭିନ୍ନ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଶେଷରେ ନାଗରିକତ୍ୱ ସଂଶୋଧନ ଆଇନ(ସିଏଏ) ଜନସାଧାରଣଙ୍କ ମତକୁ ନେଇ ଗଣମାଧ୍ୟମ ପ୍ରତିନିଧିମାନେ ମତବ୍ୟକ୍ତ କରିଥିଲେ। ପିଆଇବି ଉପନିର୍ଦ୍ଦେଶକ ସୀତାନାଥ ମିଶ୍ର ଧନ୍ୟବାଦ ଦେଇଥିଲେ।

# ଜେଲରେ ହତ୍ୟା ଅଭିଯୁକ୍ତଙ୍କ ଆତ୍ମହତ୍ୟା ଉଦ୍ୟମ

**ଜୟପୁର,୨୯।୧(ଡି.ଏନ୍.ଏ./ନି.ପ୍ର.)**

ସ୍ତ୍ରୀ ହତ୍ୟା ମାମଲାରେ ଜଣେ ଅଭିଯୁକ୍ତ କୋରାପୁଟ ଜିଲା ଜୟପୁର ଉପକାରାଗାରରେ ବିଚାରାଧୀନ କଏଦୀ ଭାବେ ଥିବାବେଳେ ବୁଧବାର ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ତୁରନ୍ତ ଜୟପୁରସ୍ଥିତ ଜିଲା ଚିକିତ୍ସାଳୟ ନିଆଯାଇଛି। ଚିକିତ୍ସା ପରେ ବର୍ତ୍ତମାନ ତାଙ୍କ ଅବସ୍ଥା ସ୍ଥିର ରହିଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, କୋରାପୁଟ ଜିଲା ବି.ସିଙ୍ଗପୁର ଥାନା ସେମଳାଗୁଡ଼ାର ପ୍ରସାଦ ସେଠିଆ (୨୭) ନିଜ ସ୍ତ୍ରୀଙ୍କୁ ଯୌତୁକ ନିର୍ଯାତନା ଦେଉଥିଲେ। ପରେ ସ୍ତ୍ରୀଙ୍କ ହତ୍ୟା ଅଭିଯୋଗରେ ସେ ବିଚାରାଧୀନ କଏଦୀ ଭାବେ ଜୟପୁର ଉପକାରାଗାରରେ ୨୦୧୪ରୁ ଅଛନ୍ତି। ତାଙ୍କର ଜାମିନ ଆବେଦନ ବାରମ୍ବାର ଖାରଜ ହେବା ଯୋଗୁ ସେ ମାନସିକ ଅଶାନ୍ତି ଭିତରେ ଥିଲେ। ମାନସିକ ସ୍ଥିରତା ପାଇଁ ତାଙ୍କୁ କାରାଗାରର ବିଭିନ୍ନ ସଂସ୍କାରମୂଳକ କାର୍ଯ୍ୟକ୍ରମରେ ସାମିଲ କରାଯାଉଥିଲା। କିନ୍ତୁ ବୁଧବାର ପୂର୍ବାହ୍ନରେ ହଠାତ୍ ପ୍ରସାଦ ଜେଲ ପରିସରସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ଫାଷ୍ଟଏଡ୍ ପାଇଁ ରଖାଯାଇଥିବା ସ୍ପିରିଟ ପିଇ ଦେଇଥିଲେ।

# ଆଜି ରଥକାଠ ଅନୁକୂଳ ପୂଜା

**ପୁରୀ ଅଫିସ, ୨୯।୧**

ଚଳିତବର୍ଷ ରଥଯାତ୍ରା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ତିନିରଥ ନିର୍ମାଣ ଲାଗି ପ୍ରଥମ ପର୍ଯ୍ୟାୟ ରଥକାଠ ଆସି ପହଞ୍ଚିସାରିଛି। ପରମ୍ପରା ଅନୁଯାୟୀ, ପବିତ୍ର ବସନ୍ତ ପଞ୍ଚମୀରେ ରଥକାଠ ଅନୁକୂଳ କରାଯିବ। ତେଣୁ ଗୁରୁବାର ୩ ଖଣ୍ଡ ୧୨ ଫୁଟିଆ ଧଉରା କାଠ ପୂଜା କରାଯିବ। ଏଥିପାଇଁ ଶ୍ରୀମନ୍ଦିର କାର୍ଯ୍ୟାଳୟ ସମ୍ମୁଖରେ ଏହି କାଠ ରଖାଯାଇଛି। ଅପରାହ୍ନ ସାଢେ ୫ଟାରେ ପୂଜା ପାଇଁ ଶୁଭଲଗ୍ନ ଧାର୍ଯ୍ୟ ହୋଇଛି। ଶ୍ରୀମନ୍ଦିର ପ୍ରଶାସନ ମୁଖ୍ୟ କାର୍ଯ୍ୟାଳୟ ପରିସରରେ ମା’ ସରସ୍ୱତୀଙ୍କୁ ପୂଜାର୍ଚ୍ଚନା ପରେ ରଥକାଠ ଅନୁକୂଳ ପୂଜା କରାଯିବ। ରାଜଗୁରୁଙ୍କ ସମେତ ଶ୍ରୋତ୍ରୀୟ ବ୍ରାହ୍ମଣମାନେ ଫୁଲ, ଚନ୍ଦନ, ଧୂପ, ଦୀପ ଦେଇ ରଥକାଠ ପୂଜା କରିବେ। ରଥ ସଂହିତା ଅନୁଯାୟୀ, ତିନିରଥ ନିର୍ମାଣ ଲାଗି ୮୬୫ ଖଣ୍ଡ କାଠ ଆବଶ୍ୟକ ହୋଇଥାଏ। ଗତବର୍ଷ ଆସିଥିବା କାଠ ମଧ୍ୟରୁ ୧୯୩ ଖଣ୍ଡ ବଳକା ରହିଛି। ଏଥର ୬୭୨ ଖଣ୍ଡ କାଠ ଆସିବ। ଏଥିମଧ୍ୟରୁ ୨୬୬ ଖଣ୍ଡ କାଠ କଟକ ଖପୁରିଆସ୍ଥିତ ସ’ ମିଲ୍‌କୁ ଏବଂ ୪୦୬ ଖଣ୍ଡ କାଠ ରଥଖଳାକୁ ଆସିବା ଲାଗି ସ୍ଥିର ହୋଇଛି। ଗତ ୨୫ ତାରିଖରେ ପ୍ରଥମ ପର୍ଯ୍ୟାୟରେ ନୟାଗଡ଼ ବନଖଣ୍ଡ ଦଶପଲ୍ଲା ବନାଞ୍ଚଳରୁ ୨ଟି ଟ୍ରକ୍ ଯୋଗେ ୫୩ ଖଣ୍ଡ ଅସନ ଓ ଧଉରା କାଠ ଆସିଛି। ପରମ୍ପରା ଅନୁଯାୟୀ, ୧୨ ଫୁଟିଆ ୩ ଖଣ୍ଡ ଧଉରା କାଠ ବସନ୍ତ ପଞ୍ଚମୀ ତିଥିରେ ଅନୁକୂଳ କରାଯିବ। ପବିତ୍ର ଅକ୍ଷୟ ତୃତୀୟାରେ ରଥ ନିର୍ମାଣ ଅନୁକୂଳ ହେବାର ବିଧି ରହିଛି।

DADLS-99



## ରାଜ୍ୟସ୍ତରୀୟ ଶହୀଦ ଦିବସ

୩୦ ଜାନୁଆରୀ ୨୦୨୦

ସମୟ – ପୂର୍ବାହ୍ନ ଘ.୧୦.୪୩ ମି.
ସ୍ଥାନ : ବିଧାନସଭା ପ୍ରାଙ୍ଗଣ, ଭୁବନେଶ୍ୱର

**ପ୍ରାର୍ଥନା ସଭା**

**ପ୍ରଫେସର ଗଣେଶୀ ଲାଲ**, ମାନ୍ୟବର ରାଜ୍ୟପାଳ
**ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ**, ମାନ୍ୟବର ମୁଖ୍ୟମନ୍ତ୍ରୀ
**ଶ୍ରୀଯୁକ୍ତ ରଜନୀକାନ୍ତ ସିଂ**, ଓଡ଼ିଶା ବିଧାନସଭାର ମାନ୍ୟବର ଉପ ବାଚସ୍ପତି
**ଶ୍ରୀଯୁକ୍ତ ରଘୁନନ୍ଦନ ଦାସ**, ମାନ୍ୟବର ଜଳସମ୍ପଦ, ସୂଚନା ଓ ଲୋକସଂପର୍କ ମନ୍ତ୍ରୀ
ଏବଂ
**ମାନ୍ୟବର** ମନ୍ତ୍ରୀମଣ୍ଡଳର ସଦସ୍ୟବୃନ୍ଦ • ସାଂସଦ • ବିଧାୟକଗଣ • ଉପଦେଷ୍ଟା, ଓଡ଼ିଶା ସରକାର, ଗଣମାଧ୍ୟମ ଓ ଲୋକସମ୍ପର୍କ • ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ମାନ୍ୟଗଣ୍ୟ ବ୍ୟକ୍ତିମାନେ ଗାନ୍ଧିଜୀଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ ପୂର୍ବକ ଆୟୋଜିତ ପ୍ରାର୍ଥନା ସଭାରେ ଯୋଗଦେବେ ।

**ସନ୍ଧ୍ୟା ୬ ଘଣ୍ଟା ସମୟରେ ଜୟଦେବ ଭବନଠାରେ ବିଶିଷ୍ଟ କଣ୍ଠଶିଳ୍ପୀ ସୁବାସ ଦାଶ ଓ ସାଥୀ କଳାକାରମାନଙ୍କ ଦ୍ୱାରା ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ ।**

ଉପରୋକ୍ତ କାର୍ଯ୍ୟକ୍ରମରେ ସମସ୍ତ ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ ଏବଂ ଜନସାଧାରଣ ଯୋଗଦେବାକୁ ଅନୁରୋଧ ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

15001/13/0135/1920

DSPL-249



ଓଡ଼ିଶା ସରକାର

## ସ୍ପର୍ଶ କୁଷ୍ଠ ସଚେତନତା ଅଭିଯାନ

୩୦ ଜାନୁଆରୀ - ୧୩ ଫେବୃଆରୀ ୨୦୨୦

ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ପବିତ୍ର ମହାପ୍ରୟାଣ ଦିବସରେ ସ୍ପର୍ଶ କୁଷ୍ଠ ସଚେତନତା ଅଭିଯାନ ପାଳନ କରାଯାଉଛି ।

ମହାତ୍ମା ଗାନ୍ଧୀ କୁଷ୍ଠ ରୋଗୀମାନଙ୍କର ନିଜେ ସେବା ଶୁଶ୍ରୂଷା କରିବା ସହିତ ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତକୁ ଫେରାଇ ଆଣିବା ପାଇଁ ପରାମର୍ଶ ଦେଉଥିଲେ । ଆସନ୍ତୁ ଆମେ ସମସ୍ତେ ବାପୁଙ୍କର ମହାନ୍ ଆଦର୍ଶରେ ଅନୁପ୍ରାଣିତ ହୋଇ କୁଷ୍ଠ ମୁକ୍ତ ଭାରତ ଗଠନ କରିବା ପାଇଁ ପ୍ରତିଜ୍ଞାବଦ୍ଧ ହେବା ।

- ଅନ୍ୟ ରୋଗ ଭଳି କୁଷ୍ଠରୋଗ ଏକ ସାଧାରଣ ଜୀବାଣୁ ଜନିତ ରୋଗ ।
- ବଧିରା ଛଉ, ଚର୍ମ ମୋଟା ହୋଇ ତେଲିଆ ବା ଚିକ୍‌କଣ ଦେଖାଯିବା, କାନ ବା ଶରୀରରେ ଛୋଟ ଛୋଟ ଗୁଳି ସୃଷ୍ଟି ହେବା ।
- ହାତ, ଗୋଡ ଶୁଖିଲା ହୋଇ ବଧିରା ଲାଗିବା ବା ଆଖି, ହାତ ଓ ପାଦରେ ମାଂସପେଶୀ ଦୁର୍ବଳ ଲାଗିବା ହେଉଛି କୁଷ୍ଠରୋଗର ପ୍ରାଥମିକ ଲକ୍ଷଣ ।
- ଏମ୍.ଡି.ଟି. ଦ୍ୱାରା କୁଷ୍ଠରୋଗ ସମ୍ପୂର୍ଣ୍ଣ ଆରୋଗ୍ୟସାଧ ଏବଂ ଏହା ସବୁ ସରକାରୀ ଡାକ୍ତରଖାନାରେ ବିନା ମୂଲ୍ୟରେ ଉପଲବ୍ଧ ।

ଉପରୋକ୍ତ ଲକ୍ଷଣ ଦେଖାଦେଲେ ସଙ୍ଗେ ସଙ୍ଗେ ନିକଟସ୍ଥ ଆଶାକର୍ମୀ, ସ୍ୱାସ୍ଥ୍ୟ କର୍ମୀ କିମ୍ବା ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗ ନିର୍ଣ୍ଣୟ ଓ ଚିକିତ୍ସା ପାଇଁ ପରାମର୍ଶ କରନ୍ତୁ ।

NATIONAL HEALTH MISSION
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା

10003/13/0066/1920 facebook.com/HFWOdisha http://www.health.odisha.gov.in/ @HFWOdisha

ଚିର ଅବିଶ୍ୱାସୀ ଏଇ ମଣିଷ। ନିଜ ଭିତରୁ ପୋଛି ଚାଲିଥାଏ ଅହର୍ନିଶ ଭଗବାନଙ୍କୁ। ଅନ୍ଧକାର ଭଳି ବିଚରଣ କରୁଥାଏ ସେ- କାଳର ପଥ ବିପଥରେ। ଏଣେ ପୁଣି ଲୋପ କରି ଚାଲିଥାଏ ତାରକା ମଣ୍ଡଳୀଙ୍କୁ ତା' ମୁଣ୍ଡ ଉପରୁ ଏବଂ ମନ ବୁଦ୍ଧି ତା'ର ଏକମାତ୍ର ବ୍ୟାଖ୍ୟାକାର। ସେହି ମନର ଓ ବୁଦ୍ଧିର ସଂଶୟ ମେଘମାନେ ଘୋଡାଇପକାନ୍ତି ସୂର୍ଯ୍ୟ-ନିଃସୃତ ବାଣୀମାନଙ୍କୁ।
-ଶ୍ରୀଅରବିନ୍ଦ



ପରିବେଶ ପରିଚିନ୍ତା

ମାନେକା ଗାନ୍ଧୀ

# ସ୍ତନକର୍କଟ ଓ ଦୁଗ୍ଧଜାତ ଖାଦ୍ୟ

ପ୍ରତ୍ୟେକ ବର୍ଷ ଅକ୍ଟୋବର ମାସକୁ ସ୍ତନକର୍କଟ ସଚେତନତା ମାସ ଭାବେ ପାଳନ କରାଯାଉଛି। ପ୍ରତିବର୍ଷ ଲକ୍ଷାଧିକ ମହିଳା ସ୍ତନକର୍କଟରେ ପ୍ରାଣ ହରାନ୍ତି। ଏଥିରେ ମୋ ମା'ଙ୍କର ମଧ୍ୟ ମୃତ୍ୟୁ ଘଟିଛି। ମୋର ଅନେକ ବନ୍ଧୁଙ୍କର ବି ଏହି ରୋଗ ଅଛି। କେତେଜଣ ସେମାନଙ୍କ ସ୍ତନ ବାହାର କରିଦେଇଛନ୍ତି ତ ଆଉ କେତେଜଣ କେମୋଥେରାପି ନେଇ ମୁଣ୍ଡର କେଶ ହରାଇଛନ୍ତି। ସ୍ତନକର୍କଟ ଆଉ ସେମିତି ଗୁପ୍ତରୋଗ ହୋଇ ରହିନାହିଁ ଯେ ଏହା ସମ୍ବନ୍ଧରେ କେହି କହି ନ ପାରିବେ। ସେଣ୍ଟର୍ସ ଫର୍ ଡିଜିଜ୍ କଣ୍ଟ୍ରୋଲ ଅନୁସାରେ ସ୍ତନକର୍କଟ ମହିଳାଙ୍କ ମୃତ୍ୟୁର ଅନେକ କାରଣ ମଧ୍ୟରୁ ଗୋଟିଏ। ୨୦୧୬ରେ ଆମେରିକାରେ ୨,୪୫,୨୯୯ ଜଣ ମହିଳା ନୂତନଭାବେ ସ୍ତନକର୍କଟରେ ପୀଡିତ ହୋଇଥିଲେ ଓ ୪୧,୪୮୭ ଜଣଙ୍କର ଏଥିରେ ମୃତ୍ୟୁ ଘଟିଥିଲା। ଭାରତରେ ଏହି ସଂଖ୍ୟା ଦଶଗୁଣ ଅଧିକ। ପ୍ରତି ୪ ଜଣ ପୀଡିତାଙ୍କ ମଧ୍ୟରୁ ଜଣଙ୍କର ମୃତ୍ୟୁ ଘଟୁଛି ଏବଂ ଆମେ ଯେ କେହି ବି ଏହାର ଶିକାର ହୋଇପାରୁ।

ଅନେକ ଉତ୍ପାଦ ନିର୍ମାତା ଏହି ମାସ (ଅକ୍ଟୋବର)ରେ ସେମାନଙ୍କ ଉତ୍ପାଦ ଉପରେ ସ୍ତନ କର୍କଟର ସଚେତନତା ସୃଷ୍ଟି ପାଇଁ ପିଙ୍କ୍ ରିବନ ଲଗାନ୍ତି କିମ୍ବା ତାହାକୁ ପିଙ୍କ୍ କଲର୍ କରିବାରେ ଅର୍ଥ ଖର୍ଚ୍ଚ କରିଥାଆନ୍ତି। ଦୁର୍ଭାଗ୍ୟର କଥା, ଅନେକ ପ୍ରକାର ଖାଦ୍ୟ ଉତ୍ପାଦ ବାସ୍ତବରେ ସ୍ତନକର୍କଟ ଆଶଙ୍କା ବୃଦ୍ଧି କରିଥାନ୍ତି ଏବଂ ଉତ୍ପାଦନକାରୀମାନେ ଏ ସମ୍ପର୍କରେ ଅବଗତ ଥାଆନ୍ତି। ଏଣୁ ଏପରି ବୃଥା ସଚେତନତା ସୃଷ୍ଟିରେ ସେମାନେ ଭାଗନେବା ନିନ୍ଦନୀୟ। ଯେମିତି ଫୁସ୍‌ଫୁସ କ୍ୟାନ୍‌ସର ଗବେଷଣା ପାଇଁ ଫଣ୍ଡ୍ କଥା ସିଗାରେଟ କମ୍ପାନୀ କହୁଛି। ଚିକେନ୍ ଚର୍ବି ପାଇଁ କେଣ୍ଟୁକି ଫ୍ରାଏଡ ଚିକେନ୍‌ର ପିଙ୍କ୍ ବକେଟ ରହିଛି। ବାର୍‌ଗୁଡିକରେ ପିଙ୍କ୍ ମଦ ଓ କବାବ୍ କମ୍ପାନୀଗୁଡିକର ପିଙ୍କ୍ ରିବନ ରହିଛି। କିନ୍ତୁ ସବୁଠୁ ଖରାପ ହେଉଛି ଛେନା ବା ପନିର। ୧୨,୦୦୦ ଜଣ ଡାକ୍ତର ସଦସ୍ୟ ଥିବା ଦି ଫିଜିସିଆନ୍ସ କମିଟି ଫର୍ ରେସ୍‌ପନ୍ସିବଲ୍ ମେଡିସିନ ସଂସ୍ଥା ଡାଏରୀ ଚିଜ୍ ବା ପନିର୍‌ରେ ଥିବା ରିପ୍ରଡକ୍ଟିଭ ହର୍ମୋନ ସ୍ତନକର୍କଟ ମୃତ୍ୟୁହାର ବୃଦ୍ଧି କରିପାରେ ବୋଲି ମତ ଦେବା ସହ ପନିର୍ ଉତ୍ପାଦନକାରୀ କମ୍ପାନୀମାନେ ଉତ୍ପାଦ ଉପରେ ଲାବେଲ ଲଗାଇବା ପାଇଁ ଆମେରିକାର ଫୁଡ୍ ଆଣ୍ଡ୍ ଡ୍ରଗ୍ସ ଆଡ୍‌ମିନିଷ୍ଟ୍ରେଶନ୍‌କୁ ନିର୍ଦ୍ଦେଶ ଦେବାକୁ ୩ ଅକ୍ଟୋବର ୨୦୧୯ରେ ନିର୍ଦ୍ଦେଶ ଦେଇଛି। କ୍ରାଫ୍ଟ, ଫିଲାଡେଲଫିଆ କ୍ରିମ୍ ଓ ମାକାରୋନି ଆଣ୍ଡ୍ ଚିଜ୍ କମ୍ପାନୀ ଉତ୍ପାଦ ଉପରେ ପିଙ୍କ୍ ରିବନ ଲଗାଉଛନ୍ତି। କିନ୍ତୁ ସେମାନେ ଏହା ସହ ୱାର୍ଣ୍ଣି ଲାବେଲ ଲଗାଇବା ଉଚିତ ବୋଲି କହିଛନ୍ତି ଫିଜିସିଆନ କମିଟି ଅଧ୍ୟକ୍ଷ ତଥା 'ଦି ଚିଜ୍ ଟ୍ରାପ୍ ଆଣ୍ଡ୍ ୟୋର୍ ବଡି ଇନ୍ ବାଲାନ୍ସ'ର ଲେଖକ ନିଲ୍ ବର୍ନାଡ। ଡାଏରୀ ଚିଜ୍ ଯୋଗୁ ସ୍ତନକର୍କଟଜନିତ ମୃତ୍ୟୁ ହେବାର ଆଶଙ୍କା ରହିଛି ବୋଲି ମହିଳାମାନଙ୍କୁ ଆମେ ସଚେତନ କରିବା ଦରକାର।

ଏଷ୍ଟ୍ରୋଜେନ୍ ସ୍ତନକର୍କଟର କାରଣ ବୋଲି କୁହାଯାଏ। ଗାଈଠାରେ ଥିବା ଏଷ୍ଟ୍ରୋଜେନ୍ ଦୁଗ୍ଧ ଜାତୀୟ ଉତ୍ପାଦଗୁଡିକରେ ଥାଏ। ଯେତେବେଳେ ଦୁଗ୍ଧରୁ ଛେନା ପ୍ରସ୍ତୁତ କରାଯାଏ ସେତେବେଳେ ଏଷ୍ଟ୍ରୋଜେନ୍ ପରିମାଣ ଆହୁରି ବଢିଯାଏ। ଏହି ଏଷ୍ଟ୍ରୋଜେନ ସ୍ତନକର୍କଟ ମୃତ୍ୟୁହାର ବୃଦ୍ଧି କରେ। କାନ୍, ଷ୍ଟେର୍ନଫିଲ୍ଡ, ଗୁଣ୍ଡର୍‌ସନ, କୋଟେସ୍, କ୍ୟୁସେନ୍‌ବେରି, ସ୍ଲାଟେରି ଦ୍ୱାରା ସ୍ତନକର୍କଟର ପ୍ରାଥମିକ ସ୍ତରରୁ ବଞ୍ଚିଯାଇଥିବା ୨,୩୨୧ ଜଣଙ୍କ ଉପରେ 'ଲାଇଫ୍ ଆଫ୍ଟର କ୍ୟାନ୍‌ସର ଏପିଡେମିଓଲୋଜି ଷ୍ଟଡି' ନାମକ ଏକ ଅନୁଧ୍ୟାନ କରାଯାଇଥିଲା। ୧୩ ବର୍ଷ ଧରି ମହିଳାମାନଙ୍କ ଉପରେ କରାଯାଇଥିବା ଏହି ଅନୁଧ୍ୟାନରୁ ଜଣାପଡିଥିଲା ଯେ, ଯେଉଁ ମହିଳାମାନଙ୍କଠାରେ ପୂର୍ବରୁ ସ୍ତନକର୍କଟ ଥିଲା ଓ ସେମାନେ ଦିନକୁ ଗୋଟିଏ ପ୍ଲେଟ୍ କିମ୍ବା ଏହାଠାରୁ ଅଧିକ ଚର୍ବିଯୁକ୍ତ ଦୁଗ୍ଧଜାତୀୟ ଉତ୍ପାଦ (ଛେନା, ଆଇସ୍‌କ୍ରିମ୍, କ୍ଷୀର) ଖାଉଥିଲେ ଦୈନିକ ଗୋଟିଏ କିମ୍ବା ଅଧା ପ୍ଲେଟ ଖାଉଥିବା ମହିଳାମାନଙ୍କ ତୁଳନାରେ ସେମାନଙ୍କର ସ୍ତନକର୍କଟରେ ମୃତ୍ୟୁ ଆଶଙ୍କା ୪୯ ପ୍ରତିଶତ ଅଧିକ ରହିଥିଲା। ଡାଏରୀ ପ୍ରଡକ୍ଟ ଉତ୍ପାଦ ମଧ୍ୟରେ ରହିଛି ଶସ୍ୟ ଓ କ୍ଷୀରମିଶ୍ରିତ ଖାଦ୍ୟ, କ୍ଷୀର, ମାଖନ, କ୍ରିମ୍, କଫି ଓ ଚା'ରେ ଥିବା କ୍ରିମର, ଛେନା, ଆଇସ୍‌କ୍ରିମ୍, ହାଲୱା, କ୍ଷୀର ଓ ଅଣ୍ଡା ମିଶ୍ରିତ କେକ୍, କମ୍ କିମ୍ବା ଆଦୌ ଚର୍ବି ନ ଥିବା ଫ୍ରୋଜନ ଡେଜାର୍ଟସ୍ ଏବଂ ଦହି। ଯେଉଁମାନେ ଅଧିକ ଶାରୀରିକ ବ୍ୟାୟାମ କରୁଥିଲେ, କମ୍ ଆଲ୍‌କୋହଲ ପିଉଥିଲେ ଏବଂ ଧୂମପାନ କରୁ ନ ଥିଲେ, କିନ୍ତୁ ଅତ୍ୟଧିକ ଦୁଗ୍ଧଜାତୀୟ ଖାଦ୍ୟ ଖାଉଥିଲେ ସେମାନେ ମଧ୍ୟ ସ୍ତନକର୍କଟରେ ପୀଡିତ ହେବାର ଅଧିକ ଆଶଙ୍କା ରହିଥିଲା ବୋଲି ଏହି ଅନୁଧ୍ୟାନରୁ ମଧ୍ୟ ଜଣାପଡିଥିଲା। ଏଥିରେ ବୟସ, ଜାତି, ପରିବାରରେ ସ୍ତନ କର୍କଟର ଇତିହାସ, ରୋଗର ଭୟାବହତା, ଗର୍ଭଧାରଣର ବିଭିନ୍ନ ଚିକିତ୍ସା ଯଥା କେମୋ, ରାଡିଏଶନ, ଟାମୋକ୍ସିଫେନ୍, ଧୂମପାନ, ବ୍ୟାୟାମ, ମଦ, ଫ୍ୟାଟ୍ ଏବଂ ଫୁଡ୍ଡିଂ ଆଦି ପ୍ରତ୍ୟେକକୁ ବିଚାରକୁ ନିଆଯାଇଥିଲା। ଶେଷରେ ସବୁ ଜିନିଷ ଉପରେ ଅନୁଧ୍ୟାନ କରାଯାଇ ନିର୍ଯ୍ୟାସ ମିଳିଥିଲା ଯେ, ଯେଉଁମାନେ ଉଚ୍ଚ ଚର୍ବିଯୁକ୍ତ ଦୁଗ୍ଧଜାତୀୟ ଉତ୍ପାଦ ଖାଉଥିଲେ ସେମାନଙ୍କର ସ୍ତନକର୍କଟରେ ମୃତ୍ୟୁ ଆଶଙ୍କା ଅଧିକ ରହିଥିଲା।

୨୦୧୭ରେ ମଧ୍ୟ ନ୍ୟାଶ୍‌ନାଲ କ୍ୟାନ୍‌ସର ଇନ୍‌ଷ୍ଟିଚ୍ୟୁଟର ଆର୍ଥିକ ପ୍ରୋତ୍ସାହନରେ କରାଯାଇଥିବା ଅନୁଧ୍ୟାନରେ ସ୍ତନକର୍କଟରେ ପୀଡିତ ଓ ଏଥିରେ ପୀଡିତ ନ ଥିବା ମହିଳାଙ୍କ ଖାଦ୍ୟ ମଧ୍ୟରେ ତୁଳନା କରାଯାଇଥିଲା। ଏଥିରୁ ଜଣାପଡିଥିଲା ଯେ, ଯେଉଁମାନେ ସବୁଠୁ ଅଧିକ ଛେନା ଖାଉଥିଲେ ସେମାନେ ଏହି କ୍ୟାନ୍‌ସରରେ ପୀଡିତ ହେବାର ୫୩ ପ୍ରତିଶତ ଅଧିକ ଆଶଙ୍କା ରହିଥିଲା। ଡାଏରୀ ଉତ୍ପାଦରେ ଥିବା ଇନ୍‌ସୁଲିନ ଲାଇକ ଗ୍ରୋଥ୍ ଫ୍ୟାକ୍ଟର (ଆଇଜିଏଫ୍-୧) ଭଳି ଉପାଦାନ ଏବଂ ଅନ୍ୟ ଗ୍ରୋଥ୍ ହର୍ମୋନ୍ସ କ୍ୟାନ୍‌ସର ପାଇଁ ଅଧିକ ବିପଦ ସୃଷ୍ଟି କରୁଥାଇପାରେ ବୋଲି ଗବେଷକମାନେ କୁହନ୍ତି।

ସ୍ତନକର୍କଟରୁ ମୁକ୍ତି ପାଇଥିବା ବ୍ୟକ୍ତି ଏବଂ କମ୍ ଓ ଉଚ୍ଚ ଚର୍ବିଯୁକ୍ତ ଡାଏରୀ ମଧ୍ୟରେ ଥିବା ସମ୍ପର୍କ ଜାଣିବା ଲାଗି ୨୦୧୩ରେ ଅନୁଧ୍ୟାନ କରାଯାଇଥିଲା। ନ୍ୟାଶ୍‌ନାଲ କ୍ୟାନ୍‌ସର ଇନ୍‌ଷ୍ଟିଚ୍ୟୁଟର ଆର୍ଥିକ ପ୍ରୋତ୍ସାହନରେ ଡ. କ୍ୟାଣ୍ଡିସ କ୍ରୋଏଙ୍କେଙ୍କ ନେତୃତ୍ୱରେ କରାଯାଇଥିବା ଏହି ଅନୁଧ୍ୟାନ ସମ୍ପର୍କିତ ତଥ୍ୟ ନ୍ୟାଶ୍‌ନାଲ କ୍ୟାନ୍‌ସର ଇନ୍‌ଷ୍ଟିଚ୍ୟୁଟ ଜର୍ନାଲରେ ପ୍ରକାଶ ପାଇଥିଲା। ଉଚ୍ଚ ଚର୍ବିଯୁକ୍ତ ଡାଏରୀ ଉତ୍ପାଦ ଦିନକୁ ଅଧାପ୍ଲେଟ୍ ଖାଇବା ଦ୍ୱାରା ବି ଏହି ରୋଗରେ ମୃତ୍ୟୁ ଆଶଙ୍କା ବୃଦ୍ଧିପାଉଥିବା ଜଣାପଡିଥିଲା ଓ ଖାଇବା ବଢିଗଲେ ଏହି ବିପଦ ବୃଦ୍ଧିପାଇଥିବା ଲକ୍ଷ୍ୟ କରାଯାଇଥିଲା। ଡ. କ୍ରୋଏଙ୍କେଙ୍କ ଏହି ଅନୁଧ୍ୟାନର ସିଦ୍ଧାନ୍ତ ସ୍ପଷ୍ଟ କରେ ଯେ, ସ୍ତନକର୍କଟରୁ ମୁକ୍ତି ପାଇଥିବା ବ୍ୟକ୍ତି ଅଧିକ ଦିନ ବଞ୍ଚିବା ପାଇଁ ଉଚ୍ଚ ଚର୍ବିଯୁକ୍ତ ଦୁଗ୍ଧଜାତୀୟ ଉତ୍ପାଦ ଛାଡି କମ୍ ଚର୍ବିଯୁକ୍ତ ଦୁଗ୍ଧଜାତୀୟ ଉତ୍ପାଦ ଗ୍ରହଣ କରିବା ଉଚିତ। ସେମାନେ ଉଚ୍ଚ ଚର୍ବିଯୁକ୍ତ ଦୁଗ୍ଧଜାତୀୟ ଉତ୍ପାଦ ଖାଇବା କମାଇ ଶସ୍ୟରୁ ପ୍ରସ୍ତୁତ ଖାଦ୍ୟ ଓ ମିଲ୍କ ଖାଇବା ଆବଶ୍ୟକ। ଦୁଗ୍ଧଜାତୀୟ ଉତ୍ପାଦଗୁଡିକର ସମ୍ପର୍କ ପ୍ରୋଷ୍ଟେଟ, ଏଣ୍ଡୋମେଟ୍ରିୟମ୍ ଏବଂ ଓଭାରିଜ୍ ଓ ନନ୍ ହଜକିନ୍ସ ଲିମ୍ଫୋମା ଭଳି ହର୍ମୋନାଲ କ୍ୟାନ୍‌ସର ସହ ସମ୍ପର୍କ ରହିଛି। ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ, ଇଂଲଣ୍ଡ, ଇଟାଲୀ ଏବଂ ଗ୍ରୀସ୍‌ର ମହିଳାମାନଙ୍କୁ ନେଇ କରାଯାଇଥିବା ଦି ମେଲବୋର୍ନ କୋଲାବୋରେଟିଭ୍ କୋହର୍ଟ ଷ୍ଟଡିରୁ ଜାଣିବାକୁ ମିଳିଥିଲା ଯେ, ଡାଏରୀ ଫୁଡ୍ ସହ ଉଚ୍ଚସ୍ତରର ଏଷ୍ଟ୍ରାଡିଓଲ ଏବଂ ଫ୍ରି ଏଷ୍ଟ୍ରାଡିଓଲ ମଧ୍ୟରେ ସାଂଖ୍ୟିକ ଦୃଷ୍ଟିକୋଣରୁ ଢେର ସମ୍ବନ୍ଧ ରହିଥିଲା। ଗବେଷକମାନେ ଅନୁମାନ କରିଥିଲେ ଯେ, ଏଷ୍ଟ୍ରୋଜେନ ଏବଂ ପ୍ରୋଜେଷ୍ଟେରୋନ୍ ସ୍ତର ବ୍ୟବସାୟିକ ଦୁଗ୍ଧଜାତୀୟ ଉତ୍ପାଦରେ ଅଧିକ ରହିଥିଲା। ଏହାର କାରଣ ହେଉଛି ପାଶ୍ଚାତ୍ୟ ଦେଶଗୁଡିକରେ ଅଧିକ ଏଷ୍ଟ୍ରୋଜେନ ସ୍ତର ରହିଥିବା ଗର୍ଭବତୀ ଗାଈମାନଙ୍କଠାରୁ କ୍ଷୀର ସଂଗ୍ରହ କରାଯାଇ ଡାଏରୀ ଫୁଡ୍ ପ୍ରସ୍ତୁତ କରିବାରେ ବ୍ୟବହାର କରାଯାଏ।

ବିଶ୍ୱରେ କ୍ୟାନ୍‌ସର ଏକ ମୁଖ୍ୟ ସ୍ୱାସ୍ଥ୍ୟ ସମସ୍ୟା। ସବୁ ପ୍ରକାର କ୍ୟାନ୍‌ସରର ୯୦ରୁ ୯୫ ପ୍ରତିଶତ ପରିବେଶରୁ କିମ୍ବା ଜୀବନଶୈଳୀରୁ ହିଁ ହେଉଛି। ସବୁ କ୍ୟାନ୍‌ସରର ୩୫ ପ୍ରତିଶତ ଖାଦ୍ୟ ଦ୍ୱାରା ହେବାର ଆଶଙ୍କା ରହିଛି। ସ୍ତନକର୍କଟ ହୋଇଥିବା ଜଣାପଡିଲା ପରେ ଆମେ ବଞ୍ଚିବା ପାଇଁ କ'ଣ କରିବା କିମ୍ବା ଏହା କେମିତି ଆମକୁ ନ ହବ ସେଥିପାଇଁ କ'ଣ କରିବା ? ଉତ୍ତର ସମାନ, କେଉଁ ଡାକ୍ତରଙ୍କୁ ଆପଣ ପରାମର୍ଶ କରୁଛନ୍ତି ସେଥିରେ କିଛି ଯାଏ ଆସେ ନାହିଁ, କିନ୍ତୁ ଉଦ୍ଭିଦଜାତ ଖାଦ୍ୟ, ଫଳ, ଉଷୁନା ଭାତ ଏବଂ ଓଟ୍ସ, ସୋୟାବିନ, ଡାଲିଜାତୀୟ ଖାଦ୍ୟ, ବ୍ୟାୟାମ, ସୀମିତ ଆଲ୍‌କୋହଲ ଏବଂ ସ୍ୱାସ୍ଥ୍ୟ ଉପଯୋଗୀ ଓଜନ ଉପରେ ଲକ୍ଷ୍ୟ ରଖିବା ଆବଶ୍ୟକ। ଓଜନ ହ୍ରାସ କରିବା ସହ ଏହି ଉପାୟ ଏଷ୍ଟ୍ରୋଜେନ୍ ସ୍ତର କମାଇବ ଏବଂ ସମ୍ପୂର୍ଣ୍ଣ ପୁଷ୍ଟିକର ଆହାର ଯୋଗାଇବାରେ ସାହାଯ୍ୟ କରିବ। ଯେଉଁ ମହିଳାମାନେ ଅଧିକ ସୋୟାବିନ୍ ଖାଆନ୍ତି ସେମାନଙ୍କୁ ସ୍ତନକର୍କଟ ହେବାର ଆଶଙ୍କା ୩୦ ପ୍ରତିଶତ କମ୍ ରହିଥାଏ ବୋଲି ଅନୁଧ୍ୟାନରୁ ଜଣାପଡିଛି। ସୋୟାରେ କ୍ୟାନ୍‌ସର ପ୍ରତିରୋଧକ ତତ୍ତ୍ୱ ରହିଛି। ବିଶେଷ କରି ହଟ୍ ଡଗ୍ସ, ବାକୋନ, ଲଞ୍ଚ ମିଟ୍ସ ଓ କବାବ୍ ଆଦି ପ୍ରକ୍ରିୟାକୃତ ମାଂସଠାରୁ ଦୂରେଇ ରୁହନ୍ତୁ।

Email: gandhim@nic.in

# ପୃଥିବୀ ନିଶ୍ଚିହ୍ନ ହେବ କି



ଡ. ନିଖିଳାନନ୍ଦ ପାଣିଗ୍ରାହୀ

"କେହି ରହି ନାହିଁ ରହିବେ ନାହିଁଟି ଭବ ରଙ୍ଗ ଭୂମି ତଳେ, ସର୍ବେ ନିଜ ନିଜ ଅଭିନୟ ସାରି ବାହୁଡିବେ କାଳ ବଳେ।" (ରାଧାନାଥ ରାୟ) ଏହି ସୁବିଦିତ ପଦ୍ୟାଂଶରେ ପୃଥିବୀକୁ ଏକ ରଙ୍ଗମଞ୍ଚ ହିସାବରେ କଳ୍ପନା କରାଯାଇଛି। ଏଠାରେ ଆମେ ପ୍ରତ୍ୟେକେ ଜଣେ ଜଣେ ଅଭିନେତା, ନିଜ ନିଜ ଅଭିନୟ ସରିଯିବା ପରେ ଆମେ ଇହଲୀଳା ସମ୍ବରଣ କରି ଏଠାରୁ ବିଦାୟ ନେବା।

ମଣିଷ-ସମାଜ ପାଇଁ ଉଦ୍ଦିଷ୍ଟ ଏହି ଉପମାକୁ କେହି କେହି ସମଗ୍ର ଜୀବଜଗତ ସକାଶେ ପରିବର୍ଦ୍ଧିତ କରିପାରନ୍ତି। ଫଳରେ ସୀମିତ ପରିସରରେ ଆବଦ୍ଧ ନ ରହି ବିଷୟଟିର ଗଭୀର ଓ ବିସ୍ତୃତ ବିଶ୍ଳେଷଣ କରାଯାଇପାରିବ। ସଚରାଚର ଧରାଧାମରେ ଉଭୟ ସ୍ଥାବର ଓ ଜଙ୍ଗମ ସତ୍ତା ବିଦ୍ୟମାନ। ସ୍ଥାବର ଶ୍ରେଣୀରେ ଗତିହୀନ ବୃକ୍ଷ, ପର୍ବତ ଇତ୍ୟାଦି ପରିଦୃଷ୍ଟ ହୁଅନ୍ତି। ଏମାନଙ୍କ ମଧ୍ୟରେ ପୁଣି ବୃକ୍ଷ ପରି ସଜୀବ ଓ ପାହାଡ ପରି ନିର୍ଜୀବ ଅନ୍ତର୍ଭୁକ୍ତ। ସଜୀବ ବିଷୟ ବିଚାର କରିବା ବେଳେ ଆମେ ଗଛମାନଙ୍କୁ ଦୃଷ୍ଟାନ୍ତ ଭାବେ ନେଇପାରୁ। ଏହାର ଜୀବନ-ଚକ୍ରର ତିନୋଟି ଭାଗ ହେଉଛି ଉତ୍ପତ୍ତି, ବିକାଶ ଓ ବିନାଶ। କ୍ଷୁଦ୍ର ହେଉ ବା ବୃହତ୍, ପ୍ରତ୍ୟେକଟି କ୍ଷେତ୍ରରେ ଏହା ରୀତିମତ ଦେଖାଯାଏ। ପ୍ରଶ୍ନ ଉଠୁଛି ଯଦି ଗଛଟିଏ ମରିଯାଏ ଏବଂ କାଳକ୍ରମେ ବିଲୁପ୍ତ ହୋଇଯାଏ, ସେତେବେଳେ ମୋଟାମୋଟି ଭାବେ ପୃଥିବୀର ବସ୍ତୁତ୍ୱ ହ୍ରାସ ପାଏ କି?

ବସ୍ତୁତ୍ୱ ହେଉଛି କୌଣସି ପଦାର୍ଥରେ ଥିବା ବସ୍ତୁର ପରିମାଣ। ବିଜ୍ଞାନର ସଂଜ୍ଞା ଅନୁସାରେ, ବସ୍ତୁତ୍ୱ ଅପରିବର୍ତ୍ତନୀୟ, କିନ୍ତୁ ଓଜନ ସ୍ଥାନ ଉପରେ ନିର୍ଭରଶୀଳ। ତେଣୁ ଆମେ ବସ୍ତୁତ୍ୱକୁ ହିସାବକୁ ନେବା। ଗଛର ଉପାଦାନ ହେଉଛି ମୁଖ୍ୟତଃ କାର୍ବନ ଓ ଅକ୍ସିଜେନ। ଏହା ସେ ବାୟୁଠାରୁ ଆହରଣ କରିଥାଏ। ଭୂପୃଷ୍ଠର ନିକଟସ୍ଥ ଅଙ୍ଗାରକାମ୍ଳ ଗ୍ୟାସ କାର୍ବନ ଯୋଗାଏ। ଗଛ ଆଲୋକ-ସଂଶ୍ଳେଷଣ ଦ୍ୱାରା ଶକ୍ତି ପାଇଥାଏ। ପୁଣି ବିନା ଜଳରେ ଗଛ ତିଷ୍ଠିପାରିବ ନାହିଁ। ଏଥିପାଇଁ ଭୂତଳ ଜଳ ଓ ବର୍ଷା ପାଣି ସହାୟକ ହୁଅନ୍ତି। ମୋଟାମୋଟି ଭାବେ ଗଛର ଉପାଦାନମାନ ଆରମ୍ଭରୁ ଆମ ପୃଥିବୀରେ ଥାଆନ୍ତି। ଗଛ ମରିଯିବା ପରେ ଏଇ ସମସ୍ତ ଅଣୁ ପୃଥିବୀ ବାହାରକୁ ନ ଯାଇ ଆମ ପୃଥିବୀରେ ହିଁ ରହନ୍ତି। ତେଣୁ ଗଛ ମରୁ ବା ବଞ୍ଚୁ ପୃଥିବୀର ବସ୍ତୁତ୍ୱ ଯଥାପୂର୍ବଂ ତଥା ପରମ୍। ଅବଶ୍ୟ ମୃତ୍ୟୁ ପରେ ବୃକ୍ଷର ଅଣୁମାନ ଗଛର ଶରୀରରୁ ସ୍ଥାନାନ୍ତରିତ ହୋଇଥାନ୍ତି। ତେଣୁ ପୃଥିବୀର ବସ୍ତୁତ୍ୱ ଉପରେ ଏହାର ନକାରାତ୍ମକ ପ୍ରଭାବ ନାହିଁ। ପୃଥିବୀର ବସ୍ତୁତ୍ୱ ହିସାବ କରିବାବେଳେ ବାୟୁମଣ୍ଡଳ ଓ ସେଥିରେ ବିଦ୍ୟମାନ ଧୂଳିକଣା, ତଥା ମହାକାଶରୁ ପ୍ରବେଶ କରିଥିବା ମହାଜାଗତିକ ଅଣୁ ଇତ୍ୟାଦିକୁ ଯୋଗ କରାଯାଏ। ଏହି ମହାଜାଗତିକ ଅଣୁରେ ଧୂମକେତୁର ଲାଞ୍ଜ, ଗ୍ରହାଣୁ, ସୂର୍ଯ୍ୟ ଦ୍ୱାରା ସୃଷ୍ଟ ଆୟନ ଇତ୍ୟାଦି ରହିଥାଏ। ଏହି ପ୍ରକାରେ ବହିରାଗତ ଅଣୁ ପ୍ରତି ମୁହୂର୍ତ୍ତରେ ଭୂପୃଷ୍ଠ ବା ବାୟୁମଣ୍ଡଳରେ ଜମା ହେଉଥିବାରୁ ପୃଥିବୀର ବସ୍ତୁତ୍ୱ ବଢିଯାଏ। ପ୍ରତିଦିନ ଏହି ବୃଦ୍ଧିର ପରିମାଣ ତେୟାଳିଶ ଟନ। କିନ୍ତୁ ପୃଥିବୀର ବସ୍ତୁତ୍ୱ ତୁଳନାରେ ଏହା ଅତି ନଗଣ୍ୟ।

ଅବଶ୍ୟ ଆମ ବାୟୁମଣ୍ଡଳର ଅଣୁମାନ ବିଭିନ୍ନ କାରଣରୁ ଖସି ମହାକାଶକୁ ଚାଲିଯିବା କଥା। କିନ୍ତୁ ପୃଥିବୀର ବସ୍ତୁତ୍ୱ ଅଧିକ ହୋଇଥିବାରୁ ପୃଥିବୀର ମାଧ୍ୟାକର୍ଷଣ ଏହାକୁ ଟାଣି ବାନ୍ଧି ରଖିଥାଏ। ତତ୍ ସହ ପୃଥିବୀର ଚୁମ୍ବକୀୟ କ୍ଷେତ୍ର ଆୟନମାନଙ୍କୁ ନିୟନ୍ତ୍ରଣ କରିଥାଏ। ତଥାପି କିଛି କିଛି ହାଇଡ୍ରୋଜେନ, ହିଲିୟମ ପରି ହାଲୁକା ଗ୍ୟାସ ଆମ ବାୟୁମଣ୍ଡଳରୁ ଖସିଯାଏ। ଆମର ମେରୁ ଅଞ୍ଚଳରେ ଏହି ପ୍ରକ୍ରିୟା ଅଧିକ ମାତ୍ରାରେ ସଂଘଟିତ ହୋଇଥାଏ। ସୂର୍ଯ୍ୟ ଦ୍ୱାରା ଜାତ ଆୟନମାନ ସାଧାରଣତଃ ଇଲେକ୍ଟ୍ରୋନ ଓ ପ୍ରୋଟନ ହୋଇଥାନ୍ତି। ସୌର ପବନ ସେକେଣ୍ଡ ପିଛା ୯୦୦ କିଲୋମିଟର ଯାଏ ଗତିଶୀଳ। ଏହି ଆୟନଗୁଡିକର ତାପମାତ୍ରା ଏକ ନିୟୁତ ଡିଗ୍ରୀ ସେଲସିୟସ୍। ଏମାନେ ଅତି ଶକ୍ତିଶାଳୀ। ପୃଥିବୀର ମେରୁ ଅଞ୍ଚଳରେ ଜମି ରହୁଥିବା ହାଲୁକା ଗ୍ୟାସ୍ ସହ ସୂର୍ଯ୍ୟରୁ ନିର୍ଗତ ଶକ୍ତିଶାଳୀ ଆୟନର ପ୍ରତିକ୍ରିୟା ସ୍ୱରୂପ ମେରୁ-ପବନ ସୃଷ୍ଟି ହୁଏ। ସୌର-ପବନ ଓ ମେରୁ-ପବନ ମଧ୍ୟରେ ପ୍ରତିକ୍ରିୟା ଦ୍ୱାରା ବାୟୁମଣ୍ଡଳରୁ କିଛି ହାଲୁକା ଗ୍ୟାସ ଖସି ଚାଲିଯାନ୍ତି। ତେଣୁ ପ୍ରତିଦିନ ଶହ ଶହ ଟନ ଗ୍ୟାସ ପୃଥିବୀ ହରାଏ। ଏଥିରୁ ପୃଥିବୀର ବସ୍ତୁତ୍ୱ କ୍ରମଶଃ କମିବାରେ ଲାଗିଛି। ଏହି ମହାଜାଗତିକ କାରଣରୁ ପୃଥିବୀର ବସ୍ତୁତ୍ୱ ପ୍ରତି ବିପଦ ଦେଖାଦେଇଛି। ହୁଏତ ଏହି ପ୍ରକ୍ରିୟାରେ ପୃଥିବୀର ବାୟୁମଣ୍ଡଳ ସୁଦୂର ଭବିଷ୍ୟତରେ ନିଶ୍ଚିହ୍ନ ହୋଇପାରେ ବୋଲି କେହି କେହି ମତ ଦେଇପାରନ୍ତି। କିନ୍ତୁ କିଛି ବୈଜ୍ଞାନିକ ମତପୋଷଣ କରିଛନ୍ତି ଯେ, ଏହି ଅଘଟଣରୁ ଆମ ଗ୍ରହ ବାୟୁଶୂନ୍ୟ ହେବା ପୂର୍ବରୁ ଅନ୍ୟ କାରଣ ପାଇଁ ଖୋଦ୍ ସୂର୍ଯ୍ୟ ମୃତ ହୋଇଯିବ। ସୂର୍ଯ୍ୟ ପୃଥିବୀ ପାଇଁ ସମସ୍ତ ଶକ୍ତିର ଆଧାର। ତେଣୁ ସୂର୍ଯ୍ୟ ଯଦି ଆଗୁଆ ମୃତ୍ୟୁବରଣ କରିବ ତେବେ ପୃଥିବୀର ମରଣ ଉପରେ ଗୁରୁତ୍ୱ ଦେବା ଅନାବଶ୍ୟକ। କାରଣ ସେତେବେଳକୁ ପୃଥିବୀ ଓ ସୂର୍ଯ୍ୟ ଏକାସାଙ୍ଗରେ ମୃତ ହୋଇଯାଇଥିବେ।

ବ୍ରହ୍ମପୁର, ମୋ-୯୪୩୭୦୨୬୬୫୧

## ଏଇ ଭାରତରେ

ନାଗରିକତ୍ୱ ସଂଶୋଧନ ଆଇନ୍‌କୁ ନେଇ ସାରା ଦେଶରେ ଆନ୍ଦୋଳନ ଚାଲୁଥିବାବେଳେ ଉତ୍ତରପ୍ରଦେଶ ଗୋଣ୍ଡା ଜିଲାର ୱଜିରଗଞ୍ଜ ହିନ୍ଦୁ-ମୁସଲମାନ ଏକତାର ଏକ ଅଧ୍ୟାୟ ଲେଖିଚାଲିଛି। ୱଜିରଗଞ୍ଜ ବ୍ଲକର ରସୁଲପୁରସ୍ଥିତ ଏକ ମଦ୍ରାସାରେ ଉଭୟ ହିନ୍ଦୁ ଓ ମୁସଲମାନ ପିଲା ପଢୁଛନ୍ତି। ସେଠାକାର ମୁସଲମାନ ବୁଦ୍ଧିଜୀବୀମାନେ ସମାଜର ବିକାଶ ପାଇଁ ମଦ୍ରାସାରେ ଧର୍ମନିରପେକ୍ଷ ଭିତ୍ତିରେ ଶିକ୍ଷା ପ୍ରଦାନ କରାଯିବାର ଆବଶ୍ୟକତାକୁ ଉପଲବ୍ଧି କରି ଆରମ୍ଭ କରିଥିଲେ ଏଭଳି ବ୍ୟବସ୍ଥା। ଏହାର ନାମ ଗୁଲ୍‌ଶନ-ଇ-ବାଗଦାଦ୍। ଏଠାରେ ମୁସଲ୍‌ମାନ ଛାତ୍ର ସଂସ୍କୃତ ପଢୁଛନ୍ତି ଓ ହିନ୍ଦୁ ଛାତ୍ର ପଢୁଛନ୍ତି ଉର୍ଦ୍ଦୁ। ଏହି ମଦ୍ରାସାର ୨୩୦ ଜଣ ଛାତ୍ରଙ୍କ ମଧ୍ୟରେ ଅଛନ୍ତି ୩୦ ଜଣ ହିନ୍ଦୁ ଛାତ୍ର। ଏମାନଙ୍କ ମଧ୍ୟରୁ ଅଧିକାଂଶ ଉର୍ଦ୍ଦୁ ପଢୁଥିବାବେଳେ ୫୦ ଜଣ ମୁସଲମାନ ଛାତ୍ର ପଢୁଛନ୍ତି ସଂସ୍କୃତ। ଅନେକ ମୁସଲମାନ ଛାତ୍ର ଉଭୟ ସଂସ୍କୃତ ଓ ଉର୍ଦ୍ଦୁ ପଢୁଛନ୍ତି। ଉର୍ଦ୍ଦୁ ଓ ସଂସ୍କୃତ ସହିତ ଏଠାରେ ପିଲାମାନଙ୍କୁ ପର୍ସିଆନ, ହିନ୍ଦୀ, ଆରବିକ୍, ଇଂଲିଶ, ଗଣିତ ଓ ବିଜ୍ଞାନ ବିଷୟରେ ଶିକ୍ଷା ଦିଆଯାଉଛି। ଉର୍ଦ୍ଦୁ ଓ ଆରବିକ୍ ପଢାଇବା ଲାଗି ଦୁଇ ଜଣ, ସଂସ୍କୃତ ପାଇଁ ଜଣେ ଓ ଅନ୍ୟ ସବୁ ବିଷୟ ପାଇଁ ତିନିଜଣ ଶିକ୍ଷକ ସ୍କୁଲ୍‌ରେ ନିଯୁକ୍ତି ପାଇଛନ୍ତି।

## ଚିରନ୍ତନୀ

ନାହିଁ ତ କଳନା କେତେ ଶତ ପଥ
ଆସିଲି ଦଳି
ଯାପିଥିଲି କେତେ ଯାମିନୀ ନିବିଡ଼
ସୁଖର ମୋହେ।
ସବୁ ପ୍ରିୟ ସ୍ମୃତି ଅନୁଭୂତିମୟ
ଅତୀତ କାଳ
ତୋତେ ଦେଖି ଆଜି ପାସୋରି ଦେଲିରେ
ଶିମୁଳିପାଳ!
(ପାସୋରି ଦେଲିରେ ଶିମୁଳିପାଳ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୩୦ ଜାନୁୟାରୀ ୧୯୯୫

- ଦୋହରାଟିକସବ୍ୟବସ୍ଥାଏଡ଼ାଇବାପାଇଁଭାରତ-ତୁର୍କୀରାଜିନାମାସ୍ୱାକ୍ଷରିତ।
- ବିଶିଷ୍ଟ ସାହିତ୍ୟ ସମାଲୋଚକ ପଠାଣି ପଟ୍ଟନାୟକ ୧୯୯୪ର ମର୍ଯ୍ୟାଦାଜନକ ଶାରଳା ସମ୍ମାନ ପାଇବାକୁ ମନୋନୀତ ।

## su|do|ku | ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 3 | | 4 | | | | | | 0 | D | A | | 1 | E |
| | | | | 7 | 3 | 6 | 1 | | | | | | | |
| | | C | | A | | | 9 | | | 8 | | D | 0 | |
| | | | 1 | 0 | 2 | | | | | | B | C | | |
| | | | | | | | E | | 7 | | | | | 3 |
| | | | 8 | | E | | | 1 | | | | | 6 | B |
| 2 | | 6 | | | | C | | | | E | | | | 5 |
| | | | | C | A | 2 | 3 | | D | 9 | | | | |
| | | | | | 0 | | | | 4 | 7 | | E | | |
| | 9 | | | | | | | 4 | | | 1 | A | 3 | 7 |
| | 4 | D | | | | 3 | | 6 | | 1 | | | | C |
| | | | | | | | | | | 0 | | B | 9 | 6 |
| E | | 5 | C | 2 | B | D | | 9 | | | 4 | 1 | | |
| | | | A | 1 | | | | B | C | 5 | E | | 7 | |
| | | 1 | | | | | | 2 | | 6 | | 5 | | 4 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| C | 3 | A | D | 7 | 0 | 1 | 2 | 5 | 8 | 4 | E | B | 9 | 6 |
| 9 | 7 | 4 | 8 | A | E | D | 6 | B | 3 | 5 | 1 | 2 | C | 0 |
| 0 | 8 | B | 1 | C | 6 | 4 | 3 | E | 9 | A | 2 | D | 5 | 7 |
| 5 | E | 1 | 2 | 9 | B | A | C | 0 | 6 | D | 7 | 4 | 8 | 3 |
| D | 6 | 2 | 4 | 3 | 5 | 7 | 8 | 9 | C | 0 | B | E | 1 | A |
| 3 | A | 0 | B | 6 | 8 | C | 5 | 1 | 2 | 9 | D | 7 | 4 | E |
| 8 | B | 7 | C | D | 1 | 3 | 4 | 2 | E | 6 | 5 | A | 0 | 9 |
| 2 | 1 | 6 | 9 | 5 | 4 | 0 | E | A | 7 | B | 3 | C | D | 8 |
| 4 | 5 | 9 | 3 | E | 7 | 8 | D | 6 | A | C | 0 | 1 | B | 2 |
| E | C | D | 0 | 2 | A | 9 | B | 7 | 1 | 8 | 4 | 6 | 3 | 5 |
| B | 0 | E | 5 | 1 | D | 6 | 9 | 8 | 4 | 7 | A | 3 | 2 | C |
| 7 | 9 | C | E | 0 | 2 | B | A | 4 | D | 3 | 8 | 5 | 6 | 1 |
| 1 | D | 8 | A | B | C | E | 0 | 3 | 5 | 2 | 6 | 9 | 7 | 4 |
| A | 4 | 5 | 6 | 8 | 3 | 2 | 7 | C | B | 1 | 9 | 0 | E | D |
| 6 | 2 | 3 | 7 | 4 | 9 | 5 | 1 | D | 0 | E | C | 8 | A | B |

ଗତକାଲିର ଉତ୍ତର

# ଗାନ୍ଧିଜୀ: ହତ୍ୟା ନା ଦେହାବସାନ



ରମେଶ ଚନ୍ଦ୍ର ପରିଡ଼ା

ଗାନ୍ଧିଜୀଙ୍କୁ ସାମାନ୍ୟତମ ବୁଝିଥିବା ଲୋକଟିଏ କଦାପି ବିଶ୍ୱାସ କରିପାରିବ ନାହିଁ ଯେ ତାଙ୍କୁ ହତ୍ୟା କରିବା ସମ୍ଭବ ବୋଲି। ତାଙ୍କୁ ହୁଏ ତ ମନେହେବ, ଏହା ଥିଲା ତାଙ୍କର ଦେହାବସାନ- ଶ୍ରୀକୃଷ୍ଣଙ୍କ କ୍ଷେତ୍ରରେ ଜରାଶବର ନିମିତ୍ତମାତ୍ର ହୋଇ ଏହା ସମ୍ପାଦନ କରିଥିଲା ବେଳେ ଏ କ୍ଷେତ୍ରରେ ନାଥୁରାମ ଗଡ୍‌ସେ ତାହା କରିଛନ୍ତି। କାରଣ ତା' ଦୃଷ୍ଟିରେ ସେ ଜଣେ ଯୁଗାବତାର ଏବଂ ତାଙ୍କର ସାମ୍ୟ ଥିଲା ଅହିଂସାର ବ୍ୟାପକ ପ୍ରଚାର ଓ ପ୍ରସାର କରିଥିବା ବୁଦ୍ଧଦେବଙ୍କ ସହିତ। ଗାନ୍ଧିଜୀ ତାଙ୍କ ଚିନ୍ତାଧାରାକୁ ପ୍ରୟୋଗସିଦ୍ଧ କରିପାରିଥିଲେ। ଅତଏବ ସେମାନଙ୍କ ମଧ୍ୟରେ ଜଣେ ବିଶୁଦ୍ଧ ତାତ୍ତ୍ୱିକ ବୈଜ୍ଞାନିକ ହେଲାବେଳେ ଆଉ ଜଣଙ୍କୁ ତାଙ୍କ ତତ୍ତ୍ୱର ପ୍ରାୟୋଗିକ ବିଚାରବୁଦ୍ଧିସମ୍ପନ୍ନ ବୈଷୟିକ ବିଜ୍ଞାନୀ ରୂପେ ମନେ କରାଯାଇପାରିବ।

ଯୋଗଗଜନ୍ମା ବୈଜ୍ଞାନିକ ଆଇନଷ୍ଟାଇନ୍ ଥରେ ଗାନ୍ଧିଜୀଙ୍କ ସମ୍ପର୍କରେ କହିଥିଲେ ଯେ, ଏପରି ରକ୍ତମାଂସଧାରୀ ମଣିଷଟିଏ ଏକଦା ଧରାପୃଷ୍ଠରେ ବିଚରଣ କରୁଥିଲା ବୋଲି ଆଗାମୀ ପିଢ଼ିର ଲୋକେ ବିଶ୍ୱାସ କରିପାରିବେ ନାହିଁ। ସେ ସତ କହିଥିଲେ। ପ୍ରକୃତରେ ଆମେ ତାହା ବିଶ୍ୱାସ କରିପାରୁନାହୁଁ। ଆମକୁ ସେ ଜଣେ ମଣିଷ ଅପେକ୍ଷା ମନେହେଉଛନ୍ତି ଏକ ସର୍ବବ୍ୟାପୀ ସତ୍ତାଟିଏ ଭଳି, ଯାହାକି ଯୁଦ୍ଧବିଗ୍ରହ, ଆତଙ୍କବାଦ, ହିଂସା ଏବଂ ଧାର୍ମିକ ଉଗ୍ରବାଦ ଭଳି ମଣିଷ ଜାତିକୁ ଧ୍ୱଂସମୁଖକୁ ଟାଣି ନେଉଥିବା ଅପରିଣାମଦର୍ଶୀ କାର୍ଯ୍ୟକଳାପର ଉଚିତ ମୁକାବିଲା ଲାଗି ଅଭିପ୍ରେତ।

ପ୍ରତିରକ୍ଷା କ୍ଷେତ୍ରରେ ବିଶ୍ୱରେ ବହୁ ବିକଶିତ ତଥା ବିକାଶୀଳ ଦେଶ କୋଟି କୋଟି ଡଲାର ବ୍ୟୟ କରୁଛନ୍ତି। ଏହା ବ୍ୟତୀତ ଅନ୍ୟ ଦେଶଗୁଡ଼ିକ ମଧ୍ୟ ସେମାନଙ୍କ ବଜେଟର ଏକ ମୁଖ୍ୟଭାଗ ଏବଂ ସୈନ୍ୟ ଆକାରରେ ବିପୁଳ ମାନବସମ୍ବଳ ଏଥିରେ ନିୟୋଜିତ କରନ୍ତି। ପୁନଶ୍ଚ ଅନ୍ୟାନ୍ୟ ହିଂସାକାଣ୍ଡ, ଆତଙ୍କବାଦୀ କାର୍ଯ୍ୟକଳାପ ଆଦିରେ ଏସବୁ କେତେ ଯେ ବ୍ୟୟ ହେଉଛି ତା'ର ହିସାବ ନାହିଁ। ଚିନ୍ତା କରାଯାଉ ଯେ, ଏହାକୁ ଯଦି ମାନବଜାତିର କଲ୍ୟାଣ ଦିଗକୁ ନିଆଯାଇପାରନ୍ତା, ତା'ହେଲେ ଆମ ଜୀବନଧାରଣର ମାନ କେତେ ଉନ୍ନତ ନ ହୁଅନ୍ତା। ତେବେ ଏହି ଅନ୍ଧକାରମୟ ପରିସ୍ଥିତି ମଧ୍ୟରେ ଯେଉଁ ଧାରେ ଆଶାର ଆଲୋକ ଦୃଷ୍ଟିଗୋଚର ହେଉଛି ତାହା ହେଲା ଗାନ୍ଧିଜୀଙ୍କ ଦୈବୀସତ୍ତାର।

ମାନବଜାତିର ଭବିଷ୍ୟତ ପାଇଁ ଏବଂ ଦ୍ରୁତତର ମାଡି ଆସୁଥିବା ୬ଷ୍ଠ ମହାବିଲୁପ୍ତିକୁ ବିଳମ୍ବିତ କରିବାର ଏକମାତ୍ର ପନ୍ଥା ହେଲା ପରିବେଶ ଓ ପରିସଂସ୍ଥାର ସୁରକ୍ଷା। ଏଥିପାଇଁ ଷ୍ଟକ୍‌ହୋମଠାରୁ ପ୍ୟାରିସ୍ ପର୍ଯ୍ୟନ୍ତ ବହୁ ଆନ୍ତର୍ଜାତିକ ସମ୍ମିଳନୀ ଅନୁଷ୍ଠିତ ଏବଂ ଚୁକ୍ତି ସ୍ୱାକ୍ଷରିତ ହୋଇ ସାରିଲାଣି। କିନ୍ତୁ ସେଗୁଡ଼ିକ କେବଳ ପାଳିତ ହେଉଛି ଉଲ୍ଲଂଘନରେ। ଫଳରେ ବାୟୁରେ ଅଙ୍ଗାରକାମ୍ଳ ନିରାପଦ ମାତ୍ରା ଟପି ସାରିଲାଣି। ମୁଣ୍ଡପିଛା ନିରାପଦ ଜଳର ଲଭ୍ୟତା ହ୍ରାସ ପାଇବାରେ ଲାଗିଛି। ପରିସଂସ୍ଥା ବିପର୍ଯ୍ୟସ୍ତ ହେବାରେ ଲାଗିଛି ଏବଂ ଦୈନିକ ବିଲୁପ୍ତ ହେଉଛନ୍ତି ଅନେକ ପ୍ରଜାତି। ଏହାର ମୁଖ୍ୟ କାରଣ ହେଲା ସ୍ୱାର୍ଥ, ଯାହାକି ଜନ୍ମ ଦେଉଛି ଲୋଭକୁ। ଗାନ୍ଧିଜୀ କହିଥିଲେ ଯେ, 'ଧରିତ୍ରୀ ମାତାର ସମସ୍ତଙ୍କ ଆବଶ୍ୟକତା ପୂରଣ ଲାଗି ସାମର୍ଥ୍ୟ ରହିଛି, କିନ୍ତୁ କାହାରି ଲୋଭ ଲାଗି ନୁହେଁ।'

ପ୍ରାକୃତିକ ସଂସାଧନ ଚାପଗ୍ରସ୍ତ ହେବାରେ ଲାଗିଛି। ଏହା ଏବେ ଏପରି ସ୍ତରରେ ପହଞ୍ଚିଲାଣି ଯେ, ପ୍ରକୃତି ତାହାକୁ ଆଉ ପୁନଃଭରଣ କରିବା ସମ୍ଭବ ହେଉନାହିଁ। ବୈଜ୍ଞାନିକମାନେ ଏହାକୁ ନେଇ ଏବେ ଗଣନା କରିଛନ୍ତି 'ଧରିତ୍ରୀ ମାତା' ଆମ ଆବଶ୍ୟକତା ପୂରଣ କରିବାର ସାମର୍ଥ୍ୟ ଶେଷ ହେଉଛି। ବର୍ଷର ଯେଉଁଦିନ ଏହା ଶେଷ ହେଉଛି ତାହାକୁ କୁହାଯାଉଛି 'ପୃଥିବୀର ସୀମା ଲଙ୍ଘନ ଦିବସ' (ଦ ଆର୍ଥ ଓଭର ସୁଟ୍ ଡେ)। ଆଗରୁ ଏହାକୁ କହୁଥିଲେ 'ପରିସଂସ୍ଥୀୟ ଋଣ ଦିବସ' (ଦ ଇକୋଲୋଜିକାଲ୍ ଡେବ୍ଟ ଡେ)। ଏହାପରଠାରୁ ବର୍ଷସାରା ଆମେ ଯେତିକି ପ୍ରାକୃତିକ ସଂସାଧନ ବ୍ୟବହାର କରୁଛେ ତାହାର ପୁନଃଭରଣ କ୍ଷମତା 'ଧରିତ୍ରୀ ମାତା'ର ନାହିଁ। ଅତଏବ ତାହା ଅନବରତ ପରିସଂସ୍ଥାର ଅବକ୍ଷୟ ଘଟାଇ ଚାଲୁଛି। ବୈଜ୍ଞାନିକମାନଙ୍କ ଆକଳନ ଅନୁସାରେ ୧୯୮୭ ମସିହାରେ ଏ ଦିବସଟି ଥିଲା ଅକ୍ଟୋବର ୨୩। ଏହାପରେ ଉକ୍ତ ଦିନଗୁଡ଼ିକ ପାଖକୁ ପାଖକୁ ଘୁଞ୍ଚି ଆସିଲା- ୨୦୦୦ରେ ସେପ୍ଟେମ୍ବର ୨୩, ୨୦୧୦ରେ ଅଗଷ୍ଟ ୮, ୨୦୧୪ରେ ଅଗଷ୍ଟ ୮ ଏବଂ ୨୦୧୮ରେ ଅଗଷ୍ଟ ୧ ତାରିଖକୁ। ଅତଏବ 'ଧରିତ୍ରୀ ମାତା'ର ବାର୍ଷିକ ଅବଦାନ କ୍ଷମତାକୁ ଆମେ ୭ ମାସରେ ଶେଷ କରିଦେଉଛୁ। ବର୍ଷର ଅବଶିଷ୍ଟ ଦିନ ଏହା ଆମକୁ ସଂସାଧନ ଯୋଗାଉଛି ଋଣରେ। ଫଳରେ ପରିସଂସ୍ଥାର ଅବନତି ଘଟିଚାଲିଛି। ଗାନ୍ଧିଜୀଙ୍କର ଉପରୋକ୍ତ ଉକ୍ତିଟି ହୃଦୟଙ୍ଗମ କରି ଆମେ ବାସ୍ତବତା ପ୍ରତି ସଚେତନ ନ ହୋଇ ଲୋଭଗ୍ରସ୍ତ ହୋଇ ଚାଲିଲେ ମହାବିଲୁପ୍ତି ଆସିବାରେ ବେଶି ବିଳମ୍ବ ହେବନାହିଁ।

ଅନେକେ କହୁଛନ୍ତି, ଗାନ୍ଧିଜୀଙ୍କର ଚିନ୍ତାଧାରା ଓ ଆଦର୍ଶ ଯୁଗୋପଯୋଗୀ ନୁହେଁ। ଏକଥା ବୋଧହୁଏ କିଛି ମାତ୍ରାରେ ସତ। କାରଣ ତାହା ବର୍ତ୍ତମାନ ପାଇଁ ଯେତିକି ଉପଯୋଗୀ ତା'ଠାରୁ ଅଧିକ ଉପଯୋଗୀ ମାନବଜାତିର ଭବିଷ୍ୟତ ଲାଗି। ପରିବେଶର ସୁରକ୍ଷା ଲାଗି ସଂଗ୍ରାମ ଚଳାଇଥିବା ସଚେତନ ଲୋକେ ଏବେ କହୁଛନ୍ତି, 'ଆମ ଚିନ୍ତାଧାରା ଜାଗତିକ ଏବଂ କାର୍ଯ୍ୟ ସ୍ଥାନୀୟ ଭାବେ ହେଉ', ଗାନ୍ଧିଜୀଙ୍କର ଏହି ବିଚାର ଗ୍ରହଣ କରି ନ ପାରିଲେ ତାହା ସମ୍ଭବ ହେବ ନାହିଁ।

ବିଶ୍ୱରେ ପରିବେଶର ସୁରକ୍ଷା ଦିଗରେ 'ଷ୍ଟକ୍‌ହୋମ୍ ଘୋଷଣାନାମା'କୁ 'ମାଗ୍ନାକାର୍ଟା'ର ଆଖ୍ୟା ଦିଆଯାଏ। କାରଣ ଏଥିରେ ହିଁ ରହିଛି ତାହାର ପ୍ରାଥମିକ ତଥା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ମାର୍ଗଦର୍ଶିକା। ତହିଁରେ ଥିବା ୨୬ଟି ପ୍ରମୁଖ ଧାରାରୁ ପ୍ରତିଟିକୁ ବିଶ୍ଳେଷଣ କରିବସିଲେ ତାହା ଗାନ୍ଧିବାଦ ଉପରେ ପର୍ଯ୍ୟବସିତ ବୋଲି ମନେହୁଏ। ଉଦାହରଣ ସ୍ୱରୂପ, ଜୈବବିବିଧତାର ସୁରକ୍ଷା ଲାଗି ଅହିଂସା ଏବଂ ପରିସଂସ୍ଥନୀୟ ଭାରସାମ୍ୟ ପାଇଁ ସରଳ ଜୀବନ ଓ ଉଚ୍ଚ ଚିନ୍ତା ଏକାନ୍ତ ପ୍ରୟୋଜନ।

ଏହିଭଳି ଆଲୋଚନା କରିବସିଲେ ସିଦ୍ଧାନ୍ତରେ ଉପନୀତ ହେବାକୁ ପଡ଼େ ଯେ, ଗାନ୍ଧିଜୀଙ୍କର ଚିନ୍ତାଧାରା ଥିଲା ଅନେକାଂଶରେ ଭବିଷ୍ୟଧର୍ମୀ ଏବଂ ବିଜ୍ଞାନଭିତ୍ତିକ। ଏପରି ସ୍ଥଳେ ଗଡ୍‌ସେଙ୍କ ଭଳି ଜଣେ ସାଧାରଣ ଲୋକ ପକ୍ଷେ ତାଙ୍କୁ ବୁଝିବା ସମ୍ଭବ ହୋଇଥାନ୍ତା କିପରି? ତେଣୁ ଜରାଶବରଙ୍କୁ ଶ୍ରୀକୃଷ୍ଣଙ୍କ ପାଦ ହରିଣର କାନ ଭଳି ପ୍ରତୀୟମାନ ହେଲା ପରି ସମ୍ଭବତଃ ଗାନ୍ଧିଜୀଙ୍କ ବିଶ୍ୱରୂପ ତାଙ୍କୁ ଭୟଙ୍କର ମନେହେବା ଅସମ୍ଭବ ନୁହେଁ। ଅନ୍ୟପକ୍ଷରେ ମହାଯୋଗୀ ଶ୍ରୀଅରବିନ୍ଦଙ୍କ ଭାଷାରେ, 'ଜୀବନର ଅସରନ୍ତି ଯାତ୍ରାପଥରେ ମୃତ୍ୟୁ ଏକ ସାମୟିକ ବିଶ୍ରାମ'। ଅର୍ଥାତ୍ ଜୀବନର ଅନ୍ତ ନାହିଁ। ଏଣୁ ଚାଲନ୍ତୁ ଆମେ ଏହା ବିଶ୍ୱାସ କରିବା ଯେ, ବିପଥଗାମୀ ସମାଜକୁ ନୂତନ ଦିଗ୍‌ଦର୍ଶନ ଦେବା ପାଇଁ ଯୁଗାବତାର ଗାନ୍ଧିଜୀଙ୍କର ପୁନର୍ବାର ଧରାବତରଣ ଘଟିବ। ଶେଷରେ ମନକୁ ଆସୁଛି ମହାନ୍ ଚିନ୍ତାନାୟକ ତଥା ଦାର୍ଶନିକ ବର୍ଟାଣ୍ଡ ରସେଲଙ୍କର ଗାନ୍ଧିଜୀଙ୍କ ମୃତ୍ୟୁକୁ ନେଇ ଲେଖିଥିବା 'ଶ୍ରଦ୍ଧାଞ୍ଜଳି'। ସେ ସୂଚିତ କରିଥିଲେ ଯେ, ପ୍ରଥମେ ଖବରଟି ତାଙ୍କୁ ମ୍ରିୟମାଣ କରିଥିଲା। କିନ୍ତୁ ପରେ ପରେ ତାଙ୍କର ଭାବାନ୍ତର ଘଟିଲା ଏବଂ ତାଙ୍କ ପରି ଜଣେ ଆଜୀବନ ସଂଗ୍ରାମରତ ମଣିଷ ପାଇଁ ଏଭଳି ମୃତ୍ୟୁ ହିଁ ସ୍ୱାଭାବିକ ବୋଲି ତାଙ୍କ ମନକୁ ଆସିଲା। ଚାଲନ୍ତୁ ଦେହାବସାନ ପରେ ଅଧିକ ବ୍ୟାପକ ହୋଇଥିବା ଗାନ୍ଧିଜୀଙ୍କ ସତ୍ତାକୁ ସର୍ବତ୍ର ଅନୁଭବ କରି ତାଙ୍କରି ମାର୍ଗଦର୍ଶନରେ ପରିଚାଳିତ ହେବା।

ଭୁବନେଶ୍ୱର, ମୋ-୯୯୩୭୯୮୫୭୬୭

## ପାଠକ ଶ୍ରେଷ୍ଠ ବିଚାରକ

### ହରିଣ ଉଦ୍ୟାନ

ମହାଶୟ,

ଦର୍ଶକମାନଙ୍କ ଚିତ୍ତ ବିନୋଦନ ପାଇଁ ରାଜ୍ୟରେ ନନ୍ଦନକାନନ ସମେତ ଆଉ କେତେକ ସ୍ଥାନରେ ହରିଣ ଉଦ୍ୟାନ ପ୍ରତିଷ୍ଠା ହୋଇ ହରିଣମାନଙ୍କୁ ସେଠାରେ ଆବଦ୍ଧ କରି ରଖାଯାଇଛି। କଟକରେ ଡିୟର ପାର୍କ ହେଉ କି ଦଶପଲ୍ଲାର କୁଆଁରିଆ, ଏପରି କି ରାଜଭବନରେ ବି ହରିଣ ଉଦ୍ୟାନ କରାଯାଇଛି। ତେବେ ପ୍ରାକୃତିକ ପରିବେଶ ଓ ଆବାସସ୍ଥଳୀରୁ ଏପରି ହରିଣମାନଙ୍କୁ ଆଣି ସେମାନଙ୍କୁ ମୁକ୍ତ ଭାବରେ ବିଚରଣ କରିବାରୁ ବଞ୍ଚିତ କରି ହାତଟେକା ଘାସ ଆଦି ଖାଦ୍ୟ ଦେଇ ବଞ୍ଚିବାକୁ ବାଧ କରିବା ଗ୍ରହଣଯୋଗ୍ୟ ନୁହେଁ। ଦର୍ଶକମାନେ ଅଭୟାରଣ୍ୟମାନଙ୍କରେ ହରିଣ ସମେତ ଅନ୍ୟାନ୍ୟ ବନ୍ୟଜନ୍ତୁଙ୍କୁ ଦେଖି ଉଲ୍ଲସିତ ହେଲେ କାହାର କିଛି କହିବାର ନାହିଁ। ସେହି ଖୁଆଡରେ ସୀମିତ ସ୍ଥାନରେ ଦଳ ଦଳ ହରିଣ ରହି ବଂଶବୃଦ୍ଧି କରୁଥିଲେ ମଧ୍ୟ ସେହିଠାରେ ହିଁ ରହିବାର ଦେଖାଯାଉଛି। ବନ୍ୟଜନ୍ତୁ ସଂରକ୍ଷଣ ଆଇନାନୁଯାୟୀ ସେମାନଙ୍କୁ ଜଙ୍ଗଲରୁ ଆଣି ଗୃହରେ ପାଳିବା କି ଉଦ୍ୟାନରେ ରଖିବା ସମ୍ଭବତଃ ଆଇନସମ୍ମତ ନୁହେଁ।

ହରମୋହନ ମହାନ୍ତି, ଦଉତୋଟା, ପୁରୀ

### ଲଜ୍ଜା ଥମିବ କେବେ

ଖବରକାଗଜ ପୃଷ୍ଠା ଲେଉଟାଇଲେ ପ୍ରତିଦିନ ବଳାତ୍କାର ଓ ହତ୍ୟା ଘଟଣା ନଜରକୁ ଆସୁଛି। ବିଶେଷକରି ନାବାଳିକା ଓ ଶିଶୁକନ୍ୟା ଅଧିକ ସଂଖ୍ୟାରେ ଏସବୁର ଶିକାର ହେଉଛନ୍ତି। ଦଣ୍ଡ ଯେତେ କଠୋର ହେଲେ ମଧ୍ୟ ଏପରିକି ଫାଶୀଦଣ୍ଡ ଦିଆଯାଉଥିଲେ ମଧ୍ୟ ଲଜ୍ଜା ଥମିବାର ନାଁ ଧରୁନି। ବର୍ତ୍ତମାନ ଜନସାଧାରଣ ଅତିଷ୍ଠ ହୋଇ ବଳାତ୍କାରୀମାନଙ୍କୁ ସର୍ବସମ୍ମୁଖରେ ପିଟି ପିଟି ହତ୍ୟା କରିବାକୁ ଦାବି କରୁଛନ୍ତି। ବଳାତ୍କାରକୁ ରୋକିବା ପାଇଁ ହେଲେ ନାରୀମାନଙ୍କୁ ସୁରକ୍ଷା, ପୋଲିସ ବିଭାଗର ତତ୍ପରତା, ସମ୍ପୂର୍ଣ୍ଣ ନିଶାନିବାରଣ, ତ୍ୱରିତ ନ୍ୟାୟ, କଠୋର ଦଣ୍ଡ ବ୍ୟବସ୍ଥା ଓ ଜନସଚେତନତା ଅପରିହାର୍ଯ୍ୟ।

ଭଗବାନ ଦାସ, ହରିନିବାସ, ନାରାୟଣପୁର, କେନ୍ଦ୍ରାପଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଗଡପୋଖରୀ ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକୋତ୍ସବ

**ଖଇରା,୨୯।୧(ଡ଼ି.ଏନ୍.ଏ.):** ଖଇରା ବ୍ଲକ ଅଧୀନ ଗଡପୋଖରୀସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇ ଯାଇଛି । ପରିଚାଳନା କମିଟିର ସଭାପତି ଗଣେଶ ଚନ୍ଦ୍ର ମହାପାତ୍ରଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ଖଇରା ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ମୁକ୍ତିକାନ୍ତ ଶତ୍‌ପଥୀ ମୁଖ୍ୟ ଅତିଥି, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଦେବେନ୍ଦ୍ର କୁମାର ରାଉତ ଯୋଗ ଦେଇ ମା' ମାନେ ଯଥେଷ୍ଟ ଯତ୍ନବାନ ନ ହେଲେ ପିଲାର ଭବିଷ୍ୟତ ଗଢାଯାଇ ପାରିବ ନାହିଁ ବୋଲି କହିଥିଲେ। ପ୍ରଧାନଆଚାର୍ଯ୍ୟା ସରସ୍ୱତୀ ପାଣିଗ୍ରାହୀ ଅତିଥି ପରିଚୟ ପ୍ରଦାନ ଓ ସମ୍ପାଦକ ମନୋଜ କୁମାର ପଣ୍ଡା ବିବରଣୀ ପାଠ କରିଥିଲେ। ଶିଶୁବାଟିକା ପ୍ରମୁଖ ସୁବାସିନୀ ବିଶ୍ୱାଳ ତଥା ଅନ୍ୟ ଗୁରୁମା ଗୁରୁଜୀଙ୍କ ସହାୟତାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶିତ ହୋଇଥିଲା।

### ରାସ୍ତା ଉନ୍ନତୀକରଣ କାର୍ଯ୍ୟର ଶିଳାନ୍ୟାସ



**ସଜନାଗଡ଼,୨୯।୧(ଡ଼ି.ଏନ୍.ଏ.):** ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ଅଧୀନ ସଜନାଗଡ଼ ପଞ୍ଚାୟତର ୧୯ନଂ. ରାଜ୍ୟ ରାଜପଥକୁ ସଂଯୋଗ କରୁଥିବା ସଜନାଗଡ଼ଠାରୁ ଗୁଡ଼ିଶୁଳ ପର୍ଯ୍ୟନ୍ତ ରାସ୍ତାର ଉନ୍ନତିକରଣ ପାଇଁ ବୁଧବାର ଶିଳାନ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବିଧାୟକ ଇଂ.ସୁକାନ୍ତ କୁମାର ନାୟକ ଏହାର ଶିଳାନ୍ୟାସ କରିଥିଲେ। ଓଡ଼ିଶା ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୩୭ଲକ୍ଷ ଟଙ୍କାର ଅଟକଳରେ ଏହି ରାସ୍ତାର ଉନ୍ନତୀକରଣ କରାଯିବ। ଏହି ଅବସରରେ ବଣସୀମା ମଣ୍ଡଳ ସଭାପତି କରୁଣାକର ପଣ୍ଡା, ଗଙ୍ଗାଧର ମିଶ୍ର, ଉପେନ୍ଦ୍ର ନାୟକ, ନୀର ବିଶ୍ୱାଳ, ସଞ୍ଜୟ ନାୟକ, ଚିନ୍ମୟ ସିଂ, ଚନ୍ଦ୍ରମୋହନ ସିଂ, ମାନସ ମହାଳିକ, ସଞ୍ଜୟ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

### ଶିକ୍ଷକ ସମନ୍ୱୟ ସମିତିର କର୍ମକର୍ତ୍ତା ନିର୍ବାଚନ

**ଖଇରା,୨୯।୧(ଡ଼ି.ଏନ୍.ଏ.):** ଖଇରା ଶିକ୍ଷକ ଭବନ ପରିସରରେ ଶନିବାର ଶିକ୍ଷକ ସମନ୍ୱୟ ସମିତିର କର୍ମକର୍ତ୍ତା ନିର୍ବାଚନ କମଳଲୋଚନ ଜେନାଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ଓଷ୍ଟା ସଂଗଠନ, ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ, ପ୍ରାଥମିକ ଶିକ୍ଷକ ସଂଘ, ଜିଲା ପରିଷଦ ଶିକ୍ଷକ ସଂଘ, ଏକ୍ସ କ୍ୟାଡର ଶିକ୍ଷକ ସଂଘ, ଏସ.ଏସ ଶିକ୍ଷକ ସଂଘର କର୍ମକର୍ତ୍ତା ଓ ଶିକ୍ଷକ ପ୍ରତିନିଧିମାନେ ଯୋଗ ଦେଇଥିଲେ। ବରିଷ୍ଠ ଶିକ୍ଷକ ଦିନବନ୍ଧୁ ଦାଶ ଅଧକ୍ଷତା କରିଥିଲେ। ସର୍ବସମ୍ମତି କ୍ରମେ ସମିତିର କର୍ମକର୍ତ୍ତା ମନୋନୀତ କରାଯାଇଥିଲା। ରାଧାକାନ୍ତ ପଣ୍ଡା ସଭାପତି, ସନ୍ତୋଷ ଦକ୍ଷିଣରାୟ କାର୍ଯ୍ୟକାରୀ ସଭାପତି, ବିଜୟ କୁମାର ଦ୍ୱିବେଦୀ ସମ୍ପାଦକ, ରିତାରାଣୀ ଦାସ, ନାରାୟଣ ଚନ୍ଦ୍ର ମହାପାତ୍ର, ଅଜୟ କୁମାର ଦ୍ୱିବେଦୀ ଉପ-ସଭାପତି, ବିଷ୍ଣୁପ୍ରସାଦ ମିଶ୍ର ଯୁଗ୍ମ ସମ୍ପାଦକ, ଦୁର୍ଗାମାଧବ ଜେନା,ଉଦୟ କୁମାର ପାତ୍ର ଓ ଦୀନକୃଷ୍ଣ ଦାସ ସହ ସମ୍ପାଦକ , ବସନ୍ତ କୁମାର ଦାସଙ୍କୁ କୋଷାଧକ୍ଷ ଭାବେ ମନୋନୟନ କରାଯାଇଥିଲା। ସେହିଭଳି ବରେନ୍ଦ୍ର ରାଉତ, ମହେନ୍ଦ୍ର ପ୍ରସାଦ କବି, କମଳଲୋଚନ ଜେନାଙ୍କୁ ଉପଦେଷ୍ଟା ଭାବେ ଦାୟିତ୍ୱ ନ୍ୟସ୍ତ କରାଯାଇଥିବା ଜଣାପଡ଼ିଛି।

### ପୂର୍ବତନ ମନ୍ତ୍ରୀ ମହେଶ୍ୱର ବାଗଙ୍କ ଶ୍ରାଦ୍ଧବାର୍ଷିକୀ

**ବାଲେଶ୍ୱର ଅଫିସ,୨୯।୧:** ବାଲେଶ୍ୱର ଭିନ୍ନକ୍ଷମ କଲ୍ୟାଣ ପ୍ରତିଷ୍ଠାନଠାରେ ପୂର୍ବତନ ମନ୍ତ୍ରୀ ମହେଶ୍ୱର ବାଗଙ୍କ ୪ର୍ଥ ଶ୍ରାଦ୍ଧବାର୍ଷିକୀ ସ୍ମୃତି କମିଟି ତରଫରୁ ପାଳିତ ହୋଇଯାଇଛି। ସ୍କୁଲର ଭିନ୍ନକ୍ଷମ ଛାତ୍ରଛାତ୍ରୀ, ଶିକ୍ଷୟିତ୍ରୀଶିକ୍ଷକ ଏବଂ ସହରର ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ଉକ୍ତ ପ୍ରତିଷ୍ଠାନର ସଭାପତି ଭାବେ ବହୁ ବର୍ଷ କାର୍ଯ୍ୟ କରିଥିବା ସ୍ୱର୍ଗତ ବାଗଙ୍କ ସ୍ମୃତିଚାରଣ ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। କବି ଶ୍ରୀଦେବ, କବି କୃଷ୍ଣ କୁମାର ମହାନ୍ତି, ଆଇନଜୀବୀ ତଥା କବି ଉତ୍ପଳ ମହାନ୍ତି, ବ୍ୟବସାୟୀ ସଂଘନେତା ରାଜେନ୍ଦ୍ର ଚାଟାର୍ଜୀ, ଖବରଦାତା ଉବାଚକ ମହାନ୍ତି, ବ୍ରହ୍ମାନନ୍ଦ ସ୍ୱାଇଁ, ହିମାଂଶୁ ଦାସ, ଏମ୍ଡ଼ି ହାଇଦର, ଚକ୍ରଧର ସାହୁ, ଗୋବିନ୍ଦ ରାଠୀ, ସାବର୍ଣ୍ଣ ଟୁଙ୍କୁରାମ ଭୋଇଙ୍କ ସମେତ ସ୍କୁଲର ଶିକ୍ଷକ ଭବାନୀକାନ୍ତ ସ୍ୱାଇଁ, ଅଚ୍ୟୁତାନନ୍ଦ ଦାସ, ଭାରତୀ ଦାସ, କ୍ଷଣପ୍ରଭା ମହାନ୍ତି, ସତ୍ୟଜିତ ନାୟକ, ରବୀନ୍ଦ୍ର ମହାପାତ୍ର ପ୍ରମୁଖ ସ୍ୱର୍ଗତ ବାଗ୍‌ଙ୍କ ତୈଳଚିତ୍ରରେ ପୁଷ୍ପାର୍ଘ୍ୟ ଅର୍ପଣ କରି ତାଙ୍କର ସ୍ମୃତିଚାରଣ କରିଥିଲେ। ସ୍ମୃତି କମିଟି ପକ୍ଷରୁ ତାଙ୍କ ପୁତ୍ର ରଞ୍ଜନ ବାଗ ଧନ୍ୟବାଦ ଅର୍ପଣ କରିଥିଲେ।

# ବିନା ପଲ୍ଲିସଭାରେ ପଞ୍ଚାୟତ ଉନ୍ନୟନ କାର୍ଯ୍ୟ

**ବାଲେଶ୍ୱର ଅଫିସ,୨୯।୧**

ବାଲେଶ୍ୱର ସଦର ବ୍ଲକ ଅଧୀନରେ ଥିବା ବିଭିନ୍ନ ପଞ୍ଚାୟତରେ ଜିପିଡ଼ିପି (ଗ୍ରାମପଞ୍ଚାୟତ ଡେଭେଲପ୍‌ମେଣ୍ଟ ପ୍ରୋଗ୍ରାମ୍)ର ବିନା ଅନୁମୋଦନରେ କେତେକ ଉନ୍ନତିମୂଳକ କାର୍ଯ୍ୟ ପଞ୍ଚାୟତ ଅଧିକାରୀ ଏବଂ କନିଷ୍ଠଯନ୍ତ୍ରୀ ଚଞ୍ଚକତା କରୁଛନ୍ତି। ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଆବେଦନ ପରେ ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ଅଫିସ୍‌ର ସହକାରୀଯନ୍ତ୍ରୀ ତଦନ୍ତ କରି ସଠିକ୍ ରିପୋର୍ଟ ପ୍ରଦାନ ପରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ହେଉ ନ ଥିବା ଅଭିଯୋଗ ହୋଇଛି।

ସାଧାରଣ ଭାବରେ ପଞ୍ଚାୟତକୁ ଆସୁଥିବା ୧୪ଏସ୍‌ଏଫ୍‌ସି ତଥ୍ୟକୁ ଉନ୍ନତିମୂଳକ କାର୍ଯ୍ୟରେ ଲଗାଇବା ପୂର୍ବରୁ ପଲ୍ଲୀସଭା ମାଧ୍ୟମରେ ବିଭିନ୍ନ ଯୋଜନାକୁ ଲୋକଙ୍କ ଦ୍ୱାରା ଅନୁମୋଦିତ କରାଯାଇଥାଏ। ଏହାପରେ ବିଡ଼ିଓ, ନିର୍ବାହୀ ଅଧିକାରୀ, କନିଷ୍ଠଯନ୍ତ୍ରୀଙ୍କ ମିଳିତ ମଞ୍ଜୁର ପରେ ଆର୍ଥିକ ବର୍ଷର କାର୍ଯ୍ୟାବଳୀରେ ସ୍ଥାନିତ କରାଯାଇଥାଏ। କିନ୍ତୁ ସଦର ବ୍ଲକ ଅଧୀନ ଗୋପୀନାଥପୁର ପଞ୍ଚାୟତରେ ବିନା ଜିପିଡ଼ିପି ପ୍ଲାନ ଅନୁମୋଦନରେ ପଞ୍ଚାୟତ ପକ୍ଷରୁ ପୋଖରୀଘାଟ ସହ ଅନ୍ୟାନ୍ୟ କାର୍ଯ୍ୟ କରାଯାଉଥିବା ଉକ୍ତ ଗ୍ରାମର କମଳଲୋଚନ ପରିଡ଼ାଙ୍କ ସମେତ ୫୦ରୁ ଉର୍ଦ୍ଧ୍ୱ ଗ୍ରାମବାସୀ ଲିଖିତ ଭାବେ ଅଭିଯୋଗ କରିଥିଲେ। ୨୦୧୯-୨୦ରେ ଜିପିଡ଼ିପି ହୋଇ ନ ଥିବାବେଳେ କାଠପାଳ ପୋଖରୀଘାଟ ଓ ନୀଳଦା ପଞ୍ଚାୟତ ପୋଖରୀଘାଟ ନିର୍ମାଣରେ ୩ଲକ୍ଷ ଟଙ୍କା ବ୍ୟୟ ଅଟକଳ ହୋଇଥିବା ଅଭିଯୋଗରେ ଦର୍ଶାଯାଇଥିଲା । ତେବେ ଉକ୍ତ କାର୍ଯ୍ୟ ସମ୍ବନ୍ଧରେ ପଞ୍ଚାୟତର ନିର୍ବାହୀ ଅଧିକାରୀ ଓ କନିଷ୍ଠ ଯନ୍ତ୍ରୀଙ୍କୁ ପଚାରିବାରୁ ସେମାନେ ଏହା ଜାଣ ନ ଥିବା କହିଥିଲେ। ଅପରପକ୍ଷରେ ପଞ୍ଚାୟତର ସରପଞ୍ଚଙ୍କ ପକ୍ଷରୁ କରାଯାଉଥିବା ଗ୍ରାମବାସୀମାନେ ଅଭିଯୋଗ କରିଥିଲେ। ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କଠାରେ ଅଭିଯୋଗ ହେବା ପରେ ସେ ଏ ସଂକ୍ରାନ୍ତରେ ତଦନ୍ତ ନିମନ୍ତେ ବିଡ଼ିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବ୍ଲକରେ କାର୍ଯ୍ୟରତ ସହକାରୀ ନିର୍ବାହୀଯନ୍ତ୍ରୀଙ୍କ ପକ୍ଷରୁ ତଦନ୍ତ ରିପୋର୍ଟ ଆସିବା ପରେ ଅଧିକାରୀଙ୍କ ବିନା ଜିପିଡ଼ିପି ଅନୁମୋଦନରେ ଦୁଇଟି ପୋଖରୀଘାଟ ନିର୍ମାଣ ହେବା ବିଷୟ ରିପୋର୍ଟରେ ଉଲ୍ଲେଖ ଅଛି। ବ୍ଲକ ପକ୍ଷରୁ ଡିଆର୍‌ଡ଼ିଏ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ଏ ସଂକ୍ରାନ୍ତରେ ପତ୍ରାଙ୍କ ୩୧।୨୦ରେ ତଦନ୍ତ ରିପୋର୍ଟ ଦାଖଲ କରାଯାଇଛି। ଅପରପକ୍ଷରେ ଏହି ଅନିୟମିତତା ପଦାକୁ ଆସିବା ପରେ ଏଥିରେ ସମ୍ପୃକ୍ତ ବ୍ୟକ୍ତିବିଶେଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ଅଭିଯୋଗକାରୀଙ୍କ ପକ୍ଷରୁ ଦାବି କରାଯାଇଛି। ଏ ସମ୍ପର୍କରେ କନିଷ୍ଠ ଯନ୍ତ୍ରୀ ପୁରୁଷୋତ୍ତମ କରଣ କୁହନ୍ତି, ଉକ୍ତ କାର୍ଯ୍ୟ ସମ୍ପର୍କରେ ସେ ଅବଗତ ନାହାନ୍ତି କିମ୍ବା କୌଣସି ଉପରିସ୍ଥ ଅଧିକାରୀଙ୍କର ତଦନ୍ତ ରିପୋର୍ଟ ତାଙ୍କୁ ମିଳି ନାହିଁ। ପଞ୍ଚାୟତ ଅଧିକାରୀଙ୍କୁ ପଚାରିଲେ ଭଲ ହେବ ବୋଲି ପ୍ରକାଶ କରିଥିଲେ।

ଗୋପୀନାଥପୁର ପଞ୍ଚାୟତ ଅଧିକାରୀ ଈଶ୍ୱର ଦାସଙ୍କୁ ପଚାରିବାରୁ ସେ କୁହନ୍ତି, ତତ୍କାଳୀନ ବିଡ଼ିଓ ଶଙ୍କର୍ଷଣ ବେହେରାଙ୍କ କହିବା ଅନୁସାରେ ଉକ୍ତ ଦୁଇ ପୋଖରୀର କାମ ଆରମ୍ଭ ହୋଇଥିଲା। ତତ୍କାଳୀନ ପଞ୍ଚାୟତ ଅଧିକାରୀ ରାମଚନ୍ଦ୍ର ମହାପାତ୍ର ଉକ୍ତ କାର୍ଯ୍ୟ କରାଇବା ପାଇଁ ପ୍ରୋତ୍ସାହନ ଦେଇଥିଲେ। କାମ ହେବା ପର୍ଯ୍ୟନ୍ତ ଏହା ଜିପିଡ଼ିପି ପ୍ଲାନରେ ସ୍ଥାନ ପାଇ ନ ଥିଲା। ଉକ୍ତ କାମକୁ ଚଳିତବର୍ଷ ୨୦୨୦-୨୧ ଆର୍ଥିକ ବର୍ଷ କାର୍ଯ୍ୟାବଳୀରେ ସ୍ଥାନିତ କରାଯାଇଥିବା ପ୍ରକାଶ କରିଛନ୍ତି।

# ସ୍ୱଚ୍ଛ ଭାରତ ଅଭିଯାନ କର୍ମଶାଳା



ସ୍ୱଚ୍ଛ ଭାରତ ଅଭିଯାନ କର୍ମଶାଳାରେ ଅତିଥିମାନେ।

**ବାଲେଶ୍ୱର ଅଫିସ,୨୯।୧**

ବାଲେଶ୍ୱର ସହଦେବଖୁଣ୍ଟା ସ୍ଥିତ ଉତ୍କଳ ବାଳାଶ୍ରମ ପରିସରରେ ଚାଇଲ୍ଡ଼ ଲାଇନ୍ ଇଣ୍ଡିଆ ଫାଉଣ୍ଡେସନ୍ ଓ ଭାରତ ସରକାରଙ୍କ ସହାୟତରେ ଚାଇଲ୍ଡ଼ ଲାଇନ୍ ଆନୁକୂଲ୍ୟରେ 'ସ୍ୱଚ୍ଛ ଭାରତ ଅଭିଯାନ' ସ୍ୱତନ୍ତ୍ର କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲା ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ଭାଗିରଥି ବାରିକ କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଜିଲା ଚାଇଲ୍ଡ଼ ଲାଇନ୍ ସେଣ୍ଟର ମୁଖ୍ୟ ପ୍ରଶାନ୍ତ କୁମାର ରାଉତ ଅଧକ୍ଷତା କରିଥିଲେ। ଖଇରା ଚାଇଲ୍ଡ଼ ଲାଇନ୍ ସେଣ୍ଟର ନିର୍ଦ୍ଦେଶକ ମଦନ ମୋହନ ବେହେରା ସ୍ୱାଗତ ଭାଷଣ ପ୍ରଦାନ କରି ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ ଯୋଗଦେଇ ମହାତ୍ମା ଗାନ୍ଧୀଙ୍କ ଜନ୍ମ ୧୫୦ବର୍ଷ ପୂର୍ତ୍ତୀ ପାଳନର ଆଭିମୁଖ୍ୟ ତଥା ନିଜ ମନକୁ ସ୍ୱଚ୍ଛ ଓ ନିର୍ମଳ କରିପାରିଲେ ଶିଶୁ ଯତ୍ନ ଗୃହରେ ରହୁଥିବା ପିଲାମାନଙ୍କର ଯତ୍ନ ଓ ସେବା ସହିତ ସେମାନଙ୍କର ଅଧିକାରକୁ ଠିକ୍ ଭାବରେ ସାବ୍ୟସ୍ତ କରିପାରିବେ ବୋଲି କହିଥିଲେ। ସମ୍ମାନୀତ ଅତିଥି ଭାବେ ଜିଲା ମଙ୍ଗଳ ଅଧିକାରିଣୀ କୁସୁମବାଳା ମିଶ୍ର, ଶିଶୁ ମଙ୍ଗଳ କମିଟି ସଭ୍ୟ ଗୌରୀରାଣୀ ଉପାଧ୍ୟାୟ, ସଭ୍ୟ ପଦ୍ମଲୋଚନ ଦତ୍ତ, ଆଶିଷ କୁମାର ଘୋଷ, ଗଣେଶ୍ୱର ରାଉତ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଯୁବକ ମାଝୀ, ପ୍ରୋଗ୍ରାମ ଅଫିସର ସଂଯୁକ୍ତା ରାଉତ ଯୋଗଦେଇ ସ୍ୱଚ୍ଛ ଭାରତର ଉଦ୍ଦେଶ୍ୟ ଓ କାର୍ଯ୍ୟକାରିତା ସମ୍ପର୍କରେ ବର୍ଣ୍ଣନା କରିଥିଲେ। ତପସ୍ୱିନୀ ରାଉତ, ସତ୍ୟରଞ୍ଜନ ସ୍ୱାଇଁ, ପଞ୍ଚାନନ ତ୍ରିପାଠୀ, ସ୍ୱୟଂପ୍ରଭା ଦଳାଇ, ଜ୍ୟୋତିପ୍ରକାଶ କର, ଚିତ୍ତରଞ୍ଜନ ବେହେରା, କ୍ରୀଷ୍ଟା ଅଣ୍ଡିଆ, କୁନିମଣି ଭୂୟାଁ, ସ୍ୱପ୍ନା ଜେନା ତଥା ଶିଶୁ ସୁରକ୍ଷା ସମିତି ଓ ଉତ୍କଳ ବାଳାଶ୍ରମର କର୍ମଚାରୀମାନେ ଯୋଗଦେଇ କାର୍ଯ୍ୟକ୍ରମରେ ପରିଚାଳନାରେ ସହାୟତା କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତି ଛାତ୍ରୀଛାତ୍ରଙ୍କୁ ସାର୍ଟିଫିକେଟ୍ ଓ ପୁରସ୍କାର ପ୍ରଦାନ କରାଯାଇଥିଲା।

# ଉନ୍ନୟନ କାର୍ଯ୍ୟରେ ଅସହଯୋଗ ନେଇ ଉଦ୍‌ବେଗ

**ବସ୍ତା,୨୯।୧(ଡ଼ି.ଏନ.ଏ.)**

## ବସ୍ତା ପଞ୍ଚାୟତ ସମିତି ବୈଠକ



ବୈଠକରେ ଉପସ୍ଥିତ ଜନ ପ୍ରତିନିଧି ଓ ଅଧିକାରୀବୃନ୍ଦ।

ବସ୍ତା ପଞ୍ଚାୟତ ସମିତି ବୈଠକ ବୁଧବାର ଅନୁଷ୍ଠିତ ହୋଇଛି। ବ୍ଲକ ଅଧକ୍ଷ ଲକ୍ଷ୍ମୀଧର ଦାସଙ୍କ ସମେତ ଉପାଧ୍ୟକ୍ଷା ରଞ୍ଜନା ଦାସ, ବିଧାୟକ ନିତ୍ୟାନନ୍ଦ ସାହୁ, ବିଡ଼ିଓ କୁକୁମୀନା ଦାସ, ଜିଲାପରିଷଦ ସଦସ୍ୟ ତ୍ରିଲୋଚନ ବେହେରା, ସମ୍ଭୁନାଥ ସେଠୀ, ସହକାରୀ ଯନ୍ତ୍ରୀ ପରୀକ୍ଷିତ ମହାଳିକ ବୈଠକରେ ଯୋଗ ଦେଇଥିଲେ।

ବୈଠକ ପ୍ରାରମ୍ଭରେ ଏନଆରଜିଏସ ଓ ବସ୍ତା ତହସିଲର କାର୍ଯ୍ୟକୁ ନେଇ ଘୋର ଉଦ୍‌ବେଗ ପ୍ରକାଶ ପାଇଥିଲା। ସଦାନନ୍ଦପୁର ସରପଞ୍ଚ ଅନୀଲ କୁମାର ମହାନ୍ତି, ବ୍ରାହ୍ମଣଦା ସରପଞ୍ଚ ବିଷ୍ଣୁପ୍ରିୟା ବୁଗୁଡ଼ି, ସମିତିସଭ୍ୟ ରବୀନ୍ଦ୍ର ଦାସ, କୁଳିଦା ସରପଞ୍ଚ ସୁନୀଲ କୁମାର ସେନାପତି, ଏମଜିଏନଆରଇଜିଏସରେ କାର୍ଯ୍ୟ କରୁଥିବା ଶ୍ରମିକଙ୍କୁ ଟଙ୍କା ମିଳୁ ନ ଥିବା ଅଭିଯୋଗ କରିଥିଲେ। ପ୍ରଧାନମନ୍ତ୍ରୀ ଆବସ ଗୃହ ଯୋଜନାରେ ଘର ପାଉଥିବା ହିତାଧିକାରୀଙ୍କୁ ଏମଜିଏନଆରଇଜିଏସରେ ଟଙ୍କା ମିଳୁ ନ ଥିବାରୁ ସେମାନେ ଘର କରିପାରୁ ନାହାନ୍ତି ଓ ଘର କରିସାରିଥିବା ହିତାଧିକାରୀଙ୍କୁ ବିଲ ମିଳୁ ନାହିଁ ବୋଲି ଅଭିଯୋଗ କରିଥିଲେ। ବୈଠକରେ ତହସିଲଦାର ଅନୁପସ୍ଥିତ ଥିବାବେଳେ ତହସିଲର ମନମୁଖି କାର୍ଯ୍ୟକୁ ନେଇ ଜିଲାପରିଷଦ ସଦସ୍ୟ ତ୍ରିଲୋଚନ ବେହେରା, ପତ୍ରଝଡ଼ା ସମିତିସଭ୍ୟ ଆପତ୍ତି ଉଠାଇଥିଲେ। ସେହିପରି ବସ୍ତା ବ୍ଲକର ବିଭିନ୍ନ ପଞ୍ଚାୟତରେ ନିର୍ମାଣ ହେବାକୁ ଥିବା ଅଙ୍ଗନୱାଡ଼ି ଗୃହ, ଧାନଖଳା, କଲ୍ୟାଣମଣ୍ଡପ ପାଇଁ ସ୍ଥାନ ନିରୁପଣ ନେଇ ତହସିଲ ଟାଳଟୁଳ ନୀତି କରୁଛି। ରାଜସ୍ୱ ନୀରିକ୍ଷକମାନେ ଉନ୍ନତିମୂଳକ କାର୍ଯ୍ୟ ପାଇଁ ସହଯୋଗ କରୁ ନାହାନ୍ତି। ସରକାରଙ୍କ ୫ଟି ଯୋଜନାକୁ ଅଧିକାରୀମାନେ ମାନୁ ନାହାନ୍ତି। ବିନା ଲାଞ୍ଚରେ ତହସିଲ ଓ ଆର୍‌ଆଇ କାର୍ଯ୍ୟାଳୟରେ କାର୍ଯ୍ୟ ହୋଇପାରୁ ନ ଥିବା ବହୁ ଜନପ୍ରତିନିଧି ଅଭିଯୋଗ କରିଥିଲେ। ସେହିପରି ଡ୍ରେନେଜ୍ ବିଭାଗ ତରଫରୁ ହେଉଥିବା କାର୍ଯ୍ୟରେ ଫଳକ ମରାଯାଉ ନ ଥିବା ଯୋଗୁଁ ବୈଠକରେ ଅସନ୍ତୋଷ ପ୍ରକାଶ ପାଇଥିଲା। ବ୍ଲକ ଅଞ୍ଚଳରେ ନିର୍ମାଣାଧିନ କାର୍ଯ୍ୟରେ ଠିକାଦାରମାନେ ସେମାନଙ୍କ ଇଚ୍ଛାରେ କାର୍ଯ୍ୟ କରୁଥିବା ନେଇ ସମିତିସଭ୍ୟ ରବୀନ୍ଦ୍ର ଦାସ ଗୃହରେ କହିଥିଲେ। ବୈଠକରେ ବିଭିନ୍ନ ପଞ୍ଚାୟତର ଜନପ୍ରତିନିଧିଙ୍କ ସହିତ ବିଭାଗୀୟ ଅଧିକାରୀମାନେ ଯୋଗଦେଇଥିଲେ। ଅନ୍ୟ ବିଭାଗ ମଧ୍ୟରେ ଆଇସିଡ଼ିଏସ୍, ଉଠାଜଳସେଚନ, ଇରିଗେସନ୍ ସମେତ ବିଭିନ୍ନ ବିଭାଗର ଉପରେ ଆଲୋଚନା ହୋଇଥିଲା।

## ଜବରଦଖଲରେ ଗୋଚର ଜମି

**ଖଇରା,୨୯।୧(ଡ଼ି.ଏନ୍.ଏ.)**

ବାଲେଶ୍ୱର ଜିଲା ଖଇରା ତହସିଲ ଡୁଡିଗଡିଆ ରାଜସ୍ୱ କ୍ଷେତ୍ର ଅଧୀନ ତେନ୍ତୁଳିଆପଡା ରାଜସ୍ୱ ଗ୍ରାମରେ ଥିବା ଗୋଚର ଜମିକୁ କିଛି ମୁଷ୍ଟିମେୟ ବ୍ୟକ୍ତି ନିଜ ଅଧୀନରେ ରଖି ବହୁ ମୂଲ୍ୟବାନ ଗଛ କାଟି ବିକ୍ରି କରିଥିବା ନେଇ ଶତାଧିକ ଗ୍ରାମବାସୀ ଡୁଡିଗଡିଆ ରାଜସ୍ୱ ନିରୀକ୍ଷକ ଓ ଖଇରା ଥାନା ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ହାଇକୋର୍ଟରୁ ଏହି ଜମି ଉପରେ ରହିତାଦେଶ ଥିବା ବେଳେ ବ୍ୟକ୍ତିମାନେ କିଭଳି ଏହା ଉପରେ ରାସ୍ତାନିର୍ମାଣ କରୁଛନ୍ତି ସେଥିନେଇ ଗ୍ରାମର ଜଗନ୍ନାଥ ମଲ୍ଲିକ, ରତ୍ନାକର ମାଝି, ଲକ୍ଷ୍ମଣ କୁମାର ଧଡା ପ୍ରମୁଖ ଆଶ୍ଚର୍ଯ୍ୟ ପ୍ରକାଶ କରିଛନ୍ତି। ତୁରନ୍ତ ଖାତା ନମ୍ବର ୧୭୪, ପ୍ଲଟ ନମ୍ବର୨୮୭/୮୦୩ (ମୂଳ ଖାତା ୫୭, ପ୍ଲଟ ନମ୍ବର ୩୭୬) ଜମିରୁ ଜବରଦଖଲ ହଟାଇବାକୁ ଦାବି କରିଛନ୍ତି । ଡୁଡିଗଡିଆ ରାଜସ୍ୱ ନିରୀକ୍ଷିକା ଶୁଭଶ୍ରୀ ସାଇଦର୍ଶନୀ ସାମଲ ଓ ଖଇରା ପୋଲିସ ସୋମବାର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି । ପୁନଶ୍ଚ ବୁଧବାର ସମୂହ ଗ୍ରାମବାସୀ ଖଇରା ଥାନାକୁ ଯାଇ ଜମି ଜବରଦଖଲକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି । ଏ ସମ୍ପର୍କରେ ରାଜସ୍ୱ ନିରୀକ୍ଷିକା ସାମଲଙ୍କ ସହ ଯୋଗାଯୋଗ କରିବାରୁ ଗଛ କାଟିବା ଓ ସରକାରୀ ଜମିରେ ମାଟି ପକାଇବା କାର୍ଯ୍ୟକୁ ବନ୍ଦ କରାଯାଇଛି ବୋଲି କହିଛନ୍ତି ।

## 'ବର୍ଣ୍ଣବୋଧ ଓଡ଼ିଆ ଭାଷାର ସଞ୍ଜିବନୀ'

**ସିମୁଳିଆ, ୨୯।୧(ଡି.ଏନ.ଏ.)**

ସିମୁଳିଆ ବ୍ଲକ ସଭା କକ୍ଷରେ ବୁଧବାର ମଧୁସୂଦନ ରାଓଙ୍କ ଜନ୍ମଦିନକୁ 'ବର୍ଣ୍ଣବୋଧ ଦିବସ' ଭାବେ ପାଳନ କରାଯାଇଛି। ସିମୁଳିଆ ପଞ୍ଚାୟତ ସମିତିର ମଣ୍ଡଳ ଉନ୍ନୟନ ଅଧିକାରୀ ଡ. ନରହରି ବେହେରା କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ପଦ୍ମଲୋଚନ ଦାଶ, ମୁଖ୍ୟବକ୍ତା ମଣ୍ଡଳ ଶିକ୍ଷାଧିକାରୀ ଡ. ମାୟାଧର ସାହୁ ଏବଂ ସମ୍ମାନନୀୟ ଅତିଥି ଭାବେ କବି ତଥା ଖବରଦାତା ଭରତ ଚନ୍ଦ୍ର ଦାଶ, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଗୌରାଙ୍ଗ ଚନ୍ଦ୍ର ପତି, ଜିପିଓ ମୃତ୍ୟୁଞ୍ଜୟ ନାୟକ, ବିଏଲ୍‌ସି ରଶ୍ମିତା ଘଡ଼ିଆ ଯୋଗ ଦେଇଥିଲେ। ଏଥିରେ ବିଭିନ୍ନ ବିଦ୍ୟାଳୟରୁ ୩୫ ଛାତ୍ରୀଛାତ୍ର ବର୍ଣ୍ଣବୋଧ ବିଷୟରେ ପରୀକ୍ଷା ଦେଇଥିଲେ। ସମସ୍ତଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଶିକ୍ଷକ ବ୍ରଜକିଶୋର ବେହେରା, ଏବିଓ ଗଦାଧର ଦାସ ଓ ଲମ୍ବୋଦର ସିଂ ସଭା ପରିଚାଳନା କରିଥିଲେ।

# ସ୍ୱତନ୍ତ୍ର ଜାତୀୟ ସେବା ଶିବିର



ମାନପତ୍ର ସହ ଅତିଥିଙ୍କ ଗହଣରେ ସ୍ୱେଚ୍ଛାସେବୀ ।

**ଖଇରା,୨୯।୧(ଡ଼ି.ଏନ୍.ଏ.)**

ଖଇରା ବ୍ଲକ ଅଧୀନ ନହଙ୍ଗ ସ୍ଥିତ ପଞ୍ଚାୟତ ସମିତି ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜାତୀୟ ସେବା ଯୋଜନାର ଏକ ସ୍ୱତନ୍ତ୍ର ଶିବିର ସ୍ଥାନୀୟ ହାଇସ୍କୁଲରେ ୨୧ରେ ଆରମ୍ଭ ହୋଇ ୨୭ରେ ଉଦ୍‌ଯାପିତ ହୋଇଯାଇଛି । ନହଙ୍ଗ ହାଇସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ରାଜଶ୍ରୀ ରାଉତ ଓ ୱାର୍ଡସଭ୍ୟ ମନୋରଞ୍ଜନ ମହାପାତ୍ର ଶିବିରକୁ ଉଦ୍‌ଘାଟନ କରିଥିଲେ। ପ୍ରୋଗ୍ରାମ ଅଧିକାରିଣୀ ଜ୍ୟୋତ୍ସ୍ନାବାଳା ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୨୫ରୁ ଉର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ନହଙ୍ଗ ଗ୍ରାମର ବିଭିନ୍ନ ଦେବାଳୟ ପରିସରରେ ସଫେଇ କରିବା ସହ ସ୍ଥାନୀୟ ଅଙ୍ଗନୱାଡି କେନ୍ଦ୍ରକୁ ଯାଇ କର୍ମୀ ସହାୟିକା ତଥା ଅଭିଭାବକଙ୍କୁ କନ୍ୟା ସନ୍ତାନକୁ ନେଇ ସମାଜରେ ଥିବା ଭେଦଭାବ ଉପରେ ସଚେତନତା ସୃଷ୍ଟି କରିଥିଲେ । ଏହି ଅବସରରେ ଅନୁଷ୍ଠିତ ସ୍ୱାସ୍ଥ୍ୟ ଶିବିରରେ ଆୟୁସ ଡା. ବନିତା ଦଳେଇ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଗାନ୍ଧୀଙ୍କ ୧୫୦ତମ ଜନ୍ମଜୟନ୍ତୀ ଉପଲକ୍ଷେ ବକ୍ତୃତା, କୁଇଜ, ସାଧାରଣ ଜ୍ଞାନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସରପଞ୍ଚ ରାଜଶ୍ରୀ ଦାସ ଶିବିରରେ ପହଞ୍ଚି ଶିବିରାର୍ଥୀମାନଙ୍କୁ ଉତ୍ସାହିତ କରିଥିଲେ। ସୋମବାର ଉଦ୍‌ଯାପନୀ ଦିବସରେ ଆୟୋଜିତ ସଭାରେ ଶିକ୍ଷା ଅଧ୍ୟାପକ ବସନ୍ତ ସୁତାର ସଭାପତିତ୍ୱ କରିଥିଲେ। ଅବସରପ୍ରାପ୍ତ ମହିଳା ସ୍ୱାସ୍ଥ୍ୟକର୍ମୀ ସୁବର୍ଣ୍ଣପ୍ରଭା ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପିକା ଅଳକାନନ୍ଦା ସାହୁ, ମମତାମୟୀ ପଣ୍ଡା, ସୁଲୋଚନା ଦାସ, ବୀଣାପାଣି ବେହେରା ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ । ପରେ ସମସ୍ତ ସ୍ୱେଚ୍ଛାସେବୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା ।

# ଭାଇଚାରା ସୃଷ୍ଟି କରେ ମହୋତ୍ସବ

**ଜଳେଶ୍ୱର,୨୯।୧(ଡି.ଏନ.ଏ./ସ୍ୱ.ପ୍ର.)**



ଜଳେଶ୍ୱର ମହୋତ୍ସବରେ ଉପସ୍ଥିତ ଅତିଥି।

## ଜଳେଶ୍ୱର ମହୋତ୍ସବ ଉଦ୍‌ଘାଟିତ

ମହୋତ୍ସବ ଭାଇଚାରାର ସମ୍ପର୍କ ସୃଷ୍ଟି କରେ। ଉତ୍ସବ ମଣିଷର ମନକୁ ଐକ୍ୟବଦ୍ଧ କରିବା ସହ ସମସ୍ତ ବର୍ଗର ଲୋକଙ୍କ ମନକୁ ଯୋଡ଼ିଥାଏ ବୋଲି ଜଳେଶ୍ୱର ମହୋତ୍ସବର ଉଦ୍‌ଘାଟନୀ ଉତ୍ସବରେ ବିଶିଷ୍ଟ ଅତିଥିମାନେ ମତବ୍ୟକ୍ତ କରିଛନ୍ତି।

ମହୋତ୍ସବ କମିଟି ସଭାପତି ଶିଶିର ହୁଇ ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ପୂର୍ବତନ ଏମ୍‌ପି ଇଂ. ରବୀନ୍ଦ୍ର କୁମାର ଜେନା ଯୋଗଦେଇ ଭିନ୍ନ ରାଜନୈତିକ ମତବାଦର ନେତୃବୃନ୍ଦମାନଙ୍କୁ ନେଇ ଏକ ନୂତନ ଜାଗରଣ ଆଣିବା ପାଇଁ ସମସ୍ତେ ଏକାଠି ହୋଇଛୁ ବୋଲି କହିଥିଲେ। ଏଥିସହ ଏହି ମହୋତ୍ସବରେ ଜଳେଶ୍ୱରର ବିକାଶ ପାଇଁ ଦାବି କରାଯାଇଥିବା ବିଭିନ୍ନ ବିକାଶମୂଳକ କାର୍ଯ୍ୟ ସମ୍ପନ୍ନ ହୋଇପାରିଛି ବୋଲି ସେ କହିଥିଲେ। ମୁଖ୍ୟବକ୍ତା ଭାବେ ବିଶିଷ୍ଟ କବି ହୁସେନ ରବି ଗାନ୍ଧୀ ଭକ୍ତକବି ଦୀନକୃଷ୍ଣ ଓ ସନ୍ଥକବି ଭୀମ ଭୋଇଙ୍କ ଯୋଗୁ ଆଜି ଓଡ଼ିଶା ଧନ୍ୟ ହୋଇଛି ବୋଲି ବକ୍ତବ୍ୟ ରଖିଥିଲେ। ରାଇବଣିଆ ଦୁର୍ଗ ଓଡ଼ିଆ ଜାତିକୁ ପ୍ରେରଣା ଦେଇଥିବାବେଳେ ଫକୀର ମୋହନ ସେନାପତିଙ୍କ ଲଛମା ଉପନ୍ୟାସରେ ଓଡ଼ିଶା ମାଟିର ଅତୀତ, ବୀରତ୍ୱର ଗାଥା ସମସ୍ତଙ୍କ ଭିତରେ ପ୍ରେରଣାର ଉତ୍ସ ହୋଇ ରହିଛି। ମଣିଷର କୌଣସି ବର୍ଗୀକରଣ ନାହିଁ। କଳା ହିଁ ମଣିଷକୁ ଯୋଡ଼ିବା ପାଇଁ ମାଧ୍ୟମ। ନିଜ ମଧ୍ୟରେ ସଂହତି, ଐକ୍ୟ ଓ ଭାଇଚାରା ରଖିଲେ ଯାଇ ମହୋତ୍ସବ ସଫଳ ହୋଇପାରିବ ବୋଲି ସେ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ସିନେତାରକା ଅଶ୍ରୁମୋଚନ ମହାନ୍ତି ଏହି ମାଟିରୁ ଆମ ମଧ୍ୟରେ ଥିବା ଏକତାକୁ କେହି ଭାଙ୍ଗିପାରିବେ ନାହିଁ ବୋଲି କହିଥିଲେ। ବିଧାୟକ ଅଶ୍ୱିନୀ ପାତ୍ର ବିଭିନ୍ନ ବିକାଶମୂଳକ କାର୍ଯ୍ୟର ସୂଚନା ଦେଇଥିଲେ। ସଭାରେ ସମ୍ପାଦକ ଅଜିତ ମହାନ୍ତି, ବିଇଓ ବିଜୟ ନାଥ, ପୂର୍ବତନ ବିଧାୟକ ଦେବୀପ୍ରସନ୍ନ ଚନ୍ଦ, ପ୍ରବୀର ପ୍ରଧାନ, ଦିଲୀପ ଗିରି, ରାମଚନ୍ଦ୍ର ସାହୁ, ସତ୍ୟସୁନ୍ଦର ଦାସ, ଜିତାଂଶୁ ନନ୍ଦୀ, ନବେନ୍ଦୁ ପ୍ରଧାନ, ଗୋବିନ୍ଦ ସାହୁ, ଗୋପାଳ ସାହୁ ଓ ନିତ୍ୟ ଗୋପାଳ ଦାସ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଶେଷରେ ସୁଶାନ୍ତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଇଭିଏମ୍ ବିରୋଧରେ ଜନସାଧାରଣଙ୍କୁ ସଚେତନ କରିବା ପାଇଁ ଉତ୍ତରାଖଣ୍ଡରୁ ଆସିଥିବା ଓଁକାର ସିଂଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଅପରାହ୍ନରେ କାଳୀ ମନ୍ଦିରଠାରୁ ଏକ ବିଶାଳ ବର୍ଣ୍ଣାଢ୍ୟ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ମହୋତ୍ସବ ପଡ଼ିଆରେ ପହଞ୍ଚିଥିଲା।

नालको NALCO
National Aluminium Company Limited
(A Government of India Enterprise)
NALCO Bhawan, P/1, Nayapalli, Bhubaneswar - 751 013, Odisha, India
CIN : L27203OR1981GOI000920
A NAVRATNA COMPANY

**NOTICE**

Notice is hereby given pursuant to Regulation 29 and 47 of the SEBI (Listing Obligations and Disclosure Requirements) Regulations, 2015, that a meeting of the Board of Directors of the Company will be held on Monday, the 10th February, 2020 to consider inter-alia the Unaudited Financial Results(standalone & consolidated) for the quarter and nine months ended 31st December, 2019.
Information in this regard is also available on the website of the Company i.e. **www.nalcoindia.com** and on the website of Stock Exchanges i.e. **www.bseindia.com** and **www.nseindia.com**.

For **National Aluminium Company Limited**
**(N K Mohanty)**
**Company Secretary**
**Place :** Bhubaneswar
**Date :** 28.01.2020

**GOVT. OF INDIA**
**MINISTRY OF FINANCE**
**DEPARTMENT OF FINANCIAL SERVICES**
**DEBTS RECOVERY TRIBUNAL**
**COURT OF THE RECOVERY OFFICER**
**Plot No. C-71, Sector-7, C.D.A., Cuttack-753014**
**FORM NO. ITCP-16**
**NOTICE FOR ATTACHMENT OF IMMOVABLE PROPERTY**
(See Rule-48 of the Second Schedule as referred to in section 29 of Recovery of Debts due to Banks and Financial Institution Act, 1993)
**R.P. No. 92/2015/CTC**
**(Arising out of O.A. No. 612 of 2014)**
**State Bank of India, SME Branch Takatpur,** At/PO: Takatpur, Via: Baripada, Dist.: Mayurbhanj, PIN-757001
**.....Certificate Holder Bank**
**Vs.**
**M/s Pradhan Spices (I) Ltd. & Others** **.....Certificate Debtors**
**To,**
1. **M/s Pradhan Spices (I) Ltd.,** At: Gandadiha, PO: Baripada, Dist.: Mayurbhanj (Represented by its **Managing Director: Shri Mihir Kumar Pradhan**).
2. **Shri Mihir Kumar Pradhan,** S/o: Late Sristhidhar Pradhan, At: Gandadiha, PO: Baripada, Dist.: Mayurbhanj.
3. **Smt. Rekha Pradhan,** W/o: Late Sristhidhar Pradhan, At: Gandadiha, PO: Baripada, Dist.: Mayurbhanj.
4. **Shishir Kumar Pradhan,** S/o: Late Sristhidhar Pradhan, At: Gandadiha, PO: Baripada, Dist.: Mayurbhanj.

WHERE as you, **M/s Pradhan Spices (I) Ltd.,** At: Gandadiha, PO: Baripada, Dist.: Mayurbhanj, Represented by its Managing Director: Shri Mihir Kumar Pradhan & others have failed to pay the sum of **Rs.2,54,89,543.52 (Rupees Two Crore Fifty Four Lac Eighty Nine Tuousand Five Hundred Forty Three and Paise Fifty Two Only)** with interest @ 14.75% per annum with monthly rests on the amount due w.e.f the date of filing till realization of the entire dues payable by you in respect of the demand notice issued by the undersigned as per certificate dt.17.08.2015 arising out of OA No. 612 of 2014 issued by the Presiding Officer, Debts Recovery Tribunal, Cuttack under sub section (22) of the Section 19 of the Recovery of Debts due to Banks and Financial Institutions Act, 1993.

It is ordered that the under mentioned mortgaged properties are attached and you the said **M/s Pradhan Spices (I) Ltd.,** At: Gandadiha, PO: Baripada, Dist.: Mayurbhanj, Represented by its Managing Director: Shri Mihir Kumar Pradhan & others be, and you are hereby prohibited and restrained until the further order of the undersigned from transferring or charging the under mentioned property in any way and that all persons be and that they are, hereby, prohibited from taking any benefit under such transfer of charge.

**Details of Mortgaged Property:**
**1.** Dist.: Mayurbhanj, SRO/Thana: Baripada, Tahasil: Shyamkunta, Tahasil No.: 1003, Thana No.: 105, Mouza: Gouddiho, Khata No.: 62/176, Plot No.: 358 & 354 and 358, Area: Ac.0.650dec., Bounded by- North: Plot No. 354/760, South: Plot No. 357, East: Plot No. 359, West: Plot No. 355.
**2.** Dist.: Mayurbhanj, Tahasil/SRO: Baripada / Saraskana, Thana: Bangiriposi, Thana No.: 156, Mouza: Nuagan, Khata No.: 161, Plot No.: 1673, Area: Ac.1.004dec., Bounded by- North: Road, South: Land of Pratap Chandra Pal, East: Mouza Border, West: Land of Budhuray Majhi.

Given under my hand & seal at Cuttack on this **31st day of December, 2019.**
**Sd/- (R P Patnaik)**
**Recovery Officer**

## ସଂକ୍ଷେପରେ

### ସମ୍ବିଧାନ ପ୍ରସ୍ତାବନା ସଂକଳ୍ପପାଠ

**ବାସୁଦେବପୁର,୨୯।୧(ଡି.ଏନ.ଏ.):** ବାସୁଦେବପୁର ସହର ନିକଟବର୍ତ୍ତୀ ନିୟୁଇଣ୍ଡିଆ ସାହି ଗ୍ରାମରେ କଂଗ୍ରେସ ପକ୍ଷରୁ ଭାରତୀୟ ସମ୍ବିଧାନ ପ୍ରସ୍ତାବନା ସଂକଳ୍ପ ପାଠ ଓ ବୈଠକ ଅନୁଷ୍ଠିତ ହୋଇଥିଲା। ନଗର କଂଗ୍ରେସ କମିଟି ସଭାପତି ଭକ୍ତରଞ୍ଜନ ପଟ୍ଟନାୟକ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଜିଲା କଂଗ୍ରେସ ସଭାପତି ତଥା ବାସୁଦେବପୁର ନିର୍ବାଚନମଣ୍ଡଳୀର ନେତା ଅଶୋକ କୁମାର ଦାସ ଯୋଗଦେଇ ଭାରତୀୟ ଗଣତନ୍ତ୍ରରେ ସମ୍ବିଧାନର ସର୍ବାଧିକ ଗୁରୁତ୍ୱ ଓ ମହତ୍ତ୍ୱ ଥିଲାବେଳେ ବିଭିନ୍ନ ସମୟରେ କେନ୍ଦ୍ର ସରକାର ଏହାର ଉଲ୍ଲଂଘନ କରୁଥିବା ଅଭିଯୋଗ କରି କ୍ଷୋଭ ପ୍ରକାଶ କରିଥିଲେ। ସମ୍ବିଧାନ ପ୍ରସ୍ତାବନା ସଂକଳ୍ପପାଠ କରାଯାଇଥିଲା। ବ୍ଲକ ସଭାପତି ରମେଶ ଚନ୍ଦ୍ର ବଳ, ସରପଞ୍ଚ କାହ୍ନୁ ମଲିକ, ରଘୁ ମଲିକ, ବୃନ୍ଦାବନ ଦାସ, ଆଦିତ୍ୟ ଗିରି, ମହମ୍ମଦ ତୋହିଦ୍ ଖାଁ, ରତ୍ନାକର ମଲିକ, ଗଙ୍ଗାଧର ବାରିକ, ପ୍ରଭାତ ବାରିକ ପ୍ରମୁଖ ଯୋଗ ଦେଇଥିଲେ। ଯୁବ କଂଗ୍ରେସର କର୍ମକର୍ତ୍ତା ଓ ସଭ୍ୟମାନେ ମଧ୍ୟ ବୈଠକରେ ସାମିଲ ହୋଇଥିଲେ। ଯୁବ କଂଗ୍ରେସର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ରାକେଶ ମହାନ୍ତି, ଉପସଭାପତି ସୁବ୍ରତ ବେହୁରା, ସାଧାରଣ ସମ୍ପାଦକ ଭର୍ତ୍ତୃହରି ପାଢ଼ୀ, ଦୀପକ ନାୟକ, ବିକ୍ରମ ମହାନ୍ତି, ଚିତ୍ତରଞ୍ଜନ ମହାକୁଡ଼, ତାପସ ବେହେରା ଓ ବସନ୍ତ ନାୟକଙ୍କୁ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଥିଲା।

### ବାଲାଶ୍ରମରେ ଗାନ୍ଧୀ କବିତା ପାଠୋତ୍ସବ

**ଭଦ୍ରକ ଅଫିସ, ୨୯।୧:** ଭଦ୍ରକ ଗରଦପୁରସ୍ଥିତ ଗାନ୍ଧୀ ବାଲାଶ୍ରମ ଓ ପ୍ରଫେସର ଡ. ଶଶଧର ଦାସଙ୍କ ସମ୍ପାଦନାରେ ପ୍ରକାଶ ପାଉଥିବା ସମାଲୋଚନାଧର୍ମୀ ସାହିତ୍ୟ ପତ୍ରିକା ଆକଳନର ମିଳିତ ସହଯୋଗରେ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜନ୍ମୋତ୍ସବ ବାଲାଶ୍ରମ ପରିସରରେ ପାଳିତ ହୋଇଯାଇଛି। ଆଶ୍ରମ ପରିସରରେ ଅନୁଷ୍ଠିତ ମହାତ୍ମା ଗାନ୍ଧୀ ଶୀର୍ଷକ କବିତା ପାଠଚକ୍ରରେ ବିଶିଷ୍ଟ ଗାଳ୍ପିକା ପ୍ରଫେସର ଝରଣା ପଟ୍ଟନାୟକ ଯୋଗ ଦେଇଥିଲେ। ପ୍ରଫେସର ଡ. ବଳରାମ ମିଶ୍ର, ବିଶିଷ୍ଟ ଚିକିତ୍ସକ, ସାହିତ୍ୟିକ ଡା. ଦୁର୍ଯ୍ୟୋଧନ ଦାସ ଓ ବାଲାଶ୍ରମ ତରଫରୁ ବରିଷ୍ଠ ଖବରଦାତା ପରମାନନ୍ଦ ଦାସ ମଞ୍ଚାସୀନ ଥିଲେ। ପାଠୋତ୍ସବ ଆବାହକ ତଥା ସଞ୍ଚାଳକ ଡ. ଶଶଧର ଦାସଙ୍କ ସଂଯୋଜନାରେ ବହୁ କବି ଅଂଶଗ୍ରହଣ କରିଥିଲେ। ବିଭୂତି ଭୂଷଣ ସେନାପତି, ଶାନ୍ତିଲତା ନାଗ, ବାବାଜୀ ମହାନ୍ତି, ଡ. ବଳରାମ ମିଶ୍ର, ଡ. କ୍ଷୀରୋଦ ସାମଲ, ଅଶୋକ ମହାନ୍ତି, ଡ. ରାଧାରାଣୀ ମହାପାତ୍ର, ଭରତ ଚନ୍ଦ୍ର ଦାସ, ରତିକାନ୍ତ ବେହେରା, ଡ. ପ୍ରଭାତ ନଳିନୀ ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ବହଳୀ, ଆଶୁତୋଷ କରଣ, ଗୀତାରାଣୀ ଆଇଚ, ବିଜୟ ବହଳୀ, ଶ୍ରୀରାମ ହାଁସଦା, ମଙ୍ଗଳ ହାଁସଦା, ଗୁମୁଦା ମୁର୍ମୁ ପ୍ରମୁଖ ବହୁ କବି ଗାନ୍ଧୀଙ୍କ ସମ୍ପର୍କରେ କବିତା ପାଠ କରିଥିଲେ।

## ଭିତ୍ତିଭୂମି ଅବ୍ୟବସ୍ଥା

# ଖୋଲାରେ ପଡ଼ିରହିଛି ଧାନ

**ବାସୁଦେବପୁର, ୨୯।୧(ଡି.ଏନ.ଏ.)**



ମଣ୍ଡିରେ ପଡ଼ିରହିଥିବା ଧାନ ବସ୍ତା।

- ବୈଷୟିକ ତ୍ରୁଟି ଓ ମିଲରଙ୍କ ଅସହଯୋଗରୁ କିଣାଯାଇପାରୁନି
- ବିକ୍ରି ପାଇଁ ଚାଷୀ ହୀନସ୍ତା

ଭଦ୍ରକ ଜିଲାର ବାସୁଦେବପୁର କୃଷିପ୍ରଧାନ ବ୍ଲକ। ବ୍ଲକରେ ମୋଟ ୩୪ ଶହ ହେକ୍ଟର ଚାଷଜମିରୁ ୩୨ ଶହ ହେକ୍ଟର ଜମିରେ ଧାନ ଚାଷ ଚଳିତ ଖରିଫ ଋତୁରେ ହୋଇଥିଲା। ଚାଷୀମାନଙ୍କର ବଳକା ଧାନକୁ ସମବାୟ ସମିତି ମାଧ୍ୟମରେ ବିକ୍ରି ଉଦ୍ଦେଶ୍ୟରେ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରିଥିଲେ ମଧ୍ୟ ଏହା ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକାରୀ ହୋଇପାରୁ ନାହିଁ। ବିଭିନ୍ନ ସମିତି ଓ ସମବାୟ ବିଭାଗରେ ବୈଷୟିକ ତ୍ରୁଟି ଏବଂ ମିଲରଙ୍କ ଅସହଯୋଗ ମନୋଭାବ ଯୋଗୁ ଚାଷୀମାନେ ଠିକ୍ ଭାବେ ଧାନ ମଣ୍ଡିରେ ବିକି ପାରୁ ନାହାନ୍ତି। ସେହିପରି ଭିତ୍ତିଭୂମି ଅବ୍ୟବସ୍ଥା ପାଇଁ ଖୋଲା ଆକାଶ ତଳେ ଧାନବସ୍ତା ପଡ଼ି ରହିଛି।

ପ୍ରକାଶ ଯେ, ଏହି ବ୍ଲକରେ ଚାଷୀଙ୍କଠାରୁ ଧାନ କ୍ରୟ ସକାଶେ ଚଳିତବର୍ଷ ୨୨ଟି ସମିତି ମଧ୍ୟରୁ ୨୦ ସମିତି ଅନୁମତି ପାଇଛନ୍ତି। ପ୍ରଥମଥର କରି ଚୂଡ଼ାମଣି ପଞ୍ଚାୟତସ୍ତରୀୟ ମହିଳା ମହାସଂଘ, ଶାଶୁଭୁଆସୁଣୀ ମହିଳା ମହାସଂଘ ମାଧ୍ୟମରେ ଚୂଡ଼ାମଣି ଓ ଶାଶୁଭୁଆସୁଣୀ ପଞ୍ଚାୟତରେ ଧାନକ୍ରୟ ଆରମ୍ଭ ହୋଇଛି। ବିଭିନ୍ନ ସେବା ସମବାୟ ସମିତିରେ ଭିତ୍ତିଭୂମିର ଅଭାବ ହେତୁ ଚାଷୀମାନଙ୍କ ଧାନ ଖୋଲାରେ ଅସୁରକ୍ଷିତ ଭାବେ ପଡ଼ିରହିଛି। ଗୋଦାମ ନ ଥିବାରୁ ଏଭଳି ସମସ୍ୟା ଉପୁଜିଛି। ସମିତିଗୁଡ଼ିକରୁ ଧାନ କ୍ରୟ ନିମନ୍ତେ ଅନୁବନ୍ଧିତ ହୋଇଥିବା ଜିଲା ଓ ଜିଲା ବାହାରର ମିଲରମାନେ ଠିକ୍ ସମୟରେ କିଣୁ ନ ଥିବା ସହିତ ସମିତିକୁ ଧାନବୁରା ଦେଉ ନ ଥିବାରୁ ଧାନକିଣାରେ ମନ୍ଥରତା ଦେଖାଦେଇଥିବା କୁହାଯାଉଛି।

ମିଳିଥିବା ସୂଚନା ଅନୁସାରେ, ବିରସ ସମିତିରେ ୮୨୨ ଚାଷୀଙ୍କ ମଧ୍ୟରୁ ୭୪୫ ଜଣଙ୍କୁ ଧାନ ବିକ୍ରି ପାଇଁ ଅନୁମତି ଆସିଛି। ୨୩ ହଜାର ୫ ଶହ କୁଇଣ୍ଟାଲ ଧାନ କିଣା ସକାଶେ ଧାର୍ଯ୍ୟ ଥିବାବେଳେ ୨୩ ହଜାର ଧାନକ୍ରୟ ହୋଇଛି। ବାଲିମେଦ ସମିତିରେ ୧୨୦୮ ଚାଷୀ ପଞ୍ଜୀକୃତ ହୋଇଥିବାବେଳେ ୪ ଶହ ଚାଷୀ ଟୋକନ ଜେନେରେଟ୍ ପାଇଁ ପଠାଯାଇଛି। ବର୍ତ୍ତମାନ ସୁଦ୍ଧା ୨୦ ହଜାର କୁଇଣ୍ଟାଲ ଧାନ କିଣା ସରିଛି। ମା' କାଳୀ ସମିତିରେ ୪୧୬ ଚାଷୀଙ୍କ ମଧ୍ୟରୁ ୩୫୬ ଜଣଙ୍କୁ ଅନୁମତି ମିଳିଛି। ୯ ହଜାର କୁଇଣ୍ଟାଲ ଧାନକ୍ରୟ ଧାର୍ଯ୍ୟ ଥିବାବେଳେ ୪ ହଜାର କୁଇଣ୍ଟାଲ କ୍ରୟ ହୋଇଛି। ବାସୁଦେବପୁର ଓ ସୁରେଶ୍ୱରପୁର ସମିତିରେ ୫୭୭ ଚାଷୀଙ୍କ ମଧ୍ୟରୁ ୫୧୯ ଜଣଙ୍କୁ ଅନୁମତି ମିଳିଛି। ଧାର୍ଯ୍ୟ ୯ ହଜାର ୮ ଶହ କୁଇଣ୍ଟାଲରୁ ୬ ହଜାର କୁଇଣ୍ଟାଲ ଧାନ କିଣା ଯାଇଛି। ସେହିପରି ବରଣ୍ଡିଆ ସମିତିରୁ ୨୦ରୁ ଊର୍ଦ୍ଧ୍ୱ ଚାଷୀ ଧାନ ଦେବା ପାଇଁ ଟୋକନ ପାଇଥିଲେ ମଧ୍ୟ ସେମାନଙ୍କ ନାମ ବୈଷୟିକ ତ୍ରୁଟି ଯୋଗୁ କଟିଯାଇଛି। ଫଳରେ ଚାଷୀମାନେ ପ୍ରାୟ ୮ଶହ କୁଇଣ୍ଟାଲ ଧାନ ବିକ୍ରି କରି ନ ପାରି ଗତ ୩ ଦିନ ତଳେ ସମିତିରେ ତାଲା ପକାଇଥିଲେ। ଅନ୍ୟ ସମିତିରେ ମଧ୍ୟ ଏଭଳି ସମସ୍ୟା ଦେଖାଦେଉଛି। ଏହି ସମସ୍ୟା ସମ୍ପର୍କରେ ଏଆର୍‌ସିଏସ୍ ଅମୂଲ୍ୟ ସେଠୀଙ୍କୁ ପଚାରିବାରୁ କହିଛନ୍ତି, ଧାନକିଣା ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ ସମବାୟ ବିଭାଗ ଉଦ୍ୟମ ଜାରି ରଖିଛି। ଧାନକ୍ରୟ କ୍ଷେତ୍ରରେ ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନିଆଯାଉଛି। ପ୍ରଶାସନିକ ସ୍ତରରେ ମିଲରମାନଙ୍କୁ ମଧ୍ୟ ଏ ଦିଗରେ ତାଗିଦ୍ କରାଯାଉଛି ବୋଲି ସେ କହିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦଇବ,<br>ଏହାକି ଏ ଦିହ ସହିବ ?<br>ସୁନାଫୁଲ ଝିଅ ଜନମ କଲି<br>ପରପୁଅ ଘେନି ରହିବ ?**

ଝିଅ ଯେବେ ଘରଯୋଗ୍ୟା ହୁଏ ତାକୁ ଭଲ ଘର, ଭଲ ବର ଦେଖି ହାତକୁ ଦି'ହାତ କରିଦିଆଯାଏ। ପରନ୍ତୁ ଝିଅ ଯଦି ଅଜାତିରେ ବାହାହୋଇଯାଏ ସେତେବେଳେ ଏହାକୁ ସହ୍ୟ କରିବା ମାତାପିତାଙ୍କ ପକ୍ଷେ ଅତୀବ କଷ୍ଟକର ହୋଇଯାଏ। ଏପରିସ୍ଥଳେ ଅଲିଅଳରେ ବଢ଼ାଇ ଆସିଥିବା ଝିଅର ଭବିଷ୍ୟତ କଥା ଚିନ୍ତାକରି ମାତାପିତା ଦୁଃଖରେ ଭାଙ୍ଗିପଡ଼ିବା ସ୍ୱାଭାବିକ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଦେଖିଲେ କଥା ନ କହେ<br>ନ ଦେଖିଲେ ପେଟ ଫୁଲାଉଥାଏ ।**

ଉପରଠାଉରିଆ ଭଲ ପାଇବା। କେତେଜଣ ବ୍ୟକ୍ତି ମନରେ ପଛେ କିଛି ନ ଥାଉ ଉପରେ ଉପରେ ସ୍ନେହ ଶ୍ରଦ୍ଧା ଭାବ ଦେଖେଇ ହୁଅନ୍ତି। ଆଖି ଛଳ ଛଳ କରି ନିଜର ଆତ୍ମୀୟତା ଭାବ ଅଜାଡ଼ି ଦିଅନ୍ତି। ନ ଦେଖିଲେ ନ ଆସିଲେ ମନ ଊଣା, ଆସିଲେ ଆଡ଼ ଆଡ଼ ଭାବ। ଲୋକଦେଖାଣିଆ ଆନ୍ତରିକତା ଦେଖେଇହେବା ପରିପ୍ରେକ୍ଷୀରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ<br>-ଫ୍ରେଣ୍ଡସ୍ ପବ୍ଲିଶର୍ସ



ବିଦେଇପୁର କପିଳମୁନି ପଡ଼ିଆରେ ଆୟୋଜିତ ମହୋତ୍ସବରେ ପରିବେଷିତ ଦାଣ୍ଡିଆ ନୃତ୍ୟ।



ବୈଠକରେ ବିଧାୟକ ସଞ୍ଜୀବ ମଲ୍ଲିକ, ବ୍ୟୋମକେଶ ରାୟ, ପ୍ରଫୁଲ୍ଲ ସାମଲ, ବିଷ୍ଣୁ ସେଠୀ, ଜିଲାପାଳ ଜ୍ଞାନରଞ୍ଜନ ଦାସ ଓ ଅନ୍ୟମାନେ।

# ଲୁଣା ପ୍ଲାବିତ ଅଞ୍ଚଳରେ ପାନୀୟଜଳ ଯୋଗାଣକୁ ଗୁରୁତ୍ୱ

**ଭଦ୍ରକ ଅଫିସ, ୨୯।୧**

**୯ମ ଜିଲା ପରିଷଦ ବୈଠକ**

ଭଦ୍ରକ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ବୁଧବାର ୯ମ ଜିଲା ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ଅଧ୍ୟକ୍ଷ ଦ୍ୱିଜବର ରାଉତ ଏଥିରେ ଅଧ୍ୟକ୍ଷତା କରିଥିଲେ। ପୂର୍ବ ବୈଠକର ବିବରଣୀ ଆଲୋଚନା ହୋଇଥିଲା। ପରେ ବିଭିନ୍ନ ବିଭାଗରୁ ମିଳିଥିବା ଅନୁପାଳନ, କୃଷି, ପାନୀୟ ଜଳ ଯୋଗାଣ ଓ ପରିମଳ ବ୍ୟବସ୍ଥା, ଶିକ୍ଷା, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଓ ବିଜୁ ପକ୍କାଘର ଯୋଜନା, ଭଦ୍ରକ ଜିଲା ପରିଷଦ ଅଧୀନରେ ଥିବା ଜମି ସମ୍ବନ୍ଧୀୟ ଓ ଗ୍ରାମ୍ୟ ବିଦ୍ୟୁତୀକରଣ ଉପରେ ଆଲୋଚନା କରାଯାଇଥିଲା। ମୁଖ୍ୟତଃ ଲୁଣା ପ୍ଲାବିତ ଅଞ୍ଚଳରେ ପାନୀୟ ଜଳ ଯୋଗାଣ ଉପରେ ଗୁରୁତ୍ୱ ଦିଆଯାଇଥିଲା।

ବୈଠକରେ ଜିଲାପାଳ ଜ୍ଞାନରଞ୍ଜନ ଦାସ, ଭଦ୍ରକ ବିଧାୟକ ସଞ୍ଜୀବ ମଲ୍ଲିକ, ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ, ବିରୋଧୀ ଦଳ ଉପନେତା ତଥା ଧାମନଗର ବିଧାୟକ ବିଷ୍ଣୁ ସେଠୀ, ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ, ବାସୁଦେବପୁର ବିଧାୟକଙ୍କ ପ୍ରତିନିଧି ଅସିତ ଦାସ, ଜିଲା ପରିଷଦ ଉପାଧ୍ୟକ୍ଷା ଜ୍ୟୋତ୍ସ୍ନାରାଣୀ ମହାନ୍ତି ଓ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ମଧୁସୂଦନ ଦାସ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମସ୍ତ ଜିଲାପରିଷଦ ସଭ୍ୟାସଭ୍ୟ, ବ୍ଲକ ଚେୟାରମ୍ୟାନଙ୍କ ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଚଳିତ ବୈଠକରେ ବିଭିନ୍ନ ଯୋଜନାର ଅଗ୍ରଗତି ଓ ସ୍ଥିତାବସ୍ଥା ସମ୍ପର୍କରେ ଆଲୋଚନା କରାଯାଇଥିଲା।

# ଧାରଣା ପରେ ଜଣଙ୍କୁ ଗିରଫ କଲା ପୋଲିସ

**ବନ୍ତ,୨୯।୧(ଡି.ଏନ.ଏ.)**

**ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ଘଟଣା**

ଭଦ୍ରକ ଜିଲା ବନ୍ତ ଥାନା ଅଧୀନ ପଧାନପଡ଼ା ଗ୍ରାମର ବିରଞ୍ଚି ନାରାୟଣ ଯେନା ନାମକ ଜଣେ ଯୁବକଙ୍କୁ ଗତ ଡିସେମ୍ବର ୧୮ରେ କେତେଜଣ ବ୍ୟକ୍ତି ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ମରଣାନ୍ତକ ଆକ୍ରମଣ କରିଥିଲେ। ଏହି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତ ମନୋରଞ୍ଜନ ଜେନାଙ୍କୁ ପୋଲିସ ବୁଧବାର ଗିରଫ କରି କୋର୍ଟଚାଲାଣ କରିଛି। ଉଲ୍ଲେଖନୀୟ ଯେ, ବିରଞ୍ଚିଙ୍କୁ ମରଣାନ୍ତକ ଆକ୍ରମଣ କରାଯିବା ପରେ ପୋଲିସ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ଏ ନେଇ ବନ୍ତ ଥାନାରେ ୧୯ ଜଣଙ୍କ ନାମରେ ମାମଲା (ନଂ.୧୭୫/୧୯) ରୁଜୁ କରାଯାଇଛି। କିନ୍ତୁ ଅଭିଯୁକ୍ତମାନଙ୍କୁ ପୋଲିସ ଗିରଫ ନ କରିବାରୁ ବିରଞ୍ଚିଙ୍କ ପରିବାର ଲୋକେ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ନିକଟରେ ଅଭିଯୋଗ କରିବା ସହ ମଙ୍ଗଳବାରଠାରୁ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶକ୍ରମେ ପୋଲିସ ଅଭିଯୁକ୍ତ ମନୋରଞ୍ଜନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ସାହିତ୍ୟ ସମାଜର ଦର୍ପଣ

**ଭଣ୍ଡାରିପୋଖରୀ,୨୯।୧(ଡି.ଏନ.ଏ.)**

ସାହିତ୍ୟ ସମାଜର ଦର୍ପଣ। ସାମାଜିକ ସଂସ୍କାରର ଅଫୁରନ୍ତ ଉତ୍ସ। ଦାରିଦ୍ର୍ୟ, ଅଜ୍ଞାତ ଓ ଜାତୀୟ ଚେତନାର ସ୍ଫୁରଣ ଘଟାଇ ଯୁବଶକ୍ତିକୁ ବିକାଶ ପଥରେ ଆଗେଇ ନେବାରେ ଏହାର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଟିକିଟିକି ଲଙ୍ଗଳ ମୁନ ଯେଭଳି ତାହାର କର୍ଷଣ ଦ୍ୱାରା କୋଟି କୋଟି ଜନତାଙ୍କ ଖାଦ୍ୟାଭାବ ଦୂର କରିପାରୁଛି। ଠିକ୍ ସେହିପରି ଟିକିଟିକି ଅକ୍ଷରରେ ସଜ୍ଜିତ ଶବ୍ଦ ମନୁଷ୍ୟକୁ ଉଚିତ ମାର୍ଗଦର୍ଶନ କରିଥାଏ ବୋଲି ଭଣ୍ଡାରିପୋଖରୀ ବ୍ଲକ ଷୋଳମପୁରସ୍ଥିତ ହିମସାରମନା ସାହିତ୍ୟ ପରିଷଦର ୭ମ ବାର୍ଷିକ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ପଣ୍ଡିତ ଭୂପତି ଭୂଷଣ ମିଶ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ଅନ୍ୟତମ ଅତିଥି ସାମାଜିକ କର୍ମୀ ବୀରେନ୍ଦ୍ର କୁମାର ମହାନ୍ତି, ଡ. ରାଜକିଶୋର ନାୟକ, ପ୍ରଧାନ ଶିକ୍ଷକ ରବୀନ୍ଦ୍ର କୁମାର ମହାରଣା, ଗବେଷକ ରବୀନ୍ଦ୍ର କୁମାର ବେହୁରିଆ ଓ ମାଳଦା ସେବା ସମବାୟ ସଭାପତି ଅରବିନ୍ଦ ନାୟକ ଯୋଗଦେଇ ସାହିତ୍ୟ ସେବା ନିଜ ପାଇଁ ନୁହେଁ ସମାଜ ଲାଗି ଉଦ୍ଦିଷ୍ଟ ବୋଲି କହିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରିଷଦର ସମ୍ପାଦକ ଦାମୋଦର ଅତିଥି ପରିଚୟ ପ୍ରଦାନ ଓ ସମ୍ପାଦକୀୟ ବିବରଣୀ ପାଠ, ସଭାପତି ହରେକୃଷ୍ଣ ପାଣିଗ୍ରାହୀ, ସହସମ୍ପାଦକ ବିଶ୍ୱମ୍ଭର ରାଉତ ସଭା ପରିଚାଳନା କରିଥିଲେ। ଶିକ୍ଷାବିତ୍ ନବକିଶୋର ପରିଡ଼ା ଧନ୍ୟବାଦ ଦେଇଥିଲେ।

# ଦାଣ୍ଡିଆ ନାଚରେ ଦୁଲୁକିଲା କପିଳମୁନି ପଡ଼ିଆ

**ପଦ୍ମପୁର/ବାସୁଦେବପୁର, ୨୯।୧(ଡି.ଏନ.ଏ.)**

ବାସୁଦେବପୁର ବ୍ଲକ ବିଦେଇପୁର କପିଳମୁନି ପଡ଼ିଆରେ ଆୟୋଜିତ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ଜିଲା କଂଗ୍ରେସ ସଭାପତି ଅଶୋକ କୁମାର ଦାସ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ତହସିଲଦାର ସୌମ୍ୟଶ୍ରୀ ପାଣିଗ୍ରାହୀ ଯୋଗ ଦେଇଥିଲେ। ଏହି ଅବସରରେ ସିନେ ହାସ୍ୟ କଳାକାର ହୃଷୀକେଶ ଦାସ, କବି ପୀତାମ୍ବର ମିଶ୍ର, ବିଶିଷ୍ଟ ତବଲା ବାଦକ ରିମ୍ପା ଶିବା, ନୃତ୍ୟଶିଳ୍ପୀ ସନାତନ ନାୟକ ଓ ତାପସ ଦାସଙ୍କୁ କପିଳମୁନି କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ରିମ୍ପା ଶିବାଙ୍କର ତବଲା ବାଦନ ଉପସ୍ଥିତ ଦର୍ଶକଙ୍କୁ ବିମୋହିତ କରିଥିଲା। ନୃତ୍ୟାଳୟା ଭୁବନେଶ୍ୱରର ନୃତ୍ୟଶିଳ୍ପୀମାନଙ୍କ ଦାଣ୍ଡିଆ ନୃତ୍ୟରେ କପିଳ ମୁନି ପଡ଼ିଆ ଦୁଲୁକିଥିଲା। ଏହି ନୃତ୍ୟ ଦର୍ଶକମାନଙ୍କୁ ଅଧିକ ମନୋରଞ୍ଜନ କରିଥିଲା। ଏହାପରେ ମେଲୋଡ଼ି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଲଉଡ଼ି ଗବେଷଣା କେନ୍ଦ୍ରର ଗୁରୁ ନିତ୍ୟାନନ୍ଦ ଦାସ, ମୁନି କମିଟିର ସୂର୍ଯ୍ୟକାନ୍ତ ମହାନ୍ତି, ରଞ୍ଜନ ମଲ୍ଲିକ, ନୀହାର ନିରାକର ପାଣିଗ୍ରାହୀ ଓ ରାଜେନ୍ଦ୍ର କୁମାର ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଶ୍ୱଜିତ୍ ବଳିୟାରସିଂ ମଞ୍ଚ ସଂଯୋଜନା କରିଥିଲେ।

# ବରିଷ୍ଠ ନାଗରିକଙ୍କ ସୁରକ୍ଷା ନେଇ ଆଲୋଚନା

**ଭଣ୍ଡାରିପୋଖରୀ, ୨୯।୧(ଡି.ଏନ.ଏ.)**

ଭଣ୍ଡାରିପୋଖରୀ ଥାନା ପରିସରରେ ବରିଷ୍ଠ ନାଗରିକ ବୈଠକ ଥାନାଧିକାରୀ ସୁକାନ୍ତି କେରେଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ନାଗରିକ ଲକ୍ଷ୍ମୀଧର ନାୟକ, ବସନ୍ତ ରାଉତ, ଅର୍ଜୁନ ଚନ୍ଦ, ଡମ୍ବୁରଧର ବେହେରା, ଗୌରାଙ୍ଗ ଦାସ ଓ ସୁଧାକର ନାୟକ ପ୍ରମୁଖ ଯୋଗଦେଇ ବରିଷ୍ଠ ନାଗରିକମାନଙ୍କ ସୁରକ୍ଷା ପ୍ରତି ଗୁରୁତ୍ୱ ଦେବାକୁ ସଦସ୍ୟମାନେ ବୈଠକରେ ଦୃଷ୍ଟିଆକର୍ଷଣ କରିଥିଲେ। ଏଥିରେ ଜିଲାସ୍ତରରୁ ବରିଷ୍ଠ ନାଗରିକମାନେ ଯୋଗ ଦେଇଥିଲେ। ଶେଷରେ ଅନନ୍ତ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# 'ସମର୍ପଣ ରହିଲେ ଭକ୍ତିଭାବ ସୃଷ୍ଟି ହେବ'

**ବନ୍ତ,୨୯।୧(ସ୍ୱ.ପ୍ର.)**

ଛାତ୍ରୀମାନେ ପାଠ ପଢ଼ିବା ସହିତ ସେମାନଙ୍କ ମଧ୍ୟରେ ସମର୍ପଣ ଭାବ ରହିଲେ ଭବିଷ୍ୟତରେ ଦେଶ ଓ ଜାତି ପ୍ରତି ଭକ୍ତିଭାବ ସୃଷ୍ଟି ହେବ। ବନ୍ତ ବ୍ଲକ ଆଗରପଡ଼ା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ କୁମାର ସାମଲ ଏହି ମତବ୍ୟକ୍ତ କରିଥିଲେ। ପ୍ରଧାନଶିକ୍ଷକ ଈଶ୍ୱର କୁମାର ସାହୁ ସଭାପତିତ୍ୱ କରିଥିଲେ। ଅନ୍ୟତମ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଦେବେନ୍ଦ୍ର ଜେନା, ଜିଲା ପରିଷଦ ସଭ୍ୟ ପ୍ରଶାନ୍ତ ଦାଶ, ଖଇରା ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ଉମେଶ ଚନ୍ଦ୍ର ନାୟକ, ଡାକ୍ତର ଦାମୋଦର ପଣ୍ଡା, ପାଇମହୁରା ପ୍ରଶିକ୍ଷଣ ବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଚିନ୍ତାମଣି ପାଣିଗ୍ରାହୀ, ପୁରୁଷଣ୍ଡ ସରପଞ୍ଚ ଭାନୁମତୀ ଜେନା, ସମିତିସଭ୍ୟ ଦିଲୀପ ପୁହାଣ, ସିଆର୍‌ସିସି ପ୍ରଫୁଲ୍ଲ ଜେନା, ସିନ୍ଧୁକେଶ୍ୱର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ପ୍ରତିଭା ନାୟକ ଓ ଏସ୍‌ଏମ୍‌ସି ଚେୟାରମ୍ୟାନ କବିନ୍ଦ୍ର ମହାନ୍ତି ଯୋଗ ଦେଇଥିଲେ। ଛାତ୍ରୀମାନେ ଏବେ ସବୁ କ୍ଷେତ୍ରରେ ଛାତ୍ରଙ୍କୁ ପଛରେ ପକାଇ ଦେଇଛନ୍ତି ବୋଲି ଅତିଥିମାନେ ବକ୍ତବ୍ୟରେ କହିଥିଲେ। ଶିକ୍ଷକ ସତ୍ୟନାରାୟଣ ଦାସ ଅତିଥି ପରିଚୟ ପ୍ରଦାନ ଓ ଅଜିତ ରାଉଳ ବାର୍ଷିକ ବିବରଣୀ ପାଠ କରିଥିଲେ। କୃତୀ ଛାତ୍ରୀମାନଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଶେଷରେ ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶିକ୍ଷୟିତ୍ରୀ ଶିକ୍ଷକ ଓ ପରିଚାଳନା କମିଟି ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଉତ୍ସବରେ ଅତିଥିଙ୍କ ଗହଣରେ ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

# ଆଖଣ୍ଡଳମଣିଙ୍କ ଜାଗର ମହୋତ୍ସବ ପ୍ରସ୍ତୁତି

**ଭଦ୍ରକ ଅଫିସ,୨୯।୧**





ବୈଠକରେ ଜିଲାପାଳ ଜ୍ଞାନରଞ୍ଜନ ଦାସ, ବିଧାୟକ ବ୍ୟୋମକେଶ ରାୟ ଓ ଅନ୍ୟମାନେ।

- ବୈଠକରେ ଯୋଗ ଦେଲେନି ନୀତିକାନ୍ତି ସେବାୟତ
- ସନ୍ଧ୍ୟା ୬ଟା ପରେ ଡଙ୍ଗା ଚଳାଚଳ ବନ୍ଦ
- ଅତ୍ୟଧିକ ଯାତ୍ରୀ ପରିବହନ ଉପରେ କଟକଣା

ଭଦ୍ରକ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ବୁଧବାର ଆରଡ଼ିର ବାବା ଆଖଣ୍ଡଳମଣିଙ୍କ ଜାଗର ମହୋତ୍ସବ ପାଳନ ପାଇଁ ପ୍ରସ୍ତୁତି ବୈଠକ ଜିଲାପାଳ ଜ୍ଞାନରଞ୍ଜନ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ଫେବୃୟାରୀ ୨୧ରେ ଥିବା ମହାଶିବରାତ୍ରି ପାଇଁ ଆୟୋଜିତ ଏହି ବୈଠକକୁ ବାବାମଣିଙ୍କ ଜାଗରଯାତ୍ରା ଉପଲକ୍ଷେ ହେବାକୁ ଥିବା ନୀତିକାନ୍ତି ସହ ସମ୍ପୃକ୍ତ ସେବାୟତମାନେ ବର୍ଜନ କରିଛନ୍ତି। ପୀଠ ପରିସରରେ ନୂତନ ଶ୍ରାବଣୀ ମଣ୍ଡପ ତିଆରି କରା ନ ଯିବା, ଶିବଗଙ୍ଗା ପୁଷ୍କରିଣୀ ମଧ୍ୟରେ ଚନ୍ଦନ ମନ୍ଦିର ନିର୍ମାଣ ନ ହେବା, ଆଗନ୍ତୁକ ଭକ୍ତଙ୍କ ପାଇଁ ପରିସ୍ରାଗାର ବ୍ୟବସ୍ଥା ନ ଥିବା ନେଇ ଏହି ସେବାୟତମାନେ ପ୍ରଶାସନର ଦୃଷ୍ଟିଆକର୍ଷଣ କରିଆସୁଥିଲେ। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେଇ ନ ଥିବା ଅଭିଯୋଗ କରି ମହାଦୀପ ସେବାୟତ ଅମର ପାଢ଼ୀ, କନିକା ରାଜାଙ୍କ ପହିଲି ଘର୍ଷଣ ଲାଗି କରୁଥିବା ବଡ଼ପଣ୍ଡାଙ୍କ ପ୍ରତିନିଧି ବାବାଜୀ ଶଙ୍କର ପାଢ଼ୀ, ପାଳିଆ ସେବାୟତ ଓ ପ୍ରହର ପୂଜାରେ ନିୟୋଜିତ ଥିବା ସେବାୟତ ପ୍ରସ୍ତୁତି ବୈଠକରେ ଯୋଗ ଦେଇ ନ ଥିଲେ।

ଜାଗରଯାତ୍ରା ଉପଲକ୍ଷେ ବାବାମଣିଙ୍କ ନୀତିନିର୍ଘଣ୍ଟ ଅନୁଯାୟୀ ଭୋର ୪ଟାରେ ମନ୍ଦିର ପହଡ଼ ଖୋଲାଯାଇ ମଙ୍ଗଳ ଆଳତି ପରେ କନିକା ରାଜାଙ୍କ ତରଫରୁ ପହିଲି ଘର୍ଷଣ ଭୋଗ, ୫ଟା ୪୫ରୁ ରାତି ୧୧ଟା ୩୦ ପର୍ଯ୍ୟନ୍ତ ସର୍ବସାଧାରଣଙ୍କ ଦିଅଁ ଦର୍ଶନ ଏବଂ ଘର୍ଷଣ ଭୋଗ ପରେ ବିଭିନ୍ନ ସମୟରେ ବିଭିନ୍ନ ପୂଜା ଉପଚାର ଅନୁଷ୍ଠିତ ହେବ। ରାତି ୧୨ଟା ୩୦ରୁ ୧ଟା ୩୦ ପର୍ଯ୍ୟନ୍ତ ଶ୍ରୀଜୀଉଙ୍କ ସୁନାବେଶ ସମ୍ପୂର୍ଣ୍ଣ ଏବଂ ମହାଦୀପ ପ୍ରସ୍ତୁତି, ୧ଟା ୩୦ରୁ ୩ଟା ୧୫ରେ ସର୍ବସାଧାରଣଙ୍କ ସୁନାବେଶ ଦର୍ଶନ। ପରେ ୪ଟା ୧୫ ମଧ୍ୟରେ ମହାଦୀପ ପୂଜା ସହ ୪ଟା ୧୫ରୁ ସାଢ଼େ ୪ଟା ମଧ୍ୟରେ ମହାଦୀପ ଗମ୍ଭୀରାରୁ ଆନୟନ ଓ ଶ୍ରୀଜୀଉଙ୍କ ପହଡ଼। ୪ଟା ୩୦ରୁ ଭୋର ୫ଟା ମଧ୍ୟରେ ମହାଦୀପ କୀର୍ତ୍ତନ ସହ ବେଢ଼ା ପରିକ୍ରମା ପରେ ମନ୍ଦିର ଚୂଡ଼ାରେ ସ୍ଥାପନ ହେବ। ଲକ୍ଷାଧିକ ଭକ୍ତଙ୍କ ସମାଗମ ହେତୁ ଯାତ୍ରୀଙ୍କ ସୁରକ୍ଷା ଓ ସୁବିଧାରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଜିଲା ପ୍ରଶାସନ ଓ ମ୍ୟାନେଜିଂ ଟ୍ରଷ୍ଟି ତରଫରୁ ବିହିତ ପଦକ୍ଷେପ ନିଆଯିବ। ଟ୍ରଷ୍ଟ ବୋର୍ଡ ସଭାପତି ତଥା ଉପଜିଲାପାଳ ପୀତାମ୍ବର ସାମଲଙ୍କ ସହ ବିଭିନ୍ନ ବିଭାଗୀୟ ଅଧିକାରୀ ତଥ୍ୟ ଉପସ୍ଥାପନ କରିଥିଲେ। ଅଧିକ ପୋଲିସ ଫୋର୍ସ ବ୍ୟବସ୍ଥା, ରାତ୍ରିକାଳୀନ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା, ପର୍ଯ୍ୟାପ୍ତ ଆଲୋକ, ରାସ୍ତାଘାଟ ମରାମତି ଓ ଗମନାଗମନ ଆଦି ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଚଳିତବର୍ଷ ଜାଗରଯାତ୍ରା ଦିନ ଭକ୍ତମାନଙ୍କ ସୁରକ୍ଷା ପାଇଁ ସନ୍ଧ୍ୟା ୬ଟା ପରେ ଡଙ୍ଗା ଚଳାଚଳ ବନ୍ଦ ରଖିବା ସହିତ ଯାତ୍ରିବାହୀ ଗାଡ଼ି ଏବଂ ଡଙ୍ଗାଗୁଡ଼ିକରେ ଅତ୍ୟଧିକ ଯାତ୍ରୀ ପରିବହନ ଉପରେ କଟକଣା ଜାରି କରାଯାଇଛି। ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ, ଜିଲାପରିଷଦ ସଭାପତି ଦ୍ୱିଜବର ରାଉତ, ସିଡିଏମ୍‌ଓ ଡା. ଜଗନ୍ନାଥ ପହି, ଏସ୍‌ଡିପିଓ ମନୋରଞ୍ଜନ ସାମଲ, ସେବାୟତ ପ୍ରତିନିଧି ସରୋଜ ପାଢୀଙ୍କ ସମେତ ବହୁ ଅଧିକାରୀ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ବିଦ୍ୟାଧର ପଲେଇ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।



କଙ୍ଗନାଙ୍କ ସହ ମୋର ତିକ୍ତ ସମ୍ପର୍କ ଥିଲେ ହେଁ ଆମେ କେବେ ବାହାରେ ଭେଟହେଲେ ବିନମ୍ରତାର ସହ କଥା ହେଉ, ଶୁଭେଚ୍ଛା ଜଣାଉ। ଜଣେ ଫିଲ୍ମ ନିର୍ମାତା ଭାବେ କଙ୍ଗନାଙ୍କ ପ୍ରତିଭା, କ୍ରାଫ୍ଟରକୁ ମୁଁ ସମ୍ମାନ କରେ। ନିଜକୁ ପ୍ରମାଣିତ କରିପାରିଥିବା ଅଭିନେତ୍ରୀମାନଙ୍କ ମଧ୍ୟରୁ ସେ ଜଣେ। ସେ ପଦ୍ମଶ୍ରୀ ପାଇବା ସମ୍ମାନର କଥା।

- କରନ ଜୋହର, ଫିଲ୍ମ ନିର୍ମାତା



# ମେହରରେ ମାଗିଲେ ୮୦ ଖଣ୍ଡ ବହି

**କୋଲ୍ଲମ:** ବାହାଘର ପୂର୍ବରୁ ଝିଅ ଯାହା ଦାବି କରେ, ତାହାକୁ ବର ପୂରଣ କରିବାକୁ ବାଧ୍ୟ। ନଚେତ୍ ବାହାଘର ହୋଇପାରେନି। ମୁସଲମାନ ସମ୍ପ୍ରଦାୟରେ ଏଭଳି ବିଧି ରହିଛି, ଯାହାକୁ 'ମେହର' ବୋଲି କୁହାଯାଏ। ଯଦି 'ମେହର' ପୂରା ନ ହୁଏ, ତେବେ କାଜି ବି ବାହାଘର କରାନ୍ତି ନାହିଁ। ବର ଓ କନ୍ୟା ଘରର ଆର୍ଥିକ ପରିସ୍ଥିତିକୁ ଆଖିରେ ରଖି କନ୍ୟା ମେହର ଦାବି କରନ୍ତି। ମେହର ଆକାରରେ କନ୍ୟା କାର୍, ଘର, ଗହଣା ଆଦି ଦାବି କରିପାରିବେ। ଦେଇଛନ୍ତି। ଏଥିରେ ଗୀତା, ବାଇବେଲ୍ ଓ କୋରାନ୍ ଆଦି ଧର୍ମଗ୍ରନ୍ଥ ଏବଂ ଅନ୍ୟାନ୍ୟ ବହି ରହିଛି। କେବଳ ଏତିକି ନୁହେଁ ଇଜାଜ୍ ନିଜ ବେଡରୁମ୍‌ରେ ଅଜନାଙ୍କ ପାଇଁ ଏକ ବୁକ୍ ସେଲ୍‌ଫ ମଧ୍ୟ ତିଆରି କରିଛନ୍ତି, ଯେଉଁଥିରେ ବିଭିନ୍ନ ପ୍ରକାରର ବହି ରଖାଯାଇଛି। କେରଳରେ ମୁସଲମାନ୍ ମହିଳା ବାହାଘର ବେଳେ ବହି ମାଗିବା, ଏହା ପ୍ରଥମ ଘଟଣା ନୁହେଁ। ୨୦୧୬ରେ ବାହାଘର ବେଳେ କନ୍ୟା ସାହଲା ନିଚିଲ ମେହରରେ ୫୦ ଖଣ୍ଡ ବହି ମାଗିଥିଲେ।



## ସୋସିଆଲ ମିଡିଆରେ ଅଜନା ନାଜିମଙ୍କ ଚର୍ଚ୍ଚା

ତେବେ କେରଳର କୋଲ୍ଲମ ଜିଲ୍ଲା ନୀଲାମେଲର ଅଧିବାସୀ ଅଜନା ନାଜିମ ବାହାଘର ବେଳେ ମାଗିଥିବା ମେହରକୁ ନେଇ ଏବେ ସୋସିଆଲ ମିଡିଆରେ ବେଶ୍ ଚର୍ଚ୍ଚା ହେଉଛି। ଗତ ଅକ୍ଟୋବର ୨୯ରେ ଅଜନାଙ୍କର ସଫ୍ଟୱେର ଇଞ୍ଜିନିୟର ଇଜାଜ୍ ହାକିମ୍‌ଙ୍କ ସହ ନିର୍ବନ୍ଧ ହୋଇଥିଲା। ଏହି ସମୟରେ ଅଜନା ୮୦ ଖଣ୍ଡ ବହି ମେହର ଭାବେ ଦାବି କରିଥିଲେ। ଏଥିସହ ସମସ୍ତ ବହି ଖାଲିଦ୍ ହୁସେନ୍, ହୁରୁକି ମୁରାକମୀ ଓ ବାରାକ୍ ଓବାମାଙ୍କ ଭଳି ବ୍ୟକ୍ତି ବିଶେଷଙ୍କ ଜୀବନୀ ଉପରେ ଆଧାରିତ ପୁସ୍ତକ ହୋଇଥିବ ବୋଲି ଅଜନା କହିଥିଲେ। ହେଲେ ବାହାଘର ବେଳେ ଇଜାଜ୍ ତାଙ୍କୁ ୯୬ ଖଣ୍ଡ ବହି

# ସାମାଜିକ ବାସନ୍ଦ ନୁହେଁ, ସହଯୋଗ ଲୋଡ଼ା

## ବିଶ୍ୱ କୁଷ୍ଠ ନିବାରଣ ଦିବସ

ବିଶ୍ୱରେ କୁଷ୍ଠରୋଗ ସମ୍ପର୍କରେ ସଚେତନତା ସୃଷ୍ଟିକରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ୩୦ ଜାନୁୟାରୀରେ ବିଶ୍ୱ କୁଷ୍ଠ ନିବାରଣ ଦିବସ ପାଳନ କରାଯାଉଛି। । ଏହି ଦିବସରେ ଗାନ୍ଧିଜୀଙ୍କୁ ମଧ୍ୟ ସ୍ମରଣ କରାଯାଏ। ଗାନ୍ଧିଜୀ ଏହି ରୋଗକୁ ଭଲ ଭାବେ ବୁଝିଥିଲେ ଓ ରୋଗୀଙ୍କ ସେବା ବି କରୁଥିଲେ। ବିଶ୍ୱରେ ସବୁଠୁ ପୁରୁଣା ରୋଗ ହେଉଛି କୁଷ୍ଠରୋଗ। ପୂର୍ବେ ଏହାର ଚିକିତ୍ସା ପଦ୍ଧତି ବାହାରି ନଥିବାବେଳେ ଲୋକମାନେ ସାମାଜିକ ବାସନ୍ଦର ଶିକାର ହୋଇ ଘରଛାଡି ବାହାରେ ରହିବାକୁ ବାଧ୍ୟ ହେଉଥିଲେ। ଆମ ଦେଶରେ ଏହାକୁ 'ବଡ ରୋଗ' ବୋଲି ଲୋକେ କହନ୍ତି। ଏହାକୁ ଅଭିଶାପର ଫଳ ଓ କଳଙ୍କ ବୋଲି ମନେକରନ୍ତି। କେବଳ ଭାରତ ନୁହେଁ ବିଶ୍ୱର ବହୁ ଦେଶରେ ଏହି ରୋଗ ଏକ କଳଙ୍କ ନୁହେଁ ବୋଲି ଲୋକମାନଙ୍କୁ ଅବଗତ କରାଯାଇ ରୋଗାକ୍ରାନ୍ତ ବ୍ୟକ୍ତି ଘର ଓ ସମାଜରେ ଯେମିତି ବାସନ୍ଦ ନ ହୁଅନ୍ତି ତା' ଉପରେ ଏହି ଦିବସରେ ଜୋର ଦିଆଯାଇଥାଏ। କୁଷ୍ଠକୁ ନେଇ ବସାବାନ୍ଧିଥିବା ଭ୍ରମ ଧାରଣା ଦୂର କରିବାରେ ଏହି ଦିବସ ଅନେକ ସଫଳତା ପାଇଛି। ବିଶ୍ୱକୁ ସମ୍ପୂର୍ଣ୍ଣ କୁଷ୍ଠମୁକ୍ତ କରିବା ଲକ୍ଷ୍ୟରେ ବର୍ତ୍ତମାନ ବିଶ୍ୱର ୧୦୦ଟିରୁ ଊର୍ଦ୍ଧ୍ୱ ଦେଶରେ ଏହା ପାଳନ କରାଯାଉଛି। ଷାଠିଏ ଦଶକର ଆରମ୍ଭରେ ଏହି ରୋଗ ଲାଗି ପ୍ରଥମେ ଔଷଧ ଆବିଷ୍କାର ହେବା ପରେ ମଲ୍ଟି ଡ୍ରଗ ଥେରାପୀ(ଏମ୍‌ଡିଟି) ଚିକିତ୍ସାରେ ବ୍ୟବହାର କରାଯାଇଥିଲା। ୧୯୮୧ରେ ଏହାକୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ସ୍ୱୀକୃତି ଦେବା ପରେ ଏହି ରୋଗକୁ ନିୟନ୍ତ୍ରଣ କରିବା ସହଜ ହୋଇଛି। ୧୯୮୫ରୁ ଡବ୍ଲ୍ୟୁଏଚଓ ଏମ୍‌ଡିଟି ମାଗଣାରେ ଯୋଗାଇ ଦେଉଛି। ତଥାପି ୨୦୧୮ରେ ୧୫୯ଟି



ଦେଶରେ ୨୦୮୬୧୯ ଜଣ ନୂଆ ରୋଗୀ ସାମ୍‌ନାକୁ ଆସିଥିଲେ ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ପ୍ରକାଶ କରାଯାଇଛି। ଏହି ଦିବସ ଅବସରରେ କୁଷ୍ଠରୋଗଗ୍ରସ୍ତଙ୍କ ଜୀବନଶୈଳୀରେ ଉନ୍ନତି ଆଣିବା ଲାଗି ଜୋର୍ ଦିଆଯାଏ। ସରକାରୀ ସଂସ୍ଥା ବ୍ୟତୀତ ବେସରକାରୀ ସଂଗଠନ ଓ ସାମାଜିକ କର୍ମୀମାନେ ଲୋକମାନଙ୍କଠାରୁ ସାହାଯ୍ୟ ସଂଗ୍ରହ କରି କୁଷ୍ଠରୋଗୀମାନଙ୍କ ଲାଗି ଫଣ୍ଡ ବୃଦ୍ଧି କରିଥାନ୍ତି। ଅନେକ ବର୍ଷ ଧରି ଦାରିଦ୍ର୍ୟ ଓ କୁଷ୍ଠରୋଗ ମଧ୍ୟରେ ସମ୍ବନ୍ଧ ରହିଥିବା ଲକ୍ଷ୍ୟ କରାଯାଇଛି। ଦେଖାଯାଇଛି ଆର୍ଥିକସ୍ତରରେ ଦୁର୍ବଳ ଲୋକମାନେ ବେଶି କୁଷ୍ଠରୋଗଗ୍ରସ୍ତ ହୋଇଥାନ୍ତି। ସାମାଜିକ ବାସନ୍ଦ ନୁହେଁ, ବରଂ ସେମାନଙ୍କୁ ସବୁ ସ୍ତରରୁ ସହଯୋଗ ଦରକାର। ଏଣୁ କୁଷ୍ଠରୋଗରେ ଆକ୍ରାନ୍ତ ଗରିବଙ୍କ ଅଭାବ ଦୂର କରିବା ଲାଗି ଏହି ଦିବସ ମଧ୍ୟ ଗୁରୁତ୍ୱ ଦେଇଥାଏ।

# କଫି ବର୍ଜ୍ୟରୁ ତିଆରି ହେଲା ସନ୍‌ଗ୍ଲାସ୍

**କିଓ୍ୱ:** ପ୍ଲାଷ୍ଟିକ୍‌ର ବ୍ୟବହାର ରୋକିବା ପାଇଁ ୟୁକ୍ରେନ୍‌ର କଫି କମ୍ପାନୀ ପକ୍ଷରୁ ଏକ ନିଆରା ସନ୍‌ଗ୍ଲାସ୍ ତିଆରି କରାଯାଇଛି। ଏହା କଫି ବର୍ଜ୍ୟରୁ ପ୍ରସ୍ତୁତ ହୋଇଛି। ଏହାକୁ ପିନ୍ଧିଲେ କଫିର ବାସ୍ନା ଆସିବ ବୋଲି କମ୍ପାନୀ କହିଛି। ଏହାକୁ କଫି ସନ୍‌ଗ୍ଲାସ୍ ଭାବେ ନାମିତ କରାଯାଇଛି। ଏଠାକାର ଓଁଚିସ୍ କଫି ବ୍ରାଣ୍ଡ ପକ୍ଷରୁ ପ୍ଲାଷ୍ଟିକ୍ ବ୍ୟବହାର ବନ୍ଦ ଲାଗି ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। କମ୍ପାନୀ ପକ୍ଷରୁ ପ୍ରସ୍ତୁତ ହୋଇଥିବା ସନ୍‌ଗ୍ଲାସ୍‌କୁ ଓଁଚିସ୍ ଆଇ ଓ୍ୱେର ବ୍ରାଣ୍ଡରେ ଅନ୍ତର୍ଭୁକ୍ତ କରାଯାଇଛି। ଏହା ଏବେ ଅନ୍‌ଲାଇନ୍‌ରେ ୬୮ ଡଲାରରେ ଉପଲବ୍ଧ ହେଉଛି। ୩୦୦ ସନ୍‌ଗ୍ଲାସ୍ ଡିଜାଇନିଂ ନମୂନାକୁ ମନା କରାଯିବା ପରେ ଶେଷରେ ଏହାକୁ ଗ୍ରହଣ କରାଯାଇଥିବା କମ୍ପାନୀ ପକ୍ଷରୁ କୁହାଯାଇଛି। ଏହାର ଫ୍ରେମ୍ ୫ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟ କରିବ। ଇତିମଧ୍ୟରେ କମ୍ପାନୀ ୫୦୦ ସନ୍‌ଗ୍ଲାସ୍ ବିକ୍ରି କରିସାରିଛି।



# ଲଣ୍ଡନ ରାସ୍ତାରେ ନୋରାଙ୍କ ଡ୍ୟାନ୍ସ

**ମୁମ୍ବାଇ:** ଫ୍ୟାନ୍‌ମାନଙ୍କୁ କିଭଳି ଏଣ୍ଟରଟେନ୍ କରିବାକୁ ହୁଏ ସେ କଳା ନୋରା ଫତେହିଙ୍କୁ ଭଲ ଭାବେ ଜଣା। ଆକର୍ଷଣୀୟ ବ୍ୟକ୍ତିତ୍ୱ ସାଙ୍ଗକୁ ଉଚ୍ଚକୋଟୀର ନୃତ୍ୟରେ ସେ ଫ୍ୟାନ୍‌ମାନଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ଅକ୍ତିଆର କରିସାରିଲେଣି। ଏହାସହ ସୋସିଆଲ ମିଡିଆରେ ମଧ୍ୟ ନୋରାଙ୍କ ଲକ୍ଷ ଲକ୍ଷ ଫ୍ୟାନ୍, ଫଲୋଅର୍ସ ରହିଛନ୍ତି, ଯେଉଁମାନେ ତାଙ୍କ କୌଣସି ଅପ୍‌ଡେଟ୍‌କୁ ଲାଇକ୍, ଶେୟାର ଓ କମେଣ୍ଟ କରିବାକୁ ଭୁଲନ୍ତି ନାହିଁ। ନିକଟରେ ନୋରାଙ୍କ 'ଷ୍ଟ୍ରିଟ୍ ଡ୍ୟାନ୍ସର ୩ଡି' ରିଲିଜ୍ ହୋଇଯାଇଛି। ପ୍ରତିଥର ଭଳି ଏହି ଫିଲ୍ମରେ ମଧ୍ୟ ତାଙ୍କ ଡ୍ୟାନ୍ସକୁ ଲୋକେ ମନଖୋଲି ପ୍ରଶଂସା କରୁଛନ୍ତି। ନୋରାଙ୍କ ଡ୍ୟାନ୍ସ ଷ୍ଟାଇଲରେ ଅଛି ଯାଦୁ, ଯାହାକୁ ଦେଖିଲେ ଯେ କେହି ବି ତାଙ୍କ ପ୍ରେମରେ ପଡ଼ିଯିବ। ଏବେ ପୁଣି ତାଙ୍କର ଏକ ଡ୍ୟାନ୍ସ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଭିଡିଓରେ ଲଣ୍ଡନର ରାସ୍ତାକଡ଼ରେ ନୋରା ସଲ୍‌ମାନ ୟୁସୁଫ୍ ଖାନ୍‌ଙ୍କ ସହ ଡ୍ୟାନ୍ସ କରୁଥିବା ଦେଖିବାକୁ ମିଳିଛି। ଉଭୟେ ବେଶ୍ ଏନର୍ଜେଟିକ୍ ଓ ଫ୍ରି ଦେଖାଯାଉଛନ୍ତି। ସେମାନେ ଏକ ଇଣ୍ଟରନ୍ୟାଶନାଲ୍ ଗୀତରେ ନାଚୁଛନ୍ତି। ରାସ୍ତାରେ ଯାଉଥିବା ଲୋକ ଏମାନଙ୍କ ଡ୍ୟାନ୍ସର ମଜା ଉଠାଉଛନ୍ତି। ତେବେ ନାଚୁ ନାଚୁ ନୋରାଙ୍କ ଜୋତାର ଫିତା ବାହାରିଯାଇଛି। ଭିଡିଓ ଶେଷରେ ସଲ୍‌ମାନ ନୋରାଙ୍କ ଜୋତାର ଫିତା ବାନ୍ଧିଦେଇଥିବା ଦେଖିବାକୁ ମିଳିଛି, ଯାହାକୁ ଲୋକେ ଖୁବ୍ ତାରିଫ୍ କରୁଛନ୍ତି। ଭିଡିଓଟି ନିଜ ଅଫିସିଆଲ୍ ଇନ୍‌ଷ୍ଟାଗ୍ରାମ୍ ହ୍ୟାଣ୍ଡେଲ୍‌ରେ ଶେୟାର କରି ନୋରା ଲେଖିଛନ୍ତି, "ସଲ୍‌ମାନଙ୍କ ସହ ଡ୍ୟାନ୍ସ ଷ୍ଟେପ୍ ମ୍ୟାଚ୍ କରିବାକୁ ଚେଷ୍ଟା କରୁଛି।" ପ୍ରକୃତରେ ନୋରାଙ୍କ ଏହି ଡ୍ୟାନ୍ସ ଭିଡିଓଟି ଏକ ପୁରୁଣା ଭିଡିଓ। ଫିଲ୍ମ 'ଷ୍ଟ୍ରିଟ୍ ଡ୍ୟାନ୍ସର ୩ଡି'ର ଲଣ୍ଡନ ଶୁଟିଂ ସେଡ୍ୟୁଲ୍ ସମୟରେ ଏହା ରେକର୍ଡ କରାଯାଇଥିଲା। ଏହି ଫିଲ୍ମର ନିର୍ଦ୍ଦେଶନା ରେମୋ ଡି'ସୁଜା ଦେଇଥିବାବେଳେ ବରୁଣ ଧାଓ୍ୱନ, ଶ୍ରଦ୍ଧା କପୁର, ପ୍ରଭୁଦେବା ଓ ନୋରା ମୁଖ୍ୟ ଭୂମିକାରେ ନଜରକୁ ଆସିଛନ୍ତି। ଅନ୍ୟପଟେ 'ଭୁଜ୍: ଦି ପ୍ରାଇଡ୍ ଅଫ୍ ଇଣ୍ଡିଆ' ଏବଂ 'ବାଗୀ-୩' ଫିଲ୍ମରେ ମଧ୍ୟ ନୋରାଙ୍କୁ ଦେଖିବାକୁ ମିଳିବ।



ନୋରା ଫତେହି

# ଶ୍ରଦ୍ଧାଞ୍ଜଳି ଓ ସଂକଳ୍ପର ଦିନଟିଏ

## ଶହୀଦ ଦିବସ

ପ୍ରତିବର୍ଷ ୩୦ ଜାନୁୟାରୀରେ ଭାରତରେ ଶହୀଦ ଦିବସ ପାଳନ କରାଯାଏ। ଜାତିର ପିତା ତଥା ଅହିଂସା ପୂଜାରୀ ମହାତ୍ମା ଗାନ୍ଧୀଙ୍କ ପୁଣ୍ୟତିଥିକୁ ଶହୀଦ ଦିବସ ଭାବେ ପାଳନ କରଯାଉଛି। ୩୦ ଜାନୁୟାରୀ, ୧୯୪୮ରେ ମହାତ୍ମା ଗାନ୍ଧୀଙ୍କୁ ବିର୍ଲା ହାଉସ୍‌ର ପ୍ରାର୍ଥନାସଭାରେ ନାଥୁରାମ ଗଡ୍‌ସେ ଗୁଳିକରି ହତ୍ୟା କରିବା ପରେ ଗାନ୍ଧିଜୀଙ୍କ ଜୀବନଦୀପ ଲିଭିଯାଇଥିଲେ ବି ତାଙ୍କ ଅହିଂସାଦୀପ ସରା ବିଶ୍ୱକୁ ଆଲୋକିତ କରିଆସୁଛି। ଶହୀଦ ଦିବସରେ ଦେଶ ଲାଗି ନିଜ ଜୀବନକୁ ଉତ୍ସର୍ଗ କରିଥିବା ମହାତ୍ମାଙ୍କ ସମେତ ବହୁ ବୀର ଶହୀଦ ସଂଗ୍ରାମୀଙ୍କୁ ମଧ୍ୟ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥାଏ।

ଏହି ଅବସରରେ ଦେଶର ବିଭିନ୍ନ ସ୍ଥାନରେ କାର୍ଯ୍ୟକ୍ରମ ଓ ଶ୍ରଦ୍ଧାଞ୍ଜଳି ସଭାମାନ ଆୟୋଜନ କରାଯାଇଥାଏ। ରାଷ୍ଟ୍ରପତି, ଉପରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ପ୍ରତିରକ୍ଷାମନ୍ତ୍ରୀ ଓ ତିନି ସେନାର ମୁଖ୍ୟ ରାଜଘାଟସ୍ଥିତ ଗାନ୍ଧିଜୀଙ୍କ ସମାଧିପୀଠରେ ଶ୍ରଦ୍ଧାଞ୍ଜଳି ଦେଇଥାନ୍ତି। ବିଶ୍ୱରେ ସ୍ୱାଧୀନତା ସଂଗ୍ରାମୀଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ଉଦ୍ଦେଶ୍ୟରେ ଶହୀଦ ଦିବସ ପାଳନ କରୁଥିବା ୧୫ଟି ରାଷ୍ଟ୍ର ମଧ୍ୟରେ ଭାରତ ଅନ୍ୟତମ। ଏହାର କାରଣ, ଇଂରେଜଙ୍କ ବିରୋଧରେ ସଂଗ୍ରାମ କରି ଆମ ଦେଶକୁ ସ୍ୱାଧୀନତା ଦେଇଥିବା ବୀର ସଂଗ୍ରାମୀଙ୍କ ତ୍ୟାଗକୁ ଆମେ କେବେ ବି ଭୁଲିପାରିନୁ କି ଭୁଲି ପାରିବୁନାହିଁ। ଗାନ୍ଧିଜୀ ଶାନ୍ତି ଓ ଅହିଂସା ମାର୍ଗରେ ସ୍ୱାଧୀନତା ସଂଗ୍ରାମୀଙ୍କୁ ଉଦ୍‌ବୁଦ୍ଧ କରିଥିଲେ।




ସଂଗ୍ରାମୀଙ୍କ ଅତୁଟ ମନୋବଳ ଓ ଅହିଂସାର ଆୟୁଧ ସମ୍ମୁଖରେ ଇଂରେଜ ବେଶି ଦିନ ତିଷ୍ଠିପାରି ନ ଥିଲେ। ସେମାନେ ଦେଶ ଛାଡି ଯିବାକୁ ବାଧ୍ୟ ହୋଇଥିଲେ। ଭାରତର ସ୍ୱାଧୀନତା ସଂଗ୍ରାମରେ ଗାନ୍ଧିଜୀଙ୍କ ସହ ଝାସ ଦେଇଥିବା ପ୍ରତ୍ୟେକ ବୀର ସଂଗ୍ରାମୀଙ୍କୁ ଆଜି ଦିନରେ ସ୍ମରଣ କରି ସେମାନେ ସ୍ୱାଧୀନ ଭାରତ ପାଇଁ ଦେଖିଥିବା ସ୍ୱପ୍ନକୁ ଆଗକୁ ନେବା ଲାଗି ପ୍ରେରଣା ଦେଇଥାଏ ଏହି ଦିବସ। ଦେଶର ପ୍ରଗତି ପାଇଁ ଲଢେଇ ଜାରି ରଖିବା ପାଇଁ ଏହା ସଂକଳ୍ପର ଦିନଟିଏ।

# ସ୍ପେସ୍ ହୋମ ଦେବ ସୁଖଦ ଅନୁଭୂତି

**ନ୍ୟୁୟର୍କ:** ବିଶ୍ୱବ୍ରହ୍ମାଣ୍ଡର ପର୍ଯ୍ୟଟନ ମାନଚିତ୍ରରେ ଯୋଡ଼ି ହେବ ମହାକାଶ। ଅର୍ଥାତ୍ ଜଣେ ଚାହିଁଲେ ମହକାଶକୁ ଯାଇପାରିବ। ସେଠାରୁ ଉପଭୋଗ କରିପାରିବ ପୃଥିବୀର ମନୋରମ ଦୃଶ୍ୟ। ହଁ ଏକଥା ସତ ଯେ, କେବଳ ଦୁଃସାହସିକ କାର୍ଯ୍ୟ ଏବଂ ମହାକାଶ ଉପରେ ରୁଚି ରଖୁଥିବା ବ୍ୟକ୍ତିମାନେ ଏହାର ଆନନ୍ଦ ଉଠାଇପାରିବେ। ପୃଥିବୀର କକ୍ଷଠାରୁ ଦୂରରେ ରହି ସବୁଜ ଗ୍ରହକୁ ଦେଖିବାର ମଜା ନେବାକୁ ପକେଟ୍‌ରୁ ଖର୍ଚ୍ଚ ହୋଇପାରେ ମୋଟା ରକମର ଅର୍ଥ। ଆମେରିକୀୟ ମହାକାଶ ଗବେଷଣା ସଂସ୍ଥା ନାସା ଖୁବ୍‌ଶୀଘ୍ର ପର୍ଯ୍ୟଟକଙ୍କୁ ଏପରି ସୁଯୋଗ ଯୋଗାଇଦେବାକୁ ଉଦ୍ୟମ ଚଳାଇଛି, ଯାହାର ନାମ ରଖାଯାଇଛି 'ସ୍ପେଶ ହୋମ୍'। ଇଣ୍ଟରନ୍ୟାଶନାଲ ସ୍ପେସ୍ ଷ୍ଟେଶନ (ଆଇଏସ୍‌ଏସ୍)ରେ ନାସା ପକ୍ଷରୁ ନିର୍ମାଣ କରାଯାଉଛି ଏକ ଅତ୍ୟାଧୁନିକ ମୋଡ୍ୟୁଲ୍। ଏହାକୁ ସାକାର ରୂପ ଦେବାକୁ ଟେକ୍ସାସ ବେସ୍‌ଡ୍ ଷ୍ଟାର୍ଟଅପ୍ କମ୍ପାନୀ 'ଏକ୍‌ଜିୟମ ସ୍ପେସ୍' ସହିତ ଆଲୋଚନା ସରିଛି। ଯଦି ସବୁକିଛି ଠିକ୍‌ଠାକ୍ ଚାଲେ ତେବେ ୨୦୨୪ ସୁଦ୍ଧା ମହାକାଶ ପର୍ଯ୍ୟଟନର ମଜା ନେଇପାରିବେ ପର୍ଯ୍ୟଟକ। ଏପରି ମୋଡ୍ୟୁଲ ଏବଂ ପ୍ରକଳ୍ପ ପ୍ରସ୍ତୁତ କରିବା ପଛର ପ୍ରମୁଖ ଉଦ୍ଦେଶ୍ୟ ହେଉଛି ବ୍ୟବସାୟିକ ଅଗ୍ରଗତି। ପ୍ରକଳ୍ପ କାର୍ଯ୍ୟକାରୀ ହେବା ଆଗରୁ ଏକ୍‌ଜିୟମ ସ୍ପେସ୍ ପକ୍ଷରୁ ଏହାର କନ୍‌ସେପ୍ଟ ଫଟୋ ରିଲିଜ କରାଯାଇଛି। ପ୍ରସ୍ତାବିତ ପ୍ରକଳ୍ପ ସମ୍ପର୍କରେ ନାସା ପକ୍ଷରୁ କୁହାଯାଇଛି, ନୋଡ୍ ମୋଡ୍ୟୁଲ, ରିସର୍ଚ୍ଚ ଆଣ୍ଡ ମାନୁଫ୍ୟାକ୍‌ଚରିଂ ଫେକଲଟି, ଲାର୍ଜ ଓ୍ୱିଣ୍ଡୋ ଆର୍ଥ ଅବ୍‌ଜର୍‌ଭେଟିରି ଏବଂ କ୍ରୁ ହେବିଟାଟ୍ ୟୁନିଟ୍‌କୁ ନେଇ ମୋଡ୍ୟୁଲ୍ ପ୍ରସ୍ତୁତ କରାଯିବ। ଏହି ସେଗ୍‌ମେଣ୍ଟ ସହଜରେ ଆଇଏସ୍‌ଏସ୍ ସହିତ ଯୋଡ଼ି ହୋଇପାରିବ। ଆବଶ୍ୟକ ସମୟରେ ଏହାକୁ ପୃଥକ୍ ବି କରାଯାଇପାରିବ। ଗତବର୍ଷ ଏହି ପ୍ରକଳ୍ପର ରୂପରେଖ ପ୍ରସ୍ତୁତ କରାଯାଇଥିଲା। ଏହା ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବାକୁ ୨-୩ ବର୍ଷ ଲାଗିଯାଇପାରେ ବୋଲି ନାସା ପକ୍ଷରୁ ସୂଚନା ଦିଆଯାଇଛି।

ଏହି ମୋଡ୍ୟୁଲ୍ ମହାକାଶରେ ଅଦ୍ୟାବଧି କରାଯାଇଥିବା ସବୁଠାରୁ ବଡ଼ ନିର୍ମାଣ। ଏଥିରେ ସଂଲଗ୍ନ କ୍ରୁ କ୍ୱାର୍ଟର୍ସ ପର୍ଯ୍ୟଟକଙ୍କ ସୁଖଦ ଅନୁଭୂତି ଦେବ। ଏହି କ୍ୱାର୍ଟର୍ସର ଭିତର ପାର୍ଶ୍ୱ କାନ୍ଥ ଗଦିରେ ନିର୍ମିତ। ଏଠାରେ ଓ୍ୱାଇ ଫାଇ, ଏଲ୍‌ଇଡି, ମିରର ଏବଂ ଗ୍ଲାସ୍ ଓ୍ୱିଣ୍ଡୋ ସୁବିଧା ରହିବ। ଜିରୋ ଗ୍ରାଭିଟିରେ ସହଜରେ ସଞ୍ଚାଳନ ପାଇଁ କ୍ରୁକ୍ୱାର୍ଟର୍ସର ବିଭିନ୍ନ ସ୍ଥାନରେ ରେଲିଂ ଲଗାଯାଇଛି। ମୋଡ୍ୟୁଲ୍‌ର ନିମ୍ନଭାଗରେ ୩୬୦ ଡିଗ୍ରୀ ଆର୍ଥ ଅବ୍‌ଜର୍‌ଭେଟିରି ଓ୍ୱିଣ୍ଡୋ ରହିବ।





## ପର୍ଯ୍ୟଟନ ମାନଚିତ୍ରରେ ଯୋଡ଼ିହେବ ମହାକାଶ

ଏହାର ସହାୟତାରେ ଜଣେ ପର୍ଯ୍ୟଟକ ପୃଥିବୀର ୩୬୦ ଡିଗ୍ରୀ ଭ୍ୟୁ ଦେଖିପାରିବେ। ଏପରି ନିଆରା ଯୋଜନା ମହାକାଶ ପର୍ଯ୍ୟଟନକୁ ନୂଆ ଦିଗ ଦେଖାଇଥିବା ନାସା ପକ୍ଷରୁ ଦାବି କରାଯାଇଛି।

# ମାତ୍ର ୭୮ ଟଙ୍କାରେ ମିଳିବ ଘର

**ସିସିଲି:** ମାତ୍ର ୭୮ ଟଙ୍କାରେ ଘର ମିଳୁଥିବା ଶୁଣିଲେ ଯେ କେହି ଆଶ୍ଚର୍ଯ୍ୟ ହେବେ। ତେବେ ଏହା ସତ। ଦକ୍ଷିଣ ଇଟାଲୀର ଟୋରୋଣ୍ଟୋ ସହରରେ ୨୫ ହଜାର ଘର ଏହି ଦାମ୍‌ରେ ବିକ୍ରି କରାଯିବ। ପ୍ରଥମେ ପରୀକ୍ଷାମୂଳକ ଭାବେ ୫ଟି ଘର ବିକ୍ରି କରିବାକୁ ସହର ପ୍ରଶାସନ ପକ୍ଷରୁ ଘୋଷଣା କରାଯାଇଛି। ୧୯ ଶତାବ୍ଦୀର ଏହି ବନ୍ଦର ସହରରେ ପୂର୍ବରୁ ପ୍ରାୟ ୪୦ ହଜାର ଲୋକ ବାସ କରୁଥିଲେ। ମାତ୍ର ଏବେ ସହରର ଜନସଂଖ୍ୟା ୩ ହଜାରରେ ପହଞ୍ଚିଛି। କମ୍ ଦାମ୍‌ରେ ଲୋକଙ୍କୁ ଘର ଯୋଗାଇ ଦିଆଯାଇ ଏଠାକାର ଜନସଂଖ୍ୟା ବଢ଼ାଇବାକୁ ସରକାର ଯୋଜନା କରିଛନ୍ତି। ପ୍ରଥମେ ସରକାରଙ୍କ ପକ୍ଷରୁ ଏଭଳି ଯୋଜନା ୨୦୧୧ରେ ଅଣାଯାଇଥିଲା। ସେତେବେଳେ ୭୮ ଟଙ୍କାଦାମରେଏଠାକାର୧୫୦ରୁଅଧିକବିଲ୍ଡିଂକୁବିକ୍ରିକରାଯାଇଥିଲା।ସେହିପରି୨୦୧୯ରେସିସିଲିର ବିଓ୍ୱାନା, ସାମୁକା ଏବଂ ମୁସୋମେଲୀ ଗାଁରେ ଏଭଳି ଅଫର୍ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଦିଆଯାଇଛି।





## ଗଣିତ (MATHEMATICS)

ସମୟ : 2.30 Hrs ପୂର୍ଣ୍ଣସଂଖ୍ୟା : 100

ନିର୍ଦ୍ଦେଶ ଅନୁଯାୟୀ ଉତ୍ତର ଲେଖ । ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟାଙ୍କ ଦକ୍ଷିଣ ପାର୍ଶ୍ୱରେ ଦିଆଯାଇଛି । ସମସ୍ତ ପ୍ରଶ୍ନ ବାଧ୍ୟତାମୂଳକ ।

### PART - I (OBJECTIVE)

#### ବୀଜଗଣିତ

1. ଶୂନ୍ୟସ୍ଥାନ ପୂରଣ କର । [1×5=5
(a) $\frac{2}{x}+\frac{3}{y}=17$ ଏବଂ $\frac{3}{x}+\frac{2}{y}=13$ ହେଲେ $\frac{1}{x}+\frac{1}{y}$ ର ମାନ — ।
(b) $Px^2-3x+P=0$ ଦ୍ୱିଘାତ ସମୀକରଣର ବୀଜଦ୍ୱୟର ଗୁଣଫଳ — ।
(c) –4, –2, 0, 2....... A.P.ର ସାଧାରଣ ଅନ୍ତର= — ।
(d) ପ୍ରଥମ 9ଟି ସଂପ୍ରସାରିତ ସ୍ୱାଭାବିକ ସଂଖ୍ୟାର ମାଧମାନ — ।
(e) P(0, –5) ଏବଂ Q(4, –6) ହେଲେ PQ = — ।

2. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ପ୍ରଦାନ କର । [1×5=5
(a) $a_1=3, a_2=4, b_1=-1$ ଓ $b_2=-1$ ହେଲେ, ଡିଟରମିନାଣ୍ଟ $\begin{vmatrix} a_1 & b_1 \\ a_2 & b_2 \end{vmatrix}$ ର ମାନ କେତେ ?
(b) 7, 8, 4, 3, 10 ଓ 2 ର ମଧ୍ୟମା କେତେ ?
(c) A(0, 0), B(4, 0) ଓ C(0, 3) ହେଲେ Δ ABC ର ପରିସୀମା କେତେ ?
(d) 2k + 7, 6k – 2 ଓ 8k + 4 ଗୋଟିଏ A.P.ର ତିନୋଟି ପଦ ହେଲେ k ର ମାନ ସ୍ଥିର କର ।
(e) P(E) = 0.5 ହେଲେ $P(\overline{E})$ କେତେ ?

3. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ପ୍ରଦାନ କର । [1×5=5
(a) $4x^2-4x+1=0$ ର ମୂଳଦ୍ୱୟର ସ୍ୱରୂପ କ'ଣ ହେବ ?
(b) $3x+2y+1=0, 6x+ky+2=0$ ସମୀକରଣ ଦ୍ୱୟ ସଙ୍ଗତ ଓ ନିର୍ଭରଶୀଳ ହେଲେ 'k'ର ମାନ କେତେ ?
(c) ଏକ ତଥ୍ୟାବଳୀର ମଧ୍ୟମା ଓ ମାଧମାନ ଯଥାକ୍ରମେ 52 ଓ 53 ହେଲେ ଗରିଷ୍ଠକ କେତେ ?
(d) P(–1, 3) ଓ Q(k, 1)କୁ ଯୋଗ କରୁଥିବା ରେଖାଖଣ୍ଡର ମଧ୍ୟବିନ୍ଦୁର ସ୍ଥାନାଙ୍କ $\left(\frac{3}{2},2\right)$ ହେଲେ k ର ମାନ କେତେ ?
(e) ଗୋଟିଏ ମୁଦ୍ରାକୁ ଥରେ ଟସ୍ କଲେ ଦୃଶ୍ୟମାନ 'H'ର ସମ୍ଭାବ୍ୟତା କେତେ ?

4. 'କ' ସ୍ତମ୍ଭ ସହ 'ଖ' ସ୍ତମ୍ଭ ମିଳାଅ । [1×5=5

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| (a) 1+3+5+7+...... ର ଦଶମ ପଦ = | (a) 5 |
| (b) 31, 38, 45, 52....... ଅନୁକ୍ରମର ଅଷ୍ଟମ ପଦ = | (b) 3 |
| (c) ପ୍ରଥମ 10ଟି ଗଣନ ସଂଖ୍ୟାର ମାଧମାନ = | (c) 6.5 |
| (d) P(0, 4) ଓ Q(–3, 0)ର ସଂଯୋଗକାରୀ ରେଖାଖଣ୍ଡର ଦୈର୍ଘ୍ୟ କେତେ ଏକକ ? | (d) 19 |
| (e) x – 2y = 8 ଓ 2x – y = 1 ହେଲେ x – y = | (e) 80 |
| | (f) 5.5 |

5. ନିମ୍ନସ୍ଥ ଉକ୍ତିଗୁଡ଼ିକ ମଧ୍ୟରୁ କେଉଁଗୁଡ଼ିକ ଭୁଲ୍ ଉକ୍ତି (×) ଏବଂ କେଉଁଗୁଡ଼ିକ ଠିକ୍ ଉକ୍ତି (✓) ଦର୍ଶାଅ । [1×5=5
(a) 't' ର ମାନ 12 ହେଲେ P(1, 1) ବିନ୍ଦୁଟି tx – 2y = 10 ର ଏକ ସମାଧାନ ହେବ ।
(b) $2x^2-4x+7=0$ ର ପ୍ରଭେଦକ 40 ହେବ ।
(c) $cx^2-bx-a=0$ ସମୀକରଣର ବୀଜଦ୍ୱୟର ଗୁଣଫଳ 1 ହେଲେ c = a ହେବ ।
(d) A(0, 0), B(2, 2), C(–1, –1) ବିନ୍ଦୁତ୍ରୟ ଏକରେଖୀୟ ହେବେ ।
(e) ଗୋଟିଏ ତଥ୍ୟାବଳୀର ହାରାହାରି ମାପକୁ ତଥ୍ୟାବଳୀର ମଧ୍ୟମା କୁହାଯାଏ ।

#### ଜ୍ୟାମିତି

6. ଶୂନ୍ୟସ୍ଥାନ ପୂରଣ କର । [1×5=5
(a) Δ ABC ~ Δ DEF । AB = 1.2 ସେ.ମି. ଏବଂ DE = 1.4 ସେ.ମି. ହେଲେ Δ ABC ର କ୍ଷେତ୍ରଫଳ : Δ DEF ର କ୍ଷେତ୍ରଫଳ = — ।
(b) 'O' ବୃତ୍ତର କେନ୍ଦ୍ର । OABC ଏକ ରମ୍ବସ୍ ହେଲେ m∠OAC= — ।




(c) ଦୁଇଟି ଅଣଛେଦୀ ବୃତ୍ତର ସର୍ବାଧିକ ସାଧାରଣ ସ୍ପର୍ଶକ ସଂଖ୍ୟା = — ।
(d) $\cos^2(180°-\theta)+\cos^2(90°+\theta)$ ର ସରଳୀକୃତ ମାନ = — ।
(e) ଗୋଟିଏ ବୃତ୍ତକଳାର ଚାପର ଦୈର୍ଘ୍ୟ $\frac{22}{7}$ ସେ.ମି. । ଏହାର ବ୍ୟାସାର୍ଦ୍ଧ 14 ସେ.ମି. ହେଲେ କ୍ଷେତ୍ରଫଳ — ବର୍ଗ ସେ.ମି. ।

7. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ପ୍ରଦାନ କର । [1×5=5
(a) Δ ABC ରେ ∠B ସମକୋଣ, $\overline{BD}\perp\overline{AC}$ । AD = 9 ସେ.ମି. ଏବଂ CD = 16 ସେ.ମି. ହେଲେ BC କେତେ ସେ.ମି. ?
(b) ପାର୍ଶ୍ୱସ୍ଥ ଚିତ୍ରରେ 'O' ବୃତ୍ତର କେନ୍ଦ୍ର । $\overline{BC}$ ବୃତ୍ତର ଏକ ଜ୍ୟା ହେଲେ m∠BAC+m∠OBC କେତେ ?




(c) ABCD ଚତୁର୍ଭୁଜ ଏକ ବୃତ୍ତରେ ପରିଲିଖିତ । AB + CD = 8 ସେ.ମି. ହେଲେ, ଚତୁର୍ଭୁଜର ପରିସୀମା କେତେ ସେ.ମି. ?
(d) ଗୋଟିଏ ସ୍ତମ୍ଭର ଉଚ୍ଚତା, ଏହାର ଛାଇର ଦୈର୍ଘ୍ୟ ସହ ସମାନ ହେଲେ ସେହି ସମୟରେ ସୂର୍ଯ୍ୟର କୌଣିକ ଉନ୍ନତିର ପରିମାଣ କେତେ ସ୍ଥିର କର ।
(e) ଗୋଟିଏ ବୃତ୍ତକଳାର ପରିସୀମା 29 ସେ.ମି. ଏବଂ ବ୍ୟାସାର୍ଦ୍ଧ 6.5 ସେ.ମି. ହେଲେ, ବୃତ୍ତକଳାର କ୍ଷେତ୍ରଫଳ କେତେ ବର୍ଗ ସେ.ମି. ?

8. ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ପ୍ରଦାନ କର । [1×5=5
(a) Δ ABC ରେ ∠B ସମକୋଣ, $\overline{BD}\perp\overline{AC}$ । $\overline{AD}$ ର ଦୈର୍ଘ୍ୟ 8 ସେ.ମି. ଏବଂ $\overline{CD}$ ର ଦୈର୍ଘ୍ୟ 10 ସେ.ମି. ହେଲେ AB କେତେ ସେ.ମି. ?
(b) ଗୋଟିଏ ବୃତ୍ତର ଅନ୍ତର୍ଲିଖିତ ରମ୍ବସ୍‌ର ଏକ ବାହୁର ଦୈର୍ଘ୍ୟ $2\sqrt{2}$ ସେ.ମି. ହେଲେ ବୃତ୍ତର ବ୍ୟାସାର୍ଦ୍ଧ କେତେ ସେ.ମି. ?
(c) ଦୁଇଟି ଏକକେନ୍ଦ୍ରିକ ବୃତ୍ତର ବ୍ୟାସାର୍ଦ୍ଧ ଦ୍ୱୟ 3 ସେ.ମି. ଓ 5 ସେ.ମି. ହେଲେ, ଅନ୍ତଃବୃତ୍ତକୁ ସ୍ପର୍ଶ କରୁଥିବା ବହିଃବୃତ୍ତର ଏକ ଜ୍ୟାର ଦୈର୍ଘ୍ୟ କେତେ ସେ.ମି. ?
(d) cos (45° – A) – cos (45° + A) ର ସରଳୀକୃତ ମାନ କେତେ ?
(e) ଗୋଟିଏ ବୃତ୍ତକଳାର କ୍ଷେତ୍ରଫଳ, ସଂପୃକ୍ତ ବୃତ୍ତର କ୍ଷେତ୍ରଫଳର $\frac{5}{18}$ ହେଲେ ଚାପର ଡିଗ୍ରୀ ପରିମାପ କେତେ ?

9. 'କ' ସ୍ତମ୍ଭ ସହ 'ଖ' ସ୍ତମ୍ଭ ମିଳାଅ । [1×5=5

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| (a) Δ ABC ~ Δ PQR । ତ୍ରିଭୁଜମାନଙ୍କର କ୍ଷେତ୍ରଫଳର ଅନୁପାତ = 9 : 16, BC = 4.5 ସେ.ମି. ହେଲେ QR ସେ.ମି.ରେ କେତେ ? | (a) 1 |
| (b) ଏକ ବୃତ୍ତରେ ଏକ ଚାପର ଡିଗ୍ରୀ ପରିମାପ 30° ହେଲେ, ଏହାର ବିପରୀତ ଚାପର ଡିଗ୍ରୀ ପରିମାପ = | (b) 4 |
| (c) ଗୋଟିଏ ବୃତ୍ତର ଦୁଇଟି ସମାନ୍ତର ସ୍ପର୍ଶକ ମଧ୍ୟରେ ଦୂରତା 16 ସେ.ମି. ହେଲେ ବୃତ୍ତର ବ୍ୟାସାର୍ଦ୍ଧ ସେ.ମି.ରେ = | (c) 16 |
| (d) Δ ABC ରେ m∠B = 90° ହେଲେ $\sin^2 A+\sin^2 C$ ର ମାନ | (d) 15 |
| (e) ଗୋଟିଏ ସିଲିଣ୍ଡରର ଉଚ୍ଚତା 14 ସେ.ମି. ଏବଂ ଆୟତନ 224π ଘନ ସେ.ମି. ହେଲେ ବ୍ୟାସାର୍ଦ୍ଧ କେତେ ସେ.ମି. ? | (e) 6 |
| | (f) 8 |

10. ଠିକ୍ ଉକ୍ତି ପାଇଁ '✓' ଚିହ୍ନ ଏବଂ ଭୁଲ୍ ଉକ୍ତି ପାଇଁ '×' ଚିହ୍ନ ଦେଇ ଉକ୍ତିଗୁଡ଼ିକୁ ଚିହ୍ନଟ କର । [1×5=5
(a) ଗୋଟିଏ ସମବାହୁ ତ୍ରିଭୁଜର ଅନ୍ତଃବୃତ୍ତ ଓ ପରିବୃତ୍ତ ଦ୍ୱୟର ବ୍ୟାସାର୍ଦ୍ଧର ଅନୁପାତ 1 : 2 ।
(b) କୋନ୍‌ର ଉଚ୍ଚତା 15 ସେ.ମି. ଏବଂ ଆୟତନ 770 ଘ.ସେ.ମି. ହେଲେ ଭୂମିର ବ୍ୟାସାର୍ଦ୍ଧ 7 ସେ.ମି. ।
(c) tan 20°.tan 70° ର ସରଳୀକୃତ ମାନ –1 ।
(d) ଏକ ବୃତ୍ତର ଦୁଇ ସମାନ୍ତର ସ୍ପର୍ଶକ ଦ୍ୱାରା ଅନ୍ୟ ଏକ ସ୍ପର୍ଶକର ଛେଦିତ ଅଂଶ କେନ୍ଦ୍ରରେ 90° କୋଣ ଉତ୍ପନ୍ନ କରେ ।
(e) ABCD ଏକ ବୃତ୍ତରେ ଅନ୍ତର୍ଲିଖିତ ଚତୁର୍ଭୁଜ । m∠C – m∠A = 60° ହେଲେ m∠C = 120° ।

### PART - II (SUBJECTIVE)

11.(i) ଦୁଇଟି ଲୁଡୁଗୋଟିକୁ ଏକ ସଙ୍ଗେ ଗଡ଼ାଗଲା । ଉଦ୍ଭବ ଫଳାଫଳରେ ଥିବା "ସଂଖ୍ୟାଦ୍ୱୟର ଯୋଗଫଳ ≤ 3" ହେବାର ସମ୍ଭାବ୍ୟତା ନିରୂପଣ କର । [5
କିମ୍ବା, ଗୋଟିଏ ତ୍ରିଭୁଜର ଶୀର୍ଷବିନ୍ଦୁମାନଙ୍କର ସ୍ଥାନାଙ୍କ ଯଥାକ୍ରମେ (–2,1), (2,3) ଓ (4,– 4) ହେଲେ, ତ୍ରିଭୁଜର କ୍ଷେତ୍ରଫଳ ନିର୍ଣ୍ଣୟ କର ।
(ii) ନିମ୍ନ ସାରଣୀ ଅନ୍ତର୍ଭୁକ୍ତ ତଥ୍ୟାବଳୀର ମାଧମାନ ନିର୍ଣ୍ଣୟ କର : [5

| ସଂଭାଗ | 20-30 | 30-40 | 40-50 | 50-60 | 60-70 | 70-80 |
|---|---|---|---|---|---|---|
| ବାରମ୍ବାରତା | 10 | 6 | 8 | 10 | 7 | 9 |

କିମ୍ବା, ଉପରେ ଦିଆଯାଇଥିବା ସାରଣୀ ଅନ୍ତର୍ଭୁକ୍ତ ତଥ୍ୟାବଳୀର ମଧ୍ୟମା ନିର୍ଣ୍ଣୟ କର ।

12.(i) ଗୋଟିଏ ଭଗ୍ନସଂଖ୍ୟାର ଲବରେ 1 ଯୋଗକଲେ ଏବଂ ହରରୁ 1 ବିୟୋଗକଲେ ଭଗ୍ନାଂଶଟି 1 ହୁଏ । ହରରେ 1 ଯୋଗକଲେ ଭଗ୍ନାଂଶଟି $\frac{1}{2}$ ହୁଏ । ଭଗ୍ନାଂଶଟି ସ୍ଥିର କର । [4
କିମ୍ବା, କ୍ରାମରଙ୍କ ନିୟମ ପ୍ରୟୋଗ କରି ସମାଧାନ କର : 2x + y – 4 = 0, 3x + 2y – 7 = 0
(ii) $41x^2-2(5a+4b)x+(a^2+b^2)=0$ ସମୀକରଣର ମୂଳଦ୍ୱୟ ସମାନ ହେଲେ ପ୍ରମାଣ କର ଯେ, $\frac{a}{b}=\frac{5}{4}$ । [4
କିମ୍ବା, ପୂର୍ଣ୍ଣବର୍ଗରେ ପରିଣତ କରି ସମାଧାନ କର । $2x^2-5x+3=0$
(iii) 100 ରୁ କ୍ଷୁଦ୍ରତର ଏବଂ 5 ଦ୍ୱାରା ବିଭାଜ୍ୟ ସମସ୍ତ ଧନାତ୍ମକ ପୂର୍ଣ୍ଣସଂଖ୍ୟାମାନଙ୍କର ଯୋଗଫଳ ନିର୍ଣ୍ଣୟ କର । [4
କିମ୍ବା, ଏକ ସମାନ୍ତର ଅନୁକ୍ରମରେ ଅବସ୍ଥିତ ତିନୋଟି କ୍ରମିକ ରାଶିର ଯୋଗଫଳ 18 ଏବଂ ଗୁଣଫଳ 192 ହେଲେ, ସଂଖ୍ୟାଗୁଡ଼ିକ ସ୍ଥିର କର ।

13.(i) ପ୍ରମାଣ କର ଯେ, ଗୋଟିଏ ତ୍ରିଭୁଜର ତିନିକୋଣ ଅନ୍ୟ ଏକ ତ୍ରିଭୁଜର ଅନୁରୂପ କୋଣମାନଙ୍କ ସହ ସର୍ବସମ ହେଲେ, ତ୍ରିଭୁଜଦ୍ୱୟ ସଦୃଶ ହେବେ । [5
କିମ୍ବା, ଗୋଟିଏ ବୃତ୍ତର ଦୁଇଟି ସର୍ବସମ ଜ୍ୟା କେନ୍ଦ୍ରଠାରେ ଯେଉଁ କୋଣ ଉତ୍ପନ୍ନ କରନ୍ତି ପ୍ରମାଣ କର ଯେ, ସେମାନେ ସର୍ବସମ ।
(ii) ΔABC ରେ m∠A=60°, b:c = 2:3, BC = 7 ସେ.ମି., ତ୍ରିଭୁଜଟି ଅଙ୍କନ କର । [5
କିମ୍ବା, 3 ସେ.ମି. ବ୍ୟାସାର୍ଦ୍ଧବିଶିଷ୍ଟ ଏକ ବୃତ୍ତ ଅଙ୍କନ କରି ଏଥିରେ 7 ସେ.ମି. ଉଚ୍ଚତାବିଶିଷ୍ଟ ଏକ ସମଦ୍ୱିବାହୁ ତ୍ରିଭୁଜ ପରିଲିଖନ କର ।

14.(i) Δ ABC ରେ cos A = cos B . cos C ହେଲେ, ପ୍ରମାଣ କର ଯେ tan B . tan C = 2 । [5
କିମ୍ବା, 450 ମିଟର ଉଚ୍ଚ ଗୋଟିଏ ପାହାଡ଼ ଉପରୁ ଗୋଟିଏ ଦୁର୍ଗର ଶୀର୍ଷ ଓ ପାଦଦେଶର କୌଣିକ ଅବନତିର ପରିମାଣ ଯଥାକ୍ରମେ 30° ଓ 60° ହେଲେ, ଦୁର୍ଗର ଉଚ୍ଚତା ନିର୍ଣ୍ଣୟ କର ।
(ii) ΔABC ରେ ∠BAC ର ସମଦ୍ୱିଖଣ୍ଡକ $\overline{BC}$ କୁ P ବିନ୍ଦୁରେ ଛେଦକରେ ଏବଂ ∠ABC ର ସମଦ୍ୱିଖଣ୍ଡକ $\overline{AP}$ କୁ Q ବିନ୍ଦୁରେ ଛେଦକରେ । ପ୍ରମାଣ କର ଯେ $\frac{AQ}{QP}=\frac{AB+AC}{BC}$ । [5
କିମ୍ବା, ପ୍ରମାଣ କର ଯେ ବୃତ୍ତାନ୍ତର୍ଲିଖିତ ସାମାନ୍ତରିକ ଚିତ୍ର ଏକ ଆୟତଚିତ୍ର ।

15.(i) ଗୋଟିଏ ଲୁହା ତାରକୁ ବର୍ଗାକୃତି କଲେ ବର୍ଗକ୍ଷେତ୍ରଟିର କ୍ଷେତ୍ରଫଳ 484 ବର୍ଗ ସେ.ମି. ହୁଏ । ଯଦି ଏହାକୁ ବୃତ୍ତାକୃତି କରାଯାଏ; ତେବେ ବୃତ୍ତଟିର କ୍ଷେତ୍ରଫଳ କେତେ ହେବ ? [4
କିମ୍ବା, ଏକ ଅର୍ଦ୍ଧବୃତ୍ତର ପରିସୀମା ବ୍ୟାସ ଅପେକ୍ଷା 44 ମି. ଅଧିକ ହେଲେ ଅର୍ଦ୍ଧବୃତ୍ତାକାର କ୍ଷେତ୍ରର କ୍ଷେତ୍ରଫଳ ନିରୂପଣ କର ।
(ii) ଆୟତନ 12936 ଘନସେ.ମି. ଏବଂ r : h = 3:4 ହୋଇଥିବା ଏକ କୋନ୍‌ର ବକ୍ରତଳର କ୍ଷେତ୍ରଫଳ ସ୍ଥିର କର । [4
କିମ୍ବା, ଗୋଟିଏ ଗୋଲକର ପୃଷ୍ଠତଳର କ୍ଷେତ୍ରଫଳ 616 ବର୍ଗ ସେ.ମି. ହେଲେ, ଏହାର ଆୟତନ ସ୍ଥିର କର ।

### ANSWERS Part - I (Objective)

1. (a) 6 (b) 1 (c) 2 (d) 4.5 (e) $\sqrt{17}$ ଏକକ
2. (a) 1 (b) 5.5 (c) 12 ଏକକ (d) $\frac{15}{2}$ (e) 0.5
3. (a) ବାସ୍ତବ ଓ ସମାନ (b) 4 (c) 50 (d) 4 (e) 0.5
4. (a) - (d), (b) - (e), (c) - (f), (d) - (a), (e) - (b)
5. (a) ✓ (b) × (c) × (d) ✓ (e) ×
6. (a) 36 : 49 (b) 30° (c) 4 (d) 1 (e) 22
7. (a) 20 (b) 90° (c) 16 (d) 45° (e) 52
8. (a) 12 (b) 2 (c) 8 (d) $\sqrt{2}$ sin A (e) 100°
9. (a) - (e), (b) - (d), (c) - (f), (d) - (a), (e) - (b)
10. (a) ✓ (b) ✓ (c) × (d) ✓ (e) ✓

### ANSWERS Part - II (Subjective)

11.(i) ଏଠାରେ S ରେ ଥିବା ଫଳାଫଳ ସଂଖ୍ୟା $=6^2=36$
ଉକ୍ତ 36 ଗୋଟି ଫଳାଫଳ ମଧ୍ୟରୁ E ଘଟଣାର ଅନୁକୂଳ ଅଥବା E ଘଟଣାଦ୍ୱାରା ଅନୁଗୃହୀତ ଫଳଗୁଡ଼ିକ ହେଲେ 11, 12, 21
∴ E = {11,12, 21} ଏବଂ | E | = 3
∴ ସଂଜ୍ଞାନୁଯାୟୀ $P(E)=\frac{|E|}{|S|}=\frac{3}{36}=\frac{1}{12}$

କିମ୍ବା, ତ୍ରିଭୁଜର ଶୀର୍ଷବିନ୍ଦୁ ତ୍ରୟର ସ୍ଥାନାଙ୍କ (–2,1), (2,–3) ଓ (4,–4) ।
$(x_1,y_1)=(-2,1),(x_2,y_2)=(2,-3)$
ଏବଂ $(x_3,y_3)=(4,-4)$
ତ୍ରିଭୁଜର କ୍ଷେତ୍ରଫଳ =
$\frac{1}{2}|\{x_1(y_2-y_3)+x_2(y_3-y_1)+x_3(y_1-y_2)\}|$
$=\frac{1}{2}|\{-2(-3+4)+2(-4-1)+4(-1+3)\}|$
$=\frac{1}{2}|\{-2-10+8\}|=2$ ବର୍ଗ ଏକକ

(ii)

| ସଂଭାଗ | ବାରମ୍ବାରତା (f) | ସଂଭାଗର ମଧ୍ୟବିନ୍ଦୁ (x) | f × x |
|---|---|---|---|
| 20 - 30 | 10 | 25 | 250 |
| 30 - 40 | 6 | 35 | 210 |
| 40 - 50 | 8 | 45 | 360 |
| 50 - 60 | 10 | 55 | 550 |
| 60 - 70 | 7 | 65 | 455 |
| 70 - 80 | 9 | 75 | 605 |

$\sum f=50$ $\sum fx=2430$

ମାଧମାନ = $\frac{\sum fx}{\sum f}=\frac{2430}{50}=48.6$

କିମ୍ବା,

| ସଂଭାଗ | ବାରମ୍ବାରତା | ରାଶିକୃତ ବାରମ୍ବାରତା |
|---|---|---|
| 20 - 30 | 10 | 10 |
| 30 - 40 | 6 | 16 |
| 40 - 50 | 8 | 24 |
| 50 - 60 | 10 | 34 |
| 60 - 70 | 7 | 41 |
| 70 - 80 | 9 | 50 |

$\sum f=50$

ମଧ୍ୟମା ସ୍ଥାନ (m) = $\frac{50}{2}=25$
c.f : 34, ମଧ୍ୟମା ସଂଭାଗ : (50-60)
$l_1=50, l_2=60$, c = 24 ଏବଂ f = 10
ମଧ୍ୟମା $=l_1+\frac{m-c}{f}\times i=50+\frac{25-24}{10}\times 10$
= 50 + 1 = 51

12.(i) ମନେକର ଭଗ୍ନାଂଶଟି $\frac{x}{y}$
ପ୍ରଶ୍ନାନୁସାରେ $\frac{x+1}{y-1}=1\Rightarrow x+1=y-1$
$\Rightarrow x-y=-2$ ....... (i)
ପୁନଶ୍ଚ $\frac{x}{y+1}=\frac{1}{2}\Rightarrow 2x=y+1$
$\Rightarrow 2x-y=1$ ....... (ii)
ସମୀକରଣ (i) ରୁ (ii) ବିୟୋଗ କଲେ
$-x=-3\Rightarrow x=3$
'x'ର ମାନକୁ ସମୀକରଣ (i) ରେ ପ୍ରୟୋଗ କଲେ
$3-y=-2\Rightarrow y=5$
∴ ଭଗ୍ନାଂଶଟି $\frac{x}{y}=\frac{3}{5}$ ହେବ ।

କିମ୍ବା, $2x+y-4=0\Rightarrow 2x+y=4$ ..... (i)
ଏବଂ $3x+2y-7=0\Rightarrow 3x+2y=7$ ..... (ii)
(i) ଓ (ii) ରୁ
$\Delta=\begin{vmatrix}2 & 1\\3 & 2\end{vmatrix}=2\times2-1\times3=4-3=1\neq0$
$\Delta_x=\begin{vmatrix}4 & 1\\7 & 2\end{vmatrix}=4\times2-1\times7=8-7=1$
$\Delta_y=\begin{vmatrix}2 & 4\\3 & 7\end{vmatrix}=2\times7-4\times3=14-12=2$
∴ $x=\frac{\Delta_x}{\Delta}=\frac{1}{1}=1$ ଏବଂ $y=\frac{\Delta_y}{\Delta}=\frac{2}{1}=2$
∴ ନିର୍ଣ୍ଣେୟ ସମାଧାନ (x,y) = (1,2)

(ii) $41x^2-2(5a+4b)x+a^2+b^2=0$
ଏଠାରେ $a=41, b=-2(5a+4b), c=a^2-b^2$
ପ୍ରଭେଦକ $D=b^2-4ac$
$=\{-2(5a+4b)\}^2-4.41(a^2+b^2)$
$=4(25a^2+16b^2+40ab-41a^2-41b^2)$
$=-4(16a^2+25b^2-40ab)$
ସମୀକରଣର ବୀଜଦ୍ୱୟ ସମାନ ହେବେ ଯଦି D = 0 ହେବ ।
$\therefore -4(16a^2+25b^2-40ab)=0$
$\Rightarrow 16a^2+25b^2-40ab=0$
$\Rightarrow (4a)^2+(5b)^2-2.4a.5b=0$
$\Rightarrow (40-5b)^2=0$
$\Rightarrow (4a-5b)=0\Rightarrow 4a=5b\Rightarrow \frac{a}{b}=\frac{5}{4}$

କିମ୍ବା, $2x^2-5x+3=0$
$\Rightarrow 2x^2-5x=-3\Rightarrow x^2-\frac{5}{2}x=\frac{-3}{2}$
$\Rightarrow (x)^2-2.x.\frac{5}{4}+\left(\frac{5}{4}\right)^2=\left(\frac{5}{4}\right)^2-\frac{3}{2}$
$\Rightarrow \left(x-\frac{5}{4}\right)^2=\frac{25}{16}-\frac{3}{2}=\frac{25-24}{16}=\frac{1}{16}$
$\Rightarrow \left(x-\frac{5}{4}\right)^2=\left(\pm\frac{1}{4}\right)^2$
$\Rightarrow x-\frac{5}{4}=\pm\frac{1}{4}$
$\Rightarrow x=\frac{5}{4}\pm\frac{1}{4}$
$\Rightarrow x=\frac{6}{4}$ ବା $\frac{4}{4}$
$\Rightarrow x=\frac{3}{2}$ ବା 1
∴ ସମୀକରଣର ବୀଜଦ୍ୱୟ $\frac{3}{2}$ ଓ 1 ।

(iii) 100 ରୁ କ୍ଷୁଦ୍ରତର ଏବଂ 5 ଦ୍ୱାରା ବିଭାଜ୍ୟ ଧନାତ୍ମକ ପୂର୍ଣ୍ଣସଂଖ୍ୟାଗୁଡ଼ିକ 5, 10, 15, 20........... 95
ଉକ୍ତ ଅନୁକ୍ରମର ପ୍ରଥମ ପଦ (a) = 5, ସାଧାରଣ ଅନ୍ତର (d) = 5 ଏବଂ ଶେଷ ପଦ $(t_n)=95$
ଆମେ ଜାଣିଛେ $t_n=a+(n-1)d$
$\Rightarrow 95=5+(n-1)5\Rightarrow (n-1)5=90$
$\Rightarrow (n-1)=18\Rightarrow n=19$
$\therefore S_{19}=\frac{19}{2}[2\times5+(19-1)5]$
$\Rightarrow \frac{19}{2}[10+90]=\frac{19\times100}{2}\Rightarrow S_{19}=950$

କିମ୍ବା, ମନେକର ସମାନ୍ତର ଅନୁକ୍ରମରେ ଥିବା ରାଶିତ୍ରୟ a – d, a, a + d ଯେଉଁଠାରେ d ସାଧାରଣ ଅନ୍ତର ।
ପ୍ରଶ୍ନାନୁସାରେ (a – d) + a + (a + d) = 18
⇒ 3a = 18 ⇒ a = 6
ପୁନଶ୍ଚ (a – d) x a x (a + d) = 192
$\Rightarrow a(a^2-d^2)=192$
$\Rightarrow 6(6^2-d^2)=192$
$\Rightarrow 36-d^2=32\Rightarrow d^2=4$
⇒ d = ± 2 ⇒ d = + 2 କିମ୍ବା (–2)
a = 6 ଏବଂ d = 2 ନେଇ ପଦତ୍ରୟ ହେବେ 4, 6, 8 ଏବଂ a = 6 ଏବଂ d = – 2 ନେଇ ପଦତ୍ରୟ ହେବେ 8, 6, 4 ।

13.(i) ଦତ୍ତ : ΔABC ଓ ΔDEF ମଧ୍ୟରେ ∠A ≅ ∠D, ∠B ≅ ∠E ଏବଂ ∠C ≅ ∠F




ପ୍ରାମାଣ୍ୟ : ΔABC ~ ΔDEF
ଅଙ୍କନ : ମନେକର AB > DE । $\overline{AB}$ ଉପରେ X ବିନ୍ଦୁ ନିଆଯାଉ, ଯେପରି A-X-B ଏବଂ AX = DE
$\overline{XY}$ ଅଙ୍କନ କରାଯାଉ ଯେପରି $\overline{XY}\parallel\overline{BC}$ ଏବଂ A-Y-C ।
ପ୍ରମାଣ : $\overline{XY}\parallel\overline{BC}$ (ଅଙ୍କନ)
⇒ ∠AXY ≅ ∠B (ଅନୁରୂପ କୋଣ)
⇒ ∠AXY ≅ ∠E
(∵ ∠B ≅ ∠E ଦତ୍ତ) ...(1)
ସେହିପରି ପ୍ରମାଣ କରାଯାଇ ପାରେ ଯେ
∠AYX ≅ ∠F ....... (2)
ΔAXY ଓ ΔDEF ମଧ୍ୟରେ, ∠AXY ≅ ∠E [(1) ଅନୁଯାୟୀ]
∠A ≅ ∠D (ଦତ୍ତ) ଏବଂ AX = DE (ଅଙ୍କନ) ।
∴ ΔAXY ≅ ΔDEF (କୋ-କୋ-ବା ସର୍ବସମତା)
⇒ AY = DF (ଅନୁରୂପ ବାହୁର ଦୈର୍ଘ୍ୟ).... (3)
ΔABC ରେ, $\overleftrightarrow{XY}\parallel\overline{BC}$ (ଅଙ୍କନ)
$\Rightarrow \frac{AB}{AX}=\frac{AC}{AY}$ (ଉପପାଦ୍ୟ - 1 ର ଅନୁସିଦ୍ଧାନ୍ତ)
$\Rightarrow \frac{AB}{DE}=\frac{AC}{DF}$ [∵ AX = DE (ଅଙ୍କନ) ଓ AY = DF ((3)ରେ ପ୍ରାପ୍ତ ] ........ (4)
$\overline{BA}$ ଉପରେ Z ବିନ୍ଦୁ ନେଇ (ଯେପରି BZ = ED) ଏବଂ Z ବିନ୍ଦୁ ଦେଇ $\overline{AC}$ ସହ ସମାନ୍ତର ସରଳରେଖା ଅଙ୍କନ କରି ପ୍ରମାଣ କରାଯାଇପାରେ ଯେ
$\frac{AB}{DE}=\frac{BC}{EF}$ ......(5)
(4) ଓ (5) $\Rightarrow \frac{AB}{DE}=\frac{AC}{DF}=\frac{BC}{EF}$ ......(6)
ΔABC ଓ ΔDEF ମଧ୍ୟରେ ∠A ≅ ∠D, ∠B ≅ ∠E, ∠C ≅ ∠F (ଦତ୍ତ)
ଏବଂ ଅନୁରୂପ ବାହୁମାନଙ୍କର ଦୈର୍ଘ୍ୟ ସମାନୁପାତୀ [(6) ଅନୁଯାୟୀ]
∴ ΔABC ~ ΔDEF (ପ୍ରମାଣିତ)

କିମ୍ବା, ଦତ୍ତ : S ବୃତ୍ତରେ O କେନ୍ଦ୍ର ଏବଂ $\overline{AB}$ ଓ $\overline{CD}$ ଦୁଇଟି ସର୍ବସମ ଜ୍ୟା । $\overline{AB}$ ଓ $\overline{CD}$ କେନ୍ଦ୍ରଠାରେ ଯଥାକ୍ରମେ ∠AOB ଏବଂ ∠COD ଉତ୍ପନ୍ନ କରନ୍ତି ।




ପ୍ରାମାଣ୍ୟ : ∠AOB ≅ ∠COD
ପ୍ରମାଣ : Δ AOB ଏବଂ Δ OCD ମଧ୍ୟରେ
OA = OC, OB = OD (ଏକା ବୃତ୍ତର ବ୍ୟାସାର୍ଦ୍ଧ)
AB = CD (ଦତ୍ତ)
∴ Δ OAB ≅ Δ OCD (ବାହୁ-ବାହୁ-ବାହୁ)
⇒ ∠AOB ≅ ∠COD (ପ୍ରମାଣିତ)

(ii) ଅଙ୍କନ ପ୍ରଣାଳୀ :
(i) $\overrightarrow{BM}$ ଅଙ୍କନ କର ।
(ii) $\overrightarrow{BM}$ ଉପରେ M ଏକ ବିନ୍ଦୁ ନିଅ ଯେପରିକି BM = 3 ସେ.ମି. ହେବ ।




(iii) m∠BMP = 60° ଅଙ୍କନ କର , MP = 2 ସେ.ମି ଛେଦ କର ।
(iv) $\overrightarrow{BP}$ ଉପରିସ୍ଥ C ଏକ ବିନ୍ଦୁ ନିଅ ଯେପରିକି BC = 7 ସେ.ମି. ।
(v) C ବିନ୍ଦୁରେ $\overline{PM}$ ସହ ସମାନ୍ତର କରି $\overline{CA}$ ଅଙ୍କନ କର ।
(vi) ΔABC ଆବଶ୍ୟକ ତ୍ରିଭୁଜ ।

କିମ୍ବା, ଅଙ୍କନ ପ୍ରଣାଳୀ :
(i) O କେନ୍ଦ୍ର ଏବଂ 3 ସେ.ମି ବ୍ୟାସାର୍ଦ୍ଧ ବିଶିଷ୍ଟ ଏକ ବୃତ୍ତ ଅଙ୍କନ କର
(ii) D, ବୃତ୍ତ ଉପରିସ୍ଥ ଏକ ବିନ୍ଦୁ । $\overrightarrow{DO}$ ଉପରେ A ଏପରି ଏକ ବିନ୍ଦୁ ନିଅ ଯେପରିକି DA = 7 ସେ.ମି. ।




(iii) $\overline{AO}$ ର ମଧ୍ୟବିନ୍ଦୁ M ନିର୍ଣ୍ଣୟ କର । M କୁ କେନ୍ଦ୍ର ଏବଂ MO କୁ ବ୍ୟାସାର୍ଦ୍ଧ ନେଇ ଦୁଇଟି ଚାପ ଅଙ୍କନ କର, ତାହା ଅଙ୍କିତ ବୃତ୍ତକୁ B ଓ C ବିନ୍ଦୁରେ ଛେଦକରୁ ।
(iv) D ବିନ୍ଦୁରେ ଏକ ସ୍ପର୍ଶକ ଅଙ୍କନ କର ଓ ତାହାକୁ $\overrightarrow{AC}$ ଓ $\overrightarrow{AB}$ ଯଥାକ୍ରମେ P ଓ Q ବିନ୍ଦୁରେ ଛେଦକରୁ ।
(v) ΔAPQ ବୃତ୍ତର ପରିଲିଖିତ ସମଦ୍ୱିବାହୁ ତ୍ରିଭୁଜ ।

14.(i) A + B + C = 180° ⟹ B + C = 180° – A
⟹ cos (B + C) = cos (180° – A)
⟹ cosB. cosC – sinB. sin C = –cosA
$\Rightarrow \frac{\cos B.\cos C}{\cos A}-\frac{\sin B.\sin C}{\cos A}=\frac{-\cos A}{\cos A}$
$\Rightarrow \frac{\cos B.\cos C}{\cos B.\cos C}-\frac{\sin B.\sin C}{\cos B.\cos C}=\frac{-\cos A}{\cos A}$
⟹ 1 – tan B. tan C = –1
⟹ 2 = tan B. tan C ⟹ tan B . tan C = 2
(ପ୍ରମାଣିତ)

କିମ୍ବା, ମନେକର ଦୁର୍ଗର ଉଚ୍ଚତା AB = x ମିଟର; ପାହାଡ଼ର ଉଚ୍ଚତା CD = 450 ମିଟର
∠FDA ଓ ∠FDB ଯଥାକ୍ରମେ ଦୁର୍ଗର ଶୀର୍ଷ ଓ ପାଦଦେଶର କୌଣିକ ଅବନତି
ବର୍ତ୍ତମାନ m∠FDA = m∠DAE = 30°
m∠FDB = m∠DBC = 60°

(ଅବଶିଷ୍ଟାଂଶ ପରବର୍ତ୍ତୀ ପୃଷ୍ଠାରେ...)

## ସଂକ୍ଷେପରେ

ଗ୍ରାମ ନ୍ୟାୟାଳୟ ସ୍ଥାପନରେ ବିଳମ୍ବ

### ଓଡ଼ିଶା ସରକାରଙ୍କୁ ଲକ୍ଷେ ଟଙ୍କା ଜରିମାନା

**ନୂଆଦିଲ୍ଲୀ,୨୯।୧:** ରାଜ୍ୟରେ ଗ୍ରାମ ନ୍ୟାୟାଳୟ ସ୍ଥାପନ କରିବାରେ ବିଳମ୍ବ ପାଇଁ ସୁପ୍ରିମକୋର୍ଟ ଓଡ଼ିଶା ସରକାରଙ୍କୁ ନିନ୍ଦାକରିବା ସହ ଲକ୍ଷେ ଟଙ୍କା ଜରିମାନା ଧାର୍ଯ୍ୟ କରିଛନ୍ତି। ଗ୍ରାମ ନ୍ୟାୟାଳୟ ସ୍ଥାପନ ଲାଗି ମାସକ ମଧ୍ୟରେ ବିଜ୍ଞପ୍ତି ପ୍ରକାଶ କରିବାକୁ ସର୍ବୋଚ୍ଚ ଅଦାଲତ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ୍ ଏନ୍.ଭି. ରମନ୍ନା, କ୍ରିଷ୍ଣ ମୁରାରି ଏବଂ ସଞ୍ଜୀବ ଖାନ୍ନାଙ୍କୁ ନେଇ ଗଠିତ ଖଣ୍ଡପୀଠ ଆସାମ, ଚଣ୍ଡିଗଡ଼, ଗୁଜରାଟ, ହରିୟାଣା, ପଞ୍ଜାବ, ତେଲଙ୍ଗାନା ଓ ପଶ୍ଚିମବଙ୍ଗ ସରକାରଙ୍କୁ ମଧ୍ୟ ଲକ୍ଷେ ଟଙ୍କା ଦେୟ ଭରିବା ପାଇଁ କହିଛନ୍ତି। ସେମାନେ ଗ୍ରାମ ନ୍ୟାୟାଳୟ ସ୍ଥାପନ ସମ୍ପର୍କରେ ସର୍ବୋଚ୍ଚ ଅଦାଲତରେ ସେମାନଙ୍କ ଜବାବ ଦାଖଲ କରି ନ ଥିଲେ। କେତେକ ରାଜ୍ୟ ଗ୍ରାମ ନ୍ୟାୟାଳୟ ସ୍ଥାପନ ସମ୍ପର୍କରେ ଏପର୍ଯ୍ୟନ୍ତ ବିଜ୍ଞପ୍ତି ଜାରି କରି ନ ଥିବାରୁ ସେମାନଙ୍କୁ ଏଥିପାଇଁ ୪ ସପ୍ତାହ ସମୟ ଦିଆଯାଉଛି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ପ୍ରଶାନ୍ତ ଭୂଷଣ ଉପସ୍ଥିତ ରହି ଗ୍ରାମ ନ୍ୟାୟାଳୟ ସ୍ଥାପନ ବିଳମ୍ବ ନେଇ ରାଜ୍ୟଗୁଡ଼ିକୁ ସ୍ପଷ୍ଟୀକରଣ ମଗାଯାଉ ବୋଲି ଖଣ୍ଡପୀଠଙ୍କୁ ଅନୁରୋଧ କରିଥିଲେ। ନ୍ୟାଶନାଲ ଫେଡେରେଶନ ଅଫ୍ ସୋସାଇଟିଜ୍ ଫର୍ ଲାଷ୍ଟ ଜଷ୍ଟିସ୍ ପକ୍ଷରୁ ଏହି ପିଟିଶନ ଦାଏର କରାଯାଇଥିଲା। ସୂଚନାଯୋଗ୍ୟ, ଗ୍ରାମାଞ୍ଚଳ ଲୋକଙ୍କୁ ସହଜରେ ଓ ତ୍ୱରିତ୍ ନ୍ୟାୟ ପ୍ରଦାନ ଲାଗି ଗ୍ରାମ ଅଦାଲତ ସ୍ଥାପନ ନିମନ୍ତେ ୨୦୦୮ରେ ଆଇନ ପାର୍ଲାମେଣ୍ଟରେ ଗୃହୀତ ହୋଇଥିଲା।

ଓଡ଼ିଶାକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

### ଖଣି ଲିଜ୍ ଉଲ୍ଲଂଘନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଅ

**ନୂଆଦିଲ୍ଲୀ,୨୯।୧:** ସୁପ୍ରିମକୋର୍ଟଙ୍କ ଦ୍ୱାରା ଗଠିତ ୨ ଜଣିଆ କମିଟିର ରିପୋର୍ଟକୁ ଅନୁଧ୍ୟାନ କରି ଖଣି ନିୟମ ଉଲ୍ଲଂଘନ କରିଥିବା ଲିଜ୍‌ଧାରୀଙ୍କ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ସର୍ବୋଚ୍ଚ ଅଦାଲତ ବୁଧବାର ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଧାନ ବିଚାରପତି ଶରଦ ଅରବିନ୍ଦ ବୋବ୍‌ଡେଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ବି.ଆର୍. ଗଭାଇଙ୍କୁ ନେଇ ଗଠିତ ଖଣ୍ଡପୀଠ ଖଣି ନିୟମ ଉଲ୍ଲଂଘନ ସମ୍ପର୍କିତ ଦୁଇଟି ମାମଲାର ଶୁଣାଣି କରି ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି। କମିଟିର ରିପୋର୍ଟକୁ ରାଜ୍ୟ ସରକାରଙ୍କ ପାଖରେ ଉପସ୍ଥାପନ କରିବାକୁ କୁହାଯାଇଛି। ଖଣି ଲିଜ୍‌ଧାରୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ଉକ୍ତ ରିପୋର୍ଟରେ ଥିବା ତଥ୍ୟ ଓ ସିଦ୍ଧାନ୍ତ ରାଜ୍ୟ ପାଇଁ ଉପଯୁକ୍ତ କି ନୁହେଁ ତାହା ସରକାର ଅନୁଧ୍ୟାନ କରି ନିଷ୍ପତ୍ତି ନେବେ। କମିଟି ରିପୋର୍ଟ ରହିଥିବା ଦ୍ୱନ୍ଦ୍ୱ ସମ୍ପର୍କରେ ଲିଜ୍‌ଧାରୀ ଓ ଆବେଦନକାରୀ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିପାରିବେ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ଆବଶ୍ୟକ ପଡ଼ିଲେ ରାଜ୍ୟ ସରକାର ଲିଜ୍‌ଧାରୀଙ୍କୁ ନୋଟିସ ଜାରି କରିପାରିବେ। ଯେକୌଣସି ଉଲ୍ଲଂଘନ ବିରୋଧରେ କାର୍ଯ୍ୟାନୁଷ୍ଠାନ ରାଜ୍ୟ ସରକାର ନେଇପାରିବେ ବୋଲି ଖଣ୍ଡପୀଠ କହିଛନ୍ତି। ପୂର୍ବତନ ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ୍ ଅନିଲ ଆର୍. ଡାଭେ, ଜି. ଏସ୍.ସିଙ୍ଘଭିଙ୍କୁ ନେଇ ଗଠିତ କମିଟି ଗତବର୍ଷ ନଭେମ୍ବରରେ ସର୍ବୋଚ୍ଚ ଅଦାଲତଙ୍କ ପାଖରେ ସେମାନଙ୍କ ରିପୋର୍ଟ ଦାଖଲ କରିଥିଲେ।

# ନିର୍ଦ୍ଧାରିତ ସମୟରେ ଡିପିସି ନ ବସାଇଲେ କାର୍ଯ୍ୟାନୁଷ୍ଠାନ

- ପଦୋନ୍ନତି ଅଦାଲତର କଡ଼ା ନିର୍ଦ୍ଦେଶ
- ଦ୍ୱିତୀୟ ଦିନରେ ୬୧୬ ଆବେଦନର ଶୁଣାଣି
- ଶୁକ୍ରବାର ହେବ ପରବର୍ତ୍ତୀ ଶୁଣାଣି
- ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହିବାକୁ କର୍ମଚାରୀଙ୍କୁ ପରାମର୍ଶ

ଭୁବନେଶ୍ୱର,୨୯।୧(ବ୍ୟୁରୋ)

ପଦୋନ୍ନତି ଅଦାଲତରେ ଗତ ଦୁଇଦିନ ହେବ ଶୁଣାଣି ଜାରି ରହିଛି। ଫେବୃୟାରୀ ସୁଦ୍ଧା କ୍ୟାଡର ଗଠନ କରି ଗ୍ରେଡେଶନ ତାଲିକା ପ୍ରସ୍ତୁତ କରିବାକୁ ବିଭିନ୍ନ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ବିଭାଗୀୟ ପଦୋନ୍ନତି କମିଟି (ଡିପିସି) ବସାଇବାରେ ବିଳମ୍ବ କରିବା ନେଇ ବିଭାଗଗୁଡିକୁ ମଧ୍ୟ ଚେତାବନୀ ଦିଆଯାଇଛି। ଯଦି କୌଣସି ବିଭାଗ ଜାଣିଶୁଣି ଡିପିସି ବସାଇବାରେ ବିଳମ୍ବ କରିବେ ତେବେ ସେହି ବିଭାଗ ବିରୋଧରେ କଡ଼ା ପଦକ୍ଷେପ ନିଆଯିବ ବୋଲି ମଧ୍ୟ ଚେତାବନୀ ଦିଆଯାଇଛି।

ବୁଧବାର ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀ ଏବଂ ଅନ୍ୟ ୫ ଜଣ ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ମୋଟ ୬୧୬ ଆବେଦନର ଶୁଣାଣି ହୋଇଛି। ପୂର୍ବ ଘୋଷଣା ମୁତାବକ ୬ଟି ସ୍ଥାନରେ ଆବେଦନଗୁଡିକର ଶୁଣାଣି ହୋଇଥିଲା। ପ୍ରଥମ ଦିବସରେ ୪୦୨ ଆବଦେନର ଶୁଣାଣି କରାଯାଇଥିଲା। ଏନେଇ ଆବଶ୍ୟକ ପଦକ୍ଷେପ ନେବାକୁ ସମ୍ପୃକ୍ତ ବିଭାଗଗୁଡିକୁ ନିର୍ଦ୍ଦେଶ ଦିଆଯାଇଛି।

ଗ୍ରାମ୍ୟ ଉନ୍ନୟନ, ଇସ୍ପାତ ଓ ଖଣି, ସ୍କୁଲ ଓ ଗଣଶିକ୍ଷା, କ୍ରୀଡ଼ା ଓ ଯୁବସେବା, ଶ୍ରମ, ଜଳ ସମ୍ପଦ, ବାଣିଜ୍ୟ ଓ ପରିବହନ, ଶକ୍ତି, ହସ୍ତ ତନ୍ତ ଓ ବୟନ ଶିଳ୍ପ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଏସ୍‌ସି/ଏସ୍‌ଟି ଉନ୍ନୟନ, ନଗର ଓ ଗୃହ ଉନ୍ନୟନ, ବୈଦ୍ୟୁତିକ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ଆଦି ବିଭାଗର ଶୁଣାଣି ହୋଇଛି।

ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଶୁଣାଣି କରିଥିବା ବେଳେ ଉନ୍ନୟନ କମିଶନର ସୁରେଶ ଚନ୍ଦ୍ର ମହାପାତ୍ର ଗୋପବନ୍ଧୁ ଏକାଡେମୀ ସମ୍ମିଳନୀ କକ୍ଷ, କୃଷି ଉତ୍ପାଦନ କମିଶନର ପ୍ରଦୀପ୍ତ ମହାପାତ୍ର କୃଷି ଭବନ ସମ୍ମିଳନୀ କକ୍ଷ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଆର.କେ. ଶର୍ମା କଳିଙ୍ଗ ଷ୍ଟାଡିୟମ କନଫରେନ୍ସ ହଲ୍, ଗ୍ରାମ୍ୟ ଉନ୍ନୟନ ବିଭାଗ ସଚିବ ପ୍ରଦୀପ କୁମାର ଜେନା ଏସଆଇଆରଡି କନଫରେନ୍ସ ହଲ୍, ଜଙ୍ଗଲ ଓ ପରିବେଶ ବିଭାଗ ସଚିବ ମୋନା ଶର୍ମା ଇଡ୍‌କୋ ପଞ୍ଚମ ମହଲା କନଫରେନ୍ସ ହଲ୍‌ରେ ଶୁଣାଣି କରିଛନ୍ତି।

ବିଭିନ୍ନ ଅଦାଲତ ଦ୍ୱାରା ଦିଆଯାଇଥିବା ନିର୍ଦ୍ଦେଶ ଅନୁଯାୟୀ ପଦୋନ୍ନତି ମାମଲାଗୁଡିକ ଉପରେ ତ୍ୱରିତ ପଦକ୍ଷେପ ନେବାକୁ ମୁଖ୍ୟ ଶାସନ ସଚିବ ବିଭାଗଗୁଡିକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅଦାଲତ ଦ୍ୱାରା ସରକାରୀ କର୍ମଚାରୀମାନେ ପଦୋନ୍ନତି ପାଇବାରେ ସହଜ ହେବା ସହ ଆଉ କୌଣସି ଅଦାଲତରେ ଚକ୍କର କାଟିବାକୁ ପଡିବ ନାହିଁ ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି। ଆସନ୍ତା ୩୧ ତାରିଖରେ ତୃତୀୟ ଦିବସ ପଦୋନ୍ନତି ଅଦାଲତ ଅନୁଷ୍ଠିତ ହେବ। ସେହି ଦିନ ୧୨ଟି ବିଭାଗର ଶୁଣାଣି ହେବ। ସେଗୁଡିକ ହେଲା ଜଙ୍ଗଲ ଓ ପରିବେଶ, ଦକ୍ଷତା ଓ ବୈଷୟିକ ଶିକ୍ଷା, ଅବକାରୀ, ସୂଚନା ଓ ଲୋକ ସମ୍ପର୍କ, ମତ୍ସ୍ୟ ଓ ପ୍ରାଣୀସମ୍ପଦ, ସମବାୟ, ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଏବଂ ସଂସ୍କୃତି, ଗୃହ, ସାଧାରଣ ପ୍ରଶାସନ, ସୂକ୍ଷ୍ମ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗର ଆବେଦନଗୁଡିକର ଶୁଣାଣି ହେବ। ଶୁକ୍ରବାର ନିର୍ଦ୍ଧାରିତ ସମୟରେ ଆବେଦନକାରୀମାନେ ଉପସ୍ଥିତ ରହି ନିଜ ପକ୍ଷ ରଖିବାକୁ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ କୁହାଯାଇଛି।

## ରାଜ୍ୟରେ ଖୋଲିବ ଆଉ ଦୁଇ ନୂଆ ବିଭାଗ

ଭୁବନେଶ୍ୱର,୨୯।୧(ବ୍ୟୁରୋ)

ରାଜ୍ୟ ସରକାର ଖୁବ୍‌ଶୀଘ୍ର ଆଉ ଦୁଇଟି ନୂଆ ବିଭାଗ ଖୋଲିବାକୁ ଯାଉଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ଅନୁସୂଚିତ ଜାତି, ଜନଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ ବିକାଶ ଉନ୍ନୟନ ବିଭାଗ କେବଳ ଏସ୍‌ସି/ଏସ୍‌ଟି ଉନ୍ନୟନ ବିଭାଗ ଭାବେ କାର୍ଯ୍ୟ କରିବ। ସଂଖ୍ୟାଲଘୁ ଓ ପଛୁଆ ବର୍ଗ ପାଇଁ ଆଉ ଏକ ସ୍ୱତନ୍ତ୍ର ବିଭାଗ ଖୋଲିବ। ରାଜ୍ୟସରକାର ନିକଟରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ପଛୁଆ ବର୍ଗଙ୍କ ଗଣନା ପାଇଁ ଏକ ସଂକଳ୍ପ ଅନୁମୋଦିତ ହୋଇଛି। ରାଜ୍ୟରେ ପଛୁଆ ବର୍ଗଙ୍କୁ ଗୁରୁତ୍ୱ ଦେବା ପାଇଁ ରାଜ୍ୟ ସରକାର ଉକ୍ତ ବିଭାଗ ଖୋଲିବାକୁ ଯୋଜନା କରିଥିବା କୁହାଯାଉଛି। ସେହିପରି ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ କେବଳ ମହିଳା ଓ ଶିଶୁ ବିକାଶ ଭାବେ ଗଣିତ ହେବ। ମିଶନ ଶକ୍ତି ନାମରେ ଆଉ ଏକ ବିଭାଗ ଖୋଲିବ। ଆସନ୍ତା ମାର୍ଚ୍ଚ ୫ ତାରିଖରେ ବିଜୁ ପଟ୍ଟନାୟକ ଜୟନ୍ତୀ ଅଥବା ମାର୍ଚ୍ଚ ୮ ତାରିଖ ଆନ୍ତର୍ଜାତିକ ମହିଳା ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନୂତନ ବିଭାଗଗୁଡିକର ନାମ ଘୋଷଣା କରିପାରନ୍ତି ବୋଲି କୁହାଯାଉଛି। ବିଜେଡି ଦେଇଥିବା ପ୍ରତିଶ୍ରୁତି ଆଧାରରେ ପଛୁଆ ବର୍ଗଙ୍କ ସମସ୍ତ କାର୍ଯ୍ୟ ସଂଖ୍ୟାଲଘୁ ଓ ପଛୁଆ ବର୍ଗ ବିଭାଗ ମାଧ୍ୟମରେ କରାଯିବ। ସଂଖ୍ୟାଲଘୁଙ୍କ ପାଇଁ ବିଭାଗରେ ଏକ ସିଙ୍ଗଲଉଇଣ୍ଡୋ ବ୍ୟବସ୍ଥା ରହିବ। କେବଳ ସେତିକି ନୁହେଁ ପଛୁଆ ବର୍ଗଙ୍କ ପାଇଁ ଏକ ଓବିସି କମିଶନ ମଧ୍ୟ ଗଠନ ହେବ ବୋଲି ଜଣାପଡିଛି। ପ୍ରଧାନମନ୍ତ୍ରୀଙ୍କ ୧୫ ସୂତ୍ରୀ କାର୍ଯ୍ୟକ୍ରମକୁ ପଛୁଆ ବର୍ଗ ଜରିଆରେ ସମ୍ପାଦନ କରାଯିବ। ସେହିପରି ମିଶନ ଶକ୍ତି ବିଭାଗ ଅଧୀନରେ ରାଜ୍ୟ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମହାସଂଘର ଅଧ୍ୟକ୍ଷ ଓ ସଦସ୍ୟ ଚୟନ କରାଯିବ।

ଏଠାରେ ସୂଚନା ଯୋଗ୍ୟ ଯେ, ରାଜ୍ୟରେ ଏବେ ୩୯ଟି ବିଭାଗ ରହିଛି। ନୂଆ ବିଭାଗକୁ ମିଶାଇଲେ ମୋଟ ବିଭାଗ ସଂଖ୍ୟା ୪୧ରେ ପହଞ୍ଚିବ।

## ସୂର୍ଯ୍ୟ ପାତ୍ର ହେଲେ ବାଚସ୍ପତି କ୍ଷମତା ସମୀକ୍ଷା କମିଟି ସଦସ୍ୟ

ଭୁବନେଶ୍ୱର,୨୯।୧(ବ୍ୟୁରୋ)

ଲୋକ ସଭା ବାଚସ୍ପତି ତଥା ଅଖିଳ ଭାରତ ବାଚସ୍ପତି ସମ୍ମିଳନୀର ଅଧ୍ୟକ୍ଷ ଓମ୍‌ପ୍ରକାଶ ବିର୍ଲା ବାଚସ୍ପତିମାନଙ୍କର ଏକ କ୍ଷମତା ସମୀକ୍ଷା କମିଟି ଗଠନ କରିଛନ୍ତି। ସମ୍ବିଧାନର ଦଶମ ଅନୁସୂଚୀ ଏବଂ ତତ୍‌ସମ୍ପର୍କିତ ନିୟମାବଳୀ ଅନ୍ତର୍ଗତ ବାଚସ୍ପତିମାନଙ୍କର କ୍ଷମତାର ସମୀକ୍ଷା କରିବାକୁ ଏହି କମିଟି ଗଠନ କରାଯାଇଛି। ଏହି କମିଟିରେ ରାଜସ୍ଥାନ ବିଧାନସଭାର ବାଚସ୍ପତି ସି.ପି. ଯୋଶୀ ଅଧ୍ୟକ୍ଷ ଥିବାବେଳେ ଓଡ଼ିଶା ବିଧାନସଭାର ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଏବଂ କର୍ଣ୍ଣାଟକ ବିଧାନସଭାର ବାଚସ୍ପତି ବିଶେଶ୍ୱର ହେଗ୍‌ଡେ କାଗେରୀ ଅନ୍ୟତମ ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି।

## ତ୍ରୁଟିପୂର୍ଣ୍ଣ ଚିକିତ୍ସାରୁ ମହିଳାଙ୍କ ମୃତ୍ୟୁ

- ଏସ୍‌ସିବି ମେଡିକାଲ
- ମଙ୍ଗଳାବାଗ ଥାନାରେ ମାମଲା
- ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଅଭିଯୋଗପତ୍ର ପ୍ରଦାନ

କଟକ ଅଫିସ,୨୯।୧

ଏସ୍‌ସିବି ମେଡିକାଲରେ ତ୍ରୁଟିପୂର୍ଣ୍ଣ ଚିକିତ୍ସା ଯୋଗୁ ଜଣେ ମହିଳାଙ୍କର ମୃତ୍ୟୁ ଘଟିଥିବା ବୁଧବାର ମଙ୍ଗଳାବାଗ ଥାନାରେ ଅଭିଯୋଗ ହୋଇଛି। ମୃତ ମହିଳା ଜଣଙ୍କ ହେଲେ ଯାଜପୁର ଜିଲା ବଡ଼ଚଣା ଥାନା ଅନ୍ତର୍ଗତ ଭୁଲୁକା ଗ୍ରାମର ସାବିତ୍ରୀ ସାହୁ(୫୫)। ସାବିତ୍ରୀଙ୍କ ପୁଅ କୃଷ୍ଣଚନ୍ଦ୍ରଙ୍କ ଅଭିଯୋଗକ୍ରମେ ଦଫା ୩୦୪(ଏ), ୫୦୬ ଅନୁଯାୟୀ, ପୋଲିସ ଏକ ମାମଲା(ନଂ.୨୬/୨୦) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

ଅଭିଯୋଗ ଅନୁଯାୟୀ, ସାବିତ୍ରୀ ଅସୁସ୍ଥ ହେବାରୁ ଗତ ଡିସେମ୍ବର ୨୪ ତାରିଖରେ ଏସ୍‌ସିବି ମେଡିକାଲ ଆସିଥିଲେ। ସେଠାରେ ଡାକ୍ତରମାନେ ତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିବା ପରେ ସେ ବ୍ରେନ୍‌ଷ୍ଟ୍ରୋକରେ ଆକ୍ରାନ୍ତ ହୋଇଥିବା ଜଣାପଡିଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ୨୬ ତାରିଖରେ ତାଙ୍କୁ ନ୍ୟୁରୋଲୋଜି ବିଭାଗରେ ଭର୍ତ୍ତି କରାଇଥିଲେ। ଚିକିତ୍ସା ସମୟରେ ସାବିତ୍ରୀଙ୍କ ଡାହାଣ ହାତ (ଯେଉଁ ସ୍ଥାନରେ ସାଲାଇନ ଲଗାଯାଇଥିଲା) ସଂକ୍ରମିତ ହୋଇଥିବା ପରିବାର ଲୋକେ ଦେଖିବାକୁ ପାଇଥିଲେ। ଏହି ହାତର କିଛିଅଂଶ କଳା ପଡ଼ିବା ସହ ଫୁଲି ଯିବାରୁ ତାଙ୍କ ପରିବାର ଲୋକେ ଡାକ୍ତରଙ୍କ ଦୃଷ୍ଟିଆକର୍ଷଣ କରିଥିଲେ। ହେଲେ ଡାକ୍ତରମାନେ ଏଥିପ୍ରତି ଦୃଷ୍ଟି ଦେଇ ନ ଥିଲେ। ପରେ ହାତର ଉକ୍ତ ସ୍ଥାନଟି ପଚିଯାଇଥିଲା। ଡାକ୍ତରମାନେ ଗତ ୧୭ ତାରିଖରେ ଅସ୍ତ୍ରୋପଚାର ମାଧ୍ୟମରେ ଉକ୍ତ ହାତର ଅଧାଅଂଶ କାଟିବାକୁ ବାଧ ହୋଇଥିଲେ। ଫଳରେ ତାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ଉକ୍ତ ଦିନ ଆଇସିୟୁରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଥିବାବେଳେ ବୁଧବାର ପୂର୍ବାହ୍ନରେ ତାଙ୍କର ମୃତ୍ୟୁ ଘଟିଥିଲା। ସାବିତ୍ରୀଙ୍କୁ ଉକ୍ତ ମେଡିକାଲର କେତେଜଣ ଡାକ୍ତର ମାରିଦେଇଥିବା ନେଇ କୃଷ୍ଣଚନ୍ଦ୍ର ଅଭିଯୋଗ କରିଛନ୍ତି। ଏଥିସହ କିଛି ନିର୍ଦ୍ଦିଷ୍ଟ ଡାକ୍ତରଙ୍କ ନାମ ସେ ଏତଲାରେ ଉଲ୍ଲେଖ କରିଛନ୍ତି। ଅନ୍ୟପକ୍ଷରେ ବୁଧବାର ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ ଏସ୍‌ସିବି ମେଡିକାଲ ପରିଦର୍ଶନରେ ଆସିଥିବାବେଳେ କୃଷ୍ଣଚନ୍ଦ୍ର ତାଙ୍କୁ ଭେଟି ଏ ସମ୍ପର୍କିତ ଏକ ଅଭିଯୋଗପତ୍ର ପ୍ରଦାନ କରିଥିଲେ।

## ହଷ୍ଟେଲରେ ଥିବା ଦଶମଶ୍ରେଣୀ ଛାତ୍ରୀ ଅନ୍ତଃସତ୍ତ୍ୱା

**ଜିଲା ମଙ୍ଗଳ ଅଧିକାରୀଙ୍କ ତଦନ୍ତ**

ନୂଆପଡା ଅଫିସ,୨୯।୧

ନୂଆପଡା ଜିଲା ସିନାପାଲି ଥାନା ଅଞ୍ଚଳରେ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଦ୍ୱାରା ଚାଲିଥିବା ଏକ ଛାତ୍ରୀନିବାସରେ ରହି ପାଠ ପଢୁଥିବା ଜଣେ ଦଶମ ଶ୍ରେଣୀ ଛାତ୍ରୀ ୭ ମାସର ଗର୍ଭବତୀ ହେବା ଘଟଣା ଏବେ ଜିଲାରେ ଚର୍ଚ୍ଚାର ବିଷୟ ହୋଇଛି। ଏହି ଖବର ପାଇ ଜିଲା ମଙ୍ଗଳ ଅଧିକାରୀ ଗାଁକୁ ଯାଇ ସରଜମିନ ତଦନ୍ତ କରି ଫେରିଛନ୍ତି।

ପ୍ରାପ୍ତ ଖବର ଅନୁଯାୟୀ ଛାତ୍ରୀ ଜଣକ ଗତ ବଡଦିନ ଛୁଟିରେ ଘରକୁ ଯାଇଥିଲେ। ସେଠାରୁ ଆଉ ଫେରି ନ ଥିଲେ। ଏନେଇ ସ୍କୁଲ କର୍ତ୍ତୃପକ୍ଷ ଖବର ନେବାରୁ ସେ ଗର୍ଭବତୀ ଥିବାରୁ ସ୍କୁଲକୁ ଆସୁ ନ ଥିବା ଜଣାପଡିଥିଲା। ଏ ସଂକ୍ରାନ୍ତରେ ବ୍ଲକ କର୍ତ୍ତୃପକ୍ଷ ତଦନ୍ତ କରି ଜିଲା ମଙ୍ଗଳ ଅଧିକାରୀଙ୍କୁ ଜଣାଇଥିଲେ। ଏହା ପରେ ଜିଲା ମଙ୍ଗଳ ଅଧିକାରୀ ସନ୍ଧ୍ୟା ମାଝି ବୁଧବାର ସ୍କୁଲ ପରିଦର୍ଶନରେ ଯାଇଥିଲେ। ସେଠାରୁ ପ୍ରଧାନଶିକ୍ଷକଙ୍କୁ ନେଇ ଉକ୍ତ ଗାଁକୁ ଯାଇ ଛାତ୍ରୀଙ୍କ ବୟାନ ରେକର୍ଡ କରିଥିଲେ। ସେଥିରେ ଗାଁର ଜଣେ ଯୁବକଙ୍କ ସହ ତାଙ୍କର ସମ୍ପର୍କ ଥିବା ଜଣାପଡ଼ିଛି। ଜିଲା ମଙ୍ଗଳ ଅଧିକାରୀ ମାଝିଙ୍କୁ ପଚାରିବାରେ ଏହା ଉପରେ ଜିଲାପାଳଙ୍କୁ ରିପୋର୍ଟ ପ୍ରଦାନ କରାଯାଇଛି। ସେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କହିଛନ୍ତି। ସୂଚନାଯୋଗ୍ୟ ଯେ, ଛାତ୍ରୀ ଜଣକ ଗତ ଜୁନରେ ସ୍କୁଲକୁ ଆସିଥିଲେ। ପ୍ରଧାନଶିକ୍ଷକ କହିଛନ୍ତି ଯେ, ସବୁ ଝିଅମାନଙ୍କ ରିପୋର୍ଟ ନିଆଯାଉଥିଲା। ହେଲେ ସେ ଗର୍ଭବତୀ ଥିବା ଲୁଚାଉଥିବାରୁ ଠିକ ତଥ୍ୟ ଜଣାପଡି ନ ଥିଲା।



ଜିଲା ମଙ୍ଗଳ ଅଧିକାରୀ ଗାଁରେ ପହଞ୍ଚି ତଦନ୍ତ କରୁଛନ୍ତି ।

## ପ୍ରତି ଜିଲା ନାମରେ ପୁରୀରେ ଅତିଥି ଭବନ ହେଉ

**ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ବିରୋଧୀ ଦଳ ନେତା**

ଭୁବନେଶ୍ୱର,୨୯।୧(ବ୍ୟୁରୋ)

ପୁରୀର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ରାଜ୍ୟ ସରକାର ନେଇଥିବା ପଦକ୍ଷେପକୁ ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ ଭୂରିଭୂରି ପ୍ରଶଂସା କରିଛନ୍ତି। ବିଶେଷଭାବେ ଜଗନ୍ନାଥ ମନ୍ଦିରର ଚାରିପାଖରୁ ଅର୍ଥାତ୍ ୭୫ମିଟର ପରିଧି ମଧ୍ୟରେ ଥିବା କୋଠାବାଡି ଭାଙ୍ଗି ମନ୍ଦିର ଚତୁର୍ପାର୍ଶ୍ୱର ସୌନ୍ଦର୍ଯ୍ୟକରଣ ଲାଗି ନିଆଯାଇଥିବା ପଦକ୍ଷେପକୁ ମଧ୍ୟ ସେ ସ୍ୱାଗତ କରିବା ସହିତ ଏହା ଅତ୍ୟନ୍ତ ପ୍ରଶଂସନୀୟ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ବୁଧବାର ଚିଠି ଲେଖି ସେ କହିଛନ୍ତି। ସେ ତାଙ୍କ ଚିଠିରେ ଆହୁରି ଉଲ୍ଲେଖ କରିଛନ୍ତି ଯେ, ଶ୍ରୀମନ୍ଦିରର ବିଭିନ୍ନ ପର୍ବପର୍ବାଣି ପାଇଁ ରାଜ୍ୟର ବିଭିନ୍ନ ଜିଲାରୁ ବହୁ ସଂଖ୍ୟାରେ ଯାତ୍ରୀ ଆସୁଛନ୍ତି। ପୂର୍ବରୁ ସେମାନେ ଯାତ୍ରୀ ପଣ୍ଡାମାନଙ୍କ ଆବାସରେ ରହୁଥିଲେ। ଏହାସହ ବିଭିନ୍ନ ଧର୍ମଶାଳାରେ କମ୍ ଖର୍ଚ୍ଚରେ ରହିପାରୁଥିଲେ। ବର୍ତ୍ତମାନ ସମୟରେ ମନ୍ଦିର ଚତୁର୍ପାର୍ଶ୍ୱର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ସରକାର ଯେପରି ବଡ଼ ପଦକ୍ଷେପ ନେଇଛନ୍ତି ସେହିପରି ଯାତ୍ରୀଙ୍କ ରହଣି ଲାଗି ଅତିଥି ଭବନ ନିର୍ମାଣ ପାଇଁ ପ୍ରଦୀପ୍ତ ନାଏକ ଅନୁରୋଧ କରିଛନ୍ତି। ରାଜ୍ୟର ପ୍ରତ୍ୟେକ ଜିଲାର ତୀର୍ଥଯାତ୍ରୀଙ୍କ ପାଇଁ ପୁରୀର ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ଅଧ ଏକର ଲେଖା ଜମି ଯୋଗାଇ ସେଠାରେ ଜିଲା ନାମରେ ଅତିଥି ଶାଳା କରାଯାଉ। ଅନ୍ୟପଟେ ଦିଲ୍ଲୀରେ ବିଭିନ୍ନ ରାଜ୍ୟର ଯେପରି ନିଜସ୍ୱ ଅତିଥି ଭବନ ରହିଛି ସେହିଭଳି ପୁରୀରେ ପ୍ରତି ଜିଲାର ସ୍ୱତନ୍ତ୍ର ଭବନ ହେଲେ ଯାତ୍ରୀମାନେ କମ୍ ଖର୍ଚ୍ଚରେ ରହିପାରିବେ ବୋଲି ସେ କହିଛନ୍ତି।

ପୂର୍ବ ପୃଷ୍ଠାର ଅବଶିଷ୍ଟାଂଶ...

## ଗଣିତ (MATHEMATICS)



$\Delta$ DBC ରେ $\tan 60^0 = \frac{DC}{BC} \Rightarrow \sqrt{3} = \frac{450}{BC}$

$\Rightarrow BC = \frac{450}{\sqrt{3}} = 150\sqrt{3}$ ମିଟର

$\Delta$ DAE ରେ $\tan 30^0 = \frac{DE}{AE}$

$\Rightarrow \frac{1}{\sqrt{3}} = \frac{CD - AB}{BC} \Rightarrow \frac{1}{\sqrt{3}} = \frac{450 - x}{150\sqrt{3}}$

$\Rightarrow 150 = 450 - x \Rightarrow x = 300$ ମିଟର

$\therefore$ ଦୁର୍ଗର ଉଚ୍ଚତା 300 ମିଟର ।

**(ii)** **ଦତ୍ତ :** $\Delta ABC$ ରେ $\angle BAC$ ର ସମଦ୍ୱିଖଣ୍ଡକ $\overline{BC}$ କୁ P ବିନ୍ଦୁରେ ଏବଂ $\angle ABC$ ର ସମଦ୍ୱିଖଣ୍ଡକ $\overline{AP}$ କୁ Q ବିନ୍ଦୁରେ ଛେଦ କରେ ।



**ପ୍ରାମାଣ୍ୟ :** $\frac{AQ}{QP} = \frac{AB + AC}{BC}$

**ପ୍ରମାଣ :** $\Delta ABC$ ରେ $\angle BAC$ ର ସମଦ୍ୱିଖଣ୍ଡକ $\overline{BC}$ କୁ P ବିନ୍ଦୁରେ ଛେଦକରେ ।

$\Rightarrow \frac{AB}{AC} = \frac{BP}{PC}$

$\Rightarrow \frac{AC}{AB} = \frac{PC}{BP} \Rightarrow \frac{AC + AB}{AB} = \frac{PC + BP}{BP}$

$\Rightarrow \frac{AC + AB}{AB} = \frac{BC}{BP} \Rightarrow \frac{AB + AC}{BC} = \frac{AB}{BP}$ ....(i)

$\Delta ABP$ ରେ $\angle B$ ର ସମଦ୍ୱିଖଣ୍ଡକ $\overline{AP}$ କୁ Q ବିନ୍ଦୁରେ ଛେଦକରେ ।

$\Rightarrow \frac{AB}{BP} = \frac{AQ}{QP}$ ............ (ii)

ସମ୍ପର୍କ (i) ଓ (ii) ରୁ ଜଣାଗଲା ଯେ $\frac{AQ}{QP} = \frac{AB + AC}{BC}$ (ପ୍ରମାଣିତ)

**କିମ୍ବା, ଦତ୍ତ:** ABCD ଏକ ବୃତ୍ତାନ୍ତର୍ଲିଖିତ ସାମାନ୍ତରିକ ଚିତ୍ର ।

**ପ୍ରାମାଣ୍ୟ:** ABCD ଏକ ଆୟତଚିତ୍ର ।



**ପ୍ରମାଣ:** ABCD ଏକ ସାମାନ୍ତରିକ ଚିତ୍ର

$\Rightarrow m\angle A = m\angle C$

କିନ୍ତୁ $m\angle A + m\angle C = 180^0$

(ବୃତ୍ତାନ୍ତର୍ଲିଖିତ ଚତୁର୍ଭୁଜର ବିପରୀତ କୋଣ)

$\Rightarrow 2m\angle A = 180^0 \Rightarrow m\angle A = 90^0$

$\therefore$ ସାମାନ୍ତରିକ ଚିତ୍ରର ଗୋଟିଏ କୋଣ ସମକୋଣ ।

$\Rightarrow$ ABCD ଏକ ଆୟତଚିତ୍ର ।

**15.(i)** ବର୍ଗକ୍ଷେତ୍ରଟିର କ୍ଷେତ୍ରଫଳ = 484 ବର୍ଗ ସେ.ମି.

ବର୍ଗକ୍ଷେତ୍ରଟିର ବାହୁ = $\sqrt{484}$ =22 ସେ.ମି.

ବର୍ଗକ୍ଷେତ୍ରଟିର ପରିସୀମା = 4 x ବାହୁର ଦୈର୍ଘ୍ୟ = 4 x 22 =88 ସେ.ମି.

ବୃତ୍ତର ପରିଧି = 88 ସେ.ମି.

ମନେକର ବୃତ୍ତର ବ୍ୟାସାର୍ଦ୍ଧ = r ସେ.ମି.

$\Rightarrow$ ପରିଧି = $2\pi r$ ସେ.ମି.

ପ୍ରଶ୍ନାନୁସାରେ, $2\pi r = 88$

$\Rightarrow 2 \times \frac{22}{7} \times r = 88 \Rightarrow r = \frac{88 \times 7}{44} = 14$ ସେ.ମି.

$\therefore$ ବୃତ୍ତର କ୍ଷେତ୍ରଫଳ = $\pi r^2$

$= \frac{22}{7} \times 14 \times 14 = 616$ ବର୍ଗ ସେ.ମି.

**କିମ୍ବା,** ଅର୍ଦ୍ଧବୃତ୍ତାକାର ଜମିର ବ୍ୟାସାର୍ଦ୍ଧ = r ମି.

ଅର୍ଦ୍ଧବୃତ୍ତାକାର ଜମିର ପରିସୀମା = $(\pi r + 2r)$ ମି.

ପ୍ରଶ୍ନାନୁସାରେ $(\pi r + 2r) - 2r = 44$

$\Rightarrow \pi r = 44 \Rightarrow \frac{22}{7} . r = 44 \Rightarrow r = 14$ ମି.

$\therefore$ ଜମିର କ୍ଷେତ୍ରଫଳ = $\frac{1}{2}\pi r^2$

$= \frac{1}{2} \times \frac{22}{7} \times 14 \times 14 = 308$ ବ.ମି.

**(ii)** ମନେକର କୋନ୍‌ର ବକ୍ର ଉଚ୍ଚତା, ଉଚ୍ଚତା ଓ ଆଧାରର ବ୍ୟାସାର୍ଦ୍ଧ, ଯଥାକ୍ରମେ $l$ ସେ.ମି., h ସେ.ମି. ଏବଂ r ସେ.ମି.

ଆୟତନ = $\frac{1}{3}\pi r^2 h$ ଘନ ସେ.ମି. ।

ବକ୍ରତଳର କ୍ଷେତ୍ରଫଳ = $\pi r l$ ବ.ସେ.ମି.

ମନେକର r = 3x ସେ.ମି. ଏବଂ h = 4x ସେ.ମି.

$\therefore l = \sqrt{r^2 + h^2} = \sqrt{(3x)^2 + (4x)^2} = 5x$ ସେ.ମି.

ପ୍ରଶ୍ନାନୁସାରେ, $\frac{1}{3}\pi r^2 h = 12936$ ଘନସେ.ମି.

$\Rightarrow \frac{1}{3} \times \frac{22}{7} \times (3x)^2 \times 4x = 12936$

$\Rightarrow x^3 = \frac{12936 \times 7 \times 3}{22 \times 9 \times 4} = 343$

$\Rightarrow x = \sqrt[3]{343} = 7$

$\therefore l = 5x = 5 \times 7 = 35$ ସେ.ମି., $r = 3x = 3 \times 7 = 21$ ସେ.ମି.

କୋନ୍‌ର ବକ୍ରତଳର କ୍ଷେତ୍ରଫଳ =

$\pi r l = \frac{22}{7} \times 21 \times 35 = 2310$ ବ.ସେ.ମି.

**କିମ୍ବା,** ମନେକର ଗୋଲକର ବ୍ୟାସାର୍ଦ୍ଧ r ସେ.ମି.;

ପୃଷ୍ଠତଳର କ୍ଷେତ୍ରଫଳ $4\pi r^2$ ବ.ସେ.ମି.

ପ୍ରଶ୍ନାନୁସାରେ, $4\pi r^2 = 616$ ବ.ସେ.ମି.

$\Rightarrow 4 \times \frac{22}{7} \times r^2 = 616 \Rightarrow r^2 = \frac{616 \times 7}{4 \times 22}$

$\Rightarrow r^2 = 49 \Rightarrow r = 7$ ସେ.ମି.

$\therefore$ ଗୋଲକର ଆୟତନ = $\frac{4}{3}\pi r^3$

$= \frac{4}{3} \times \frac{22}{7} \times (7)^3 = \frac{4312}{3}$

ବା $1437\frac{1}{3}$ ଘ. ସେ.ମି.

# ମେଡ୍ ଇନ୍ ଓଡ଼ିଶା

'ମେଡ୍ ଇନ୍ ଚାଇନା' ନୁହେଁ କି 'ମେଡ୍ ଇନ୍ ୟୁଏସ୍ଏ' ନୁହେଁ। ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଏହା ସମ୍ପୂର୍ଣ୍ଣଭାବେ 'ମେଡ୍ ଇନ୍ ଓଡ଼ିଶା' ପ୍ରଡକ୍ଟ। କୌଣସି ମଲ୍ଟିନ୍ୟାଶନାଲ କମ୍ପାନୀ କି ରୋବୋ ଦ୍ୱାରା ଏହା କରାଯାଇନି। ଜଣେ ସାଧାରଣ ଚାଷୀଙ୍କ ପୁଅ ସନ୍ତୋଷ ନିଜସ୍ୱ ଜ୍ଞାନକୌଶଳରେ ତିଆରି କରିଛନ୍ତି ଏଭଳି ଅସାଧାରଣ ଯନ୍ତ୍ର ଏବଂ ଉତ୍ପାଦ। ଗୋଟିଏ କିମ୍ବା ଦୁଇଟି ନୁହେଁ ତାଙ୍କ ହାତଗଢ଼ା ଏକାଧିକ ଯନ୍ତ୍ରପାତି ତାଙ୍କୁ ଦେଇଛି ଏକ ସ୍ୱତନ୍ତ୍ର ପରିଚୟ।


ସନ୍ତୋଷ ପରିଡ଼ା

## ଆଇଟିଆଇ ପରେ ଗବେଷଣା

ରାଜଧାନୀ ଅନ୍ତର୍ଗତ ବାଲିଅନ୍ତା ବ୍ଲକ୍ ଅନ୍ତର୍ଗତ ଉତ୍ତରା ନିକଟ ତେରବାଟିଆ ଗ୍ରାମର ସନ୍ତୋଷ ପରିଡ଼ା। ଆଇଟିଆଇ ପାସ୍ କରିଛନ୍ତି। ତାଙ୍କ ବାପା ଲକ୍ଷ୍ମୀଧର ଜଣେ ଚାଷୀ। ମା' ସୁନ୍ଦରୀ ଜଣେ ଗୃହିଣୀ। ପିଲାବେଳୁ କିଛି ନୂଆ କରିବା ଲକ୍ଷ୍ୟନେଇ ସନ୍ତୋଷ ଆଇଟିଆଇ ଶେଷ କରିବାପରେ ଗବେଷଣା ପ୍ରତି ମନ ବଳାଇଥିଲେ। ନିଜସ୍ୱ ଟେକ୍ନୋଲୋଜି, ଉପସ୍ଥିତ ବୁଦ୍ଧି ଓ ଦକ୍ଷତା ତାଙ୍କୁ 'ଟ୍ରାକିଂ ଇଣ୍ଡିଆ' ଭଳି ଯନ୍ତ୍ରପାତି ଉଦ୍ଭାବନ କରିବାକୁ ପ୍ରେରଣା ଯୋଗାଇଥିଲା। ପ୍ରଥମେ ବାଇକ୍ ଚୋରି ରୋକିବାକୁ ଜ୍ଞାନକୌଶଳ ବାହାର କରିଥିଲେ। ବାଇକ୍ ଉପରେ ପ୍ରୟୋଗ କରି ସଫଳ ହେବାପରେ ଏବେ ବିଭିନ୍ନ ପ୍ରକାର ଚୋରି ରୋକିବା ପାଇଁ ଯନ୍ତ୍ରପାତିର ବିକାଶ କରିଛନ୍ତି।



## ସବୁପଛରେ ଜିଏସ୍ଏମ୍ ଟେକ୍ନୋଲୋଜି

ସବୁଠାରୁ ବଡ଼କଥା ହେଉଛି ସନ୍ତୋଷଙ୍କ ଦ୍ୱାରା ତିଆରି କୌଣସି ଯନ୍ତ୍ର ପାଇଁ ଇଣ୍ଟରନେଟ୍ କିମ୍ବା ସ୍ମାର୍ଟଫୋନ୍ ଦରକାର ହୁଏନାହିଁ। ଯେକୌଣସି ସାଧାରଣ ମୋବାଇଲ୍‌ରେ ଏହା ବିନା ଇଣ୍ଟରନେଟ୍ କାମ କରେ। ବର୍ତ୍ତମାନ ବିଶ୍ୱରେ ସମସ୍ତ ସିକ୍ୟୁରିଟି ସିଷ୍ଟମ ଏସ୍ଏମ୍ଏସ୍ ଦ୍ୱାରା ବାର୍ତ୍ତା ପହଞ୍ଚାଉଥିବା ବେଳେ ସନ୍ତୋଷଙ୍କ ଯନ୍ତ୍ର କିନ୍ତୁ ଚୋରିର ସୂଚନା ମିଳିଲେ ବ୍ୟବହାରକାରୀଙ୍କୁ ସିଧା କଲ୍ କରେ। ଗ୍ଲୋବାଲ୍ ସିଷ୍ଟମ ମୋବାଇଲ(ଜିଏସ୍ଏମ୍) ଟେକ୍ନୋଲୋଜି ଦ୍ୱାରା ପ୍ରସ୍ତୁତ ଏହି ଯନ୍ତ୍ରପାତି ଆପ୍-ବେସ୍ଡ ନୁହେଁ। ସବୁବର୍ଗର ଲୋକ ଯେପରି ବ୍ୟବହାର କରିପାରିବେ ତାହାକୁ ଦୃଷ୍ଟିରେ ରଖି ସନ୍ତୋଷ ଏହାକୁ ପ୍ରସ୍ତୁତ କରିଛନ୍ତି।

ଫଟୋ: ବିକାଶ ନାୟକ

## ଘରେ ଚୋରି ରୋକୁଛି 'ଟ୍ରାକିଂ ଇଣ୍ଡିଆ'

ହୋମ୍ ସିକ୍ୟୁରିଟି ସିଷ୍ଟମ୍ 'ଟ୍ରାକିଂ ଇଣ୍ଡିଆ'। ଜିଏସ୍ଏମ୍ ଟେକ୍ନୋଲୋଜୀରେ ପ୍ରସ୍ତୁତ ଏହି ସିଷ୍ଟମ୍ ଘର ବନ୍ଦ କରିବାର ୩ମିନିଟ୍ ପରେ ଘରକୁ ଏହା ଅଟୋମେଟିକ୍ ସିଗ୍ନାଲ ଲକ୍ କରିଦିଏ। ତା'ପରେ ଚୋର ଆସି କବାଟ କିମ୍ବା ଝରକା ଭାଙ୍ଗି ଘରେ ପଶିଲେ ସାଇରନ୍ ବାଜେ। ନାଲି ଲାଇଟ୍ ବ୍ଲିଙ୍କ୍ କରେ ଓ ଘର ଲାଇଟ୍ ମନକୁ ମନ ଜଳେ। ଯଦି ଟିୟର ଗ୍ୟାସ ସିଷ୍ଟମ ଥାଏ ତା'ହେଲେ ଟିୟର ଗ୍ୟାସ୍ ମନକୁ ମନ ବାହାରେ ଓ ତା'ପରେ ଘର ମାଲିକଙ୍କ ମୋବାଇଲ୍‌କୁ କଲ୍ ଯାଏ। ଭାରତ କିମ୍ବା ବିଶ୍ୱର ଯେକୌଣସି ସ୍ଥାନରେ ଥିଲେ ମଧ୍ୟ ବ୍ୟବହାରକାରୀଙ୍କୁ ଏହି ଫୋନ୍ ଯାଏ। ଫଳରେ ସେ ଫୋନ୍ ଉଠାଇ ଜାଣିପାରେ ତା' ଘରେ କ'ଣ ହେଉଛି ଏବଂ ଚୋରକୁ ମଧ୍ୟ ସେହି ଫୋନ୍ ଯୋଗେ ଧମକାଇ ପାରେ। କେବଳ ଘରର ମାଲିକ ନୁହେଁ, କିଛି ସମୟ ବ୍ୟବଧାନ ପରେ ଏହି ମେଶିନ୍ ପୋଲିସ ଷ୍ଟେଶନକୁ ମଧ୍ୟ କଲ୍ କରି ଚୋରି ସମ୍ପର୍କରେ ସୂଚନା ଦିଏ। ଯେତେବେଳେ କି ସିସିଟିଭି କ୍ୟାମେରା ତଥ୍ୟ ଦ୍ୱାରା ଚୋରକୁ ଧରିବା ସମ୍ଭବ ହୁଏନାହିଁ ସେତେବେଳେ ଏହା ଚୋରି ହେବା ପୂର୍ବରୁ ସତର୍କ କରିଦିଏ। ଘରର ଆକାର ଉପରେ କେତେ ବଡ଼ ସିକ୍ୟୁରିଟି ସିଷ୍ଟମ ଲଗାଯିବ ତାହା ସ୍ଥିର କରାଯାଏ। ଏହା ୨୦ ହଜାର ଟଙ୍କାରୁ ଆରମ୍ଭ ହେଉଥିବା ସନ୍ତୋଷ କହିଛନ୍ତି।




## ବିନା ଝିନ୍‌ଝଟ୍‌ରେ ଜଳସେଚନ

ଜଣେ ଚାଷୀପୁଅ ହୋଇଥିବାରୁ ଚାଷୀଙ୍କ କଷ୍ଟକୁ ଅନୁଭବ କରି ସନ୍ତୋଷ ପ୍ରଥମଥର ପାଇଁ 'ଲିଫ୍ଟ ଇରିଗେଶନ ସିଷ୍ଟମ' ନାମରେ ଏକ ନିଆରା ଯନ୍ତ୍ରପାତି ଉଦ୍ଭାବନ କରିଛନ୍ତି। ଏକର ଏକର ଜମିରେ ପାଣି ମଡ଼ାଇବା ଚାଷୀମାନଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ହେଉଥିବା ବେଳେ ଏହି ଯନ୍ତ୍ର ଦ୍ୱାରା ଆଉ ରାତି ଅନିଦ୍ରା ନ ହୋଇ ବିନା କୌଣସି ଝିନ୍‌ଝଟରେ ଜମିରେ ପାଣି ମଡ଼ାଇ ହେବ। ଘରେ ବସି ମୋବାଇଲ୍‌ରେ ସୁଇଚ୍ ଚିପିଲେ ଲିଫ୍ଟ ଚାଲିବ। ଜମିରେ ଆବଶ୍ୟକ ପାଣି ପୂରଣ ହୋଇଯିବା ପରେ ତାହା କୃଷକଙ୍କୁ ଫୋନ୍ କରି କହିବ ଏବଂ ମେଶିନକୁ ନିଜେ ନିଜେ ବନ୍ଦ କରିଦେବ। ସେହିଭଳି ବର୍ଷାହେଲେ ମଧ୍ୟ ମେଶିନ୍ ଆପେ ଆପେ ବନ୍ଦ ହୋଇଯିବ। ଜଳସ୍ତର କମିଗଲେ ନିଜେ ସେଥିରେ ପାଣି ଭର୍ତ୍ତି କରି ମେଶିନକୁ ରିଷ୍ଟାର୍ଟ କରିବ ଓ ବିଲ ଭିତରୁ ଚୋରି ହେଲେ ଏହା ଚାଷୀଙ୍କୁ ଯଥାସମୟରେ ସୂଚନା ଦେବ।

## ଏଲ୍‌ପିଜି ଗ୍ୟାସ୍ ସିକ୍ୟୁରିଟି ସିଷ୍ଟମ

ସନ୍ତୋଷଙ୍କ ଉଦ୍ଭାବନ ମଧ୍ୟରେ ରହିଛି ଆଉ ଏକ ଉତ୍କୃଷ୍ଟ ଯନ୍ତ୍ର 'ଏଲ୍‌ପିଜି ଗ୍ୟାସ୍ ସିକ୍ୟୁରିଟି ସିଷ୍ଟମ'। ଘରେ ଗ୍ୟାସ୍ ଲିକ୍ ସମ୍ପର୍କରେ ସୂଚନା ଦେବାକୁ ସେ ଏଭଳି ଏକ ସିଷ୍ଟମର ବିକାଶ କରିଛନ୍ତି। ଏହାକୁ ଘରେ ଲଗାଇଲେ ଗ୍ୟାସ୍ ଶର୍ଟସର୍କିଟ୍ ଜନିତ ଦୁର୍ଘଟଣାରୁ ସମ୍ପୂର୍ଣ୍ଣଭାବେ ମୁକ୍ତି ମିଳିବ। ଟାଙ୍କିରୁ ଗ୍ୟାସ୍ ନିର୍ଗତ ହେବା ମାତ୍ରେ ଏହା ପ୍ରଥମେ ଘରର ମେନ୍ ସୁଇଚ୍ ବନ୍ଦ କରି ଘରମଧ୍ୟକୁ ବିଦ୍ୟୁତ୍ ପ୍ରବାହ ରୋକିବ। ସେହିଭଳି ନିଆଁ ଲାଗିବା ମାତ୍ରେ ଏହା କାର୍ବନ ଡାଇଅକ୍ସାଇଡ୍ ଗ୍ୟାସ୍ ନିର୍ଗତ କରି ନିଆଁକୁ ଲିଭାଇବ। ଏହାପରେ ମାଲିକଙ୍କ ମୋବାଇଲ୍‌କୁ ଏ ନେଇ କଲ୍ ଆସିବ। ଫଳରେ ଆପଣ ଘରୁ ବାହାରେ ଥିଲେ ମଧ୍ୟ ଆଉ ଚିନ୍ତା କରିବାକୁ ପଡ଼ିବନି।

## ଗାଡ଼ି ଚୋରି ରୋକିବ

ଦୁଇଚକିଆ ଯାନ ହେଉ କି ଚାରିଚକିଆ ଯାନ। ଗାଡ଼ିର ଯେକୌଣସି ସ୍ଥାନରେ ଟ୍ରାକିଂ ଇଣ୍ଡିଆ ଯନ୍ତ୍ର ଲଗାଇଲେ ଏହା ଲୁଟେରାଙ୍କ କବଳରୁ ଗାଡ଼ିକୁ ସୁରକ୍ଷିତ ରଖିବ। ଯଦି କେହି ଲୁଟେରା ଗାଡ଼ି ଭାଙ୍ଗି ଗାଡ଼ି ଚୋରି କରିବାକୁ ଉଦ୍ୟମ କରିବ ତା'ହେଲେ ସଙ୍ଗେ ସଙ୍ଗେ ଗାଡ଼ିର ସାଇରନ୍ ବାଜିବ। ଗାଡ଼ି ନମ୍ବରରେ ମାଲିକଙ୍କ ମୋବାଇଲ୍ ଫୋନ୍‌ରେ କଲ୍ ଆସିବ। ତେବେ ସବୁଠାରୁ ବଡ଼କଥା ହେଲା ଲୁଟେରା ଗାଡ଼ି ନେଇ ଚାଲିଯାଉଥିବା ସମୟରେ ଫୋନ୍‌ରେ ଗାଡ଼ି ନମ୍ବରକୁ କଲ୍ କରି ଏହାର ଇଞ୍ଜିନକୁ ଲକ୍ କରିହେବ। ଯେତେ ଷ୍ଟାର୍ଟ କଲେ ବି ଗାଡ଼ି ଆଉ ଚାଲିବନି। ସନ୍ତୋଷ ଆଗାମୀଦିନରେ ବିନା ପେଟ୍ରୋଲ, ଡିଜେଲ ଏବଂ କିରୋସିନ୍‌ରେ କିଭଳି ବିଦ୍ୟୁତ୍‌ଶକ୍ତି ଉତ୍ପାଦିତ ହୋଇପାରିବ ତାହା ଉପରେ ଗବେଷଣା କରୁଛନ୍ତି।

–ସସ୍ମିତା ପାଇକରାୟ

# ବାପା ପଡ଼ିଯିବା ଖବର ପାଇ ବି ଶୁଟିଂସେଟ୍ ଛାଡ଼ିପାରି ନ ଥିଲି

**ମୋ ଅନୁଭୂତି**

ସମ୍ବଲପୁରୀ ଆଲବମର ଜଣେ ଆଗଧାଡ଼ିର ଅଭିନେତା ଭାରତଗୌରବ ଦାଶ। ମାଆ ଗୀତାଞ୍ଜଳି ଓ ବାପା ଭିକାରିଚରଣ ଦାଶଙ୍କ ସୁଯୋଗ୍ୟ ସନ୍ତାନ ଭାରତଗୌରବ ପଶ୍ଚିମ ଓଡ଼ିଶା ସମେତ ରାଜ୍ୟର କୋଣ ଅନୁକୋଣରେ ନିଜସ୍ୱ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ସମ୍ବଲପୁର ଜିଲା ରେଢ଼ାଖୋଲରେ ୧୯୭୭ ମସିହାରେ ଜନ୍ମିତ ଏହି ସଫଳ ଅଭିନେତା ପିଲାଦିନୁ ବାପା ଓ କାକାଙ୍କ ପ୍ରେରଣାରେ ନୃତ୍ୟ, ଅଭିନୟ ପ୍ରତି ଆକୃଷ୍ଟ ହୋଇ ଅଡିଓ ପ୍ରୋଗ୍ରାମ ପ୍ରଡକ୍ସନରେ ପିଜି ଡିପ୍ଲୋମା ଶେଷ କରିବା ସହ ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ପ୍ରଦର୍ଶନ କଳାରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଛନ୍ତି। ଜଣେ ସଫଳ ନୃତ୍ୟଗୁରୁ, ଆଲବମ ଅଭିନେତା, ଓଡ଼ିଆ ସିନେମା ନିର୍ମାତା ଭାବେ ଜାତୀୟସ୍ତରୀୟ କଳା ଉତ୍ସବରେ ଜୁରି ପୁରସ୍କାର ପାଇଥିବା ଭାରତଗୌରବଙ୍କ ଅନୁଭୂତିରୁ କିଛି..


ଭାରତଗୌରବ ଦାଶ

ସଂପ୍ରତି ସମ୍ବଲପୁର ଜିଲା ଖୁଲିଆ ସେବାଶ୍ରମ ସ୍କୁଲରେ କଳା ପ୍ରଶିକ୍ଷକ ଥିବା ତଥା୧୫୦ରୁ ଊର୍ଦ୍ଧ୍ୱ ଆଲବମରେ ଅଭିନୟ କରି ଦର୍ଶକଙ୍କ ମନ ଜିଣିଥିବା ଭାରତଗୌରବ ନିଜ ଜୀବନର ଅନୁଭୂତି ସମ୍ପର୍କରେ କୁହନ୍ତି, ଜୀବନ ଅଛି ତ' ଅନେକ ଅନୁଭୂତି ରହିଛି। ସେଥିମଧ୍ୟରୁ ବଲାଙ୍ଗିରଠାରେ ଶୁଟିଂ ସମୟର ଅନୁଭୂତି ମୋର ସବୁଦିନ ମନେ ରହିବ। ବଲାଙ୍ଗିରରେ ଏକ ଆଲବମ ଶୁଟିଂ ଚାଲିଥିବା ବେଳେ ସମ୍ବଲପୁରରୁ ମାଆଙ୍କ ଫୋନ କଲ୍ ଆସିଲା। ଖୁବ୍ ବ୍ୟସ୍ତ ବିବ୍ରତ ଥିଲେ ସେ। ବାପା ବାଥ୍‌ରୁମରେ ପଡିଯାଇଛନ୍ତି ବୋଲି କହିଲେ। ଏ କଥା ଶୁଣିବା ପରେ ମୋ ମନ ବିଚଳିତ ହୋଇଯାଇଥିଲା। ଶୁଟିଂରେ ଆଉ ମନ ଲାଗି ନ ଥିଲା। ଅତ୍ୟନ୍ତ ଧୈର୍ଯ୍ୟହରା ହୋଇ ପଡିଥିଲି। କିନ୍ତୁ କଳାକାର ଜୀବନ ସବୁ ବେଳେ ସଂଘର୍ଷମୟ ଭାବି କୋହକୁ ଚାପି ରଖିଥିଲି ଶୁଟିଂ ଶେଷ ପର୍ଯ୍ୟନ୍ତ। ରାତ୍ରି ୨ଟାରେ ଶୁଟିଂ ଶେଷ ହେଲା। ବଲାଙ୍ଗିରରୁ ସମ୍ବଲପୁର ଆସିବା କଷ୍ଟକର ବ୍ୟାପାର ଥିଲା। କିନ୍ତୁ ରାତି ୨ଟା ୩୦ ମିନିଟ୍‌ରେ ଏକ ଡିଜେଲ ଟ୍ୟାଙ୍କର ଅଟକାଇ ସମ୍ବଲପୁର ଆସିଥିଲି। ଶୁଟିଂ ସେଟର ସମସ୍ତେ ମନା କରୁଥିଲେ। ଆଲବମ ସୁପରଷ୍ଟାର ପୁଣି ଡିଜେଲ ଟ୍ୟାଙ୍କରରେ ଯିବ। ଅନ୍ୟମାନଙ୍କ କଥାକୁ ଭ୍ରୂକ୍ଷେପ ନ କରି ସେହି ଗାଡିରେ ସମ୍ବଲପୁର ଆସି ଘରେ ପହଞ୍ଚିଲି। ସିଧା ବାପାଙ୍କ ପାଖକୁ ଯାଇ ଦେଖିଲି, ବାପା ସେତେବେଳ ଯାଏ ବୋଧହୁଏ ଶୋଇ ନ ଥିଲେ। ନିଦ ଭାଙ୍ଗି ସତେ ଯେମିତି ସେ ମୋ ଅପେକ୍ଷାରେ ଥିଲେ। ମତେ ଦେଖି ଟେନାଏ ହସି ଦେଇଥିଲେ। ତାଙ୍କର ସେହି ଟେନାଏ ହସ ଆଜି ବାପାଙ୍କ ଅନୁପସ୍ଥିତିରେ ବି ମୋତେ ସବୁଦିନ ପ୍ରେରଣା ଦେଇ ଚାଲିଛି।

–ବି.ଶଙ୍କର

**ଖାଦ୍ୟ ରୁଚି**

# ଚାଇନିଜ୍ ଡିଶ୍ ହନି ପ୍ରନ୍

ପର୍ଯ୍ୟଟନର ସହର ପୁରୀ। ଏଠାକୁ ଦୈନିକ ଦେଶ ବିଦେଶରୁ ଆସୁଥିବା ପର୍ଯ୍ୟଟକଙ୍କ ସମାଗମକୁ ଦୃଷ୍ଟିରେ ରଖି ବିଭିନ୍ନ ହୋଟେଲ ଏବଂ ରେସ୍ତୋରାଁରେ ପ୍ରସ୍ତୁତ କରାଯାଏ ସ୍ୱାଦିଷ୍ଟ ଖାଦ୍ୟ। ହୋଟେଲଗୁଡ଼ିକ ମଧ୍ୟରୁ ସିଟି ରୋଡ୍ (ସି ବିଚ୍)ରେ ଥିବା ହୋଟେଲ ବିଜୟ ଇଣ୍ଟରନ୍ୟାଶ୍‌ନାଲ ଅନ୍ୟତମ। ଏଠାରେ ଗ୍ରାହକଙ୍କ ଚାହିଦାକୁ ଆଖି ଆଗରେ ରଖି ନୂଆ ନୂଆ ଡିଶ୍ ପ୍ରସ୍ତୁତ କରାଯାଏ। ଏହି ହୋଟେଲରେ ଉଭୟ ଆମିଷ ଓ ନିରାମିଷ ଖାଦ୍ୟ ଗ୍ରାହକଙ୍କୁ ପରଷାଯାଏ। ଆମିଷ ଖାଦ୍ୟ ମଧ୍ୟରେ ଚାଇନିଜ୍ ଡିଶ୍ ହନି ପ୍ରନ୍‌ର ଚାହିଦା ଅଧିକ ଓ ଏହାର ଗୋଟିଏ ପ୍ଲେଟ୍ ଦାମ୍ ରହୁଛି ୩୦୦ ଟଙ୍କା। ଏହାର ପ୍ରସ୍ତୁତି ସମ୍ପର୍କରେ ହୋଟେଲ ବିଜୟ ଇଣ୍ଟରନ୍ୟାଶନାଲର ମୁଖ୍ୟ ଶେଫ୍ ଶ୍ରୀମନ୍ତ ମହାନ୍ତି ଯାହା କୁହନ୍ତି..



### ଆବଶ୍ୟକ ସାମଗ୍ରୀ

- ବଡ଼ ସାଇଜ୍ ଚିଙ୍ଗୁଡ଼ି: ୧୫୦ ଗ୍ରାମ୍
- ରେଡ୍ ଚିଲିଗାର୍ଲିକ ସସ୍: ୧୫ ଗ୍ରାମ୍
- ତେଲ: ୧୦ ଗ୍ରାମ୍
- ମହୁ: ୨୦ ଗ୍ରାମ୍
- ଟମାଟୋ ସସ୍: ୨୦ ଗ୍ରାମ୍
- ସପୁରି ସ୍ଲାଇସ୍: ୫୦ ଗ୍ରାମ୍
- ରସୁଣ କିମା: ୧୦ ଗ୍ରାମ୍
- କର୍ନଫ୍ଲୋର: ୧୦୦ ଗ୍ରାମ୍
- ଅଣ୍ଡା: ୧ଟା
- ଗୋଲମରିଚ ଗୁଣ୍ଡ: ଅଧା ଚାମଚ
- ସ୍ୱାଦ ଅନୁଯାୟୀ ଲୁଣ
- ଛାଣିବା ପାଇଁ ତେଲ

### ପ୍ରସ୍ତୁତି ପ୍ରଣାଳୀ

ପ୍ରଥମେ ଚିଙ୍ଗୁଡ଼ିରୁ ଖୋଳ ଛଡାଇ ଭଲ ଭାବେ ଧୋଇବା ପରେ ତା' ପିଠିରେ କଳା ସୂତା ଭଳି ଦେଖାଯାଉଥିବା ସରୁ ଅଂଶକୁ ବାହାର କରିଦିଅନ୍ତୁ। କଞ୍ଚା ଅଣ୍ଡା, ଲୁଣ ଏବଂ ଗୋଲମରିଚ ଗୁଣ୍ଡ ପକାଇ ଚିଙ୍ଗୁଡ଼ିକୁ ଗୋଳାନ୍ତୁ। ଏହାପରେ କର୍ନଫ୍ଲାୱାର ପକାଇ ଭଲ ଭାବେ ମିଶ୍ରଣ କରନ୍ତୁ। କଡେଇରେ ତେଲ ଗରମ ହେବା ପରେ ଚିଙ୍ଗୁଡ଼ିକୁ ଛାଣନ୍ତୁ। ବ୍ରାଉନ୍ ରଙ୍ଗ ହୋଇଯିବା ପରେ ଏକ ପାତ୍ରରେ ଚିଙ୍ଗୁଡ଼ିକୁ ବାହାରକରି ରଖନ୍ତୁ। ପ୍ୟାନ୍‌ରେ ତେଲ ପକାଇ ରସୁଣ କିମା, ସପୁରି ସ୍ଲାଇସ୍, ଟମାଟୋ ସସ୍ ଓ ଚିଲି ଗାର୍ଲିକ ପକାଇ ଫ୍ରାଏ କରନ୍ତୁ। ଏହାପରେ ପୂର୍ବରୁ ଛଣା ଯାଇଥିବା ଚିଙ୍ଗୁଡ଼ି ପକାଇ ଭଲ ଭାବେ ଗୋଳାନ୍ତୁ। ଶେଷରେ ମହୁ ପକାଇ ୫ ମିନିଟ୍ ପରେ ଓହ୍ଲାଇ ରୁଚି ସହିତ ଗରମ ଗରମ ପରଷି ଦିଅନ୍ତୁ।


ମୁଖ୍ୟ ଶେଫ୍ ଶ୍ରୀମନ୍ତ ମହାନ୍ତି

– ହେମନ୍ତ ନାୟକ, ଫଟୋ: ଯଜ୍ଞେଶ୍ୱର ମହାନ୍ତି

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
balasoreselfie@gmail.com


ଯାଜ୍ଞସେନୀ


ସୁବ୍ରତ


ଶିବା


ସୁନୀଲ


ମାନସ


ମାନସ

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍ଫି ଫଟୋ
www.dharitri.com/category/selfie/

## ସଂକ୍ଷେପରେ

### ଝୁଲନ୍ତା ମୃତଦେହ ଉଦ୍ଧାର

**ଚିତ୍ରଡା,୨୯।୧(ଡି.ଏନ୍.ଏ.)**- ମୟୂରଭଞ୍ଜ ଜିଲା ମୋରଡା ଥାନା ଅଧୀନ ଜୁଆଳିଭଙ୍ଗା ପଞ୍ଚାୟତର ଭଦ୍ରଶୋଳ ଗ୍ରାମ ଛକ ନିକଟ ଏକ ଗଛରୁ ଜଣେ ବ୍ୟକ୍ତିଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ମୃତକ ହେଲେ ସ୍ଥାନୀୟ ପୂର୍ଣ୍ଣଚନ୍ଦ୍ରପୁର ଗ୍ରାମର ଭୃତ ଭୂୟାଁ। ପୋଲିସ ମୃତଦେହ ଜବତ କରି ତଦନ୍ତ ଚଳାଇଛି। ଆତ୍ମହତ୍ୟାର କାରଣ ସ୍ପଷ୍ଟ ହୋଇନାହିଁ।

### ୪ ମଦ ବେପାରୀ ଗିରଫ

**ବଡ଼ସାହି,୨୯।୧(ସ୍ୱ.ପ୍ର)**-ଅବକାରୀ ଓ ବନ ବିଭାଗ ବଡ଼ସାହି ଥାନା ଅଞ୍ଚଳରେ ବୁଧବାର ମିଳିତ ଭାବେ ଚଢାଉ କରି ୪ ମଦ ବେପାରୀଙ୍କୁ  କରିଛି। ଅଭିଯୁକ୍ତଙ୍କ ନିକଟରୁ ୨୩ଲିଟର ଦେଶୀ ମଦ ଜବତ କରିଛି । ଅଭିଯୁକ୍ତମାନେ ହେଲେ ବାଲିଆସାହି ଗ୍ରାମର ବାୟା ସିଂ, ରତନପୁର ଗ୍ରାମର ମାଳତୀ ସିଂ, ବେଗୁନିଆବଣି ଗ୍ରାମର ସୁରୁଜୁନି ସିଂ ଓ ପୁନ ସିଂ ।

### ଯୁବକ ସଂଘର ବାର୍ଷିକ ଉତ୍ସବ

**ଚିତ୍ରଡା,୨୯।୧(ଡି.ଏନ୍.ଏ.)**- ମୋରଡ଼ା ବ୍ଲକ ଅଧୀନ ଚିତ୍ରଡ଼ାରେ ଥିବା ମା’ ତାରିଣୀ ଯୁବକ ସଂଘର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ରାଷ୍ଟ୍ରପତିଙ୍କ ଦ୍ୱାରା ସାହସିକତା ପୁରସ୍କାର ପାଇଥିବା ଅବସରପ୍ରାପ୍ତ ଦମକଳ ଅଧିକାରୀ ତ୍ରିଲୋଚନ ସିଂହବାବୁ, ମୁଖ୍ୟବକ୍ତା ପୂର୍ବତନ ସରପଞ୍ଚ ହରିଶ୍ଚନ୍ଦ୍ର ରାଇବାବୁ ଏବଂ ସମ୍ମାନନୀୟ ଅତିଥି ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ସନ୍ତୋଷ କୁମାର ବେହେରା ଏବଂ ସାମାଜିକମମୟୀ ପରେଶ ଚନ୍ଦ୍ର ରଣା ପ୍ରମୁଖ ଯୋଗ ଦେଇଥିଲେ। ୩ ଦିନ ଧରି ଆୟୋଜିତ ଏହି ଉତ୍ସବରେ ଶ୍ରେଷ୍ଠ ଭଲ୍ୟୁଣ୍ଟର ଭାବେ ସିପୁନ ରଣାଙ୍କୁ ସମ୍ମାନିତ କରାଯାଇଥିଲା। ବିଭିନ୍ନ କ୍ରୀଡ଼ାରେ ଅଂଶଗ୍ରହଣ କରି କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

### ପେନ୍‌ସନ୍‌ରୁ ବଞ୍ଚିତ ଶିକ୍ଷକ ଧାରଣାରେ ବସିବେ

**ବଡ଼ସାହି,୨୯।୧(ସ୍ୱ.ପ୍ର)**-ବଡ଼ସାହି ବ୍ଲକ ଅଧୀନ ସୋରିଷକୋଠା ସ୍କୁଲର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରବୀନ୍ଦ୍ର ନାଥ ବେହେରା ୫ମାସ ଦିନ ଧରି ପେନସନ ପାଇବାରୁ ବଞ୍ଚିତ ହୋଇଛନ୍ତି । ଏହାକୁ ନେଇ ସେ ଫେବୃଆରୀ ୩ତାରିଖ ଦିନ ବିଇଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବେ ବୋଲି ଚେତାବନୀ ଦେବା ସହ ଜିଲା ଶିକ୍ଷାଧିକାରୀ, ଶିକ୍ଷକ ସମନ୍ୱୟ ସମିତି ଓ ବଡ଼ସାହି ଥାନାଧିକାରୀଙ୍କୁ ଅବଗତ କରିଛନ୍ତି। ଫେବୃଆରୀ ୨୦୧୮ରେ ବାଲେଶ୍ୱର ଜିଲା ସିମୁଳିଆ ଗ୍ରାମର ଉକ୍ତ ଶିକ୍ଷକ ଜଣକ ଚାକିରୀରୁ ଅବସର ଗ୍ରହଣ କରିଛନ୍ତି । ପେନସନ ସମ୍ବନ୍ଧୀୟ ସମସ୍ତ କାଗଜପତ୍ର ବିଇଓ କାର୍ଯ୍ୟାଳୟ ପକ୍ଷରୁ କଣ୍ଟ୍ରୋଲର ଅଫ୍ ଆକାଉଣ୍ଟ ଭୁବନେଶ୍ୱରକୁ ପଠାଇଥିଲେ । ଫାଇନାଲ କାଗଜପତ୍ର ପ୍ରଦାନ କରିବା ପାଇଁ କଣ୍ଟ୍ରୋଲର ଅଫ୍ ଆକାଉଣ୍ଟ ଭୁବନେଶ୍ୱର ପକ୍ଷରୁ ଚିଠି ନଂ. ୬୨୨୦୩/ସେପ୍ଟେମ୍ବର ୨୦୧୯ରେ ବିଇଓଙ୍କ କାର୍ଯ୍ୟାଳୟକୁ ନିର୍ଦ୍ଦେଶ ଦିଆଯାଇଥିଲା । ମାତ୍ର ଅଦ୍ୟାବଧି ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବାରୁ ସେ ବାଧ ହୋଇ ଧାରଣା ଦେବେ ବୋଲି କହିଛନ୍ତି। ଏ ସଂକ୍ରାନ୍ତରେ ଏବିଇଓ ପଦ୍ମଲୋଚନ ଦାସ କୁହନ୍ତି, କାର୍ଯ୍ୟାଳୟ ପକ୍ଷରୁ କାଗଜପତ୍ର ପ୍ରସ୍ତୁତ କରି ପଠାଇବାରେ ବିଳମ୍ବ ହୋଇଛି। ତେବେ ଖୁବ ଶୀଘ୍ର ତାଙ୍କ ପେନସନପତ୍ର ଭୁବନେଶ୍ୱରକୁ ପଠାଇ ଦିଆଯିବ ବୋଲି କହିଛନ୍ତି ।

# ଭୁଲ୍ ରିପୋର୍ଟ ପାଇଁ ସନ୍ତୁଳି ହେଉଛନ୍ତି ଗ୍ରାମବାସୀ

## ବାରମ୍ବାର ଅଭିଯୋଗ ପରେ ବି ସୁଫଳ ମିଳୁନି

**କପ୍ତିପଦା,୨୯।୧(ଡି.ଏନ୍.ଏ.)**

ସରକାର ସାଧାରଣ ଲୋକଙ୍କର ବିଭିନ୍ନ ସୁବିଧା ପାଇଁ ଯୋଜନା ଉପରେ ଯୋଜନା ପ୍ରସ୍ତୁତ କରୁଛନ୍ତି । ମାତ୍ର ଯୋଜନା କାର୍ଯ୍ୟକାରୀ କରିବାରେ ପ୍ରଶାସନିକ ଅବହେଳା ପାଇଁ ବହୁ ଯୋଗ୍ୟ ହିତାଧିକାରୀ ସେମାନଙ୍କ ହକ୍ ପାଇବାରୁ ବଞ୍ଚିତ ହେଉଛନ୍ତି । ଯାହା ଫଳରେ ସେମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରି ଏକ ଘଟଣା ଦେଖିବାକୁ ମିଳିଛି କପ୍ତିପଦା ବ୍ଲକ୍ ପେଡାଗଡି ପଞ୍ଚାୟତ ଅନ୍ତର୍ଗତ ଗୋଠପୁରା ଗ୍ରାମରେ। ଏହି ଗ୍ରାମରେ ଅତି ଗରିବ ଓ ଦିନ ମଜୁରିଆ ଶ୍ରେଣୀର ଲୋକେ ବସବାସ କରନ୍ତି। ଗତ ୨୦୧୧ ସେନସସ ରିପୋର୍ଟରେ ଭୁଲ୍ ତଥ୍ୟ ପାଇଁ ଏହି ଗ୍ରାମବାସୀ ଏସଇସିସି ତାଲିକାରୁ ବାଦ୍ ପଡିଛନ୍ତି। ଯାହା ଫଳରେ ସେମାନଙ୍କର ନାମ ପଞ୍ଚାୟତ ପ୍ରାୟରିଟି ତାଲିକାରେ ସ୍ଥାନ ପାଇ ନାହିଁ। ଫଳରେ ସେମାନେ ଗ୍ରାମୀଣ ଗୃହ ନିର୍ମାଣ ଯୋଜନା ସହିତ ସରକାରଙ୍କର ବିଭିନ୍ନ ଜନହିତକର ଯୋଜନାରୁ ବଞ୍ଚିତ ହେଉଛନ୍ତି । ଏ ସମ୍ପର୍କରେ ବାରମ୍ବାର ଅଭିଯୋଗ ପରେ ମଧ୍ୟ କୌଣସି ସୁଫଳ ମିଳୁ ନାହିଁ। ପ୍ରଶାସନିକ ଅଧିକାରୀ ଓ ରାଜ ନେତାମାନେ କେବଳ ପ୍ରତିଶ୍ରୁତି ଦେଇ ଚାଲିଛନ୍ତି। ବର୍ଷକ ତଳେ ଏହାର ପ୍ରତିବାଦରେ ଉକ୍ତ ଗ୍ରାମର ଶତାଧିକ ମହିଳା ଓ ପୁରୁଷ କପ୍ତିପଦା ବ୍ଲକ୍ ସମ୍ମୁଖରେ ଧାରଣାରେ ବସିଥିଲେ । ତତ୍କାଳୀନ କପ୍ତିପଦା ବିଡିଓ ରବୀନ୍ଦ୍ର କୁମାର ମଲିକ୍ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କ ସହିତ ଆଲୋଚନା କରିଥିଲେ। ଖୁବ୍‌ଶୀଘ୍ର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଡିଓ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ମାତ୍ର ଏହା ଏକବର୍ଷ ବିତିବାକୁ ବସିଥିବା ବେଳେ ଅଦ୍ୟାବଧି କୌଣସି ପ୍ରଶାସନିକ ଅଧିକାରୀ ଗ୍ରାମକୁ ଯାଇ ନ ଥିବା ଜଣାପଡ଼ିଛି । ଫଳରେ ବହୁ ଗ୍ରାମବାସୀ ଦାରିଦ୍ର୍ୟର କଷାଘାତରେ ସନ୍ତୁଳି ହେଉଛନ୍ତି। କେତେକ ପରିବାର ପଲିଥିନ ତଳେ ଅତି ଦୟନୀୟ ଭାବେ ଜୀବନ କାଟୁଛନ୍ତି । ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

# ମୟୂରଭଞ୍ଜରେ ଭାରତ ବନ୍ଦ ପ୍ରଭାବହୀନ



ଜାତୀୟ ରାଜପଥରେ ଗାଡ଼ି ମୋଟର ଚଳାଚଳ କରୁଛି।

**ବାରିପଦା ଅଫିସ,୨୯।୧**

ସିଏଏ, ଡିଏନଏ ଭିତ୍ତିକ ଏନଆରସି, ଇଭିଏମ ଓ ଏନଆରପିକୁ ବିରୋଧ କରିଛି ବହୁଜନ କ୍ରାନ୍ତି ମୋର୍ଚ୍ଚା। କେନ୍ଦ୍ର ସରକାର ଏହାକୁ ହଟାଇବା ଦାବିରେ ବୁଧବାର ସକାଳ ୬ଟାରୁ ମୋର୍ଚ୍ଚା ପକ୍ଷରୁ ୧୨ ଘଣ୍ଟିଆ ଭାରତ ବନ୍ଦ ପାଳନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ମୟୂରଭଞ୍ଜ ଜିଲାରେ ମଧ୍ୟ ମୋର୍ଚ୍ଚା ପକ୍ଷରୁ ବନ୍ଦ ଡାକରା ଦିଆଯାଇଥିଲା। ମୋର୍ଚ୍ଚାର କର୍ମୀମାନେ ସକାଳୁ ଜିଲାରେ ଥିବା ଜାତୀୟ ରାଜପଥ ଓ ବିଭିନ୍ନ ପ୍ରମୁଖ ଛକରେ ବନ୍ଦ ପାଳନ କରିଥିଲେ। ଆନ୍ଦୋଳନରତ କର୍ମୀମାନଙ୍କୁ ପୋଲିସ ଗିରଫ କରିବା ପରେ ପୂର୍ବାହ୍ନ ୧୦ଟା ସୁଦ୍ଧା ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ୧୧ଟା ୩୦ ସୁଦ୍ଧା ଜାତୀୟ ରାଜପଥରେ ଗାଡ଼ି ମୋଟର ଚଳାଚଳ କରିଥିଲା। ବାରିପଦା ସହରରେ ୫୫ ଜଣ ଆନ୍ଦୋଳନରତ କର୍ମୀଙ୍କୁ ଗିରଫ କରାଯାଇଥିବା ବାରିପଦା ଟାଉନ ଥାନା ଅଧିକାରୀ ବୀରେନ୍ଦ୍ର ସେନାପତି କହିଛନ୍ତି। ବାରିପଦା ସହରର ସମସ୍ତ ସରକାରୀ, ବେସରକାରୀ କାର୍ଯ୍ୟାଳୟ, ସ୍କୁଲ, କଲେଜ, ବ୍ୟବସାୟ ପ୍ରତିଷ୍ଠାନ ଓ ଦୋକାନ ବଜାର ଖୋଲା ରହିଥିବା ଦେଖିବାକୁ ମିଳିଥିଲା।

# ବହୁଜନ କ୍ରାନ୍ତି ମୋର୍ଚ୍ଚାର ରାଷ୍ଟ୍ରୀୟ ସଂଯୋଜକଙ୍କ ବିରୋଧରେ ଅଭିଯୋଗ

**ବାରିପଦା ଅଫିସ,୨୯।୧**

ବହୁଜନ କ୍ରାନ୍ତି ମୋର୍ଚ୍ଚା ପକ୍ଷରୁ ବୁଧବାର ଭାରତ ବନ୍ଦ ଡାକରା ଦିଆଯାଇଥିଲା। ଏହି ପରିପ୍ରେକ୍ଷୀରେ ଲୋକଙ୍କୁ ସଚେତନ କରିବା ପାଇଁ ପ୍ରଚାରପତ୍ର ବଣ୍ଟା ଯାଇଥିଲା। ତେବେ ଏହି ପ୍ରଚାରପତ୍ରରେ ବ୍ରାହ୍ମଣମାନଙ୍କୁ ଅପମାନିତ କରାଯାଇଥିବା ବାରିପଦା ବ୍ରାହ୍ମଣ ସମାଜ ଅଭିଯୋଗ କରିଛି। ଏନେଇ ମୋର୍ଚ୍ଚାର ରାଷ୍ଟ୍ରୀୟ ସଂଯୋଜକ ୱାମନ ମେଶ୍ରାମଙ୍କ ନାମରେ ବାରିପଦା ଟାଉନ ଥାନାରେ ବ୍ରାହ୍ମଣ ସମାଜ ଲିଖିତ ଅଭିଯୋଗ କରିଛି। ଏହା ସହିତ ସମାଜର ଏକ ପ୍ରତିନିଧି ଦଳ ଏସ୍‌ପି ପରମାର ସ୍ମିଥ ପୁରୁଷୋତ୍ତମଦାସଙ୍କୁ ସାକ୍ଷାତ୍ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛି। ସମାଜର ସଭ୍ୟ ନିମାଇଁ ଚରଣ ତ୍ରିପାଠୀ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, ମୋର୍ଚ୍ଚା ପକ୍ଷରୁ ଯେଉଁ ପ୍ରଚାରପତ୍ର ସର୍ବସାଧାରଣରେ ବଣ୍ଟା ଯାଇଛି ତାହାର



ଟାଉନ ଥାନାରେ ବ୍ରାହ୍ମଣ ସମାଜର କର୍ମକର୍ତ୍ତା।

୬ ନମ୍ବର ଧାଡିରେ ବ୍ରାହ୍ମଣମାନଙ୍କ ସମ୍ବନ୍ଧରେ ଅମୂଳକ, ଭିତ୍ତିହୀନ ଏବଂ ମିଥ୍ୟା ତଥ୍ୟ ଦେଇ ବ୍ରାହ୍ମଣମାନଙ୍କୁ ଅପମାନିତ କରିବା ସହିତ ଭାରତୀୟ ସମ୍ବିଧାନ ଓ ଆଇନକୁ କୁଠାରାଘାତ କରାଯାଇଛି। ବ୍ରାହ୍ମଣ ସମାଜର କାମେଶ୍ୱର ତ୍ରିପାଠୀ, ଚଣ୍ଡୀ ପ୍ରସାଦ ଦାସ, ଅଚ୍ୟୁତ ପ୍ରସାଦ ମହାପାତ୍ର, ନରୋତ୍ତମ ପାଣିଗ୍ରାହୀ, ନିମାଇଁ ଚରଣ ତ୍ରିପାଠୀ, ଶଶିଭୂଷଣ ଦାଶ, ପ୍ରଦୀପ କୁମାର ପଣ୍ଡା, ଦୋଳଗୋବିନ୍ଦ ଦାସ ପ୍ରମୁଖ ବାରିପଦା ଟାଉନ ଥାନାକୁ ଯାଇ ଲିଖିତ ଅଭିଯୋଗ କରିବା ସହିତ ଏସ୍‌ପିଙ୍କୁ ସାକ୍ଷାତ୍ କରିଥିଲେ।

# ଆଞ୍ଚଳିକ ଡିଗ୍ରୀ କଲେଜର ବାର୍ଷିକ ଉତ୍ସବ

**କୁଆମରା,୨୯।୧(ଡ଼ି.ଏନ୍.ଏ.)**

ଗୋପବନ୍ଧୁ ନଗର ବ୍ଲକ ଅନ୍ତର୍ଗତ ପୁରୁଣା ବାରିପଦା ଆଞ୍ଚଳିକ ଡିଗ୍ରୀ ମହାବିଦ୍ୟାଳୟର ୨୮ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ଅଧ୍ୟକ୍ଷ ଅନନ୍ତ ପ୍ରସାଦ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବରିଷ୍ଠ ଅଧ୍ୟାପକ ନିର୍ମଳ କୁମାର ମହାପାତ୍ର, ମୁଖ୍ୟବକ୍ତା ଫକୀର ମୋହନ ବିଶ୍ୱବିଦ୍ୟାଳୟର ରାଜନୀତି ବିଜ୍ଞାନର ଅଧ୍ୟାପକ ପ୍ରଫେସର ଡ. ଅନିଲ କୁମାର ମହାପାତ୍ର, ସମ୍ମାନିତ ବକ୍ତା ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଡ. ସୁରେନ୍ଦ୍ର ପ୍ରସାଦ ରାଉତ ଯୋଗଦେଇ ସଫଳ ଲକ୍ଷ୍ୟ ପଛରେ ପ୍ରତ୍ୟେକ କାର୍ଯ୍ୟରେ କର୍ତ୍ତବ୍ୟନିଷ୍ଠ ହେବା ଅତ୍ୟନ୍ତ ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ଅର୍ଥନୀତି ବିଭାଗର ଅଧ୍ୟାପକ ସୁଜିତ କୁମାର ମାଇତି ଅତିଥି ପରିଚୟ, ରାଜନୀତି ବିଜ୍ଞାନ ବିଭାଗର ଅଧ୍ୟାପକ ଉମାକାନ୍ତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷା ବିଭାଗର ଅଧ୍ୟାପିକା ଈପ୍ସିତା ମୋନାଲିସା ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବାର୍ଷିକ କ୍ରୀଡ଼ାର ୨ ଚାମ୍ପିୟନ ବିଶିକେଶନ ଗିରି ଓ ସ୍ୱର୍ଣ୍ଣପ୍ରଭା ମହାନ୍ତଙ୍କ ସମେତ ମୋଟ ୪୫ ଜଣ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ସହ ମାନପତ୍ର ପ୍ରଦାନ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

# ବିଭିନ୍ନ ସ୍ଥାନରେ ବନ୍ଦ ପାଳନ

**ଉଦଳା,୨୯।୧(ଡ଼ି.ଏନ୍.ଏ.)**

ଉଦଳାରେ ଭାରତ ବନ୍ଦର ଆଂଶିକ ପ୍ରଭାବ ଦେଖିବାକୁ ମିଳିଛି। ବସ୍ ଚଳାଚଳ ବନ୍ଦ ରହିଥିବା ଦେଖିବାକୁ ମିଳିଥିଲା। ବନ୍ଦ ଡାକରାକୁ ସମର୍ଥନ ଜଣାଇ ଏକ ଶୋଭାଯାତ୍ରା ସ୍ଥାନୀୟ କଚେରୀ ପରିସରରୁ ବାହାରି ବଜାର ପରିକ୍ରମା କରିଥିଲା। ଏହା ସହିତ ବିଭିନ୍ନ ସରକାରୀ ବେସରକାରୀ ଶିକ୍ଷାନୁଷ୍ଠାନ, କାର୍ଯ୍ୟାଳୟ, ବ୍ୟାଙ୍କ, ପୋଷ୍ଟାଲ ସେବା ଆଦିକୁ ବନ୍ଦ କରାଯାଇଥିଲା। କେବଳ ଉଦଳା କୋର୍ଟ ଚାଲୁ ରହିଥିବା ଦେଖିବାକୁ ମିଳିଥିଲା। ଶୋଭାଯାତ୍ରାରେ ଠୁମ୍ପୁ ମୁର୍ମୁ, ଶିରିଶ ଟୁଡୁ, ରମେଶ ସିଂ, ଟୁଣି ସିଂ, ସବିତା ହାଁସଦାଃ, ମହମ୍ମଦ ହୁସେନ୍, ମହମ୍ମଦ ଜିଆଉଦ୍ଦିନ୍, ଶେଖ୍ ଅଶୋକ ଅଲ୍ଲୀଙ୍କ ସମେତ ବହୁ ଆଦିବାସୀ ମହିଳା ପୁରୁଷଙ୍କ ସମେତ ସଂଖ୍ୟା ଲଘୁ ସଂପ୍ରଦାୟର ଲୋକ ସାମିଲ ହୋଇଥିଲେ ।

**ବୈଶିଙ୍ଗା,(ଡ଼ି.ଏନ୍.ଏ.)**– ବୈଶିଙ୍ଗାରେ ମାତ୍ର ୪ ଘଣ୍ଟା ପାଇଁ ବନ୍ଦ ପାଳନ କରାଯାଇଥିଲା। ସକାଳ ୭ଟା ବେଳେ ବନ୍ଦ ପାଳନକାରୀମାନେ ମହାତ୍ମା ଗାନ୍ଧି ମହାବିଦ୍ୟାଳୟ ସମ୍ମୁଖରେ ୧୮ ନଂ. ଜାତୀୟ ରାଜପଥ ଅବରୋଧ କରିଥିଲେ। ପ୍ରତାପ ସିଂ, ରାଜେନ୍ଦ୍ର ସିଂ, ଅଜୟ କୁମାର ସିଂ, ରବିନାରାୟଣ ସିଂ, ସନାତନ ସିଂ, ରଥ ସିଂ, ବାଦଲ ସିଂ, ଦୁର୍ଗା ସିଂ, ଗୋଉର ସିଂ ଏବଂ ଜିପା ବିନ୍ଧାଣି ପ୍ରମୁଖ ବନ୍ଦ ପାଳନର ନେତୃତ୍ୱ ନେଇଥିଲେ।

**ରାଇରଙ୍ଗପୁର,୨୯।୧(ଡି.ଏନ୍.ଏ.)**– ରାଇରଙ୍ଗପୁର ସବ୍‌ଡିଭିଜନରେ ଭାରତ ବନ୍ଦର ଆଂଶିକ ପ୍ରଭାବ ପଡ଼ିଥିବା ଦେଖିବାକୁ ମିଳିଛି। ସହରାଞ୍ଚଳ ସମେତ ବିଭିନ୍ନ ବ୍ଲକ ଅଞ୍ଚଳରେ ସରକାରୀ ଏବଂ ବେସରକାରୀ କାର୍ଯ୍ୟାଳୟ, କୋର୍ଟ କଚେରୀ ସମ୍ପୂର୍ଣ୍ଣ ଖୋଲା ରହିଥିଲା। କେତେକ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ହୋଇଥିବା ବେଳେ ରାଇରଙ୍ଗପୁର ରାସ୍ତାଦେଇ ଯାତ୍ରୀବାହୀ ବସ୍ ଏବଂ ବିଭିନ୍ନ ଯାନବାହାନ ବନ୍ଦ ରହିଥିଲା। ରାଇରଙ୍ଗପୁର ସହରାଞ୍ଚଳ ଏବଂ ବିଶୋଇ ଅଞ୍ଚଳରୁ ୧୩ଜଣ ଆନ୍ଦୋଳନକାରୀଙ୍କୁ ଥାନାରେ ଅଟକ ରଖିବା ପରେ ସନ୍ଧ୍ୟା ପ୍ରାୟ ୬.୩୦ ବେଳେ ପୋଲିସ ଛାଡ଼ି ଦେଇଥିଲା।

**ବିଶୋଇ,୨୯।୧(ଡି.ଏନ୍.ଏ.)**– ବିଶୋଇ ବ୍ଲକରେ ବନ୍ଦ ପାଳନ ବିଫଳ ହୋଇଛି। ବିଶୋଇ ବ୍ଲକ ବହୁଜନ କ୍ରାନ୍ତି ମୋର୍ଚ୍ଚାର ସଦସ୍ୟମାନେ ସକାଳ ୬ଟାଠାରୁ ବିଶୋଇ ଦେଇ ଯାଇଥିବା ୪୯ ନଂ. ଜାତୀୟ ରାଜପଥ ଅବରୋଧ କରିଥିଲେ। ପୋଲିସ ବନ୍ଦ ପାଳନକାରୀମାନଙ୍କୁ ଗିରଫ କରିବା ପରେ ରାସ୍ତା ଅବରୋଧ ହଟିଥିଲା।

# କ୍ୟାରିୟର କାଉନସେଲିଂ କର୍ମଶାଳା

**ଉଦଳା,୨୯।୧(ଡି.ଏନ୍.ଏ.)**

ଉଦଳା ଇନ୍ଦିରା ଗାନ୍ଧୀ ମହିଳା ମହାବିଦ୍ୟାଳୟରେ କ୍ୟାରିୟର କାଉନସେଲିଂ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷା ଜୟଶ୍ରୀ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାରେ ଉଦଳା ମହାବିଦ୍ୟାଳୟର ବରିଷ୍ଠ ଅଧ୍ୟାପକ ସନ୍ତୋଷ କୁମାର ପଣ୍ଡା ଯୋଗ ଦେଇଥିଲେ। ଯୁକ୍ତ ୨ ଏବଂ ଯୁକ୍ତ ୩ କଳା, ବିଜ୍ଞାନ ପାସ୍ କରିଥିବା ଛାତ୍ରୀମାନେ କିଭଳି ଭାବେ ନିଜର କ୍ୟାରିୟର ଗଠନ କରିପାରିବେ ସେ



କର୍ମଶାଳାରେ ଯୋଗ ଦେଇଥିବା ଅତିଥିଙ୍କୁ ସ୍ୱାଗତ କରାଯାଉଛି।

ନେଇ ଅତିଥିମାନେ ବକ୍ତବ୍ୟ ପ୍ରଦାନ କରିଥିଲେ। ମହାବିଦ୍ୟାଳୟର ବରିଷ୍ଠ ଅଧ୍ୟାପିକା ସୁଧାରାଣୀ ବେହେରା କର୍ମଶାଳା ପରିଚାଳନା କରିଥିଲେ।

# ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**ଠାକୁରମୁଣ୍ଡା,୨୯।୧(ଡି.ଏନ.ଏ.)**

ଠାକୁରମୁଣ୍ଡା ବ୍ଲକ କାର୍ଯ୍ୟାଳୟ ପରିସରରେ ବୁଧବାର ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ପ୍ରଶାସନ ଓ ସମାଜ ମଙ୍ଗଳ ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ ଶିବିରକୁ ବ୍ଲକ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ବେହେରା ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଡିଓ ବିଜୟ କୁମାର ନାୟକ, ତହସିଲଦାର ପ୍ରଦ୍ୟୁମ୍ନ କୁମାର ନାୟକ, ବ୍ଲକ ଉପାଧ୍ୟକ୍ଷା ଜବାମଣି ଟୁଡୁ ଯୋଗ ଦେଇଥିଲେ। ଶିବିରରେ ବିଭିନ୍ନ ଭିନ୍ନକ୍ଷମ ବର୍ଗରେ ମୋଟ ୨୮୦ ଜଣ ସେମାନଙ୍କର ନାମ ପଞ୍ଜୀକରଣ କରିଥିଲେ। ସେମାନଙ୍କ ମଧ୍ୟରୁ ୧୯୪ ଜଣ ପ୍ରମାଣପତ୍ର ପାଇବାକୁ ଯୋଗ୍ୟ ବିବେଚିତ ହୋଇଥିଲେ। ୧୯୪ ଜଣଙ୍କ ମଧ୍ୟରୁ ୧୨ ଜଣଙ୍କୁ ସର୍ଜରି ନିମନ୍ତେ ବଛା ଯାଇଥିବା ବେଳେ ୮୬ ଜଣ ଭିନ୍ନକ୍ଷମ ଉପକରଣ ପାଇବାକୁ ଯୋଗ୍ୟ ବିବେଚିତ ହୋଇଥିଲେ। ଠାକୁରମୁଣ୍ଡା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରୁ ୩୦ ଜଣ ଛାତ୍ରୀ ଏବଂ ଠାକୁରମୁଣ୍ଡା ଉଚ୍ଚବିଦ୍ୟାଳୟରୁ ୨୦ଜଣ ରେଡକ୍ରସ ଶିକ୍ଷାର୍ଥୀ ଶିବିରରେ ଭିନ୍ନକ୍ଷମମାନଙ୍କୁ ସହଯୋଗ କରିଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଛତିଶ ମାଠିଆ, କିରାଣି ପି.କେ. ଆଚାର୍ଯ୍ୟଙ୍କ ସମେତ ବ୍ଲକର କର୍ମଚାରୀମାନେ ସହଯୋଗ କରିଥିଲେ।

# ୯ରୁ ମା’ ହିଙ୍ଗୁଳାଙ୍କ ବାର୍ଷିକ ବଡ଼ ପୂଜା

## ମେଳାକୁ ପଲିଥିନ ମନା

**ବଡ଼ସାହି,୨୯।୧(ସ୍ୱ.ପ୍ର)**

ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ ଅଧୀନ ସୁହାଗପୁର ପଞ୍ଚାୟତର କଉଡିଖଣିଠାରେ ଅବସ୍ଥିତ ଉତ୍ତର ଓଡ଼ିଶାର ପ୍ରସିଦ୍ଧ ମା’ ହିଙ୍ଗୁଳାଙ୍କ ବାର୍ଷିକ ବଡ଼ ପୂଜା ଫେବୃୟାରୀ ୯ରୁ ଆରମ୍ଭ ହେବ। ୪ଦିନ ଧରି ଏଠାରେ ପୂଜାବିଧି ଅନୁଷ୍ଠିତ ହେବ ବୋଲି ସିଦ୍ଧାନ୍ତ ଗ୍ରହଣ ସହ କମିଟି ପକ୍ଷରୁ ମେଳାରେ ପଲିଥିନକୁ ସମ୍ପୂର୍ଣ୍ଣ ବାରଣ କରାଯାଇଛି । ଏହି ମେଳାରେ ଶାନ୍ତିଶୃଙ୍ଖଳା ରକ୍ଷା ତଥା ସୁପରିଚାଳନା ପାଇଁ ଏକ ପ୍ରସ୍ତୁତି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଟ୍ରଷ୍ଟର ସ୍ଥାୟୀ ସଭାପତି ସୁନୀଲ କୁମାର ଦାଶ ଏଥିରେ ସଭାପତିତ୍ୱ କରିଥିଲେ। ଏଥିରେ ପ୍ରଶାସନିକ ଅଧିକାରୀ ଓ ମା’ ହିଙ୍ଗୁଳା ଟ୍ରଷ୍ଟର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ । ବୈଠକରେ ବଡ଼ସାହି ବିଧାୟକ ସନାତନ ବିଜୁଳି, ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀ ସିଂ, ବିଡ଼ିଓ ଦିଲୀପ କୁମାର ମହାରଣା, ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଡାକ୍ତର ସନତ୍ କୁମାର ଦାଶ, ତହସିଲଦାର ଅମିୟ କୁମାର ରାଉତ, ଥାନାଧିକାରୀ ଜୟନ୍ତ କୁମାର ବେହେରା, ଅଗ୍ନିଶମ ଅଧିକାରୀ ସତ୍ୟବାଦୀ ପଲେଇ, ବିଦ୍ୟୁତ ବିଭାଗର କନିଷ୍ଠ ଯନ୍ତ୍ରୀ ଏବଂ ଗ୍ରାମ୍ୟ ଜଳ ଓ ପରିମଳ ବିଭାଗର କର୍ମଚାରୀ, ବଡ଼ସାହି ଫରେଷ୍ଟର, ସୁହାଗପୁର ଓ ଦେଉଳିଆ ପଞ୍ଚାୟତର ସରପଞ୍ଚ, ଟ୍ରଷ୍ଟର ସଦସ୍ୟାସଦସ୍ୟ ଓ ସ୍ଥାନୀୟ ବୁଦ୍ଧିଜୀବୀ ଯୋଗ ଦେଇଥିଲେ। ଦୂରଦୂରାନ୍ତରୁ ଆସୁଥିବା ଶ୍ରଦ୍ଧାଳୁଙ୍କ ଗମନାଗମନ ପାଇଁ ମୟୂରଭଞ୍ଜ ଓ ବାଲେଶ୍ୱର ଜିଲାରୁ ସ୍ୱତନ୍ତ୍ର ବସ୍ ଚଳାଚଳ ପାଇଁ ଉଭୟ ଜିଲାର ଜିଲାପାଳଙ୍କୁ ଅବଗତ କରିବାର ନିଷ୍ପତ୍ତି ନିଆଯାଇଛି। ବାର୍ଷିକ ପୂଜାର କାର୍ଯ୍ୟସୂଚୀ ଅନୁଯାୟୀ ଫେବୃୟାରୀ ୭ତାରିଖରୁ ଅଗ୍ନିକୁଣ୍ଡ ସଂସ୍କାର ସହିତ କୁଣ୍ଡରେ ନୈବେଦ୍ୟ ଦାନ ଆରମ୍ଭ, ୮ ତାରିଖ ଅଗ୍ନି ଉତ୍ସବ ପୂର୍ଣ୍ଣିମା ଦିନ ଯଜ୍ଞାଧିବାସ ଓ ଅଙ୍କୁରାରୋପଣ, ୯ ଓ ୧୦ତାରିଖ ଦୁଇ ଦିନ ଧରି ମା’ଙ୍କ ଅଭିଷେକ, ଷୋଡଶପଚାର ପୂଜା, ଚଣ୍ଡୀପାଠ ଓ ଯଜ୍ଞ ଚାଲୁ ରହିବ । ସେହିପରି ୧୧ତାରିଖରେ ମହାଯଜ୍ଞ ପୂର୍ଣ୍ଣାହୁତି ହେବ। ପ୍ରତିଦିନ ସନ୍ଧ୍ୟାରେ ଭଜନ ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବାର ସିଦ୍ଧାନ୍ତ ଗ୍ରହଣ କରାଯାଇଛି । ଟ୍ରଷ୍ଟର ସଦସ୍ୟ ରାଜେନ୍ଦ୍ର କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ସୀମାନ୍ତ ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

**ଝାରପୋଖରୀଆ,୨୯।୧(ଡି.ଏନ୍.ଏ.)**

ସାରସକଣା ବ୍ଲକ ଅଧୀନ ଝାରପୋଖରିଆସ୍ଥିତ ସୀମାନ୍ତ ମହାବିଦ୍ୟାଳୟର ୩୬ତମ ବାର୍ଷିକ ଆଥ୍‌ଲେଟିକ୍ ମିଟ ୨୦୧୯–୨୦ ଉଦ୍‌ଯାପିତ ହୋଇଯାଇଛି। କ୍ରୀଡ଼ା ଅଧ୍ୟାପକ ଅଜୟ କୁମାର ମହାନ୍ତଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରମାନଙ୍କୁ ନେଇ ଏକ ମଶାଲ ଶୋଭାଯାତ୍ରା କରାଯାଇଥିଲା। ପରେ ମହାବିଦ୍ୟାଳୟର ଅଧ୍ୟକ୍ଷ ବିଷ୍ଣୁପଦ ମହାପାତ୍ର କ୍ରୀଡ଼ାପତାକା ଉତ୍ତୋଳନ କରି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଯୁକ୍ତ ୨ ଓ ଯୁକ୍ତ ୩ର ଛାତ୍ରୀଛାତ୍ରମାନେ ବିଭିନ୍ନ ବିଭାଗରେ ଆୟୋଜିତ କ୍ରୀଡ଼ା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଅଧ୍ୟାପକ ଥମାସ ମାରାଣ୍ଡି, ପ୍ରତାପ କେଶରୀ ଷଡ଼ଙ୍ଗୀ, ବିଶ୍ୱନାଥ ମହାନ୍ତ, ବିଶ୍ୱଜିତ୍ ସିଂହ ପ୍ରମୁଖ କ୍ରୀଡା ପରିଚାଳନା କରିଥିଲେ। ବାଳକ ବିଭାଗର ରବୀନ କୁମାର ଧଳ ଓ ବାଳିକା ବିଭାଗର ପୂଜା ମହାନ୍ତ ଚାମ୍ପିୟନ ହୋଇଥିଲେ।

ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଝାରପୋଖରୀଆ ଥାନା ଭାରପ୍ରାପ୍ତ ଅଧିକାରୀ ସୁଦର୍ଶନ ଗାଙ୍ଗୋଇ ଯୋଗ ଦେଇଥିଲେ। କ୍ରୀଡ଼ା ଉପସଭାପତି ପ୍ରଦ୍ୟୁତ୍ କୁମାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମହାବିଦ୍ୟାଳୟର ଅଧ୍ୟକ୍ଷ ସଭାକାର୍ଯ୍ୟ ପରିଚାଳନା କରିଥିଲେ। କୃତୀ କ୍ରୀଡ଼ାବିତ୍‌ମାନଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା।



ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରମାନେ।

# ଭାଜପାର ସଭାସ୍ଥଳ ସଫେଇ କଲେ ବିଜେଡି ନେତା

**ବାରିପଦା ଅଫିସ,୨୯।୧**

ମୟୂରଭଞ୍ଜ ଜିଲା ବାରିପଦା ସହରର ଐତିହାସିକ ଛଉ ପଡ଼ିଆରେ ମଙ୍ଗଳବାର ଜିଲା ଭାଜପା ପକ୍ଷରୁ ଏକ ସାଧାରଣ ସଭା ଆୟୋଜନ କରାଯାଇଥିଲା। ଏଥିରେ ରାଜ୍ୟ ଭାଜପା ସଭାପତି ସମୀର ମହାନ୍ତି ଯୋଗ ଦେଇଥିଲେ। ରାଜ୍ୟ ତଥା ଜିଲାର ଆଗଧାଡିର ନେତୃବୃନ୍ଦ ମଧ୍ୟ ଉପସ୍ଥିତ ଥିଲେ। ଜିଲାର କୋଣ ଅନୁକୋଣରୁ ଆସିଥିବା କର୍ମୀମାନଙ୍କ ପାଇଁ ଏଠାରେ ଭୋଜନ ବ୍ୟବସ୍ଥା କରାଯାଇଥିଲା। ପଡ଼ିଆ ମଧ୍ୟରେ ରୋଷେଇ କରାଯାଇ ସେମାନଙ୍କୁ ଖାଇବାକୁ ଦିଆଯାଇଥିଲା। ତେବେ ସ୍ୱଚ୍ଛ ଭାରତ ନାରା ଦେଉଥିବା ଭାଜପା ପକ୍ଷରୁ ସଭାସ୍ଥଳକୁ ସଫା କରାଯାଇ ନ ଥିଲା। ବାରିପଦା ସହରକୁ ସବୁଜ ସୁନ୍ଦର ଗଠନ



ଯୁବ ବିଜେଡି ସଭାପତି  ଜିତେନ୍ଦ୍ର ମହାନ୍ତି ଭାଜପା ସଭାସ୍ଥଳ ସଫା କରୁଛନ୍ତି।

କରିବା ନାରା ଦେଇ ସହରରେ ସଫେଇ କାର୍ଯ୍ୟ କରୁଥିବା ବାରିପଦା ପୌର ପରିଷଦର ପୂର୍ବତନ ଉପନଗରପାଳ ତଥା ଜିଲା ଯୁବ ବିଜେଡି ସଭାପତି ଜିତେନ୍ଦ୍ର ମହାନ୍ତି ବୁଧବାର ସକାଳେ ଏହି ସ୍ଥାନକୁ ସଫା କରିଥିଲେ। ବାରିପଦା ସହରରେ ନିୟମିତ ସଫେଇ କାର୍ଯ୍ୟ କରୁଥିବା ସବୁଜ ସୁନ୍ଦର ବାରିପଦା ଅନୁଷ୍ଠାନର କର୍ମକର୍ତ୍ତା ଏହି ଫଟୋ ସୋସିଆଲ ମିଡ଼ିଆରେ ଅପଲୋଡ କରିବା ପରେ ଭାଜପାକୁ ବହୁ ଲୋକେ ସମାଲୋଚନା କରିଛନ୍ତି। ଏ ନେଇ ଭାଜପା ନେତାମାନଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେମାନେ ମତାମତ ଦେବାକୁ ମନା କରିଛନ୍ତି। ତେବେ ମୟୂରଭଞ୍ଜ ଜିଲାକୁ ପ୍ରତିଦିନ ବାହାର ଅଞ୍ଚଳର ଲୋକେ ଆସୁଛନ୍ତି। ସେମାନେ ଏହି ସହରରୁ ଫେରିଲା ବେଳେ ଖରାପ ଅନୁଭୂତି ନେଇ ନ ଯାଆନ୍ତୁ ଏବଂ ସହରକୁ ସଫେଇ କ୍ଷେତ୍ରରେ ଏକ ନମ୍ବର କରିବା ପାଇଁ କାର୍ଯ୍ୟ କରାଯାଉଛି ବୋଲି ଯୁବ ବିଜେଡି ସଭାପତି ମହାନ୍ତି ଗଣମାଧ୍ୟମକୁ କହିଛନ୍ତି।

## ସଂକ୍ଷେପରେ

### ରତ୍ନେଶ୍ୱର ମହାଦେବଙ୍କ ଜନ୍ମ ମହୋତ୍ସବ

ତିହିଡ଼ି,୨୯।୧(ଡି.ଏନ୍.ଏ.): ଭଦ୍ରକ ଜିଲା ତିହିଡ଼ି ବ୍ଲକ ସାହାପୁର ପଞ୍ଚାୟତ ଅଧୀନ ଜାଫରାବାଦ ଆନନ୍ଦବଜାର ସ୍ଥିତ ରତ୍ନେଶ୍ୱର ମହାଦେବଙ୍କ ଜନ୍ମ ମହୋତ୍ସବ ରବିବାରଠାରୁ ଆରମ୍ଭ ହୋଇଛି। ଏହି ଉପଲକ୍ଷେ ଆରଡ଼ି ସ୍ଥିତ ଆଖଣ୍ଡଳମଣିଙ୍କ ପୀଠରୁ ଆଜ୍ଞାମାଳ ଅଣାଯାଇଥିଲା। ପରେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ରବିବାର ସନ୍ଧ୍ୟାରେ ସ୍ୱଧର୍ମ ମହାସଭା ଉଦ୍‌ଘାଟିତ ହୋଇଥିଲା। ଏମ୍‌ପି ମଞ୍ଜୁଲତା ମଣ୍ଡଳ ମୁଖ୍ୟଅତିଥିଭାବେ ଯୋଗ ଦେଇ ଧର୍ମଧ୍ୱଜା ଉତ୍ତୋଳନ କରିବା ସହ ମହାସଭା ଉଦ୍‌ଘାଟନ କରିଥିଲେ। ନେମାଳସ୍ଥିତ ଅଚ୍ୟୁତ ଆଶ୍ରମର ସ୍ୱାମୀ ଗୁରୁପାଦ ବ୍ରହ୍ମ ସୁକାନ୍ତ ଦାସମହାରାଜଙ୍କ ତତ୍ତ୍ୱାବଧାନରେ ଏବଂ ତପ ନାୟକଙ୍କ ପୌରୋହିତ୍ୟରେ ସଭା ଅନୁଷ୍ଠିତ ହୋଇଥିଲା। ଏମ୍‌ପି ମଣ୍ଡଳଙ୍କ ସମେତ ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଗୁରୁଦ୍ୱାରର ସେହେନା ସାହା ସିଂ, କାଞ୍ଚିମଠାଧିପତି ସ୍ୱାମୀ ସଚ୍ଚିଦାନନ୍ଦ, ବିରଜାପଞ୍ଜିକା ଗଣନାକାରୀ ପଣ୍ଡିତ ଶ୍ରୀବତ୍ସ ଖଡ଼ିରତ୍ନ, ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ବି.କେ ଗୋପାଲ, ବି.କେ. ସନ୍ତୋଷ ଓ ବି.କେ. ସତ୍ୟଭାମା ଏଥିରେ ଯୋଗ ଦେଇଥିଲେ। ମଣିଷ ଭିତରେ ଆଧାତ୍ମିକ ଚେତନା ଜାଗ୍ରତ କରିବା ସହ ଉଚିତ ମାର୍ଗ ଦର୍ଶନ କରାଇବା ମହସଭାର ଲକ୍ଷ୍ୟ ବୋଲି ଅତିଥିମାନେ କହିଥିଲେ। ସୋମବାର ଠାରୁ ମାନବକଲ୍ୟାଣ ଉଦ୍ଦେଶ୍ୟରେ ପଞ୍ଚକୁଣ୍ଡୀୟ ରୁଦ୍ର ମହାଯଜ୍ଞ ଓ ମହାରୁଦ୍ରାଭିଷେକ ଆରମ୍ଭ ହୋଇଛି। ପଣ୍ଡିତ ନରୋତ୍ତମ ମିଶ୍ର, ରବିନାରାୟଣ ମଲ୍ଲିକ, ଉଗ୍ରସେନ ପାତ୍ର, ପ୍ରଦୀପ ନାୟକ, ବିଦ୍ୟାଧର ମହାନ୍ତି, ବିଦ୍ୟାଧର ନାୟକଙ୍କ ସମେତ ମନ୍ଦିର କମିଟିର କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି।

### ବରିଷ୍ଠ ନାଗରିକଙ୍କୁ ପ୍ରଶାସନିକ, ପାରିବାରିକ ସୁରକ୍ଷା ଜରୁରୀ

ଧାମନଗର,୨୯।୧(ଡି.ଏନ୍.ଏ.)- ଭଦ୍ରକ ଜିଲା ବରିଷ୍ଠ ନାଗରିକ ମହାସଂଘ ପକ୍ଷରୁ ବ୍ଲକସ୍ତରୀୟ ଭ୍ରାମ୍ୟମାଣ ଶିବିର ଧାମନଗରଠାରେ ଅନୁଷ୍ଠିତ ହୋଇଯାଇଛି। ଧାମନଗର ବରିଷ୍ଠ ନାଗରିକ ପରିଷଦ ସଭାଗୃହରେ ସଭାପତି ଘଣ୍ଟେଶ୍ୱର ସାହୁଙ୍କ ଅଧ୍ୟକ୍ଷତାରେ ବୈଠକ ହୋଇଥିଲା। ମୁଖ୍ୟଅତିଥି ଭାବେ ପଦ୍ମନ କୁମାର ରାୟ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ମାନସ କୁମାର ଦେଓ ଯୋଗଦେଇ କହିଥିଲେ, ବରିଷ୍ଠ ନାଗରିକମାନଙ୍କୁ ସସମ୍ମାନେ ବଞ୍ଚିବାକୁ ହେବ। ସେମାନଙ୍କ ତ୍ୟାଗପୂତ ଜୀବନର ଅନୁଭୂତି ପ୍ରଗତିରେ ସହାୟକ ହେବ। ସେମାନଙ୍କୁ ପ୍ରଶାସନିକ ସ୍ୱତନ୍ତ୍ର ସୁବିଧା ସହିତ ପାରିବାରିକ ଜୀବନଯାପନରେ ସୁରକ୍ଷା ଜରୁରୀ ବୋଲି ସେ ମତବ୍ୟକ୍ତ କରିଥିଲେ। ଜିଲା ଉପସଭାପତି ଚନ୍ଦ୍ରଶେଖର ନାୟକ, ଧାମନଗର ପରିଷଦ ସମ୍ପାଦକ ସଚିକାନ୍ତ ପଣ୍ଡା, ପୂର୍ବତନ ଅଧ୍ୟକ୍ଷ ଶଶିକାନ୍ତ ପାଢ଼ୀ, ଜିଲା ସମ୍ପାଦକ କୈଳାସ ଚନ୍ଦ୍ର ମହାପାତ୍ର, କୋଠାର ପରିଷଦ ସମ୍ପାଦକ ଶରତ ନାୟକ, ଧୂଷୁରୀର ଦୁର୍ଯ୍ୟୋଧନ ତରାଇ, ଜିଲାପରିଷଦ ସଭ୍ୟ ସୁରତ ସେଠୀ, ଧାମନଗର ପ୍ରେସ କ୍ଲବ ସଭାପତି କୈଳାସ ଗୁପ୍ତା, ନାରାୟଣ ଜେନା, ଭାସ୍କର ସାମଲ, ଯୁଧିଷ୍ଠିର ପଣ୍ଡା, ପରମାନନ୍ଦ ନାୟକ, ପ୍ରମୋଦ ନାୟକ ପ୍ରମୁଖ ଯୋଗଦେଇ ମହାସଂଘର ଅଭିମୁଖ୍ୟ ସ୍ପଷ୍ଟ କରିଥିଲେ। ଅନିଲ ବାରିକ ଅତିଥି ପରିଚୟ ଓ କୋଷାଧକ୍ଷ ନିରାକାର ଧଳ ଧନ୍ୟବାଦ ଦେଇଥିଲେ। ପ୍ରଦୀପ କୁମାର ମହାପାତ୍ର, ବାସୁଦେବ ତ୍ରିପାଠୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଜିଲାସ୍ତରୀୟ ଜୁନିୟର ରେଡକ୍ରସ୍ ପ୍ରଶିକ୍ଷଣ ଶିବିର

ପଦ୍ମପୁର, ୨୯।୧(ଡି.ଏନ୍.ଏ.): ଭଦ୍ରକ ସଦର ବ୍ଲକ ସାହାଡ଼ା ପଞ୍ଚାୟତର ଲାଲାଜୀ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଦୁଇଦିନିଆ ଜିଲାସ୍ତରୀୟ ଜୁନିୟର ରେଡକ୍ରସ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଛି। ଜିଲାର ବିଭିନ୍ନ ଉଚ୍ଚ ବିଦ୍ୟାଳୟର ୪୩୩ ଛାତ୍ରୀଛାତ୍ର ଓ ୧୫୩ ଶିକ୍ଷୟିତ୍ରୀ ଶିକ୍ଷକ ଅଂଶଗ୍ରହଣ କରିଥିଲେ। ଦୁଇଦିନ ଧରି ଅନୁଷ୍ଠିତ ଶିବିରରେ ବିଭିନ୍ନ ପ୍ରଶିକ୍ଷଣ ସହ ଶିକ୍ଷଣୀୟ କାର୍ଯ୍ୟକ୍ରମ ଓ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଉଦ୍‌ଯାପନୀ ଦିବସରେ ମୁଖ୍ୟଅତିଥି ଭାବେ ଜିଲା ଜରୁରୀ ଅଧିକାରୀ ଜୟଶ୍ରୀ ସେନାପତି, ଅନ୍ୟତମ ଅତିଥି ଭାବେ ଜିଲା ସହ ଶିକ୍ଷାଧିକାରୀ ଦୀପକ ପାଢ଼ୀ, ପ୍ରଧାନଶିକ୍ଷକ ପ୍ରଣବ ସାହୁ, ସାହାଡ଼ା ସରପଞ୍ଚ ପ୍ରମିଳା ବେହେରା, ସମିତିସଭ୍ୟା ସନ୍ଧ୍ୟାରାଣୀ ଧୂପାଳ, ପରିଚାଳନା କମିଟି ସଭାପତି ହୀରାଲାଲ ମୁଦୁଲି, ଉମେଶ ଚନ୍ଦ୍ର ମାଝି, ପୂର୍ଣ୍ଣିମା ଦାସ, ଭୀମଚରଣ ପରିଡ଼ା, ନରେନ୍ଦ୍ର ପ୍ରସାଦ ସାହୁ, ହେମନ୍ତ ସୂତାର ପ୍ରମୁଖ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷକ ବାଦଲ କିଶୋର ମହାପାତ୍ର ସଭା ପରିଚାଳନା କରିଥିଲେ।

# ନୀଳଗିରି ଠାକୁର ମାହାଲରେ ଅଡିଟ୍

ସଜନାଗଡ଼,୨୯।୧(ଡି.ଏନ୍.ଏ.)



ନୀଳଗିରି ଠାକୁର ମାହାଲ କାର୍ଯ୍ୟାଳୟ।

ତୃତୀୟ ଶ୍ରୀକ୍ଷେତ୍ର କୁହାଯାଉଥିବା ବାଲେଶ୍ୱର ଜିଲା ନୀଳଗିରି ଜଗନ୍ନାଥଙ୍କ ସମ୍ପତ୍ତିକୁ ନେଇ ନୀଳଗିରି ଠାକୁର ମାହାଲ କାର୍ଯ୍ୟାଳୟରେ ଆକାଉଣ୍ଟାଣ୍ଟ ଜେନେରାଲ (ଏଜି) ଅଡ଼ିଟ୍ ହୋଇଛି।

ସୂଚନାଯୋଗ୍ୟ ଯେ, ନୀଳଗିରି ଠାକୁର ମାହାଲ କାର୍ଯ୍ୟାଳୟରେ ୨୦୦୭ ପର୍ଯ୍ୟନ୍ତ ଅଡ଼ିଟ୍ ହୋଇଥିବାବେଳେ ଏହା ପର ଠାରୁ କୌଣସି ଅଡ଼ିଟ୍ ହୋଇ ନ ଥିଲା। ଫଳରେ ଠାକୁରଙ୍କ ଜମିଜମା, କୁଡୁଆ ପ୍ରସାଦର ପ୍ରସ୍ତୁତିରେ ଅନିୟମିତତା ହୋଇଥିବା ନେଇ ସାଧାରଣରେ ଚର୍ଚ୍ଚା ଚାଲିଥିଲା। ମଙ୍ଗଳବାର ୨୦୦୮ରୁ ୨୦୨୦ପର୍ଯ୍ୟନ୍ତ ସବିଶେଷ ଅଡ଼ିଟ୍ କରାଯାଇଥିଲା। ଏଣ୍ଡାଓମେଣ୍ଟ ଆଡ଼ିଶନାଲ ଆସିଷ୍ଟାଣ୍ଟ କମିଶନର ଏବଂ ଆଡ଼ିଶ୍‌ନାଲ ଆସିଷ୍ଟାଣ୍ଟ (ଏଜି)ଙ୍କ ଦ୍ୱାରା ଏକ ୪ ଜଣିଆ ଟିମ୍ ଠାକୁର ମାହାଲ କାର୍ଯ୍ୟାଳୟରେ ପହଞ୍ଚି ସମସ୍ତ ବିଷୟରେ ଛାନଭିନ୍ ଆରମ୍ଭ କରିଥିଲେ। ବୁଧବାର ଛାନଭିନ୍ ଚାଲିଥିବା ବେଳେ ଗୁରୁବାର ଏହା ଜାରି ରହିବ ବୋଲି ସୂଚନା ମିଳିଛି। ତଦନ୍ତ ବେଳେ ନୀଳଗିରି ଠାକୁର ମାହାଲ ନିର୍ବାହୀ ଅଧିକାରୀ ରତନ ପଟ୍ଟନାୟକ ଉପସ୍ଥିତ ଥିଲେ।

# ଭାରତ ବନ୍ଦ ପ୍ରଭାବହୀନ



ବହୁଜନ କ୍ରାନ୍ତି ମୋର୍ଚ୍ଚା ପକ୍ଷରୁ ଷ୍ଟେଶନ ଛକରେ ଆନ୍ଦୋଳନ

ବାଲେଶ୍ୱର ଅଫିସ,୨୯।୧

ବହୁଜନ କ୍ରାନ୍ତି ମୋର୍ଚ୍ଚା ପକ୍ଷରୁ ସିଏଏ, ଡିଏନ୍‌ଏ ଭିତ୍ତିକ ଏନ୍‌ଆର୍‌ସି, ଇଭିଏମ୍ ଓ ଏନ୍‌ଆର୍‌ପିକୁ ବିରୋଧ କରି ବୁଧବାର ପୂର୍ବାହ୍ନ ୬ଟାରୁ ୧୨ଘଣ୍ଟିଆ ଦିଆଯାଇଥିବା ଭାରତ ବନ୍ଦ ଡାକରାରେ ବାଲେଶ୍ୱର ଜିଲା ସମେତ ସହରରେ କୌଣସି ପ୍ରଭାବ ପଡ଼ି ନାହିଁ। ବୁଧବାର ପୂର୍ବାହ୍ନ ୯ଟା ସମୟରେ ବହୁଜନ କ୍ରାନ୍ତି ମୋର୍ଚ୍ଚାର ନେତା ଗଗନ ସେଠୀଙ୍କ ନେତୃତ୍ୱରେ ମାତ୍ର ୧୫।୧୬ ଜଣ ଷ୍ଟେସନ ଛକରେ ଆନ୍ଦୋଳନ ଆରମ୍ଭ କରିଥିଲେ। ଖବରପାଇ ସ୍ଥାନୀୟ ପୋଲିସ ମାତ୍ର ୧୦ ମିନିଟ୍ ପରେ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ଗିରଫ କରିନେଇଥିଲେ। ସହରର ଦୋକାନବଜାର, ହାଟ, ସ୍କୁଲକଲେଜ, ସରକାରୀ ଓ ବେସରକାରୀ ଅଫିସ୍, ବ୍ୟାଙ୍କ, ଅଦାଲତ ଭଳି ସମସ୍ତ ଅନୁଷ୍ଠାନ ଖୋଲା ରହିଥିବାର ଜଣାପଡ଼ିଛି।

## ଆଖଣ୍ଡଳମଣିଙ୍କ ସୁନା ଥିବା ସିନ୍ଦୁକ ଚାବିକୁ ନେଇ ଚର୍ଚ୍ଚା

ଆରଡ଼ି, ୨୯।୧ (ଡି.ଏନ.ଏ.)

ଭଦ୍ରକ ଜିଲାର ପ୍ରସିଦ୍ଧ ଶୈବପୀଠ ଆରଡ଼ିର ବାବା ଆଖଣ୍ଡଳମଣିଙ୍କ ସ୍ୱର୍ଣ୍ଣ ଅଳଙ୍କାର ଗଚ୍ଛିତ ଥିବା ଜିଲା ଦରାଜ ସିନ୍ଦୁକ ଚାବି ମିଳୁ ନ ଥିବା ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି। ସୂଚନା ଅନୁସାରେ, ଭୁବନେଶ୍ୱର ଏ.ଜି. ଅଡିଟ ଚାଲିଥିଲା ବେଳେ ଏହି ସିନ୍ଦୁକ ଚାବି ମଗାଯାଇଥିଲା। ନିୟମ ଅନୁସାରେ ସିନ୍ଦୁକର ଗୋଟିଏ ଚାବି କନିକା ରାଜାଙ୍କ ପାଖରେ ରହିଥିବାବେଳେ ଅନ୍ୟ ଏକ ଚାବି ଚାନ୍ଦବାଲି ତହସିଲଦାରଙ୍କ ପାଖରେ ରହିବା କଥା। କିନ୍ତୁ ତହସିଲଦାରଙ୍କ ପାଖରେ ଥିବା ଚାବି ଏଜି ଅଡିଟରଙ୍କୁ ଦିଆଯାଇ ନ ଥିଲା। ଉକ୍ତ ଚାବି ମିଳୁ ନ ଥିବା କୁହାଯାଉଛି। ଏହି ଖବର ପ୍ରଚାର ହେବା ପରେ ସେବାୟତମାନେ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ଏ ସମ୍ପର୍କରେ ଭଦ୍ରକ ଉପଜିଲାପାଳ ତଥା ମ୍ୟାନେଜିଂ ଟ୍ରଷ୍ଟି ପୀତାମ୍ବର ସାମଲଙ୍କୁ ଯୋଗାଯୋଗ କରିବାରୁ କହିଛନ୍ତି, ଜିଲା ଦରାଜ ସିନ୍ଦୁକ ଚାବି ଜିଲା କାର୍ଯ୍ୟାଳୟରେ ଠିକ୍ ସ୍ଥାନରେ ରହିଛି। ବାବା ଆଖଣ୍ଡଳମଣିଙ୍କ ଗଚ୍ଛିତ ସ୍ୱର୍ଣ୍ଣ ଅଳଙ୍କାର ପୂର୍ବ ପରି ନିର୍ଦ୍ଦିଷ୍ଟ ସ୍ଥାନରେ ସୁରକ୍ଷିତ ଅଛି। ଯାହା ପ୍ରଚାର କରାଯାଉଛି ସେଥିରେ କୌଣସି ସତ୍ୟତା ନାହିଁ। ଜିଲା ଦରାଜ ସିନ୍ଦୁକରେ ଥିବା ସ୍ୱର୍ଣ୍ଣ ଅଳଙ୍କାର ସମ୍ପର୍କିତ ମାମଲା ଉଚ୍ଚ ନ୍ୟାୟାଳୟରେ ବିଚାରାଧୀନ ଥିବାରୁ ଏଜି ଅଡିଟ ଅଫିସରମାନେ କେବଳ ସେହି ଦରାଜ ସିନ୍ଦୁକକୁ ଦେଖିଥିଲେ। ଏହାର ଚାବି ସେମାନେ ଖୋଜି ନ ଥିବା ମନ୍ଦିର ପରିଚାଳକ ବିଦ୍ୟାଧର ପଲାଇ କହିଛନ୍ତି।

# ପୁରାତନ ଛାତ୍ରସଂସଦର ବନ୍ଧୁମିଳନ

ବାହାନଗା,୨୯।୧(ଡି.ଏନ.ଏ.)


ଉତ୍ସବରେ ଡ. ମିହିର କୁମାର ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ବାହାନଗା ନୋଡାଲ ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ରସଂସଦର ୧୧ତମ ବାର୍ଷିକ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସାଧାରଣ ସଭା ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଭାପତି ଖଗପତି ଜେନା ସଭାପତିତ୍ୱ କରିଥିଲେ। ଅତିଥି ପରିଚୟ ପ୍ରଦାନ କରିଥିଲେ ପଦ୍ମଲୋଚନ ମଲ୍ଲିକ। ଶରତ ଚନ୍ଦ୍ର ବାରିକ ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟଅତିଥି ଭାବେ ବାଣିଜ୍ୟ କର ଏବଂ ସେବା ଓ ଦ୍ରବ୍ୟକର ବିଭାଗର ଡେପୁଟି କମିଶନର କରୁଣାକର ଦାସ ଓ ମୁଖ୍ୟବକ୍ତା ଭାବେ ମିହିର କୁମାର ପଣ୍ଡା ଯୋଗଦେଇ ବିଦ୍ୟାଳୟର ଉନ୍ନତି ପାଇଁ ସମସ୍ତ ପୁରାତନ ଛାତ୍ରୀଛାତ୍ର ଉଦ୍ୟମ କରିବାକୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଭେନସ୍ ଡିପ୍ଲୋମା ଇଞ୍ଜିନିୟରିଂ କଲେଜ ଅଧ୍ୟକ୍ଷ ଅଲେଖ ଘଡେଇ, ଅବସରପ୍ରାପ୍ତ ଶିକ୍ଷକ ନରହରି ପ୍ରସାଦ ଜେନା, ଭାରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରଭାସ ରଞ୍ଜନ ନାୟକ ଓ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶରତ ଚନ୍ଦ୍ର ବାରିକ ଯୋଗ ଦେଇଥିଲେ। ଏହି ଅବସରରେ ଜାତୀୟ, ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ବୈଜ୍ଞାନିକ ଡ. ମିହିର କୁମାର ପଣ୍ଡାଙ୍କୁ ଥୋମାସ ଆଲଭା ଏଡିସନ ଉପାଧିରେ ସମ୍ମାନିତ କରାଯାଇଥିଲା। ସେହିପରି ବିଦ୍ୟାଳୟର ୧ମରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ୧୦ ଛାତ୍ରୀଛାତ୍ରଙ୍କୁ ବିଦ୍ୟାର୍ଥୀ ଗୌରବ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ପଞ୍ଚାୟତ ସମିତିର ୯ମ ଅଧିବେଶନ


ଜଳେଶ୍ୱର ପଞ୍ଚାୟତ ସମିତି ବୈଠକ।

ଜଳେଶ୍ୱର,୨୯।୧(ଡି.ଏନ.ଏ.)

ଜଳେଶ୍ୱର ପଞ୍ଚାୟତ ସମିତିର ୯ମ ଅଧିବେଶନ ବୁଧବାର ଅଧ୍ୟକ୍ଷା ସବିତା ଦଳାଇଙ୍କ ଅଧ୍ୟକ୍ଷତାରେ ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର, ଏମ୍‌ପି ପ୍ରତିନିଧି ଶାନ୍ତନୁ କୁମାର ପଟ୍ଟନାୟକ, ବ୍ଲକ ଉପାଧ୍ୟକ୍ଷ ବ୍ରଜମୋହନ ପ୍ରଧାନ, ଜଳେଶ୍ୱର ଗୋଷ୍ଠୀ ଉନ୍ନୟନ ଅଧିକାରୀ ନିତ୍ୟାନନ୍ଦ ସାହୁ, ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ଜିଲା ପରିଷଦ ସଭ୍ୟ, ଅତିରିକ୍ତ ତହସିଲଦାର କ୍ଷୀରୋଦ ଚନ୍ଦ୍ର ପଣ୍ଡା, ବିଇଓ ବିଜୟ କୁମାର ନାଥଙ୍କ ସହ ବିଭିନ୍ନ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ। ବୈଠକରେ ପଞ୍ଚାୟତ ଓ ପଞ୍ଚାୟତ ସମିତିର ରାସ୍ତାକୁ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ହସ୍ତାନ୍ତର କରିବା, କୃଷି, କାଳିଆ ଯୋଜନାରେ ଯୋଗ୍ୟ ହିତାଧିକାରୀଙ୍କୁ ଟଙ୍କା ପ୍ରଦାନରେ ବିଳମ୍ବ, ବିଦ୍ୟୁତ୍, ଶିକ୍ଷା, ଜଙ୍ଗଲ ଓ ପରିବେଶ, ଖାଉଟି ଓ ସାଧାରଣ ବଣ୍ଟନ ବ୍ୟବସ୍ଥା, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ମହିଳା ଓ ଶିଶୁ କଲ୍ୟାଣ, ଉଠା ଜଳସେଚନ ସମ୍ପର୍କରେ ସବିଶେଷ ଆଲୋଚନା କରି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା।

# କୃତୀ ପ୍ରତିଯୋଗୀ ପୁରସ୍କୃତ

ରୂପ୍‌ସା,୨୯।୧(ଡି.ଏନ.ଏ.)

କୁନି ପିଲାଙ୍କ ମଧ୍ୟରେ ରହିଛି ସମ୍ଭାବନା। ସେମାନଙ୍କୁ ଗଢ଼ି ତୋଳିବା ଦାୟିତ୍ୱ ଶିକ୍ଷକ ଓ ଅଭିଭାବକଙ୍କର ନୈତିକ କର୍ତ୍ତବ୍ୟ। ପ୍ରକୃତରେ ରାଷ୍ଟ୍ରଭକ୍ତି ଓ ଜାତିପ୍ରୀତି ହିଁ ପ୍ରକୃତ ଶିକ୍ଷା ବୋଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକ ଉତ୍ସବରେ ଯୋଗଦେଇ ମୁଖ୍ୟଅତିଥି ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅନନ୍ତ କୁମାର ସାହୁ, ମୁଖ୍ୟବକ୍ତା ଇଂ. ଧରଣୀଧର ମିଶ୍ର ମତବ୍ୟକ୍ତ କରିଛନ୍ତି।

ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ରୂପ୍‌ସା ସରସ୍ୱତୀ ଶିଶୁ ମନ୍ଦିରର ୧୨ତମ ବାର୍ଷିକ ଉତ୍ସବ ପରିଚାଳନା କମିଟି ସଭାପତି ଗୌରୀଶଙ୍କର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସମ୍ମାନୀତ ଅତିଥି ବାଲେଶ୍ୱର ବିଭାଗର ସଙ୍କୁଳ ପ୍ରମୁଖ ଉପେନ୍ଦ୍ର ନାଥ ପାତ୍ର ଯୋଗଦେଇ ଛାତ୍ରୀଛାତ୍ରଙ୍କ ମାନସିକ ଦକ୍ଷତା ବିକାଶ ଦିଗରେ ଗୁରୁତ୍ୱାରୋପ କରିଥିଲେ। ପ୍ରଧାନଆଚାର୍ଯ୍ୟ ପ୍ରମିମା ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। ସମ୍ପାଦକ ଚତୁର୍ଭୁଜ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ମାନପତ୍ର ଓ ପୁରସ୍କାର ବିତରଣ କରିଥିଲେ। ଅଧ୍ୟାପିକା ସ୍ୱର୍ଣ୍ଣରେଖା ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ କୁନିପିଲାଙ୍କ ଦ୍ୱାରା ନାଚ, ଗୀତ ପରିବେଷଣ ସହ 'ମାତୃ ଭକ୍ତ ଚାଣକ୍ୟ' ନାଟକ ମଞ୍ଚସ୍ଥ ହୋଇଥିଲା।

# 'ମା'ଙ୍କ ମହିମା' ଲୋକାର୍ପିତ

ଭଣ୍ଡାରିପୋଖରୀ, ୨୯।୧ (ଡି.ଏନ.ଏ.)

ଭଣ୍ଡାରିପୋଖରୀ ବ୍ଲକ ପଦିନାରାୟଣପୁରସ୍ଥିତ ମା' ରଟନ୍ତି କାଳୀଙ୍କ ସାମ୍ବତ୍ସରିକ ପୂଜା ଅବସରରେ ଏକ ଆଧାତ୍ମିକ ସ୍ମରଣିକା 'ମା'ଙ୍କ ମହିମା' ଲୋକାର୍ପଣ ଉତ୍ସବ ଶିକ୍ଷାବିତ୍ ଗୟାଧର ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ପାଲାଗାୟକ ଦାମୋଦର ଦାଶ ଏହାକୁ ଉଦ୍‌ଘାଟନ କରିଥିଲେ। ସରପଞ୍ଚ ଜଗବନ୍ଧୁ ଦାସ ଆଧାତ୍ମିକ ସ୍ମରଣିକା ଲୋକାର୍ପଣ କରିଥିଲେ। ସମୀକ୍ଷା କରିଥିଲେ ସ୍ମରଣିକା ସମ୍ପାଦକ ପୁରୁଷୋତ୍ତମ ଧଳ। ଏହି ଅବସରରେ ନାଟ୍ୟକାର ଅରୁଣ ବାରିକ ଓ ନୃତ୍ୟ ନିର୍ଦ୍ଦେଶକ ରମାକାନ୍ତ ରାଉତଙ୍କୁ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟତମ ଅତିଥି ଭାବେ ସାହିତ୍ୟିକ ବୃନ୍ଦାବନ ରାଉଳ, ମଦନ ମୋହନ ପଣ୍ଡା, କରୁଣାକର ବାରିକ, ଶତ୍ରୁଘ୍ନ ରାଉତ, ତିଲୋତ୍ତମା ରାଉତ, ବିଦ୍ୟୁତଲତା ଜେନା, ଘନଶ୍ୟାମ ସ୍ୱାଇଁ, ଯଶୋଦା ରାଉତ ପ୍ରମୁଖ ଯୋଗଦେଇ ଲୋକଙ୍କ ମଧ୍ୟରେ ଆଧାତ୍ମିକ ଚେତନା ବୃଦ୍ଧି ପାଇଲେ ସମାଜରେ ଶାନ୍ତି ସ୍ଥାପନ ହୋଇପାରିବ ବୋଲି କହିଥିଲେ। ବିଜୟ ରାଉତ ଅତିଥି ପରିଚୟ ଓ ଦୋଳଗୋବିନ୍ଦ ଖୁଣ୍ଟିଆ ଧନ୍ୟବାଦ ଦେଇଥିଲେ। ପୂଜା କମିଟି ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

ଆଡଭାନ୍ସ ନେଉନୁ ଧୋକା ଦେଉନୁ
AMERICAN FINANCE
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଗୃହ, ମୁଦ୍ରା, ବିଜ୍‌ନେସ୍, ଏଗ୍ରିକଲ୍ଚର ସମସ୍ତ ଋଣ ମାତ୍ର 24 ଘଣ୍ଟାରେ।
2% ସୁଧ - 40% ସୁଧ
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ ଯୋଗାଯୋଗ କରନ୍ତୁ
87654-96495
87654-73190
104, Wadala Udyog Bhavan, Maharashtra.

FINANCE
ବାଲାଜୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ।
୨% ସୁଧ ୬୦%ଛାଡ। ଘରେ ବସି ପାଆନ୍ତୁ।
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

Radhe Finance
ଆଣିଛନ୍ତି ସବୁ ପ୍ରକାର ଋଣ ଯେପରି:
• ପ୍ରପର୍ଟି ଋଣ
• ପର୍ସନାଲ ଋଣ
• କୃଷି ଋଣ
• ବ୍ୟବସାୟ ଋଣ
• ଗ୍ରୁପ୍ ଋଣ
2% ସୁଧ 40% ଛାଡ଼
ମହିଳାଙ୍କ ପାଇଁ ବିଶେଷ ରିହାତି।
9084917682
9557039782
Address: Ahmedabad

ଖର୍ଚ୍ଚ ଋଣରୁ କଟିବ
MAHALAXMI FINANCE
1 ଲକ୍ଷରୁ ୨୦ ଲକ୍ଷ ପର୍ଯ୍ୟନ୍ତ ଋଣ ପାଆନ୍ତୁ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଋଣ, ଷ୍ଟାର୍ଟ-ଅପ୍, ଲଘୁ ଉଦ୍ୟୋଗ, ଦୋକାନୀଙ୍କ ପାଇଁ ମୁଦ୍ରା ଋଣ।
ସବୁ ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
ମାତ୍ର 12-24 ଘଣ୍ଟାରେ ଘରେ ବସି ପାଆନ୍ତୁ
1% ସୁଧ | 40% ରିହାତି
ଠକାମିର ଶିକାର ମହିଳା/ପୁରୁଷ ଥରେ ନିଶ୍ଚୟ ଫୋନ୍ କରନ୍ତୁ
9518852216, 9548270863
ADDRESS: T-51, GAUTAMPURI, DELHI

DHARITRI Career appointment Every Wednesday and Saturday

ASTROLOGY

କଣ ଆପଣ ଚିନ୍ତିତ କି
ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ
୨ଘଣ୍ଟାରେ ଗ୍ୟାରେଣ୍ଟି ସମାଧାନ
ସ୍ପେଶାଲିଷ୍ଟ - ବଶୀକରଣ ଓ ମୁଠକରଣ
ତନ୍ତ୍ର ମନ୍ତ୍ର ର ସମ୍ରାଟ, କାମନହେଲେ ପଇସା ଫେରନ୍ତ, ଗୃହ କ୍ଲେଶ, ପତି ପତ୍ନୀ ମଧ୍ୟରେ ଝଗଡା, ବିବାହରେ ସମସ୍ୟା, ଲଭ୍ ମ୍ୟାରେଜ, ବ୍ୟବସାୟରେ ବାଧା, ରୋଗରେ ଔଷଧ କାମ ନକରିବା, ସନ୍ତାନ ପ୍ରାପ୍ତି, ବିଦେଶ ଯାତ୍ରା ମୋ କାମକୁ କାଟିଥିବା ଲୋକଙ୍କୁ ମନଚାହିଁ ପୁରସ୍କାର
ବି.ଦ୍ର: ଯଦି କାହାର ପତି ବା ପ୍ରେମୀ ଅନ୍ୟ ଦ୍ୱାରା ବଶୀଭୂତ ତେବେ ଆମକୁ ଯୋଗାଯୋଗ କରନ୍ତୁ
ବାବା ଆଲାମ ଖାନ
ମାଷ୍ଟର କ୍ୟାଣ୍ଟିନ୍, ଭୁବନେଶ୍ୱର
9773820765

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସମ୍ପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ- ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9818298397
9953959390

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଶକ୍ତିର ଦେଖନ୍ତୁ ଚମତ୍କାର
ସମସ୍ୟା ହୋଇଥାଉ ଯେଉଁଠି ନା କାହିଁକି ସମାଧାନ ଅଛି ମୋ ପାଖରେ ଏଇଠି
2 ଘଣ୍ଟାରେ 100% ସମାଧାନ
ଯେପରିକି: ବ୍ୟବସାୟ ବନ୍ଧନ, ବିବାହରେ ବାଧା, ଗୃହକ୍ଲେଶ, ପ୍ରେମ ବିବାହ, ବିଦେଶ ଯାତ୍ରା, ସଉତୁଣୀ, ଶତ୍ରୁ ମୁକ୍ତି, ଯାଦୁ ଟୋନା ପୋତାଧନ, ଜୁଆ-ସଟ୍ଟା, ଗୁଣିଗାରେଡ଼ି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ଶାରିରିକ କଷ୍ଟ, ଚାକିରି, କୋର୍ଟ ମାମଲା, ମାନସିକ ଚାପ।
ଆମର ଅଛି ଜ୍ଞାନ ଆମେ ହିଁ କରିବୁ ସବୁ ସମସ୍ୟାର ସମାଧାନ କାରଣ ଆମକୁ ହିଁ ମିଳିଛି ପୂର୍ବପୁରୁଷଙ୍କ ବରଦାନ।
7578028866
ସ୍ପେ. ପୋତାଧନ, ସଟ୍ଟା, ଜୁଆ, ବଶୀକରଣ, ମୁଠକରଣୀ ଓ ବ୍ୟବସାୟ
ବାବା କବିର ଖାନ ହାଜି ଅଲି ୱାଲେ
ତାରିଣୀ ମନ୍ଦିର ପାଖ, ଆନନ୍ଦ ବଜାର, ଭୁବନେଶ୍ୱର
8527425449

ଅଲ୍ ଇଣ୍ଡିଆ ଖୋଲା ଚାଲେଞ୍ଜ
2 ଘଣ୍ଟାରେ 100% ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା, ଶତ୍ରୁ ମୁକ୍ତି, ସ୍ୱାମୀ-ସ୍ତ୍ରୀ ଝଗଡ଼ା, ପ୍ରେମବିବାହ, ଗୃହକ୍ଲେଶ, ପ୍ରପର୍ଟି, କୋର୍ଟ-କେସ୍, ଯାଦୁ-ଟୋନା, ବିଦେଶ ଯାତ୍ରା, ବଶୀକରଣ, ଗୁଣି-ଗାରେଡ଼ି
AtoZ ସମସ୍ୟାର ସମାଧାନ ଘରେ ବସି।
ବାବା ଅଲାଉଦ୍ଦିନ ବଙ୍ଗାଲି
ସ୍ପେ. ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ ଯଦି କାଟିଦେବେ ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
କାମ ନ ହେଲେ ଟଙ୍କା ଫେରସ୍ତ
8376889657
9971793786

BUSINESS

SHINGHANIA TOWER
ଖାଲିଥିବା ଜମି ଓ ଛାତ ଉପରେ Shinghania Tower ଗ୍ରୁପର ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ।
ଆଜି ହିଁ ସଂମ୍ପର୍କ କରନ୍ତୁ
R-25/8, Krishna Apartment, MG Road Bengaluru, Karnataka 560076
Email: shinghaniatowercompany4242@gmail.com
WhatsApp No
8887184570

HEALTH CARE
ଔଷଧ ସବୁ ପ୍ରକାରର ପୁରାତନ ଓ ନୂତନ ରୋଗ ହୋମିଓ ପାଥିକ୍ (ଔଷଧ) ଦ୍ୱାରା ଆରୋଗ୍ୟ କରାଯାଏ।
ଯୋଗାଯୋଗ କରନ୍ତୁ
ଲୋକସେବା କ୍ଲିନିକ୍
ଡାକ୍ତର ମୋହନ ଚରଣ ନାୟକ
ମୋବାଇଲ-9439043096
Regd No.-D/1307/70/ଓଡ଼ିଶା

See Color Display Classified on every Tuesday & Friday

## ସଂକ୍ଷେପରେ

### ମହିଳାଙ୍କୁ ଗଣବଳାତ୍କାର ଘଟଣା: ୩ ଗିରଫ

ଜଳେଶ୍ୱର,୨୯।୧(ଡି.ଏନ.ଏ.): ବାଲେଶ୍ୱର ଜିଲା ରାଇବଣିଆ ଥାନା ଅଞ୍ଚଳରେ ଗତ ୧୭ ତାରିଖରେ ଜଣେ ମହିଳାଙ୍କୁ ରାସ୍ତାରୁ ଟେକି ନେଇ ଗଣବଳାତ୍କାର ଘଟଣାରେ ପୋଲିସ ଉଦାସୀନ ରହିଥିବା ଅଭିଯୋଗ ହୋଇଥିଲା। ପରେ ଗ୍ରାମବାସୀଙ୍କ ଚାପରେ ପୋଲିସ ଏକ ମାମଲା ରୁଜୁ କରି ଘଟଣାରେ ସମ୍ପୃକ୍ତ ୩ ଅଭିଯୁକ୍ତଙ୍କୁ ବୁଧବାର ଗିରଫ କରିଛି। ଉଲ୍ଲେଖନୀୟ ଯେ, ପୀଡ଼ିତା ନିଜର ୪ ପିଲାଙ୍କ ସହ ବାପଘରେ ରହନ୍ତି। ଗତ ୧୭ ତାରିଖରେ ରାଇବଣିଆ ଅଞ୍ଚଳରେ ବାକିଥିବା ମଜୁରି ଟଙ୍କା ଆଣିବା ପାଇଁ ଜଣେ ପୁରୁଷ ବନ୍ଧୁଙ୍କ ସହ ସାଇକେଲରେ ଯାଇଥିଲେ। ସେଠାରୁ ଫେରୁଥିବା ସମୟରେ ରାସ୍ତାରେ ୫ ଜଣ ଯୁବକ ସେମାନଙ୍କୁ ଅଟକାଇବା ପାଇଁ ଚେଷ୍ଟା କରିବା ବେଳେ ମହିଳାଙ୍କ ସାଙ୍ଗରେ ଥିବା ପୁରୁଷ ବନ୍ଧୁ ଜଣଙ୍କ ସାଇକେଲ ଛାଡ଼ି ପଳାଇ ଯାଇଥିଲେ। ମହିଳା ଜଣଙ୍କ ଦୌଡ଼ି ପଳାଇ ଯିବାକୁ ଚେଷ୍ଟା କରି ତଳେ ପଡ଼ି ଯାଇଥିଲେ। ଯୁବକମାନେ ତାଙ୍କୁ ସେଠାରୁ ଟେକି ନେଇ ଏକ ନିଛାଟିଆ ସ୍ଥାନରେ ବଳାତ୍କାର କରିଥିଲେ। ଏକଥା ବାହାରେ ପ୍ରଘଟ କଲେ ଜୀବନରୁ ମାରିଦେବେ ବୋଲି ସେମାନେ ମହିଳାଙ୍କୁ ଧମକ ଦେଇଥିଲେ। ପରେ ପୀଡ଼ିତାଙ୍କ ଏତଲା କ୍ରମେ ପୋଲିସ ଏକ ମାମଲା(ନଂ. ୫/୨୦) ରୁଜୁ କରିଥିଲା। ଗିରଫ ୩ ଅଭିଯୁକ୍ତଙ୍କୁ ଡାକ୍ତରୀ ମାଇନା ପରେ କୋର୍ଟଚାଲାଣ କରାଯାଇଥିବା ପୋଲିସ ସୂଚନା ଦେଇଛି।

### ଟ୍ରାକ୍ଟର ଚକାତଳେ ପଡ଼ି ଶ୍ରମିକ ମୃତ

ଗୋପାଳପୁର,୨୯।୧: ଗଞ୍ଜାମ ଜିଲା ଗୋପାଳପୁର ଥାନା ପୋଲିସ ରିଜର୍ଭ କଲୋନୀ ନିକଟ ବୁଲାଣିଠାରେ ବୁଧବାର ଟ୍ରାକ୍ଟର ଚକାତଳେ ପଡ଼ି ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଥାନା ବଡ଼ଗୁମୁଳା ଗ୍ରାମର ପାର୍ଥ ପଟ୍ଟନାୟକ। ଏ ନେଇ ନଂ. ୧୨/୨୦ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି। ଦୁର୍ଘଟଣାଗ୍ରସ୍ତ ଟ୍ରାକ୍ଟରକୁ ଜବତ କରାଯାଇଛି। ପ୍ରକାଶ ଯେ, ପାର୍ଥ ଟ୍ରାକ୍ଟରରେ ଶ୍ରମିକ ଭାବେ କାମ କରିଥାନ୍ତି। ମଧ୍ୟାହ୍ନରେ ଗୋପାଳପୁର ଥାନା ଆମ୍ବପୁଆରୁ ଏକ ଟ୍ରାକ୍ଟର (ନଂ. ଓଡି୦୭ଡି୯୮୭୮)ରେ ଧାନବସ୍ତା ଲୋଡ୍ କରି ପାର୍ଥ ଓ ଡ୍ରାଇଭର ଅଲେଖ ବାବା ମନ୍ଦିର ନିକଟକୁ ଯାଉଥିଲେ। ପୋଲିସ ରିଜର୍ଭ କଲୋନୀ ନିକଟ ବୁଲାଣିଠାରେ ହଠାତ୍ ପାର୍ଥ ତଳକୁ ପଡ଼ିଯାଇଥିଲେ। ଫଳରେ ଟ୍ରାକ୍ଟରର ପଛ ଚକ ତାଙ୍କ ମୁଣ୍ଡ ଉପରେ ଚଢ଼ିଯାଇଥିଲା। ଏହି ଘଟଣାପରେ ଟ୍ରାକ୍ଟରକୁ ନେଇ ଚାଳକ ଚାଲିଯାଇଥିଲେ। ଗୋପାଳପୁର ଥାନାଧିକାରୀ ବିବେକାନନ୍ଦ ମହନ୍ତ ଗୁରୁତର ପାର୍ଥଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ମାଓବାଦୀ କମାଣ୍ଡର ଗଣେଶ ଜାରି କଲେ ଅଡିଓ ଟେପ

ମାଲକାନଗିରି,୨୯।୧(ସ୍ୱ.ପ୍ର.): ଗତ ୨୫ରେ ମାଓବାଦୀ ଓ ଗ୍ରାମବାସୀଙ୍କ ମଧ୍ୟରେ ଘଟିଥିବା ଘଟଣାକୁ ଆନ୍ଧ୍ର ଓଡିଶା ସ୍ପେଶାଲ ଜୋନାଲ କମିଟି ସମ୍ପାଦକ ମାଓବାଦୀ କମାଣ୍ଡର ଗଣେଶ ଖଣ୍ଡନ କରିଛନ୍ତି। ସେ କହିଛନ୍ତି ଯେ, ଏହା ପୋଲିସର ଏକ ଚାଲ୍। ପୋଲିସର କେତେକ ଏଜେଣ୍ଟ ଆମର ୨ଜଣ କମ୍ରେଡ୍‌ଙ୍କୁ ଆକ୍ରମଣ କରିବା ସହ ଜଣକୁ ହତ୍ୟା କରିଛନ୍ତି। ଏଥିରେ ସାଧାରଣ ଲୋକଙ୍କର ହାତ ନାହିଁ ବୋଲି ଗଣେଶ କହିଛନ୍ତି। ପୋଲିସର ଏପରି ଚାଲ୍ କେବେ ସଫଳ ହେବନି। ବିଚ୍ଛିନ୍ନାଞ୍ଚଳ ଲୋକଙ୍କ ୩୧ ଦଫା ଦାବି ଏଯାଏ ପ୍ରଶାସନ ସମାଧାନ କରିପାରିନାହିଁ। ପ୍ରଶାସନ ଗାଁରେ ପୋଲିସ ଛାଉଣୀ କରି ଲୋକଙ୍କୁ ଭୟଭୀତ କରୁଛନ୍ତି। ସୂଚନାଯୋଗ୍ୟ ଯେ, ଶନିବାର ବିଳମ୍ବିତ ରାତିରେ କେତେକ ମାଓବାଦୀ ସ୍ୱାଭିମାନ ଅଞ୍ଚଳର ଜନ୍ତୁରାଇ ଗ୍ରାମକୁ ଆସି ତୁମେମାନେ କାହିଁକି ପୋଲିସକୁ ସହାୟତା କରୁଛ ବୋଲି ପଚାରିଥିଲେ। ଏହାକୁ ନେଇ ଗ୍ରାମବାସୀ ଓ ମାଓବାଦୀଙ୍କ ମଧ୍ୟରେ ଯୁକ୍ତିତର୍କ ଲାଗିଥିଲା। ଘଟଣା ଉଗ୍ରରୂପ ଧାରଣ କରିଥିଲା। ଗ୍ରାମବାସୀଙ୍କ ପଥର ମାଡରେ ଜଣେ ମାଓବାଦୀଙ୍କ ମୃତ୍ୟୁ ଘଟିଥିଲା। ଅନ୍ୟ ଜଣେ ଗୁରୁତର ଆହତ ହୋଇଥିଲେ।

# ଏସ୍‌ସିବି ମେଡ଼ିକାଲ ସ୍ଥିତି ଅନୁଧ୍ୟାନ କଲେ ସ୍ୱାସ୍ଥ୍ୟମନ୍ତ୍ରୀ

କଟକ ଅଫିସ,୨୯।୧

କରୋନା ଭାଇରସ୍ ସାଧାରଣରେ ଆତଙ୍କ ଖେଳାଇ ସାରିଲାଣି। ଏହାକୁ ଦୃଷ୍ଟିରେ ରଖି ଏସ୍‌ସିବି ମେଡ଼ିକାଲରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବକିଶୋର ଦାସ ବୁଧବାର ଏସ୍‌ସିବି ମେଡ଼ିକାଲ ପରିଦର୍ଶନ କରିବା ସହ ସ୍ଥିତି ଅନୁଧ୍ୟାନ କରିଥିଲେ। ଏସ୍‌ସିବି ମେଡିକାଲ କଲେଜ ଅଧ୍ୟକ୍ଷା ଜୟଶ୍ରୀ ମହାନ୍ତିଙ୍କ କାର୍ଯ୍ୟାଳୟରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। କରୋନା ଭାଇରସରେ ଆକ୍ରାନ୍ତ ହେଲେ ରୋଗୀଙ୍କୁ କିପରି ଉତ୍ତମ ଚିକିତ୍ସା ଯୋଗାଇ ଦିଆଯାଇପାରିବ ଓ ଏହାର ମୁକାବିଲା ପାଇଁ ଜନସଚେତନତା ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ଏହି ରୋଗର ଚିକିତ୍ସା ନିମନ୍ତେ ଚକ୍ଷୁ ବିଭାଗର ୪ର୍ଥ ମହଲାରେ ଏକ ସ୍ୱତନ୍ତ୍ର ଆଇସୋଲେଶନ ୱାର୍ଡ ଖୋଲାଯାଇଛି। ରୋଗୀମାନଙ୍କ ପାଇଁ ଆବଶ୍ୟକ ଶଯ୍ୟା ଓ ଡାକ୍ତରମାନେ



ସମୀକ୍ଷା ବୈଠକରେ ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସଙ୍କ ସହ ଅନ୍ୟମାନେ।

- କରୋନା ଭାଇରସ୍ ଭୟ
- ଚକ୍ଷୁ ବିଭାଗର ୪ର୍ଥ ମହଲାରେ ସ୍ୱତନ୍ତ୍ର ୱାର୍ଡ

ପ୍ରସ୍ତୁତ ରହିବାକୁ ମନ୍ତ୍ରୀ ଦାସ ପରାମର୍ଶ ଦେଇଥିଲେ। ସବୁ ଥଣ୍ଡା, କାଶ, ଶରୀର ପୀଡା କିମ୍ବା ଫ୍ଲୁକୁ କରୋନା ଭାଇରସ୍ ଦ୍ୱାରା ଆକ୍ରାନ୍ତ ବୋଲି ଭାବିବା ଉଚିତ ନୁହେଁ ବୋଲି କୁହାଯାଇଥିଲା। ପରେ ଅଧ୍ୟକ୍ଷା ଡ. ମହାନ୍ତି, ପ୍ରଫେସର ମନୋରଞ୍ଜନ ପଟ୍ଟନାୟକ, ଡ. ବିରଞ୍ଚି ନାରାୟଣ ମହାପାତ୍ର, କରୋନା ଭାଇରସ ନୋଡାଲ ଅଧିକାରୀ ଡ. ଭୁବନାନନ୍ଦ ମହାରଣା ମନ୍ତ୍ରୀଙ୍କୁ ସ୍ୱତନ୍ତ୍ର ୱାର୍ଡ ଦେଖାଇବା ସହିତ ଏଥିରେ ମହିଳା ଓ ପୁରୁଷଙ୍କ ପାଇଁ ରହିଥିବା ୬୬ଟି ଶଯ୍ୟା ଓ ୮ଟି ଆଇସିୟୁ ରହିଥିବା ସମ୍ପର୍କରେ ଅବଗତ କରାଇଥିଲେ। ଏହି ସମୀକ୍ଷା ବୈଠକରେ ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ, ସିଡିଏମଓ ଡ. ସତ୍ୟବ୍ରତ ଛୋଟରାୟ, ପ୍ରଶାସନିକ ଅଧିକାରୀ କଳ୍ପତରୁ ବେହେରା, ଡ. ଅସରନ୍ତି କର, ପ୍ରଫେସର ଦଇତାରୀ ରାଉତରାୟ, ଡ. ନିରୁପମା ଚଇନୀ, ପ୍ରଫେସର ଅନ୍ନଦା ପ୍ରସାଦ ପଟ୍ଟନାୟକ, ଡ. ସତ୍ୟଶ୍ରୀ ରାୟ, ଡ. ଜୟନ୍ତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ରାମକୃଷ୍ଣ ମଠ ପ୍ରତିଷ୍ଠାତା ସ୍ୱାମୀ ବୈରାଗ୍ୟାନନ୍ଦଜୀ ମହାରାଜଙ୍କ ପରଲୋକ

ମ.ରାମପୁର,୨୯।୧(ଡି.ଏନ.ଏ.)

କଳାହାଣ୍ଡି ଜିଲା ମ.ରାମପୁର ରାମକୃଷ୍ଣ ମଠ ପ୍ରତିଷ୍ଠାତା ବୈରାଗ୍ୟାନନ୍ଦଜୀ ମହାରାଜ (୭୫)ଙ୍କ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ମଙ୍ଗଳବାର ରାତି ପ୍ରାୟ ୧ଟା ୫୫ ମିନିଟ୍‌ରେ ପରଲୋକ ଘଟିଛି। ସ୍ୱାମୀ ବୈରାଗ୍ୟାନନ୍ଦ ପଶ୍ଚିମବଙ୍ଗ ବେଲୁଡସ୍ଥିତ ରାମକୃଷ୍ଣ ମଠରୁ ୧୯୮୨ରେ ସନ୍ନ୍ୟାସ ଗ୍ରହଣ କରି ଭାରତର ବିଭିନ୍ନ ରାମକୃଷ୍ଣ ମଠ ଓ ମିଶନ ପ୍ରତିଷ୍ଠାନରେ ସେବା କାର୍ଯ୍ୟ କରିଛନ୍ତି। ସେ ୧୯୯୩ ସେପ୍ଟେମ୍ବର ୧୧ରେ କଳାହାଣ୍ଡିସ୍ଥିତ ମଦନପୁର ରାମପୁରରେ ରାମକୃଷ୍ଣ ଆଶ୍ରମ ପ୍ରତିଷ୍ଠା କରି ଏହାକୁ ଏକ ମଣିଷ ତିଆରି କାରଖାନା ରୂପେ ଗଢ଼ିବା ପାଇଁ ଜୀବନ ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ପ୍ରୟାସ ଜାରି ରଖିଥିଲେ। ତାଙ୍କ ଉଦ୍ୟମରେ ଏଠାରେ ୨୫୦ ଶଯ୍ୟା ବିଶିଷ୍ଟ ଆଦିବାସୀ ଛାତ୍ରାବାସ, ୧୫୦ ଛାତ୍ରଙ୍କ ପାଇଁ ଆବାସିକ ବିଦ୍ୟାଳୟ, ଜରାନିବାସ, ୪୫୦ ଛାତ୍ରୀଛାତ୍ରଙ୍କ ପାଇଁ ଇଂଲିଶ ମାଧ୍ୟମ ବିଦ୍ୟାଳୟ, ଭ୍ରାମ୍ୟମାଣ ଦାତବ୍ୟ ଭେଷଜ ଚିକିତ୍ସାଳୟ, ଲାଇବ୍ରେରି, ନିଶା ନିବାରଣ କେନ୍ଦ୍ର ତଥା ଉନ୍ନତମାନର କୃଷି ଏବଂ ତାଲିମ କେନ୍ଦ୍ର ଇତ୍ୟାଦି ପ୍ରତିଷ୍ଠା ହୋଇଛି। ତାଙ୍କ ଉଦ୍ୟମରେ ପୁରୀ ଗଜପତି ମହାରାଜ ଦିବ୍ୟସିଂହ ଦେବ, ୨୦୧୪ରେ ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ ଓ ଓଡ଼ିଶାର ତତ୍କାଳୀନ ରାଜ୍ୟପାଳ ଏସ୍.ସି. ଜମିର, ବର୍ତ୍ତମାନର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍‌ଙ୍କ ପରି ଅନେକ ବିଶିଷ୍ଟ ବ୍ୟକ୍ତି ଏହି ଆଶ୍ରମ ପରିଦର୍ଶନରେ ଆସିଛନ୍ତି। ତାଙ୍କ ମୃତ୍ୟୁରେ କଳାହାଣ୍ଡି ତଥା ମ.ରାମପୁର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ପୁନରୁଦ୍ଧାର ହେବ ବରଗଡ଼ ସମବାୟ ଚିନିକଳ

ଭୁବନେଶ୍ୱର,୨୯।୧(ବ୍ୟୁରୋ)

ବରଗଡ଼ ସମବାୟ ଚିନି କଳର ପୁନରୁଦ୍ଧାର କରାଯିବ। ଏହା ପୂର୍ବରୁ ଚିନି କଳ ସମ୍ପର୍କରେ ସବିଶେଷ ଅନୁଧ୍ୟାନ ପାଇଁ ଏକ ଉଚ୍ଚସ୍ତରୀୟ ବୈଷୟିକ ଟିମ୍‌କୁ ବରଗଡ଼ ପଠାଯିବ। ଏହି ଟିମ୍ ଚିନି କଳର ଭିତ୍ତିଭୂମି ଏବଂ ଆନୁଷଙ୍ଗିକ ବ୍ୟବସ୍ଥା ସମ୍ପର୍କରେ ଅନୁଧ୍ୟାନ କରି ରିପୋର୍ଟ ପ୍ରଦାନ କରିବେ। ଏ ସମ୍ପର୍କରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ ଲାଗି ରିପୋର୍ଟକୁ ରାଜ୍ୟ କ୍ୟାବିନେଟ୍‌ରେ ଉପସ୍ଥାପନ କରାଯିବ ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି। ଲୋକସେବା ଭବନଠାରେ ବୁଧବାର ଆୟୋଜିତ ଏକ ଉଚ୍ଚସ୍ତରୀୟ ବୈଠକରେ ଏନେଇ ଆଲୋଚନା କରାଯାଇଛି। ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ ଏବଂ ଶ୍ରମ ମନ୍ତ୍ରୀ ସୁଶାନ୍ତ କୁମାର ସିଂ, ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ଅର୍ଥ ବିଭାଗ ସଚିବ ଅଶୋକ ମୀନା ଏବଂ ଚିନି କଳ ପରିଚାଳନା ନିର୍ଦ୍ଦେଶକ ପ୍ରମୁଖ ଯୋଗ ଦେଇଛନ୍ତି। ବରଗଡ଼ ସମବାୟ ଚିନି କଳରେ ଗତ ୩ବର୍ଷ ହେଲା କୌଣସି ଉତ୍ପାଦନ ହେଉନାହିଁ। ଅନ୍ତର୍ଜାତୀୟସ୍ତରରେ ଚିନିର ବଜାର ମୂଲ୍ୟ ହ୍ରାସ ଏବଂ ଉକ୍ତ ଚିନି କଳରୁ ଉତ୍ପାଦନ ଖର୍ଚ୍ଚ ଅଧିକ ହେଉଥିବାରୁ ଏହାକୁ କ୍ରମାଗତ କ୍ଷତି ସହିବାକୁ ପଡୁଥିଲା। ଏହାସହିତ ଦୈନିକ ୧୨୫୦ ଟନ୍ ଆଖୁପେଡ଼ା ଯାଉଥିବା ଏହି ସ୍ୱଳ୍ପ କ୍ଷମତାସମ୍ପନ୍ନ ଚିନି କଳ ଲାଭଜନକ ହୋଇପାରୁ ନ ଥିବା ଆଲୋଚନା କରାଯାଇଛି। ନିକଟବର୍ତ୍ତୀ ଅଞ୍ଚଳରେ ଆଖୁଚାଷ ହ୍ରାସ ପାଇବା ଏହାର ଆଉ ଏକ ବଡ଼ ସମସ୍ୟା ବୋଲି ଜଣାପଡିଛି। ଏହି ପରିପ୍ରେକ୍ଷୀରେ ଆଖୁଚାଷୀଙ୍କ ସ୍ୱାର୍ଥ, ଚିନି କଳର ଶ୍ରମିକ ଓ କର୍ମଚାରୀ ତଥା ଜନସାଧାରଣଙ୍କ ହିତକୁ ଦୃଷ୍ଟିରେ ରଖି ଏକ ଉଚ୍ଚସ୍ତରୀୟ ବୈଷୟିକ କମିଟି ସ୍ଥିତି ଅନୁଧ୍ୟାନ କରି ଏ ସମ୍ପର୍କରେ ଏକ ବିସ୍ତୃତ ରିପୋର୍ଟ ପ୍ରଦାନ କରିବା ପାଇଁ ମତ ପ୍ରକାଶ ପାଇଛି। ଏସବୁ ବାଦ୍ ବରଗଡ଼ ସମବାୟ ଚିନିକଳ ଅଧୀନରେ ଥିବା ସମସ୍ତ ଜମି ଯେଉଁଗୁଡ଼ିକ ଚିନିକଳ ନାମରେ ରେକର୍ଡଭୁକ୍ତ ହୋଇନାହିଁ, ସେଗୁଡ଼ିକ ଆସନ୍ତା ୭ ଦିନ ମଧ୍ୟରେ ଜିଲା ପ୍ରଶାସନ ସହଯୋଗରେ ରେକର୍ଡଭୁକ୍ତ କରିବା ଦିଗରେ ଆବଶ୍ୟକୀୟ ପଦକ୍ଷେପ ନେବା ପାଇଁ ମନ୍ତ୍ରୀ ସ୍ୱାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥି ସହିତ ଚିନି କଳର କର୍ମଚାରୀମାନଙ୍କ ପାଇଁ ସ୍ୱେଚ୍ଛାକୃତ ଅବସର ଯୋଜନା ଲାଗୁ କରିବା ଓ ବରଗଡ଼ ଚିନି କଳର ପୁନରୁଦ୍ଧାର ସମ୍ପର୍କରେ ଆଗ୍ରହୀ ସଂସ୍ଥାମାନଙ୍କ ଠାରୁ ପ୍ରସ୍ତାବ ଆହ୍ୱାନ ପାଇଁ ନିଷ୍ପତ୍ତି ହୋଇଛି। ବରଗଡ଼ ସମବାୟ ଚିନି କଳ ସମ୍ପର୍କିତ ପ୍ରସ୍ତାବଗୁଡ଼ିକ ରାଜ୍ୟ କ୍ୟାବିନେଟ୍‌ରେ ଉପସ୍ଥାପନ ପରେ କାର୍ଯ୍ୟକାରୀ କରାଯିବ ବୋଲି ମନ୍ତ୍ରୀ ସ୍ୱାଇଁ କହିଛନ୍ତି।


## ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧, ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧, ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.oshb.org

ପତ୍ର ସଂଖ୍ୟା: ୧୩ **ବିଜ୍ଞାପନ** ତା ୨୧।୦୧।୨୦

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ସତ୍ୟସାଇ ଏନ୍‌କ୍ଲେଭ୍, ଆଇଗିଣିଆ, ଭୁବନେଶ୍ୱର ହାଉସିଂ ପ୍ରକଳ୍ପରେ ଘର ନଂ.ଏମ୍.ଆଇ.ଜି-୨-୩୩୦ (MIG-II-330)କୁ ରୋହିତ କୁମାର ଅଗ୍ରୱାଲା, ପି-୰ମହାବୀର ପ୍ରସାଦ ଅଗ୍ରୱାଲା, ସା-ଗୃହ ନଂ.-୪, ବିମଳ ହୋତା ଲେନ୍, ପୋ-ବୁଢ଼ାରାଜା, ଥା-ଅଇଁଠାପାଲି, ଜି-ସମ୍ବଲପୁରକୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନକାରୀ ରୋହିତ କୁମାର ଅଗ୍ରୱାଲା ଉକ୍ତ ଗୃହଟିକୁ ତୃତୀୟପକ୍ଷ ଅନ୍ତରଣ ଆଧାରରେ ଶ୍ରୀ ସଂଗ୍ରାମ କେଶରୀ ନାୟକ, ପି-ମାଧବ ଚରଣ ନାୟକ, ସା/ପୋ-ବଛରାଇ, ଭାୟା-ଯଅଁପଡ଼ା, ଥା-ଯଅଁପଡ଼ା, ଥା/ଜି-କେନ୍ଦ୍ରାପଡ଼ାଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ ତା'ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଘରଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।

ସ୍ୱା./- ସହ ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

## ODISHA MODEL TRIBAL EDUCATION SOCIETY (OMTES)

ADIVASI EXHIBITION GROUND, UNIT-1, BBSR-09

Letter No.: 51 Dated: 29.01.2020

**CORRIGENDUM**

No. V-78: In continuance to Letter No.- 02/OMTES, Dtd.04.01.2020 & Letter No.- 27/OMTES, Dtd.22.01.2020 of ODISHA MODEL TRIBAL EDUCATION SOCIETY (OMTES), Bhubaneswar, ଟି.ଆର୍.ଟି.ଏସ୍. (TRTS - 2020) ପ୍ରବେଶିକା ପରୀକ୍ଷା ୦୧।୦୩।୨୦୨୦ ତାରିଖ (ରବିବାର) ପରିବର୍ତ୍ତେ ୦୮।୦୩।୨୦୨୦ (ରବିବାର) ପୂର୍ବାହ୍ନ ୧୦.୦୦ ଘଟିକାଠାରୁ ଅପରାହ୍ନ ୧୨.୦୦ ଘଟିକା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

ସ୍ୱା./- ନିର୍ଦ୍ଦେଶକ (ଅନୁସୂଚିତ ଜନଜାତି)
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ

26009/11/0004/1920

## COLLECTORATE, MALKANGIRI

(ST & SC Dev. Section)

L.No.159 /II-A-03/2020 Date: 28.01.2020

**ORDER**

Sub :- Publication of the valid and reject list of Contractual Teacher in HS/GHS under ST & SC Dev. Department in Malkangiri District.

In pursuance of Advertisement **No.2684 Dated.30.11.2018** for recruitment of contractual teacher in the High School / Girls' High Schools under ST & SC Dev. Department in Malkangiri District the valid and reject list approved by the selection committee is hereby published in the District Website i.e. **www.malkangiri.nic.in** for information of all candidates.

*By order of Collector*
*Sd./- District Welfare Officer, Malkangiri*

## DISTRICT PROJECT OFFICE, RTE-SS, SUNDARGARH

Notice No. 174 Pdg/Date: 29.01.2020

**SHORT TENDER CALL NOTICE FOR PRINTING & SUPPLY OF QUESTION-CUM-BLANK ANSWER SHEETS FOR SUMMATIVE ASSESSMENT-II, 2019-20 and REPORT CARD, 2019-20**

Sealed tenders are invited in plain paper from reputed experienced and tradable offset printers/firms having valid registered GST, PAN & ITCC for printing, packing and supply of question-cum-blank answer sheet (approximately 80 lakh pages) for the Summative Assessment-II, 2019-20 and Report Card (2 lacs approx.) from class-I to class-VIII (Odia /English/Hindi) for all Govt., & Govt. Aided Schools of Sundargarh District. Actual requirement may vary which shall be given to selected firm only at the time of agreement on award of work order.

The details of tender call notice containing specification, terms and conditions may be downloaded from our official website www.sundergarh.nic.in or www.opepa.in or the same may be collected from District Project Office, RTE-SS, Sundargarh. Quotation should be submitted in the envelope duly marked on the top "Quotation for printing & supply of question-cum-answer sheet for Summative Assessment-II, 2019-20" and "Quotation of printing of Students Report Card for 2019-20" to the District Project Office, RTE-SSA, Sundargarh, in front of B.S. High School, At/PO/Dist- Sundargarh, PIN-770001. It must be sent only through registered/speed post on or before 16.02.2020 upto 5.00 PM. The tender paper/bid received after the scheduled time (5.00 PM on 16.02.2020) shall not be taken into consideration. The tender shall be opened at 5.00 PM on dt.17.02.2020 in the office chamber of Collector in the presence of the bidders or their authorized representatives. This office reserves the right to cancel all or part of the tender without assigning any reason thereof.

*By the order of Collector-cum-Chairman*
*Sd./- DPC, RTE-SS, Sundargarh*

## SPORTS AUTHORITY OF INDIA

SAG CENTRE, SANKARA, BHAWANIPUR:SUNDARGARH

Date: 27.01.2020

Selection Trial for induction of new girls trainees, 2020-2021, at SAI SAG Centre, Sundargarh in the disciplines of Athletics, Archery and Hockey will be held on 6th and 7th February, 2020 from 8 A.M.at SAI SAG Centre, Bhawanipur Sports Complex, Sundargarh, Odisha. Only girls between age group 12 Yrs. to 17 Yrs as on 31-03-2020 are eligible to appear in the selection trial. Original Birth Certificate, Educational qualification certificate, Sports Achievement Certificate and Caste Certificate of the candidates are required for verification during trial. Candidate should carry 03 copies recent passport size photographs and Sports Kits with them for the trial.

Sd./-
(Uma Prasad Rao)
Centre In-Charge.

## OFFICE OF THE COACH-IN-CHARGE, SPORTS HOSTEL, BERHAMPUR, BERHAMPUR STADIUM

Email: shbrahmapur@gmail.com
Phone No: (0680) 2228522

Letter No. 25/SHB Date: 24.01.2020

**CORRIGENDUM**

In continuance to Letter No. 12/SHB, Dated 16.01.2020 of Sports Hostel, Berhampur the receipt of Tender Paper Date on 31.01.2020 at 3 PM and opening of the same on 31.01.2020 at 5 PM instead of 30.01.2020 due to some unavoidable circumstances and other details are remained same as per the publication (or go through the Collectorate website **ganjam.nic.in**).

**By order of A.D.M. (Gen.), Ganjam**
Sd./-
Coach-in-Charge
Sports Hostel, Berhampur

## ଓଡିଶା ସରକାର
## ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ

**ପ୍ରସ୍ତାବିତ ଓଡିଶା ରାଜ୍ୟ ଖାଦ୍ୟ ସୁରକ୍ଷା ନିୟମାବଳୀ, 2020 (Odisha State Food Security Rules, 2020) ଉପରେ ସର୍ବସାଧାରଣଙ୍କ ମତାମତ ଆହ୍ୱାନ**

କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଣୀତ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ୍ 2013 (National Food Security Act, 2013) ଅନ୍ତର୍ଗତ ସାଧାରଣ ବଣ୍ଟନ ବ୍ୟବସ୍ଥାକୁ ସୁସଂଗଠିତ କରିବା ପାଇଁ ରାଜ୍ୟ ସରକାର ଓଡିଶା ରାଜ୍ୟ ଖାଦ୍ୟ ସୁରକ୍ଷା ନିୟମାବଳୀ, 2020 (Odisha State Food Security Rules, 2020) ପ୍ରଣୟନ କରିବା ପାଇଁ ସ୍ଥିର କରିଛନ୍ତି। ଏହି ନିୟମାବଳୀ ଅଧିସୂଚନା (Notification) ମାଧ୍ୟମରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର website : www.foododisha.in ରେ ଉପଲବ୍ଧ କରାଯାଇଛି।

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଜାରି କରାଯାଇଥିବା ଅଧିସୂଚନା (Notification) ଉପରେ ଯଦି କାହାର କୌଣସି ମନ୍ତବ୍ୟ, ମତାମତ କିମ୍ବା ପ୍ରସ୍ତାବ ଥାଏ, ତାହା ନିମ୍ନ ଠିକଣାରେ କିମ୍ବା e-mail Id : satyabrata2093@gmail.com ରେ ଆସନ୍ତା 13.02.2020 ସୁଦ୍ଧା ଦାଖଲ କଲେ, ସେ ଗୁଡ଼ିକ ଉପରେ ଯଥୋଚିତ ବିଚାର କରାଯାଇ ଚୂଡ଼ାନ୍ତ ନିୟମାବଳୀ ପ୍ରକାଶ କରାଯିବ।

ଯୁଗ୍ମ ଶାସନ ସଚିବ (NFSA)
ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ
ଲୋକସେବା ଭବନ, ଓଡିଶା, ଭୁବନେଶ୍ୱର

## ଜିଲ୍ଲା କାର୍ଯ୍ୟାଳୟ, ଯାଜପୁର

ପତ୍ର ସଂଖ୍ୟା.DCPU/JPR/31/20 (ଶିଶୁ ସୁରକ୍ଷା ୟୁନିଟ) ତାରିଖ.20.01.2020

**ବିଜ୍ଞପ୍ତି**

ଏତଦ୍ୱାରା ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଗତ ତା୧୦।୦୧।୨୦୨୦ରିଖରେ ଯାଜପୁର ଜିଲ୍ଲାର ବୈରୀ ଥାନା ଅନ୍ତର୍ଗତ ସମିଆ-ଶାଳପଡା ରାସ୍ତା କଡର ଏକ ବବୁରି ଗଛ ନିକଟରୁ ବସନ୍ତ ବିଶ୍ୱାଳ, ଗ୍ରାମ-ତିଳପଦା, ପୋଷ୍ଟ-କଳକଳା, ଥା-ବୈରି, ଜି-ଯାଜପୁର ଏକ ୩ଦିନର ଶିଶୁ କନ୍ୟାକୁ ଉଦ୍ଧାର କରି ଗ୍ରାମର ଅନ୍ୟତମ ସ୍ୱେଚ୍ଛାସେବୀ ପ୍ରଦ୍ୟୁମ୍ନ ପାତ୍ରଙ୍କ ସହାୟତାରେ ଶିଶୁ ମଙ୍ଗଳ କମିଟି, ଯାଜପୁରଙ୍କ ନିକଟରେ ଉପସ୍ଥାପନ କରିଥିଲେ। ପରେ ଶିଶୁ ମଙ୍ଗଳ କମିଟି, ଯାଜପୁରଙ୍କ ନିର୍ଦ୍ଦେଶକ୍ରମେ ଶିଶୁଟିକୁ ଉତ୍କଳ ବାଳାଶ୍ରମ, ଯାଜପୁରସ୍ଥିତ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର ତତ୍ତ୍ୱାବଧାନରେ ଜିଲ୍ଲା ସଦର ମହକୁମା ଚିକିତ୍ସାଳୟଠାରେ ଚିକିତ୍ସିତ ହେଉଅଛି। ଯଦି ଉକ୍ତ ଶିଶୁଟିର ପିତା-ମାତା କିମ୍ବା କୌଣସି ଅଭିଭାବକ/ଆଇନସିଦ୍ଧ ଦାବିଦାର ଥାଆନ୍ତି, ତେବେ ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୩୦ଦିନ ମଧ୍ୟରେ ଅଧ୍ୟକ୍ଷ, ଶିଶୁ ମଙ୍ଗଳ କମିଟି, ଯାଜପୁର (ମୋବାଇଲ-9337810497) କିମ୍ବା ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଯାଜପୁର, ଫୋନ-୦୬୭୨୮-୨୨୩୬୨୨, ୯୪୩୭୨୯୭୭୨୨ ଙ୍କୁ ଯୋଗାଯୋଗ କରି ଉପଯୁକ୍ତ ପ୍ରମାଣ ପତ୍ର ଦେଇ ଶିଶୁଟିକୁ ନେବାପାଇଁ ଦାବି ଉପସ୍ଥାପନ କରିପାରିବେ। ଯଦି ଉକ୍ତ ସମୟ ସୀମା ମଧ୍ୟରେ କେହି ଦାବିଦାର ଦାବି ଉପସ୍ଥାପନ ନ କରନ୍ତି, ତେବେ ଉକ୍ତ ଶିଶୁଟିକୁ କିଶୋର ନ୍ୟାୟ (ଯତ୍ନ ଓ ସୁରକ୍ଷା) ଆଇନ ୨୦୧୫ ଅନୁଯାୟୀ ପୋଷ୍ୟ ସନ୍ତାନ ନିମନ୍ତେ ଆଇନତଃ ଦାୟ ମୁକ୍ତ ଘୋଷଣା କରାଯିବ।

| ଶିଶୁର ଡାକ ନାମ | ଲିଙ୍ଗ | ବୟସ | ଉଦ୍ଧାର କରାଯାଇଥିବା ସ୍ଥାନ | CWC କେସ ନମ୍ବର ଓ ତାରିଖ | ଫଟୋ |
|---|---|---|---|---|---|
| ଆରତୀ | ଝିଅ | ୩ ଦିନ | ସମିଆ - ଶାଳପଡା ରାସ୍ତା ନିକଟସ୍ଥ ଏକ ବବୁରି ଗଛ ନିକଟରୁ | ୦୩/ ୧୦।୦୧।୨୦୨୦ |  |

ସ୍ୱା./- ଜିଲ୍ଲାପାଳ, ଯାଜପୁର

## GOVERNMENT OF ODISHA
## OFFICE OF THE EXECUTIVE ENGINEER
## RURAL WORKS DIVISON-I MALKANGIRI

No.O-941

e-mail :rwd_malkangiri@yahoo.co.in

**NATIONAL COMPETITIVE BIDDING THROUGH e-Procurement**
**Identification No. Online Tender 10/MKG/2019-20**

1. Name of the work : Road and Building works (Detailed in Annexure)
2. Total Number of Works : 05 (Five) Number
3. Tender Cost : Rs. 8.84 Lakhs to Rs. 25.60 Lakhs
4. Class of Contractor : 'D' , 'C' & 'B' Class contractors
5. Period of Completion : (As Per Detailed in Annexure)
6. Other Details:-

| Procurement Officer | Bid Identification No | No of Works | Availability of Tender on-line for bidding | | Last Date & Time of seeking tender clarification | Date and time of opening of tender |
|---|---|---|---|---|---|---|
| | | | From | To | | |
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division-I, Malkangiri | Online Tender /10 / RWD-I, MKG/ 2019-20 | 05(Five) Nos of Road &Building works | 03.02.2020 from 11.00 AM | 12.02.2020 upto 5.00 PM | 11.01.2020 upto 5.00 P.M. | 14.02.2020 at 11.30 AM |

Further details can be seen from the Website www.tenderorissa.gov.in

Executive Engineer
R.W. Division-I, Malkangiri

25058/11/0012/1920

## GOVT. OF ODISHA
## DEPARTMENT OF WATER RESOURCES, O/O THE CHIEF CONSTRUCTION ENGINEER, RENGALI RIGHT IRRIGATION PROJECT, DHENKANAL

No. A-617

Email Id – ccerrip@gmail.com

**'e' Procurement Notice**

The Chief Construction Engineer, Rengali Right Irrigation Project, Mahisapat, Dhenkanal on behalf of the Governor of Odisha invites **on line percentage rate bids** for construction of the work as detailed below:

1. Name of the work : Construction of Jagannathpur Distributary using Hume Pipe from RD. 0.00 km to 2.004 km including construction of its structures & some structures of Gudupada Distributary of Darpani Branch Canal of RBC of RIP.
2. Tender Cost : Rs. 351.84 lakh
3. Bid Document Cost : Rs. 10,000.00 (on line) for each work
4. Bid Security : Rs. 3,51,900.00 (on line)
5. Class of Contractor : 'A' Class & Special Class
6. Period of Completion : 8(Eight) calendar months (243 days)
7. Other details are as follows;

| Procurement Officer | Bid Identification No. | Availability of Tender On- line for bidding | | Date of Opening of Technical Bid (Cover-I) |
|---|---|---|---|---|
| | | From | To | |
| Chief Construction Engineer, RRIP, Dhenkanal | CCERRIP-08/2019-20 | 04.02.2020 10.00 AM | 18.02.2020 5.30 PM | 19.02.2020 11.00 AM |

8. For further details and on line bidding, visit Govt. website *www.tendersodisha.gov.in*

Sd/- Chief Construction Engineer
Rengali Right Irrigation Project, Dhenkanal

32351/11/0008/1920

# ଘର ସଂସାର କରିବେ ଅର୍ଦ୍ଧେନ୍ଦୁ



ଅର୍ଦ୍ଧେନ୍ଦୁ-ପଲ୍ଲବୀ

ବଡ଼ ପରଦାରେ ମିଛିମିଛିକା ବର ସାଜିଛନ୍ତି ସେ। ହେଲେ ଏଥର ସତସତିକା ବରବେଶରେ ଯିବେ। ହଁ, ଓଲିଉଡ୍‌ର ଅନ୍ୟତମ ନାୟକ ଅର୍ଦ୍ଧେନ୍ଦୁ ଘର ସଂସାର କରିବାକୁ ଯାଉଛନ୍ତି। ନିକଟରେ ତାଙ୍କର ରିଂ ସେରିମନି ସମ୍ପନ୍ନ ହୋଇଛି। ହେଲେ ସେ କାହାକୁ ପତ୍ନୀ ଭାବରେ ଗ୍ରହଣ କରୁଛନ୍ତି ଜାଣନ୍ତି? ପିପିଲି ବିଧାୟକ ତଥା ବରିଷ୍ଠ ରାଜନେତା ପ୍ରଦୀପ ମହାରଥୀଙ୍କ କନ୍ୟା ପଲ୍ଲବୀ ମହାରଥୀ। ପଲ୍ଲବୀ ପେସାରେ ଡାକ୍ତର। ଚଳିତବର୍ଷ ଫେବୃୟାରୀରେ ଏହି ହାଇଭୋଲଟେଜ ମ୍ୟାରେଜ ଅନୁଷ୍ଠିତ ହେବ ବୋଲି ଶୁଣିବାକୁ ମିଳୁଛି। ଅର୍ଦ୍ଧେନ୍ଦୁଙ୍କ ଓଲିଉଡ୍ କ୍ୟାରିୟର ଆରମ୍ଭ ହୋଇଥିଲା ସସପେନ୍ସ ଥ୍ରୀଲର ଓଡ଼ିଆ ସିନେମା 'କାଉଁରୀ କନ୍ୟା'ରୁ। ତା'ପରେ 'ଅ ଆ ହର୍ଷେଇ', 'ଟପୋରି', 'ବ୍ଲାକ୍‌ମେଲ୍' ଏବଂ ଚଳିତବର୍ଷ ରିଲିଜ ହୋଇଥିବା 'ମୁଁ ପରଦେଶୀ ଚଢ଼େଇ'ରେ ସେ ଅଭିନୟ କରିସାରିଛନ୍ତି। ବିଶେଷଭାବରେ 'ବ୍ଲାକ୍‌ମେଲ୍' ଚଳଚ୍ଚିତ୍ରରେ ଅର୍ଦ୍ଧେନ୍ଦୁ-ତମନ୍ନାଙ୍କୁ ନେଇ ଦୃଶ୍ୟାୟିତ ଡୁଏଟ୍ ଗୀତ 'ହାଏ ତୋ ପ୍ରେମର ରଙ୍ଗୋଲି' ବେଶ୍ ଚର୍ଚ୍ଚିତ ହୋଇଥିଲା।

# ଅତୀତରୁ....

■ 'ବାଟ ଅବାଟ' ସିନେମାର ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ ଅଜିତ ଦାସ ଏବଂ ତାଙ୍କର ନାୟିକା ଭୂମିକାରେ ଅବତୀର୍ଣ୍ଣ ହୋଇଥିଲେ ମହାଶ୍ୱେତା ରାୟ। ବୃନ୍ଦାବନ ଜେନା ନିର୍ଦ୍ଦେଶନା ଦେଇଥିବା ବେଳେ ସଙ୍ଗୀତ ଦାୟିତ୍ୱ ତୁଲାଇଥିଲେ ଭୁବନ-ହରି।

■ 'ଅକ୍ଷୟ ତୃତୀୟା'ର ନିର୍ଦ୍ଦେଶନା ଦେଇଥିଲେ ସୁଶୀଲ ମୁଖାର୍ଜୀ। ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ ଶରତ ପୂଜାରୀ, ଅନିତା ଦାସ, ଦୀପା ସାହୁ, ପ୍ରସନ୍ନ ମିଶ୍ର ପ୍ରମୁଖ କଳାକାର।

■ ଧୀର ବିଶ୍ୱାଳଙ୍କ ପ୍ରଯୋଜିତ ପୌରାଣିକ ଚଳଚ୍ଚିତ୍ର 'ରାମାୟଣ' ଗୀତଗୁଡ଼ିକ ଏବେ ମଧ୍ୟ ସିନେପ୍ରେମୀଙ୍କ ମନରେ ସତେଜ ହୋଇ ରହିଛି। ଗୀତଗୁଡ଼ିକୁ ସ୍ୱର ଦେଇଥିଲେ ବିଶିଷ୍ଟ ସ୍ୱର ସଂଯୋଜକ ପ୍ରଫୁଲ୍ଲ କର। ଉତ୍ତମ ମହାନ୍ତି, ଶୁଭ୍ରା ପତି, ଧୀର ବିଶ୍ୱାଳ ପ୍ରମୁଖ କଳାକାରଙ୍କ ନିଖୁଣ ଅଭିନୟ ଚଳଚ୍ଚିତ୍ରଟିକୁ ହିଟ୍ ପର୍ଯ୍ୟାୟଭୁକ୍ତ କରିଥିଲା।

■ ଓଡ଼ିଆ ଚଳଚ୍ଚିତ୍ର 'ବତାସୀ ଝଡ଼'ର ପ୍ରଯୋଜନା କରିଥିଲେ ଆରତୀ ଦାସ। ରମେଶ ମହାନ୍ତିଙ୍କ ନିର୍ଦ୍ଦେଶିତ ଏହି ସିନେମାର ନାୟକ ସାଜିଥିଲେ ଅକ୍ଷୟ ମହାନ୍ତି (କାଶ୍ୟପ)। ଏଥିରେ କାଶୀ ରଥ, ଜୟାଙ୍କୁ ମଧ୍ୟ ଦେଖିବାକୁ ମିଳିଥିଲା।



ଅନିତା ଦାସ

■ ଓଡ଼ିଆ ସିନେମା 'କାଚଘର'ର ପ୍ରଯୋଜନା ଦାୟିତ୍ୱ ତୁଲାଇଥିଲେ କାମିନୀ ତ୍ରିପାଠୀ । ଏହାର ନିର୍ଦ୍ଦେଶନା ଦେଇଥିଲେ ବ୍ୟୋମକେଶ ତ୍ରିପାଠୀ। ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ ସୁରେଶ, ଜ୍ୟୋତ୍ସ୍ନା, ବିନୋଦ, ବିନି ପ୍ରମୁଖ କଳାକାର।



ବରୁଣ-ନତାଶା

# ମେ'କୁ ଅପେକ୍ଷା

ଦୀର୍ଘ ଦିନ ହେବ ପ୍ରେମ ରାଇଜରେ ଉଡ଼ି ବୁଲୁଥିବା ବରୁଣ ଏବଂ ନତାଶା ଶେଷରେ ହାତକୁ ଦି' ହାତ ହେବାକୁ ଯାଉଛନ୍ତି। ଶୁଣିବାକୁ ମିଳୁଛି ଯେ ଏହି ଯୋଡି ଚଳିତବର୍ଷ ମେ' ମାମରେ ବିବାହ ବନ୍ଧନରେ ଆବଦ୍ଧ ହେବେ। ହେଲେ ଦୁଇ ପରିବାର ପକ୍ଷରୁ ଏ ନେଇ କୌଣସି ଆନୁଷ୍ଠାନିକ ଘୋଷଣା କରାଯାଇନାହିଁ। ଏ ସମ୍ପର୍କରେ ବରୁଣ କହନ୍ତି, 'ଆମେ ଦୁହେଁ ଖୁବ୍ ଶୀଘ୍ର ମ୍ୟାରେଜ କରିବୁ। ହେଲେ ମେ' ମାସରେ ବିବାହ ହେବ ବୋଲି ଯାହା ଶୁଣାଯାଉଛି ତାହା ହୁଏତ ସତ ହୋଇପାରେ। ହେଲେ ନିର୍ଦ୍ଦିଷ୍ଟ ତାରିଖ ଫାଇନାଲ ହେଲେ ଆପଣମାନେ ବଳେ ବଳେ ଜାଣିପାରିବେ।' ତେବେ ଏହି ଶୁଭଦିନ କେବେ ଆସୁଛି ତାହା ଜାଣିବାକୁ ବାକି ରହିଲା।



ଜ୍ୟୋତି-ଖୁସି

# କେତେବେଳେ ହିରୋ କେତେବେଳେ ଜିରୋ

ଖୁସି କ୍ରିଏସନ୍ସ ବ୍ୟାନରରେ ନିର୍ମିତ ହୋଇଛି ନୂଆ ଓଡ଼ିଆ ସିନେମା 'ହିରୋ ନଂ ଜିରୋ'। ଚିତ୍ରର କାହାଣୀ, ଚିତ୍ରନାଟ୍ୟ ରଚନା ସହ ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇଛନ୍ତି 'ପ୍ରେମ ପାଇଁ ମହାଭାରତ'ର ନିର୍ଦ୍ଦେଶକ ନିରଞ୍ଜନ ବେହେରା। ଖାସ୍ କଥା ହେଲା ଏହାର ମେଲ୍ ଲିଡ୍‌ରେ ଅଭିନୟ କରୁଥିବା ଜ୍ୟୋତି ନାୟକଙ୍କୁ ଦର୍ଶକ ଡବଲ ରୋଲ୍‌ରେ ଦେଖିବାକୁ ପାଇବେ। ନବାଗତା ଖୁସି ଏହି ଫିଲ୍ମରୁ ନାୟିକା ଭାବରେ ନିଜର ଓଲିଉଡ୍ କ୍ୟାରିୟର ଆରମ୍ଭ କରିବାକୁ ଯାଉଛନ୍ତି। ସ୍ମୃତିରଞ୍ଜନ ବିଶ୍ୱାଳଙ୍କ ପ୍ରଯୋଜନାରେ ପ୍ରସ୍ତୁତ ହେବାକୁ ଯାଉଥିବା ଉକ୍ତ ସିନେମା ସମ୍ପର୍କରେ ନିରଞ୍ଜନ କହନ୍ତି, 'ଏହାର କାହାଣୀ ସମ୍ପୂର୍ଣ୍ଣ ମୌଳିକ ଏବଂ କୌଣସି ଫିଲ୍ମରୁ କପି କରାଯାଇ ନାହିଁ। ଏଥିରେ ଲଭ୍, ଇମୋଶନ, ଆକ୍ସନ ରହିଛି। କାରଣ ମୋ ନିର୍ଦ୍ଦେଶିତ ପ୍ରଥମ ଫିଲ୍ମ 'ପ୍ରେମ ପାଇଁ ମହାଭାରତ'ର ସଫଳତା ପରେ ଏହି ଫିଲ୍ମଟି କିପରି ସବୁ ଦୃଷ୍ଟିରୁ ସରସ ସୁନ୍ଦର ହେବ ସେ ନେଇ ନିଶ୍ଚୟ ଚେଷ୍ଟା କରିଛି।' ଚିତ୍ରରେ ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ମଳୟ ମିଶ୍ର। ଜ୍ୟୋତି-ଖୁସି ଯୋଡ଼ି ବ୍ୟତୀତ ପ୍ରଦ୍ୟୁମ୍ନ ଲେଙ୍କା, ବବି ମିଶ୍ର, ଶ୍ରୀତମ ଦାସ, ବିଜୁ ବଡ଼ଜେନା, ପୃଥ୍ୱୀରାଜ ନାୟକ, ପ୍ରତିଭା ପଣ୍ଡା ପ୍ରମୁଖ କଳାକାର ଅଭିନୟ କରିଛନ୍ତି। ଫିଲ୍ମର ଶୁଟିଂ ଶେଷ ହୋଇଛି ଏବଂ ଏହା ଖୁବ୍ ଶୀଘ୍ର ରିଲିଜ ହେବ ବୋଲି ସୂଚନା ଦେଇଛନ୍ତି ନିର୍ଦ୍ଦେଶକ।

# ଶେଷରେ ଅନନ୍ୟା

ଯାହାହେଉ ଶେଷରେ କରନ୍ ଟେନସନରୁ ମୁକ୍ତ ହେଲେ। କଥା କ'ଣ କି ତାଙ୍କର ଆଗାମୀ ଫିଲ୍ମ 'ଫାଇଟର'ର ନାୟିକା କିଏ ହେବ ସେ ନେଇ ଅଡୁଆରେ ପଡିଥିଲେ ସେ। ପ୍ରଥମେ ଏଥିପାଇଁ ଆଲିୟା ଭଟ୍ଟଙ୍କୁ ଯୋଗାଯୋଗ କରାଯାଇଥିଲା। ହେଲେ ନିଜର ବ୍ୟସ୍ତବହୁଳ କାର୍ଯ୍ୟସୂଚୀ ପାଇଁ ସେ ଏଥିରେ ଅଭିନୟ କରିବାକୁ ମନା କରିଦେଇଥିଲେ। ତା'ପରେ ଜାହ୍ନବୀ କପୁର, ସାରା ଅଲ୍ଲୀ ଖାନଙ୍କ ନାମକୁ ବିଚାର ପରିସରକୁ ନେଇଥିଲେ କରନ୍ ଜୋହର। ହେଲେ ସେମାନେ ମଧ୍ୟ ରାଜି ହୋଇ ନ ଥିଲେ। ଶେଷରେ ଅନନ୍ୟାଙ୍କୁ ଅଫର ଦିଆଯାଇଥିଲା ଏବଂ ସେ ଏଥିରେ ଅଭିନୟ କରିବାକୁ ରାଜି ହୋଇଛନ୍ତି। ଆକ୍ସନଭିତ୍ତିକ ଏହି ଫିଲ୍ମର ଲିଡ୍ ରୋଲ୍‌ରେ ଅଭିନୟ କରିବେ ବିଜୟ ଦେବେରାକୋଣ୍ଡା। ଫିଲ୍ମଟିର ନିର୍ଦ୍ଦେଶନା ଦେବେ ପୁରୀ ଜଗନ୍ନାଡ। ଏହି ଫିଲ୍ମ ପାଇଁ ନିଜକୁ ଫିଟ୍ ରଖିବାକୁ ବିଜୟ ବର୍ତ୍ତମାନ ବ୍ୟାଙ୍କକ୍‌ରେ ଅଛନ୍ତି। ଏହି ଚଳଚ୍ଚିତ୍ରଟି ଚଳିତ ବର୍ଷ ମେ' ମାସରେ ରିଲିଜ ହେବାର ଯୋଜନା ରହିଛି।



ଅପେରା ହାଲ୍‌ଚାଲ୍

# ଖଣ୍ଡଗିରି ଅପେରା ଲଢ଼େଇ କିଏ ମାରିବ ବାଜି

ଖଣ୍ଡଗିରି ଅପେରା ଲଢ଼େଇ ଆଉ ଦିନ କେଇଟା ବାକି ରହିଲା। ପ୍ରତିବର୍ଷ ପରି ଏବର୍ଷ ଅପେରା ପାର୍ଟିଗୁଡ଼ିକ ଯାତ୍ରାପ୍ରେମୀଙ୍କୁ ଭରପୂର ମନୋରଞ୍ଜନ ଦେବାକୁ ଆଶାବାଦୀ। ହେଲେ କେଉଁ ପାର୍ଟିର ନାଟକ ଦର୍ଶକଙ୍କ ମନକୁ ଜିଣୁଛି ତାହା ଶେଷରେ ହିଁ ଜଣାପଡ଼ିବ। ଏଥର ଖଣ୍ଡଗିରି ଅପେରା ମେଳା ଫେବୃୟାରୀ ୫ରୁ ଆରମ୍ଭ ହେଉଛି। ଚଳିତବର୍ଷ ଛଅଟି ସ୍ଥାନରେ ୧୨ଟି ଅପେରା ପାର୍ଟି ନାଟକ ପରିବେଷଣ କରିବେ। ଏଥର ଏହି ମେଳାକୁ ନେଇ ଅପେରା ପାର୍ଟିଗୁଡିକ ଯେତିକି ଉତ୍ସାହିତ ତା'ଠାରୁ ଅଧିକ ଉତ୍ସାହିତ ଅଛନ୍ତି ଯାତ୍ରା ଦର୍ଶକ। ପାଖାପାଖି ଦୁଇ ସପ୍ତାହ ଧରି ଏହି ହାଇଭୋଲଟେଜ ଅପେରା ଲଢ଼େଇ ଚାଲିବ। ଏଥର ପରିବେଷିତ ହେବାକୁ ଥିବା ଚର୍ଚ୍ଚିତ ନାଟକଗୁଡ଼ିକ ମଧ୍ୟରେ ରହିଛି -'କଥା ଦିଅ ମତେ କରିବନି ପର (ମାୟାନଗରୀ), ସାବିତ୍ରୀ କରୁଛି ସ୍ୱାମୀ ନିଲାମ, କହିଦେଲେ କଥା ସରିଯିବ (ତୁଳସୀ), ସିନ୍ଦୂର ହାତରେ ନାହିଁ ସିନ୍ଦୂର, ସାବତ ସ୍ୱାମୀ (ସ୍ୱର୍ଣ୍ଣମହଲ), ଆଖି ଅବୁଝାକୁ ଲୁହ ଅବୁଝା, କଂସ (କୋଣାର୍କ), ମାଣିକକୁ କିଏ ମାଇଲା ମାଡ, ଭାଇ ଭଉଣୀର ନୂଆ କାହାଣୀ (ଇନ୍ଦ୍ରଭୁବନ), ସେଇ ଦିନ କଥା ମନେ ଅଛି ତ, କାଳିଦାସର ନୂଆ କାହାଣୀ, କର୍ଣ୍ଣ ଖୋଜୁଛି ନୂଆ ଠିକଣା (ଧଉଳି), ଶ୍ରାବଣ ମାସର ଶେଷ ଚିଠି (କଳିଙ୍ଗ), ରଙ୍ଗ ଲଗେଇଛି ରଙ୍ଗନାଗରୀ, ବୋଉଲୋ ମୁଁ ବୋହୂ ହେବିନି (ଶିବାନୀ), ସିଆଇଡି ଦୟା, ବାପା ବୋଉ ତମେ ଭୁଲ କଲ (ସ୍ୱପ୍ନ ମହଲ), ବଡ଼ଦାଣ୍ଡ ଭିକାରି, ମୁଁ ଭଦ୍ରକିଆ ଟୋକା (ରଙ୍ଗମହଲ) ଏବଂ ଲକ୍ଷେ ଶିବ ପୂଜି ପାଇଛି ତୋତେ, ମାୟାବିନୀ ମୌସୁମୀ (ସୂର୍ଯ୍ୟମନ୍ଦିର)। ଖଣ୍ଡଗିରି ଅପେରା ମେଳା ଆରମ୍ଭ ହେବାର ଦିନ ଯେତିକି ପାଖେଇ ଆସୁଛି ଉତ୍କଣ୍ଠା ସେତିକି ବଢ଼ି ଚାଲିଛି। ତେବେ ଏଥର ଏହି ଲଢ଼େଇ ଦର୍ଶକଙ୍କ ଆଶାକୁ କେତେ ପୂରଣ କରୁଛି ତାହା ଦେଖିବାକୁ ବାକି ରହିଲା।

# ବଲିଉଡ୍ ହାଲ୍‌ଚାଲ୍

■ ବଲିଉଡ୍‌ରେ ଏବେ କେବଳ ୧୦୦କୋଟି ନୁହେଁ, ୩୦୦କୋଟି ଆୟ କରି କେତେକ ସିନେମା ଚର୍ଚ୍ଚାର ପରିସରକୁ ଆସୁଛି। ହେଲେ ଜାଣିଛନ୍ତି, କେଉଁ ସିନେମା ପ୍ରଥମେ ୧୦୦କୋଟି କ୍ଲବ୍‌ରେ ସାମିଲ ହୋଇଥିଲା। ହଁ, ଫିଲ୍ମଟି ହେଲା 'ଗଜନୀ', ଯାହାର ଲିଡ୍ ରୋଲ୍‌ରେ ଅଭିନୟ କରିଥିଲେ ଆମୀର ଖାନ୍।

■ କରନ୍ ଜୋହରଙ୍କ 'କରନ୍ ଅର୍ଜୁନ' ସୁପରହିଟ୍ ହୋଇଥିଲା। ଏଥିରେ ଶାହରୁଖ, ସଲମାନ ଏବଂ କାଜୋଲ ଅଭିନୟ କରିଥିଲେ। ହେଲେ ସଲମାନ ଯେଉଁ ରୋଲ୍‌ରେ ଅଭିନୟ କରିଥିଲେ ସେଥିପାଇଁ ପ୍ରଥମ ଚଏସ ଥିଲେ ଅଜୟ ଦେବଗନ। ହେଲେ ଅଜୟ ରାଜି ନ ହେବାରୁ ସଲମାନଙ୍କୁ ଅଫର ଦିଆଯାଇଥିଲା ଏବଂ ସଲୁ ମିଆଁ ଅଭିନୟ କରିବାକୁ ରାଜି ହୋଇଥିଲେ।

■ ବଲିଉଡ୍‌ର ବିଗତ ଦିନର ନାୟକଙ୍କ ମଧ୍ୟରେ ରିଷି କପୁର ବେଶ୍ ଲୋକପ୍ରିୟତା ଅର୍ଜନ କରିଥିଲେ। ସେ ସମୟରେ ସେ ଥିଲେ ଅନ୍ୟତମ ରୋମାଣ୍ଟିକ ନାୟକ। ସେତେବେଳେ ତାଙ୍କ ଅପୋଜିଟ୍‌ରେ ୨୦ ନାୟିକା ନିଜର ଆକ୍ଟିଂ କ୍ୟାରିୟର ଆରମ୍ଭ କରିଥିଲେ।

■ ବିଶ୍ୱର ସବୁଠାରୁ ଦୀର୍ଘତମ ଫିଲ୍ମଟି ହେଲା ବଲିଉଡ୍‌ର 'ଏଲଓସି କାରଗିଲ୍'। ଏହି ଫିଲ୍ମର ଅବଧି ଥିଲା ୪ ଘଣ୍ଟା ୨୫ ମିନିଟ୍।

■ ଆଶୁତୋଷ ଗୋୱାରିକରଙ୍କ ନିର୍ଦ୍ଦେଶନାରେ ନିର୍ମିତ ହୋଇଥିଲା 'ଲଗାନ'। ଏଥିରେ ସର୍ବାଧିକ ସଂଖ୍ୟକ ବ୍ରିଟିଶ ଅଭିନେତା ଅଭିନୟ କରିଥିଲେ।



ରିଷି କପୁର

| Dollar | Sensex | Nifty | Gold | Silver |
|---|---|---|---|---|
| 71.24 (7) | 41,198.66 (231.80) | 12,129.50 (73.70) | 41,019.00 (₹182) | 46,610.00 (₹1083) |

"୨୦୨୧ ସୁଦ୍ଧା ରେଳପଥର ସମସ୍ତ କୋଚ୍ ଏବଂ ୱାଗନରେ ଆର୍‌ଏଫ୍‌ଆଇଡି ଟ୍ୟାଗ୍ ସଂଯୋଗ କରାଯିବାକୁ ଲକ୍ଷ୍ୟ ରଖାଯାଇଛି।

– ରାଜେଶ ଅଗ୍ରୱାଲ, ରେଳ ବୋର୍ଡ ସଦସ୍ୟ



"୬ ଅଧିକ ରୁଟ୍‌କୁ ହାଇସ୍ପିଡ୍ କରିଡର ଭାବେ ରୂପାନ୍ତରିତ କରିବାକୁ ଚିହ୍ନଟ କରାଯାଇଛି। ବର୍ଷେ ମଧ୍ୟରେ ଡିପିଆର୍ ଆସିବ।

– ଭି.କେ.ଯାଦବ, ରେଳ ବୋର୍ଡ ଅଧ୍ୟକ୍ଷ



# ୩୧ରୁ ବ୍ୟାଙ୍କ ଧର୍ମଘଟ

ଭୁବନେଶ୍ୱର,୨୯–୧




ଖବରଦାତା ସମ୍ମିଳନୀରେ ବିଭିନ୍ନ ବ୍ୟାଙ୍କ ସଂଘର କର୍ମକର୍ତ୍ତା।

ୟୁନାଇଟେଡ ଫୋରମ ଅଫ ବ୍ୟାଙ୍କ ୟୁନିୟନ୍ସ(ୟୁଏଫ୍‌ବିୟୁ) ପକ୍ଷରୁ ଚଳିତ ମାସ ୩୧ (ଶୁକ୍ରବାର) ଏବଂ ୧ ଫେବୃୟାରୀ (ଶନିବାର) ୨ ଦିନିଆ ଦେଶ ବ୍ୟାପୀ ଧର୍ମଘଟ ଡାକରା ଦିଆଯାଇଛି। ଏହି ଦିନଗୁଡିକରେ ଦେଶର ୧୦ ଲକ୍ଷ ବ୍ୟାଙ୍କ କର୍ମଚାରୀ ଧାରଣାକୁ ଓହ୍ଲାଇବେ ବୋଲି ସଙ୍ଗଠନ ପକ୍ଷରୁ ଏଠାରେ ଏକ ଖବରଦାତା କାର୍ଯ୍ୟକ୍ରମରେ ସୂଚନା ଦିଆଯାଇଛି। ଗୁରୁବାର ସରସ୍ୱତୀ ପୂଜା ଯୋଗୁ ବ୍ୟାଙ୍କ ବନ୍ଦ ରହିବ। ଶୁକ୍ରବାର, ଶନିବାର ଧର୍ମଘଟ ଏବଂ ରବିବାର ବ୍ୟାଙ୍କ ଛୁଟି ଥିବାରୁ କାରବାର ବନ୍ଦ ରହିବ। ମୋଟା ମୋଟି ଭାବେ କହିବାକୁ ଗଲେ ୪ ଦିନ ବ୍ୟାଙ୍କ ବନ୍ଦ ରହିବ। ଏହି ଧର୍ମଘଟରେ ରାଜ୍ୟର ୪୦ ହଜାର କର୍ମଚାରୀ ସାମିଲ ହେବେ ବୋଲି ସୂଚନା ରହିଛି। ସେହିଭଳି ୫ ହଜାର ବ୍ୟାଙ୍କ ଶାଖା ଏହି ସମୟରେ ବନ୍ଦ ରହିବ।

ଏଆଇବିଇଏ, ଏଆଇବିଓସି, ଏନ୍‌ସିବିଇ, ଏଆଇବିଓଏ, ବିଇଏଫ୍‌ଆଇ, ଆଇଏନ୍‌ବିଇଏଫ୍, ଆଇଏନ୍‌ବିଓସି, ଏନ୍‌ଓବିଡବ୍ଲ୍ୟୁ ଏବଂ ଏନ୍‌ଓବିଓ ଭଳି ସଂଘ ଧର୍ମଘଟରେ ସାମିଲ ହେବେ। କର୍ମଚାରୀମାନେ ୧୨ ଦଫା ଦାବି ନେଇ ଏହି ଧର୍ମଘଟ ଡାକରା ଦେଇଛନ୍ତି। ମଜୁରି ସଂଶୋଧନରେ ୨୦% ବୃଦ୍ଧି, ୫ ଦିନ କାର୍ଯ୍ୟ ଦିବସ, ବେସିକ ପେ ସହ ସ୍ୱତନ୍ତ୍ର ଭତ୍ତା ମିଶ୍ରଣ, ସ୍ୱତନ୍ତ୍ର ପେନସନ ସ୍କିମ, ପରିବାର ପେନସନ ବୃଦ୍ଧି ଭଳି ଦାବି କର୍ମଚାରୀମାନେ ରଖିଛନ୍ତି। ଦାବି ଉପରେ ବିହିତ ପଦକ୍ଷେପ ଗ୍ରହଣ କରାନ ଗଲେ ମାର୍ଚ୍ଚ ମାସ ୧୧,୧୨ ଏବଂ ୧୩ ତାରିଖରେ ୩ ଦିନ ଧର୍ମଘଟ ହେବ। ପୁଣି ଯଦି ଦାବି ପୂରଣ ନ ହୁଏ ତେତେ ଏପ୍ରିଲ ପହିଲାରୁ ଅନିର୍ଦ୍ଦିଷ୍ଟ କାଳ ଲାଗି କର୍ମଚାରୀମାନେ ଧାରଣା ଦେବେ। କର୍ମଚାରୀଙ୍କ ଦାବିର ସମାଧାନ ଲାଗି ମୁଖ୍ୟ ଶ୍ରମ କମିଶନର, ଶ୍ରମ ମନ୍ତ୍ରଣାଳୟ ଏବଂ କେନ୍ଦ୍ର ସରକାରଙ୍କ ପକ୍ଷରୁ ଚଳିତ ମାସ ୨୭ରେ ନୂଆଦିଲ୍ଲୀରେ ବସିଥିବା ବୈଠକରେ ଆଇବିଏ କଠୋର ଆଭିମୁଖ୍ୟ ଗ୍ରହଣ କରିଥିଲା। କର୍ମଚାରୀଙ୍କ ଦାବି ଉପରେ ବୈଠକରେ କୌଣସି ନିର୍ଯାସ ବାହାରି ପାରିନାହିଁ। ଗତ ୩୦ ମାସ ଧରି କର୍ମଚାରୀମାନେ ଧୈର୍ଯ୍ୟର ସହ ଅପେକ୍ଷା କରିବା ସହ ଲୋକମାନେ ପ୍ରଭାବିତ ନ ହେଲା ଭଳି ଧର୍ମଘଟ କରି ନ ଥିଲେ। ହେଲେ ଆଇବିଏ କର୍ମଚାରୀଙ୍କ ସମସ୍ୟା ପ୍ରତି କର୍ଣ୍ଣପାତ କରୁ ନ ଥିବା ଯୋଗୁ କୌଣସି ବିକଳ୍ପ ନ ପାଇ ସଂଘ ପକ୍ଷରୁ ଧର୍ମଘଟ ନିଷ୍ପତ୍ତି ନିଆଯାଇଛି।

ବ୍ୟାଙ୍କ କର୍ମଚାରୀ ଏବଂ ଅଧିକାରୀଙ୍କ ବେତନ ଏବଂ ସେବା ସର୍ତ୍ତାବଳୀ ୫ ବର୍ଷରେ ସଂଘର ଦାବି ଏବଂ ଆଇବିଏ ଆଲୋଚନା ଦ୍ୱାରା ନିର୍ଦ୍ଧାରଣ ହୋଇଥାଏ। ସେହି ଅନୁଯାୟୀ ଶେଷ ରାଜିନାମା ଅବଧି ୨୦୧୨ ନଭେମ୍ବରରୁ ୨୦୧୭ ଅକ୍ଟୋବର ଯାଏ ରହିଥିଲା। ଏହି ଆଧାରରେ ମଜୁରି ସଂଶୋଧନ ୨୦୧୭ ନଭେମ୍ବର ପହିଲାରୁ ହେବା ଆବଶ୍ୟକ ଥିଲା। ମଜୁରିଖି ସଂଶୋଧନର ବିଳମ୍ବିତ ପ୍ରକ୍ରିୟା, ଗତ ୩୦ ମାସ ଧରି କ୍ରମାଗତ ଆଲୋଚନାରେ ବିଫଳତା, କାର୍ଯ୍ୟଚାପ, ଦରଦାମ ବୃଦ୍ଧି ଭଳି ପ୍ରସଙ୍ଗକୁ ଆଧାର କରି ଧର୍ମଘଟ ଡାକରା ଦିଆଯାଇଛି ବୋଲି ସଂଘ ଗୁଡିକ ପକ୍ଷରୁ କୁହାଯାଇଛି। କାର୍ଯ୍ୟକ୍ରମରେ ୟୁଏଫ୍‌ବିୟୁ ସଂଯୋଜକ ସମ୍ବିତ ମିଶ୍ର, ଏଆଇବିଓସି ରାଜ୍ୟ ସମ୍ପାଦକ ସବ୍ୟସାଚୀ ସ୍ୱାଇଁ, ଏନ୍‌ସିବିଇ ପ୍ରତିନିଧି ଅନୀଲ ପ୍ରଧାନ, ଏଆଇବିଇଏ ସାଧାରଣ ସମ୍ପାଦକ ମନୋରଞ୍ଜନ ଦାଶ, ବିଇଏଫ୍‌ଆଇ ସାଧାରଣ ସମ୍ପାଦକ ପ୍ରକାଶ ରାୟ, ଏଆଇବିଓସି ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ଦାମୋଦର ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

- ଆଜିଠାରୁ ୪ ଦିନ ବନ୍ଦ ରହିବ ବ୍ୟାଙ୍କ
- ଧର୍ମଘଟରେ ସାମିଲ ହେବେ ରାଜ୍ୟର ୪୦ ହଜାର କର୍ମଚାରୀ
- ପ୍ରାୟ ୫ ହଜାର ଶାଖା ବନ୍ଦ ହେବା ଆଶଙ୍କା
- ବନ୍ଦ ରହିବନି ଘରୋଇ ବ୍ୟାଙ୍କ କାରବାର

# ଆର୍ଥିକ ଲକ୍ଷ୍ୟ ଆଧାରରେ ଏସ୍‌ଆଇପି

## ଅର୍ଥର ଅର୍ଥ



Rupkumar Pradhan
CERTIFIED FINANCIAL PLANNER$^{CM}$, CHARTERED WEALTH MANAGER
"Director, SmartFin Wealth Management Pvt. Ltd."

'ଧରିତ୍ରୀ' ପକ୍ଷରୁ 'ଅର୍ଥର ଅର୍ଥ' ଶୀର୍ଷକ ଫାଇନାନ୍‌ସିଆଲ କାଉନ୍‌ସେଲିଂ ପ୍ରଶ୍ନୋତ୍ତର ସ୍ତମ୍ଭ ଗୁରୁବାର ପ୍ରକାଶ ପାଉଛି। ତେଣୁ ଆମର ପ୍ରିୟ ପାଠକବନ୍ଧୁ ଆପଣ କ୍ୟାପିଟାଲ ମାର୍କେଟ, ଶେୟାର ବଜାର, ବ୍ୟାଙ୍କିଙ୍ଗ୍, ମ୍ୟୁଚୁଆଲ ଫଣ୍ଡ ତଥା ବ୍ୟକ୍ତିଗତ ଫାଇନାନ୍ସ ଉପରେ ପ୍ରଶ୍ନ ଆମକୁ ଚିଠି ମାଧ୍ୟମରେ ପଚାରି ପାରିବେ।

**ମାସିକ ୩୦୦୦ ଟଙ୍କା ମ୍ୟୁଚୁଆଲ ଫଣ୍ଡ 'ଏସଆଇବି'ରେ ନିବେଶ କରୁଛି। ଆସନ୍ତା ୫ ବର୍ଷ ପରେ କେତେ ଟଙ୍କା ପାଣ୍ଠି ହେବ ? ଠିକ୍ ନିବେଶ କରିଛି ତ?**

**– ଭୋଳାନାଥ ବ୍ରହ୍ମା, ବ୍ରହ୍ମପୁର, ଗଞ୍ଜାମ**

▶ ମ୍ୟୁଚୁଆଲ ଫଣ୍ଡରେ ବିଭିନ୍ନ ପ୍ରକାରର ସ୍କିମ୍ ଅଛି। ଡେବ୍ଟ କିମ୍ବା ଇକ୍ୱିଟି ଭିତରେ ଅନେକ ସ୍କିମ୍ ଅଛି। ଆପଣ କେଉଁ ସ୍କିମରେ ନିବେଶ କରିଛନ୍ତି ଏ ବିଷୟରେ ଲେଖିନାହାନ୍ତି। ମ୍ୟୁଚୁଆଲ ଫଣ୍ଡର ନିବେଶ ପୁଞ୍ଜୀ ବଜାର ସହିତ ଜଡିତ ଓ ଲାଭ ମଧ୍ୟ ସେହି ଅନୁଯାୟୀ ମିଳିଥାଏ। ଯଦି ଆପଣ ଡାଇଭର୍ସିଫାଏଡ ଇକ୍ୟୁଟି ଫଣ୍ଡରେ ନିବେଶ କରିଛନ୍ତି ତେବେ ଆପଣଙ୍କ ଲାଭ ସ୍କିମର ନିବେଶ ଫଳାଫଳ ଉପରେ ନିର୍ଭର କରିଥାଏ। ବିଗତ ବର୍ଷ ଭିତରେ ଯେଉଁ ଫଣ୍ଡ ସବୁ ୨୦ ବର୍ଷ ଅତିକ୍ରମ କରିଯାଇଛନ୍ତି ପ୍ରାୟତଃ ବାର୍ଷିକ ୧୪%–୨୬% ଭିତରେ ଲାଭ ପ୍ରଦାନ କରିଛନ୍ତି।

ଯଦି ଆପଣ ଡାଇଭର୍ସିଫାଏଡ ଇକ୍ୟୁଟି ମ୍ୟୁଚୁଆଲ ଫଣ୍ଡ ନିବେଶ କରିଛନ୍ତି ଓ ବାର୍ଷିକ ସୁଧହାର ବା ଲାଭ ପ୍ରଦାନ ୧୨% ଧରିନେବେ ତେବେ ଆପଣ ୫ବର୍ଷ ନିବେଶ କରି (୬୦ଟି କିସ୍ତି ଓ ୧୮୦,୦୦୦ ନିବେଶ) ୨୪୭,୪୫୯ ଟଙ୍କା (୨.୪୭ ଲକ୍ଷ) ଏକ ପାଣ୍ଠି ଗଠନ କରିପାରିବେ। ଯଦି ଆପଣ ଫଣ୍ଡ ବାର୍ଷିକ ୧୫% ସୁଧହାର ପ୍ରଦାନ କରିବ ତେବେ ୨୬,୯୦୪୫ ଟଙ୍କାର ଏକ ପାଣ୍ଠି ଗଠନ କରିପାରିବେ। ଏସ୍‌ଆଇପି (ସିଷ୍ଟମେଟିକ ଇନଭେଷ୍ଟମେଣ୍ଟ ପ୍ଲାନ ମାଧ୍ୟମରେ ନିବେଶ କରି ପୁଞ୍ଜୀ ବଜାରର ଦୋଳୟମାନ ଅବସ୍ଥା ଭିତରେ ଦୀର୍ଘକାଳୀନ ନିବେଶ ଭଲ ଲାଭ ପାଇପାରିବେ। କିନ୍ତୁ ଆପଣଙ୍କ ଫଣ୍ଡଟି ଭଲ କି ନାହିଁ ଓ ବିଗତ ବର୍ଷ ସବୁ କ'ଣ ଲାଭ ପ୍ରଦାନ କରିଛି ଏସବୁ ସମୀକ୍ଷା କରିନିଅନ୍ତୁ ଓ ଆବଶ୍ୟକ ଅନୁଯାୟୀ ପଦକ୍ଷେପ ନିଅନ୍ତୁ।

ମ୍ୟୁଚୁଆଲ ଫଣ୍ଡରେ ଏସ୍‌ଆଇପି ମାଧ୍ୟମରେ ମାସିକ ୮୨୭୩ କୋଟି ଟଙ୍କା ନିବେଶ ହେଉଛି ଯାହାକି ସର୍ବାଧିକ ଅଟେ। ବିଗତ ୧୨ ମାସରେ ଏସ୍‌ଆପି ନିବେଶ ସବୁବେଳେ ପ୍ରତ୍ୟେକ ମାସ ୮୦୦୦ କୋଟି ଟଙ୍କାରୁ ଅଧିକ ନିବେଶ ହୋଇ ଆସିଛି। ବିଗତ ନଭେମ୍ବର ମାସରେ ୫ଲକ୍ଷ ଏସ୍‌ଆଇପି ଆକାଉଣ୍ଟ ଖୋଲାଯାଇଛି। ଯାହାକି ସର୍ବାଧିକ ଏବଂ ଖୁଚୁରା ନିବେଶକାରୀ ଏସ୍‌ଆଇପି ମାଧ୍ୟମରେ ନିବେଶ କରିବା ଉଚିତ୍ ହେବ।

**ମୋର ବୟସ ୨୯ ବର୍ଷ ଓ ବିବାହିତ ୨ ବର୍ଷ ଝିଅଟିଏ ଅଛି। ମୋର ଅବସରକାଳୀନ ପାଣ୍ଠି ପାଇଁ କିଛି ବି ସଞ୍ଚୟ କରିନାହିଁ। ବିଶେଷ କିଛି ସଞ୍ଚୟ କରିନାହିଁ। ମୋର ବନ୍ଧୁ କହୁଛନ୍ତି ଏକ ଲିଖିତ ଆର୍ଥିକ ଯୋଜନା ପ୍ରସ୍ତୁତ କରିବା ଭଲ ହେବ। ଲିଖିତ ଆର୍ଥିକ ଯୋଜନା କ'ଣ ପ୍ରକୃତରେ ଆବଶ୍ୟକ କି?**

**–ସମୀର ସାହୁ, କଟକ**

▶ ସବୁଠାରୁ ବଡ଼ ପ୍ରଶ୍ନ 'କ'ଣ ଆପଣଙ୍କର ଏକ ଲିଖିତ ବ୍ୟାପକ ଆର୍ଥିକ ଯୋଜନା ଅଛି କି? ଆପଣଙ୍କୁ ଅନେକ ଲୋକ କହିପାରନ୍ତି ଯେ ସେମାନେ ଯୋଜନାକାରୀ କିନ୍ତୁ ଆପଣଙ୍କୁ ଶିକ୍ଷାଗତ ଯୋଗ୍ୟତା ପରୀକ୍ଷା କରିନେବା ଉଚିତ ହେବ। ହୁଏତ ଆପଣ ସଞ୍ଚୟ କରିପାରନ୍ତି କିନ୍ତୁ ଅଧିକାଂଶ କ୍ଷେତ୍ରରେ ଦେଖାଯାଇଛି ଯେ, ଆପଣଙ୍କ ଆର୍ଥିକ ଲକ୍ଷ୍ୟ ଯଥା ଅବସରକାଳୀନ ପାଣ୍ଠି ଯଥେଷ୍ଟ ହୋଇ ନପାରେ କିମ୍ବା ସଞ୍ଚୟ କରି ମଧ୍ୟ ଲିଖିତ ଅବସରକାଳୀନ ଯୋଜନା ବିନା ନିଜ ଘରକୁ ଫେରିଯାଉଛନ୍ତି। ଅଧିକାଂଶ କ୍ଷେତ୍ରରେ ଏହା ପରିଲକ୍ଷିତ।

ଆପଣ ଜାଣିଛନ୍ତି ଯେ ଏକ ସ୍ୱର୍ଣ୍ଣନୀୟ ବା ବାସ୍ତବିକ ଆର୍ଥିକ ଯୋଜନା ଯାହାକି ଆପଣଙ୍କ ଆର୍ଥିକ ଲକ୍ଷ୍ୟ ସବୁକୁ ପ୍ରତ୍ୟକ୍ଷ ଭାବରେ ଚିହ୍ନଟ କରିଥାଏ ଏବଂ ସବୁ ଆର୍ଥିକ ଲକ୍ଷ୍ୟକୁ ହାସଲ କରିବା ପାଇଁ ଆବଶ୍ୟକୀୟ ପଦକ୍ଷେପସବୁ ଦିଆଯାଏ। ଆପଣ କହିପାରନ୍ତି ଏହା ଏକ ମାର୍ଗଦର୍ଶକ ବା ମାନଚିତ୍ର ବା ରଣନୀତି। ଆପଣ ଯାହାବି କୁହନ୍ତୁ ଏହା ସମସ୍ତ ମୁଖ୍ୟ ଦିଗକୁ ଦୃଷ୍ଟି ଦେଇ ପ୍ରସ୍ତୁତ କରାଯାଇଥାଏ। ଏକ ବ୍ୟାପକ ଆର୍ଥିକ ଯୋଜନା ପ୍ରସ୍ତୁତ କରିବା ୨୫–୩୦ ଘଣ୍ଟା ସମୟ ଲାଗିଥାଏ। ଯାହାକି ଏକ ଲିଖିତ ବ୍ୟାପକ ଆର୍ଥିକ ଯୋଜନା। ପ୍ରଥମତଃ ଆଲୋଚନା ସମୟ ଏବଂ ତଥ୍ୟ ସଂଗ୍ରହ ସମୟ ପ୍ରାୟତଃ ୨–୨.୫ ଘଣ୍ଟା ସମୟ ଲାଗିଥାଏ ଯାହାକି ସ୍ୱାମୀ, ସ୍ତ୍ରୀ ଉଭୟ ସହ ଆର୍ଥିକ ଯୋଜନାକାରୀ ଆଲୋଚନା କରନ୍ତି। ଆର୍ଥିକ ଯୋଜନା ଉପସ୍ଥାପନ ସମୟ ପାଖାପାଖି ୩–୪ ଘଣ୍ଟା ଲାଗିଥାଏ। ଯଦି ସମୁଦାୟ ସମୟକୁ ହିସାବ କରିବେ ତେବେ ୩୦–୪୦ ଘଣ୍ଟା ସମୟ ଲାଗିଥାଏ।

ଆପଣଙ୍କର କେବଳ ଅବସରକାଳୀନ ଯୋଜନାକୁ ଦୃଷ୍ଟି ଦିଅନ୍ତୁ ଯାହାକି ନିମ୍ନଲିଖିତ ଦିଗକୁ ଯୋଜନାରେ ଅନ୍ତର୍ଭୁକ୍ତ ହେବା ନିହାତି ଆବଶ୍ୟକ।

- ଅବସରକାଳୀନ ଜୀବନ – କେବେ, କେତେ ଟଙ୍କାର ମାସିକ ଖର୍ଚ୍ଚ ଓ କେତେ ବର୍ଷ ପର୍ଯ୍ୟନ୍ତ
- ମୁଦ୍ରାସ୍ଫୀତୀର ପ୍ରଭାବ କ'ଣ ରହିବ ?
- ଅନ୍ୟସବୁ ଆର୍ଥିକ ଲକ୍ଷ୍ୟ ଉପରେ ଏହାର ପ୍ରଭାବ କ'ଣ ରହିବ ?
- ମାସିକ ଆୟ ଉପରେ ପ୍ରାଧାନ୍ୟ ଓ ବାର୍ଷିକ ସୁଧହାର କେତେ ରହିବ ?
- ନିବେଶ ପୋର୍ଟଫୋଲିଓ ନିୟମିତ ସମୀକ୍ଷା।
- ନିବେଶ ସ୍କିମର ସୁବିଧା ସବୁ ଉଚ୍ଚତମ ସୀମା ପର୍ଯ୍ୟନ୍ତ ସୁବିଧା
- ରିସ୍କ ସମ୍ବନ୍ଧୀୟ ବିଶ୍ଳେଷଣ
- ମାନସିକ ଚାପ ବା ଉତ୍ତେଜନାର ପରୀକ୍ଷା
- ଆୟକରର ପ୍ରଭାବ
- ସ୍ୱାସ୍ଥ୍ୟଗତ ଚିକିତ୍ସା
- ଜୀବିତାବସ୍ଥା ଜୀବନ–ଭାଗୀଦାରର ପତ୍ନୀ କିମ୍ବା ସ୍ୱାମୀର ଆବଶ୍ୟକତା

ଏସବୁକୁ ଦୃଷ୍ଟି ଦେଲେ ନା କାର୍ଯ୍ୟକ୍ଷେତ୍ରକୁ ଦୃଷ୍ଟି ଦେଲେ ଏସବୁକୁ ଆପଣ ମନେରଖିପାରିବେ ନାହିଁ। ଆପଣ ନିଷ୍ପତ୍ତି ନିଅନ୍ତୁ ଓ ସୁନିଶ୍ଚିତ କରନ୍ତୁ ଏସବୁ ଆପଣ ହାତରେ ଲିଖିତ ଆକାରରେ ରହିବା ନିହାତି ଜରୁରୀ।

ଆମର ପରାମର୍ଶ ଆପଣ ଜଣେ 'ଚାଟାର୍ଡ ୱେଲଥ ମ୍ୟାନେଜର' କିମ୍ବା ସାର୍ଟିଫାଏଡ୍ ଫାଇନାନସିଆଲ ପ୍ଲାନରଙ୍କୁ ସାକ୍ଷାତ ଓ ଆଲୋଚନା କରି ନିଜର ଲିଖିତ ବ୍ୟାପକ ଆର୍ଥିକ ଯୋଜନା ପ୍ରସ୍ତୁତ କରିବା ଉଚିତ ହେବ।

**ଆମ ଠିକଣା**
**ବିଜ୍‌ନେସ ଧରିତ୍ରୀ**
**ଧରିତ୍ରୀ, ବି–୧୫, ରସୁଲଗଡ**
**ଶିଳ୍ପାଞ୍ଚଳ, ଭୁବନେଶ୍ୱର – ୧୦**

# ଉତ୍କଳ ସେଣ୍ଟର ପଏଣ୍ଟ, ବିଗ୍‌ବଜାର ଉଦ୍‌ଘାଟିତ



ବିଗ୍‌ବଜାର ଉଦ୍‌ଘାଟନ ଅବସରରେ ଉପସ୍ଥିତ ଅତିଥି।

ଯାଜପୁର ଅଫିସ,୨୯।୧

ଯାଜପୁର ଜିଲା ଯାଜପୁର ରୋଡଠାରେ ବୁଧବାର ଉତ୍କଳ ସେଣ୍ଟର ପଏଣ୍ଟ ସହ ପ୍ରଥମ ବିଗ୍‌ବଜାର ଉଦ୍‌ଘାଟିତ ହୋଇଛି। ଏହି ଅବସରରେ କୋରେଇ ବିଧାୟକ ଅଶୋକ ବଳ, ବ୍ୟାସନଗର ପୌରପରିଷଦର ପୂର୍ବତନ ପୌରାଧ୍ୟକ୍ଷା ସବିତା ବାରିକ, ଭ୍ରମରଲାଲ ବାଗଡି, ଶ୍ରୀଗୋପାଳ ବାଗଡି, ରବିନାରାୟଣ ପୁହାଣ, ଉତ୍କଳ ବିଲ୍‌ଡର୍ସ ଚେୟାରମ୍ୟାନ ସୁବାସ ବୋରା, ମ୍ୟାନେଜିଂ ଡାଇରେକ୍ଟର ସରଦ ବେଦ ଓ ବିଗ୍‌ବଜାରର ମ୍ୟାନେଜର ମନୀଷ ଅଗ୍ରୱାଲ ମଞ୍ଚାସୀନ ଥିଲେ। ଶିଳ୍ପ ସମୃଦ୍ଧ ଯାଜପୁର ଜିଲାର ଅନ୍ୟତମ ସହର ଯାଜପୁରରୋଡରେ ଏଭଳି ଏକ ବ୍ୟବସାୟିକ କେନ୍ଦ୍ରର ଆବଶ୍ୟକତା ରହିଛି। ଉତ୍କଳ ସେଣ୍ଟର ପଏଣ୍ଟରେ ବିଭିନ୍ନ ପ୍ରକାର ଅତ୍ୟାବଶ୍ୟକୀୟ ସାମଗ୍ରୀ ସହଜରେ ଉପଲବ୍ଧ ହୋଇପାରିବ ବୋଲି ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ଏହାସହ ୪୦୦ରୁ ଊର୍ଦ୍ଧ୍ୱ ଯୁବତୀଯୁବକ ନିଯୁକ୍ତି ସୁଯୋଗ ପାଇ ପାରିଛନ୍ତି ବୋଲି ସେଣ୍ଟର ପଏଣ୍ଟର କର୍ମକର୍ତ୍ତା ସୂଚନା ଦେଇଥିଲେ। ଏହି ମଲ୍‌ରେ ଭାରତର ନାମି ଦାମି ବ୍ରାଣ୍ଡ ମାକ୍ସ ଓ ବିଗ୍‌ବଜାର ନିଜର ବ୍ରାଞ୍ଚ ଖୋଲିଥିବା ସହ ଆଗକୁ ଅନେକ ଛୋଟବଡ଼ ଷ୍ଟୋର ଖୋଲିବାର ଯୋଜନା ରହିଛି। ଏହି ସେଣ୍ଟର ପଏଣ୍ଟରେ ଆଗକୁ ମନୋରଞ୍ଜନ ତଥା ସିନେମା ହଲ୍ ଖୋଲାଯିବ ବୋଲି ସୂଚନା ଦିଆଯାଇଥିଲା।

# ଜେଇଇ ମେନ୍‌ସରେ ଆକାଶ ଛାତ୍ରୀଛାତ୍ରଙ୍କ ସଫଳତା

ନୂଆଦିଲ୍ଲୀ,୨୯–୧

ଜେଇଇ ମେନ୍‌ସ ପରୀକ୍ଷାରେ ଆକାଶ ଏଜୁକେଶନାଲ ସର୍ଭିସେସ ଲିମିଟେଡର ଛାତ୍ରୀଛାତ୍ର ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ଏହାର ୪୩୩ ଜଣ ଛାତ୍ରୀଛାତ୍ର ୯୯ ପରସେଣ୍ଟାଇଲ ଓ ଅଧିକ ସ୍କୋର କରିବାକୁ ସକ୍ଷମ ହୋଇଛନ୍ତି। ଦେଶର ଟପ୍ ମଧ୍ୟରୁ ଆକାଶର ୨ ଜଣ ୧୦୦ ପରସେଣ୍ଟାଇଲ ସ୍କୋର ପାଇଛନ୍ତି। ୮ ଜଣ ରାଜ୍ୟ ଟପ୍ପର ହୋଇଛନ୍ତି। ୨୦୪୨ ଜଣ ୯୫ ପରସେଣ୍ଟାଇଲ ଓ ଅଧିକ ପାଇଛନ୍ତି। ଫିଜିକ୍ସର ୮ ଜଣ ଛାତ୍ର, କେମିଷ୍ଟ୍ରିର ୨ ଜଣ ଏବଂ ମ୍ୟାଥମେଟିକ୍ସର ୧୦ ଜଣ ୧୦୦ ପରସେଣ୍ଟାଇଲ ସ୍କୋର କରିବାକୁ ସକ୍ଷମ ହୋଇଛନ୍ତି। ଜେଇଇ ମେନ୍ ପରୀକ୍ଷାରେ ଭଲ ପ୍ରଦର୍ଶନ କରିଥିବା ଛାତ୍ରୀଛାତ୍ରଙ୍କୁ ଏହାର ସିଇଓ ଆକାଶ ଚୌଧୁରୀ ଅଭିନନ୍ଦନ ଜଣାଇଛନ୍ତି। ଛାତ୍ରୀଛାତ୍ରଙ୍କ କଠିନ ପରିଶ୍ରମ ଏବଂ ଅନୁଷ୍ଠାନର ସ୍ୱତନ୍ତ୍ର ପ୍ରସ୍ତୁତି ହେତୁ ଏହା ସମ୍ଭବ ହୋଇ ପାରିଛି ବୋଲି ସେ ମତ ଦେଇଛନ୍ତି।

# ସେଣ୍ଟ୍ରାଲ ବ୍ୟାଙ୍କ ମୁଖ୍ୟ ଭିଜିଲାନ୍ସ ଅଧିକାରୀଙ୍କ ଭୁବନେଶ୍ୱର ଗସ୍ତ

ଭୁବନେଶ୍ୱର,୨୯–୧




ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆର ମୁଖ୍ୟ ଭିଜିଲାନ୍ସ ଅଧିକାରୀ ପର୍ଶୁରାମ ପଣ୍ଡା ଦିନିକିଆ ଭୁବନେଶ୍ୱର ଗସ୍ତ କରିଛନ୍ତି। ଏହି ଅବସରରେ ସେ କ୍ଷେତ୍ରୀୟ କାର୍ଯ୍ୟାଳୟ ଭିଜିଲାନ୍ସ ମେକାନିଜମ ଉପରେ ସମୀକ୍ଷା କରିବେ। ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନର ତ୍ୱରିତ ସମାଧାନ ଉପରେ ସେ ସମୀକ୍ଷା କରିବେ ବୋଲି ବ୍ୟାଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଏ ଅବସରରେ ସେ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ନିୟମ ଅନୁସାରେ ସର୍ବୋଚ୍ଚ ନୈତିକତା ସ୍ତରକୁ ବଜାୟ ରଖିବା ସହ ଶୃଙ୍ଖଳାଗତ କାର୍ଯ୍ୟର ତିବ୍ରତା ଏବଂ ସମୟାନୁଯାୟୀ ସମାଧାନ ପାଇଁ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ ସହାୟକ ମହାପ୍ରବନ୍ଧକ ଅଶୋକ ମିଶ୍ର, ସହାୟକ ମହାପ୍ରବନ୍ଧକ ଏସ୍‌ଏସ୍‌ଏଚ୍ ଆୟୁବି, କଲିକତା ଜୋନ ଭିଜିଲାନ୍ସ ମୁଖ୍ୟ ପ୍ରବନ୍ଧକ ଅସିତ କିଶୋର ପ୍ରମୁଖ ଉପସ୍ଥିତ ଥିଲେ।

# ଏୟାର ଏସିଆର 'ବାଏ ୟାର୍ଲି ସେଭ୍ ମୋର'

ନୂଆଦିଲ୍ଲୀ,୨୯–୧

ଏୟାର ଏସିଆ ପକ୍ଷରୁ ବାଏ ୟାର୍ଲି ସେଭ୍ ମୋର ଅଭିଯାନ ସମ୍ପର୍କରେ ଘୋଷଣା କରାଯାଇଛି। ଏହା ଅନ୍ତର୍ଗତ ଭାରତରୁ ବ୍ୟାଙ୍କକ ଏବଂ କୁଆଲାଲମ୍ପୁରକୁ ଉଡାଣ ଉପରେ ଗ୍ରାହକ ସ୍ୱତନ୍ତ୍ର ଅଫର ଲାଭ କରିପାରିବେ। ବାରାଣସୀ– ବ୍ୟାଙ୍କକ, ଅହମ୍ମଦାବାଦ–ବ୍ୟାଙ୍କକ, ଜୟପୁର–ବ୍ୟାଙ୍କକ, ଭୁବନେଶ୍ୱର–କୁଆଲାଲମ୍ପୁର, ଭାଇଜାଗ–କୁଆଲାଲମ୍ପୁର, ଜୟପୁର–କୁଆଲାଲମ୍ପୁର ରୁଟରେ ଅଫର ଉପଲବ୍ଧ। ଆଗୁଆ ଟିକେଟ କିଣି ଗ୍ରାହକ ଅଫରର ଲାଭ ଉଠାଇବାକୁ କମ୍ପାନୀ ପକ୍ଷରୁ ସୂଚନା ରହିଛି। ଗ୍ରାହକ ୩ ମାସ ଆଗରୁ ଟିକେଟ କିଣିଲେ ୫୩୯୯ ଟଙ୍କା ମୂଲ୍ୟର ଟିକେଟ ଉପରେ ୨୦% ରିହାତି ପାଇବେ। ସେହିଭଳି ୨ ମାସ ଆଗରୁ ଟିକେଟ କଲେ ୧୦% ଏବଂ ଗୋଟିଏ ମାସ ଆଗୁଆ ବୁକିଂ ଉପରେ ୫% ରିହାତି ଉପଲବ୍ଧ ହେବ। ଏଥିଲାଗି ବୁକିଂ ସମୟ ୨ ଫେବୃୟାରି ଯାଏ ରହିଛି। ବ୍ୟାଙ୍କକ–ବାରାଣାସୀ ରୁଟରେ ଯାତ୍ର ସମୟ ଚଳିତ ବର୍ଷ ମାର୍ଚ୍ଚ ମାସ ୨୮ ଯାଏ ରହିଛି। ଅନ୍ୟ ରୁଟଗୁଡିକ ଉପରେ ଯାତ୍ରା ସମୟ ଅଗଷ୍ଟ ମାସ ଶେଷ ଯାଏ ରହିଛି। ସୁଲଭ ମୂଲ୍ୟର ଗ୍ରାହକଙ୍କୁ ଅନ୍ତର୍ଜାତୀୟ ଡେଷ୍ଟିନେଶନକୁ ଯାତ୍ରା କରିବାର ସୁବିଧା ଦେବା ଲାଗି ଏଭଳି ପଦକ୍ଷେପ ଗ୍ରହଣ କରାଯାଇଥିବା କମ୍ପାନୀର ବାଣିଜ୍ୟିକ ମୁଖ୍ୟ ରାଜ କୁମାର କହିଛନ୍ତି।


**BHUBANESWAR MUNICIPAL CORPORATION**

**No : 2836** **Dt.29.01.2020**

**E-PROCUREMENT NOTICE**

1. Bid reference No : **BMC-EED-II-20/2019-20 Dt.29.1.2020**
2. Tender Call Notice No : **No.2836, Dt.29.01.2020**
3. No. of work : **12 Nos.**
4. Bid Value : **Rs.1,08,988/- to Rs.31,52,572/-**
5. Period of completion : **30 Days**

**Date and time of schedule**

| Start | End | Opening |
|---|---|---|
| 11.00 A.M of 31.01.20 | 5 P.M of 10.2.2020 | 11.00 A.M.of 11.2.20 |

6. Tender details : can be seen for the procurement portal : https://www.tendersodisha.gov.in. BMC website https://www.bmc.gov.in.

Executive Engineer,Div-II
Bhubaneswar Municipal Corporation

Progress Through Partnership for a Better Bhubaneswar

B-642

**GOVERNMENT OF ODISHA**
**OFFICE OF THE EXECUTIVE ENGINEER, SAMBALPUR (R&B) DIVISION No.1: SAMBALPUR**
**e-procurement Notice**
**BID IDENTIFICATION No: EE/R&B/SBP/ 24 / 2019-20**
E-mail – exeengsbp@rediffmail.com Phone/Fax-0663-2548013
No. 522 / Dated. 27.01.2020

1. The **Executive Engineer, Sambalpur (R&B) Division No-I, Sambalpur** on behalf of Governor of Odisha, invites **Percentage Rate** bids in **Single / Double Cover System** in **ONLINE MODE** for construction of **Civil Work** as detailed in the **DTCN** from the eligible Class of Contractors.
2. No. of works : **08(Eight)**
3. Tender Cost : Rs.10,000/- and Rs.6,000/- (On Line)
4. Class of Contractor : "B" & "A" Class Contractor , "D" & "C" Class Contractor / "C" & "B" Class Contractor
5. Date and time Available in Web site & receipt of Bids: **16.00 Hrs 07.02.2020 to 17:00 Hrs of 14.02.2020.**
6. Date of Opening of Tender: **15.02.2020 at 11:30 Hrs.**
7. The Bidders have to participate in ONLINE bidding only. Further details can be seen from the Web Site.
8. Any Corrigendum / Addendum will be displayed in the website **www.tendersodisha.gov.in** only.

Sd/-
Executive Engineer
Sambalpur (R&B) Division No.I

34042/11/0028/1920

**ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ସୁନ୍ଦରଗଡ଼**
(ଭୂ–ଅର୍ଜନ ଉପବିଭାଗ)
**ଘୋଷଣା**

ବିଜ୍ଞପ୍ତି ସଂଖ୍ୟା: 1544 ତାରିଖ: 30.12.2019, ସୁନ୍ଦରଗଡ଼

No. VII-37: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣା ଦିଆଯାଉଅଛି ଯେ ଉକ୍ତ ଆଇନ୍‌ର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନ୍‌ର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା– ଶ୍ରୀଭୁବନପୁର, ଥାନା– ଲେଫ୍ରିପଡ଼ା, ତହସିଲ– ଲେଫ୍ରିପଡ଼ା, ଜିଲ୍ଲା– ସୁନ୍ଦରଗଡ଼ରେ ନିମ୍ନ ସୂଚିତ – 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ବାଙ୍କିବାହାଲ ଠାରୁ ଭେଡ଼ାବାହାଲ ପର୍ଯ୍ୟନ୍ତ କୋଇଲା ପରିବହନ ପାଇଁ ସମର୍ପିତ ରାସ୍ତା ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା– ୪୩୪ ତା୧୦।୦୫।୨୦୧୯ରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଛି ଯେ ମୌଜା– ଶ୍ରୀଭୁବନପୁର, ଥାନା– ଲେଫ୍ରିପଡ଼ା, ତହସିଲ– ଲେଫ୍ରିପଡ଼ା, ଜିଲ୍ଲା– ସୁନ୍ଦରଗଡ଼ରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ଥଇଥାନ ଯୋଜନା ରୂପରେଖାର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବସାଇଟ **www.sundergarh.nic.in**ରେ ଓ ରାଜ୍ୟ ସରକାରଙ୍କ ୱେବସାଇଟ୍ **http://revenue.odisha.gov.in**ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପ୍‌ଲୋଡ୍ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଭୂ–ଅର୍ଜନ ଅଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ତଫସିଲ – କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)
ଜିଲ୍ଲା– ସୁନ୍ଦରଗଡ଼, ତହସିଲ– ଲେଫ୍ରିପଡ଼ା

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁଥିବା ଜମିର ରକବା (ଏକରରେ) | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଶ୍ରୀଭୁବନପୁର | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | | | | ୧.୭୭ | ଏଥି ସହିତ ସଂଲଗ୍ନ |

ତଫସିଲ – ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)
ଜିଲ୍ଲା– ସୁନ୍ଦରଗଡ଼, ତହସିଲ– ଲେଫ୍ରିପଡ଼ା

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ହେବାକୁଥିବା ଜମିର ରକବା (ଏକରରେ) | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନା ବୈଧ ତାରିଖ– ୦୯।୦୫।୨୦୨୦

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./– ନିଖିଲ ପବନ କଲ୍ୟାଣ
ଜିଲ୍ଲାପାଳ, ସୁନ୍ଦରଗଡ଼

**ସମ୍ପୂର୍ଣ୍ଣ ଜମି ବିବରଣୀ**
ଗ୍ରାମ– ଶ୍ରୀଭୁବନପୁର, ତହସିଲ– ଲେଫ୍ରିପଡ଼ା, ଜିଲ୍ଲା– ସୁନ୍ଦରଗଡ଼

| କ୍ର.ନଂ. | ଖାତା ନଂ. | ପ୍ଲଟ ନଂ. | କିସମ | ମୋଟ ରକବା | ଅର୍ଜନ ରକବା | ଖାତା ରୟତଙ୍କ ନାମ, ପିତାଙ୍କ ନାମ, ଜାତି ଓ ବାସସ୍ଥାନ |
|---|---|---|---|---|---|---|
| ୧ | ୩୦ | ୩୨୫ | ବାହାଲ ସାଧାରଣ | ୨.୦୦୦ | ୦.୯୬୦ | ରମେଶ ଖାତି, ଦଶମୀ ଖାତି, ପବିତ୍ର ଖାତି, ମଣି ଖାତି, ରାମ ପ୍ରସାଦ ଖାତି, ଚନ୍ଦ୍ରକାନ୍ତି ଖାତି, ପି.– ବନମାଳୀ ଖାତି, ଜା– ଲୋହରା, ବା– ସର୍ଗିପାଲି |
| ୨ | ୫୯ | ୩୦୯ | ବେର୍ଣ୍ଣା ସାଧାରଣ | ୦.୨୦୦ | ୦.୦୬୦ | ଯୁଗଳ କିଶୋର ଗୌତମ, ଗୌରୀ ଶଙ୍କର ଗୌତମ, ରବିଶଙ୍କର ଗୌତମ, ପି.– ହରିଶଙ୍କର ଗୌତମ, ଜା– ବ୍ରାହ୍ମଣ, ବା– ସର୍ଗିପାଲି |
| | | ୩୧୦/୬୧୦ | ପତିତ | ୦.୪୮୦ | ୦.୧୫୦ | |
| | | ୩୧୧ | ମାଳ ସାଧାରଣ | ୨.୧୩୦ | ୦.୬୦୦ | |
| ମୋଟ | | | | | ୧.୭୭୦ | |

24160/14/0037/1920



" ପୂର୍ବରୁ କେବେ ସୁପର୍ ଓଭରରେ ବ୍ୟାଟିଂ କରି ନ ଥିଲି। ପ୍ରଥମ ବଲକୁ ଆଟାକ୍ କରିବି କି ସିଙ୍ଗଲ ନେବି ଜାଣି ନ ଥିଲି। ବୋଲରର ତ୍ରୁଟିକୁ ଅପେକ୍ଷା କରିଥିଲି।
–ରୋହିତ୍ ଶର୍ମା, ଭାରତୀୟ କ୍ରିକେଟର୍



" ଜଣେ ପ୍ରଫେଶନାଲ କ୍ରିକେଟର୍ ଭାବେ ଅନ୍ୟ ପାକିସ୍ତାନ କ୍ରିକେଟର୍ଙ୍କ ଭଳି ଆଇପିଏଲ୍‌ରେ ଅଂଶଗ୍ରହଣ କରି ନ ପାରିବାର ଅବସୋସ ମୋର ରହିଗଲା। ଏହା ବିଶ୍ୱର ଶ୍ରେଷ୍ଠ ଟି୨୦ ଲିଗ୍।
–ସୋହେଲ ତନଭୀର, ପାକିସ୍ତାନ ଦ୍ରୁତ ବୋଲର

# ଭାରତର ଟି୨୦ ସିରିଜ ବିଜୟ

## ନ୍ୟୁଜିଲାଣ୍ଡ ମାଟିରେ ପ୍ରଥମ

**ହାମିଲଟନ, ୨୯।୧(ପି.ଟି.)**

ସୁପର ଓଭରରେ ରୋହିତ ଶର୍ମାଙ୍କ କ୍ରମାଗତ ୨ଟି ଛକା ବଳରେ ଭାରତ ନ୍ୟୁଜିଲାଣ୍ଡ ମାଟିରେ ଏହାର ସର୍ବପ୍ରଥମ ଟି୨୦ ସିରିଜ ବିଜୟ ହାସଲ କରିଛି। ନିର୍ଦ୍ଧାରିତ ଓଭରରେ ଉଭୟ ଦଳ ୧୭୯ ରନ ଲେଖାଏ କରିବାରୁ ମ୍ୟାଚ ସୁପର ଓଭରକୁ ଯାଇଥିଲା। ଏହି ପର୍ଯ୍ୟାୟରେ ନ୍ୟୁଜିଲାଣ୍ଡ ୧୭ ରନ କରିଥିବାବେଳେ ଭାରତ ୨୦ ରନ ସଂଗ୍ରହ କରି ବାଜି ମାରିଛି। ଟି୨୦ ସୁପର ଓଭରରେ ମଧ୍ୟ ଭାରତର ଏହା ଥିଲା ସର୍ବପ୍ରଥମ ବିଜୟ। ଭାରତୀୟ ଇନିଂସର ଟପ୍ ସ୍କୋରର ତଥା ସୁପର ଓଭରର ହିରୋ ରୋହିତ ଶର୍ମା ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ୧ ବର୍ଷ ପୂର୍ବରୁ ନ୍ୟୁଜିଲାଣ୍ଡ ମାଟିରେ ଭାରତ ଟି୨୦ ସିରିଜକୁ ୧–୨ରେ ହାରିଥିଲା। ତେଣୁ ଏଥର ଏହାର ମଧୁର ପ୍ରତିଶୋଧ ନେବାରେ ସକ୍ଷମ ହୋଇଛି ଟିମ୍ ଇଣ୍ଡିଆ।

### ରୋହିତ ରାଜ

ଟସ୍ ଜିତି ନ୍ୟୁଜିଲାଣ୍ଡ ପ୍ରଥମେ ଭାରତକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା। ରୋହିତ ଓ ଲୋକେଶ ରାହୁଲ ଓପନିଂ ଯୋଡ଼ିରେ ୫୪ ବଲ୍‌ରୁ ୮୯ ରନ ସଂଗ୍ରହ କରି ଭାରତର ବଡ଼ ସ୍କୋର ପାଇଁ ପ୍ଲାଟ୍‌ଫର୍ମ ପ୍ରସ୍ତୁତ କରିଥିଲେ। ଆକ୍ରମଣାତ୍ମକ ବ୍ୟାଟିଂ କରି ୧୯ ବଲ୍‌ରୁ ୨ ଚୌକା ଓ ୧ ଛକା ବଳରେ ୨୭ ରନ କରିଥିବାବେଳେ ରାହୁଲ ଆଉଟ ହୋଇଥିଲେ। ଶିବମ୍ ଦୁବେ ବ୍ୟାଟିଂ କ୍ରମ ଉପରେ ୩ ନମ୍ବରରେ ଆସିଥିଲେ ହେଁ ତା'ର ଫାଇଦା ନେଇପାରି ନ ଥିଲେ। ସେ ସେଡନ ପାର୍କର ବ୍ୟାଟିଂ ଟ୍ରାକ୍‌ରେ ୭ ବଲ୍‌ରୁ ମାତ୍ର ୩ ରନ କରିବାକୁ ସକ୍ଷମ ହୋଇଥିଲେ। ମିଡ୍‌ଲ ଅର୍ଡରରେ ଅଧିନାୟକ ବିରାଟ କୋହଲି ଦ୍ରୁତ ହାରରେ ରନ ସଂଗ୍ରହ କରି ଭାରତକୁ ଲକ୍ଷ୍ୟପଥରେ ଆଗେଇ ନେଇଥିଲେ। ତେବେ ସେ ୨୭ ବଲ୍‌ରୁ ୩୮(୨ ଚୌକା, ୧ ଛକା) ରନ କରି ହାମିଶ୍ ବେନେଟଙ୍କ ବଲ୍‌ରେ ଆଉଟ ହୋଇଯାଇଥିଲେ। ଶ୍ରେୟାସ ଆୟାର ୧୬ ବଲ୍‌ରୁ ମାତ୍ର ୧୭ ରନ କରିବାରୁ ରନହାର ଧିମେଇ ଯାଇଥିଲା। ତେବେ ଶେଷଭାଗରେ ମନୀଷ ପାଣ୍ଡେ ୬ ବଲ୍‌ରୁ ୧୪(୧ ଚୌକା, ୧ ଛକା) ଓ ରବୀନ୍ଦ୍ର ଜାଡେଜା ୫ ବଲ୍‌ରୁ ୧୦(୧ ଛକା) ରନ କରିବାରୁ ଭାରତ ୨୦ ଓଭରରେ ୫ ଉଇକେଟ ହରାଇ ୧୭୯ କରିଥିଲା। ଭାରତୀୟ ଇନିଂସର କର୍ଣ୍ଣଧାର ସାଜିଥିଲେ ହିଟ୍‌ମ୍ୟାନ ରୋହିତ। ମାତ୍ର ୨୩ ବଲ୍‌ରୁ ଅର୍ଦ୍ଧଶତକ ପୂରଣ କରିଥିବା ରୋହିତ ୪୦ ବଲ୍‌ରୁ ୬ ଚୌକା ଓ ୩ ଛକା ସହାୟତାରେ ଦଳ ପକ୍ଷରୁ ସର୍ବାଧିକ ୬୫ ରନ ସ୍କୋର କରିଥିଲେ। ନ୍ୟୁଜିଲାଣ୍ଡ ପକ୍ଷରୁ ହାମିଶ୍ ବେନେଟ ସର୍ବାଧିକ ୩ଟି ଉଇକେଟ ନେଇଥିଲେ।

### ଟି୨୦ ସୁପର ଓଭରରେ ସୌଦୀ ଓ ବୁମ୍‌ରାଙ୍କ ପ୍ରଦର୍ଶନ

**ଟିମ୍ ସୌଦୀ**

- ୬ ବନାମ ଅଷ୍ଟ୍ରେଲିଆ, ଖ୍ରୀଷ୍ଟଚର୍ଚ୍ଚ, ୨୦୧୦(ବିଜୟୀ)
- ୧୩ ବନାମ ଶ୍ରୀଲଙ୍କା, ପାଲିକେଲେ, ୨୦୧୨ (ପରାଜୟ)
- ୧୯ ବନାମ ୱେଷ୍ଟଇଣ୍ଡିଜ, ପାଲିକେଲେ, ୨୦୧୨ (ପରାଜୟ)
- ୧୭ ବନାମ ଇଂଲଣ୍ଡ, ଅକ୍‌ଲାଣ୍ଡ, ୨୦୧୯ (ପରାଜୟ)
- ୨୦ ବନାମ ଭାରତ, ହାମିଲଟନ, ୨୦୨୦ (ପରାଜୟ)

**ଯଶପ୍ରୀତ ବୁମ୍‌ରା**

- ୧୭ ବନାମ ନ୍ୟୁଜିଲାଣ୍ଡ, ହାମିଲଟନ, ୨୦୨୦(ବିଜୟ)



ନ୍ୟୁଜିଲାଣ୍ଡ ବିପକ୍ଷରେ ଟି୨୦ ସିରିଜ ବିଜୟୀ ଭାରତୀୟ ଦଳ।

### ଶାମିଙ୍କ କମାଲ

୧୮୦ ରନ ବିଜୟ ଲକ୍ଷ୍ୟର ପିଛା କରିଥିବା ନ୍ୟୁଜିଲାଣ୍ଡ ଶେଷ ଓଭରରେ ମ୍ୟାଚ ଜିତିବା ପାଇଁ ୯ ରନ ଆବଶ୍ୟକ କରୁଥିଲା। କ୍ରିଜ୍‌ରେ ଥିଲେ ଦୁଇ ଅଭିଜ୍ଞ ବ୍ୟାଟ୍ସମ୍ୟାନ ୱିଲିୟମସନ ଓ ରସ୍ ଟେଲର। ମହମ୍ମଦ ଶାମିଙ୍କ ପ୍ରଥମ ବଲ୍‌କୁ ଛକା ମାରି ଘରୋଇ ଦର୍ଶକଙ୍କ ମନରେ ଖୁସି ଭରି ଦେଇଥିଲେ ଟେଲର। ଅବଶିଷ୍ଟ ୫ ବଲ୍‌ରୁ ମାତ୍ର ୩ ରନ ଆବଶ୍ୟକ ହେଉଥିଲା। ତେବେ ଧୈର୍ଯ୍ୟ ହରାଇ ନ ଥିଲେ କୋହଲି। ଶାମିଙ୍କ ଦ୍ୱିତୀୟ ବଲ୍‌ରୁ ଟେଲର ୧ ରନ ନେବାରୁ ୪ ବଲ୍‌ରୁ ୨ ରନ ଆବଶ୍ୟକ କରୁଥିଲା ନ୍ୟୁଜିଲାଣ୍ଡ। ମାତ୍ର ଏହିଠାରେ ହିଁ ମ୍ୟାଚର ମୋଡ଼ ବୁଲିଥିଲା। ତୃତୀୟ ବଲ୍‌କୁ ବାଉନ୍ସର ମାରି ସେଟ୍ ବ୍ୟାଟ୍ସମ୍ୟାନ ୱିଲିୟମସନଙ୍କୁ ଉଇକେଟ କିପର ରାହୁଲଙ୍କ ହାତରେ କ୍ୟାଚ କରାଇଥିଲେ ଶାମି। ୪ର୍ଥ ବଲ୍‌ରୁ ଟିମ୍ ସିଫର୍ଟ ରନ ନେଇପାରି ନ ଥିଲେ। ଫଳରେ ଘରୋଇ ଦଳ ପାଇଁ ୨ ବଲ୍‌ରୁ ୨ ରନ ଆବଶ୍ୟକ ଥିଲା। ୫ମ ବଲ୍ ବ୍ୟାଟ୍‌ରେ ବାଜି ନ ଥିଲେ ହେଁ ରନ ପାଇଁ ଦୌଡ଼ିଥିଲେ ସିଫର୍ଟ। ରାହୁଲଙ୍କ ଥ୍ରୋ ଷ୍ଟମ୍ପରେ ବାଜି ନ ଥିଲା। ଫଳରେ ବାଇରୁ ନ୍ୟୁଜିଲାଣ୍ଡକୁ ଗୋଟିଏ ରନ ମିଳିଯାଇଥିଲା। ରନ ସମାନ ହୋଇଯିବାରୁ ଶେଷ ବଲ୍‌ରୁ ନ୍ୟୁଜିଲାଣ୍ଡ ୧ ରନ ଆବଶ୍ୟକ କରୁଥିବାବେଳେ ଟେଲରଙ୍କୁ କ୍ଲିନ ବୋଲ୍ଡ କରି ଭାରତୀୟ ଶିବିରରେ ଖୁସିର ଲହରି ଖେଳାଇ ଦେଇଥିଲେ ଶାମି।

### ୱିଲିୟମସନଙ୍କ ଲଢୁଆ ଇନିଂସ

୧୮୦ ରନ ଚେଜ୍ କରିଥିବା ନ୍ୟୁଜିଲାଣ୍ଡ ପକ୍ଷରୁ ଏକାକୀ ଲଢ଼େଇ କରିଥିଲେ ଅଧିନାୟକ କେନ୍ ୱିଲିୟମସନ। କେବଳ ଲଢ଼େଇ କରି ନ ଥିଲେ, ଘରୋଇ ଦଳକୁ ଏକଦା ମ୍ୟାଚ ଜିତାଇବାର ଦ୍ୱାରରେ ପହଞ୍ଚାଇ ଦେଇଥିଲେ। ମାତ୍ର ଭାଗ୍ୟ ସାଥ୍ ଦେଇ ନ ଥିଲା। ସେ ୪୮ ବଲ୍‌ରୁ ୮ ଚୌକା ଓ ୬ ଛକା ସହିତ ୯୫ ରନ ସ୍କୋର କରିଥିଲେ। ଟି୨୦ରେ ଏହା ଥିଲା ତାଙ୍କର ସର୍ବାଧିକ ସ୍କୋର। ଓପନର ମାର୍ଟିନ ଗୁପ୍‌ଟିଲ(୩୧ ରନ, ୨୧ ବଲ, ୨ ଚୌକା, ୩ ଛକା)ଙ୍କୁ ଛାଡ଼ିଦେଲେ ନ୍ୟୁଜିଲାଣ୍ଡର ଅବଶିଷ୍ଟ କୌଣସି ବ୍ୟାଟ୍ସମ୍ୟାନ ଅଧିକ ସମୟ କ୍ରିଜ୍‌ରେ ତିଷ୍ଠିପାରି ନ ଥିଲେ। ଫଳରେ ୨୦ ଓଭରରେ ଦଳୀୟ ସ୍କୋର ୧୭୯/୬ରେ ସୀମିତ ରହିଥିଲା।

### ଧୋନୀଙ୍କୁ ପଛରେ ପକାଇଲେ କୋହଲି

ରେକର୍ଡ ବ୍ରେକର ବିରାଟ କୋହଲି ବୁଧବାର ଆଉ ଏକ ରେକର୍ଡର ଅଧିକାରୀ ହୋଇଛନ୍ତି। ଟି୨୦ ଫର୍ମାଟରେ ଭାରତୀୟ ଦଳର ଅଧିନାୟକ ଭାବେ ସର୍ବାଧିକ ରନ୍ କରିବାରେ ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂ ଧୋନୀଙ୍କୁ ପଛରେ ପକାଇ ଦେଇଛନ୍ତି। କୋହଲି କେବଳ ୩୭ ମ୍ୟାଚ୍‌ରେ ଧୋନୀଙ୍କ ୧୧୧୨ ରନ୍‌କୁ ଅତିକ୍ରମ କରିଯାଇଛନ୍ତି। ଦକ୍ଷିଣ ଆଫ୍ରିକା ଅଧିନାୟକ ଫାଫ ଡୁପ୍ଲେସିଙ୍କ ନାମରେ ଏହି ରେକର୍ଡ ରହିଛି। ସେ ଅଧିନାୟକ ଭାବେ କ୍ରିକେଟର ଛୋଟ ଫର୍ମାଟରେ ୧୨୭୩ ରନ୍ କରିଛନ୍ତି। ତାଲିକାରେ ନ୍ୟୁଜିଲାଣ୍ଡ ଅଧିନାୟକ କେନ ୱିଲିୟମସନ ମଧ୍ୟ ରହିଛନ୍ତି। ଅଧିନାୟକ ଭାବେ କୋହଲି ଟି୨୦ ଅନ୍ତର୍ଜାତୀୟ ମ୍ୟାଚ୍‌ରେ ୧୧୨୬ ରନ୍ କରିସାରିଛନ୍ତି।

### ଗାଭାସ୍କର, ସଚିନଙ୍କ କ୍ଲବରେ ରୋହିତ

ଏଠାରେ ନ୍ୟୁଜିଲାଣ୍ଡ ବିପକ୍ଷ ତୃତୀୟ ଟି୨୦ ମ୍ୟାଚ୍‌ରେ ଭାରତୀୟ ଓପନର ରୋହିତ ଶର୍ମା ୬୫ ରନ୍‌ର ଅର୍ଦ୍ଧଶତକୀୟ ଇନିଂସ ଖେଳିଛନ୍ତି। ଏହି ଅବସରରେ ଏକ ସ୍ୱତନ୍ତ୍ର ମାଇଲଷ୍ଟୋନ ସ୍ପର୍ଶ କରିଛନ୍ତି। ସେ ଅନ୍ତର୍ଜାତୀୟ କ୍ରିକେଟରେ ଓପନର ଭାବେ ୧୦,୦୦୦ ରନ୍ ପୂରଣ କରିସାରିଛନ୍ତି। ଏହି ମାଇଲଷ୍ଟୋନ ଛୁଇଁବା ଲାଗି ରୋହିତଙ୍କୁ ୫୬ ରନ୍ ଦରକାର ଥିଲା। ୮ମ ଓଭରର ଅନ୍ତିମ ବଲରେ ସେ ଏହି ସଫଳତା ହାସଲ କରିଥିଲେ। ତାଙ୍କ ପୂର୍ବରୁ ଅନ୍ତର୍ଜାତୀୟ କ୍ରିକେଟରେ କେବଳ ୩ ଭାରତୀୟ ବ୍ୟାଟ୍ସମ୍ୟାନ ଓପନର ଭାବେ ୧୦ ହଜାର ରନ୍ କିମ୍ବା ତା'ଠୁ ଅଧିକ ରନ୍ କରିଛନ୍ତି। ଏଥିରେ ସଚିନ ତେନ୍ଦୁଲକର, ସୁନୀଲ ଗାଭାସ୍କର ଓ ବୀରେନ୍ଦ୍ର ସେହ୍ୱାଗ ରହିଛନ୍ତି। ଗାଭାସ୍କର ଓପନର ଭାବେ ୧୨,୨୫୮ ରନ୍ କରିଥିଲେ। ସେହିଭଳି ଓପନର ଭାବେ ସେହ୍ୱାଗ ୧୬,୧୧୯ ରନ୍ କରିଥିବାବେଳେ ସଚିନ ୧୫,୩୧୦ ରନ୍ କରିଥିଲେ।



ସୁପର ଓଭରରେ ଭାରତ ବିଜୟ ହାସଲ କରିବା ପରେ ଉଲ୍ଲସିତ ରୋହିତ ଶର୍ମା ଓ ଲୋକେଶ ରାହୁଲ।

### ସୁପର ଓଭର

| ନ୍ୟୁଜିଲାଣ୍ଡ: ୧୭/୦ (କେନ୍ ୱିଲିୟମସନ-ମାର୍ଟିନ ଗୁପଟିଲ) | | ଭାରତ: ୨୦/୦ (ରୋହିତ ଶର୍ମା-ଲୋକେଶ ରାହୁଲ) | |
|---|---|---|---|
| ବଲ୍ | ରନ | ବଲ୍ | ରନ |
| ୧ | ୧ (ୱିଲିୟମସନ) | ୧ | ୨ (ରୋହିତ) |
| ୨ | ୧ (ଗୁପଟିଲ) | ୨ | ୧ (ରୋହିତ) |
| ୩ | ୬ (ୱିଲିୟମସନ) | ୩ | ୪ (ରାହୁଲ) |
| ୪ | ୪ (ୱିଲିୟମସନ) | ୪ | ୧ (ରାହୁଲ) |
| ୫ | ୧ (ବାଇ-ୱିଲିୟମସନ) | ୫ | ୬ (ରୋହିତ) |
| ୬ | ୪ (ଗୁପଟିଲ) | ୬ | ୬ (ରୋହିତ) |
| (ବୋଲର: ଯଶପ୍ରୀତ ବୁମ୍‌ରା) | | (ବୋଲର: ଟିମ୍ ସୌଦୀ) | |

### ସୁପର ଓଭରର ରୋମାଞ୍ଚ

୨୦୧୯ କ୍ରିକେଟ ବିଶ୍ୱକପର ଫାଇନାଲରେ ସୁପର ଓଭର ଟାଇ ରହିବାପରେ ବାଉଣ୍ଡରୀ ନିୟମରେ ପରାଜିତ ହୋଇଥିଲା ନ୍ୟୁଜିଲାଣ୍ଡ। ଏଠାରେ ସେହି ନିୟମ ନ ଥିଲେ ହେଁ ସୁପର ଓଭର କେନ୍ ୱିଲିୟମସନଙ୍କ ଦଳକୁ ସୁହାଇ ନ ଥିଲା। ବୁଧବାର ମ୍ୟାଚରେ ଯଶପ୍ରୀତ ବୁମ୍‌ରା ମହଙ୍ଗା ରହିଥିଲେ ହେଁ ସୁପର ଓଭରରେ ତାଙ୍କଉପରେ ଆସ୍ଥା ସ୍ଥାପନ କରିଥିଲେ ଅଧିନାୟକ ବିରାଟ କୋହଲି। ମାତ୍ର ଏହି ପର୍ଯ୍ୟାୟରେ ମଧ୍ୟ ତାଙ୍କୁ ଧୁଲେଇ କରିଥିଲେ ୱିଲିୟମସନ ଓ ମାର୍ଟିନ ଗୁପଟିଲ। ଗୋଟିଏ ଛକା ଓ ୨ ଚୌକା ସହାୟତାରେ ନ୍ୟୁଜିଲାଣ୍ଡ ୬ ବଲ୍‌ରୁ ୧୭ ରନ ସଂଗ୍ରହ କରିଥିଲା। ଭାରତ ପାଇଁ ବିଜୟ କଷ୍ଟସାଧ୍ୟ ମନେ ହେଉଥିଲେ ହେଁ ହିଟ୍‌ମ୍ୟାନ ରୋହିତ ଶର୍ମା ଓ ଇନ୍‌ଫର୍ମ ଲୋକେଶ ରାହୁଲଙ୍କ ଉପରେ ଆସ୍ଥା ରଖିଥିଲେ କ୍ରିକେଟପ୍ରେମୀ। ପ୍ରଥମ ୪ ବଲ୍‌ରୁ ମାତ୍ର ୮ ରନ ଆସିବାରୁ ଆଶଙ୍କା କ୍ରମେ ବଢ଼ି ଚାଲିଥିଲା। ମାତ୍ର ଠିକ୍ ସମୟରେ ପରାକ୍ରମ ଦେଖାଇଥିଲେ ରୋହିତ। ଟିମ୍ ସୌଦୀଙ୍କ ୫ମ ଓ ୬ଷ୍ଠ ବଲ୍‌କୁ ଛକାରେ ପରିଣତ କରି ସେ ମ୍ୟାଚର ଉତ୍କଣ୍ଠାପୂର୍ଣ୍ଣ ପରିସମାପ୍ତି ଘଟାଇଥିଲେ।

### ତୃତୀୟ ଟି୨୦ ସ୍କୋର ବୋର୍ଡ

| ଭାରତ ଇନିଂସ | ନ୍ୟୁଜିଲାଣ୍ଡ ଇନିଂସ |
|---|---|
| ରୋହିତ-କ-ସୌଦୀ-ବୋ-ବେନେଟ-୬୫ | ଗୁପଟିଲ-କ-ସାମସନ(ଅ)-ବୋ-ଠାକୁର-୩୧ |
| ରାହୁଲ-କ-ମୁନ୍‌ରୋ-ବୋ-ଗ୍ରାଣ୍ଡହୋମ-୨୭ | ମୁନ୍‌ରୋ-ଷ୍ଟମ୍ପ-ରାହୁଲ-ବୋ-ଜାଡେଜା-୧୪ |
| ଦୁବେ-କ-ସୋଧି-ବୋ-ବେନେଟ-୩ | ୱିଲିୟମସନ-କ-ରାହୁଲ-ବୋ-ଶାମି-୯୫ |
| କୋହଲି-କ-ସୌଦୀ-ବୋ-ବେନେଟ-୩୮ | ସାଣ୍ଟନର-ବୋ-ଚହଲ-୯ |
| ଆୟାର-ଷ୍ଟମ୍ପ-ସିଫର୍ଟ-ବୋ-ସାଣ୍ଟନର-୧୭ | ଗ୍ରାଣ୍ଡହୋମ-କ-ଦୁବେ-ବୋ-ଠାକୁର-୫ |
| ମନୀଷ-ନଟଆଉଟ-୧୪ | ଟେଲର-ବୋ-ଶାମି-୧୭ |
| ଜାଡେଜା-ନଟଆଉଟ-୧୦ | ସିଫର୍ଟ-ନଟଆଉଟ-୦ |
| ଅତିରିକ୍ତ-୫ | ଅତିରିକ୍ତ-୮ |
| ମୋଟ(୫ ଉଇକେଟ, ୨୦ ଓଭର) ୧୭୯। | ମୋଟ(୬ ଉଇକେଟ, ୨୦ ଓଭର) ୧୭୯। |
| ଉଇକେଟ ପତନ:୧/୮୯, ୨/୯୪, ୩/୯୬, ୪/୧୪୨, ୫/୧୬୦। | ଉଇକେଟ ପତନ: ୧/୪୭, ୨/୫୨, ୩/୮୮, ୪/୧୩୭, ୫/୧୭୮, ୬/୧୭୯। |
| **ବୋଲିଂ(ନ୍ୟୁଜିଲାଣ୍ଡ)** | **ବୋଲିଂ(ଭାରତ)** |
| ଟିମ୍ ସୌଦୀ ୪-୦-୩୯-୦ | ଶାର୍ଦ୍ଦୁଳ ଠାକୁର ୩-୦-୨୧-୨ |
| ହାମିଶ୍ ବେନେଟ ୪-୦-୫୪-୩ | ମହମ୍ମଦ ଶାମି ୪-୦-୩୨-୨ |
| ସ୍କଟ କୁଗେଲିନ ୨-୦-୧୦-୦ | ଯଶପ୍ରୀତ ବୁମ୍‌ରା ୪-୦-୪୫-୦ |
| ସାଣ୍ଟନର ୪-୦-୩୭-୧ | ୟୁଜବେନ୍ଦ୍ର ଚହଲ ୪-୦-୩୬-୧ |
| ଇଶ୍ ସୋଧି ୪-୦-୨୩-୦ | ରବୀନ୍ଦ୍ର ଜାଡେଜା ୪-୦-୨୩-୧ |
| ଗ୍ରାଣ୍ଡହୋମ ୨-୦-୧୩-୧ | ଶିବମ୍ ଦୁବେ ୧-୦-୧୪-୦ |

## ପ୍ରତିଭା ଚିହ୍ନଟରେ ସହାୟକ ହେବ: ଦ୍ୟୁତୀ

**ନୂଆଦିଲ୍ଲୀ, ୨୯।୧(ପି.ଟି.)**

ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସ ଦେଶରେ ପ୍ରତିଭା ଚିହ୍ନଟରେ ବିଶେଷ ଭାବେ ସହାୟ ହେବ ଓ ଭବିଷ୍ୟତରେ ଉପାଦେୟତା ଦେଖିବାକୁ ମିଳିବ ବୋଲି ଭାରତର ଦ୍ରୁତତମ ମହିଳା ତଥା ତାରକା ମହିଳା ସ୍ପ୍ରିଣ୍ଟର ଦ୍ୟୁତୀ ଚାନ୍ଦ କହିଛନ୍ତି। ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସର ପ୍ରଥମ ସଂସ୍କରଣ ଭୁବନେଶ୍ୱରରେ ଆସନ୍ତା ମାସ ୨୨ ତାରିଖରୁ ମାର୍ଚ୍ଚ ୧ ତାରିଖ ମଧ୍ୟରେ ଆୟୋଜନ ହେବ। ଗତ ବର୍ଷ ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସରେ ସ୍ୱର୍ଣ୍ଣ ପଦକ ହାସଲ କରି ଦ୍ୟୁତୀ ଇତିହାସ ସୃଷ୍ଟି କରିଥିଲେ। ସ୍କୁଲ ଓ କଲେଜରେ ହିଁ ବହୁ ସଂଖ୍ୟାରେ କ୍ରୀଡ଼ା ପ୍ରତିଭା ରହିଛନ୍ତି ବୋଲି ସେ କହିଛନ୍ତି।

କ୍ରୀଡ଼ା ପ୍ରତିଭାମାନଙ୍କୁ ବାହାରକୁ ଆଣିବାରେ ଏହି ଗେମ୍ସ ବେଶ୍ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିବ। ଲୋକ ପଢ଼ିବା ସହିତ ଖେଳ ଜାରି ରଖିଥାନ୍ତି। ତେଣୁ ସ୍କୁଲ ଓ କଲେଜରେ ଅଧିକ ପ୍ରତିଭା ରହିବା ସ୍ୱାଭାବିକ୍। ଛାତ୍ରମାନେ ହିଁ ବିଭିନ୍ନ କ୍ରୀଡ଼ା ଖେଳିଥାନ୍ତି। ଏହି ଗେମ୍ସ ଦ୍ୱାରା ଆମେ ୟୁନିଭର୍ସିଟିରେ ଥିବା କ୍ରୀଡ଼ା ପ୍ରତିଭାଙ୍କ ସମ୍ପର୍କରେ ଜାଣିବାର ସୁଯୋଗ ହାସଲ କରିବା। ଏଥିରେ ସେ ମଧ୍ୟ ଅଂଶଗ୍ରହଣ କରିବେ ବୋଲି ୨୩ ବର୍ଷୀୟା ଦ୍ୟୁତୀ କହିଛନ୍ତି।

ଗତବର୍ଷ ଦ୍ୟୁତୀ ଜାତୀୟ ଓପନ୍ ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ୧୧.୨୨ ସେକେଣ୍ଡ ସମୟ ନେଇ ନିଜ ଜାତୀୟ ରେକର୍ଡ ଭାଙ୍ଗିବା ସହ ଏଥିରେ ଉନ୍ନତି ଆଣିଥିଲେ। ଏହା ତାଙ୍କର ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ ଥିଲା। ଦ୍ୟୁତୀଙ୍କ ସଫଳତାରେ ଓଡ଼ିଶା ସରକାରଙ୍କ ପ୍ରଚ୍ଛନ୍ନ ହାତ ରହିଛି। ସରକାରଙ୍କ ସାହାଯ୍ୟ ଓ ସହଯୋଗ ଦ୍ୟୁତୀଙ୍କୁ ଏକ ସଫଳ କ୍ୟାରିୟର ଗଢି ତୋଳିବାରେ ବେଶ୍ ସହାୟ ହୋଇଛି। କ୍ରୀଡ଼ା ଓ କ୍ରୀଡ଼ାବିତ୍‌ଙ୍କୁ ଓଡ଼ିଶା ସରକାର ଏବେ ପ୍ରୋତ୍ସାହିତ କରୁଛନ୍ତି। ଆଥଲେଟ୍‌ମାନେ ଏବେ ସରକାରୀ ଚାକିରି କରୁଛନ୍ତି। କେବଳ ସେତିକି ନୁହେଁ ଭଲ ପ୍ରଦର୍ଶନ ପାଇଁ ସବୁ କ୍ରୀଡ଼ାବିତ୍‌ଙ୍କୁ ସରକାର ସବୁ ପ୍ରକାର ସୁବିଧା ସୁଯୋଗ ମଧ୍ୟ ଯୋଗାଇଦେଉଛନ୍ତି। ଆଥଲେଟଙ୍କୁ ସରକାର ସାହାଯ୍ୟ ସହଯୋଗ କରୁଥିବାରୁ ସେ ବହୁତ ଖୁସି ବୋଲି ଦ୍ୟୁତୀ କହିଛନ୍ତି। ପୂର୍ବରୁ ପାଠ ପଢାରେ ଜଣେ କ୍ୟାରିୟର କରିବ ବୋଲି ଚିନ୍ତା କରାଯାଉଥିଲା।



ଦ୍ୟୁତୀ ଚାନ୍ଦ

### ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସ

କିନ୍ତୁ ଏବେ କଥା ଅଲଗା ହୋଇଛି। ପାଠ ପଢା ସହିତ ଜଣେ କ୍ରୀଡ଼ାରେ ମଧ୍ୟ କ୍ୟାରିୟର ଗଢିପାରିବ ବୋଲି ସେ କହିଛନ୍ତି।

ଉଲ୍ଲେଖଥାଉ କି, ଭୁବନେଶ୍ୱରର କିଟ୍ ବିଶ୍ୱବିଦ୍ୟାଳୟ ଗ୍ରାଉଣ୍ଡରେ ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସ ଆୟୋଜନ ହେବ ଓ ଦ୍ୟୁତୀ ଏଥିରେ ଅଂଶଗ୍ରହଣ କରିବେ। ଭାରତ ସରକାର ଆଥଲେଟ୍‌ଙ୍କୁ ସହଯୋଗର ହାତ ବଢାଇଥିବାରୁ ବହୁତ ଆନନ୍ଦିତ ବୋଲି ଜାତୀୟ ରେକର୍ଡଧାରୀ ଦ୍ୟୁତୀ କହିଛନ୍ତି। ପୂର୍ବରୁ କ୍ରିକେଟ୍‌କୁ ଅଧିକ ଗୁରୁତ୍ୱ ଦିଆଯାଉଥିଲା। କିନ୍ତୁ ଏବେ ଆଥଲେଟ୍‌କୁ ମଧ୍ୟ ଗୁରୁତ୍ୱ ଦିଆଯାଉଛି। ଆଥଲେଟମାନଙ୍କୁ ପ୍ରମୋଟ କରାଯାଉଛି। ଖେଲୋ ଇଣ୍ଡିଆ ଗେମ୍ସ ମାଧ୍ୟମରେ ଗ୍ରାମାଞ୍ଚଳର ଆଥଲେଟମାନେ ମଧ୍ୟ ସେମାନଙ୍କ ପ୍ରତିଭା ପ୍ରମାଣିତ କରିବାର ସୁଯୋଗ ହାସଲ କରୁଛନ୍ତି। ଏଥିପାଇଁ ମଧ୍ୟ ଖେଳାଳିମାନଙ୍କୁ ଆବଶ୍ୟକ ସହଯୋଗ କରାଯାଉଛି। ଏବେ ସବୁ ରାଜ୍ୟରେ ଏକ ସାଇ କ୍ୟାମ୍ପସ ରହିଛି ଓ ଏଠାରେ ଆଥଲେଟମାନେ ପ୍ରଶିକ୍ଷଣ ନେଉଛନ୍ତି ବୋଲି ଦ୍ୟୁତୀ କହିଛନ୍ତି।

୨୦୨୦ ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗତା ହାସଲ କରିବା ମୋର ମୂଳ ଲକ୍ଷ୍ୟ। ଅଲିମ୍ପିକ୍ସର କ୍ୱାଲିଫିକେଶନ ମାର୍କ ୧୧. ୧୫ ସେକେଣ୍ଡ ରହିଛି। ଏପର୍ଯ୍ୟନ୍ତ ଅଲିମ୍ପିକ୍ ପାଇଁ ଯୋଗ୍ୟତା ହାସଲ କରିପାରି ନାହିଁ। ଯୋଗ୍ୟତା ହାସଲ ପାଇଁ କେତୋଟି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାର ସୁଯୋଗ ପାଇବି। ଏହି ପ୍ରତିଯୋଗିତାଗୁଡିକ ଆସନ୍ତା ମାସରେ ଆୟୋଜନ ହେବ ବୋଲି ଦ୍ୟୁତୀ କହିଛନ୍ତି।

## ମହିଳା ହକି ସିରିଜ୍: ପୁଣି ହାରିଲା ଭାରତ



ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

**ଅକ୍‌ଲାଣ୍ଡ, ୨୯।୧(ପି.ଟି.)**

ମହିଳା ହକି ସିରିଜ୍‌ର ତୃତୀୟ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ୧–୦ ଗୋଲରେ ଭାରତୀୟ ଦଳକୁ ପରାସ୍ତ କରିଛି। ବିଜୟୀ ଦଳ ପାଇଁ ଏକମାତ୍ର ଗୋଲ ହୋପ ରାଲଫ (୩୭ତମ ମିନିଟ୍) ସ୍କୋର କରିଥିଲେ। ପୂର୍ବରୁ ସିରିଜ୍‌ର ପ୍ରଥମ ମ୍ୟାଚ୍‌କୁ ୪–୦ ଗୋଲରେ ଭାରତ ଜିତିଥିବାବେଳେ ଦ୍ୱିତୀୟ ମ୍ୟାଚ୍‌ରେ ୧–୨ ଗୋଲରେ ପରାସ୍ତ ହୋଇଥିଲା। ଆସନ୍ତା ୪ ତାରିଖରେ ଭାରତ ଗ୍ରେଟ ବ୍ରିଟେନକୁ ଭେଟିବ।

ମ୍ୟାଚ୍ ଆରମ୍ଭରୁ ଆଟାକିଂ ରଣନୀତି ସହ ଖେଳିଥିବା ଟିମ୍ ଇଣ୍ଡିଆକୁ ଦ୍ୱିତୀୟ ମିନିଟରେ ପେନାଲ୍ଟି କର୍ନର (ପିସି) ମିଳିଥିଲା। କିନ୍ତୁ ତାହା ବେକାର ସାବ୍ୟସ୍ତ ହୋଇଥିଲା। ପରବର୍ତ୍ତୀ କିଛି ମିନିଟ୍‌ରେ ନ୍ୟୁଜିଲାଣ୍ଡ ଦୁଇ ପିସି ପାଇଥିଲା ହେଲେ ଭାରତୀୟ ଡିଫେନ୍ସ ଭାଗକୁ ଭେଦ କରିପାରି ନ ଥିଲା। ଦ୍ୱିତୀୟ କ୍ୱାର୍ଟରରେ ମଧ୍ୟ ସମାନ ସ୍ଥିତି ଜାରି ରହିଥିଲା। ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ରହିଥିଲା। ତୃତୀୟ କ୍ୱାର୍ଟର ତଥା ୩୭ତମ ମିନିଟ୍‌ରେ ହୋପ ଫିଲ୍ଡ ଗୋଲ ଦେଇଥିଲେ। ଏହାପରେ ଚତୁର୍ଥ ତଥା ଅନ୍ତିମ କ୍ୱାର୍ଟରରେ ଦୁଇ ଦଳ ପିସି ମାଧ୍ୟମରେ ବହୁ ସୁଯୋଗ ପାଇଥିଲେ। ହେଲେ ସ୍କୋର ଲାଇନରେ କିଛି ଫରକ ପଡ଼ି ନ ଥିଲା। ଏହି ମ୍ୟାଚ୍‌ରେ ଡିଫେନ୍ସ ଭାଗ ନୂଆ ଷ୍ଟ୍ରାଟେଜି ଆପଣେଇଥିଲା।

## ବ୍ରାଏଣ୍ଟଙ୍କ ହେଲିକପ୍ଟରରେ ସତର୍କ ବ୍ୟବସ୍ଥା ନ ଥିଲା

**ଲସ୍ ଏଞ୍ଜେଲସ, ୨୯।୧(ପି.ଟି.)**

ଜଣାଶୁଣା ବାସ୍କେଟ ବଲ୍ ଖେଳାଳି ତଥା ଏନ୍‌ବିଏ ଲିଜେଣ୍ଡ କୋବ୍ ବ୍ରାଏଣ୍ଟ ହେଲିକପ୍ଟର ଦୁର୍ଘଟଣାରେ ମୃତ୍ୟୁବରଣ କରିବା ପରେ ଏ ନେଇ ତଦନ୍ତ ଆରମ୍ଭ ହୋଇଛି। ବ୍ରାଏଣ୍ଟଙ୍କ ହେଲିକପ୍ଟରରେ କୌଣସି ସତର୍କ ବ୍ୟବସ୍ଥା ନ ଥିଲା ବୋଲି କୁହାଯାଇଛି। ପାଇଲଟଙ୍କୁ ସତର୍କ କରାଇବା ଭଳି ଗୁରୁତ୍ୱପୂର୍ଣ୍ଣ ସଫ୍ଟଓୟାରର ବ୍ୟବସ୍ଥା ଏହି ହେଲିକପ୍ଟରରେ ନ ଥିଲା। ଦୁର୍ଘଟଣା ପୂର୍ବରୁ ହେଲିକପ୍ଟର ଭୂଇଁର ନିକଟତର ହେବା ବେଳେ ଟେରାନ ଆୱାରନେସ୍ ଆଣ୍ଡ ୱାର୍ନିଂ ସିଷ୍ଟମ (ଟିଏଡବ୍ଲ୍ୟୁଏସ୍) ପାଇଲଟଙ୍କୁ ସତର୍କ କରାଇଥାଏ। ତେବେ ଏହା ଏହି ହେଲିକପ୍ଟରରେ ଲଗାଯାଇ ନ ଥିଲା। ଟିଏଡବ୍ଲ୍ୟୁଏସ୍ ଲଗା ଯାଇଥିଲେ ପାଇଲଟଙ୍କୁ ଏହା ସାହାଯ୍ୟ କରିଥାନ୍ତା। ହେଲିକପ୍ଟରରେ ୱାର୍ନିଂ ସିଷ୍ଟମ ଲଗାଇବା ବାଧ୍ୟତାମୂଳକ ନୁହେଁ। କିମ୍ବଦନ୍ତୀ ବାସ୍କେଟ୍‌ବଲ ଖେଳାଳି କୋବ ବ୍ରାଏଣ୍ଟଙ୍କ ମୃତଦେହ ଚିହ୍ନଟ କରାଯାଇଛି। ଏଥିସହିତ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଅନ୍ୟ ଲୋକଙ୍କ ମୃତଦେହକୁ ମଧ୍ୟ ଚିହ୍ନଟ କରାଯାଇଛି ବୋଲି ଅଧିକାରୀମାନେ ସୂଚନା ଦେଇଛନ୍ତି।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ଗୁରୁବାର, ଜାନୁୟାରୀ ୩୦/୨୦୨୦ Balasore, Thursday, January 30/2020

**ସଂକ୍ଷେପରେ**

## ଟ୍ରାକ୍ଟରରେ ଚାପି ହୋଇ ଡ୍ରାଇଭର ମୃତ

ରୂପ୍‌ସା,୨୯।୧(ଡି.ଏନ.ଏ.): ବାଲେଶ୍ୱର ସଦର ବ୍ଲକ ପରିକ୍ଷୀ ଫାଣ୍ଡି ଅଞ୍ଚଳରେ ମଙ୍ଗଳବାର ଟ୍ରାକ୍ଟର ଇଞ୍ଜିନରେ ଚାପି ହୋଇ ଡ୍ରାଇଭର ବାପି ସିଂ(୨୭)ଙ୍କର ମୃତ୍ୟୁ ଘଟିଛି। ମୃତ ଡ୍ରାଇଭରଙ୍କ ଘର ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଞ୍ଚଳରେ। ଏ ସଂକ୍ରାନ୍ତରେ ସଦର ଥାନାରେ ଏକ ମାମଲା (ନଂ. ୨୩/୨୦) ରୁଜୁ ହୋଇ ବୁଧବାର ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ଦୁବୁଲାଗଡ଼ି ଗ୍ରାମର ଜଣେ ବ୍ୟକ୍ତି ଟ୍ରାକ୍ଟର ଯୋଗେ ଚିଙ୍ଗୁଡ଼ି ଘେରିରୁ ମାଟି ଖନନ କରୁଥିଲେ। ତାଙ୍କର ଡ୍ରାଇଭର ଏକ ଟ୍ରାକ୍ଟର ଯୋଗେ ମାଟି ଲୋଡ଼ିଂ କରି ଘେରି ଉପରକୁ ଉଠୁ ଥିବାବେଳେ ଟ୍ରାକ୍ଟରଟି ଓଲଟି ଯାଇଥିଲା। ଡ୍ରାଇଭର ବାପି ସିଂ ଇଞ୍ଜିନରେ ଚାପି ହୋଇ ରହିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ସୋର ଗ୍ରାମ୍ୟ ଉନ୍ନୟନ ଉପଖଣ୍ଡ କାର୍ଯ୍ୟାଳୟରେ ପୁଣି ଭିଜିଲାନ୍ସ ଚଢ଼ାଉ

ସୋର,୨୯।୧(ଡି.ଏନ୍.ଏ): ସୋର ଗ୍ରାମ୍ୟ ଉନ୍ନୟନ ଉପଖଣ୍ଡ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ପୁଣି ବୁଧବାର ଭିଜିଲାନ୍ସ ଚଢ଼ାଉ କରିଛି। ଗତ ଡିସେମ୍ବର ୧୦ରେ ଏହି କାର୍ଯ୍ୟାଳୟରେ ଚଢ଼ାଉ କରାଯାଇଥିଲା। ଉପଖଣ୍ଡ ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ. ଅଜୟ କୁମାର ବେହେରାଙ୍କ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ଏହି ଚଢ଼ାଉ କରାଯାଇଥିଲା। ସେହି ସମୟରେ ଇଂ. ବେହେରା ଅନୁପସ୍ଥିତ ଥିଲେ। ସେବେଠାରୁ ସେ ଅନୁପସ୍ଥିତ ଥିବା ବେଳେ ଏବେ ଉଚ୍ଚ ନ୍ୟାୟାଳୟରୁ ସର୍ତ୍ତମୂଳକ ଜାମିନ୍‌ରେ ଆସଥିଲେ। ତାଙ୍କୁ ସାଙ୍ଗରେ ନେଇ ବାରିପଦା ଭିଜିଲାନ୍ସ ଟିମ୍ ପକ୍ଷରୁ ଡିଏସ୍‌ପି ଶରତ କୁମାର ମହାପାତ୍ରଙ୍କ ନେତୃତ୍ୱରେ ଏକ ୧୦ ଜଣିଆ ଟିମ୍ ଏହି ଚଢ଼ାଉ କରିଛି। ପ୍ରଥମ ଚଢ଼ାଉ ବେଳେ ତାଙ୍କ କାର୍ଯ୍ୟାଳୟରେ ଓ ସରକାରୀ ବାସଭବନ ସିଲ କରାଯାଇଥିଲା। ତାଙ୍କ ଉପସ୍ଥିତିରେ ସିଲ୍ ଖୋଲା ଯାଇ କାଗଜପତ୍ର ଯାଞ୍ଚ କରାଯାଇଛି।

# ଠିକାଦାରଙ୍କ କବ୍‌ଜାରେ ମହାବିଦ୍ୟାଳୟ ଖେଳପଡ଼ିଆ

ବାଲେଶ୍ୱର ଅଫିସ,୨୯।୧

ବାଲେଶ୍ୱର ସହର ଏଡ଼ିଏମ୍ ଛକ ସ୍ଥିତ ଶିକ୍ଷକ ପ୍ରଶିକ୍ଷଣ ମହାବିଦ୍ୟାଳୟ ପରିସରରେ ଥିବା ଖେଳ ପଡ଼ିଆରେ ଜନୈକ ଠିକାଦାର ଅନ୍ୟତ୍ର କାର୍ଯ୍ୟ ପାଇଁ ବାଲି, ଇଟା, ଚିପ୍ସ, ସିମେଣ୍ଟ ଏପରିକି ଜେସିବି ମେଶିନ ରଖି ଖେଳ ପଡ଼ିଆକୁ କବ୍‌ଜା କରିଥିବା ମହାବିଦ୍ୟାଳୟର ଛାତ୍ରମାନେ ଅଭିଯୋଗ କରିଛନ୍ତି। ଉକ୍ତ ପଡ଼ିଆରେ ଶିକ୍ଷକ ପ୍ରଶିକ୍ଷଣ ନେଉଥିବା ଛାତ୍ରମାନେ ପ୍ରତିଦିନ ଖେଳକୁଦ କରିଥାନ୍ତି। ଏପରିକି ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ତଥା ସମସ୍ତ କାର୍ଯ୍ୟକ୍ରମ ଉକ୍ତ ପଡ଼ିଆରେ



ମହାବିଦ୍ୟାଳୟ ଖେଳ ପଡ଼ିଆରେ ଜମା ହୋଇଥିବା ବାଲି, ଚିପ୍ସ ଓ ମେଟାଲ।

ହୋଇଥାଏ। ପଡ଼ିଆରେ ବାଲି, ଇଟା, ଚିପ୍ସ, ସିମେଣ୍ଟ ରଖିବା ପାଇଁ ଆସୁଥିବା ବଡ଼ବଡ଼ ଟ୍ରକ୍ ପଡ଼ିଆକୁ ନଷ୍ଟ କରିବା ସହ ମହାବିଦ୍ୟାଳୟର ପକ୍କା ରାସ୍ତାକୁ ନଷ୍ଟ କରି ଦେଇଥିବା ଜଣାପଡ଼ିଛି। ଏନେଇ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ପ୍ରତିବାଦ କରୁ ନ ଥିବା ଜଣାପଡ଼ିଛି।

ଏ ସମ୍ପର୍କରେ ମହାବିଦ୍ୟାଳୟର ଅଧ୍ୟକ୍ଷ ହରେକୃଷ୍ଣ ସାହୁଙ୍କୁ ପଚାରିବାରୁ ସେ କୁହନ୍ତି, ନିକଟରେ ମହାନାଳ ନିର୍ମାଣ କରୁଥିବା ଠିକାଦାର ତାଙ୍କୁ ଉକ୍ତ ସାମଗ୍ରୀ ରଖିବା ନିମନ୍ତେ କହିଥିଲେ। ମନା କରିବା ପରେ ମଧ୍ୟ ସ୍ଥାନୀୟ ନେତାମାନଙ୍କ ଦ୍ୱାରା ଚାପ ପ୍ରୟୋଗ କରି ସେଠାରେ ରଖୁଛନ୍ତି। ରାସ୍ତା ଏବଂ ପଡ଼ିଆ ନଷ୍ଟ କରିବା ସମ୍ପର୍କରେ ଠିକାଦାରଙ୍କୁ ଜଣାଇଛି। କାର୍ଯ୍ୟ ଶେଷ ହେବା ପରେ ସେ ନଷ୍ଟ ହୋଇଥିବା ରାସ୍ତା ଓ ପଡ଼ିଆକୁ ସଜାଡ଼ିବାର ପ୍ରତିଶ୍ରୁତି ଦେଇଛନ୍ତି। କିନ୍ତୁ ସେସବୁ କରିବେ କି ନାହିଁ ଏବେ ପ୍ରଶ୍ନ ଉଠିଥିବାରୁ ଉକ୍ତ ସାମଗ୍ରୀକୁ ଅନ୍ୟତ୍ର ଉଠାଇବା ପାଇଁ ସେ ଯଥାଶୀଘ୍ର ନିର୍ଦ୍ଦେଶ ଦେବେ ବୋଲି ପ୍ରକାଶ କରିଛନ୍ତି।

# ବେଆଇନ ବାଲି, ମାଟି ବୋଝେଇ ଗାଡ଼ି ଜବତ

ବନ୍ତ,୨୯।୧(ଡି.ଏନ.ଏ.)

**ଧରିତ୍ରୀ ପ୍ରଭାବ**

ଭଦ୍ରକ ଜିଲା ବନ୍ତ ତହସିଲ ଛୟାଳସିଂ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଅଧୀନ ନିଳୋକ ମୌଜାର ଗୋଚର ଜମିରୁ ବେଆଇନ ମାଟି ଉଠାଣ ହେଉଥିବା ଅଭିଯୋଗ ହୋଇଥିଲା। ଏ ସମ୍ପର୍କରେ ଗତ ୨୬ ତାରିଖରେ ଧରିତ୍ରୀରେ ଖବର ପ୍ରକାଶିତ ହୋଇଥିଲା। ଏହାପରେ ରାଜସ୍ୱ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ କରି ଗତ ସୋମବାରଠାରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲା। ଭଦ୍ରକ-ଆନନ୍ଦପୁର ରାଜ୍ୟ ରାଜପଥର ବରହମପୁର ଛକ ନିକଟରୁ ଗୋଟିଏ ବାଲି ବୋଝେଇ ଟ୍ରକ, ପଳସା ବଜାରରୁ ଗୋଟିଏ ବାଲି ବୋଝେଇ ଟ୍ରାକ୍ଟର ଏବଂ ଦୋଳପଦୀ ଛକ ନିକଟରୁ ୨ଟି ମାଟି ବୋଝେଇ ଟ୍ରାକ୍ଟର ଜବତ କରାଯାଇ ସ୍ଥାନୀୟ ଥାନାରେ ଅଟକ ରଖାଯାଇଥିଲା। ମଙ୍ଗଳବାର ସନ୍ଧ୍ୟାରେ ଆବଶ୍ୟକ କାଗଜପତ୍ର ଦେଖାଇ ନ ପାରିବାରୁ ବାଲି ବୋଝେଇ ଟ୍ରକ୍ ମାଲିକଙ୍କଠାରୁ ୩୧ ହଜାର ୫ଶହ ଟଙ୍କା ଜରିମାନା ଆଦାୟ କରାଯାଇଛି। ସେହିପରି ଥାନାରେ ଅଟକ ଥିବା ୩ଟି ଟ୍ରାକ୍ଟର ଆବଶ୍ୟକ କାଗଜପତ୍ର ଦେଖାଇ ପାରିନାହାନ୍ତି। ଫଳରେ ସେମାନଙ୍କଠାରୁ ଜରିମାନା



ବନ୍ତ ଥାନାରେ ଅଟକ ଥିବା ବାଲି, ମାଟି ବୋଝେଇ ଟ୍ରାକ୍ଟର।

ଆଦାୟ ହେବ ବୋଲି ଜଣାଯାଇଛି। ସୂଚନାଥାଉ କି, ବନ୍ତ ବ୍ଲକର ବିଭିନ୍ନ ସ୍ଥାନରେ ବେଆଇନ ଭାବେ ବାଲି ଓ ମାଟି ଚାଲାଣ ହେଉଥିବା ନେଇ ବହୁ ସମୟରେ ଅଭିଯୋଗ ହୋଇଆସୁଥିଲା। ରାଜସ୍ୱ ବିଭାଗ ଏଥିପ୍ରତି ଗୁରୁତ୍ୱ ଦେଉ ନ ଥିବାରୁ ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ କ୍ଷତି ହେଉଥିବା ଅଭିଯୋଗ ହୋଇଥିଲା।

# ଜେଲ ଗଲେ ଅଭିଯୁକ୍ତ ଡ୍ରାଇଭର

ରୂପ୍‌ସା,୨୯।୧(ଡି.ଏନ.ଏ.)

**ଭ୍ୟାନ୍ ଧକ୍କାରେ ମା', ପୁଅ ମୃତ୍ୟୁ ଘଟଣା**

ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ କଷାଫଳ ଗ୍ରାମର ଅଭିଯୁକ୍ତ ଡ୍ରାଇଭର ରଞ୍ଜନ କୁମାର ମଣ୍ଡଳଙ୍କୁ ପୋଲିସ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ଏ ସଂକ୍ରାନ୍ତରେ ସିଂଲା ଥାନାରେ ପୋଲିସ ଏକ ମାମଲା (ନଂ. ୨୨/୨୦) ରୁଜୁ କରି ତଦନ୍ତ ଜାରି ରଖିଛି। ସୂଚନାଯୋଗ୍ୟ ଯେ, ସାର୍ଥା ଫାଣ୍ଡି ନିକଟରେ ଗତ ୨୭ ତାରିଖରେ ଏକ ସଡ଼କ ଦୁର୍ଘଟଣାରେ ମା', ପୁଅଙ୍କ ମୃତ୍ୟୁ ଘଟିଥିଲା। ସେମାନେ ହେଲେ ଗୁଲଟନ ବେହେରା (୨୫) ଓ ତାଙ୍କ ମା' କମଳିନୀ ବେହେରା (୫୫)। ଏକ ସ୍କୁଟିରେ ନିଜ ୨ବର୍ଷର ଶିଶୁ କନ୍ୟା ସହ ମା' କମଳିନୀଙ୍କୁ ନେଇ ଘରକୁ ଫେରୁଥିଲେ। ଏହି ସମୟରେ ଏକ ଗ୍ୟାସ ସିଲିଣ୍ଡର ବୋଝେଇ ଭ୍ୟାନ୍ ଭାରସାମ୍ୟ ହରାଇ ସ୍କୁଟିକୁ ଧକ୍କା ଦେବାରୁ ଗୁଲଟନ ଓ ତାଙ୍କ ମା' କମଳିନୀଙ୍କର ମୃତ୍ୟୁ ଘଟିଥିଲା। ଏଥିରେ ୨ବର୍ଷର ଶିଶୁକନ୍ୟା ଗୁରୁତର ଆହତ ହୋଇଥିଲେ। ମୃତା କମଳିନୀଙ୍କ ଭାଇ କମଳାକାନ୍ତ ମଲିକଙ୍କ ଲିଖିତ ଅଭିଯୋଗ ପରେ ଆଇଆଇସି ପ୍ରଶାନ୍ତ କୁମାର ଜେନା ଅଭିଯୁକ୍ତ ଭ୍ୟାନ ଡ୍ରାଇଭର ରଞ୍ଜନଙ୍କୁ ଗିରଫ କରିବା ସହ ଭ୍ୟାନ୍‌କୁ ଜବତ କରିଥିଲେ।

## 'ଯୌତୁକ ପାଇଁ ମୋ ଝିଅକୁ ମାରି ଦିଆଯାଇଛି'

ଧାମନଗର,୨୯।୧(ଡି.ଏନ.ଏ.)

ଭଦ୍ରକ ଜିଲା ଧାମନଗର ବ୍ଲକ ଧୂଷୁରୀ ଥାନା ଅଧୀନ କୋରୁଆ ଗ୍ରାମର ମଲ୍ଲୀ ସେଠୀ ନାମ୍ନୀ ଜଣେ ମହିଳା ବୁଧବାର ଆତ୍ମହତ୍ୟା କରିଥିବା ଶାଶୁଘର ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷେ ତାଙ୍କ ଝିଅକୁ ଯୌତୁକ ପାଇଁ ମାରି ଦିଆଯାଇଥିବା ମୃତା ମଲ୍ଲୀଙ୍କ ମା' ତିହିଡ଼ି ଥାନା ଅଚକ ଗ୍ରାମର ବିମଳା ସେଠୀ ଧୂଷୁରୀ ଥାନାରେ ଅଭିଯୋଗ କରିଛନ୍ତି। ଏହି ଅଭିଯୋଗକୁ ଭିତ୍ତିକରି ଏସ୍‌ଆଇ ବିଭୂତି ଭୂଷଣ ସ୍ୱାଇଁ ମୃତଦେହ ଜବତ କରି ଥାନାରେ ଯୌତୁକଜନିତ ହତ୍ୟା ମାମଲା(ନଂ.୨୩/୨୦) ରୁଜୁ କରି ଘଟଣାର ତଦନ୍ତ ଚଳାଇଛନ୍ତି। ଅଭିଯୋଗ ଅନୁସାରେ, ୪ ବର୍ଷ ତଳେ ମଲ୍ଲୀ କୋରୁଆର ଜଣେ ଯୁବକଙ୍କୁ ବିବାହ କରିଥିଲେ। ତାଙ୍କର ଗୋଟିଏ ପିଲା ଅଛି। ଶାଶୁଘର ଲୋକେ ତାଙ୍କୁ ଯୌତୁକ ପାଇଁ ନିର୍ଯାତନା ଦେଉଥିବା ସହ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ସବୁବେଳେ ଝଗଡ଼ା ହେଉଥିଲା। ବୁଧବାର ପୂର୍ବାହ୍ନରେ ମଲ୍ଲୀଙ୍କୁ ନିଜ ଶୋଇବା ଘର ଫ୍ୟାନରେ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରି ପରିବାର ଲୋକେ ଭଦ୍ରକ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମଲ୍ଲୀଙ୍କୁ ହତ୍ୟା କରି ଆତ୍ମହତ୍ୟା ରୂପ ଦିଆଯାଉଛି ବୋଲି ତାଙ୍କ ମା' ଦର୍ଶାଇଛନ୍ତି।

# ବାଇକ୍‌କୁ ଧକ୍କା ଦେଲା ଟ୍ରକ୍: ସ୍ତ୍ରୀ ମୃତ, ସ୍ୱାମୀ ଗୁରୁତର

ଭଣ୍ଡାରିପୋଖରୀ,୨୯।୧(ଡି.ଏନ.ଏ.)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ୧୬ନଂ ଜାତୀୟ ରାଜପଥର ଚିଙ୍ଗୁଡ଼ିପୁର କେନାଲ ଛକଠାରେ ବୁଧବାର ମଧ୍ୟାହ୍ନରେ ଏକ ଟ୍ରକ୍ ବାଇକ୍‌କୁ ଧକ୍କା ଦେବାରୁ ଜଣେ ମହିଳାଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ତାଙ୍କ ସ୍ୱାମୀ ଗୁରୁତର ଆହତ ହୋଇଥିବାବେଳେ ଭଦ୍ରକ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ମୃତା ମହିଳା ଧାମନଗର ଥାନା ଅନ୍ତର୍ଗତ ପିତେଇପୁର ଗ୍ରାମର ସଞ୍ଜୟ ହାଜରାଙ୍କ ସ୍ତ୍ରୀ ରଶ୍ମିତା ବୋଲି ଜଣାପଡ଼ିଛି।

ସୂଚନା ଅନୁଯାୟୀ, ସଞ୍ଜୟ ସ୍ତ୍ରୀଙ୍କ ସହ ବାଇକ୍‌ରେ ଭଦ୍ରକ ଚରମ୍ପା ଅଞ୍ଚଳର ଶ୍ୱଶୁରଘରୁ ପିତେଇପୁରକୁ ଫେରୁଥିଲେ। ଚିଙ୍ଗୁଡ଼ିପୁର କେନାଲ ଛକଠାରେ ଏକ ଟ୍ରକ୍ ସେମାନଙ୍କୁ ଧକ୍କା ଦେଇଥିଲା। ରଶ୍ମିତା ତଳେ ପଡ଼ିଯିବାରୁ ଟ୍ରକ୍ ତାଙ୍କ ଉପରେ ଚଢ଼ିଯାଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ପ୍ରାୟ ଦୁଇଘଣ୍ଟା ଧରି ରାସ୍ତା ଅବରୋଧ କରିଥିଲେ। ଧାମନଗର ଏସ୍‌ଡିପିଓ ମନୋରଞ୍ଜନ ସାମଲ, ଆଇଆଇସି ମାନସ ଦେଓ ଏବଂ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରି ରାସ୍ତା ଅବରୋଧ ହଟାଇଥିଲେ। ପୋଲିସ ଦୁର୍ଘଟଣା ଘଟାଇଥିବା ଟ୍ରକ୍ ଜବତ କରିଥିବାବେଳେ ଚାଳକଙ୍କୁ ଧାମନଗର ଥାନାରେ ଅଟକ ରଖାଯାଇଛି। ଘଟଣା ସମ୍ପର୍କରେ ଧାମନଗର ଥାନାରେ କୌଣସି ରିପୋର୍ଟ ହୋଇ ନ ଥିବାରୁ ମାମଲା ରୁଜୁ ହୋଇନାହିଁ।

# ତଦନ୍ତ ଆଦେଶ ଦେଲେ ଜିଲାପାଳ

ବାଲେଶ୍ୱର ଅଫିସ,୨୯।୧

**ପରେଡ଼ରେ ଅଣଛାତ୍ର ଟ୍ରଫି ହାତେଇବା ଘଟଣା**

ବାଲେଶ୍ୱରରେ ଜିଲାସ୍ତରୀୟ ୭୧ତମ ସାଧାରଣତନ୍ତ୍ର ଦିବସ ଧୁମ୍‌ଧାମ୍‌ରେ ପାଳିତ ହୋଇଥିବାବେଳେ ପରେଡ଼ରେ କେତେକ ଅଣଛାତ୍ର ଟ୍ରଫି ନେବା ଘଟଣା ସମ୍ପର୍କରେ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ଏହା ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଦୃଷ୍ଟିକୁ ଆସିବା ପରେ ଏହି ଘଟଣା ଉପରେ ଏକ ବିଭାଗୀୟ ତଦନ୍ତ କରି ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କଡ଼ା ପଦକ୍ଷେପ ନେବାକୁ ଜିଲା ଶିକ୍ଷାଧିକାରୀ ପ୍ରମୋଦ କୁମାର ଷଡ଼ଙ୍ଗୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସାଧାରଣତନ୍ତ୍ର ଦିବସ ଏକ ଜାତୀୟ କାର୍ଯ୍ୟକ୍ରମ ଏବଂ ଏହାକୁ ଅତି ପବିତ୍ରତା ଓ ସତର୍କତାର ସହ ପାଳନ କରାଯାଇଥାଏ। ତେଣୁ ଏ ଧରଣର କାର୍ଯ୍ୟ ଏକ ଶିକ୍ଷାନୁଷ୍ଠାନ ପକ୍ଷେ ଅଶୋଭନୀୟ ଏବଂ ଏହା ସମାରୋହର ଗାରିମାକୁ କ୍ଷୁର୍ଣ୍ଣ କରିଥିବା ଦୃଷ୍ଟିରୁ ତୁରନ୍ତ ତଦନ୍ତ କରି ୭ ଦିନ ମଧ୍ୟରେ ରିପୋର୍ଟ ପ୍ରଦାନ ପାଇଁ ନିର୍ଦ୍ଦେଶନାମାରେ ଉଲ୍ଲେଖ କରାଯାଇଛି ବୋଲି ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁବାଷ ନିଆଲ ବୁଧବାର ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି।

# ନାବାଳିକା ବଳାତ୍କାରୀଙ୍କୁ ୧୦ ବର୍ଷ ଜେଲ

କେନ୍ଦୁଝର, ୨୯।୧(ସ୍ୱ.ପ୍ର.)

ସ୍ଥାନୀୟ ଅତିରିକ୍ତ ଜିଲା ଜଜ କମ ସ୍ପେଶାଲ ଜଜ ଲୋକନାଥ ସାହୁ ଏକ ନାବାଳିକା ବଳାତ୍କାର ମାମଲାର ଶୁଣାଣି କରି ବୁଧବାର ଦୋଷୀ ଜଗନା ମୁଣ୍ଡାଙ୍କୁ ୧୦ ବର୍ଷ ଜେଲ ଦଣ୍ଡାଦେଶ ଓ ୧୦ ହଜାର ଟଙ୍କା ଫାଇନ କରିଛନ୍ତି । ଏହି ଅର୍ଥ ନ ଦେଇପାରିଲେ ଅଧିକ ୬ ମାସ ଜେଲ ଭୋଗିବାକୁ ଆଦେଶ କରିଛନ୍ତି। ଏହା ସହିତ ପିଡିତା ନାବାଳିକାଙ୍କୁ ୧ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଆଦେଶ କରାଯାଇଥିବା ସ୍ପେଶାଲ ପିପି ଗଣେଶ ପ୍ରସାଦ ମହାପାତ୍ର ସୂଚନା ଦେଇଛନ୍ତି। ୨୦୧୩ ମସିହା ଜାନୁୟାରୀ ୨୪ ତାରିଖରେ ଏହି ଘଟଣା ଘଟିଥିଲା। ଅଭିଯୁକ୍ତ ଜଗନାଙ୍କ ସ୍ତ୍ରୀ ଗର୍ଭବତୀ ଥିବା ବେଳେ ଘଟଣା ଦିନ ଡେଲିଭରୀ ହେବାର ଥିଲା । ଏଣୁ ସେ ତାଙ୍କ ଧାଇ ଭାବରେ କାମ କରୁଥିବା ଜଣେ ସମ୍ପର୍କୀୟ ବୃଦ୍ଧାଙ୍କୁ ଘରକୁ ଡାକିଥିଲା। ଉକ୍ତ ବୃଦ୍ଧାଙ୍କ ସହିତ ତାଙ୍କ ନାତୁଣୀ ଆସିଥିଲା । ଉକ୍ତ ଦିନ ଜଗନା ପାଖ ଗ୍ରାମକୁ ଗୁଣିଆ ଡାକିବା ପାଇଁ ଯିବାକୁ କହି ଉକ୍ତ ପିଡିତାଙ୍କୁ ଧରି ଯାଇଥିଲା। ତେବେ ସେ ସେ ଦିନ ନ ଫେରି ପର ଦିନ ଫେରିଥିଲା। ଏନେଇ ଧାଇ ତାଙ୍କ ନାତୁଣୀଙ୍କୁ ପଚାରିବାରୁ ନାତୁଣୀ ଜଣକ ସବୁ ସତ କଥା ଜଣାଇଥିଲା। ଏହାକୁ ନେଇ ବଲାଣୀ ଥାନାରେ ଲିଖିତ ଏତଲା ଦେବା ପରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ବୁଧବାର ଏହାର ଶୁଣାଣି କରି କୋର୍ଟ ଏହି ଦଣ୍ଡାଦେଶ କରିଛନ୍ତି।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

## ସଂକ୍ଷେପରେ

### ମେଧାବୃତ୍ତି ପରୀକ୍ଷା ଫଳ ପ୍ରକାଶିତ

ପାଟଣା,୨୯।୧(ସ୍ୱ.ପ୍ର.)-କେନ୍ଦୁଝର ଜିଲା ଖଣିଜ ପାଣ୍ଠି ମେଧାବୃତ୍ତି ପରୀକ୍ଷା ଫଳ ମଙ୍ଗଳବାର ପ୍ରକାଶ ପାଇଛି। ଏଥିରେ ପାଟଣା ବ୍ଲକରୁ ତୃତୀୟ, ପଞ୍ଚମ ଓ ଅଷ୍ଟମ ଶ୍ରେଣୀରୁ ମୋଟ ୬୨୪ ଜଣ ଛାତ୍ରୀଛାତ୍ର ବୃତ୍ତି ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ପାଟଣା ମୁଖ୍ୟାଳୟ ସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୨୦ ଜଣ ଛାତ୍ରୀଛାତ୍ର ଏହିବୃତ୍ତିର ମେଧା ତାଲିକାରେ ଥିବାରୁ ଏମାନଙ୍କୁ ସମ୍ବର୍ଦ୍ଧିତ କରିବା ପାଇଁ ଏକ ସମ୍ବର୍ଦ୍ଧନା ସଭା ବିଦ୍ୟାଳୟ ପରିସରରେ ବୁଧବାର ଅନୁଷ୍ଠିତ ହୋଇଛି। ଆୟୋଜିତ ସଭା ସ୍ଥାନୀୟ ବିଦ୍ୟାଳୟର ପ୍ରଧାନଶିକ୍ଷକ କ୍ଷେତ୍ର ମୋହନ ମହାନ୍ତଙ୍କ ଅଧକ୍ଷତାରେ ମୁଖ୍ୟ ଅତିଥି ଭାବେ ପାଟଣା ଗୋଷ୍ଠୀ ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଅମାନ୍ତ, ସମ୍ମାନିତ ଅତିଥି ଭାବେ ଏବିଇଓ ନରୋତ୍ତମ ସାହୁ, ଜଗବନ୍ଧୁ ମହାନ୍ତ ଓ କ୍ଲଷ୍ଟର ସଂଯୋଜକ ପ୍ରମୋଦ କୁମାର ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ। ଉକ୍ତ ବିଦ୍ୟାଳୟର ତୃତୀୟ ଶ୍ରେଣୀର ଛାତ୍ରୀ ବିଦ୍ୟାରାଣୀ ବାରିକ ବ୍ଲକରେ ପ୍ରଥମ ସ୍ଥାନ ଅଧିକାର କରିବା ସହ ଜଣେ ପଞ୍ଚମ ଶ୍ରେଣୀରୁ ଓ ଅଷ୍ଟମ ଶ୍ରେଣୀରୁ ୧୭ ଜଣ ଛାତ୍ରୀଛାତ୍ର ମେଧା ତାଲିକାରେ ସ୍ଥାନ ପାଇଛନ୍ତି। ଏମାନଙ୍କୁ ମୁଖ୍ୟଅତିଥି ପୁଷ୍ପଗୁଚ୍ଛ ଓ ପୁରସ୍କାର ପ୍ରଦାନ କରି ସମ୍ବର୍ଦ୍ଧିତ କରିଛନ୍ତି। ଏହି କାର୍ଯ୍ୟକ୍ରମକୁ ସ୍ଥାନୀୟ ବିଦ୍ୟାଳୟର ସହକାରୀ ଶିକ୍ଷକ ତଥା ଶିକ୍ଷକ ନେତା କମଳାକାନ୍ତ ପତି ସଂଯୋଜନା କରିଥିବା ବେଳେ ଶିକ୍ଷକ ପ୍ରକାଶ ମିଶ୍ର,ସୁନିତା ବେହେରା, ସସ୍ମିତା ନାୟକ ଓ ଦୀପାଞ୍ଜଳି ସେଠୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ମହିଳା ଗିରଫ

ହାଟଡିହୀ,୨୯।୧(ଡି.ଏନ.ଏ.)-କେନ୍ଦୁଝର ଜିଲା ହାଟଡିହୀ ବ୍ଲକ କାନପୁର ଗ୍ରାମର ରୁକ୍ମିଣୀ ରାଉତ ନାମ୍ନୀ ଜଣେ ମହିଳାଙ୍କୁ ସୋସୋ ପୋଲିସ ଗିରଫ କରିଛି। ପୂର୍ବରୁ ତାଙ୍କ ନାମରେ ଏକ ମାମଲା ଥିଲା। ଭଦ୍ରକ ଏସଡିଜେଏମ କୋର୍ଟରୁ ୱାରେଣ୍ଟ ଜାରି ହୋଇଥିଲା। ଫଳରେ ତାଙ୍କୁ ଗିରଫ କରାଯାଇଛି।

# ବଳଦେବଜୀଉଙ୍କ ଭୂସମ୍ପତ୍ତି ଜବରଦଖଲକାରୀଙ୍କ କବ୍ଜାରେ

ଦୀପକ ମିଶ୍ର
କେନ୍ଦୁଝର, ୨୯।୧



- ୧୧୩ ଜବରଦଖଲକାରୀଙ୍କ ନାମରେ ମାମଲା ରୁଜୁ
- ଜମି ଚିହ୍ନଟ ପ୍ରକ୍ରିୟା ଜାରି ରହିଛି: ଉପଜିଲାପାଳ

କେନ୍ଦୁଝରର ଶ୍ରୀବଳଦେବଜୀଉଙ୍କ ମନ୍ଦିରର ଉନ୍ନତି ପାଇଁ ଜିଲା ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି । ଶ୍ରୀଜୀଉଙ୍କ ନୀତିକାନ୍ତି ଉପରେ ଗୁରୁତ୍ୱାରୋପ କରାଯାଇଛି । ଯାତ୍ରୀମାନଙ୍କ ସୁବିଧା ଓ ରାସ୍ତାଘାଟର ଉନ୍ନତି କରାଯାଇଛି । ହେଲେ ରାଜାରାଜୁଡା ଅମଳରୁ ଶ୍ରୀଜୀଉଙ୍କ ନାମରେ ଥିବା ବିପୁଳ ପରିମାଣର ଭୂସମ୍ପତ୍ତି ଶ୍ରୀଜୀଉଙ୍କ ସତ୍ତ୍ୱକୁ କେବେ ଫେରିବ ସେ ନେଇ ଭକ୍ତ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ପୁରୀ ଶ୍ରୀ ଜଗନ୍ନାଥ ମନ୍ଦିର ପରେ କେନ୍ଦୁଝରର ଶ୍ରୀ ବଳଦେବଜୀଉ ମନ୍ଦିର ଶହ ଶହ ବର୍ଷ ଧରି ଭକ୍ତଙ୍କ ମୂଳାଧାର ହୋଇରହିଛି। ବଳଦେବଜୀଉଙ୍କ ଜିଲା ତଥା ଜିଲା ବାହାରେ ବହୁ ଭୂସମ୍ପତ୍ତି ଥିଲା। କେନ୍ଦୁଝରର ଭୂତପୂର୍ବ ରାଜା ନୃସିଂହ ନାରାୟଣ ଭଞ୍ଜଦେଓ ୨୦ ଧାର୍ମିକ ମନ୍ଦିର ବା କୋଠା ସମେତ ୮୬ଟି ବଡ କୋଠା ଓ ୧୧୮୭ଟି ସାନକୋଠାର ପରିଚାଳନା ଦାୟିତ୍ୱ ତା୧୦।୦୪।୧୯୭୦ରିଖରେ ଓଡିଶା ଦେବୋତ୍ତର ବିଭାଗକୁ ହସ୍ତାନ୍ତର କରିଥିଲେ। ଏହାର ପରିଚାଳନା ପାଇଁ ସ୍ୱତନ୍ତ୍ର ଅଧିକାରୀ ନ ଥିବାରୁ କେନ୍ଦୁଝର ଉପଜିଲାପାଳ ଓଡିଶା ହିନ୍ଦୁ ଧର୍ମାନୁଷ୍ଠାନ ଆଇନର ୫୨ ଧାରା ଅନୁଯାୟୀ ନିର୍ବାହୀ ଅଧିକାରୀ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇ ଆସୁଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ଶ୍ରୀଜୀଉଙ୍କ ଅଧୀନରେ ଥିବା ୨୦ଟି କୋଠର ପରିଚାଳନା ଶ୍ରୀଜୀଉଙ୍କ କୋଠରୁ ବହନ କରାଯାଇଥାଏ। ଜିଲାର ପ୍ରାୟ ୮୨ଟି ଗ୍ରାମରେ ଶ୍ରୀଜୀଉଙ୍କ ଜମିଜମା ରହିଥିବା କୁହାଯାଏ। ଏହି ସମସ୍ତ ଗ୍ରାମରେ ଥିବା ସମୁଦାୟ ଜମିର ପରିମାଣ ୨୦,୭୭୫.୭୮ ଏକର । କିନ୍ତୁ ଦୁଃଖର କଥା ସରକାରଙ୍କ ଅଧୀନରେ ଦେବୋତ୍ତର ବିଭାଗ ଥାଇ ମଧ ବହୁ ପରିମାଣ ଜମି ଅଦ୍ୟାବଧି ରେକର୍ଡ ଭୁକ୍ତ ହୋଇପାରିନାହିଁ। ପାଖାପାଖି ୧୨୨୭.୪୭ ଏକର ଜମି ରେକର୍ଡ ଭୁକ୍ତ ହୋଇପାରିଥିବାବେଳେ ୧୯୫୪୮.୩୧ ଏକର ରେକର୍ଡଭୁକ୍ତ ହେବାକୁ ଅଛି। ଠାକୁରଙ୍କ ବହୁ ମୂଲ୍ୟବାନ ଜମି ଜବରଦଖଲକାରୀଙ୍କ ଦଖଲରେ ରହିଛି । ଅନ୍ୟପକ୍ଷରେ ଠାକୁରଙ୍କ ଆୟ ନ ଥିବା ଦର୍ଶାଇ ପୂଜାପାଠ, ରକ୍ଷଣାବେକ୍ଷଣରେ କାଟଛାଣ୍ଟ କରାଯାଉଥିବା ଅଭିଯୋଗ ହେଉଛି। କିନ୍ତୁ ଜବରଦଖଲ ଉଚ୍ଛେଦ କରି ଠାକୁରଙ୍କ ଜମିରୁ ରାଜସ୍ୱ ଆଦାୟ ନେଇ ବାରମ୍ବାର ନିଷ୍ପତ୍ତି ନିଆଯାଉଥିଲେ ହେଁ ତାହା କାର୍ଯ୍ୟକାରୀ କରାଯାଉ ନ ଥିବାରୁ ଭକ୍ତମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ବର୍ତ୍ତମାନ ସମୟରେ ଠାକୁରଙ୍କ ଏହି ଜମିର ମୂଲ୍ୟ ବହୁ କୋଟି ଟଙ୍କା ହେବ ଆକଳନ କରାଯାଇଛି । ଏହି ଜମି ମଧ୍ୟରୁ ୧୫,୮୯୭.୮୮ ଏକର ଜଙ୍ଗଲ ଓ ହୁଡି କିସମ, ୧୬୭.୫୩ ଏକର ପୋଖରୀ ୪,୪୮୨.୬୭ ଏକର ଚାଷଜମି ଥିବା ଜଣାପଡିଛି। ୪,୪୮୨.୬୭ ଏକର ଉପଯୋଗୀ ଜମି ମଧ୍ୟରୁ ମାତ୍ର ୧୨୨୩.୪୪୪ ଏକର ଜମିରୁ କର ଆଦାୟ କରାଯାଇପାରିଲେ ଠାକୁରଙ୍କ ରାଜସ୍ୱ ବୃଦ୍ଧି ପାଇପାରନ୍ତା ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

ଏ ସମ୍ପର୍କରେ ବଳଦେବଜୀଉ ମନ୍ଦିର ପ୍ରଶାସନ ତଥା କେନ୍ଦୁଝର ସଦର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରାଯାଇଥିଲା । ସେଠାରୁ ମିଳିଥିବା ତଥ୍ୟ ଅନୁଯାୟୀ, ଭୁବନେଶ୍ୱରସ୍ଥିତ ଦେବୋତ୍ତର ଆୟୁକ୍ତଙ୍କ ଅଦାଲତରେ ୧୧୩ ଜଣ ଜବରଦଖଲକାରୀଙ୍କ ନାମରେ ମାମଲା ରୁଜୁ ହୋଇଛି । ଜବରଦଖଲକାରୀଙ୍କୁ ନୋଟିସ ଜାରି କରାଯାଇଛି ବୋଲି ତଥ୍ୟ ମିଳିଛି । ସହର ଉପକଣ୍ଠ କବିଦ୍ରା ମୌଜାରେ ଶ୍ରୀଜୀଉଙ୍କ ନାମରେ ଥିବା ୩୫୦ ଏକର ଜମିକୁ ଚିହ୍ନଟ କରାଯାଇ ଦେବୋତ୍ତର ଅଧୀନକୁ ନିଆଯାଇଛି। ସେହିପରି ସିଦ୍ଧମଠରେ ୩୯ ଏକର ଜମିକୁ ଚିହ୍ନଟ କରାଯାଇ ତାରବାଡ ଘେରାଯାଇଛି ବୋଲି ସୂଚନା ମିଳିଛି।

ଏହାବାଦ୍ ଠାକୁରଙ୍କ ନାମରେ ଶହ ଶହ ଏକର ଜମିକୁ ଚିହ୍ନଟ କରାଯାଇପାରୁ ନ ଥିବା ଏକ ନିର୍ଭରଯୋଗ୍ୟ ସୂତ୍ରରୁ ଜଣାପଡିଛି। ବିଶାଳ ଭୂସମ୍ପତ୍ତିର ମାଲିକ କେନ୍ଦୁଝରର ଶ୍ରୀ ବଳଦେବଜୀଉଙ୍କ ମୂଲ୍ୟବାନ ଭୂସମ୍ପତ୍ତିର ରକ୍ଷଣାବେକ୍ଷଣ ପାଇଁ ଜଣେ ସ୍ୱତନ୍ତ୍ର ପୂର୍ଣ୍ଣକାଳୀନ ଅଧିକାରୀଙ୍କୁ ନିଯୁକ୍ତି ଦେବା ପାଇଁ ଦାବି ହେଉଛି। ଏ ସମ୍ପର୍କରେ କେନ୍ଦୁଝର ସଦର ଉପଜିଲାପାଳ ତଥା ଦେବୋତ୍ତର ନିର୍ବାହୀ ଅଧିକାରୀ ରାମଚନ୍ଦ୍ର କିସ୍କୁ କହିଛନ୍ତି, ଦେବୋତ୍ତର କମିଶନଙ୍କ ନିକଟରେ ଜବରଦଖଲକାରୀଙ୍କ ବିରୋଧରେ ମାମଲା ରୁଜୁ ହେବା ସହ ଜମି ଚିହ୍ନଟ ପ୍ରକ୍ରିୟା ଜାରି ରହିଥିବା କହିଛନ୍ତି । ଖୁବଶୀଘ୍ର ଶ୍ରୀଜୀଉଙ୍କ ଜମି ମନ୍ଦିର ପ୍ରଶାସନ ଅଧୀନକୁ ଫେରିବ ବୋଲି ସେ ପ୍ରକାଶ କରିଛନ୍ତି । ଶ୍ରୀ ବଳଦେବଜୀଉଙ୍କ ଭୂସମ୍ପତ୍ତିର ପୁନରୁଦ୍ଧାର ସମ୍ପର୍କରେ ସ୍ଥାନୀୟ ବୟୋଜ୍ୟେଷ୍ଠ ନାଗରିକ ତଥା ଘୁଙ୍ଗୁରୁ କ୍ଲବର ସଭାପତି ନବକିଶୋର ସାହୁ କହିଛନ୍ତି, ଠାକୁରଙ୍କ ନାମକୁ ସେହି ଜମି ଫେରାଇ ଆଣିବା ପାଇଁ ତ୍ୱରିତ ପଦକ୍ଷେପ ନିଆଯିବା ଉଚିତ୍ । ଏଥିପାଇଁ ଜଣେ ସ୍ୱତନ୍ତ୍ର ରାଜସ୍ୱ ଅଧିକାରୀ ନିଯୁକ୍ତି କରି ପଦକ୍ଷେପ ନେବାକୁ ସେ ଦାବି କରିଛନ୍ତି । ପୁରୀ ଶ୍ରୀ ଜଗନ୍ନାଥ ମନ୍ଦିରକୁ ସର୍ବାଧିକ ଗୁରୁତ୍ୱ ଦିଆଯାଉଥିଲେ ମଧ ୪ଶହ ବର୍ଷର ପୁରାତନ ଏହି ମନ୍ଦିରକୁ ଅଣଦେଖା କରାଯାଉଛି ବୋଲି ସାହୁ ଅଭିଯୋଗ କରିଛନ୍ତି ।

### ଗୋରୁଙ୍କ ମୃତଦେହ ନେଇ ଝାଲିଆବେଡ଼ାରେ ଉତ୍ତେଜନା

ଚମ୍ପୁଆ, ୨୯।୧(ଡି.ଏନ୍.ଏ.)

ଚମ୍ପୁଆ ବ୍ଲକ ଅନ୍ତର୍ଗତ ଜ୍ୟୋତିପୁର ପଞ୍ଚାୟତର ଝାଲିଆବେଡା ଜଙ୍ଗଲ ରାସ୍ତାରେ ୯ ଗୋଟି ମଲା ବଳଦଙ୍କ ମୃତଦେହ ଉଦ୍ଧାର କରାଯାଇଥିବା ବେଳେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଥିବା ଜଣାଯାଇଛି। ସୂଚନା ଅନୁସାରେ ଝାଲିଆବେଡା ଜଙ୍ଗଲ ହାତୀ ଚଲାପଥ ରାସ୍ତାରେ ବୁଧବାର ସକାଳୁ ୭ ଗୋଟି ବଳଦ ଓ ମଲ୍ଲୀପଶି ଜଙ୍ଗଲରେ ୨ଟି ବଳଦର ମୃତଦେହ ଦେଖିବାକୁ ମିଳିଥିଲା। ଗ୍ରାମବାସୀ ଏହାକୁ ଦେଖିବା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଥିଲା। ଏନେଇ ବାରିଆ ଥାନାକୁ ସୂଚନା ଦେବା ପରେ ଥାନା ଅଧିକାରୀ ସୁଶାନ୍ତ ମଣି ମହାନ୍ତି ସଦଳବଳ ଘଟଣାସ୍ଥଳରେ ପହଞ୍ଚି ଗୋରୁଙ୍କ ମୃତଦେହ ଉଦ୍ଧାର କରିଥିଲେ। ଘଟଣା ଅନୁସନ୍ଧାନରୁ ଅନୁମାନ କରାଯାଉଛି ଯେ, ଉକ୍ତ ମୃତ ବଳଦ କୌଣସି ଏକ ଭାରି ଯାନ ଗାଡିରେ ଆଣି ଫିଙ୍ଗିଥିବା ବେଳେ ଏହା ଗତରାତିର ଘଟଣା ବୋଲି ଜଣାଯାଇଛି। ଏନେଇ ଗୋରୁ ବେପାରୀଙ୍କ ଭୂମିକା ରହିଥିବା ସ୍ଥାନୀୟ ଲୋକେ କହୁଥିବା ବେଳେ ଅବାଧରେ ହେଉଥିବା ଗୋ-ଚାଲାଣ ଦ୍ୱାରା ଏଭଳି ଘଟଣା ଘଟିଥିବ ବୋଲି ଅନୁମାନ କରାଯାଉଛି। ସ୍ଥାନୀୟ ଅଞ୍ଚଳ ଦେଇ ସପ୍ତାହରେ ତିନି ଚାରି ଦିନ ଭଣ୍ଡା, ତୁରୁମୁଙ୍ଗା ଓ ଚମ୍ପୁଆ ରାସ୍ତା ଦେଇ ଦୂରଦୂରାନ୍ତରୁ ଆଣି ବେପାରୀମାନେ ଗୋରୁ ବିକ୍ରି ପାଇଁ ନେଇଥିବା ଦେଖିବାକୁ ମିଳିଥିଲା। ବେଆଇନ ଗୋ-ଚାଲାଣକୁ ରୋକିବାକୁ ଆଇନ ଅନୁଯାୟୀ ପଦକ୍ଷେପ ନେବାକୁ ସ୍ଥାନୀୟବାସୀ ଦାବି କରିଥିବା ଜଣାଯାଇଛି।

# ଆଜାଦ୍ ବସ୍ତିରେ ସପ୍ତମ କ୍ରୀଡ଼ା ଓ ନାଚ ପ୍ରତିଯୋଗିତା



ପ୍ରତିଯୋଗିତା ସଭାରେ କଳାକାରଙ୍କ ସହ ଅତିଥିମାନେ।

ଯୋଡ଼ା ୨୯।୧(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡା ସହରରେ ଥିବା ଆଜାଦ୍ ବସ୍ତିଠାରେ ଆଜାଦ୍ ବସ୍ତି ୟୁଥ୍ କ୍ଲବ ଓ ବସ୍ତିର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ଆୟୋଜିତ ସପ୍ତମ ବାର୍ଷିକ କ୍ରୀଡା ଓ ନାଚ ପ୍ରତିଯୋଗିତା ସମାରୋହ ମଙ୍ଗଳବାର ଉଦ୍ଯାପିତ ହୋଇଯାଇଛି । ଏହି ଅବସରରେ ଯୋଡାର ବରିଷ୍ଠ ନାଗରିକ ନୀଳମଣି ମହାନ୍ତି, ଯୋଡା ବିକାଶ ପରିଷଦର ସମ୍ପାଦକ ସୁଶାନ୍ତ କୁମାର ବାରିକ, ଖବରଦାତା ମାନସ ରଞ୍ଜନ ମହାନ୍ତି, ମହିଳା ସାମାଜିକ କର୍ମୀ ଶ୍ରୀମତୀ ଜେନା, ଆଜାଦବସ୍ତିର ସାମାଜିକକର୍ମୀ କ୍ଷୀରୋଦ ଗୋପ୍ଙ୍କ ସମେତ ଟାଟା ଷ୍ଟିଲ ଗ୍ରାମୀଣ ଉନ୍ନୟନ ସଂସ୍ଥାର ଅଧିକାରୀ ତନ୍ମୟ କର ଯୋଗ ଦେଇଥିଲେ । ଅତିଥିମାନଙ୍କ ଦ୍ୱାରା ବିଭିନ୍ନ କ୍ରୀଡାରେ ଅଂଶଗ୍ରହଣ କରି ବିଜୟୀ ହୋଇଥିବା ବହୁ ମହିଳା କ୍ରୀଡା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଯୋଡାର ସହର ତଥା ଆଖପାଖ ଅଞ୍ଚଳରେ ଥିବା ବିଭିନ୍ନ ଡ୍ୟାନ୍ସ ଗ୍ରୁପ୍ ପକ୍ଷରୁ ଚିତ୍ତାକର୍ଷକ ନୃତ୍ୟ ପରିବେଷଣ କରାଯାଇଥିଲା । ଯାହାକୁ ଦେଖି ହଜାର ହଜାର ଦର୍ଶକ ବିମୋହିତ ହୋଇଯାଇଥିଲେ । କନ୍ୟାଭ୍ରୁଣ ହତ୍ୟା, ମା'ର ସ୍ନେହକୁ ନେଇ ନୃତ୍ୟ ଜରିଆରେ ଅତି ସୁନ୍ଦର ବାର୍ତ୍ତା ସାଧାରଣରେ ଦିଆଯାଇଥିଲା । ଏତଦ୍‌ବ୍ୟତୀତ କୁନିକୁନି ପିଲାମାନଙ୍କର ନୃତ୍ୟ ଦର୍ଶକମାନଙ୍କ ମନ ମୋହିଥିଲା । ଏହି କାର୍ଯ୍ୟକ୍ରମକୁ ସାକାଲ କାରୁଆ, ଲିପୁ ଗୋପ୍, ଜୟରାମ୍ ଗୋପ୍, ଶିବା କାରୁଆ, ମିଥୁନ୍ ପ୍ରମୁଖ କ୍ଲବ ସଦସ୍ୟମାନେ ସୁଚାରୁ ରୂପେ ପରିଚାଳନା କରିଥିଲେ।

## ବସିରା ଗ୍ରାମାଞ୍ଚଳ ଭଲିବଲ ପ୍ରତିଯୋଗିତା: ଶୁଆକାଠି ଦଳ ଚାମ୍ପିୟନ

ଚମ୍ପୁଆ, ୨୯।୧(ଡି.ଏନ.ଏ)

ଚମ୍ପୁଆ ବ୍ଲକ ଅନ୍ତର୍ଗତ ବସିରା ଗ୍ରାମାଞ୍ଚଳ ଭଲିବଲ ପ୍ରତିଯୋଗିତା ଉଦ୍ଯାପିତ ହୋଇଯାଇଛି। ଚଳିତ ମାସ ୨୭ ଓ ୨୮ ତାରିଖରେ ଦୁଇ ଦିନିଆ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଫାଇନାଲ ମ୍ୟାଚରେ ଶୁଆକାଠି ଦଳ ଯୋଡା ଦଳକୁ ହରାଇ ଚାମ୍ପିୟନ ହୋଇଥିଲା। ମା' ସନ୍ତୋଷୀ କ୍ଲବ ଦ୍ୱାରା ଆୟୋଜିତ ଏହି ପ୍ରତିଯୋଗିତାରେ ୧୪ ଗୋଟି ଦଳ ଭାଗ ନେଇଥିଲେ। ଏହି ଦୁଇ ଦିନିଆ ପ୍ରତିଯୋଗିତାର ଉଦ୍ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଗୋବର୍ଦ୍ଧନ ମହାନ୍ତ ଯୋଗ ଦେଇ ବିଜୟୀ ଓ ରନର୍ସଅପ୍ ଦଳକୁ ଟ୍ରଫି ଓ ନଗଦ ଅର୍ଥରାଶି ପ୍ରଦାନ କରିଥିଲେ। କ୍ଲବ ସଭାପତି ସନ୍ତୋଷ ମହାନ୍ତ, ତଥାଗତ ମହାନ୍ତ, କୃପାସିନ୍ଧୁ ମହାନ୍ତ, ଦିଗାମ୍ବର ମହାନ୍ତ ଓ ଗୋପୀନାଥ ମହାନ୍ତଙ୍କ ସମେତ ସମସ୍ତ ସଭ୍ୟ ଏହି ପ୍ରତିଯୋଗିତା ପରିଚାଳନା କରିଥିଲେ।

## ବାଙ୍ଗୋର ଓଏମ୍‌ସି ପକ୍ଷରୁ ସ୍ୱାସ୍ଥ୍ୟସେବା

ବଉଳା, ୨୯।୧ (ଡି.ଏନ.ଏ.)

ହାଟଡିହୀ ବ୍ଲକର ବାଙ୍ଗୋର ଓଏମସି ପକ୍ଷରୁ ସ୍ୱାସ୍ଥ୍ୟସେବା ଓ ସଚେତନତା କାର୍ଯ୍ୟକ୍ରମ ଆଦିବାସୀ ବହୁଳ ଟିଲୋଗଡ଼ିଆ ଗ୍ରାମରେ ଅନୁଷ୍ଠିତ ହୋଇଛି। ଡ.ତପସ୍ୱିନୀ ସେଠୀ, ଫାର୍ମାସିଷ୍ଟ ଭାସ୍କର ମହାନ୍ତି, କମଳଜ୍ୟୋତି ସାହୁ ପ୍ରମୁଖ ୧୬୦ ଜଣ ଗ୍ରାମବାସୀଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରି ମାଗଣା ଔଷଧ ପ୍ରଦାନ କରିଥିଲେ । ସେହି ସମୟରେ ପର୍ସନାଲ ମ୍ୟାନେଜର ପିଙ୍କି ହେମ୍ବ୍ରମ, ଡାକ୍ତର ଓ ଫାର୍ମାସିଷ୍ଟ ଉପସ୍ଥିତ ରହି ବେଟୀ ବଞ୍ଚାଅ, ବେଟୀ ପଢ଼ାଅ ସଚେତନତା କରାଇଥିଲେ । ବେଟୀ ପଢ଼ିବା ସହିତ ବଞ୍ଚି ରହିଲେ ଦେଶ ହସିବ ବୋଲି ପର୍ସନାଲ ମ୍ୟାନେଜର ପିଙ୍କି ହେମ୍ବ୍ରମ ମତବ୍ୟକ୍ତ କରିଥିଲେ। ଏ ସମ୍ପର୍କରେ ବହୁ ମହିଳାଙ୍କୁ ସଚେତନ କରାଯାଇଥିଲା।




ଶିବିରରେ ଛାତ୍ରୀମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।

नालको NALCO
National Aluminium Company Limited
(A Government of India Enterprise)
NALCO Bhawan, P/1, Nayapalli, Bhubaneswar - 751 013, Odisha, India
CIN : L27203OR1981GOI000920
A NAVRATNA COMPANY

NOTICE

Notice is hereby given pursuant to Regulation 29 and 47 of the SEBI (Listing Obligations and Disclosure Requirements) Regulations, 2015, that a meeting of the Board of Directors of the Company will be held on Monday, the 10th February, 2020 to consider inter-alia the Unaudited Financial Results(standalone & consolidated) for the quarter and nine months ended 31st December, 2019.
Information in this regard is also available on the website of the Company i.e. www.nalcoindia.com and on the website of Stock Exchanges i.e. www.bseindia.com and www.nseindia.com.

For National Aluminium Company Limited
(N K Mohanty)
Company Secretary
Place : Bhubaneswar
Date : 28.01.2020

GOVT. OF INDIA
MINISTRY OF FINANCE
DEPARTMENT OF FINANCIAL SERVICES
DEBTS RECOVERY TRIBUNAL
COURT OF THE RECOVERY OFFICER
Plot No. C-71, Sector-7, C.D.A., Cuttack-753014
FORM NO. ITCP-16

NOTICE FOR ATTACHMENT OF IMMOVABLE PROPERTY
(See Rule-48 of the Second Schedule as referred to in section 29 of Recovery of Debts due to Banks and Financial Institution Act, 1993)
R.P. No. 92/2015/CTC
(Arising out of O.A. No. 612 of 2014)

State Bank of India, SME Branch Takatpur, At/PO: Takatpur, Via: Baripada, Dist.: Mayurbhanj, PIN-757001 .....Certificate Holder Bank
Vs.
M/s Pradhan Spices (I) Ltd. & Others .....Certificate Debtors
To,
1. M/s Pradhan Spices (I) Ltd., At: Gandadiha, PO: Baripada, Dist.: Mayurbhanj (Represented by its Managing Director: Shri Mihir Kumar Pradhan).
2. Shri Mihir Kumar Pradhan, S/o: Late Sristhidhar Pradhan, At: Gandadiha, PO: Baripada, Dist.: Mayurbhanj.
3. Smt. Rekha Pradhan, W/o: Late Sristhidhar Pradhan, At: Gandadiha, PO: Baripada, Dist.: Mayurbhanj.
4. Shishir Kumar Pradhan, S/o: Late Sristhidhar Pradhan, At: Gandadiha, PO: Baripada, Dist.: Mayurbhanj.

WHERE as you, M/s Pradhan Spices (I) Ltd., At: Gandadiha, PO: Baripada, Dist.: Mayurbhanj, Represented by its Managing Director: Shri Mihir Kumar Pradhan & others have failed to pay the sum of Rs.2,54,89,543.52 (Rupees Two Crore Fifty Four Lac Eighty Nine Tuousand Five Hundred Forty Three and Paise Fifty Two Only) with interest @ 14.75% per annum with monthly rests on the amount due w.e.f the date of filing till realization of the entire dues payable by you in respect of the demand notice issued by the undersigned as per certificate dt.17.08.2015 arising out of OA No. 612 of 2014 issued by the Presiding Officer, Debts Recovery Tribunal, Cuttack under sub section (22) of the Section 19 of the Recovery of Debts due to Banks and Financial Institutions Act, 1993.

It is ordered that the under mentioned mortgaged properties are attached and you the said M/s Pradhan Spices (I) Ltd., At: Gandadiha, PO: Baripada, Dist.: Mayurbhanj, Represented by its Managing Director: Shri Mihir Kumar Pradhan & others be, and you are hereby prohibited and restrained until the further order of the undersigned from transferring or charging the under mentioned property in any way and that all persons be and that they are, hereby, prohibited from taking any benefit under such transfer of charge.

Details of Mortgaged Property:
1. Dist.: Mayurbhanj, SRO/Thana: Baripada, Tahasil: Shyamkunta, Tahasil No.: 1003, Thana No.: 105, Mouza: Gouddiho, Khata No.: 62/176, Plot No.: 358 & 354 and 358, Area: Ac.0.650dec., Bounded by- North: Plot No. 354/760, South: Plot No. 357, East: Plot No. 359, West: Plot No. 355.
2. Dist.: Mayurbhanj, Tahasil/SRO: Baripada / Saraskana, Thana: Bangiriposi, Thana No.: 156, Mouza: Nuagan, Khata No.: 161, Plot No.: 1673, Area: Ac.1.004dec., Bounded by- North: Road, South: Land of Pratap Chandra Pal, East: Mouza Border, West: Land of Budhuray Majhi.

Given under my hand & seal at Cuttack on this 31st day of December, 2019.
Sd/- (R P Patnaik)
Recovery Officer

# ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପାଇଁ ତତ୍ପର ଆନନ୍ଦପୁର

ଆନନ୍ଦପୁର,୨୯।୧(ସ୍ୱ.ପ୍ର.)

ଓଡିଶାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଗସ୍ତ ପାଇଁ ଆନନ୍ଦପୁର ସହର ବେଶ୍ ତତ୍ପର ହୋଇଉଠିଛି। ଆନନ୍ଦପୁରର ସର୍ବ ପୁରାତନ ଶିକ୍ଷାନୁଷ୍ଠାନ ବଳଭଦ୍ର ନାରାୟଣ ଉଚ୍ଚ ବିଦ୍ୟାଳୟର ପ୍ଲାଟିନମ୍ ଜୁବିଲି ଚଳିତ ମାସ ୩୧ ତାରିଖରେ ଉଦ୍‌ଘାଟନ ହେବାର କାର୍ଯ୍ୟକ୍ରମ ରହିଛି। ତିନିଦିନ ଧରି ଅନୁଷ୍ଠିତ ହେବାକୁ ଥିବା ପ୍ଲାଟିନମ୍ ଜୁବିଲି କାର୍ଯ୍ୟକ୍ରମର ଉଦ୍ଯାପନୀ ଦିବସ ୨ ତାରିଖରେ ରାଜ୍ୟପାଳ ମୁଖ୍ୟଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କ ସମେତ ବହୁ ବରିଷ୍ଠ ରାଜ୍ୟ ତଥା କେନ୍ଦ୍ର ମନ୍ତ୍ରୀମାନଙ୍କର ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ଜୁବିଲି ସମାବେଶକୁ ଲକ୍ଷ୍ୟ ରଖି ପ୍ରଶାସନିକ ସ୍ତରରେ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ସହର ମଧ୍ୟଭାଗକୁ ଯାଇଥିବା ରାସ୍ତାଗୁଡିକର ସୌନ୍ଦର୍ଯ୍ୟକରଣ ପାଇଁ ବ୍ରିଜଛକ ଠାରେ ଥିବା ଅଧାଗଢା କାର୍ଯ୍ୟକୁ ସମ୍ପୂର୍ଣ୍ଣ କରାଯିବା, ବୃକ୍ଷରୋପଣ କରାଯିବା ନିମନ୍ତେ ଉଦ୍ୟମ ଆରମ୍ଭ କରାଯାଇଥିବା ଦେଖିବାକୁ ମିଳିଛି। ରାସ୍ତାର ଉଭୟ ପାର୍ଶ୍ୱକୁ ସଫାସୁତୁରା କରାଯାଇ ସହରର ସୌନ୍ଦର୍ଯ୍ୟକୁ ବୃଦ୍ଧି କରିବା ପାଇଁ ଉଦ୍ୟମ କରାଯାଉଥିବା ଦେଖାଯାଇଛି। ପ୍ରଶାସନ ଦ୍ୱାରା ତରବରିଆ ଭାବେ ଅଧାଗଢା କାର୍ଯ୍ୟକୁ ସମ୍ପୂର୍ଣ୍ଣ କରାଯିବା ନିମନ୍ତେ କରାଯାଉଥିବା ଉଦ୍ୟମକୁ ସାଧାରଣରେ ସ୍ୱାଗତ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ନେଇ ଆନନ୍ଦପୁର ଷ୍ଟାଡିୟମ ଏବଂ ବିଏନ ହାଇସ୍କୁଲ ପଡିଆ ଠାରେ ଦୁଇ ଗୋଟି ହେଲିପ୍ୟାଡର ବ୍ୟବସ୍ଥା କରାଯାଇଥିବାବେଳେ ସାଧାରଣ ସଭା ପାଇଁ ବାରିକେଡର ବ୍ୟବସ୍ଥା କରାଯାଇଛି।



ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପାଇଁ ଆନନ୍ଦପୁରରେ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଚାଲିଛି।

## ବିଦ୍ୟାଳୟକୁ ପ୍ରୋଜେକ୍ଟର ପ୍ରଦାନ

କେନ୍ଦୁଝର, ୨୯।୧(ଡି.ଏନ୍.ଏ.): କେନ୍ଦୁଝର ରୋଟାରୀ କ୍ଲବ ତରଫରୁ କେନ୍ଦୁଝରଗଡ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରକୁ ଏକ ପ୍ରୋଜେକ୍ଟର ପ୍ରଦାନ କରାଯାଇଛି। ଏହି ନିମନ୍ତେ ଏକ ସଭାର ଆୟୋଜନ କରାଯାଇଥିଲା। ଏହି ସଭାରେ ରୋଟାରୀ କ୍ଲବର ସଭାପତି ଇଂ ବସନ୍ତ କୁମାର ଦାନୀ,ସଂପାଦିକା ରାଜଲକ୍ଷ୍ମୀ ସ୍ୱାଇଁ, ରୋଟାରିଆନ ଇଂ ଦେବବ୍ରତ ସ୍ୱାଇଁ,ହରିହର ମହାନ୍ତ, ଡଃ ସଞ୍ଜିବ କୁମାର ଓତା, ଇଂ ସୁରେଶ ଚନ୍ଦ୍ର ଖାଟୋଇ, ଡଃ ସତ୍ୟଜିତ ନନ୍ଦ ଉପସ୍ଥିତ ରହି ବିଦ୍ୟାଳୟର ଶିଶୁଙ୍କ ନିମନ୍ତେ ଏକ ପ୍ରୋଜେକ୍ଟର ପ୍ରଦାନ କରିଥିଲେ । ଏହି ସଭାରେ ବିଦ୍ୟାଳୟ ପରିଚାଳନା ସମିତିର ସଂପାଦକ ରବୀନ୍ଦ୍ର କୁମାର ପଣ୍ଡା ଏହି ପ୍ରୋଜେକ୍ଟର ବିଦ୍ୟାଳୟର ଶିଶୁଙ୍କ ନିମିତ୍ତ ବିବିଧ କାର୍ଯ୍ୟକ୍ରମରେ ସହାୟକ ହେବ ବୋଲି ମତବ୍ୟକ୍ତ କରିଥିଲେ ।

## ସଂକ୍ଷେପରେ

### ମା' ତାରିଣୀଙ୍କ ହୁଣ୍ଡି ଗଣତି ୯.୮୬ ଲକ୍ଷ ସହ ୪୭ ଗ୍ରାମ ସୁନା, ୧୩୮୬ ଗ୍ରାମ ରୁପା ମିଳିଲା

ଘଟଗାଁ, ୨୯।୧ (ଡି.ଏନ.ଏ.)-ତାରିଣୀ ଠାକୁରାଣୀଙ୍କୁ ଭକ୍ତମାନେ ଦାନ କରୁଥିବା ଅର୍ଥ ଓ ସୁନା ଏବଂ ରୂପା ଅଳଙ୍କାରଗୁଡ଼ିକୁ ବୁଧବାର ମନ୍ଦିର ଟ୍ରଷ୍ଟ ବୋର୍ଡ ପକ୍ଷରୁ ଖୋଲାଯାଇ ଗଣତି କରାଯାଇଥିଲା। ମନ୍ଦିର ପରିସରରେ ଥିବା ୧୨ ଗୋଟି ହୁଣ୍ଡିକୁ ଦିନ ୧୧ଟା ବେଳେ ଟ୍ରଷ୍ଟବୋର୍ଡ ସଭାପତି ରାଜେନ୍ଦ୍ର ପଟ୍ଟନାୟକ, ସଦସ୍ୟ ନିର୍ମଳ ମହାନ୍ତି, ଆନନ୍ଦ ଚନ୍ଦ୍ର ସିଂହ, ଦେବୋତ୍ତର ନିରୀକ୍ଷକ ତ୍ରିଲୋଚନ ନାୟକ ଏବଂ ମନ୍ଦିର ପରିସରରେ ନିଯୁକ୍ତି ଥିବା ପୋଲିସ କର୍ମଚାରୀଙ୍କ ଉପସ୍ଥିତିରେ ଖୋଲାଯାଇ ଟ୍ରଷ୍ଟ ବୋର୍ଡ କାର୍ଯ୍ୟାଳୟକୁ ଅଣାଯାଇଥିଲା। ଏଥିରୁ ନଗଦ ଅର୍ଥ ୯ ଲକ୍ଷ ୮୬ ହଜାର ୫୩୬ ଟଙ୍କା ମିଳିଥିବା ବେଳେ ୪୭ ଗ୍ରାମ ୩୦୦ ମିଲିଗ୍ରାମ ସୁନା, ୧୩୮୬ ଗ୍ରାମ ୬୩୦ ମିଲିଗ୍ରାମ ରୂପା ମିଳିଥିଲା। ଗଣତି ବେଳେ ମନ୍ଦିର ଆକାଉଣ୍ଟାଣ୍ଟ ଅକ୍ଷୟ ବେହେରା, ଅବନୀ ଜେନା, ମହେଶ୍ୱର ଦେହୁରୀ, ମହେଶ୍ୱର ସାହୁ, ଚକ୍ରଧର ନାଏକ, ବାବୁଲି ସା, ସୁରେଶ ବାରିକ, ବାଲ୍ମିକ ବଳ, ଯାଦବ ହାତୀ, କଳ୍ପତରୁ ରାଉତ, ଚନ୍ଦ୍ରାମୁଖୀ, ବିଷ୍ଣୁ ନାଏକ, ଅମୁଲ୍ୟ ନାଏକଙ୍କ ସମେତ ବ୍ୟାଙ୍କ କର୍ମଚାରୀ ଉପସ୍ଥିତ ଥିଲେ। ଏହି ଗଣତି କାର୍ଯ୍ୟ ସନ୍ଧ୍ୟା ପର୍ଯ୍ୟନ୍ତ ଚାଲିଥିଲା।

### ମା' ତାରିଣୀ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ ଉଦ୍‌ଘାଟିତ

କେନ୍ଦୁଝର, ୨୯।୧ (ଡି.ଏନ୍.ଏ./ସ୍ୱ.ପ୍ର.)- କେନ୍ଦୁଝର ପାର୍କଲାଇନସ୍ଥିତ ଇନଡୋର ଷ୍ଟାଡିୟମ ପରିସରରେ ଜିଲା ବ୍ୟାଡମିଣ୍ଟନ ଆସୋସିଏଶନ୍ ଆନୁକୂଲ୍ୟରେ ଜାତୀୟସ୍ତରୀୟ ମା' ତାରିଣୀ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ ବୁଧବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଛି। ଜିଲାପାଳ ଡକ୍ଟର ଆଶିଷ ଠାକରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଫିତା କାଟି ଟୁର୍ନାମେଣ୍ଟର ଶୁଭାରମ୍ଭ କରିଥିଲେ। ୫ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ଆନ୍ତଃସ୍କୁଲ, ଜିଲାସ୍ତରୀୟ,ରାଜ୍ୟସ୍ତରୀୟ ଓ ଜାତୀୟସ୍ତରୀୟ ପ୍ରତିଯୋଗିତା କେନ୍ଦୁଝର ଇନ୍‌ଡୋର ଷ୍ଟାଡିୟମଠାରେ ଅନୁଷ୍ଠିତ ହେବ। ପ୍ରତ୍ୟେକ ବର୍ଷ ଭଳି ଚଳିତବର୍ଷ ମଧ ବହୁ ଜାତୀୟସ୍ତରୀୟ ଖ୍ୟାତି ସମ୍ପନ୍ନ କ୍ରୀଡାବିତ ଅଂଶଗ୍ରହଣ କରିଥିବା ଜଣାପଡିଛି। ମା' ତାରିଣୀ ସର୍ବଭାରତୀୟ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ ଜାନୁୟାରୀ ୨୯ରୁ ଆରମ୍ଭ ହୋଇ ଫେବୃଆରୀ ୨ତାରିଖରେ ଶେଷ ହେବ। ଆସୋସିଏସନ୍‌ର ସଭାପତି ସୁଦିପ କୁମାର ସାହୁ, ସମ୍ପାଦକ ସୁବାଶିଷ କର, ଉପଦେଷ୍ଟା ତୁଷାର ରଞ୍ଜନ ଦାଶ, ବିଶ୍ୱରଞ୍ଜନ ପଟ୍ଟନାୟକ, ପ୍ରେମାନନ୍ଦ ପାଣିଗ୍ରାହୀ, ଗୌରାଙ୍ଗ ଚରଣ ସାହୁ, ଆନନ୍ଦ ପାଣ୍ଡିଆ,ପରିମଳ ରାଉତ ପ୍ରମୁଖ ଏହି ଟୁର୍ନାମେଣ୍ଟ ପରିଚାଳନା କରୁଛନ୍ତି।

### ଗଡପୋଖରୀ ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକୋତ୍ସବ

ଖଇରା,୨୯।୧(ଡି.ଏନ୍.ଏ.): ଖଇରା ବ୍ଲକ ଅଧୀନ ଗଡପୋଖରୀସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇ ଯାଇଛି। ପରିଚାଳନା କମିଟିର ସଭାପତି ଗଣେଶ ଚନ୍ଦ୍ର ମହାପାତ୍ରଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ଖଇରା ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ମୁକ୍ତକାନ୍ତ ଶତ୍‌ପଥୀ ମୁଖ୍ୟ ଅତିଥି, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଦେବେନ୍ଦ୍ର କୁମାର ରାଉତ ଯୋଗ ଦେଇ ମା' ମାନେ ଯଥେଷ୍ଟ ଯତ୍ନବାନ ନ ହେଲେ ପିଲାର ଭବିଷ୍ୟତ ଗଢାଯାଇ ପାରିବ ନାହିଁ ବୋଲି କହିଥିଲେ। ପ୍ରଧାନଆଚାର୍ଯ୍ୟା ସରସ୍ୱତୀ ପାଣିଗ୍ରାହୀ ଅତିଥି ପରିଚୟ ପ୍ରଦାନ ଓ ସମ୍ପାଦକ ମନୋଜ କୁମାର ପଣ୍ଡା ବିବରଣୀ ପାଠ କରିଥିଲେ। ଶିଶୁବାଟିକା ପ୍ରମୁଖ ସୁବାସିନି ବିଶ୍ୱାଳ ତଥା ଅନ୍ୟ ଗୁରୁମା ଗୁରୁଜୀଙ୍କ ସହାୟତାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶିତ ହୋଇଥିଲା।

### ରାସ୍ତା ଉନ୍ନତୀକରଣ କାର୍ଯ୍ୟର ଶିଳାନ୍ୟାସ

ସଜନାଗଡ଼,୨୯।୧(ଡି.ଏନ୍.ଏ.): ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ଅଧୀନ ସଜନାଗଡ଼ ପଞ୍ଚାୟତରେ ୧୯ନଂ. ରାଜ୍ୟ ରାଜପଥକୁ ସଂଯୋଗ କରୁଥିବା ସଜନାଗଡ଼ଠାରୁ ଗୁଡ଼ିଶୁଳ ପର୍ଯ୍ୟନ୍ତ ରାସ୍ତାର ଉନ୍ନତିକରଣ ପାଇଁ ବୁଧବାର ଶିଳାନ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବିଧାୟକ ଇଂ.ସୁକାନ୍ତ କୁମାର ନାୟକ ଏହାର ଶିଳାନ୍ୟାସ କରିଥିଲେ। ଓଡ଼ିଶା ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୩୭ଲକ୍ଷ ଟଙ୍କାର ଅଟ୍ଟକଳରେ ଏହି ରାସ୍ତାର ଉନ୍ନତୀକରଣ କରାଯିବ। ଏହି ଅବସରରେ ବଣସୀମା ମଣ୍ଡଳ ସଭାପତି କରୁଣାକର ପଣ୍ଡା, ଗଙ୍ଗାଧର ମିଶ୍ର, ଉପେନ୍ଦ୍ର ନାୟକ, ନୀର ବିଶ୍ୱାଳ, ସଞ୍ଜୟ ନାୟକ, ଚିନ୍ମୟ ସିଂ, ଚନ୍ଦ୍ରମୋହନ ସିଂ, ମାନସ ମହାଲିକ, ସଞ୍ଜୟ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ଚୂଡ଼ାନ୍ତ ପର୍ଯ୍ୟାୟରେ ଯୋଡ଼ା ମହୋତ୍ସବ

ଯୋଡ଼ା ୨୯।୧(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡାଠାରେ ଆସନ୍ତା ଫେବୃୟାରୀ ମାସ ୮, ୯, ୧୦ ତାରିଖରେ ହେବାକୁ ଥିବା ଯୋଡା ମହୋତ୍ସବର ରୂପରେଖ ଓ କାର୍ଯ୍ୟ ବୁଧବାର ଯୋଡା ପୌରପାଳିକାର ବୈଠକ ଗୃହରେ ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ବୁଧବାର ବୈଠକରେ ବଡବିଲ ଏସଡିପିଓ ସତ୍ୟ ବିକାଶ ଭୂୟାଁ, ଯୋଡା ସରକାରୀ ଖଣି ଉପନିର୍ଦ୍ଦେଶକ ଏଲ.ଡି ନାଏକ, ଯୋଡା ପୌରପଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ସୂର୍ଯ୍ୟମଣୀ ପାଟ୍ଟଯୋଶୀ ଏବଂ ଯୋଡା ଥାନାଅଧିକାରୀ ରାଇସେନ୍ ମୁର୍ମୁ ପ୍ରମୁଖଙ୍କ ସମେତ ବହୁ ବୁଦ୍ଧିଜୀବୀ, ମାନ୍ୟଗଣ୍ୟ ବ୍ୟକ୍ତି ଏହି ବୈଠକରେ ଉପସ୍ଥିତ ଥିଲେ। ଯୋଡା ମହୋତ୍ସବକୁ କିପରି ସୁରୁଖୁରୁରେ କରାଯିବ ଏନେଇ କାର୍ଯ୍ୟକ୍ରମ ସ୍ଥିର ହୋଇଥିଲା। ମୁଖ୍ୟ ସମସ୍ୟା ଭାବେ ଥିବା ଟ୍ରାଫିକ୍ ବ୍ୟବସ୍ଥାକୁ କିପରି କଡାକଡି କରାଯାଇ ନିୟନ୍ତ୍ରଣ କରାଯିବ ଏନେଇ ଆଲୋଚନା ହେବା ସହିତ ମହୋତ୍ସବରେ ଶତାଧିକ ଷ୍ଟଲ ଗୁଡିକୁ ଆବଣ୍ଟନ ସମ୍ପର୍କରେ ଆଲୋଚନା ହୋଇଥିଲା । ଚଳିତ ବର୍ଷ ମହୋତ୍ସବରେ ମୁଖ୍ୟ ଆକର୍ଷଣ ଭାବେ ବଡିବିଲ୍ଡିଂ ପ୍ରତିଯୋଗିତା, ସଙ୍ଗୀତ ପ୍ରତିଯୋଗିତା, ସୁନ୍ଦରୀ ପ୍ରତିଯୋଗିତା, ଡଗ୍ ସୋ, ଫ୍ଲାୱାର ସୋ, ମ୍ୟୁଜିକ୍ ଚେୟାର, ଦୌଡି ଟଣା ପ୍ରତିଯୋଗିତା, ଜଲେବି ଡିଆଁ ପ୍ରତିଯୋଗିତା, ଚିତ୍ରାଙ୍କନ ପ୍ରତିଯୋଗିତା ପ୍ରଭୃତି ରହିଛି । ଏତଦବ୍ୟତୀତ ୩ ଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ ବୋଲି ମହୋତ୍ସବ କମିଟି ସଂପାଦକ ସୁଶାନ୍ତ ବାରିକ୍ ସୂଚନା ଦେଇଥିଲେ ।



ଯୋଡ଼ା ମହୋତ୍ସବ ନେଇ ବୈଠକ।

## ଗାଁ ମଝିରେ ଡ୍ରେନ ଖୋଲାକୁ ନେଇ ଅସନ୍ତୋଷ

ହାଟଡିହୀ,୨୯।୧(ଡି.ଏନ.ଏ.)

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଜମ୍ବିରା ଗ୍ରାମରେ ଡ୍ରେନ ଖୋଲାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ୪ରୁ ୫ଟି ପରିବାର ଲୋକ ପୂର୍ବରୁ ଡ୍ରେନ ଖୋଲାଯିବା ପାଇଁ ଅଭିଯାଗ କରିଥିଲେ। ହାଟଡିହୀ ତହସିଲଦାର ଓ ସୋସୋ ପୋଲିସ ବୁଧବାର ଗ୍ରାମରେ ପହଞ୍ଚି ମାପଚୁପ କରି ଗ୍ରାମ ରାସ୍ତା ମଝିରେ କେବଳ ଗୋଟିଏ ପାର୍ଶ୍ୱରେ ଡ୍ରେନ ଖୋଲିଥିଲେ । ତ୍ରିଲୋଚନ ସାହୁ ଓ ଚନ୍ଦ୍ର ଶେଖର ସାହୁ ସ୍ଥାନୀୟ ଲୋକ ପ୍ରତିନିଧିଙ୍କ ସହ ବହୁ ସଂଖ୍ୟାରେ ଗ୍ରାମବାସୀ ଡ୍ରେନ ଖୋଲାକୁ ବିରୋଧ କରିଛନ୍ତି। ଅପରପକ୍ଷେ ପ୍ରବଳ ଅସନ୍ତୋଷ ପ୍ରକାଶ ପାଇଥିବା ବେଳେ ଗ୍ରାମ ରାସ୍ତା ମଝିର କେବଳ ଗୋଟିଏ ପାର୍ଶ୍ୱରେ କାହା ସ୍ୱାର୍ଥରେ ଡ୍ରେନ ଖୋଲା ଯାଉଛି ତାକୁ ନେଇ ଗ୍ରାମବାସୀ ପ୍ରଶ୍ନ ଉଠାଇଛନ୍ତି। ଏପରି ଡ୍ରେନ ଖୋଲା ଗଲେ ଲୋକ ନାନା ଅସୁବିଧା ଭୋଗିବେ ବୋଲି ଗ୍ରାମବାସୀ କହିଛନ୍ତି। ଏପରିକି ଗ୍ରାମବାସୀଙ୍କ ସହ ତହସିଲଦାର ଓ ପୋଲିସ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ଦେଖା ଦେବା ସହ ଗ୍ରାମରେ ଉତ୍ତେଜନା ଲଗି ରହିଛି ।

## ଦକ୍ଷତା ବୃଦ୍ଧି ତାଲିମ ଶିବିର

ହାଟଡିହୀ,୨୯।୧(ଡି.ଏନ.ଏ.)

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ପରିସରରେ ବୁଧବାର ଏକ ନିଯୁକ୍ତି ଭିତ୍ତିକ ଦକ୍ଷତା ବୃଦ୍ଧି ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ୧୦୦ରୁ ଊର୍ଦ୍ଧ୍ୱ ବେକାର ଯୁବତୀ ଯୁବକ ଅଂଶ ଗ୍ରହଣ କରି ନାମ ପଞ୍ଜୀକରଣ କରିଥିଲେ। ୧୧ଟି ପିଆଇଏ(ପ୍ରୋଜେକ୍ଟ ଇମ୍ପ୍ଲିମେଣ୍ଟ ଏଜେନ୍ସି) ଉପସ୍ଥିତ ରହି ଚୟନ କରିଥିଲେ। ବ୍ଲକ ସଂଯୋଜିକା ମିନାକ୍ଷୀ ମୋନାଲିସା ଜେନାଙ୍କ ତତ୍ତ୍ୱାବଧାନରେ ବିଡିଓ ଜୟଦେବ ଦାସ, ଅନିମେଶ ଦାସ, ନିରଞ୍ଜନ ବାରିକ, ମମତାମୟୀ ସାମଲ, ଜିଲା ସଂଯୋଜକ ଭାଗବତ ନାୟକ, ଚନ୍ଦ୍ର ଶେଖର ନାୟକ ପ୍ରମୁଖ ବିଭିନ୍ନ ପଦାଧିକାରୀ ଉପସ୍ଥିତ ଥିଲେ ।



ତାଲିମ ଶିବିରରେ ଯୁବତୀଯୁବକ ନାମ ପଞ୍ଜୀକରଣ କରୁଛନ୍ତି।

## ପଞ୍ଚାୟତ ହାଇସ୍କୁଲର ବାର୍ଷିକ ଉତ୍ସବ

ପାଟଣା,୨୯।୧(ସ୍ୱ.ପ୍ର.)–କେନ୍ଦୁଝର ଜିଲା ପାଟଣା ବ୍ଲକ ଏରେଣ୍ଡେଇ ପଞ୍ଚାୟତ ସ୍ଥିତ ପଞ୍ଚାୟତ ହାଇସ୍କୁଲ ଏରେଣ୍ଡେଇର ଊନବିଂଶତମ ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମକୁ ସ୍ଥାନୀୟ ବିଦ୍ୟାଳୟର ସହକାରୀ ଶିକ୍ଷକ ଶ୍ରୀନିବାଶ ଶତପଥୀ ସଂଯୋଜନା ଓ ଅତିଥି ପରିଚୟ କରିଥିଲେ। ଆୟୋଜିତ ପୁରସ୍କାର ବିତରଣ ଉତ୍ସବ ସ୍ଥାନୀୟ ବିଦ୍ୟାଳୟ ପ୍ରଧାନ ଶିକ୍ଷକଙ୍କ ସୁରେଶ ଚନ୍ଦ୍ର ମହାନ୍ତଙ୍କ ଅଧକ୍ଷତାରେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ସରପଞ୍ଚ ପାର୍ବତୀ ଦେହୁରୀ, ମୁଖ୍ୟ ବକ୍ତା ଭାବେ ବଡ଼ ମାଶାଣୀବିଲା ଗ୍ରାମ ପଞ୍ଚାୟତ ହାଇସ୍କୁଲର ପ୍ରଧାନ ଶିକ୍ଷକ ତଥା ଶିକ୍ଷକ ନେତା ମଧୁସୂଦନ ପ୍ରଧାନ, ସମ୍ମାନିତ ଅତିଥିଭାବେ ଭାବେ ଟାଙ୍ଗରପଡା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଲାଲମୋହନ ମହାନ୍ତ, ସାମାଜିକ କର୍ମୀ ଉମାକାନ୍ତ ମହାନ୍ତ, ମଧୁସୂଦନ ମହାନ୍ତ, ବଳରାମ ମହାନ୍ତ ଓ ଆଶୀର୍ବାଦ ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟର ବାର୍ଷିକ ବିବରଣୀକୁ ବରିଷ୍ଠ ଶିକ୍ଷକ ସହଦେବ ମହାନ୍ତ ପାଠ କରିଥିବାବେଳେ ଶିକ୍ଷୟିତ୍ରୀ ମଞ୍ଜେଶ୍ୱରୀ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ବାର୍ଷିକ କ୍ରୀଡା ଓ ପ୍ରତିଭା ଅନ୍ୱେଷଣରେ ସଫଳତା ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥି ପୁରସ୍କାର ପ୍ରଦାନ କରିଥିଲେ।

## ଭାରତ ବନ୍ଦର ମିଶ୍ର ପ୍ରଭାବ

କେନ୍ଦୁଝର, ୨୯।୧ (ସ୍ୱ.ପ୍ର./ଡି.ଏନ.ଏ.)

ଦୋଷପୂର୍ଣ୍ଣ ଏନଆରସି ଓ ସମ୍ବିଧାନ ବିରୋଧୀ ସିଏଏ କହି ବହୁଜନ କ୍ରାନ୍ତି ମୋର୍ଚ୍ଚା ନାମକ ଏକ ସଂଗଠନ ପକ୍ଷରୁ ଭାରତ ବନ୍ଦ ଡାକରା ଦେଇଥିଲେ ହେଁ ଏହା ଅସଫଳ ହୋଇଛି । ଏହାକୁ ଜିଲାର କେତେକ ଲଘୁସମ୍ପ୍ରଦାୟର ସଂଗଠନ ସମର୍ଥନ କରି ସାମିଲ ହୋଇଥିଲେ । ବୁଧବାର ସକାଳୁ ସ୍ଥାନୀୟ ଗାନ୍ଧୀଛକ ଠାରେ ଏନଏଚ ୪୯ ରାସ୍ତା ଅବରୋଧ କରି ଆନ୍ଦୋଳନ ଗାଡି ଚଳାଚଳ ବନ୍ଦ କରି ଧାରଣାରେ ବସିଥିଲେ । ଫଳରେ କିଛି ସମୟ ରାସ୍ତାରେ ଯାତାୟତ ବନ୍ଦ ହେବା ସହ ଗାଡି ଅଟକି ରହିଥିଲା। ପରେ ରାସ୍ତା ଅବରୋଧ ଆପେ ଆପେ ହଟିଯାଇଥିଲା । ଏବଂ ଲାଇନ ଟ୍ରକ ଓ ଅନ୍ୟାନ୍ୟ ଗାଡି ଚଳାଚଳ ସ୍ୱାଭାବିକ ହୋଇଥିଲା। ବନ୍ଦକୁ ସାଧାରଣ ଲୋକ ପ୍ରତ୍ୟାଖ୍ୟାନ କରିଥିଲେ। ପାକିସ୍ତାନ ଜିନ୍ଦାବାଦ୍ ନାରା ଦେଉଥିବାରୁ ଏହି ଘଟଣାରେ ପୋଲିସ କେତେ ଜଣଙ୍କୁ ଅଟକ ରଖିଥିଲା। ଏହି ନାରାବାଜିକୁ କେନ୍ଦୁଝର ଓକିଲ ସଂଘ ପକ୍ଷରୁ ତୀବ୍ର ନିନ୍ଦା କରାଯାଇଛି । ଏନେଇ ସଂଘର ଅସ୍ଥାୟୀ କମିଟି ଅଧକ୍ଷା ସଙ୍ଗୀତା ସିଂ ଟାଉନ ଥାନାରେ ଲିଖିତ ଅଭିଯୋଗ କରି ତଦନ୍ତ କରି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି । ଏଭଳି ନାରା କେନ୍ଦୁଝର ଭଳି ଶାନ୍ତ ସରଳ ଜିଲା ପାଇଁ ଅସ୍ଥିରତା ସୃଷ୍ଟି କରିବା ଆଶଙ୍କ ଥିବାରୁ ଏନେଇ ଦୃଢ ପଦକ୍ଷେପ ନେବାକୁ ଓକିଲ ମାନେ ଦାବି କରିଛନ୍ତି ।

**ଚମ୍ପୁଆ(ଡି.ଏନ୍.ଏ.):** କେନ୍ଦ୍ର ସରକାରଙ୍କ ଏନଆରସି ଓ ସିଏଏକୁ ବିରୋଧ କରି ବହୁଜନ କ୍ରାନ୍ତି ମୋର୍ଚ୍ଚାର ଭାରତ ବନ୍ଦ ଡାକରା ପରିପ୍ରେକ୍ଷୀରେ ଚମ୍ପୁଆରେ ମିଶ୍ର ପ୍ରତିକ୍ରିୟା ଦେଖିବାକୁ ମିଳିଛି। ସୂଚନା ଅନୁସାରେ ଏନଆରସି ଓ ସିଏଏ ଆଇନକୁ ବିରୋଧ କରି ୨୯ ତାରିଖ ଦିନ ଭାରତ ବନ୍ଦ ଡାକରା ଦିଆଯାଇଥିଲା। ଫଳରେ ଚମ୍ପୁଆ ଅଞ୍ଚଳରେ ଯାତ୍ରୀବାହି ବସ ଓ ମାଲବାହୀ ଟ୍ରକ ବନ୍ଦ ରହିଥିବା ବେଳେ ବଜାରରେ ଥିବା ଦୋକାନ ଗୁଡିକ ଅଧାରୁ ଅଧିକ ଖୋଲା ରହିଥିଲା। ଏପରିକି ଜନ ଜୀବନ ସ୍ୱାଭାବିକ ରହିଥିବା ବେଳେ ବିଦ୍ୟାଳୟ ଓ ସରକାରୀ କାର୍ଯ୍ୟାଳୟ ପ୍ରାୟ ଖୋଲା ରହିଥିଲା।

**ଆନନ୍ଦପୁର,(ସ୍ୱ.ପ୍ର.):** ବିଜେଏମ ପକ୍ଷରୁ ଦିଆଯାଇଥିବା ଭାରତ ବନ୍ଦ ଡାକରା ଆନନ୍ଦପୁର ସହରରେ ପ୍ରଭାବହୀନ ପରିଲକ୍ଷିତ ହୋଇଛି। ଅଞ୍ଚଳରେ ଥିବା ସମସ୍ତ ସରକାରୀ ଅନୁଷ୍ଠାନ, ସ୍କୁଲ , କଲେଜ, କୋର୍ଟ କାର୍ଯ୍ୟ ସ୍ୱାଭାବିକ ରହିଥିଲା। ଏହା ସହିତ ବ୍ୟାଙ୍କ କାର୍ଯ୍ୟ ମଧ ସ୍ୱାଭାବିକ ପରିଲକ୍ଷିତ ହୋଇଥିଲା। ବନ୍ଦ ଡାକରା ସତ୍ତ୍ୱେ ଅଞ୍ଚଳରୁ ବିଭିନ୍ନ ସ୍ଥାନକୁ ଯାତାୟାତ କରୁଥିବା ଯାତ୍ରୀବାହୀ ବସ୍ ଠାରୁ ଆରମ୍ଭ କରି ଭାରିଯାନ ଚଳାଚଳ ମଧ ସ୍ୱାଭାବିକ ରହିଥିଲା। ଅଞ୍ଚଳରେ ବନ୍ଦର କୌଣସି ପ୍ରଭାବ ଦେଖାଯାଇ ନ ଥିବାବେଳେ ଦୋକାନ ବଜାର ମଧ ସ୍ୱାଭାବିକ ଭାବେ ଚାଲିଥିଲା।

**ଝୁମ୍ପୁରା,(ଡି.ଏନ.ଏ.):** ବିଏସପି, ବହୁଜନକ୍ରାନ୍ତି ମୋର୍ଚ୍ଚା ପକ୍ଷରୁ ବୁଧବାର ଦିଆଯାଇଥିବା ଭାରତ ବନ୍ଦ ଡାକରା ଝୁମ୍ପୁରା ଅଞ୍ଚଳରେ ପ୍ରଭାବ ହୀନ ରହିଛି। ସ୍ୱାଭାବିକ ଭାବରେ ଦୋକାନ ବଜାର ଖୋଲା ରହିଛି। ବୁଧବାର ସାପ୍ତାହିକ ହାଟ ରହିଥିବାରୁ ଗ୍ରାମାଞ୍ଚଳବାସୀ ହାଟରେ ବୁଲି ବୁଲି ସାପ୍ତାହିକ ହାଟ ସଉଦା ସଂଗ୍ରହ କରିଛନ୍ତି। ସିଏଏ,ଏନପିଆରକୁ ବିରୋଧ କରି କିଛି ମୁସଲିମ ଯୁବକ ପିକେଟିଂ କରୁଥିବା ବେଳେ ବଜାରବାସୀ ତାଙ୍କୁ ଘଉଡାଇ ଦେଇଛନ୍ତି। ଥାନା ଛକ ନିକଟରେ ଜାତୀୟ ପତାକା ଅବମାନନା କରିବା ସହିତ ଜାତୀୟ ରାଜପଥକୁ ଅବରୋଧ ପାଇଁ ଉଦ୍ୟମ ହୋଇଥିବା ବେଳେ, ଝୁମ୍ପୁରା ପୋଲିସ ଏହି ଉଦ୍ୟମକୁ ଭଣ୍ଡୁର କରିଦେଇଛି। ସମସ୍ତ ସରକାରୀ କାର୍ଯ୍ୟାଳୟ ଖୋଲା ରହିଛି। ନିର୍ଦ୍ଦିଷ୍ଟ କେତେଜଣ ଯୁବକଙ୍କୁ ଝୁମ୍ପୁରା ଥାନାଧିକାରୀ ବିରଞ୍ଚି ବାଗ, ଚମ୍ପୁଆ ଏସଡିପିଓ ହରିହର ପାଣି ତାଗିଦ କରିବା ପରେ ସିଏଏ, ଏନପିଆର ବିରୋଧୀ ନାରାବାଜି ବନ୍ଦ କରିଥିଲେ। ଆଇନକୁ ହାତକୁ ନେଇ ଭଙ୍ଗାରୁଜା କଲେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସଡିପିଓ ହରିହର ପାଣି କହିଛନ୍ତି।



ଝୁମ୍ପୁରା ଅଞ୍ଚଳରେ ବନ୍ଦ ପ୍ରଭାବହୀନ।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

Radhe Finance
ଆଣିଛନ୍ତି ସବୁ ପ୍ରକାର ଋଣ ଯେପରି:
• ପ୍ରପର୍ଟି ଋଣ
• ପର୍ସନାଲ ଋଣ
• କୃଷି ଋଣ
• ବ୍ୟବସାୟ ଋଣ
• ଗ୍ରୁପ୍ ଋଣ
2% ସୁଧ 40% ଛାଡ଼
ମହିଳାଙ୍କ ପାଇଁ ବିଶେଷ ରିହାତି।
9084917682
9557039782
Address: Ahmedabad

ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଶକ୍ତିର ଦେଖନ୍ତୁ ଚମତ୍କାର
ସମସ୍ୟା ହୋଇଥାଉ ଯେଉଁଠି ନା କାହିଁକି ସମାଧାନ ଅଛି ମୋ ପାଖରେ ଏଇଠି
2 ଘଣ୍ଟାରେ 100% ସମାଧାନ
ଯେପରିକି: ବ୍ୟବସାୟ ବନ୍ଧନ, ବିବାହରେ ବାଧା, ଗୃହକ୍ଳେଶ, ପ୍ରେମ ବିବାହ, ବିଦେଶ ଯାତ୍ରା, ସଉତୁଣୀ, ଶତ୍ରୁ ମୁକ୍ତି, ଯାଦୁ ଟୋନା ପୋଡାଧନ, ଜୁଆ-ସଟ୍ଟା, ଗୁଣିଗାରେଡ଼ି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ଶାରୀରିକ କଷ୍ଟ, ଚାକିରି, କୋର୍ଟ ମାମଲା, ମାନସିକ ଚାପ।
ଆମର ଅଛି ଜ୍ଞାନ ଆମେ ହିଁ କରିବୁ ସବୁ ସମସ୍ୟାର ସମାଧାନ କାରଣ ଆମକୁ ହିଁ ମିଳିଛି ପୂର୍ବପୁରୁଷଙ୍କ ବରଦାନ।
7578028866
ସ୍ପେ. ପୋଡାଧନ, ସଟ୍ଟା, ଜୁଆ, ବଶୀକରଣ, ମୁଠକରଣୀ ଓ ବ୍ୟବସାୟ
ବାବା କବିର ଖାନ ହାଜି ଅଲି ୱାଲେ
ତାରିଣୀ ମନ୍ଦିର ପାଖ, ଆନନ୍ଦ ବଜାର, ଭୁବନେଶ୍ୱର
8527425449

BUSINESS

SHINGHANIA TOWER
ଖାଲିଥିବା ଜମି ଓ ଛାତ ଉପରେ Shinghania Tower ଗ୍ରୁପର ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ ।
ଆଜି ହିଁ ସଂମ୍ପର୍କ କରନ୍ତୁ
R-25/8, Krishna Apartment, MG Road Bengaluru, Karnataka 560076
Email: shinghaniatowercompany4242@gmail.com
WhatsApp No
8887184570

ଆଡଭାନ୍ସ ନେଉନ୍ତୁ ଧୋକା ଦେଉନୁ
AMERICAN FINANCE
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଗୃହ, ମୁଦ୍ରା, ବିଜ୍‌ନେସ୍, ଏଗ୍ରିକଲ୍ଚର ସମସ୍ତ ଋଣ ମାତ୍ର 24 ଘଣ୍ଟାରେ।
2% ସୁଧ - 40% ସୁଧ
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ ଯୋଗାଯୋଗ କରନ୍ତୁ
87654-96495
87654-73190
104, Wadala Udyog Bhavan, Maharashtra.

ଖର୍ଚ୍ଚ ଋଣରୁ କଟିବ
MAHALAXMI FINANCE
1 ଲକ୍ଷରୁ 90 ଲକ୍ଷ ପର୍ଯ୍ୟନ୍ତ ଋଣ ପାଆନ୍ତୁ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଋଣ, ଷ୍ଟାର୍ଟ-ଅପ୍, ଲଘୁ ଉଦ୍ୟୋଗ, ଦୋକାନୀଙ୍କ ପାଇଁ ମୁଦ୍ରା ଋଣ।
ସବୁ ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
ମାତ୍ର 12-24 ଘଣ୍ଟାରେ ଘରେ ବସି ପାଆନ୍ତୁ T&C
1% ସୁଧ | 40% ରିହାତି
ଠକାମିର ଶିକାର ମହିଳା/ପୁରୁଷ ଥରେ ନିଶ୍ଚୟ ଫୋନ୍ କରନ୍ତୁ
9518852216, 9548270863
ADDRESS: T-51, GAUTAMPURI, DELHI

କଣ ଆପଣ ଚିନ୍ତିତ କି
ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ
୨ଘଣ୍ଟାରେ ଗ୍ୟାରେଣ୍ଟି ସମାଧାନ
ସ୍ପେଶାଲିଷ୍ଟ - ବଶୀକରଣ ଓ ମୁଠକରଣ
ତନ୍ତ୍ର ମନ୍ତ୍ର ର ସମ୍ରାଟ, କାମନହେଲେ ପଇସା ଫେରସ୍ତ, ଗୃହ କ୍ଳେଶ, ପତି ପତ୍ନୀ ମଧ୍ୟରେ ଝଗଡ଼ା,ବିବାହରେ ସମସ୍ୟା, ଲଭ୍ ମ୍ୟାରେଜ, ବ୍ୟବସାୟରେ ବାଧା,ରୋଗରେ ଔଷଧ କାମ ନକରିବା, ସନ୍ତାନ ପ୍ରାପ୍ତି, ବିଦେଶ ଯାତ୍ରା ମୋ କାମକୁ କାଟିଥିବା ଲୋକଙ୍କୁ ମନଚାହାଁ ପୁରସ୍କାର
ବି.ଦ୍ର : ଯଦି କାହାର ପତି ବା ପ୍ରେମୀ ଅନ୍ୟ ଦ୍ୱାରା ବଶୀଭୂତ ତେବେ ଆମକୁ ଯୋଗାଯୋଗ କରନ୍ତୁ
ବାବା ଆଲାମ ଖାନ
ମାଷ୍ଟର କ୍ୟାଣ୍ଟିନ୍, ଭୁବନେଶ୍ୱର
9773820765

FINANCE
ବାଲାଜୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ ।
୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

DHARITRI Career appointment Every Wednesday and Saturday

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ- ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9818298397
9953959390

ଅଲ୍ ଇଣ୍ଡିଆ ଖୋଲା ଚାଲେଞ୍ଜ
2 ଘଣ୍ଟାରେ 100% ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା, ଶତ୍ରୁ ମୁକ୍ତି, ସ୍ୱାମୀ-ସ୍ତ୍ରୀ ଝଗଡ଼ା, ପ୍ରେମବିବାହ, ଗୃହକ୍ଳେଶ, ପ୍ରପର୍ଟି, କୋର୍ଟ-କେସ୍, ଯାଦୁ-ଟୋନା, ବିଦେଶ ଯାତ୍ରା, ବଶୀକରଣ, ଗୁଣି-ଗାରେଡ଼ି
AtoZ ସମସ୍ୟାର ସମାଧାନ ଘରେ ବସି।
ବାବା ଅଲାଉଦ୍ଦିନ ବଙ୍ଗାଲି
ସ୍ପେ. ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ ଯଦି କାଟିଦେବେ ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
କାମ ନ ହେଲେ ଟଙ୍କା ଫେରସ୍ତ
8376889657
9971793786

HEALTH CARE
ଔଷଧ ସବୁ ପ୍ରକାରର ପୁରାତନ ଓ ନୂତନ ରୋଗ ହୋମିଓ ପାଥିକ୍ (ଔଷଧ) ଦ୍ୱାରା ଆରୋଗ୍ୟ କରାଯାଏ।
ଯୋଗାଯୋଗ କରନ୍ତୁ
ଲୋକସେବା କ୍ଲିନିକ୍
ଡାକ୍ତର ମୋହନ ଚରଣ ନାୟକ
ମୋବାଇଲ-9439043096
Regd No.-D/1307/70/ଓଡ଼ିଶା

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

See Color Display Classified on every Tuesday & Friday